

ଶାହରୁଖ୍‌ଙ୍କ ସବୁଠୁ ବଡ଼ ମ୍ୟୁଜିକ୍ ଡିଲ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-336 ◆THURSDAY ◆4 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩୬ ◆ଗୁରୁବାର ◆୪ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଦିଲ୍ଲୀ ହୋଟେଲରେ ଅଗ୍ନିକାଣ୍ଡ; ୨୧ ମୃତ

### ମୃତକଙ୍କ ମଧ୍ୟରେ ୧୮ ବିଦେଶୀ

### ପିଲାଙ୍କୁ ଧରି ଡେଇଁଲେ ମହିଳା

■ ନୂଆଦିଲ୍ଲୀ, ୩।୬(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ମାଲବ୍ୟ ନଗର ଅଞ୍ଚଳରେ ଥିବା ଏକ ହୋଟେଲରେ ବୁଧବାର ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତିକମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଆଁ ଓ କଳା ଧୂଆଁର ଆସ୍ତରଣ ମଧ୍ୟରେ ଫସି ରହିଥିବା ମହିଳା ପିଲାଙ୍କୁ କୋଳରେ ଧରି ଜୀବନ ବଞ୍ଚାଇବା ପାଇଁ କୋଠାରୁ ତଳକୁ ଡେଇଁପଡୁଥିବାର ହୃଦୟବିଦାରକ ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ସମୟରେ ଏହି ଅଗ୍ନିକାଣ୍ଡ ସମ୍ପର୍କରେ ଦମକଳ ବାହିନୀକୁ ଖବର ମିଳିଥିଲା। ଏହାପରେ ପ୍ରାୟ ୮ଟି ଦମକଳ ଗାଡ଼ି ଏବଂ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମୃତକଙ୍କ ମଧ୍ୟରେ ୧୮ ଜଣ ବିଦେଶୀ ନାଗରିକ ଥିବା ଜଣାପଡ଼ିଛି, ଯେଉଁମାନେ ମୁଖ୍ୟତଃ ଆଫ୍ରିକା ଏବଂ ମଧ୍ୟ ଏସିଆର ବିଭିନ୍ନ ଦେଶରୁ ଆସିଥିଲେ। ଅନେକ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି। ଅନେକ ମୃତଦେହ ପୋଡ଼ିଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ।

ଏହି ଦୁର୍ଘଟଣା ପଛରେ ହୋଟେଲ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଏବଂ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ସାମ୍ନାକୁ ଆସିଛି। ସରକାରୀ ସୂତ୍ର ଅନୁସାରେ, ଉକ୍ତ ହୋଟେଲକୁ ମାତ୍ର ୬ଟି କୋଠରି ପାଇଁ ଅନୁମତି ମିଳିଥିଲା, କିନ୍ତୁ ସେଠାରେ ବେଆଇନ ଭାବେ ୨୫ଟି କୋଠରି ଥିଲା। ଏପରିକି ହୋଟେଲର ମାଟିତଳ ମହଲା ବା ବେସମେଣ୍ଟରେ ମଧ୍ୟ କୋଠା ନିର୍ମାଣ କରାଯାଇଥିଲା, ଯେଉଁଠାରୁ ତିନିଜଣଙ୍କୁ ଉଦ୍ଧାର କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସମଗ୍ର ବିଲ୍ଡିଂରେ ଯାତାୟାତ ପାଇଁ ମାତ୍ର ଗୋଟିଏ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର ଥିଲା। ଇତିମଧ୍ୟରେ ହୋଟେଲର ମାଲିକ ଲବକେଶ ବଜାଜଙ୍କୁ ପୁଲିସ ଆଜି ରାତିରେ ଗିରଫ କରିଛି।



## ମମତାଙ୍କୁ ଝଟ୍‌କା

## ଟିଏମ୍‌ସି ଦୁଇଫାଳ

### ୫୮ ବିଧାୟକଙ୍କୁ ନେଇ ନୂଆ ଗୋଷ୍ଠୀ ଗଢ଼ିଲେ ରତବ୍ରତ

■ କୋଲକାତା, ୩।୬ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ରାଜ୍ୟରେ ବ୍ୟାପକ ହିଂସା ଏବଂ ଦଳୀୟ କାଉନସିଲରଙ୍କ ଇସ୍ତଫା ଯୋଗୁଁ ଅକଳରେ ପଡ଼ିଥିବା ମମତାଙ୍କୁ ଆଜି ତାଙ୍କ ରାଜନୈତିକ ଜୀବନର ସବୁଠାରୁ ବଡ଼ ଝଟକା ଲାଗିଛି। ତାଙ୍କ ନାମରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ୮୦ ବିଧାୟକଙ୍କ ମଧ୍ୟରୁ ୫୮ ବିଧାୟକ ଆଜି ବିଦ୍ରୋହ କରିଛନ୍ତି। ମମତାଙ୍କ ହାତ ଛାଡ଼ି ସେମାନେ ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରିବା ସହିତ ନିଜକୁ ପ୍ରକୃତ ଟିଏମ୍‌ସି ବୋଲି ଦାବି କରିଛନ୍ତି। କେବଳ ଏତିକି ନୁହେଁ, ଦଳରୁ ବହିଷ୍କୃତ ହୋଇଥିବା ନବନିର୍ବାଚିତ ବିଧାୟକ ରତବ୍ରତ ବାନାର୍ଜୀଙ୍କୁ ଏହି ଗୋଷ୍ଠୀ ଏହାର ନେତା ନିର୍ବାଚିତ କରିଛି। ବାଚସ୍ପତି ମଧ୍ୟ ତାଙ୍କୁ ବିରୋଧୀ ଦଳ ନେତାର ମାନ୍ୟତା ପ୍ରଦାନ କରିଛନ୍ତି। ବିବାଦୀୟ ପରିସ୍ଥିତି ମଧ୍ୟରେ ରତବ୍ରତଙ୍କୁ ବାଚସ୍ପତି ମାନ୍ୟତା ପ୍ରଦାନ କରିବା ପରେ ପଶ୍ଚିମ ବଙ୍ଗ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଟିଏମ୍‌ସିର ୨୮ ବର୍ଷର ଇତିହାସରେ ଆଜି ପ୍ରଥମ ଥର ଲାଗି ଏଭଳି ବି।।ଦ୍ରୋହ ମମତାଙ୍କ ରାଜନୀତି ପ୍ରତି ଚାଲେଞ୍ଜ ହୋଇଛି।

ରାଜ୍ୟ ବିଧାନସଭାକୁ ପ୍ରଥମ ଥର ଲାଗି ନିର୍ବାଚିତ ହୋଇଥିବା ରତବ୍ରତଙ୍କ ନେତୃତ୍ୱରେ ଆଜି ଟିଏମ୍‌ସିର କେତେକ ବିଧାୟକ ବାଚସ୍ପତିଙ୍କୁ ଭେଟି ଏକ ପତ୍ର ପ୍ରଦାନ କରିଥିଲେ। ଏଥିରେ ପାର୍ଟିର ୫୮ ଜଣ ବିଧାୟକଙ୍କ ସ୍ୱାକ୍ଷର ଥିଲା। ରତବ୍ରତଙ୍କୁ ବିରୋଧୀ ଦଳର ନେତାର ମାନ୍ୟତା ଦେବାଲାଗି ପତ୍ରରେ ଅନୁରୋଧ କରାଯାଇଥିଲା। ବାଚସ୍ପତି ତତକ୍ଷଣାତ୍ ଏହି ପତ୍ର ସ୍ୱୀକାର କରି ରତବ୍ରତଙ୍କୁ ବିରୋଧୀ ଦଳର ମାନ୍ୟତା ପ୍ରଦାନ କରିଛନ୍ତି। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ରତବ୍ରତ କହିଛନ୍ତି ଯେ ମମତା ବାନାର୍ଜୀ ତାଙ୍କ ଦଳର ମୁଖ୍ୟ ହୋଇ ▶ପୃଷ୍ଠା-୭

## ରାମେଶ୍ୱର-ପାରାଦ୍ୱୀପ ଉପକୂଳ ରାଜପଥକୁ ମଞ୍ଜୁରୀ



୧୬୦ କିମି ରାସ୍ତା ପାଇଁ ଖର୍ଚ୍ଚ ହେବ ୮୩୦୦ କୋଟି

■ ଭୁବନେଶ୍ୱର, ୩।୬ (ସମିସ): ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଓଡ଼ିଶାର ଉପକୂଳ ରାଜପଥ ପ୍ରକଳ୍ପକୁ ମିଳିଛି ମଞ୍ଜୁରୀ। ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୦.୧୮ କିଲୋମିଟର ପ୍ରକଳ୍ପ ଲାଗି ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି।

ନୂତନ ଉପକୂଳ ରାଜପଥ ବର୍ତ୍ତମାନ ୧୬ ନମ୍ବର ଜାତୀୟ ରାଜପଥର ନେଟୱାର୍କ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଏକ ଅଂଶବିଶେଷ। ଏହା ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲା ଦେଇ ଯିବାର ପ୍ରସ୍ତାବ ରହିଛି। ୬ ଲେନ୍ ବିଶିଷ୍ଟ ଏନଏଚ୍-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଆଦି ପ୍ରମୁଖ ସହରକୁ ଯୋଡ଼ି ସାରିଛି। ସେହିପରି ଏନଏଚ-୩୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରିବା ସହିତ ସାତପଡ଼ା ଓ କୋଣାର୍କକୁ ସଂଯୋଗ କରୁଛି। ତେବେ ପୁରୀ-ସାତପଡ଼ା ଓ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଞ୍ଚା ଖରାପ ରହିଛି। ଏହି ରାଜପଥ ପାଶ୍ୱର୍ରେ ଅନେକ ନିର୍ମାଣ କାର୍ଯ୍ୟ ହୋଇଛି ଏବଂ ରାସ୍ତାକଡ଼ରେ ସ୍ଥାନୀୟ ଯାତ୍ରୀଙ୍କ ଭିଡ଼ ବହୁତ ଅଧିକ ହୋଇ ଆସୁଛି। ଏସବୁ କାରଣରୁ ଦୀର୍ଘ ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି। ପ୍ରସ୍ତାବିତ ଯୋଜନା ଅନୁଯାୟୀ ପ୍ୟାକେଜ୍ ୧ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ ▶ପୃଷ୍ଠା-୭

### ଅହଂକାରର ସୀମା ଟପୁଛନ୍ତି ପ୍ରଶାସନିକ ଅଧିକାରୀ

## ଜିଲ୍ଲା ପରିଷଦ ବୈଠକରେ ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ

■ଖୋର୍ଦ୍ଧା, ୩।୬ (ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା। ନିର୍ବାଚିତ ପ୍ରତିନିଧିମାନଙ୍କୁ ବୋଲଗଡ ବିଡିଓ ସୁମନସୁଧା କୁଣ୍ଡୁଙ୍କ ଦୁର୍ବ୍ୟବହାର ଏବଂ ଅସହଯୋଗ ମନୋଭାବ ପ୍ରତିବାଦରେ ୨୭ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ ବୈଠକରେ



୭ ଦିନ ଭିତରେ ସମାଧାନ ନ କଲେ ଆନ୍ଦୋଳନ ଚେତାବନୀ

ପେଟ୍ରୋଲ ଢାଳିହୋଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ବୈଠକରେ ଉପସ୍ଥିତ ଅନ୍ୟ ସଦସ୍ୟମାନେ ତାଙ୍କୁ କାବୁ କରି ନେବାରୁ ଅଳ୍ପକେ ଏକ ଅଘଟଣ ଟଳି ଯାଇଛି। ତେବେ ବୈଠକରେ ଖୋଦ୍ ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ହେଁ, ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ ବେଳେ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା। ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ସଭାପତି ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲେ ହେଁ ୭ ଦିନରେ ସମାଧାନ ନ ହେଲେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ବୁଧବାର ଦିନ ପ୍ରାୟ ୧୧ଟାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ସ୍ୱାଗତ ଭାଷଣ ପରେ ବୈଠକ ଆରମ୍ଭ ହୋଇଥିଲା। ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ବକ୍ତବ୍ୟ ସରିବା ପରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ ମୋର କିଛି କହିବାର ଅଛି କହି ଠିଆ ହୋଇଥିଲେ। ମାତ୍ର କେହି କିଛି ବୁଝିବା ପୂର୍ବରୁ ପାଖରେ ରଖିଥିବା ଏକ ବ୍ୟାଗରୁ ପେଟ୍ରୋଲ ବୋତଲ ବାହାର କରି ନିଜ ଦେହରେ ଢାଳିହୋଇ ପଡ଼ିଥିଲେ ଓ ଦିଆସିଲି ଲଗାଇବାକୁ ଉଦ୍ୟମ କରିଥିଲେ। ଅନ୍ୟମାନେ ତାଙ୍କଠାରୁ ଦିଆସିଲି ଛଡ଼ାଇ ନେଇଥିଲେ। ବୋଲଗଡ଼ ବିଡ଼ିଓଙ୍କ ଦୁର୍ବ୍ୟବହାର, ଉପେକ୍ଷା ଓ ଅସହଯୋଗକୁ ବିରୋଧ କରି ସେ ଆତ୍ମାହୁତି ଦେଉଥିବା ଶ୍ରୀ ଛୋଟରାୟ କହିଥିଲେ। ଏହାକୁ ନେଇ ବୈଠକର ପ୍ରବଳ ହୋ-ହଲ୍ଲା ହୋଇଥିଲା। ସେଠାରେ ଉପସ୍ଥିତ ଥିବା ବୋଲଗଡ ଅଂଚଳର ଅନ୍ୟ ଜନ ପ୍ରତିନିଧିମାନେ ମଧ୍ୟ ବିଡିଓଙ୍କ ବିରୋଧରେ ସୋଗ୍ଲାନ ଦେବା ସହ ▶ପୃଷ୍ଠା-୭

## ପୁରୀରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ

### ବିପର୍ଯ୍ୟୟ ପରିଚାଳନା ପାଇଁ ୧୧ ଦେଶର ପ୍ରତିନିଧିଙ୍କ ମାନସମ୍ମନ୍ଥନ




### ଆଜି ଯୋଗଦେବେ ମୁଖ୍ୟମନ୍ତ୍ରୀ

■ ପୁରୀ, ୩।୬ (ସମିସ): ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସହଯୋଗ ଓ ଜ୍ଞାନ ବିନିମୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବୁଧବାରଠାରୁ ପୁରୀରେ ବ୍ରିକ୍ସ-୨୦୨୬ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ (ଡିଆର୍‌ଆର୍‌ଜି)ର ବୈଠକ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ଆନ୍ତର୍ଜାତିକ ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନଙ୍କ ପ୍ରତିନିଧି ଓ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନେ ଯୋଗଦେଇଛନ୍ତି। 'ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶର ନିର୍ମାଣ' ଶୀର୍ଷକରେ ଆୟୋଜିତ ▶ପୃଷ୍ଠା-୭

## ବ୍ରିକ୍ସ ପ୍ରତିନିଧିଙ୍କୁ ନବୀନଙ୍କ ସ୍ୱାଗତ



### ରେଖାଙ୍କିତ କଲେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଯାତ୍ରା

### ନବୀନ ଆଣିଥିଲେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତି

■ ଭୁବନେଶ୍ୱର, ୩।୬ (ସମିସ): ପୁରୀରେ ୩ ଦିନିଆ ବ୍ରିକ୍ସ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି। ଏହି ବୈଠକରେ ଯୋଗ ଦେବାକୁ ଓଡ଼ିଶା ଆସିଥିବା ବ୍ରିକ୍ସ ଦେଶ ଓ ବିଭିନ୍ନ ରାଜ୍ୟର ପ୍ରତିନିଧିମାନଙ୍କୁ ଏକ୍ସ ଯୋଗେ ସ୍ୱାଗତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାସହିତ ୧୯୯୯ ମସିହା ପରଠାରୁ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଯାତ୍ରାକୁ ରେଖାଙ୍କିତ କରିଛନ୍ତି। ଏକ୍ସରେ ନବୀନ କହିଛନ୍ତି ଯେ ବ୍ରିକ୍ସ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟଗୋଷ୍ଠୀ ବୈଠକ ପୁରୀରେ ଆୟୋଜନ ହେଉଥିବା ଦେଖି ଗର୍ବ ଅନୁଭବ କରୁଛି। ୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକୁ ଗୋଟିଏ ନୀତି 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଦ୍ୱାରା ସାହସ ଏବଂ ଦୃଢ଼ ବିଶ୍ୱାସର ସହ ସମ୍ମୁଖୀନ ▶ପୃଷ୍ଠା-୭

## ଗୁଣିଆକୁ ପିଟିପିଟି ମାରିଦେଲେ

■ ବୈପାରୀଗଡ଼ା, ୩।୬ (ସମିସ): ଗୋଟିଏ ପରିବାର ୩ ଜଣଙ୍କ ଅପମୃତ୍ୟୁ ପରେ ଗୁଣିଆକୁ ପିଟି ପିଟି ହତ୍ୟା କରାଯାଇଛି। କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ଘୁମର ପଞ୍ଚାୟତର ଝଡିଗୁଡା ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ସେହି ଗାଁର ନାରାୟଣ ମିନରବାଲିଆ ବୋଲି ଜଣାପଡ଼ିଛି। ତାଙ୍କୁ କାଠଫାଳିଆରେ ପିଟି ପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ହତ୍ୟା ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଦୁଇଟି ହତ୍ୟା ▶ପୃଷ୍ଠା-୭

SIKSHA 'O' ANUSANDHAN
SIKSHA 'O' ANUSANDHAN (DEEMED TO BE UNIVERSITY)
SAAT-2026
Empowering students for a brighter future
MANAGEMENT PROGRAMMES
■ BBA
■ MBA
■ Integrated MBA
■ MBA (Hospital Administration)
■ MBA (Artificial Intelligence and Data Science)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 66th Best in Management Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

## ସତର୍କ କଲା ଜାତିସଂଘ

## ଦୁର୍ବଳ ମୌସୁମୀ; ମରୁଡ଼ି ଆଶଙ୍କା

### ସମୁଦ୍ରର ଜଳସ୍ତର ସ୍ୱାଭାବିକଠାରୁ ୬ ଡିଗ୍ରୀ ଅଧିକ ଉତ୍ତପ୍ତ

### ପ୍ରସ୍ତୁତ ରହିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ପରାମର୍ଶ



■ ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ସମୁଦ୍ରର ଜଳସ୍ତର ସ୍ୱାଭାବିକ ତାପମାତ୍ରାଠାରୁ ୬ ଡ଼ିଗ୍ରୀ ଅଧିକ ଉତ୍ତପ୍ତ ରହିଛି। ଜାତିସଂଘ ସହ ସଂପୃକ୍ତ ବିଶ୍ୱ ପାଣିପାଗ ସଂଗଠନ ଏହାକୁ ନେଇ ଚିନ୍ତାପ୍ରକଟ କରିବା ସହିତ ୨୦୨୬ରେ ମୌସୁମୀ ସବୁଠାରୁ ଦୁର୍ବଳ ରହିବ ଆଶଙ୍କା ପ୍ରକାଶ କରିଛି । ଏଲ୍-ନିନୋ ପରିସ୍ଥିତି ଯୋଗୁଁ ଚଳିତ ବର୍ଷ ଭାରତ ସମେତ କିଛି ଦେଶ।।ରେ କମ୍ ବର୍ଷା ହୋଇପାରେ ବୋଲି ଆକଳନ କରିଛି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏଲ୍-ନିନୋ ସକ୍ରିୟ ହେବାର ସମ୍ଭାବନା ୮୦ ପ୍ରତିଶତ ରହିଛି ଓ ଏହା ନଭେମ୍ବର ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ୯୦ ପ୍ରତିଶତ ଅଧିକ। ଏହାଫଳରେ ଉଷ୍ମପ୍ରବାହ, ମରୁଡ଼ି, ଅସ୍ୱାଭାବିକ ବର୍ଷା ଓ ଅନ୍ୟାନ୍ୟ ଚରମ ପାଣିପାଗ ଘଟଣା ବୃଦ୍ଧି ପାଇପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ ଆକଳନ କରିଛି । ସେଥିପାଇଁ ସମସ୍ତ ପ୍ରଭାବିତ ଦେଶର ସରକାର, କୃଷି, ସ୍ୱାସ୍ଥ୍ୟ ଓ ଶକ୍ତି ବିଭାଗକୁ ପୂର୍ବରୁ ପ୍ରସ୍ତୁତ ରହିବାକୁ ସଂଗଠନ ପରାମର୍ଶ ଦେଇଛି ।

ବିଶେଷଜ୍ଞମାନଙ୍କ ମତରେ ଏଲ୍-ନିନୋ ଶକ୍ତିଶାଳୀ ହେବାଦ୍ୱାରା ୨୦୨୬ର ମୌସୁମୀ ବର୍ଷା ଗତ ୧୧ ବର୍ଷ ମଧ୍ୟରେ ସବୁଠାରୁ ଦୁର୍ବଳ ହୋଇପାରେ। ଏହା କୃଷି ଉତ୍ପାଦନ, ଜଳ ସଂରକ୍ଷଣ, ଗ୍ରାମୀଣ ଅର୍ଥନୀତି ଏବଂ ଖାଦ୍ୟ ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ବିଶ୍ୱକୁ ଏକ ସମ୍ଭାବ୍ୟ ଶକ୍ତିଶାଳୀ ଏଲ୍-ନିନୋ ପାଇଁ ପ୍ରସ୍ତୁତ ହେବା ଦରକାର, କାରଣ ଏହା ମରୁଡ଼ି ଓ ତାପପ୍ରବାହର ବିପଦକୁ ଆହୁରି ବଢ଼ାଇବାର ଆଶଙ୍କା ରହିଛି। ଫଳରେ କୃଷି ଉତ୍ପାଦନ, ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ ଉତ୍ପାଦନ ଏହାଫଳରେ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି।

ଜାତିସଂଘର ଏପରି ସତର୍କ ସୂଚନାକୁ ଅତ୍ୟନ୍ତ ଗମ୍ଭୀର ଭାବରେ ନେଇଛନ୍ତି କେନ୍ଦ୍ର ସରକାର। ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର କୃଷି ମନ୍ତ୍ରାଳୟ ସମସ୍ତ ରାଜ୍ୟ ସରକାର ଏବଂ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ଜିଲ୍ଲାସ୍ତରରେ ପୂର୍ବ ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟ ରାଜ୍ୟଗୁଡ଼ିକ ଏଥିପାଇଁ ଆଗୁଆ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ବିଶ୍ୱ ପାଣିପାଗ ▶ପୃଷ୍ଠା-୭

# ଦାଦନ ଚାଲାଣ ରୋକିବାରେ ପ୍ରଶାସନ ବିଫଳ

ଧର୍ମଗଡ଼, ୩।୬(ସମିସ)

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡରେ ଦାଦନ ସମସ୍ୟା ଦିନକୁ ଦିନ ଉଦ୍‌ବେଗଜନକ ରୂପ ନେଉଥିବା ବେଳେ ଏହାକୁ ରୋକିବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟରେ ସରକାର ବଦଳିଥିଲେ ମଧ୍ୟ ପ୍ରଶାସନିକସ୍ତରରେ ଦାଦନ ରୋକିବା ପାଇଁ କୌଣସି ଆନ୍ତରିକତା ପ୍ରକାଶ ପାଉନାହିଁ। ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ହେଁ, ତାହା କେବଳ କାଗଜ କଲମ ଓ ଭାଷଣବାଜି ମଧ୍ୟରେ ସୀମିତ ରହିଯାଇଛି। ଧର୍ମଗଡ଼ ବ୍ଲକର ଦଣ୍ଡପାଟ ଅଞ୍ଚଳ ଦାଦନ ପ୍ରବଣ ଭାବେ ବେଶ୍ ଜଣାଶୁଣା। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ବେହେରା ଠାରେ ଏକ ବଡ଼ ଧରଣର ଦାଦନ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ, ଉପଖଣ୍ଡ ପୁଲିସ ଅଧିକାରୀ, ଏବଂ ଥାନା ଅଧିକାରୀଙ୍କ ସମେତ ବହୁ ଉଚ୍ଚପଦସ୍ଥ କର୍ମଚାରୀ ଯୋଗ ଦେଇଥିଲେ। ସେହି ସମୟରେ ଅଧିକାରୀମାନେ ବଡ଼ ବଡ଼ ଭାଷଣ ଦେଇ କହିଥିଲେ ଯେ, ଦାଦନ ଚାଲାଣର ସୂଚନା ମିଳିବା ମାତ୍ରେ ଚଢ଼ାଉ କରାଯିବ, ଦଲାଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ଏବଂ ଶ୍ରମିକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଓ ଫୋନ୍ ନମ୍ବର ସଂଗ୍ରହ କରାଯିବ। ମାତ୍ର ସଭା ଶେଷ ହେବା ପରେ ପ୍ରଶାସନର ସମସ୍ତ ପ୍ରତିଶ୍ରୁତି ପାଣିର ଫୋଟକା ଭଳି ମିଳେଇ ଯାଇଛି। ସାଧାରଣଲୋକଙ୍କ ଅଭିଯୋଗ ଅନୁଯାୟୀ, ବର୍ତ୍ତମାନ ଅଞ୍ଚଳରୁ ଦାଦନ ଚାଲାଣ ହ୍ରାସ ପାଇବା ପରିବର୍ତ୍ତେ ବହୁ ଗୁଣାରେ ବୃଦ୍ଧି ପାଇଛି। ଗୋଡ଼ଭଞ୍ଜା, ବେହେରା, ପର୍ଲା, ଏବଂ ଗୋତୋମୁଣ୍ଡା ଆଦି ସ୍ଥାନରୁ ଶହ ଶହ ଦାଦନ ଶ୍ରମିକ ନିଜ ନିଷ୍ପାପ ପରିବାର ଓ ଛୋଟ ଛୋଟ ପିଲାମାନଙ୍କୁ ଧରି ଖୋଲାଖୋଲି ଭାବେ ବସ ଯୋଗେ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି। ଧର୍ମଗଡ଼-ଆମପାଣି ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ଦୈନିକ ୮ରୁ ୧୦ଟି ବେସରକାରୀ ବସ ଟୁରିଷ୍ଟ ପରମିଟ୍ ଆଳରେ ହାଇଦ୍ରାବାଦ, ଚେନ୍ନାଇ ଓ ଜଗଦଲପୁର ଭଳି ସହରକୁ ରୀତିମତ ଯାତାୟାତ କରୁଛି। ଏହି ବସଗୁଡ଼ିକ କେବଳ ଦାଦନ ଶ୍ରମିକ ଓ ଦଲାଲଙ୍କ ପାଇଁ ହିଁ ଉଦ୍ଦିଷ୍ଟ ଥିବା ଭଳି ମନେହେଉଛି। ଏହି ସମଗ୍ର ବେଆଇନ କାରବାର ବିଷୟରେ ଶ୍ରମ ବିଭାଗ ଓ ସ୍ଥାନୀୟ ପୁଲିସ ନିକଟରେ ସମ୍ପୂର୍ଣ୍ଣ ସୂଚନା ଥିଲେ ମଧ୍ୟ ସେମାନଙ୍କର ନିଷ୍କ୍ରିୟତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ଯେ, ପ୍ରଶାସନିକ ଅଧିକାରୀମାନେ ଦଲାଲମାନଙ୍କ ସହ ସଲାସୁତୁରା କରି ଏହି ଚାଲାଣ ପ୍ରକ୍ରିୟାରେ ପରୋକ୍ଷରେ ସହଯୋଗ କରୁଛନ୍ତି। ତେଣୁ କୌଣସି ପ୍ରକାରର ଚଢ଼ାଉ କିମ୍ବା ଯାଞ୍ଚ କରାଯାଉ ନାହିଁ। ଯଦି ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ଗମ୍ଭୀର ସମସ୍ୟା ପ୍ରତି ଦୃଷ୍ଟି ନଦିଅନ୍ତି ଏବଂ ବିଜୁ ଏକ୍ସପ୍ରେସ ରାସ୍ତାରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ନକରନ୍ତି, ତେବେ ଆଗାମୀ ଦିନରେ ଏହି ଅଞ୍ଚଳ ଶ୍ରମିକ ଶୂନ୍ୟ ହୋଇଯିବାର ଆଶଙ୍କା ରହିଛି। ଜିଲ୍ଲାପାଳ ଏଥିରେ ସିଧାସଳଖ ହସ୍ତକ୍ଷେପ କରି ଦଲାଲ ଓ ବେଆଇନ ବସ ମାଲିକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



### କାଗଜ କଲମରେ ସୀମିତ ସଚେତନତା

## ଲାଞ୍ଜିଗଡ଼ରେ ଥମୁନି ଦାଦନ ଦୁଃଖ

# ମୃତ୍ୟୁର ୩ଦିନ ପରେ ଗାଁକୁ ଫେରିଲା ଶବ

**ଲାଞ୍ଜିଗଡ଼, ୩।୬ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ଦାଦନ ଦୁଃଖ ପିଛା ଛାଡ଼ିବାର ନାମ ନେଉନାହିଁ। ବିଭିନ୍ନ ସମୟରେ ବ୍ଲକରେ ଦାଦନ ଶ୍ରମିକଙ୍କ ମୃତଦେହ ଫେରିଥାଏ। ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ତାଙ୍କ ଗାରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା ସ୍ୱତେ ମଧ୍ୟ ଦୁର୍ଗମ ତଥା ଗ୍ରାମାଞ୍ଚଳ



ମାନଙ୍କରେ ଆବଶ୍ୟକ କର୍ମ ନିଯୁକ୍ତି ପହଞ୍ଚିପାରୁନି ଯାହାଫଳରେ ପେଟପାଟଣା ତଥା ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଯାଇ ଅନେକ ଯୁବଙ୍କ ମୃତ୍ୟୁ ଘଟୁଥିବା ବେଳେ ମଙ୍ଗଳବାର ପୁଣି କେରଳରୁ ଜଣେ ଶ୍ରମିକଙ୍କ ଶବ ନିଜ ଭିଟାମାଟିକୁ ପହଞ୍ଚିଛି। ମୃତକ ଜଣକ ଲାଞ୍ଜିଗଡ଼ ବ୍ଲକ ପାହାଡପଦର ପଞ୍ଚାୟତ ପୁଞ୍ଜାମ ଗାଁର ସନାଙ୍ଗ ମାଝୀଙ୍କ ପୁଅ ବିସ୍ମ ମାଝୀ (୨୯)। ସୂଚନାଯୋଗ୍ୟ ବିସ୍ମ କିଛି ମାସ ତଳେ ଗାଁ ଲୋକଙ୍କ ସହିତ ପେଟ ପାଟଣା ପାଇଁ କେରଳର ତ୍ରିଶୂରରେ ଏକ କ୍ରସରରେ ଦାଦନ ଖଟିବାକୁ ଯାଇଥିଲେ। ହେଲେ ଗତ ୩୧ ତାରିଖ ରବିବାର ଦିନ କୌଣସି କାରଣ ବଶତଃ ତାଙ୍କ ମୃତ୍ୟୁ ହେଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ମୃତ ଦେହ ଗାଁକୁ ପହଞ୍ଚିଥିଲା। ମୃତ ବିସ୍ମ ପରିବାରରେ ଏକ।ତ୍ର ରୋଜଗାର କ୍ଷମ ହୋଇଥିବା ବେଳେ ତାଙ୍କର ୩ ବର୍ଷର ପୁଅ, ସ୍ତ୍ରୀ ଓ ବୃଦ୍ଧ ପିତାମତା ରହିଛନ୍ତି।ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଗାଁ ନିକଟସ୍ଥ ସ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ବିସ୍ମ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରବର୍ଗଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ଖଣ୍ଡିଡଙ୍ଗରିଗୁଡ଼ା ବାଲିଘାଟ ବିବାଦ

# ଗ୍ରାମବାସୀ ୨୫ ଜଣଙ୍କ ନାଁରେ ମାମଲା

**କଲମପୁର, ୩।୬(ସମିସ):** କଲମପୁର ବ୍ଲକ ଖଣ୍ଡିଡଙ୍ଗରିଗୁଡ଼ା ବାଲିଘାଟ ପାଇଁ ଆରମ୍ଭରୁ ଲିଜଧାରୀ ଓ ଗ୍ରାମବାସୀ ମାନଙ୍କ ଭିତରେ ବିବାଦ ଲାଗି ରହିଛି। ଗ୍ରାମବାସୀ ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରି ଆସୁଥିବା ବେଳେ ଲିଜଧାରୀ ମଧ୍ୟ ବାଲି ଉତ୍ତୋଳନ ପାଇଁ ଆପ୍ରାଣ ଉଦ୍ୟମ କରି ଆସୁଛନ୍ତି। ବାଲି ଉତ୍ତୋଳନ ଲାଗି ଧାର୍ଯ୍ୟ ସମୟ ଶେଷ ହେବାକୁ ବସିଥିବା ବେଳେ ପ୍ରଶାସନ ମଧ୍ୟ ଗ୍ରାମବାସୀମାନଙ୍କ ସହିତ ଆଲୋଚନା ପୂର୍ବକ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରି ଆସୁଛନ୍ତି।ହେଲେ ଏଯାଏଁ ସମସ୍ୟାର ସମାଧାନ ହୋଇ ପାରିନାହିଁ, କୋର୍ଟ କଚେରୀ ବିଭିନ୍ନ କାର୍ଯ୍ୟାଳୟ ଘେରାଉ ଠାରୁ ପୁଲିସ ଫୋର୍ସ ମୁତୟନ ପର୍ଯ୍ୟନ୍ତ କଥା ଯାଇ ପହଞ୍ଚି ଥିଲେ ମଧ୍ୟ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଛନ୍ତି। ଗ୍ରାମବାସୀଙ୍କ ପ୍ରଥମ ଦାବିଥିଲା ବାଲି ଉତ୍ତୋଳନ ହେଲେ କୂଳଖାଇ ଗାଁ ନଦୀରେ ଲିନ ହୋଇଯିବ। ଏହି ସମସ୍ୟାକୁ ସମାଧାନ ପାଇଁ ପ୍ରଶାସନ ନଦୀକୂଳରେ ସୁରକ୍ଷାବାନ୍ଧ ନିର୍ମାଣ କରିଦେଲେ, ପରିବର୍ତ୍ତୀ ସମୟରେ ରାସ୍ତା ସଂକୀର୍ଣ୍ଣ ଅଛି, ଦୁର୍ଘଟଣାର ସମ୍ଭାବନା ଅଛି, ଏଥିପାଇଁ ସେମାନେ ବିରୋଧ କରୁଥିବା କହିଛନ୍ତି।ଏହାକୁ ମଧ୍ୟ ସମାଧାନ କରିବାକୁ ପ୍ରଶାସନ ମାନିନେଇ ଥିବା ବେଳେ ଗ୍ରାମବାସୀ ମାନେ ଅମାନିଆ ହୋଇ ବିରୋଧ କରି ଆସୁଛନ୍ତି। ଗତ ୧୫ ଦିନ ତଳେ ଲିଜଧାରୀ ରାତିରେ ବାଲି ଉତ୍ତୋଳନ କରୁଥିଲେ, ଖବର ପାଇ ଗ୍ରାମବାସୀ ବାଲି ଉତ୍ତୋଳନକୁ ବିରୋଧ କଲେ, ଲିଜଧାରୀ କଲମପୁର ତହସିଲଦାର ଓ ପୁଲିସକୁ ଜଣାଇଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଗ୍ରାମର ୨୫ ଜଣଙ୍କ ନାମରେ ମାମଲା ଦାୟର କଲେ। ବୁଧବାର କଲମପୁର ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ କାର୍ଯ୍ୟାଳୟରେ ଉଭୟ ପକ୍ଷ ହାଜର ହୋଇଥିଲେ। ପ୍ରଥମ ପକ୍ଷ ଲିଜଧାରୀ ହୋଇଥିବା ବେଳେ ଦ୍ୱିତୀୟ ପକ୍ଷ ଗ୍ରାମବାସୀ ୨୫ଜଣ ନିଜ ନିଜ ପକ୍ଷ ରଖିଥିଲେ। ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ ସିଏମସି, ନଂ ୪୦/୨୦୨୬, ୟୁ/ଏସ - ୧୨୬ ବିଏନଏସଏସରେ ସମନ ହୋଇଥିବା ବେଳେ ବ୍ୟକ୍ତିଗତ ମୁଚାଲିକାରେ ଜାମିନ ମିଳିଥିବା ଜଣାଯାଇଛି।

## ଗୋଖରାରେ ବାବୁରା ବୁଢ଼ିମାଙ୍କ ଝାମୁ ଯାତ୍ରା

# ୨୧ ହାତର ଖଣ୍ଡାଧରିଲେ ୧୨ ବର୍ଷର ବାଳକ

**ଭବାନୀପାଟଣା, ୩।୬(ସମିସ):** ମଗଧା ଯାଦବଙ୍କ କରୁଆଁ ବଂଶର ଗାଦି ଗୋଖରା ଗାଁରେ ବାବୁରା ବୁଢିମାଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନେଇ ନର୍ଲା ବ୍ଲକର



ଗୋଖରାଗ୍ରାମର ବାବୁରା ବୁଢ଼ିମା ପୀଠ ଉତ୍ସବ ମୁଖର ହୋଇଉଠିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଦେବତା ଶତାଧିକ ଭକ୍ତଙ୍କ ହାରିଗୁହାରି ଶୁଣିଥିଲେ। ବୁଧବାର ସନ୍ଧ୍ୟାରେ ବାବୁରା ବୁଢ଼ିମା ଦେବତା ଜ୍ୱଳନ୍ତ ଅଙ୍ଗାରରେ ଚାଲି ନିଜ ଶକ୍ତିର ପରିଚୟ ଦେଇଥିଲେ। ଏହି ଅବସରରେ କଲାପାର, ଗଙ୍ଗାଦି, ଡଙ୍ଗରବୁଢା, ତୁଳସା, ମାଣିକେଶ୍ୱରୀ ଆଦି ଦେବାଦେବୀମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ଯାତ୍ରାର ବିଶେଷତ୍ୱ ହେଉଛି ୧୨ ବର୍ଷର ବାଳକ ପ୍ରିତମ ଗଉଡଙ୍କ ଦେହରେ ଦେବତା ଲାଗିବା ଓ ସେ ୨୧ ହାତର ଖଣ୍ଡାଧରି ନିଆଁରେ ଚାଲିବା। ବାବୁରା ବୁଢ଼ିମା ଏକ ପ୍ରତ୍ୟକ୍ଷ ଦେବତା ଭାବେ ଏହି ଅଞ୍ଚଳରେ ପୂଜିତ ହୋଇ ଆସୁଛନ୍ତି। ପୂର୍ବରୁ କାମଦେବ ଗଉଡଙ୍କ ଦେହରେ ଲାଗି ସେ ଭକ୍ତଜନଙ୍କ ହାରିଗୁହାରି ଶୁଣୁଥିଲେ। ତେବେ ୨୦୨୧ରେ ତାଙ୍କର ମୃତ୍ୟୁ ହେବାପରେ ପୀଠ ବନ୍ଦ ହୋଇ ପଡ଼ିଥିଲା। ବର୍ତ୍ତମାନ କାମଦେବଙ୍କ ବଡୁପୋ (ପ୍ରପୋତ୍ର) ପ୍ରତିମ ଏହି କାର୍ଯ୍ୟ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୂଝାରୀ ଆଜାଦ ଗଉଡ, ରାହୁଲ ଗଉଡ, କରୁଣାକର ଗଉଡ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଟିକେମଣି ଗଉଡ, ମାଣିକ୍ୟ ଗଉଡ, ବିଜୟ ଧଙ୍ଗଡ଼ାମାଝୀ, ସଞ୍ଜୟ ଧଙ୍ଗଡ଼ାମାଝୀ, ଲିଙ୍ଗରାଜ କରୁଆଁ, ଲକ୍ଷ୍ମଣ ଗଉଡ ପ୍ରମୁଖ ସହଯୋଗ କରିଥିଲେ।

## ୨୨ ଜୁଆଡ଼ି ଗିରଫ

# ୩ ଲକ୍ଷ ୫୬ ହଜାର ଟଙ୍କା ଓ ମୋବାଇଲ ଜବତ

**ନୂଆପଡ଼ା, ୩।୫(ସମିସ):** ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ପୁଲିସକୁ ଏକ ବଡ ଧରଣର ସଫଳତା ମିଳିଛି। ଏକ ଜୁଆ ଆ‡। ଉପରେ



ଚଢ଼ାଉ କରି ୨୨ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ମୋବାଇଲ, ଗାଡି ସହ ୩ଲକ୍ଷ ୫୬ହଜାର ଟଙ୍କା ଜବତ କରାଯାଇଛି। ଏହାକୁ ନେଇ ନୂଆପଡ଼ା ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖରିଆରରୋଡ଼ ଯୋଙ୍କ ଥାନାଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଝାଲବାହାଲ ଜଙ୍ଗଲ ଉପରେ ଚଢ଼ାଉ କରିଥିଲେ। ପୁଲିସ କୌଶଳ କରି ସମସ୍ତଙ୍କୁ କାବୁ କରିଥିଲା। ତାଙ୍କଠାରୁ ୩ ଲକ୍ଷ ୫୬ ହଜାର ଟଙ୍କା, ୨୦ଟି ମୋବାଇଲ ଫୋନ୍, ୬ଟି ବାଇକ୍ ଜବତ ହୋଇଛି। ନୂଆପଡ଼ା ତଥା ପଡ଼ୋଶୀ ଜିଲ୍ଲା ଓ ଛତିଶଗଡ଼ ରାଜ୍ୟର ଜୁଆଡ଼ିମାନେ ଆସି ଜୁଆ ଖେଳୁଥିଲେ। ଜୁଆଡ଼ିମାନେ ଖରିଆରରୋଡ ସହ ପଡୋଶୀ ରାଜ୍ୟ ଛତିଶଗଡ଼ର ସାମିଲ ରହିଛନ୍ତି। ସୂଚନା ଯୋଗ୍ୟ ଠିକ ଦୁଇ ବର୍ଷ ତଳେ ଖରିଆରରୋଡ଼ ସହରରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ହସ୍ତକ୍ଷେପରେ ୩କୋଟି ଟଙ୍କାର ଜୁଆ ଆ‡। ଜବତ କରାଯାଇଥିଲା।

## ଚଳନା-ଘଣ୍ଟିଗୁଡାରେ ଶୀତଳଷଷ୍ଠୀ ଶିବ ବିବାହ ମହୋତ୍ସବ

# ବରଦେଶ୍ୱର ବାବାଙ୍କ ନିର୍ବନ୍ଧ ସମ୍ପନ୍ନ



**ସିନାପାଲି, ୩।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଳନା ଓ ଘଣ୍ଟିଗୁଡା ଗ୍ରାମରେ ଆୟୋଜିତ ହେଉଥିବା ଶୀତଳ ଷଷ୍ଠୀ ଶିବ ବିବାହ ମହୋତ୍ସବ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବ-ପାର୍ବତୀଙ୍କ ଦିବ୍ୟ ବିବାହ ଉତ୍ସବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ପ୍ରକାଶ ପାଉଛି। ଚଳିତ ବର୍ଷ ୨୩ତମ ଶୀତଳ ଷଷ୍ଠୀ ଶିବ ବିବାହ ମହୋତ୍ସବ ପାଇଁ ଗଠିତ କମିଟି ଓ ଅଞ୍ଚଳବାସୀଙ୍କ ମିଳିତ ପ୍ରୟାସରେ ବିଭିନ୍ନ ପ୍ରସ୍ତୁତି ଜୋରଦାର ଭାବେ ଚାଲିଛି।ମହୋତ୍ସବରେ ବରପକ୍ଷ ଭାବେ ଭବାନୀପାଟଣା (କଳାହାଣ୍ଡି)ର ସୁରେଖା ନିଆଲ ଓ ଦେବର୍ଚ୍ଚନ ନିଆଲଙ୍କୁ ମନୋନୀତ କରାଯାଇଥିବା ବେଳେ କନ୍ୟାପକ୍ଷ ଭାବେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ପଞ୍ଚାୟତ ଚାରପାଲିଗ୍ରାମର ଶ୍ରୀମତୀ ପୁଷ୍ପାଞ୍ଜଳି କଟା ଓ ଜୟାନନ୍ଦ କଟାଙ୍କୁ ମନୋନୀତ କରାଯାଇଛି। ଉଭୟପକ୍ଷଙ୍କ ମଧ୍ୟରେ ପାରମ୍ପରିକ ରୀତିନୀତି ଅନୁସାରେ ନିର୍ବନ୍ଧ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।ପୂଜକ ଈଶ୍ୱର ପଣ୍ଡାଙ୍କ ଦ୍ୱାରା ବେଦମନ୍ତ୍ର ଓ ଶାସ୍ତ୍ରୋକ୍ତ ବିଧିରେ ପୂଜାର୍ଚ୍ଚନା ସମ୍ପାଦିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି କିଶୋର କୁମାର ନାଏକଙ୍କ ନେତୃତ୍ୱରେ ଉପସଭାପତି ଅର୍ଜୁନ ନାଏକ, ସମ୍ପାଦକ ତ୍ରିନାଥ ଛତ୍ରିଆ, ସହ-ସମ୍ପାଦକ ମୁରଲୀଧର ନାଏକ ଏବଂ କୋଷାଧକ୍ଷ ଟିକେରାମ ନାଏକ ମହୋତ୍ସବର ସମସ୍ତ ପ୍ରସ୍ତୁତି ଓ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ମହୋତ୍ସବର ସଫଳ ଆୟୋଜନ ପାଇଁ ଉପଦେଷ୍ଟା କମିଟିର ନରେଶ ନାୟକ, ବାହାଦୁର ଦଣ୍ଡସେନା, କମଳ ଭୋଇ, ଶତ୍ରୁଘନ ପରାଭୋଇ, ରାଜକୁମାର ରାଉତ, ଆନନ୍ଦ ନାୟକ, ହେମନ୍ତ ନାୟକ, ମନକର ଭୋଇ, ଜୟରାମ ବାଗ, ନାରାୟଣ ପୂଝାରୀ, ମନରଞ୍ଜନ ମେହେର, ଟଙ୍କଧର ଭୋଇ, ପୁସ୍ତମ ମିଶ୍ର, ଯୌବନ ଗହିର, ଉଜ୍ଜଳ ଭୋଇ, ଗୌତମ ନାଗ ଓ ଶଙ୍କର ବାଗ ପ୍ରମୁଖ ନିଜ ମତାମତ ଓ ସହଯୋଗ ପ୍ରଦାନ କରୁଛନ୍ତି। ମହୋତ୍ସବ ମାଧ୍ୟମରେ ଅଞ୍ଚଳରେ ସାମାଜିକ ଏକତା ସୁଦୃଢ଼ ହେବା ସହ ଧାର୍ମିକ ଚେତନାର ପ୍ରସାର ଘଟୁଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ସ୍ୱଦେଶୀ ଜାଗରଣ ମଞ୍ଚର ଜିଲ୍ଲା ବିଚାର ବର୍ଗ

**ଭବାନୀପାଟଣା, ୩।୬(ସମିସ):** ସ୍ୱଦେଶୀ ଜାଗରଣ ମଞ୍ଚ, ସ୍ୱାବଲମ୍ବୀ ଭାରତ ଅଭିଯାନ, କଳାହାଣ୍ଡି ଜିଲ୍ଲା ପକ୍ଷରୁ ଜିଲ୍ଲା ପ୍ରଶିକ୍ଷଣ ଓ ବିଚାର ବର୍ଗ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦସ୍ୟା ଶର୍ମିଷ୍ଠା ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଚିନ୍ମୟ ମିଶନ ମୁଖ୍ୟ ଆଚାର୍ଯ୍ୟ ସ୍ୱାମୀ ଅମେୟାନନ୍ଦ ସରସ୍ୱତୀ ଜୀବନର ଲକ୍ଷ୍ୟକୁ ପ୍ରାପ୍ତ କଠିନ ପରିଶ୍ରମ ଓ ସଦଗୁଣଯୁକ୍ତ ହୋଇ ପରୋପକାର ମାଧ୍ୟମରେ ସମାଜର ଉତ୍ଥାନ ପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇ ଆଶିର୍ବଚନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅଭିଯାନର ସଂରକ୍ଷକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ ସଂଘଚାଳକ ଜୟନାରାୟଣ ବାବୁ ସଂଘ ଶତାବ୍ଦୀ ବର୍ଷରେ ସ୍ୱବୋଧର ଜାଗରଣ ପାଇଁ ଆହ୍ୱାନ ଦେଇଥିଲେ।ମଞ୍ଚର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସ୍ୱଦେଶୀ ଯାତ୍ରା ଓ ସ୍ୱଦେଶୀ ଅବଧାରଣା ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରାନ୍ତ ସମ୍ପର୍କ ପ୍ରମୁଖ ପ୍ରତୀକ ଯୋଷୀ ଓ ପ୍ରାନ୍ତ ସହ ସମନ୍ୱୟକ ଡ. ବିରଞ୍ଚି ନାରାୟଣ ପଣ୍ଡା ଓ ସ୍ୱାବଲମ୍ବୀ ଭାରତ ଅଭିଯାନ ଓ ଜିଲ୍ଲା ସ୍ୱାବଲମ୍ବନ କେନ୍ଦ୍ର, ପ୍ରାନ୍ତ ଯୁବ ପ୍ରମୁଖ ଗୋଦାବରୀଶ ପାତ୍ର ଶକ୍ତି ଓ ଆର୍ଥିକ ସଙ୍କଟ ଓ ନିରାକରଣ, ବିଭାଗ ସଂଯୋଜକ ନକୁଳ ନାୟକ ଦତ୍ତୋପନ୍ତ ଠେଙ୍ଗଡ଼ି ଓ ବାବୁଗେନୁଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ, ଜିଲ୍ଲା ସଂଯୋଜକ ଗଜିନ୍ଦ୍ର ଡାକୁଆ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବ ଉଦ୍ୟୋଗୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର ଜିଲ୍ଲାରୁ ଶତାଧିକ ସ୍ୱଦେଶୀ ଯୋଦ୍ଧା, ଯୁବ ଓ ମହିଳା ଉଦ୍ୟୋଗୀ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

## ଧର୍ମଗଡ଼ ପାଇଁ ଗୌରବ ଆଣିଲେ କୌଶିକ ସାହୁ

# ଜେଇଇ ଆଡଭାନ୍ସ ପରୀକ୍ଷାରେ ସଫଳତା

**ଧର୍ମଗଡ଼, ୩।୬(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସାହୁପଡ଼ାର ମେଧାବୀ ଛାତ୍ର କୌଶିକ କୁମାର ସାହୁ ଚଳିତ ୨୦୨୬ ଜେଇଇ ଆଡଭାନ୍ସ ପରୀକ୍ଷା ସର୍ବଭାରତୀୟସ୍ତର ସାଧାରଣ ବର୍ଗରେ ୨୩୪୩ ର୍‌ୟାଙ୍କ ସହ ପଛୁଆ ବର୍ଗରେ ୪୩୮ ର୍‌ୟାଙ୍କ ହାସଲ କରି ସମଗ୍ର ପଶ୍ଚିମଓଡ଼ିଶାର ଟପ୍ପର ହୋଇ ଦେଶର ପ୍ରତିଷ୍ଠିତ ଆଇଆଇଟିରେ ପ୍ରବେଶିକା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।



କୌଶିକ ଧର୍ମଗଡ଼ ସାହୁ ପଡ଼ା କିଶୋର ଚନ୍ଦ୍ର ସାହୁ ଓ ମଞ୍ଜୁଳା ସାହୁଙ୍କ ନାତି ତଥା ଜ୍ୟେଷ୍ଠ ପୁତ୍ର କିରଣ କୁମାର ସାହୁ ଓ ରୀନା ସାହୁଙ୍କ ସୁପୁତ୍ର ଅଟନ୍ତି। ସେ ଧର୍ମଗଡ଼ ଏଲ୍ ନିଶି ମିଶନ ସ୍କୁଲରେ ବିଦ୍ୟାରମ୍ଭ କରି କୃତିତ୍ୱର ସହ ୯୬, ୪୯% ରଖି ଦଶମ ପାସ କରିବା ପରେ ବଲାଙ୍ଗିର ଜିଲ୍ଲା ଯୁବୋଦୟ କଲେଜରେ ଯୁକ୍ତ ଦୁଇ ସିବିଏସଇ ପରୀକ୍ଷାରେ ୯୪.୨୦% ରଖି ଜେଇଇ ମ୍ୟାନ୍ ପରୀକ୍ଷାରେ ୯୯.୯୩ ପାଇଁ ଚର୍ଚ୍ଚିତ ଥିଲେ। କଠିନ ପରିଶ୍ରମ ହିଁ ସବୁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରୁଥିବା କୌଶିକ ଭବିଷ୍ୟତରେ ଜଣେ ସୁଦକ୍ଷ ଇଞ୍ଜିନିୟର ସାଜି ଦେଶ ସେବା ସହ ଦେଶର ବୈଷୟିକ ବିକାଶ କ୍ଷେତ୍ରରେ ସହଭାଗୀ ହେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

## ଆମରଣ ଅନଶନରେ ମେଗା ଲିଫ୍ଟ ପ୍ରକଳ୍ପ ଚାଷୀ

# ଆସିଲେନି ଅଧିକାରୀ, ପହଞ୍ଚିଲାନି ମେଡିକାଲ୍ ଟିମ୍

କୋକସରା, ୩।୬(ସମିସ)

ଦୀର୍ଘ ଦିନର ପ୍ରତିକ୍ଷା ଓ ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ପ୍ରତିବାଦରେ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀମାନେ ପୁଣି ଥରେ ଆରପାର୍ ଲଢ଼େଇକୁ ଓହ୍ଲାଇଛନ୍ତି। କୋକସରା ଠାରେ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ଚାଷୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ବୁଧବାର ୨୬ ଦିନରେ ପହଞ୍ଚିଛି। ପୂର୍ବ ସୂଚନା ମୁତାବକ, କୋକସରା ଜାତୀୟ ରାଜପଥ ପାର୍ଶ୍ୱରେ ୩୬ରୁ ଉର୍ଦ୍ଧ୍ୱ ଚାଷୀ ଆମରଣ ଅନଶନରେ ବସିଛନ୍ତି। ଆନ୍ଦୋଳନକୁ ସମର୍ଥନ ଜଣାଇ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଜେଟି. କୁସୁମ କୁମାର ମଧ୍ୟ ଚାଷୀଙ୍କ ସହ ସାମିଲ ହୋଇ ସମର୍ଥନ ଜଣାଇଥିଲେ।ସୂଚନାଯୋଗ୍ୟ ଯେ, ଗତ ମେ’ ୧୯ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପରେ ୨୦ ଓ ୨୧ ତାରିଖରେ ୩ଟି ବ୍ଲକର ୯ ଜଣ ଚାଷୀ ଆମରଣ ଅନଶନରେ ବସିଥିଲେ। ସେତେବେଳେ ପରିସ୍ଥିତି ଜଟିଳ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲ୍ଲାପାଳ ସେଠାରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ୪ ଦିନର ସମୟ ମାଗି ଚାଷୀଙ୍କୁ ଅନଶନରୁ ଓହରାଇଥିଲେ।



ହେଲେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ୧୪ ଦିନରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ହଜାର ହଜାର ଚାଷୀ ନିଜ ହକ ପାଇଁ ଏବେ ମଧ୍ୟ ରାଜରାସ୍ତାରେ ବସି ରହିଛନ୍ତି। ଅନ୍ୟପଟେ ବିଜେପିର ନେତା ଓ କର୍ମୀମାନେ ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡ଼ିଆ)ରେ ଚାଷୀଙ୍କ ଟୋକନ ଆସିଥିବା ନେଇ ଜୋର ସୋରରେ ପ୍ରଚାର କରୁଛନ୍ତି। ଏହାକୁ ଚାଷୀ ସଂଘ ଦୃଢ଼ ଭାବେ ଖଣ୍ଡନ କରିଛି। ଚାଷୀ ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାରୀ ସ୍ତରରେ ଆମକୁ କୌଣସି ସୂଚନା ମିଳିନାହିଁ, ତେଣୁ ସୋସିଆଲ ମିଡ଼ିଆରେ ମିଥ୍ୟା ଖବର ପ୍ରଚାର କରାନଯାଉ। ଯଦି ସତରେ ଟୋକନ ଆସିଛି, ତେବେ ସରକାରୀ ଚିଠି କିମ୍ବା ଚାଷୀଙ୍କ ମୋବାଇଲକୁ ଆସିଥିବା ମେସେଜ୍ ସାମ୍ନାକୁ ଅଣାଯାଉ ବୋଲି ଚାଷୀ ସଂଘ ଚ୍ୟାଲେଞ୍ଜ କରିଛି। ଚାଷୀମାନେ ଏଭଳି ପ୍ରଖର ଖରାରେ ଆମରଣ ଅନଶନରେ ବସିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଶାସକ ଦଳର ସ୍ଥାନୀୟ ବିଧାୟକ ଆସି ସେମାନଙ୍କ ସହ ଆଲୋଚନା ମଧ୍ୟ କରିନାହାନ୍ତି। ଏପରିକି ଅନଶନକାରୀ ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପାଇଁ କୌଣସି ମେଡିକାଲ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ନଥିବା ଚାଷୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏଣେ ପ୍ରଶାସନର ଏଭଳି ଅମାନବୀୟ ଓ ଅବହେଳାପୂର୍ଣ୍ଣ ମନୋଭାବ ଯୋଗୁଁ ଚାଷୀ ମହଲରେ ତୀବ୍ର ଉଦବେଗ ପ୍ରକାଶ ପାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ଚାଷୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ୧୪ ଦିନ ବିତିଲେ ବି ମିଳିଲାନି ସୁଫଳ

## କଂକ୍ରିଟ୍ ରାସ୍ତାରେ କାଦୁଅ

# ବାଇକ୍‌ରୁ ପଡ଼ି ଆହତ ହେଉଛନ୍ତି ପଥଚାରୀ

**କୋକସରା, ୩।୬(ସମିସ):** କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ଧନସରା ଗ୍ରାମରେ ଅଭାବନୀୟ ସମସ୍ୟା ଦେଖାଦେଇଛି। ଗ୍ରାମର ଭାଗବତ ମଣ୍ଡପ ନିକଟ ମଝି ରାସ୍ତାରେ ଦୀର୍ଘ ଦିନ ହେବ କାଦୁଅ ପାଣି ଜମି ରହିବା ଫଳରେ ସ୍ଥାନୀୟ ଲୋକେ ଯାତାୟାତରେ



ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ସେଠାରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସୂଚନା ଅନୁଯାୟୀ, ଭାଗବତ ମଣ୍ଡପ ପାଖରେ ଥିବା ନଳକୂଅରୁ ବାହାରୁଥିବା ପାଣି ନିଷ୍କାସନ ପାଇଁ ପୂର୍ବରୁ ଡ୍ରେନ୍ ନିର୍ମାଣ କରାଯାଇଛି। କିନ୍ତୁ ଜନୈକ ବ୍ୟକ୍ତି ଉକ୍ତ ଡ୍ରେନ୍ କାର୍ଯ୍ୟର ଠିକା ନେଇ ନିର୍ମାଣ କରିଥିବା ବେଳେ, ତାହା ତାଙ୍କ ଘର ସାମ୍ନା ଦେଇ ଯାଇଥିବାରୁ ସେ’ ସେଠାରେ ଏକ ଗେଟ୍ ତିଆରି କରି ପାଣି ଛାଡୁ ନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଫଳରେ ନଳକୂଅର ବ୍ୟବହୃତ ପାଣି ଡ୍ରେନ୍‌କୁ ନଯାଇ ସିଧାସଳଖ ରାସ୍ତା ମଝିକୁ ବୋହି ଆସୁଛି। ରାସ୍ତାଟି କଂକ୍ରିଟ୍ ହୋଇଥିଲେ ମଧ୍ୟ ଉପର ପଟୁ ଆସୁଥିବା ବର୍ଜ୍ୟଜଳ ଏବଂ ନଳକୂଅ ପାଣି ସବୁ ଏକାଠି ଜମି ରହୁଛି। ଏହି କାରଣରୁ ଚଳିତ ଗ୍ରୀଷ୍ମ ଋତୁରେ ମଧ୍ୟ ସେଠାରେ ବର୍ଷା ଦିନ ଭଳି କାଦୁଅର ସାମ୍ରାଜ୍ୟ ଦେଖିବାକୁ ମିଳିଛି। ଏହି କଦୁଅଭରା ରାସ୍ତା ଦେଇ ଯିବାଆସିବା କରିବା ସମୟରେ ଅନେକ ବାଇକ୍ ଚାଳକ ସ୍ଲିପ୍ କରି ପଡ଼ିଯିବା ସହ ଆହତ ଓ ଖଣ୍ଡିଆଖାବରା ହେଉଥିବା ଜଣାପଡ଼ିଛି। ଏହି ଜନସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଡ୍ରେନ୍ ଅବରୋଧ ହଟାଇବା ସହ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ ବୋଲି ଗ୍ରାମର କ୍ଷୀର ବେମାଲ, ତନୁକଲାଲ ନାଗ, ଘାସିରାମ ବେମାଲ, ହେମକାନ୍ତ ଶବର, ସୀତାରାମ ନାଗ, ପିତ ରାଉତ, ଈଶ ଶବର, ଚମାର ଶବର, ଗୋପାଳ ସାହୁ ଏବଂ ଚିତ୍ର ଶବରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ଲୋକମେଳା ଓ କୃଷି ମେଳାର ଦ୍ୱିତୀୟ ସନ୍ଧ୍ୟା

# ଏକତାର ପ୍ରତୀକ ହିଁ ଲୋକମେଳା ଓ ଲୋକ ସଂସ୍କୃତି

ପୁରୀ,୩।୬(ସମିସ)

ବିବିଧତା ମଧ୍ୟରେ ଏକତାର ପ୍ରତୀକ ହିଁ ଲୋକମେଳା ଓ ଲୋକ ସଂସ୍କୃତି। ଭାରତବର୍ଷର ଅନ୍ୟତମ ଆଧ୍ୟାତ୍ମିକ ରାଜଧାନୀ ପୁରୀର ବିଶ୍ୱଦେବତା ଶ୍ରୀଜଗନ୍ନାଥ। ଏହାର ମଣିଷ, ପବିତ୍ର ମାଟି, ଆଧ୍ୟାତ୍ମିକ ଚେତନା, ଲୋକ ଚେତନା ବିଶ୍ୱର ଗୌରବ ବୋଲି କହିଛନ୍ତି କେନ୍ଦ୍ର ସରକାରଙ୍କ ବୈଦେଶିକ ଓ ବୟନ ଶିଳ୍ପ ମନ୍ତ୍ରୀ ପବିତ୍ର ମାରଘେରିଟା। ପୁରୀର ସ୍ୱର୍ଣ୍ଣିମ ବେଳାଭୂମିରେ ଶ୍ରୀକ୍ଷେତ୍ର ସୂଚନା ପୁରୀ ପକ୍ଷରୁ ଅନୁଷ୍ଠିତ ୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳାର ବୁଧବାର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଥିଲେ, ଏହାର ରୌପ୍ୟ ଜୟନ୍ତୀ ବର୍ଷରେ "ମୁଁ ନିଶ୍ଚୟ ଆସିବି ଓ ମୋ ବିଭାଗର ଏଥିପ୍ରତି ସମସ୍ତ ସହଯୋଗ ରହିବ'। ମୁଖ୍ୟବକ୍ତା ସାଂସଦ ଡ. ସମ୍ବିତ୍ ପାତ୍ର ଲୋକମେଳାକୁ ଦେଶର ଜନଜାତି ଓ ଲୋକ ପରମ୍ପରାର ଏକ ସଶକ୍ତ ଜାତୀୟ ମଞ୍ଚ ବୋଲି ବର୍ଣ୍ଣନା କରିଥିଲେ। ପୁରୀର ସାଂସ୍କୃତିକ ପରିଚୟକୁ ଜାତୀୟସ୍ତରରେ ପହଞ୍ଚାଇବାରେ ଏହାର ଭୂମିକାକୁ ପ୍ରଶଂସା କରିବା ସହ ରୌପ୍ୟ ଜୟନ୍ତୀର ସଫଳତା କାମନା କରିଥିଲେ।






ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରେକୃଷ୍ଣ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଗୀତିକାର ଡ. ବଦ୍ରି ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଦ୍‌ରୋହ ସିଂହ, ସତ୍ୟବ୍ରତ ଦାସ ଓ ଶ୍ୟାମପ୍ରକାଶ ସେନାପତି ଅତିଥି ଭାବେ ଯୋଗଦେଇ ଲୋକମେଳା ଓ କୃଷିମେଳାର ସାଂସ୍କୃତିକ, ସାମାଜିକ ଓ ଜାତୀୟ ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକ ଓ ଜନଜାତି କଳାକାରମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କୁ ମଧ୍ୟ ସ୍ମାରକ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ରାଜସ୍ଥାନର କାଲବେଲିଆ ଓ ଘୁମର ନୃତ୍ୟ, ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ, ମଣିପୁରର ମଣିପୁରୀ ରାସ ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା, ଗୁଜରାଟର ଡାଣ୍ଡିଆ, ଝାଡ଼ଖଣ୍ଡର ସାନ୍ତାଳୀ ଓ ଝୁମର ନୃତ୍ୟ, ଛତିଶଗଡ଼ର ଧୁମୁସା ନୃତ୍ୟ, ଆସାମ ବିହୁ, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ, ଗୋଆର ଫୁଗଡ଼ି ନୃତ୍ୟ ଏବଂ ଓଡ଼ିଶାର ଓଡ଼ିଶୀ ଓ ଲୋକନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରଙ୍ଗବେରଙ୍ଗ ପୋଷାକ, ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଲୋକସଙ୍ଗୀତର ତାଳେ ତାଳେ ମହୋଦଧି ବେଳାଭୂମି ଉତ୍ସବମୁଖର ହୋଇଉଠିଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଭବାନୀ ଶଙ୍କର ସାହୁ, ରୀତେଶ ମହାନ୍ତି ଓ ନାରାୟଣ ପାତ୍ର।

## ସାକ୍ଷୀଗୋପାଳ ଓଭରବ୍ରିଜ୍ ସର୍ଭିସ୍ ରୋଡ୍ ଦୁରବସ୍ଥା; ମରାମତି ଦାବି

ସାକ୍ଷୀଗୋପାଳ,୩।୬(ସମିସ): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସାକ୍ଷୀଗୋପାଳ ଓଭରବ୍ରିଜ୍ ସଂଲଗ୍ନ ସର୍ଭିସ ରୋଡ୍‌ର ମରାମତି ନିମନ୍ତେ ପୂର୍ବରୁ ଖାଲଖମାପୂର୍ଣ୍ଣ ଥିବା ପିଚୁ ରାସ୍ତାକୁ ଖୋଳି ଦିଆଯାଇଛି। ମାତ୍ର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏହି ସର୍ଭିସ ରୋଡ୍ ଉପରେ ପିଚୁ ପକାଯାଇ ପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ଯାତାୟାତକାରୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ଏହି ରାସ୍ତାରେ ଅଧିକ ଅସୁବିଧାରେ ପଡୁଛନ୍ତି। ବସ୍, ଟ୍ରକ୍ ଭଳି ବଡ଼ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଖୋଳାଯାଇଥିବା କାଲଖମା ରାସ୍ତା ଯୋଗୁଁ ଚକା ଦୋହଲି ଯାଉଥିବାରୁ ଯାନର ଭାରସାମ୍ୟ ରହୁନାହିଁ ଏବଂ ଦୁର୍ଘଟଣା ଘଟୁଛି। କାଞ୍ଜିଆଠାରୁ ନୂଆଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ଲମ୍ବା ଏହି ସର୍ଭିସ୍ ରୋଡ୍‌ର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ମରାମତି ନାମରେ ରାସ୍ତା ଖୋଳାଯାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି କାମ ବନ୍ଦ ରହିଛି।



ଏହା ଯୋଗୁଁ ଧୂଳିଧୂସର ପରିବେଶ ସୃଷ୍ଟି ହେବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହେଉଛି। ଏହି ପରିସ୍ଥିତିରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କାମ ଶେଷ କରି ଯାତାୟାତକୁ ସୁରକ୍ଷିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୁର୍ଗେଶ ପ୍ରସାଦ ମିଶ୍ର ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ 'ଏକ୍ସ'ରେ ଅଭିଯୋଗ କରିଛନ୍ତି।

## କେନାଲର ପୁନଃଉଦ୍ଧାର ପାଇଁ ଦାବି

ବଲଙ୍ଗା,୩।୬(ସମିସ): ଜଳସେଚନ ନିମନ୍ତେ କେନାଲଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିଥା'ନ୍ତି। କିନ୍ତୁ ଦୀର୍ଘ ବର୍ଷ ଧରି ଅନେକ କେନାଲ ଖୋଳାଯାଇ ନ ଥିବାରୁ ପ୍ରାୟତଃ ଅଧିକାଂଶ କେନାଲ ଶେଷ ମୁଣ୍ଡକୁ ପାଣି ଯାଉନାହିଁ। ଜଳ ପ୍ରବାହ ନ ହେବାରୁ ଅନେକ ସ୍ଥାନରେ କେନାଲ ସତ୍ତା ହରାଇଲେଣି। ପୂର୍ବରୁ ତାହା କେଉଁ ସ୍ଥାନରେ ଥିଲା ଜାଣିବା ସମ୍ଭବପର ହେଉନାହିଁ। ଅନେକ ସ୍ଥାନରେ କେନାଲ ଉପରେ ଜବରଦଖଲ କରାଯାଇ ଗୃହ ନିର୍ମାଣ ହୋଇଥିବା ଏକ ବଡ଼ ସମସ୍ୟା ଭାବରେ ଦେଖାଦେଇଛି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ କେନାଲ ବନ୍ଧ ରାସ୍ତା ନିର୍ମାଣ ହେବାରୁ କେନାଲ ସଙ୍କୁଚିତ ହୋଇଯାଉଛି। ବଲଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧୀନରେ ନିମାପଡ଼ା, ପିପିଲି, ସତ୍ୟବାଦୀ, ଜୟଦେବ ନିର୍ବାଚନମଣ୍ଡଳୀର ୨ଟି ମୁଖ୍ୟ କେନାଲ ଓ ୫୫ଟି ଶାଖା କେନାଲ ରହିଥିବାବେଳେ ୧୧ ହଜାର ହେକ୍ଟର ଚାଷଜମି ଜଳ ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ରହିଛି। ନୂଆଗାଁ ମୁଖ୍ୟ କେନାଲରେ କାର୍ଯ୍ୟ ଚାଲିଥିବାବେଳେ ଚନ୍ଦନପୁର କେନାଲ ଅଧିକାଂଶ ସ୍ଥାନରେ ପୋତି ହୋଇଗଲାଣି। ସେହିପରି ସାଖା କେନାଲଗୁଡ଼ିକ ଯଥା- ଉଚ୍ଛୁପୁର, ବାୟାବର, ପାଇକସାହି, ଗଡ଼ତୋରିହଁ ପ୍ରଭୃତି ଅନେକ କେନାଲରେ ପ୍ରାୟତଃ ପାଣି ଆସୁ ନ ଥିବାରୁ ବହୁ ପରିମାଣର ଜମି ପଡ଼ିଆ ପଡୁଛି। ଜଳ ଯୋଗାଣ ସମୟକୁ ତରବରିଆ ଜେସିବି ଦ୍ୱାରା କେବଳ ବଣ ଜଙ୍ଗଲ ସଫା କରି କାର୍ଯ୍ୟ ଶେଷ କରି ଦିଆଯାଉଛି। ବିଲରେ ପାଣି ନ ମାଡ଼ି ମଧ୍ୟ ଚାଷୀ ଜଳକର ଦେବାକୁ ବାଧ୍ୟ ହେଉଛନ୍ତି। ସ୍ଥିତି ସମୀକ୍ଷା ପୂର୍ବକ କେନାଲ ପୁନରୁଦ୍ଧାର ଓ ଜବରଦଖଲ ଉଚ୍ଛେଦ ନିମନ୍ତେ ଗୋପାଳ ଚନ୍ଦ୍ର ରଥ, ପ୍ରବୋଧ ପ୍ରଧାନ, ଦେବେନ୍ଦ୍ର ଦଳାଇ, ରବିନାରାୟଣ ଶତପଥି, ରାକେଶ ରଞ୍ଜନ ଦାଶ ପ୍ରଭୃତି ଶହଶହ ଚାଷୀ ଜିଲ୍ଲାପାଳ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବଡ଼ଧରଣର ଚାଷୀ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନ ପାରେ।



## ମିଟେଇପୁର ପଞ୍ଚାୟତରେ ଭାଜପାର ସାଂଗଠନିକ ବୈଠକ

ନିମାପଡ଼ା,୩।୬(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସଭାପତି ଚିତ୍ତରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ଶାସନ ସଫଳତାର ବାର୍ତ୍ତା ବାଣ୍ଟିବା ସହ ପଞ୍ଚାୟତରେ ସଂଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ବରିଷ୍ଠ ନେତୃତ୍ୱ ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ୨୩ ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଉପଦେଷ୍ଟା ଭାବେ ଚିତ୍ତରଞ୍ଜନ ସେନାପତି, ଅଧ୍ୟକ୍ଷ ଭାବେ ପବିତ୍ର କୁମାର ପ୍ରଧାନ, ଉପାଧ୍ୟକ୍ଷ ଭାବେ ଚିନ୍ମୟ ପରିଜା, ସଞ୍ଜୟ ବାରିକ, କାହ୍ନୁ ଚରଣ ବେହେରା, ସଭ୍ୟଭାବେ ତୋଫାନ ପ୍ରଧାନ, ବିଚିତ୍ର ବେହେରା, ସଚିତ୍ର ସ୍ୱାଇଁ, ମହେନ୍ଦ୍ର ପ୍ରଧାନ, କାଳନ୍ଦୀ ପ୍ରଧାନ, ରତିକାନ୍ତ ନାୟକ, ଗଣେଶ ଜେନା, ମାନସ ସାହୁ, ବାପି ସାମଲ, ସହଦେବ ନାୟକ, ବାବୁ ଦାସ, ରାଜେନ୍ଦ୍ର ନନ୍ଦ, ଅଜୁ ଭୋଇ, ବିବେକାନନ୍ଦ ବେହେରା, ସଞ୍ଜୟ ବାରିକ, ରମେଶ ରଥ, ରତ୍ନାକର ପତି, ନୃସିଂହ ଓଝା, କୈଳାସ ପ୍ରଧାନ, ଗଙ୍ଗାଧର ରଥ, ବୈକୁଣ୍ଠ ସ୍ୱାଇଁ, ସଞ୍ଜୟ ପତି, ବିଭୁତି ନାୟକଙ୍କୁ ମନୋନୀତ କରାଯାଇଛି।



## ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ,୩।୬(ସମିସ): ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ ତିନିଦିନିଆ 'ବୋଟ୍ ଇଞ୍ଜିନ ତ୍ରୁଟି ସଂଶୋଧନ ଓ ରକ୍ଷଣାବେକ୍ଷଣ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡ଼ିଶା, କଟକ ଓ ବିଶାଖାପାଟଣାସ୍ଥିତ କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଓ ଇଞ୍ଜିନିୟରିଂ ପ୍ରଶିକ୍ଷଣ କେନ୍ଦ୍ରର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଗତ ସୋମବାର ଆରମ୍ଭ ହୋଇଥିବା ଏହି ବୈଷୟିକ ପ୍ରଶିକ୍ଷଣ ଶିବିରକୁ ମତ୍ସ୍ୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ଅସ୍ତରଙ୍ଗ, ଚନ୍ଦ୍ରଭାଗା, ପୁରୀ ଓ ବ୍ରହ୍ମଗିରି ସାମୁଦ୍ରିକ ୟୁନିଟ୍‌ର ୫୦ ଜଣ ଅଗ୍ରଣୀ ମତ୍ସ୍ୟଜୀବୀ ଅଂଶଗ୍ରହଣ କରି ସାମୁଦ୍ରିକ ମାଛଧରା ଡଙ୍ଗାରେ ଉପଯୋଗ ହେଉଥିବା ଇଞ୍ଜିନର ରକ୍ଷଣାବେକ୍ଷଣ ତଥା ତ୍ରୁଟି ସଂଶୋଧନ ଉପରେ ବୈଷୟିକ ଜ୍ଞାନ ଆହରଣ କରିଥିଲେ।

ପ୍ରକାଶଯୋଗ୍ୟ ଯେ, ସାମୁଦ୍ରିକ ମାଛ ଉତ୍ପାଦନ କ୍ଷେତ୍ରରେ ଡଙ୍ଗାରେ ଇଞ୍ଜିନ ସଂଯୋଗ କରାଯାଇ ଅଳ୍ପ ସମୟରେ ସମୁଦ୍ରକୁ ଯିବାଆସିବା ତଥା ମାଛ ଧରିବା କାର୍ଯ୍ୟକୁ ସହଜ କରାଯାଇଥାଏ। ମତ୍ସ୍ୟ ବିଭାଗ ପକ୍ଷରୁ ଇଞ୍ଜିନ ଯୋଗାଣ କ୍ଷେତ୍ରରେ ପ୍ରୋତ୍ସାହନ ପ୍ରଦାନର ମଧ୍ୟ ବ୍ୟବସ୍ଥା ରହିଛି। ଏହି ଉଦ୍‌ଯାପନୀ ସମାରୋହରେ ପୁରୀ ଜିଲ୍ଲା ଜୋନ୍ ଉପ ମତ୍ସ୍ୟ ନିର୍ଦ୍ଦେଶକ ନରସିଂହ ଚରଣ ମୁଣ୍ଡ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ପୁରୀ) ରମେଶ ଚନ୍ଦ୍ର ରାଉଳ, ପୂର୍ବତନ ଉପ ମତ୍ସ୍ୟ ନିର୍ଦ୍ଦେଶକ ପ୍ରକାଶ କୁମାର ତ୍ରିପାଠୀ, କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଓ ଇଞ୍ଜିନିୟରିଂ ପ୍ରଶିକ୍ଷଣ କେନ୍ଦ୍ର, ବିଶାଖାପାଟଣାର ପ୍ରଶିକ୍ଷକ ଟିଭିଏସ୍‌ବି ହରନାଥ ରାଓ ପ୍ରମୁଖ ଯୋଗଦେଇଥିଲେ। ଏହି ସଫଳ ତାଲିମ ଶିବିରରେ ଯୋଗଦେଇଥିବା ମତ୍ସ୍ୟଜୀବୀଙ୍କୁ ଶେଷରେ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଚେସ୍ ଖେଳିଲେ ଶତାଧିକ ଛାତ୍ରଛାତ୍ରୀ

ପୁରୀ,୩।୬(ସମିସ): ପିଲାଙ୍କ ଖବରକାଗଜ ଶିଶୁ ସମାଚାରର ଊନବିଂଶ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ରବିବାର ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ଚେସ୍ ପ୍ରଶିକ୍ଷକ ଶ୍ୟାମଲ କୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି ଚେସ୍ ଖେଳାଳି ପ୍ରତୀକ୍ ସିଂ ଏବଂ ଶିଶୁ ସମାଚାର ପରିବାରର ସଦସ୍ୟ ମନୋଜ କୁମାର ରଥ, ବିଜୟ କୁମାର ବ୍ରହ୍ମା ଓ ଅନାମ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଶିଶୁମାନଙ୍କ ଭିତରେ ଥିବା ଚେସ୍ ଖେଳର ମାନସିକତାକୁ ଶକ୍ତ କରିବା ସହ ଆଗକୁ ବଢ଼ିବାରେ ଶିଶୁ ସମାଚାରର ପ୍ରୟାସ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି କହିଥିଲେ। ଏହି ପ୍ରତିଯୋଗିତାକୁ ସର୍ବଶ୍ରୀ ଶ୍ରବଣ କୁମାର ପ୍ରଧାନ, ଅଶୋକ ନାୟକ, ସ୍ୱରାଜ ମହାନ୍ତି, ଓମ୍ ପ୍ରକାଶ ତ୍ରିପାଠୀ ପରିଚାଳନା କରିଥିଲେ। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ପୌର ସଦନରେ ଆସନ୍ତା ଅଗଷ୍ଟ ୮ ତାରିଖରେ ହେବାକୁ ଥିବା ସ୍ୱନକ୍ଷତ୍ର ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଆସନ୍ତା ରବିବାର ଦାମୋଦର ରୋଡ୍‌ସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ପରିବାର ସଦସ୍ୟ ଡ. ଶଶିକାନ୍ତ ରଥ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ପୁଞ୍ଜିବାଦୀ ବ୍ୟବସ୍ଥା ପ୍ରକୃତି ଉପରେ ଅତ୍ୟାଚାର କରୁଛି

ପୁରୀ,୩।୬(ସମିସ): ସମ୍ପ୍ରତି ପୁଞ୍ଜିବାଦୀ ବ୍ୟବସ୍ଥା କେବଳ ଯେ ମଣିଷକୁ ଶୋଷଣ କରୁଛି ତା' ନୁହେଁ, ଏହା ପ୍ରତି ମୁହୂର୍ତ୍ତରେ ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିଛି। ଜନଗଣଙ୍କର ବଞ୍ଚି ରହିବାର ସମସ୍ତ ଅଧିକାରକୁ ଏହା ଲୁଣ୍ଠନ କରି ଅନାହାର, ଅଶିକ୍ଷିତ, ବେରୋଜଗାରୀ, ଧର୍ମାନ୍ଧତା ଇତ୍ୟାଦି ନାନା ପ୍ରକାର ଜନବାଦୀ ବିକାଶ ବିରୋଧୀ ଶକ୍ତିକୁ ପ୍ରୋତ୍ସାହିତ କରୁଛି। ମାତ୍ର ଏ ସଙ୍କଟରୁ ମୁକ୍ତିର ମାର୍ଗ ୯୯ ଭାଗ ଲୋକଙ୍କ ପାଖରେ ରହିଛି ବୋଲି ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ର ତରଫରୁ ଆୟୋଜିତ ଆଲୋଚନାରେ ମତପ୍ରକାଶ ପାଇଛି। 'ସାମ୍ପ୍ରତିକ ଅର୍ଥନୈତିକ ଶୋଷଣ ଓ ସଙ୍କଟ' ଶୀର୍ଷକ ଆଲୋଚନାଚକ୍ରକୁ ସୁରେନ୍ଦ୍ର ତପସ୍ୱୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବଦତ୍ତ ବିଶ୍ୱରଞ୍ଜନ, ଶ୍ରୀମନ୍ତ ମହାନ୍ତି, ଦେବୀ ପ୍ରସନ୍ନ ରଥ, ସୁମିତ୍ରା ବାରିକ୍, ନବଘନ ମହାରଣା, ଦେବଦତ୍ତ ପ୍ରଧାନ, ମିଳନ ସାସମଲ, ଅମୂଲ୍ୟ ରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

## ରେଳଧାରଣାରୁ ଉଦ୍ଧାର ମହିଳାଙ୍କ ଶବ ବ୍ୟବଚ୍ଛେଦ

ପୁରୀ,୩।୬(ସମିସ): ମଙ୍ଗଳବାର ପୁରୀ ହୁଲୁହୁଲିଆ ପୋଲ ନିକଟ ୪୯୬/୧୯ ନମ୍ବର ଖୁଣ୍ଟି ନିକଟସ୍ଥ ରେଳଧାରଣାରୁ ମିଳିଥିବା ବୃଦ୍ଧାଙ୍କ ମୃତଦେହକୁ ପୁରୀ ଜିଆର୍‌ପି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନମ୍ବର ୧୪/୨୬) ରୁଜୁ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ବୃଦ୍ଧାଙ୍କର କୌଣସି ପରିଚୟ ନ ମିଳିବାରୁ ତାଙ୍କ ମୃତଦେହକୁ ୯୬ ଘଣ୍ଟା ପାଇଁ ସଂରକ୍ଷିତ ଅବସ୍ଥାରେ ରଖାଯାଇଛି। ତାଙ୍କର ବୟସ ଅନୁମାନ ୬୦ରୁ ୬୫ ବର୍ଷ ହେବ। ସବନା ରଙ୍ଗ ଓ ମାଧ୍ୟମ ଶରୀର। ଉଚ୍ଚତା ୫ ଫୁଟ୍। ମହିଳା ଜଣକ ଏକ ଗୋଲାପି ରଙ୍ଗର ନାଇଟି ପିନ୍ଧିଥିଲେ। ହୁଏତ ସେ କୌଣସି ଚଳନ୍ତା ରେଳ ଗାଡ଼ିରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିବାର ଅନୁମାନ କରାଯାଉଛି।

## ଅବନୀ ବରାଳ ସ୍ମୃତି ପାଠାଗାର ଉନ୍ମୋଚିତ



ନିମାପଡ଼ା,୩।୬(ସମିସ): ନିମାପଡ଼ାସ୍ଥିତ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ଏବଂ ବନମାଳୀ ବ୍ରହ୍ମଚାରୀ ସ୍ମୃତିନ୍ୟାସ ମଞ୍ଚ ଦ୍ୱାରା ଆୟୋଜିତ ଶିକ୍ଷକନେତା ଅବନୀ ବରାଳଙ୍କ ୯୨ତମ ଜୟନ୍ତୀ ଅବସରରେ ଅବନୀ ବରାଳ ସ୍ମୃତି ପାଠାଗାର ଉନ୍ମୋଚନ ହୋଇଯାଇଛି। ଏହି ସମାରୋହରେ ରାଜ୍ୟ ଆସୋସିଏସନ ସଭାପତି ଭାଗ୍ୟଧର ପ୍ରଧାନ ଓ ଜିଲ୍ଲା ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ନିମାପଡ଼ା ବ୍ଲକ୍‌ର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନିର୍ମଳ କୁମାର ମିଶ୍ର ଏବଂ ବ୍ରହ୍ମଗିରି ବ୍ଲକ୍‌ର ଶିକ୍ଷକନେତା ତଥା ଅବସରପ୍ରାପ୍ତ ଶିକ୍ଷକ କୈଳାଶ ଚନ୍ଦ୍ର ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନିମାପଡ଼ା ବନମାଳୀ ବ୍ରହ୍ମଚାରୀ ଭବନରେ ଏକ ପାଠାଗାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକନେତା ପ୍ରକାଶ ଚନ୍ଦ୍ର ଜେନା, ସୁବାସ ରଥ, ନିରଞ୍ଜନ ପାତ୍ର, ସାଧୁ ଚରଣ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ସୁଶାନ୍ତ ନାୟକ, ପଞ୍ଚାନନ ସ୍ୱାଇଁ, ତପନ ତ୍ରିପାଠୀ, ଅଶୋକ ରାୟ, କଲ୍ୟାଣୀ ନାୟକ, ସୁଧାଂଶୁ ଶେଖର ମହାପାତ୍ର, ଦେବାଶିଷ ପତି, ସୁକାନ୍ତ ଭୂୟାଁ, ସୁଧାଂଶୁ ନାୟକ, ବିରଞ୍ଚି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ପୁରୀ ଜିଲ୍ଲାର ଶତାଧିକ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକନେତା ମାଧବ ଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ବ୍ଲକ୍ ପରିସରରେ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟିତ




କାକଟପୁର,୩।୬(ସମିସ): ବହୁ ବର୍ଷ ପ୍ରତିକ୍ଷାର ଅନ୍ତ ଘଟାଇ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ସମୟରେ ଆରମ୍ଭ କରାଯାଇଥିବା ବ୍ଲକ୍ ପରିସରରେ ଏକ ସର୍ବସାଧାରଣଙ୍କ ଶୌଚାଳୟର ବୁଧବାର ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବର୍ତ୍ତମାନର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି କଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ରୀନା ନାୟକ ଓ କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ଶୌଚାଳୟଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଥିଲେ। ସ୍ୱଚ୍ଛତା ଓ ପରିବେଶ ଉପରେ ପ୍ରାଧାନ୍ୟ ଦେଇ ମଣ୍ଡଳ ଉନ୍ନୟନ ଅଧିକାରୀ କହିଥିଲେ କି ଆଗାମୀ ବର୍ଷା ଋତୁ ପୂର୍ବରୁ ବ୍ଲକ୍ ପରିସରରୁ ଅନାବଶ୍ୟକ ଗୁଳ୍ମଲତା ପରିଷ୍କାର କରାଯିବା ସହ ବ୍ଲକ୍ ପରିସରରେ ପରିବେଶକୁ ସୁହାଉଥିବା କେତେକ ଚାରାରୋପଣ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି। ବହୁ ଦୂରଦୂରାନ୍ତରୁ ଆସୁଥିବା ସର୍ବସାଧାରଣଙ୍କ ପାଇଁ ବ୍ଲକ୍ ପରିସରରେ ଏକ ଶୌଚାଳୟର ଆବଶ୍ୟକତାକୁ ଆମେ ପୂରଣ କରିଥିବା ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ଧଳଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରକୃତି ବନ୍ଧୁ ରତ୍ନାକରଙ୍କ ପରଲୋକ

ବ୍ରହ୍ମଗିରି,୩।୬(ସମିସ): ବ୍ରହ୍ମଗିରି ବ୍ଲକ୍ ବରୋକୁଦୀ ଗ୍ରାମର ପ୍ରକୃତି ବନ୍ଧୁ ରତ୍ନାକର ବେହେରାଙ୍କର ମଙ୍ଗଳବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ରତ୍ନାକର ପେସାରେ ମତ୍ସ୍ୟଜୀବୀ। ଚିଲିକାରେ ବହାଣ କରି ପରିବାର ପ୍ରତିପୋଷଣ କରନ୍ତି। ବେଶି କିଛି ପାଠ ପଢ଼ି ନ ଥିଲେ ମଧ୍ୟ ପରିବେଶ, ପ୍ରକୃତି, ବୃକ୍ଷଲତା, ଚିଲିକାକୁ ଭଲ ଭାବରେ ପଢ଼ିପାରିଥିଲେ। କହିବାକୁ ଗଲେ ପରିବେଶ, ପ୍ରକୃତି ପାଇଁ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ଚିଲିକା ଉପକୂଳରେ ଲୁଣା ପରିବେଶ ଏବଂ ମଇଁଷିଙ୍କ ଚଳପ୍ରଚଳ ହେତୁ ଗଛ ବଞ୍ଚାଇ ବଡ଼ କରିବା କାଠିକର ପାଠ। କିନ୍ତୁ ରତ୍ନାକର ଅନେକ ବରଗଛ ଲଗାଇ ପାଳନ କରି ବଡ଼ କରିଛନ୍ତି। ଏପରିକି ଚିଲିକା ଟାପୁରେ ବରଗଛ ଲଗାଇ ବଡ଼ କରିଛନ୍ତି। ଚିଲିକାର ଜୈବବିବିଧତାର ସୁରକ୍ଷା, ବିଦେଶୀ ବିହଙ୍ଗଙ୍କ ସୁରକ୍ଷା ଆଦି ପାଇଁ କାମ ଜାରି ରଖିଥିଲେ। ଗାଁ ଗାଁ ବୁଲି ବିଦେଶୀ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ବୁଝାଉଥିଲେ। ରାଜ୍ୟ ସରକାର ତାଙ୍କର କାମ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ। ସେ ମଧ୍ୟ ବଡ଼ବେଣାକୁଦୀ ମା' କାଳୀକା ଦଣ୍ଡ ନୃତ୍ୟର ସେ ଗୁରୁ ଥିଲେ। ଚିଲିକା ଉପକୂଳ ଅଞ୍ଚଳରେ ଜଣେ ପରିବେଶ ଯୋଦ୍ଧାକୁ ହରାଇଥିବାରୁ ପରିବେଶ ପ୍ରେମୀ କାଶୀନାଥ ନାୟକ ଦୁଃଖ ପ୍ରକାଶ କରିଛନ୍ତି।



## ଛିଣ୍ଡା ପାଲ ତଳେ ଉଲ୍ଲାସଙ୍କ ସଂସାର | ଆବାସ ଯୋଜନା ସାତସପନ

ସାକ୍ଷୀଗୋପାଳ,୩।୬(ସମିସ)

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ପଞ୍ଚାୟତ ୫ ନମ୍ବର ୱାର୍ଡର ଉଲ୍ଲାସ ସେଠୀଙ୍କ ନିମନ୍ତେ ସରକାରୀ ଯୋଜନା ଓ ସହାୟତା ସାତସପନ ପାଲଟିଛି। ୫ ପ୍ରାଣୀ କୁଟୁମ୍ବଙ୍କ ସହିତ ଛିଣ୍ଡା ଜରିପାଲ ତଳେ କାଳାତିପାତ କରୁଛନ୍ତି। ସରକାରୀ ଯୋଜନାର ରଙ୍ଗୀନ ପୋଷ୍ଟର ଓ ବର୍ଣ୍ଣାଢ୍ୟ ଆୟୋଜନ ଭିତରେ କେଉଁଠି ନା କେଉଁଠି ଲୁଚିଯାଉଛି ଜଣେ ଗରିବର ଲୁହ। ଯେତେବେଳେ ପ୍ରଶାସନିକ ବାବୁ ଓ ନେତାମାନେ ମୁଷ୍ଟିମେୟ ଲୋକଙ୍କୁ ସରକାରୀ ସୁବିଧା ବାଣ୍ଟି କ୍ୟାମେରା ଆଗରେ ବାହାବା ନେଉଛନ୍ତି, ଠିକ୍ ସେତିକିବେଳେ ସତ୍ୟବାଦୀ ବ୍ଲକ୍ ବୀରରାମଚନ୍ଦ୍ରପୁର ପଞ୍ଚାୟତର ୱାର୍ଡ ନମ୍ବର ୫ରୁ ଆସିଛି ଏଭଳି ଏକ ହୃଦୟବିଦାରକ ଚିତ୍ର। ଗତ ୬ ବର୍ଷ ହେଲା ଏକ ଛିଣ୍ଡା ପାଲ ତଳେ ୫ ପ୍ରାଣୀଙ୍କୁ ଧରି ତିଳତିଳ ହୋଇ ଜଳୁଛନ୍ତି ଉଲ୍ଲାସ ସେଠୀ।



ସରକାରୀ ସ୍ୱପ୍ନ ଓ ବାସ୍ତବତାର ଜଟିଳତା ଭିତରେ ଅହରହ ଧନ୍ଦି ହେଉଛନ୍ତି ସେ। ପରିବାର କହିଲେ, ମାନସିକ ବିକାରଗ୍ରସ୍ତ ସ୍ତ୍ରୀ ଓ ଚାରୋଟି ନିଷ୍ପାପ ଶିଶୁ। ଦିନ ମଜୁରିଆ ଭାବେ ଯାହା ମିଳେ, ସେଥିରେ ପେଟକୁ ଦାନା ମୁଠେ ଯୋଗାଇବା ବି ତାଙ୍କ ପାଇଁ ଏକ ଯୁଦ୍ଧ ଜିତିବା ସଦୃଶ। ଏପରି ସ୍ଥିତିରେ ଘର ଖଣ୍ଡେ କରିବା ତାଙ୍କ ପାଇଁ ସାତସପନ। ଅସରାଏ ବର୍ଷା ହେଲେ ପିଲା ଛୁଆ ଧରି ବାରଦୁଆର ହେବାକୁ ପଡ଼େ। ଆଶ୍ଚର୍ଯ୍ୟର କଥା ଆଜିର ଏ ଡିଜିଟାଲ ଯୁଗରେ ତାଙ୍କ ପାଖେ ନା ଅଛି ରାସନ କାର୍ଡ ନା ଅଛି ଅନ୍ତ୍ୟୋଦୟ କାର୍ଡ। ସତେ ଯେମିତି ସରକାରୀ ଖାତାରେ ଉଲ୍ଲାସଙ୍କ ପରିବାରର କୌଣସି ଅସ୍ତିତ୍ୱ ନାହିଁ। ଉଲ୍ଲାସଙ୍କ ଏହି ଅବସ୍ଥା ପାଇଁ ଦାୟୀ କିଏ? ପ୍ରଶାସନିକ ଅଧିକାରୀ, ୱାର୍ଡ ସଭ୍ୟ, ସରପଞ୍ଚ ନା ପଞ୍ଚାୟତସ୍ତରୀୟ ସରକାରୀ ବାବୁମାନେ? କାରଣ ଉଲ୍ଲାସ କୌଣସି ଦୁର୍ଗମ ବା ଉପାନ୍ତ ଅଞ୍ଚଳରେ ରୁହନ୍ତି ନାହିଁ। ସାକ୍ଷୀଗୋପାଳ ବଜାର ସଂଲଗ୍ନ ବୀରରାମଚନ୍ଦ୍ରପୁର ଶାସନ ଗ୍ରାମରେ ତାଙ୍କ ଘର। ପଞ୍ଚାୟତ କାର୍ଯ୍ୟାଳୟର ଅନତୀ ଦୂରରେ ତାଙ୍କ ଘର। ହେଲେ ସରପଞ୍ଚଙ୍କଠାରୁ ଆରମ୍ଭ କରି ୱାର୍ଡ ମେମ୍ବର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଜିଆର୍‌ଏସ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରି କରି ଉଲ୍ଲାସ ଏବେ କ୍ଲାନ୍ତ। ନିକଟରେ ଆବାସ ପାଇଁ ସତ୍ୟବାଦୀ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଉଲ୍ଲାସ।

ନାଗରିକ ଅଧିକାର ସୁରକ୍ଷିତ କରିବାର ସବୁଠାରୁ ଶକ୍ତିଶାଳୀ ବ୍ୟବସ୍ଥା ହେଉଛି ପଲ୍ଲୀସଭା। କିନ୍ତୁ ଅଧିକାରୀମାନେ କାର୍ଯ୍ୟକାରୀ ନ କରିବା ଯୋଗୁଁ ପ୍ରକୃତ ହିତାଧିକାରୀ ସେମାନଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କହିଛନ୍ତି। "ମୁଁ ଆଉ କାହା ପାଖକୁ ଯିବି? ସମସ୍ତେ ତ ଦେଖୁଛନ୍ତି, ହେଲେ କେହି ଶୁଣୁନାହାନ୍ତି। କ'ଣ ଆମ ଭଳି ଗରିବଙ୍କ ପାଇଁ ସରକାରୀ ଯୋଜନା ନାହିଁ?' ବ୍ୟବସ୍ଥାକୁ ଏମିତି କିଛି ପ୍ରଶ୍ନ କରିଛନ୍ତି ଉଲ୍ଲାସ। ଏ ସମ୍ପର୍କରେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକଙ୍କୁ ପଚାରିବାରୁ, ଉଲ୍ଲାସ ସେଠୀଙ୍କ ସମ୍ପର୍କରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବାସ ପାଇବା ନିମନ୍ତେ ରହିଥିବା ସରକାରୀ ମାନଦଣ୍ଡ ଅନୁସାରେ ବାସଗୃହ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ୨୪ଟି ପଞ୍ଚାୟତରେ କୌଣସି କାରଣରୁ ରହିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକା କରିବା ନିମନ୍ତେ ସମସ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ଦେଇଥିଲେ।

● ଜବରଦଖଲକାରୀଙ୍କ କବଳରେ ଭିଟାମାଟି

## ୫ ଅନାଥ ଭଉଣୀଙ୍କୁ ମିଳୁନି ନ୍ୟାୟ; ଜିଲ୍ଲାପାଳଙ୍କୁ ଫେରାଦ



ବାରିପଦା,୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅଧୀନ କାଶିଝରଣ ଗ୍ରାମର ବାପମାଆ ଛେଉଣ୍ଡ ୫ ଅନାଥ ଭଉଣୀ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ତାଙ୍କ ପିତାଙ୍କ ଭିଟାମାଟି ସମ୍ପତିକୁ ଗ୍ରାମର ଜଣେ ବ୍ୟକ୍ତି ଲୋକମାନଙ୍କୁ ନିଶାଦ୍ରବ୍ୟ ଦେଇ ଜବରଦଖଲ କରିବାରେ ଲାଗିଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରିକି ଉଦଳାଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ପରିବାରର ସମସ୍ତ ଅନାଥ ଝିଅମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୁନର୍ବାର ଅଭିଯୋଗ କରିଛନ୍ତି। ତହସିଲଦାର ସରଜମିନ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବିରେ ଗୁହାରୀ କରିଛନ୍ତି।

ସୂଚନାଯୋଗ୍ୟ, ୭ବର୍ଷ ପୂର୍ବେ ଡୁବୁରାଏ ସିଂ ଓ ମାଆ ଚାନ୍ଦୁ ସିଂ ମୃତ୍ୟୁ ବରଣ କରିଥିଲେ। ତାଙ୍କ ଔରସରୁ ଜାତ ୫କନ୍ୟା ଏବେ ଅବହେଳିତ ଅବସ୍ଥାରେ ରହିଛନ୍ତି। ସାନ ୩ଭଉଣୀ ପୁରୀ ଜିଲାର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ବଡ଼ଝିଅ ସୁଷମା(୨୪)ର ୫ ବର୍ଷ ପୂର୍ବେ ବାହାଘର ହୋଇସାରିଛି। ଝିଅ ରୁକ୍ମଣୀ(୧୭) ଶରତ ପଞ୍ଚାୟତ ସରପଞ୍ଚଙ୍କ ଘରେ ଆଶ୍ରୟ ନେଉଥିବା ବେଳେ ଝିଅ ଗୁରୁବାରୀ (୨୩), ଦୁଲି(୧୫) ଓ ମାଦୁଇ (୧୨) ଅନାଥ ଆଶ୍ରମରେ ରହୁଛନ୍ତି। ଅନ୍ୟର ସାହାରାରେ ଜୀବନ ଧାରଣ କରୁଛନ୍ତି। ବାପାମାଆଙ୍କ ଅନ୍ତେ ୩ଝିଅଙ୍କୁ ଅନାଥ ଆଶ୍ରମରେ ଆଶ୍ରୟ ମିଳିଥିବା ବେଳେ ଝିଅ ଜିଙ୍ଗି (୨୦) ଏବେ ସମ୍ପର୍କୀୟ ଜେଜେମାଆଙ୍କ ହାତଟେକାକୁ ଚାହିଁ ରହିଛନ୍ତି। ପାଠପଢ଼ାରେ ସମସ୍ତଙ୍କ ଡୋରି ଲାଗିଥିବା ବେଳେ ପେଟକୁ ଦାନା ପାଇଁ ପରଉପରେ ନିର୍ଭରଶୀଳ ହୋଇଛନ୍ତି। ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିନଥିବାରୁ ପରପିଣ୍ଡାରେ ଜୀବନଯାପନ କରୁଛନ୍ତି। ଏହାର ସୁଯୋଗ ନେଇ ଗ୍ରାମର ବାମିଆ ସିଂ(୫୮) କିଛି ଅସାମାଜିକ ବ୍ୟକ୍ତିଙ୍କୁ ହାଣ୍ଡିଆ, ମଦ ଓ ମାଂସ ଖୁଆଇ ପୈତୃକ ସମ୍ପତିକୁ ବାଡ଼ ଘେରି ଜବରଦଖଲ କରିବାରେ ଲାଗିଛନ୍ତି ବୋଲି ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ବିରୋଧ କରିବାରୁ ସେମାନେ ନାଲି ଆଖି ଦେଖାଇ ଧମକଚମକ ଦେଉଛନ୍ତି। ବେସାହାରା ଝିଅମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗାଁ ଲୋକେ କିମ୍ବା ଆତ୍ମୀୟମାନେ ଅସହଯୋଗ କରୁଛନ୍ତି। ଏପରିକି ଉକ୍ତ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୟୁନିକ ନଂ ସିବିୟୁଡି-୨୭୧୦୨୫୦୦୦୯ରେ ଅଭିଯୋଗ କରିଛନ୍ତି। ଥାନା ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେବେ ଅନାଥ ଶିଶୁମାନେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିପଦରେ ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତୀ ଗ୍ରାମ

ବାଲେଶ୍ୱର(ଉତ୍ତର), ୩।୬ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତି ଗ୍ରାମ ବାଉଁଶଖଣା, ଖଳାବାଡ଼ିଆ ଗାଁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ନଦୀ ବନ୍ଧରୁ ଅତଡ଼ା ଖସିବା ଫଳରେ ଗାଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଉ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏବେ ଠାରୁ ଏହାର ପ୍ରତିକାର ବ୍ୟବସ୍ଥା ନ କଲେ ଆଗକୁ ଅବସ୍ଥା ସାଙ୍ଘାତିକ ହେବ। ଗତବର୍ଷ ଜୁନ୍ ଦ୍ୱିତୀୟ ସପ୍ତାହରେ ସୁବର୍ଣ୍ଣରେଖାରେ ବଡ଼ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଚଳିତ ବର୍ଷ ଆଗୁଆ ସତର୍କତା ଅବଲମ୍ବନ ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଜଳସମ୍ପଦ ବିଭାଗକୁ ଚେତାବନୀ ଦେଇଥିଲେ। ତେଣୁ ଆଜି ଜଳସଂପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ବିକ୍ରମ ମଲ୍ଲିକଙ୍କ ସହିତ ଏସଡିଓ ସତ୍ୟ ସୁନ୍ଦର ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ପ୍ରମଥ ଦେ ଓ ଡକ୍ଟର ସିଂ ପ୍ରମୁଖ ସହ ଏକ ଟିମ୍ ସୁବର୍ଣ୍ଣରେଖା ନଦୀ ତଟରେ ବିପଦସଂକୁଳ ଅବସ୍ଥାରେ ଥିବା ବାଉଁଶଖଣା, ଖଳାବାଡ଼ିଆ ଆଦି ଗାଁ କୁ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜଣା ପଡ଼ିଛି। ଏହି ଟିମ୍ ସହିତ ବିଧାୟକ ଶ୍ରୀ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଏବଂ ସ୍ଥାନୀୟ ଜନ ପ୍ରତିନିଧି ମାନେ ଉପସ୍ଥିତ ରହି ଜଳସମ୍ପଦ ବିଭାଗୀୟ ଯନ୍ତ୍ରୀ ମାନଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ପନ୍ତେଇ ପୋଲ ନିକଟରେ ନଦୀବନ୍ଧ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ବାଉଁଶଖଣା ଗାଁକୁ ବଡ଼ ବିପଦ ସୃଷ୍ଟି କରିଛି। ତେଣୁ ଏଠାରେ ତୁରନ୍ତ ଅସ୍ଥାୟୀ ବନ୍ଧ ନିର୍ମାଣ ପାଇଁ ଆଜିର ଆଲୋଚନାରେ ନିଷ୍ପତ୍ତି ହୋଇଥିଲା। ଏଥି ସହିତ ପନ୍ତେଇ ପୋଲ ନିର୍ମାଣ କରୁଥିବା ଏଲ୍ ଏନ୍ ଟି ସଂସ୍ଥାକୁ ତୁରନ୍ତ ନଦୀ ଗର୍ଭରୁ ଲୁହା ପ୍ଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

**ସ୍ଥିତି ଅନୁଧ୍ୟାନ କଲେ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ**

## ଦାଦାବଟି ଆଦାୟ ନେଇ ସଂଘବଦ୍ଧ ଆକ୍ରମଣ





ବାଲେଶ୍ୱର, ୩।୬ (ସମିସ): ଚାନ୍ଦିପୁର ଥାନା ଗୁଡିପାହିରେ ଦାଦାବଟି ଆଦାୟ ନେଇ ଗୋଟିଏ ପରିବାର ଉପରେ ଆଜି ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ ହେଇଛି। ଦୁର୍ବୃତ୍ତମାନେ ଘରର ସିସିଟିଭି ଭାଙ୍ଗିବା ସହ କବାଟ ଓ ଝରକା ମଧ ଭାଙ୍ଗିଛନ୍ତି। ପରେ ସେମାନେ ଘରକୁ ଭିତରକୁ ପଶିବାକୁ ଉଦ୍ୟମ ବେଳେ ଗ୍ରାମବାସୀ ପହଞ୍ଚିଯିବାରୁ ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ଆଜି ସନ୍ଧ୍ୟା ସମୟରେ ପ୍ରାୟ ୭ଜଣରୁ ଅଧିକ ଦୁର୍ବୃତ୍ତ ହାତରେ ଖଣ୍ଡା ଓ ତେଲେଙ୍ଗା କଟୁରି ଧରି ଗୁଡୁପାହି ଅଞ୍ଚଳର ଅନନ୍ତ ପାତ୍ରଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ଘରେ ପଶିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ଘରର ସିସିଟିଭି ସହ କବାଟ ଓ ଝରକା ଭାଙ୍ଗିଥିଲେ। ଗ୍ରୀଲଭାଙ୍ଗି ଘର ଭିତରକୁ ପ୍ରବେଶ କରିବା ସମୟରେ ଗ୍ରାମବାସୀ ପହଞ୍ଚିଯିବାରୁ ସେହି ସ୍ଥାନ ଛାଡି ଦୌଡି ପଳାଇଥିଲେ। ଏ ନେଇ ଗ୍ରାମବାସୀ ଚାନ୍ଦିପୁର ଥାନାକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଆକ୍ରମଣ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ଅନୁମାନ କରାଯାଉଛି।

## ଭୁଜାଲି ଦେଖାଇ ୫ ଲକ୍ଷ ଟଙ୍କାର ଗହଣା ଲୁଟ୍

କୁଆମରା,୩।୬(ସମିସ): ଆଜି ସ୍ୱଷ୍ଟ ଦିବାଲୋକରେ ନିଛାଟିଆ ଜଙ୍ଗଲ ରାସ୍ତାରେ ଜଣେ ଗହଣା ବ୍ୟବସାୟୀଙ୍କୁ ଭୁଜାଲି ଦେଖାଇ ଦୁର୍ବୃତ୍ତମାନେ ପ୍ରାୟ ପାଞ୍ଚ ଲକ୍ଷ ଟଙ୍କାର ଗହଣା ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ଗ୍ରାମର ସୁରଥ କୁମାର ସାହୁ ନାମକ ଜଣେ ଗହଣା ବ୍ୟବସାୟୀ ଆଜି ସକାଳ ୧୦ ଟା ସମୟରେ ବାଇକ୍ ଡିକିରେ ଗହଣା ରଖି ଗାଁକୁ ବିକ୍ରି କରିବାକୁ ଯାଉଥିବା ବେଳେ ପୁରୁଣା ବାରିପଦା ଆଇଟିଆଇ-ପଟୁଆ ରାସ୍ତାର ନିଛାଟିଆ ଜଙ୍ଗଲ ସ୍ଥାନରେ ଏକ କଳା ପଲସରରେ ତିନି ଜଣ ଅଚିହ୍ନା ଯୁବକ ପହଞ୍ଚି ତାଙ୍କୁ ଅଟକାଇ ଭୁଜାଲି ଦେଖାଇଥିଲେ। ଶ୍ରୀ ସାହୁ ଜୀବନ ବଞ୍ଚାଇବାକୁ ଯାଇ ବାଇକ୍ ଛାଡ଼ି ଦୌଡ଼ି ପଳାଇଥିବାବେଳେ ଦୁର୍ବୃତ୍ତମାନେ



ଡିକି ଭାଙ୍ଗି ଗହଣା ବ୍ୟାଗ ଧରି ଚମ୍ପଟ ମାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିବା ବେଳେ ଆଉ ଦୁଇଜଣ ମୁହଁରେ ଗାମୁଛା ବାନ୍ଧିଥିବା ସୁରଥ କହିଛନ୍ତି। ଲୁଟ୍ ପରେ ସେମାନେ ସିକିଡ଼ିଆ-ବଡ଼ସାହି ରାସ୍ତାରେ ଚାଲି ଯାଇଥିଲେ। ଖବର ପାଇ ଖୁଣ୍ଟା ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପ୍ରମୁଖ ପହଞ୍ଚି ଅନୁସନ୍ଧାନ ଜାରି ରଖିଥିଲେ ମଧ ସେମାନଙ୍କ ଟେର୍ ପାଇ ପାରି ନଥିଲେ। ତେବେ ଶ୍ରୀ ସାହୁଙ୍କ ଅଭିଯୋଗ କ୍ରମେ ୧୪୬/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

## ୨୦ ଦିନ ପରେ ନିଖୋଜ ନାବାଳିକା ଉଦ୍ଧାର

କରଞ୍ଜିଆ, ୩।୬(ସମିସ): ଦୀର୍ଘ ୨୦ ଦିନର ପ୍ରତୀକ୍ଷା, ଚିନ୍ତା ଓ ଆଶଙ୍କାର ଅବସାନ ଘଟିଛି। ଗତ ମେ ୧୪ ତାରିଖରୁ ନିଖୋଜ ଥିବା ନାବାଳିକାଙ୍କୁ ଶେଷରେ ଉଦ୍ଧାର କରିବାରେ ସଫଳ ହୋଇଛି କରଞ୍ଜିଆ ପୁଲିସ। ଏହି ଘଟଣା ପରିବାର ସଦସ୍ୟଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଥିବା ବେଳେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ମେ ୨୩ ତାରିଖରେ ଝିଅର ସନ୍ଧାନ ନପାଇ ଦୁଃଖରେ ଭାଙ୍ଗି ପଡ଼ିଥିବା ପିତା ରାଧେଶ୍ୟାମ ପାତ୍ର କରଞ୍ଜିଆସ୍ଥିତ 'ସକାଳ' ପ୍ରତିନିଧିଙ୍କ ପାଖରେ ପହଞ୍ଚି ନିଜ ଝିଅ ନିଖୋଜ ହୋଇଥିବା ସମ୍ପର୍କରେ ଜଣାଇଥିଲେ। ସେ କହିଥିଲେ ଯେ, ମେ ୧୪ ତାରିଖରୁ ଝିଅର କୌଣସି ଖୋଜଖବର ମିଳୁନାହିଁ। ପରିବାର, ଆତ୍ମୀୟସ୍ୱଜନ ଓ ପରିଚିତମାନଙ୍କ ସହଯୋଗରେ ଖୋଜାଖୋଜି କରି ବିଫଳ ହେବା ପରେ ମେ ୧୫ ତାରିଖରେ ସେ କରଞ୍ଜିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ପିତାଙ୍କ ଅଭିଯୋଗ ଅନୁସାରେ, ସେହି ସମୟରେ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଅନୁପସ୍ଥିତ ଥିବାରୁ ଅନ୍ୟ ଅଧିକାରୀମାନେ ପ୍ରାଥମିକ ତଦନ୍ତ କରିଥିଲେ ମଧ କୌଣସି ସୁରାକ ପାଇନଥିଲେ। ଫଳରେ ଘଟଣାଟି ଗୁରୁତ୍ୱ ପାଇନଥିବା ସେ ଦାବି କରିଥିଲେ। ପରେ ନିରାଶ ହୋଇ ରାଧେଶ୍ୟାମ ପାତ୍ର ସମସ୍ତ ତଥ୍ୟ ଓ ପ୍ରମାଣ ସହ 'ସକାଳ'ର କରଞ୍ଜିଆ ଉପଖଣ୍ଡ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିଥିଲେ। ଗଣମାଧମରେ ସେ ନିଜ ଝିଅଙ୍କ ନିଖୋଜ ଘଟଣାକୁ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଶାବାସୀଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ। ପରେ ନାବାଳିକାଙ୍କ ସମ୍ପର୍କରେ କିଛି ସୁରାକ ମିଳିଥିଲା। ସେହି ପ୍ରମାଣଗୁଡ଼ିକର ବିଶ୍ଳେଷଣ ପରେ ଦିବ୍ୟ ରଞ୍ଜନ ପତି ଏବଂ ଅଙ୍କିତା ପତି ରାଧେଶ୍ୟାମ ପାତ୍ରଙ୍କ ସହ କରଞ୍ଜିଆ ଥାନାକୁ ଯାଇ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ସମସ୍ତ ତଥ୍ୟ ଓ ସମ୍ଭାବ୍ୟ ଅଭିଯୁକ୍ତ ସମ୍ପର୍କରେ ଅବଗତ କରାଇଥିଲେ। ଜଣାପଡ଼ିଥିଲା ଯେ, ନାବାଳିକା ଓ ସନ୍ଦିଗ୍ଧ ଯୁବକ ଉଭୟେ ଏକେ ବିଦ୍ୟାଳୟ ବିକାଶ କନଭେଣ୍ଟର ଛାତ୍ରଛାତ୍ରୀ ଥିଲେ ଏବଂ ଅନ୍ୱେଷା ଆବାସିକ ଛାତ୍ରାବାସ ସହ ଜଡ଼ିତ ଥିଲେ। ମିଳିଥିବା ପ୍ରମାଣ, ଫଟୋ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ଥାନା ଅଧିକାରୀ ତୁରନ୍ତ ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ଏବଂ ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ପରିବାରକୁ ଆଶ୍ୱାସନା ଦେଇଥିଲେ। ଶେଷରେ ଗତକାଲି ବିଳମ୍ବିତ ରାତିରେ ଥାନା ଅଧିକାରୀ ଶ୍ରୀ ପ୍ରଧାନ ଓ ତାଙ୍କ ଟିମ୍ ଠାକୁରମୁଣ୍ଡା ଅଞ୍ଚଳର ଏକ ଗ୍ରାମରେ ଚଢ଼ଉ କରି ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

**କର୍ତ୍ତବ୍ୟରେ ଅବହେଳା ଓ ଶୃଙ୍ଖଳାଗତ ତ୍ରୁଟି**

# ବଡ଼ସାହି ବିଡିଓଙ୍କୁ ନିଲମ୍ବନ ନିର୍ଦ୍ଦେଶ

ବାରିପଦା,୩।୬(ସମିସ):



ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ତଥା ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସ୍ମୃତିମୟୀ ବନଜା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଚରମ ଅବହେଳା, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା ଏବଂ ଶୃଙ୍ଖଳାଗତ ତ୍ରୁଟି ଅଭିଯୋଗରେ ତାଙ୍କୁ ତୁରନ୍ତ ସରକାରୀ ସେବାରୁ ନିଲମ୍ବନ (ସସ୍‌ପେଣ୍ଡ) କରିବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ଏସ୍. ଗୋପାଳନ ଚିଠି ଲେଖି ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସ୍‌ଆଇଆର୍-୨୦୨୬) କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଗତ ମେ' ୨୩ ତାରିଖରେ ଆୟୋଜିତ ଭର୍ଚୁଆଲ୍ ଟ୍ରେନିଂରେ ଶ୍ରୀମତୀ ଦାସ ଅନୁପସ୍ଥିତ ଥିଲେ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲେ ମଧ ସେ କୌଣସି ଜବାବ ଦେଇନଥିଲେ। ଯାହା ତାଙ୍କର ସରକାରୀ ନିୟମ ପ୍ରତି ଉଦାସୀନତାକୁ ଦର୍ଶାଉଛି। ଏହାଛଡ଼ା ମେ' ୨୬ ଓ ୨୭ ତାରିଖରେ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବାରେ ସେ ବିଫଳ ହେବା ସହ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ନିଜ ମନମୁଖୀ ଭାବେ ଏହି କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦେଇଥିଲେ। କେବଳ ସେତିକି ନୁହେଁ, ମେ' ୨୫ ଓ ୨୬ ତାରିଖରେ ଛୁଟି ଆରମ୍ଭ ଦିନ ହିଁ ସେ କାଜୁଆଲ ଲିଭ୍ (ସିଏଲ) ପାଇଁ ଆବେଦନ କରିଥିଲେ ଏବଂ ମେ' ୨୮ ତାରିଖରେ ବିନା କୌଣସି ପୂର୍ବ ସୂଚନାରେ କାର୍ଯ୍ୟରୁ ଅନୁପସ୍ଥିତ ରହିଥିଲେ। ଯାହା ପ୍ରଶାସନିକ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ। ତାଙ୍କର ଏଭଳି ବାରମ୍ବାର ଅନୁପସ୍ଥିତି ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ବଡ଼ସାହି ବ୍ଲକ୍‌ରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଜଣେ ଦାୟିତ୍ୱବାନ ସରକାରୀ ଅଧିକାରୀ ଭାବେ ନିଜ କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ ନ କରିବା ଏବଂ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି, ୧୯୫୯ ର ଉଲ୍ଲଂଘନ କରିଥିବା ଯୋଗୁଁ ତାଙ୍କୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ସିସିଏଣ୍ଡଏ) ରୁଲ୍ସ, ୧୯୨ ଅନୁଯାୟୀ ତୁରନ୍ତ ନିଲମ୍ବନ କରିବାକୁ ଏହି ଚିଠିରେ ସ୍ପଷ୍ଟ କରାଯାଇଛି।

## କଳାବ୍ୟାଜ୍ ପିନ୍ଧି ଟ୍ରେଜେରି କର୍ମଚାରୀଙ୍କ ପ୍ରତିବାଦ

ଉଦଳା,୩।୬(ସମିସ): ଯାଜପୁର ଟ୍ରେଜେରି କାର୍ଯ୍ୟାଳୟରେ ବରିଷ୍ଠ ସହାୟକ ବ୍ରହ୍ମାନନ୍ଦ ନାଥ ଶର୍ମାଙ୍କୁ କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର ଆକ୍ରମଣ କରିବା ଘଟଣାକୁ ନେଇ ଉଠିଛି ପ୍ରତିବାଦର ସ୍ୱର। ଆକ୍ରମଣକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ସମସ୍ତ ଟ୍ରେଜେରି କାର୍ଯ୍ୟାଳୟ କର୍ମଚାରୀ ଏହି ପ୍ରତିବାଦ କରିଛନ୍ତି। କର୍ମଚାରୀ ମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହିଭଳି କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ଏବଂ ୭ ଦିନ ଭିତରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ସଂଘ ଦାବି ଅନୁସାରେ କୋଷାଗାର ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ଅପସାରଣ କରିବାକୁ ଦାବି କରାଯାଇଛି। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି ସଂଘର ସଭାପତି।




## ମୋରମ ଚାଲାଣ ବେଳେ ହାଇୱା ଜବତ

ରାଇରଙ୍ଗପୁର/କରଞ୍ଜିଆ,୩।୬(ସମିସ): ବେଆଇନ ଲଘୁ ଖଣିଜ କେନ୍ଦୁଝର ଜିଲ୍ଲାକୁ ଚୋରା ଚାଲାଣ ବେଳେ କରଞ୍ଜିଆ ଥାନା ପୁଲିସ ଦ୍ୱାରା ହାଇୱା ଜବତ କରାଯାଇଛି। ବେଆଇନ ଭାବେ ମୋରମ ଚୋରା ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏକ ଟିମ ଚଢ଼ାଉ କରିଥିଲେ। କରଞ୍ଜିଆରୁ ବେଆଇନ ଭାବେ ଉତ୍ତୋଳନ କରି ଯାଉଥିବା ବେଳେ ଜାତୀୟ ରାଜପଥ ନମ୍ବର ୨୨୦ରେ ଅଟକାଇବାକୁ ପ୍ରଚେଷ୍ଟା କରିଥିଲେ। ପୁଲିସକୁ ଚକମା ଦେଇ ହାଇୱା ଚମ୍ପଟ ମାରିଥିଲା। ପୁଲିସ ପିଛା କରି ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। କୌଣସି କାଗଜପତ୍ର ନଥିବା ବେଳେ କେନ୍ଦୁଝର ଜିଲ୍ଲାକୁ ବେଆଇନ ଭାବେ ମୋରମ ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଗାଡ଼ି ଚାଳକକୁ ଗିରଫ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ପୁଲିସ ପକ୍ଷରୁ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଭୋଗରାଇରେ ବିଜେପିର ସାମ୍ବାଦିକ ସମ୍ମିଳନୀ

# ଧାନକିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଦାବି

ଚନ୍ଦନେଶ୍ୱର, ୩।୬ (ସମିସ)




ଭୋଗରାଇ ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଧାନ କିଣା ପ୍ରକ୍ରିୟାକୁ ନେଇ ରାଜନୈତିକ ତର୍ଜମା ଜୋର ଧରିଥିବା ବେଳେ ଆଜି ଦେହୁର୍ଦାସ୍ଥିତ ବିଜେପି କାର୍ଯ୍ୟାଳୟରେ ଭୋଗରାଇ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ବିଜେପି ନେତା ଆଶିଷ ପାତ୍ର ଧାନ କିଣା ବ୍ୟବସ୍ଥାରେ ହୋଇଥିବା ଅନିୟମିତତା, ଚାଷୀ ପଞ୍ଜୀକରଣରେ ତ୍ରୁଟି ଓ ବିରୋଧୀ ଦଳର ଅଭିଯୋଗକୁ ନେଇ ବିସ୍ତୃତ ମତ ରଖିଥିଲେ। ଶ୍ରୀ ପାତ୍ର କହିଥିଲେ ଯେ, ଭୋଗରାଇର ୧୯ଟି ସେବା ସମବାୟ ସମିତି ମଧ୍ୟରୁ ୧୮ଟି ସମିତିରେ ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ରହିଥିବା ସହ ପିଟି (ପେପର ଟ୍ରାନ୍ଜାକ୍ସନ) ମାଧ୍ୟମରେ କାରବାର ହୋଇଥିବା ଅଭିଯୋଗ ଆସିଛି। ଏହା ଦ୍ୱାରା ପ୍ରକୃତ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ କେତେକ ବ୍ୟକ୍ତି ଓ ଗୋଷ୍ଠୀ ଅବୈଧ ଭାବେ ଲାଭବାନ ହେଉଛନ୍ତି। ଏହି ବ୍ଲକରେ ଅନେକ ସମବାୟ ସମିତି ଗୁଡ଼ିକରେ ବହୁ ସଂଖ୍ୟକ ଚାଷୀଙ୍କ ପଞ୍ଜୀକରଣ ହୋଇନାହିଁ। ଏହା ଫଳରେ ପ୍ରକୃତ ଚାଷୀମାନେ ଧାନ ବିକ୍ରୟ ସୁଯୋଗରୁ ବଞ୍ଚିତ ହେଉଛନ୍ତି ଏବଂ ସରକାରୀ ସୁବିଧା ପାଇବାରେ ସମସ୍ୟା ଭୋଗୁଛନ୍ତି। ସମ୍ପ୍ରତି ଭୋଗରାଇ କଂଗ୍ରେସ ନେତା ତଥା ଜିଲ୍ଲା ସଭାପତି ସତ୍ୟଶିବ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଆଶିଷ ପାତ୍ରଙ୍କୁ ଧାନ କିଣା ଅନିୟମିତତା ପାଇଁ ଦାୟୀ କରିଥିଲେ। ସେ କହିଥିଲେ ଯେ, ଆଶିଷ ପାତ୍ର ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଥିବା ସତ୍ତ୍ୱେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅଭିଯୋଗର ଜବାବ ଦେଇ ଶ୍ରୀ ପାତ୍ର କହିଥିଲେ ଯେ, କେନ୍ଦ୍ର ସମବାୟ ବ୍ୟାଙ୍କର ଧାନ କିଣା ପ୍ରକ୍ରିୟା ସହ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ। ବ୍ୟାଙ୍କ କେବଳ ଆର୍ଥିକ ସହାୟତା ଓ ଫାଇନାନ୍ସିଂ ବ୍ୟବସ୍ଥାରେ ଭୂମିକା ନିଭାଇଥାଏ। ଧାନ କିଣା ପ୍ରକ୍ରିୟା ପାକ୍ସ ମାଧ୍ୟମରେ ପରିଚାଳିତ ହୋଇଥାଏ ଏବଂ ଏହା ଏଆରସିଏସ୍, ଡିଆରସିଏସ୍, ଜିଲ୍ଲାପାଳ ଓ ବିପଣନ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ସଂଚାଳିତ ହୁଏ। ତେଣୁ ବିଷୟଟି ସମ୍ପର୍କରେ ସଠିକ୍ ତଥ୍ୟ ନ ଜାଣି କଂଗ୍ରେସ ନେତା ମନ୍ତବ୍ୟ ଦେଉଛନ୍ତି ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଅଜୟ କୁମାର ଦେ, ମଣ୍ଡଳ ସଭାପତି ବ୍ରଜ କିଶୋର ମହାନ୍ତି, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ସୁନାଧର ବସାଣ ସରପଞ୍ଚ ଦିଲ୍ଲୀପ ଦତ୍ତ ଏବଂ ମଦନ ମୋହନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା, ଅନିୟମିତତାର ତଦନ୍ତ କରିବା ଏବଂ ପ୍ରକୃତ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା।

## ହୋମଗାର୍ଡ ନିଯୁକ୍ତି ନାମରେ ଫେକ୍ ମେସେଜ୍

ବାରିପଦା,୩।୬(ସମିସ): ସୋସିଆଲ୍ ମିଡିଆରେ ମୟୂରଭଞ୍ଜ ଜିଲ୍ଲା ହୋମଗାର୍ଡ ନିଯୁକ୍ତି ସମ୍ପର୍କରେ ଏକ ଫେକ୍ ମେସେଜ୍ ଭାଇରାଲ୍ ହେବାରେ ଲାଗିଛି। ଏହି ମେସେଜ୍ ଦେଖି ଲୋକେ ବିଭ୍ରାନ୍ତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଏ ନେଇ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୨୮୦ଟି ହୋମଗାର୍ଡ ପଦ ପୂର୍ବରୁ ପୂରଣ ହୋଇସାରିଛି। ଏହା ପରେ କୌଣସି ନୂଆ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତେଣୁ ଏପରି କୌଣସି ମେସେଜକୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏହା ଏକ ପ୍ରତାରଣାମୂଳକ ମେସେଜ, ଏପରି ମେସେଜ ଆସିଲେ ତୁରନ୍ତ ବିଶ୍ୱାସ ନ କରିବାକୁ କୁହାଯିବା ସହିତ ଅଧିକ ସୂଚନା ପାଇଁ ୮୪୮୦୮୦୧୦୯୫୬ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏପରି ଫେକ୍ ମେସେଜରୁ ଦୂରେ ରହି ଅଧିକାରୀଙ୍କ ସୂଚନା ପାଇଁ ଜିଲ୍ଲା ହୋମଗାର୍ଡ କାର୍ଯ୍ୟାଳୟ କିମ୍ବା ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ବୋଲି କୁହାଯାଇଛି।


ଗୃହରକ୍ଷୀ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା

ପତ୍ର ସଂଖ୍ୟା .. ୨୯୦ / ଗୃହରକ୍ଷୀ

ମୟୂରଭଞ୍ଜ ଗୃହରକ୍ଷୀ ବିଜ୍ଞପ୍ତି ନମ୍ବର ୧୧୦/ଗୃହରକ୍ଷୀ ତାରିଖ ୧୫.୦୫.୨୦୨୬ ଗୃହରକ୍ଷୀ ଅନୁଯାୟୀ ୨୦ ଗୋଟି ଗୃହରକ୍ଷୀ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି ... ଙ୍କ ଦ୍ୱାରା ଚୟନ କରାଯିବ ... ଯୋଗ୍ୟ ପ୍ରାର୍ଥୀ ଙ୍କୁ ଚୟନ କରାଯିବ । ଏହି ଚୟନ କାର୍ଯ୍ୟ ... ସୁଦ୍ଧା ଶେଷ ହେବ।

ବି:ଦ୍ର:-(i) ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ ପତ୍ର ସହିତ ସଂଲଗ୍ନ କରିଥିବା ଶିକ୍ଷାଗତ ଯୋଗ୍ୟତା ଓ ବୈଷୟିକ ଦକ୍ଷତା ର ମୂଳ ପ୍ରମାଣପତ୍ର ସାଙ୍ଗରେ ଆଣିବେ ।

(ii) ଯୋଗ୍ୟ ପ୍ରାର୍ଥୀମାନେ ଆଧାର କାର୍ଡ କିମ୍ବା ଫୋଟ ସଂଲଗ୍ନ ଥିବା କୌଣସି ସରକାରୀ ପରିଚୟ ପତ୍ର ଓ ପାସ ପୋର୍ଟ ସାଇଜ ର 4 ଗୋଟି ଫଟୋ କପି ସାଙ୍ଗରେ ଆଣିବେ

### ବିଜେଡିର ସାଂଗଠନିକ ବୈଠକ

# ପଞ୍ଚାୟତ ନିର୍ବାଚନ ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର



**କଣ୍ଟାବାଞ୍ଜି,୩।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ତୁରେକେଲା ବ୍ଲକ୍ ଅଧୀନ ବଡଡକଲାଠାରେ ବିଜୁ ଜନତା ଦଳ ସାଂଗଠନିକ ବୈଠକ ଯୁବ ନେତା ତଥା ପୂର୍ବତନ ସୈନିକ ଗିରିରାଜ ସିଂ ମାଝୀ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଦାଦନ ପ୍ରବଣ ପଛୁଆ ଅଞ୍ଚଳ ଭାବେ ପରିଚିତ ତୁରେକେଲା ବ୍ଲକ ଏହି ଅଞ୍ଚଳ ରେ ରୋଜଗାର ଶୂନ୍ୟ, ଯାହା ପାଇଁ ଏଠାକାର ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହି ଅଞ୍ଚଳରେ ସମସ୍ୟା ଅନେକ କିନ୍ତୁ ସମାଧାନ କରିବାକୁ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ରହିଛି। ଯାହା ପାଇଁ ଅଞ୍ଚଳ ସମସ୍ୟା ଦୂର ହେବା ନାଁ ନେଉନାହିଁ। ରାଜ୍ୟର ଡବଲଇଞ୍ଜିନ ସରକାର ଏହି ଅଞ୍ଚଳ ଲୋକଙ୍କୁ ନିର୍ବାଚନ ସମୟରେ ଅନେକ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ବିଜୟ ହେବା ପରେ ପ୍ରତିଶ୍ରୁତି ଭୁଲିଗଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ଦାଦନଗଡ଼ର ମୁଖ୍ୟ ସମସ୍ୟାକୁ ମୁଦା କରି ବିଜୁ ଜନତା ଦଳ ମୈଦାନକୁ ଓହ୍ଲାଇବ ଏବଂ ଡବଲଇଞ୍ଜିନ ସରକାର ଲୋକଙ୍କୁ ଯେଉଁ ପ୍ରତାରଣା କରୁଛି ଗାଁକୁ ଯାଇ ସଚେତନ କରିବା ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବିଜୁ ଜନତା ଦଳ କେଉଁ ଭଳି ଭାବେ ନିର୍ବାଚନ ଲଢ଼ିବ ଓ ତୃଣମୂଳସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ଲାଗି ଯୁବ ବର୍ଗ ଓ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ବିଜେଡି ନେତା ଶ୍ରୀ ମାଝୀ ଗୁରୁମନ୍ତ୍ର ଦେଇଥିଲେ। ଏହି ବୈଠକରେ ବିଜେଡି ନେତା ଆଶାଦୁଲା ଖାଁ, ଦୈତାରୀ ଭୋଇ, ବିଶ୍ୱନାଥ ସାହୁ, ସରପଞ୍ଚ ପ୍ରତିନିଧି ହସ୍ତା ଧରୁଆ, ପୂର୍ବତନ ସରପଞ୍ଚ ରାମ ସିଂ ମାଝୀ, ଅର୍ଜୁନ ମାଝୀ, ହରି ମାଝୀ, ବିଷ୍ଣୁ ଜୁଏଡ, ହପୁଆ ସୁନା, ସମିତି ସଭ୍ୟ ପ୍ରତିନିଧି ମଗସିର ମାଝୀ, ସର୍ଦାକର ଧରୁଆଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାତଦଫା ଦାବିନେଇ ବିଦ୍ୟୁତ୍ ଅଫିସ ଘେରିଲା ବିଜେଡି



**ପାଟଣାଗଡ଼,୩।୬ (ସମିସ):** ପାଟଣାଗଡ଼ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ସରୋଜ ମେହେରଙ୍କ ନେତୃତ୍ୱରେ ବୁଧବାର ସାତ ଦଫା ଦାବି ନେଇ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରାଯାଇଛି। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ପାଟଣାଗଡ଼ ବ୍ଲକ ଅଞ୍ଚଳରୁ ଆସିଥିବା ହଜାରହଜାର ସମର୍ଥକ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବିଶାଳ ବାଇକ ରାଲିରେ ବିଦ୍ୟୁତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ ସରକାର ବିରୋଧୀ ବିଭିନ୍ନ ନାରାବାଜି କରିଥିଲେ। ପରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୁରୁଣା ବକେୟା ବିଦ୍ୟୁତ ବିଲ ବନ୍ଦ କରାଯାଉ, ବିନା ଭୁଲରେ ବିଦ୍ୟୁତ ଫାଇନ କାଟିବା ବନ୍ଦ କରାଯାଉ, ସ୍ମାର୍ଟମିଟର ଲଗାଇବା ବନ୍ଦ କରାଯାଉ, ପୁରୁଣା ବିଦ୍ୟୁତ ବିଲ ଥିଲେ ମଧ୍ୟ ନୂତନ କନେକ୍ସନ ଦିଆଯାଉ, ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାଯାଉ, ଚାଷୀଙ୍କ ବିଦ୍ୟୁତ ବିଲ୍ ଛାଡ଼ କରାଯାଉ, ସମସ୍ତ ଉପଭୋକ୍ତାଙ୍କ ତିନି ସହ ୟୁନିଟ ବିଦ୍ୟୁତ ବିଲ ମାଗଣା କରାଯାଉ ଆଦି ଦାବିରଖି ବିଦ୍ୟୁତ ବିଭାଗ ଓ ବିଜେପି ସରକାର ବିରୋଧରେ ବର୍ଷି ଥିଲେ ଶ୍ରୀ ମେହେର। ପରେ ସାତଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ ଏସ୍‌ଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ବିଜେଡି ସମର୍ଥକଙ୍କ ସହ ବିଦ୍ୟୁତ ଉପଭୋକ୍ତା ସାମିଲ ଥିଲେ।

### ପାହାଡିଆ ଅଞ୍ଚଳରେ ବିକାଶ ବାଟବଣା

# ବାଲି ଚୁଆ ଭରସାରେ ବରକାନି ଗ୍ରାମବାସୀ

**କଣ୍ଟାବାଞ୍ଜି,୩।୬(ସମିସ)**



ଗାଁ ଗାଁରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନର ଅବହେଳା ଯୋଗୁଁ ଅନେକ ଗାଁକୁ ପାନୀୟଜଳ ପ୍ରକଳ୍ପ ପହଞ୍ଚି ପାରିନାହିଁ। ଫଳରେ ଲୋକେ ଝରଣା କିମ୍ବା ବାଲି ଚୁଆ ଉପରେ ଭରସା କରୁଛନ୍ତି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଧୀନ ବେଲପଡ଼ା ପଞ୍ଚାୟତ ଅଧୀନସ୍ଥ ବରକାନି ଗାଁରେ। ଏଠାରେ ବିଶୁଦ୍ଧ ପାନୀୟଜଳ ସମସ୍ୟା ଉଗ୍ରରୂପ ଧାରଣ କରିଛି। ପାଣି ମୁନ୍ଦାଏ ପାଇଁ ଗାଁ ଲୋକେ ହଇରାଣ ହରକତ ହେଉଛନ୍ତି। ଗ୍ରାମବାସୀ ବାଲି ଚୁଆ କରି ପାଣି ସଂଗ୍ରହ କରୁଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ପଞ୍ଚାୟତରେ ଅଛି ବରକାନି ଗାଁ। ଜଙ୍ଗଲ ତଳି ଏହି ଦୁର୍ଗମ ଗାଁରେ ରାତି ପାହିଲେ ଲୋକଙ୍କୁ ପାଣି ଚିନ୍ତାଘାରେ। ହାତରେ ଗରା, ବାଲ୍‌ଟି, ଡେକଚି ଧରି ମହିଳା ମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍ ଲଗାନ୍ତି। ଗାଁରେ ଥିବା ନଦୀରେ ବାଲିଚୁଆ ନିକଟରେ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା ପରେ ପାଣି ସଂଗ୍ରହ କରିଥାନ୍ତି। ନିର୍ବାଚନ ସମୟରେ ନେତାମନ୍ତ୍ରୀ ମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି; ହେଲେ ନିର୍ବାଚିତ ହେବାପରେ ଆଉ ତାଙ୍କ ଦେଖା ମିଳେନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨ ୱାର୍ଡ ବିଶିଷ୍ଟ ବରକାନି ଗାଁରେ ଦୀର୍ଘ ବର୍ଷରୁ ପାଣି ସମସ୍ୟା ଲାଗି ରହିଛି। ଗାଁ ରେ ତିନୋଟି ନଳକୂପ ଥିବା ବେଳେ ୨ ଟି ଅଚଳ ହୋଇଥିବା ବେଳେ ଅନ୍ୟଟି ଆବଶ୍ୟକ ପାଣି ବାହାରୁ ନାହିଁ। ଗାଁର

### ପାଣି ପାଇଁ ଡହଳବିକଳ

ପାନୀୟ ଜଳ ସମସ୍ୟା ଦୁରକରିବା ପାଇଁ ଗ୍ରାମବାସୀ ଦୁଇଟି ନୂତନ ନଳକୂପ ସହ ଓଭରହେଡ ଟ୍ୟାଙ୍କ ଓ ଘରକୁ ଘର ପାଣି ଯୋଗାଣ କରିବା ପାଇଁ ଦାବି କରିଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେଲେ ବ୍ଲକ ସମ୍ମୁଖରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଏନେଇ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ ଅଚଳ ନଳକୂପକୁ ଶୀଘ୍ର ସଜାଡିବା ସହ ଗାଁରେ ଥିବା ପାନୀୟ ଜଳ ସମସ୍ୟାକୁ ଅତିଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରାଦେଶିକ ବୈଠକ

**ବଲାଙ୍ଗିର,୩।୬(ସମିସ):** ବଲାଙ୍ଗିର ସହରର ଗାର୍ଡେନଇନ୍ ହୋଟେଲଠାରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶର ଏକ ବୈଠକ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବଲାଙ୍ଗିର ଆଞ୍ଚଳିକ କମିଟି ସଭାପତି, ଗାଙ୍ଗପୁର ଆଞ୍ଚଳିକ କମିଟି ସଭାପତି, ଲଇଡା ଆଞ୍ଚଳିକ କମିଟି ସଭାପତି, ବାମରା ଆଞ୍ଚଳିକ କମିଟି ସଭାପତି ଓ କଳାହାଣ୍ଡି ଆଞ୍ଚଳିକ କମିଟି ସଭାପତି ସମେତ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ସଭାରେ ଅଘରିଆ ସମାଜର ଏକତା, ସଂସ୍କୃତି, ପରମ୍ପରା ବଜାୟ ରଖିବା ଏବଂ ଅଘରିଆ ସମାଜର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ସଭାରେ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକ, ବିଶିଷ୍ଟ ସମାଜସେବୀ ରଞ୍ଜନ ପଟେଲ, ଅଖିଳ ଭାରତୀୟ ଅଘରିଆ ସମାଜ ପ୍ରାଦେଶିକ ଟ୍ରଷ୍ଟ ସମ୍ପାଦକ ଦିଲୀପ କୁମାର ପଟେଲ, ବଲାଙ୍ଗିର ଆଞ୍ଚଳିକ କମିଟିର ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ଗାଙ୍ଗପୁର ଆଞ୍ଚଳିକ କମିଟିର ସଭାପତି ଯଶୋବନ୍ତ ନାଏକ, ଲଇଡା ଆଞ୍ଚଳିକ କମିଟିର ସଭାପତି ବିନୟ କୁମାର ଚୌଧୁରୀ, ବାମରା ଆଞ୍ଚଳିକ କମିଟିର ସଭାପତି ଭବାନୀଶଙ୍କର ନାଏକ, କଳାହାଣ୍ଡି ଆଞ୍ଚଳିକ କମିଟିର ସଭାପତି ସୁଜନ ଅଘରିଆ, ଲଇଡା ମଣ୍ଡଳ ସମ୍ପାଦକ ସୁଶାନ୍ତ ପଟେଲ, ରାଜ୍ୟ ଯୁବ ସଭାପତି ପୀତବାସ ପଟେଲ ଉପସ୍ଥିତ ଥିଲେ। ବଲାଙ୍ଗିର ଆଞ୍ଚଳିକ କମିଟିର ଉପଦେଷ୍ଟା ମଣ୍ଡଳୀ, ଚାରିମଣ୍ଡଳ ସଭାପତି, ଅଠର ଗୁଡ଼ି ସଭାପତି, ମହିଳାମଞ୍ଚ, ଯୁବାମଞ୍ଚ ଓ କୃଷକମଞ୍ଚ ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ବଲାଙ୍ଗିର ଆଞ୍ଚଳିକ କମିଟିର ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ ପରିଚାଳନା କରିଥିବାବେଳେ, ବଲାଙ୍ଗିର ଆଞ୍ଚଳିକ କମିଟିର ଉପସଭାପତି ଲିଲି ପଟେଲ ଧନ୍ୟବାଦ ଦେଇଥିଲେ।

# ମାହେଶ୍ୱରୀ ସେନା ପକ୍ଷରୁ ରକ୍ତଦାନ ଶିବିର




**ବଲାଙ୍ଗିର,୩।୬(ସମିସ):** ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଠାରେ ମା' ମାହେଶ୍ୱରୀ ସେନା ତରଫରୁ ବୁଧବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ମାହେଶ୍ୱରୀ ସେନା ଜିଲ୍ଲା ସଭାପତି ମନୋଜ କରନଙ୍କର ନେତୃତ୍ୱରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସମାଜସେବୀ ଶିକ୍ଷକ ବାବୁଲୁ କମ୍ପ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଦ୍ୟୁତ୍ ବିଭାଗ ବଲାଙ୍ଗିର ସହକାରୀ ଯନ୍ତ୍ରୀ ଘନଶ୍ୟାମ ମିଶ୍ର, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ପ୍ରତିଷ୍ଠାତା ସମାଜସେବୀ ସୋମନାଥ ମିଶ୍ର, ପିଙ୍କୁ ମହାକୁର, ବୁଢୁ କରନ, କନ୍ଦର୍ପ ରଣା, ଦେବରାଜ ନାଗ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ସର୍ବମୋଟ୍ ୪୯ ଜଣ ରକ୍ତଦାନ କରିଥିଲେ। ଭୀମଭୋଇ ହସ୍ପିଟାଲ ରକ୍ତଭଣ୍ଡାରର ଟେକ୍ନିସିଆନ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ଶିବିରକୁ ମା' ମାହେଶ୍ୱରୀ ସେନାବଲାଙ୍ଗିର, ବୌଦ୍ଧର ସଦସ୍ୟ ପରିଚାଳନା କରିଥିଲେ।

### ■ ଟିକ୍ରାପଡା ବଡ଼କଟା ପୋଖରୀ ଉନ୍ନତିକରଣରେ ଦୁର୍ନୀତି ଅଭିଯୋଗ

# ବିନା ସୂଚନାଫଳକରେ ଚାଲିଛି ୧୦ ଲକ୍ଷର କାମ

**ସଇଁତଳା,୩।୬(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ୍ ଟିକ୍ରାପଡା ଗ୍ରାମର ବଡ଼କଟା ପୋଖରୀ ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର କଥା, ଲକ୍ଷାଧିକ ଟଙ୍କାର କାମ ଚାଲିଥିଲେ ମଧ୍ୟ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେଉଁ ବିଭାଗ ଅଧୀନରେ କେତେ ଟଙ୍କାର କାମ ହେଉଛି, ଠିକାଦାର କିଏ, କାର୍ଯ୍ୟର ପରିମାଣ କେତେ, କାର୍ଯ୍ୟାଦେଶ କେବେ ହେଲା, କାମ କେବେ ସରିବ ଇତ୍ୟାଦିର କୌଣସି ତଥ୍ୟ ଲୋକଲୋଚନକୁ ଆସୁନାହିଁ। ସୂଚନା ଫଳକ ନ ଲଗାଇ ଚୁପ୍‌ଚାପ୍ କାମ ଚାଲିଥିବାରୁ ଦୁର୍ନୀତି ସନ୍ଦେହ ଆହୁରି ବଢ଼ିଛି। ସ୍ଥାନୀୟ ଲୋକେ କହିଛନ୍ତି ପୋଖରୀ ପଙ୍କୋଦ୍ଧାର ନାଁରେ କେବଳ ନାମକୁ ମାତ୍ର କାମ କରାଯାଉଛି। ହୁଡ଼ା ମରାମତି କିମ୍ବା ସିଡି



ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାମ ହେଉନାହିଁ। ମାଟି ଖୋଳାଯାଇ ଅନ୍ୟତ୍ର ବିକ୍ରି କରାଯାଉଥିବା ଅଭିଯୋଗ ମଧ୍ୟ ଆସିଛି। ଏନେଇ ଟିକ୍ରାପଡା ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ରାଜେନ୍ଦ୍ର ଟୋପୋଙ୍କୁ ପଚାରିବାରୁ ସେ କହିଛନ୍ତି ଏହା ୧୦ ଲକ୍ଷ ଟଙ୍କାର କାମ। ଏପର୍ଯ୍ୟନ୍ତ ବିଲ୍ ହୋଇନାହିଁ। ମାଟି ମାପ ସରିଲେ ବିଲ୍ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତୁରନ୍ତ ସୂଚନା ଫଳକ ଲଗାଇ କାମର ସ୍ୱଚ୍ଛତା ରଖିବାକୁ ମଧ୍ୟ ଦାବି ହୋଇଛି।

# ଚଳଚ୍ଚିତ୍ର ପ୍ରେକ୍ଷାଳୟର ମନମାନୀ

**କଣ୍ଟାବାଞ୍ଜି,୩।୬(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଥିବା ଏକ ଚଳଚ୍ଚିତ୍ର ପ୍ରେକ୍ଷାଳୟ ମନମାନି କରିଛି। ଚଳଚ୍ଚିତ୍ର ପ୍ରେକ୍ଷାଳୟ ବିରୋଧରେ ବିରୋଧରେ କୋଶଳୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ସରୋଜ ଭୂୟାଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତି, ପରମ୍ପରା ଏବଂ ସମସ୍ୟାକୁ ମଙ୍ଗଳବାର କଣ୍ଟାବାଞ୍ଜିର ସଂପୃକ୍ତ ସିନେମା ହଲ୍‌ରେ 'ଜଙ୍ଗଲ ଜଳୁଛେ' ଲାଗିବାର ଥିଲା। ଏଥିଲାଗି ସଂପୃକ୍ତ ପ୍ରେକ୍ଷାଳୟ ସହରରେ ପୋଷ୍ଟର ମଧ୍ୟ ଲଗାଇଥିଲା; ହେଲେ ଚଳଚ୍ଚିତ୍ର ଲାଗି ନ ଥିଲା। ଏହି ଚଳଚ୍ଚିତ୍ର ଲଗାଇବାକୁ ସଂକୃକ୍ତ ହଲ୍‌ର ପରିଚାଳକ ୫୦ ହଜାର ଟଙ୍କା ଦାବି କରୁଛନ୍ତି। ଡିଷ୍ଟ୍ରିବ୍ୟୁଟର ଟଙ୍କା ଦେଇଛନ୍ତି। ତଥାପି ଟଙ୍କା ଦାବି କରିବାକୁ ଶ୍ରୀ ଭୂୟାଁ ପ୍ରଶ୍ନ କରିଛନ୍ତି।

# ନୂଆ ରୂପ ପାଇବ ୧୧ ପୋଖରୀ



**ବଲାଙ୍ଗିର,୩।୬(ସମିସ):** ବଲାଙ୍ଗିର ସହରବାସୀଙ୍କ ଏକ ବଡ ସମସ୍ୟାର ସମାଧାନ କରିବାକୁ ଯାଇ ପୌର ପରିଷଦ ବଡ଼ ପଦକ୍ଷେପ ଗ୍ରହଣ କରିଛି। ସହରରେ ଥିବା ୧୧ ଟି ପୋଖରୀର ଉନ୍ନତିକରଣ କାମ ହାତକୁ ନିଆଯାଇଛି। କାମ ମଧ୍ୟ ଜୋରସୋରରେ ଚାଲିଛି। ବର୍ଷା ପୂର୍ବରୁ ପୋଖରୀଗୁଡ଼ିକର ପଙ୍କୋଦ୍ଧାର କାମ ସମାପ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାମ ହେବା ଦ୍ୱାରା ସହରର ପୋଖରୀ ଉପରେ ନିର୍ଭର କରୁଥିବା ସହରବାସୀଙ୍କ ଏକ ବଡ ଚିନ୍ତା ଯିବ। ବଲାଙ୍ଗିର ସହର ରାଜାରାଜୁଡା ଅମଳରୁ ଏକ ବ୍ୟବସ୍ଥିତ ସହର ହୋଇ ରହିଥିଲା। ସହରରେ ରହୁଥିବା ଲୋକଙ୍କ ପାଇଁ ପ୍ରାୟ ୧୭ରୁ ଅଧିକ ଜଳାଶୟ ବିଭିନ୍ନ ସ୍ଥାନରେ ରହିଥିଲା; ଯାହାକି କାଳକ୍ରମେ ପୁନରୁଦ୍ଧାର ନ ହୋଇ ପଡିରହିଥିଲା। ପୁନରୁଦ୍ଧାର କରାଯାଉ ନ ଥିବାରୁ ତାହା ପୋତି ହୋଇ ପାଣି ମଧ୍ୟ ନଷ୍ଟ ହୋଇ ବ୍ୟବହାର ଅନୁପଯୋଗୀ ହୋଇରହିଥିଲା। ବିଭିନ୍ନ ଆର୍ଥିକ ବର୍ଷରେ ଭିନ୍ନ ଭିନ୍ନ ଜଳାଶୟ ଉନ୍ନତିକରଣ କାମ ପାଇଁ ସରକାରୀ ଅନୁଦାନ ଆସିଥିଲା। ଅତୀତରେ ନିମ୍ନମାନର କାମ ଓ ଲାଭଖୋର ମନୋବୃତ୍ତି ଯୋଗୁଁ ଅର୍ଥ ଖର୍ଚ୍ଚ ହୋଇଥିଲା ସତ; କିନ୍ତୁ ଯେଉଁଭଳି ଭାବେ କାମ କରାଯିବା କଥା ତାହା ହୋଇ ନ ଥିବାରୁ ଲୋକେ ଏହାର ଫାଇଦା ପାଇ ନ ଥିଲେ। ତେବେ ଦୀର୍ଘ ବର୍ଷ ହେଲା ସହରରେ ଥିବା ଜଳାଶୟ ଉନ୍ନତିକରଣ ପାଇଁ ଦାବି କରିଆସୁଥିଲା। ଗତ ବର୍ଷ ପୂର୍ବ ସରକାରଙ୍କ ପାଖରୁ ମିଳିଥିବା ଅନୁଦାନରେ ମହାରାଣୀ ସାଗରର ଉନ୍ନତିକରଣ କାମ କରାଯାଇଥିଲା। ଚଳିତ ବର୍ଷ ଏକାଥରକେ ୧୧ଟି ଜଳାଶୟର ଉନ୍ନତିକରଣ କାମ ହାତକୁ ନିଆଯାଇଛି। କରଙ୍ଗାକଟା, ନରସିଂହ ବନ୍ଧ, ବେହେରାପାଲି ପୋଖରୀ, ଗେଟ ସୋରବର ପଡା ବନ୍ଧ, ହିକୁଡି ବନ୍ଧ, ପ୍ରତାପ ସାଗର ପଡା ଜଳାଶୟ, ରାନୀବନ୍ଧ, କନ୍ଦପାଲିପଡା, ତାଲପାଲିପଡା ଓ ଲର୍କିପାଲି ପୋଖରୀର ଉନ୍ନତିକରଣ କାମ ପୌରପରିଷଦ ହାତକୁ ନେଇଛି। ବିଭିନ୍ନ ଯୋଜନାରୁ ପ୍ରାୟ ୩୦ରୁ ୪୦ କୋଟି ଟଙ୍କା ଏଥିପାଇଁ ଅନୁଦାନ ଖର୍ଚ୍ଚ କରିବାକୁ ଯୋଜନା ରଖାଯାଇଛି। ପୋଖରୀର ପଙ୍କୋଦ୍ଧାର କରାଯିବା ସହ ଗାର୍ଡୱାଲ ନିର୍ମାଣ କରି ପୋଖରୀ ହିଡର ସୌନ୍ଦର୍ଯ୍ୟକରଣ କରିବାକୁ ପୌରପରିଷଦ ଯୋଜନା କରିଛି।

# ଶାଗୁଆନ କାଠ ଜବତ

**କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ୩।୬(ସମିସ):** ବଙ୍ଗୋମୁଣ୍ଡା ରେଞ୍ଜ ଅଧୀନସ୍ଥ ଗନ୍ଧର୍ଲା ନିକଟ ସାଲେମୁଡୁଗା ଗାଁରୁ ଆଜି ବିପୁଳ ପରିମାଣର ସାଗୁଆନ କାଠ ବଙ୍ଗୋମୁଣ୍ଡା ବନ ବିଭାଗ ଜବତ କରିଛି। ଗାଁର ବିଭିନ୍ନ ସ୍ଥାନରେ ମାଫିଆ ସାଗୁଆନ କାଠ ଗଚ୍ଛିତ ରଖିଥିବା ନେଇ ବଙ୍ଗୋମୁଣ୍ଡା ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିବା ପରେ ବିପୁଳ ସାଗୁଆନ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବବୋଲି ଅନୁମାନ କରାଯାଉଛି। କିଛି ମାଫିଆଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

### ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି ତୃତୀୟ ଦିବସ

# ବାଳକ ବର୍ଗରେ ବଲାଙ୍ଗିର, ନୟାଗଡ଼ ଓ ବାଳିକାରେ ଦେବଗଡ଼, ନୟାଗଡ଼ ବିଜୟୀ

**ବଲାଙ୍ଗିର,୩।୬(ସମିସ)**



ଆନ୍ତଃଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର ଠାରେ ତୃତୀୟ ଦିବସ ବାଳକ ବର୍ଗ ପ୍ରଥମ ଖେଳରେ ବଲାଙ୍ଗିର ୩-୦ ଗୋଲରେ ଦେବଗଡ଼କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ବଲାଙ୍ଗିର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ଓ କ୍ରୀଡ଼ା ସଂସଦର ଉପ-ସଭାପତି ଡ. ପ୍ରହଲ୍ଲାଦ ଶତପଥୀ ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ପାତ୍ର, ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଗ, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଖେଳକୁ ଶୁଭ୍ରଜିତ ସ୍ୱାଇଁ, ପପୁନ ବେହେରା, ମନୋରଞ୍ଜନ ମାଝୀ ଓ ଯୋଗେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଅପରାହ୍ନରେ ବାଳକ ବର୍ଗରେ ନୟାଗଡ଼ ୬-୧ ଗୋଲରେ ବୌଦ୍ଧକୁ ହରାଇ ବିଜୟୀ ହେଲା। ବଲାଙ୍ଗିର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସରୋଜ କୁମାର ଉପାଧ୍ୟାୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, କ୍ରୀଡ଼ା ସମ୍ପାଦକ ବିଭୁତିଭୂଷଣ ପଣ୍ଡା ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଉପସ୍ଥିତ ଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ସଞ୍ଜୀବ କୁଦେଇ, ସୌରଭ ନାଏକ ଓ ଧନେଶ୍ୱର ସେଠ ପରିଚାଳନା କରିଥିଲେ। ଉଭୟ ବାଳକ ବର୍ଗ ଖେଳରେ ନବୀନ ନାଏକ ମ୍ୟାଚ୍ କମିଶନର ଥିଲେ। ସହିପରି ପଲ୍ଲିଶ୍ରୀ ଷ୍ଟାଡ଼ିୟମ, ସଦାଇପାଲି ଠାରେ ବାଳିକା ବର୍ଗ ପ୍ରଥମ ଖେଳରେ ଦେବଗଡ଼ ୨-୦ ଗୋଲରେ ବଲାଙ୍ଗିରକୁ ହରାଇ ବିଜୟୀ ହୋଇଛି। ଖେଳକୁ ମଳୟ ଘିଭେଲା, ମାମା ସିଂ, ଗୌରହରି ପୁଟେଲ ଓ ପ୍ରିୟଙ୍କା ବିଶି ପରିଚାଳନା କରିଥିଲେ। ଦ୍ୱିତୀୟ ଅପରାହ୍ନ ବାଳିକା ବର୍ଗ ଖେଳରେ ନୟାଗଡ଼ ୩-୦ ଗୋଲରେ ବୌଦ୍ଧକୁ ହରାଇ ବିଜୟୀ ହେଲା। ଓଡ଼ିଶା ଫୁଟବଲ ଏସୋସିଏସନ୍ ତଥା ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନ ଖେଳରେ କ୍ରୀଡ଼ାବିତ ସୁନୀଲ ଚନ୍ଦ୍ର ବିଶ୍ୱାଳ ଓ ଡା. ପ୍ରକାଶ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ଶୁଭ୍ରଜିତ ଜେନା, ଅନିତା ମହାନନ୍ଦ, ସୀତା ମାରାଣ୍ଡି ଓ ପପୁନ ବେହେରା ପରି.ଳନା କରିଥିଲେ। ଉଭୟ ବାଳିକା ଖେଳରେ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ।

# ଦୁଇ ମାସ ହେଲା ଭତ୍ତା ପାଇନାହାନ୍ତି ୧୧ ହଜାର ହିତାଧିକାରୀ

ବାଲେଶ୍ୱର,୩।୬(ସମିସ)

ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଏବେ ବାଟବଣା ହେବାକୁ ବସିଛି । ଗରିବ, ଅସହାୟ ଓ ବୃଦ୍ଧବୃଦ୍ଧାମାନଙ୍କୁ ସାହାରା ଦେବା ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ ଭତ୍ତା ଏବେ ନିୟମିତ ଭାବେ ମିଳୁନଥିବାରୁ ସେମାନଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଗତ ଦୁଇମାସ ଧରି ବୟସ୍କ ଲୋକଙ୍କୁ ଭତ୍ତା ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇ ନାହିଁ । ଯାହାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ବେଳେ ସେମାନଙ୍କ ପ୍ରତାରଣା କରାଯାଇଥିବା ନେଇ ଅଭିଯୋଗ ହେଉଛି । ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ସଦର ବ୍ଲକରେ । ସରକାରଙ୍କ ବିଭିନ୍ନ ଯୋଜନା ଯାହାକି ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଉଥିବା ୧୦ହଜାରରୁ ଅଧିକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଦୀର୍ଘ ଦୁଇ ମାସ ହେବ ଭତା ଯାଇ ନାହିଁ । ଯାହାଫଳରେ ସେମାନେ ହନ୍ତସନ୍ତ ହେଉଛନ୍ତି ।

ସଦର ବ୍ଲକ ଅଧିନରେ ଏନଏସଏପି ଯୋଜନା ମାଧମରେ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଛି । ଏଥିରେ ବାର୍ଦ୍ଧକ୍ୟ ଭତ୍ତା ଭାବେ ୭ହଜାର ୭୯୭ଜଣଙ୍କୁ ପ୍ରଦାନ କରାଯାଉଥିବା ବେଳେ ବିଧବା ଭତ୍ତା ଭାବେ ୨ହଜାର୮୪୯ଜଣ ହତାଧିକାରୀଙ୍କୁ ପ୍ରଦାନ କରାଯାଉଛି । ସେହିପରି ୩୨୭ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମଧ ଭତା ସିଧାସଳଖ ଭାବେ ସେମାନଙ୍କୁ ବ୍ୟାଙ୍କ ଖାତାକୁ ପଠାଯାଉଛି । ବିଶେଷ କରି ଏହି ସମସ୍ତ ହିତାଧିକାରୀଙ୍କୁ ମିଶାଇଲେ ମୋଟ ୧୦ହଜାର ୯୭୩ଜଣ ହିତାଧିକାରୀ ଏହି ସୁବିଧା ପାଉଛନ୍ତି । ସେଥିମଧ୍ୟରୁ ବିଧବା ଓ ବାର୍ଦ୍ଧକ୍ୟ ଭତାରେ ପ୍ରାୟ ୮୬୮ଜଣଙ୍କୁ ମାସିକ ୩୫ଶହ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ବାକି ଅନ୍ୟ ହିତାଧିକାରୀମାନଙ୍କୁ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି । ସେହିପରି ୩୨୭ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମାସିକ ୩୫ଶହ ଟଙ୍କା ମଧ ପ୍ରଦାନ କରାଯାଉଛି । ତେବେ ଏହି ସମସ୍ତ ହିତାଧିକାରୀ ଏବେ ବହୁ ସମସ୍ୟାରେ ସମ୍ମୁଖିନ ହେଉଛନ୍ତି । ହେଲେ ଏବେ ଦୁଇମାସ ବିତି ଯାଇଥିଲେ ସୁଦ୍ଧା ଅସହାୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ସରକାରଙ୍କ ପକ୍ଷରୁ ଅର୍ଥରାଶି ପଠାଯାଇ ନାହିଁ । ଯେଉଁ ବୃଦ୍ଧବୃଦ୍ଧାମାନେ ନିଜର ଔଷଧ ଖର୍ଚ୍ଚ ସାଙ୍ଗକୁ ଦୁଇଓଳି ଗଣ୍ଡେ ଖାଇବା ପାଇଁ ସମ୍ପୂର୍ଣ୍ଣ ଭାବେ ଏହି ସରକାରୀ ଭତ୍ତା ଉପରେ ନିର୍ଭର କରୁଥିଲେ ସେମାନେ ଏବେ ନିଜର ଗୁଜୁରାଣ ମେଂଟାଇବା ପାଇଁ ଘୋର ହନ୍ତସନ୍ତ ହେଉଛନ୍ତି । ଅନ୍ୟପଟେ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିବା ଫଳରେ ସେମାନେ ବହୁ ସମୟରେ ବାଧ ହୋଇ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିବା ଜଣାଯାଇଛି ।

ସରକାର ଗୋଟିଏ ପଟେ ସାମାଜିକ ସୁରକ୍ଷାର ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି । ଏ ନେଇ ଜଣେ ବରିଷ୍ଠ ନାଗରିକ ଗୋବିନ୍ଦଚନ୍ଦ୍ର ପାଢ଼ୀ କହିଛନ୍ତି ଯେ, ସରକାରଙ୍କ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ହେଲେ ଆଜି ତାହାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । ସାମାଜିକ ତଥା ବରିଷ୍ଠ ନାଗରିକ ଲୋକେ ଯେଉଁମାନେ ଦିଗଦର୍ଶନ ଦେବା କଥା ଆଜି ସେମାନଙ୍କୁ ଅବହେଳିତ କରାଯାଉଛି । ଯାହାଫଳରେ ସେମାନେ ଆଖିର ଲୁହ ଏବଂ କୋହକୁ ଚାପି ରଖିବାରେ ବାଧ ହେଉଛନ୍ତି । ବିଶେଷ କରି ମଧବିତ୍ତ ଓ ଗରିବ ପରିବାରର ବୟସ୍କ ଲୋକେ ଓ ଦିବ୍ୟାଙ୍ଗମାନେ ଯେଉଁମାନେ ଏହି ଭତ୍ତା ଉପରେ ନିର୍ଭର କରୁଥିଲେ ସେମାନେ ଏବେ ଘୋର ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏଣୁ ରାଜ୍ୟ ସରକାର ତୁରନ୍ତ ସେମାନଙ୍କୁ ଭତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଏ ନେଇ ସଦର ବିଡ଼ିଓ ଉତ୍ତମ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ,ଦୁଇମାସ ହେବ କୌଣସି ଅସୁବିଧା ପାଇଁ ସେମାନେ ଭତ୍ତା ପାଇ ପାରି ନାହାନ୍ତି । ଚଳିତ ମାସ ୧୦ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ ବୋଲି ସେ ଆଶା ପ୍ରକଟ କରିଛନ୍ତି ।

## ଜିଲ୍ଲା ଖଣି ଅଧିକାରୀଙ୍କ ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ରାଜଘାଟ, ୩।୬ (ସମିସ): ଗତ ମେ ମାସ ୨୭ ତାରିଖରେ 'ସକାଳ'ରେ ଖବର ପ୍ରସାରଣ ପରେ ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କ ସହ ବସ୍ତା ଜଳେଶ୍ୱର ଜୁନିଅର ଖଣି ଅଧକାରୀ ସତ୍ୟ ଚିନ୍ମୟ ଜେନା ଓ ତାପସ ବେହେରା ଆସି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ମଧୁପୁରା ଚୋରା ବାଲି ଖାଦାନରେ ତଦନ୍ତ କଲେ ମାତ୍ର କୌଣସି ଅଭିଯୋଗ କାରୀଙ୍କୁ ସାମିଲ ନ କରାଇ ପୂର୍ବ ପ୍ରସ୍ତୁତି ଅନୁଯାଇ ମାଫିଆଙ୍କ କିଛି ସହଯୋଗୀ ଙ୍କୁ ଉକ୍ତ ତଦନ୍ତ ପ୍ରକ୍ରିୟାରେ ସାମିଲ କରାଇବାରୁ ତଦନ୍ତ ପ୍ରକ୍ରିୟାର ସ୍ୱଛତା ନେଇ ପ୍ରଶ୍ନ ଉଠିଛି । ଏହି ଫଟୋ ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନହେବାର କାରଣ ସ୍ପଷ୍ଟ ହୋଇଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । ସ୍ୱଚ୍ଛତାର ସହ ସତରେ ଯଦି ଜିଲ୍ଲା ଖଣି ଅଧିକାରୀ ତଦନ୍ତ କରିବା ପାଇଁ ଚାହୁଁଛନ୍ତି ତାହେଲେ ସ୍ଥାନୀୟବାସୀନ୍ଦା ବସ୍ତା ତହସିଲଦାର, ବାଲି ମାଫିଆ ଓ ଉପରିସ୍ଥ ଅଧିକାରୀ ସମସ୍ତଙ୍କ ଉପସ୍ଥିତିରେ ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିବା ସହ, ବାଲି ଚୋରିରେ ସମ୍ପୃକ୍ତ ଥିବା ସମସ୍ତ ମାଫିଆଙ୍କ ବିରୋଧରେ ଡ଼ିଡ଼ିଏମ ଓ ଏସପି ହସ୍ତକ୍ଷେପ କରନ୍ତୁ ବୋଲି କହିଛନ୍ତି । ପ୍ରକାଶ ଥାଉକି ମଧୁପୁରା ଚୋରା ବାଲି ଖାଦାନରୁ ସୁବର୍ଣ୍ଣରେଖା ନଦୀକୁ ତାଡି ମାଫିଆ ମାନେ ଏକ ଶାଖା ନଦୀ ଯାହାର ଗଭୀର ୨୦ଫୁଟ ରୁ ଉର୍ଦ୍ଧ ଖୋଳି ପ୍ରାୟ ୨ଶହ କୋଟିରୁ ଉର୍ଦ୍ଧ ଟଙ୍କା ଚଳୁ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କୁ ପଚାରିବାରୁ ସେ କହିଲେ, ସେଠାରେ ବାଲି ଚୋରି ହୋଇଥିବାର କୌଣସି ସୁରାକ ମିଳିଲାନି, ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଲୁ ଗ୍ରାମର କିଛି ଲୋକ ୨-୪ ଟ୍ରିପ ମାଟି ମିଶା ବାଲି ଘର କାମ ପାଇଁ ନେଇଛନ୍ତି । ଖଣି ବିଭାଗ-ମାଫିଆଙ୍କ ମଧରେ ଥିବା ସମ୍ପର୍କ, ତଦନ୍ତ ସମୟରେ ଆସିଥିବା ଫଟୋ ଜିଲ୍ଲା ପ୍ରଶାସନ ଉପରେ ପୁଣି ପ୍ରଶ୍ନବାଚୀ ଛିଡା କରିଛି ।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବାଲେଶ୍ୱର, ୩।୬ (ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସ ପ୍ରୟାସରେ ଆରୁହାବାଦ ଗ୍ରାମ ପଂଚାୟତ ଅନ୍ତର୍ଗତ ଉଦୟ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି । ଏହି ଶିବିରରେ ବାହାନଗା ବ୍ଲକର ଆରୁହାବାଦ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଇଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ପ୍ରତାପ ବେହେରା, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ରାଉତ ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

## ବ୍ଲକ ପରିସରରେ ଭତ୍ତା ହିତାଧିକାରୀଙ୍କ ବିକ୍ଷୋଭ

**୧୫ ଦିନ ମଧ୍ୟରେ ବ୍ୟବସ୍ଥା ନ ହେଲେ ଆତ୍ମାହୁତି ଚେତାବନୀ**



ଖଇରା, ୩।୬ (ସମିସ): ସାମାଜିକ ସୁରକ୍ଷା ଅଧିନରେ ବିକଳାଙ୍ଗ, ବିଧବା ଓ ବୃଦ୍ଧବୃଦ୍ଧାଙ୍କୁ ସରକାର ପ୍ରତିମାସ ଭତ୍ତା ଯୋଗାଇ ଆସୁଥିବା ବେଳେ ଏବେ ୩ମାସ ଧରି ହିତାଧିକାରୀଙ୍କୁ ଏହି ଅର୍ଥ ମିଳିନାହିଁ । ପ୍ରତିବାଦରେ ଶହ ଶହ ହିତାଧିକାରୀ ବୁଧବାର ଖଇରା ବ୍ଲକ ପରିସରରେ ଧାରଣା ଦେଇ ବ୍ଲକ ପ୍ରଶାସନ ନିକଟରେ ଭତ୍ତା ଅର୍ଥ ପାଇଁ ଗୁହାରୀ କରିଥିଲେ । ଏହି ଅର୍ଥରେ ଦୈନନ୍ଦିନ ଗୁଜୁରାଣ ମେଣ୍ଟୁଥିବା ବେଳେ ସରକାର ସଫ୍ଟୱେୟାର ଅପଡେଟ ବାହାନାରେ ୩ ମାସ ଧରି ଭତ୍ତା ଟଙ୍କା ଅଟକାଇ ରଖିଛନ୍ତି । ଯାହାଫଳରେ ବୁଢୀବୁଢା ଲୋକ ପର ଉପରେ ନିର୍ଭର କରି ହଟହଟା ହେଉଛନ୍ତି । ଏଣୁ ଧାରଣାରେ ବସିଥିବା ଅଧିକାଂଶ ହିତାଧିକାରୀ ପ୍ରଶାସନ ଆଗରେ ଗୁହାରୀ କରି ମାସ ସାରା ବିନା ଅର୍ଥରେ ଚଳିବୁ କେମିତି ନିତିଦିନର ଖର୍ଚ୍ଚ କିଏ ଭରଣା କରିବ ବୋଲି କହୁଥିଲେ । ପରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଜିଲପାଳଙ୍କ ସହ ଫୋନରେ ଆଲୋଚନା କରିବା ପରେ ସଫ୍ଟୱେୟାର ଅପଡେଟ ଲାଗି ଆଉ ୧୫ଦିନ ସମୟ ଲାଗିବ ବୋଲି ଜଣାଇବା ପରେ ବିଧାୟକ ଧାରଣାକାରୀଙ୍କ ଆଗରେ ପ୍ରକାଶ କରିଥିଲେ । ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତରହି ବିଧାୟକଙ୍କ ସହ ସ୍ୱର ମିଶାଇ ପ୍ରତିଶୃତି ଦେବା ପରେ ହିତାଧିକାରୀ ମାନେ ଧାରଣାରୁ ଉଠିଥିଲେ। । ସେପଟେ ଅନ୍ୟକିଛି ହିତାଧିକାରୀ ନେତା ଓ ପ୍ରଶାସନକୁ ଇଙ୍ଗିତ କରି ଆପଣମାନଙ୍କ ଦରମା ତ ଅଟକୁନି ଆମର ମାତ୍ର ୧ହଜାର ଟଙ୍କାକୁ କାହିଁ ଅଟକାଇ ରଖିଛନ୍ତି ବୋଲି କହିବା ସହ ଯଦି ୧୫ଦିନ ମଧ୍ୟରେ ଭତ୍ତା ନ ମିଳେ ସମୁହ ହିତାଧିକାରୀ ବ୍ଲକ ପ୍ରଶାସନ ସମ୍ମୁଖରେ ଆତ୍ମାହୁତି ପ୍ରଦାନ କରିବାକୁ ଚେତାବନୀ ଦେଇଛନ୍ତି ।

## କନହେଇ ଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ପାଳିତ ହେବ ଜୟନ୍ତୀ ଉତ୍ସବ



ବାଲେଶ୍ୱର, ୩।୬ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ କନହେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଜୁନ୍ ୨୭ ତାରିଖ ଦିନ ବାଲେଶ୍ୱର ସହରସ୍ଥିତ ଆତିଥ୍ୟ ଭବନରେ ଅନୁଷ୍ଠିତ ହେବ କନହେଇ ଜୟନ୍ତୀ ଉତ୍ସବ ସମାରୋହ । ଏ ସମ୍ପର୍କରେ ଆଜି ସନ୍ଧ୍ୟାରେ ସ୍ଥାନୀୟ 'ସଙ୍କେତ' ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୋଗରାଇ ବିଧାୟକ ତଥା ସଂସଦର ଆବାହକ ଗୌତମବୁଦ୍ଧ ଦାସ ଯୋଗ ଦେଇ ପ୍ରଥମେ ଫକୀରମୋହନ ସେନାପତିଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ ନେଇ ଏକ ନିନ୍ଦା ପ୍ରସ୍ତାବ ଆଣିଥିଲେ । ଆଜିର ଏହି ବୈଠକରେ ଆସନ୍ତା ଉତ୍ସବର ରୂପରେଖ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା । ଚଳିତବର୍ଷ କନହେଇ କଥା ପୁରସ୍କାର ପାଇଁ କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ସମ୍ଭାବ୍ୟ ନାମ ତାଲିକା ପ୍ରଦାନ କରିବା ପରେ ଯୁବ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କୁ ଚଳିତବର୍ଷର କନହେଇ କଥା ପୁରସ୍କାର ପାଇଁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ପୁରସ୍କାର ସ୍ୱରୂପ ଦଶ ହଜାର ନଗଦ ଅର୍ଥ ରାଶି, ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯିବ ବୋଲି ସଂସଦ ପକ୍ଷରୁ କୁହାଯାଇଛି । ପ୍ରକାଶ ଥାଉ କି, ଡକ୍ଟର ରଞ୍ଜନ ପ୍ରଧାନ ୧୯୭୯ ମସିହାରେ କେନ୍ଦ୍ରାପଡ଼ାର ନିଗିନିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ନାତକୋତ୍ତର ଶିକ୍ଷା ପରେ ଉଚ୍ଚତର ଗବେଷଣା କରି ସେ ପିଏଚଡ଼ି ଲାଭ କରିଛନ୍ତି । ତାଙ୍କର ଅଦ୍ୟାବଧି ୨୪ଟି ପୁସ୍ତକ ପ୍ରକାଶ ପାଇଛି ତନ୍ମଧ୍ୟରୁ ୩ଟି କବିତା ପୁସ୍ତକ, ୮ ଟି କ୍ଷୁଦ୍ର ଗଳ୍ପ ସଙ୍କଳନ, ୩ଟି ଉପନ୍ୟାସ ଓ ୧୩ ଟି ଗବେଷଣା ଏବଂ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇଛି ।

## ବିପଦ ସୃଷ୍ଟି କରୁଛି ବ୍ଲକଛକ ପାଖ ରାସ୍ତାର ଅବସ୍ଥା



ରେମୁଣା, ୩।୬ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ବ୍ଲକ ଛକ ପାଖରେ ବିପଦ ସୃଷ୍ଟି କରୁଛି ରାସ୍ତାର ଅବସ୍ଥା । ଏହି ପାଖରେ ଫକୀରମୋହନ ମେଡିକାଲ କଲେଜ, ଫକୀରମୋହନ ହସ୍ପିଟାଲ, ତହସିଲ ଅଫିସ, ବ୍ଲକ କାର୍ଯ୍ୟାଳୟ, ସ୍କୁଲ, କଲେଜ, ମନ୍ଦିର ଓ ଗ୍ୟାସ ଏଜେନ୍ସି ଅଫିସ ଥିବା ସତ୍ତ୍ୱେ ଏହି ରାସ୍ତାର ଅବସ୍ଥା ମରଣଯନ୍ତା ପାଲିଟିଛି । ଏହି ରାସ୍ତା ଦେଇ ସବୁବେଳେ ହଜାର ହଜାର ଦୁଇ ଚକିଆ ଯାନ, ବସ୍, ଟ୍ରକ ଯାତାୟତ କରୁଛି । ଛୋଟ ପିଲାମାନେ ସ୍କୁଲ କଲେଜ ଯାଉଛନ୍ତି, ଆମ୍ବୁଲାନ୍ସ ଯାତାୟାତ କରୁଛି ଏବଂ ମନ୍ଦିରକୁ ପୂଜା କରିବାକୁ ବହୁତ ଲୋକ ଏହି ରାସ୍ତା ଦେଇକି ଯାଉଛନ୍ତି । ଯାହାଫଳରେ ଯାତାୟାତ କରୁଥିବା ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଦୀର୍ଘ ଦିନ ହେବ ଏହି ରାସ୍ତାକୁ ମରାମତି କରାଯାଉନାହିଁ । ପିଚୁ ଉଠିକି ରାସ୍ତା ପୁରା ଖାଲ ହୋଇଯାଇଅଛି । ଏହି ସମ୍ବେଦନଶୀଳ ଘଟଣା ପ୍ରତି କେହି ଦୃଷ୍ଟି ଦେଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହାର ମରାମତି ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗକୁ ଅଘଟଣ ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଚୋରା କାଠ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି କୁଲଡ଼ିହା ଅଭୟାରଣ୍ୟ

ନୀଳଗିରି, ୩।୬ (ସମିସ): ଏବେ ଚୋରା କାଠ ବେପାରୀଙ୍କ ଲୋଲୁପ ଦୃଷ୍ଟି ପଡିଛି କୁଲଡ଼ିହା ଅଭୟାରଣ୍ୟ ଉପରେ । ଅତି ଚତୁରତାର ସହ କାଠ ବେପାରୀମାନେ ବଡ଼ ବଡ଼ ମୂଲ୍ୟବାନ ଗଛ କାଟି ନେଉଥିବା ବେଳେ ଗଣ୍ଡି ଗୁଡ଼ିକ ଉପରେ ଡାଳ ପତ୍ର ପକାଇ ଲୁଚାଇ ରଖିଥିବାର ଦେଖିବାକୁ ମିଳିଛି । ସମୟ ସୁଯୋଗ ପାଇଲେରାତତା ରାତି ସେଗୁଡ଼ିକୁ ଚାଲାଣ କରିଥାନ୍ତି । ଏପରି ଏକ ଦୃଶ୍ୟ କୁଲଡ଼ିହା ଅଭୟାରଣ୍ୟ ବାଲିଆନାଳ ବିଟ୍ ହାଉସ୍ ରୁ ଅଳ୍ପ ଦୂରରେ ଏହି ସବୁ ମୂଲ୍ୟବାନ ଗଛ କଟା ଯାଇଥିବାର ଦେଖିବାକୁ ମିଳିଛି । ବନ ବିଭାଗର କର୍ମଚାରୀମାନେ ଦିନ ରାତି ସଜାଗ ରହୁଥିବା ବେଳେ କିପରି ଜାଣି ପାରୁନାହାନ୍ତି, ତାହା ଏବେ ସନ୍ଦେହ ଘେରରେ । ବାଲେଶ୍ୱର ଡି ଏଫ୍ ଓ ଏଥିପ୍ରତି ଦୃଷ୍ଟି ଦେବା ସହ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ନୀଳଗିରି ସହରରେ ବୁଲିଲା ହାତୀ, ଲୋକେ ଆତଙ୍କିତ



ନୀଳଗିରି, ୩।୬ (ସମିସ): କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀ ଖାଦ୍ୟ ଖାଇବା ଆଶାରେ ନୀଳଗିରି ସହରର ଘାଟଘରସାହି ଅଞ୍ଚଳରେ ବୁଲୁ ଥିବା ବେଳେ ସହରବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ହାତୀଟି ନୀଳଗିରି ସହରକୁ ପ୍ରବେଶ କରୁଥିବା ବେଳେ ନୀଳଗିରି ବନ ବିଭାଗ ହାତୀଟିକୁ ଘଉଡ଼ାଇ ଦେଇଥିବାର ଦେଖିବାକୁ ମିଳିଛି ।

## ବିରଳ ଘୋଡ଼ା ନାଗ ଉଦ୍ଧାର



ଜଳେଶ୍ୱର, ୩।୬ (ସମିସ): ନଛିମପୁର ପଞ୍ଚାୟତର ଆମ୍ବିଳିଅଠା ଗାଁର ଯତୀନ୍ଦ୍ର ନାଥ ଦେଙ୍କ ବାଡ଼ ରେ ଲଗାଯାଇ ଥିବା ଜାଲରେ ଏକ ସାପ ଫସି ରହିଥିଲା । ସାପଟିର ଲମ୍ବା ୬ ଫୁଟ୍ ହୋଇଥିବା ବେଳେ ଦେହରେ କଳା ଧଳା ପଟା ପଟା ଦାଗ ରହିଛି । ବନ ବିଭାଗକୁ ଖବର ଦେବା ପରେ ହରିଶ୍ ଅଣ୍ଡିଆ ଘଟଣା ସ୍ଥଳରେ ପହଞ୍ଚି ବିରଳ ପ୍ରଜାତିର ଘୋଡା ନାଗକୁ ଉଦ୍ଧାର କରିଥିଲେ । ବହୁ ଦେଖଣାହାରୀ ରୁଣ୍ଡ ହୋଇଥିବା ବେଳେ ବିଷଧର ବିରଳ ପ୍ରଜାତିର ସର୍ପକୁ ଜାତୀୟ ରାଜପଥ ପାଶ୍ୱର୍ ବୁଦାରେ ଛାଡିଥିବା ଜଣା ଯାଇଛି ।

## ମକରଧ୍ୱଜପୁର ପୋଲ ପରିଦର୍ଶନ ପରେ ଆକ୍ସନମୋଡରେ ବିଧାୟକ



**କାମବନ୍ଦ ନିର୍ଦ୍ଦେଶ ଦେଲେ**

ଖଇରା, ୩।୬ (ସମିସ): ବାଲେଶ୍ୱର ଜିଲା ଖଇରା ଓ ଭଦ୍ରକ ଜିଲାର ବନ୍ତ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାର ମକରଧ୍ୱଜପୁର ଗ୍ରାମ ନିକଟରେ କାହ୍ନେଇ ନାଳ ଉପରେ ପୋଲ ନିର୍ମାଣ ପାଇଁ ୨୦୨୪ ମସିହାରେ ସାଢେ ୫କୋଟି ଟଙ୍କା ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ହେଲେ ଠିକାଦାର ୨ବର୍ଷ ପରେ ଏବେ କିଛିଦିନ ତଳୁ କାମ ଆରମ୍ଭ କରିଥିବା ବେଳେ ବିନା ଚ୍ୟାନେଲର ବୋରିଂ ଗାତ କରିବା, ସୂଚନା ଫଳକ ନ ଲଗାଇବା, ବ୍ୟକ୍ତି ଜମି ଉପରେ ଏହି ନିର୍ମାଣ କରାଯିବା ଇତ୍ୟାଦି ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବୁଧବାର ବିଧାୟକ ପଦ୍ମଲୋଚନ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀ, ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠଙ୍କ ସହ ପୋଲ ନିର୍ମାଣ ହେଉଥିବା ସ୍ଥାନକୁ ଗସ୍ତ କରି ଅନିୟମିତତା ହୃଦବୋଧ କରିଥିଲେ । କାମକୁ ତୁରନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ସହ ଗୋଟିଏ ବି ଟଙ୍କା ରାଜକୋଷରୁ ନ ଦେବାକୁ ଅଧିକାରୀଙ୍କୁ କହିଥିଲେ ।

## ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ବିବାଦ ତେଜୁଛି

ବସ୍ତା ବ୍ଲକ, ୩।୬ (ସମିସ)



**ବିଦ୍ୟାଳୟ ଆଗରେ ଅଭିଭାବକ ଓ ଗ୍ରାମବାସୀଙ୍କ ବିକ୍ଷୋଭ**

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ସର୍ବପୁରାତନ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣୀଙ୍କୁ ନେଇ ବିବାଦ ତେଜିବାରେ ଲାଗିଛି । ସେ ଏହି ସ୍କୁଲରେ ୨୦ ବର୍ଷ ଧରି ରହିବା ସହିତ ସ୍କୁଲକୁ ଆସୁଥିବା ସରକାରୀ ଅର୍ଥ ହେରଫେର ସହିତ ପିଲାଙ୍କ ମଧ୍ୟାହ୍ନଭୋଜନ ଟଙ୍କା ଜାଲିଆତି କରିବା, ସରପଞ୍ଚଙ୍କଠାରୁ ଆରମ୍ଭ କରି ସ୍କୁଲ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଖାଦ୍ୟ ଦେଉଥିବା ମହିଳା ଗ୍ରୁପ୍ ଓ ଅଭିଭାବକ ମାନଙ୍କୁ ରୁକ୍ଷ ବ୍ୟବହାର କରିବା ଭଳି ସଙ୍ଗୀନ ଅଭିଯୋଗ ବାରମ୍ବାର ହୋଇଛି । ଏହି ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି ପାଇଁ ଦାବି କରାଯାଉଥିବା ବେଳେ ସଦ୍ୟ ପ୍ରକାଶିତ ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ତାଲିକାରେ ତାଙ୍କର ସେହି ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ବାହାରି ଥିବାରୁ ତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତାଙ୍କ ବଦଳରେ ଅନ୍ୟ ପ୍ରଧାନ ଶିକ୍ଷକ ଦେବା ଦାବିରେ ବସ୍ତା ଅଞ୍ଚଳବାସୀ, ଅଭିଭାବକ, ପୁରାତନ ଛାତ୍ର ସଂସଦ ର କର୍ମକର୍ତ୍ତା, ପୂର୍ବତନ ସରପଞ୍ଚ, ସଦାନନ୍ଦ ପୁର ସରପଂଚ ସ୍କୁଲ ଆଗରେ ବିକ୍ଷଭ ପ୍ରଦର୍ଶନ କରିବା ସହିତ ସ୍କୁଲ ଗେଟରେ ତାଲା ପକାଇ ଥିବା ଦେଖିବାକୁ ମିଳିଛି ।

ବସ୍ତାର ସର୍ବ ପୁରାତନ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ୬ ଶହ ୨୦ ଶିକ୍ଷାର୍ଥୀ ଥିବା ସହିତ ଏନ୍‌ସିସି, ସ୍କାଉଟ ରହିଛି । ଅଳକା ବିନ୍ଧାଣୀ ୨୦୦୬ ମସିହାରୁ ଏହି ସ୍କୁଲ ରେ ଶିକ୍ଷୟତ୍ରୀ ଥିବା ବେଳେ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କ ଅବସର ପରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ୨୦୧୮ ରେ ବସ୍ତା ମଡେଲ ସ୍କୁଲ୍ ଶମ୍ଭୁନାଥ ସରକାରୀ ହାଇ ସ୍କୁଲ ସହିତ ମିଶ୍ରଣ ହୋଇଥିଲା । ଅନ୍ୟ ପକ୍ଷେ ୨୦୨୪ ରେ ଏହି ସ୍କୁଲ ପିଏମ୍‌ଶ୍ରୀ ମାନ୍ୟତା ଲାଭ କରିଛି ।୨୦୨୨ ମସିହା ଠାରୁ ସେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଇ ଆସୁଥିଲେ । ସ୍କୁଲରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଟଙ୍କା ହେରଫେର କରୁଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଉକ୍ରଳ ଦିବସରେ ପିଲାଙ୍କୁ ରନ୍ଧା ଖାଦ୍ୟ ନ ଦେଇ ଖାଲି ଅଣ୍ଡା ଦେଇ ଚାଉଳ ହଡ଼ପ ଉଦ୍ୟମ ଯୋଜନା କରୁଥିବା ଜନୈକ ଅଭିଭାବକ ଗଣମାଧମକୁ ସୂଚନା ଦେବା ପରେ ବସ୍ତା ଗଣମାଧମ ପ୍ରତିନିଧି ମାନେ ସ୍କୁଲରେ ପହଞ୍ଚିବା ପରେ ତାଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଶାଳୀନ ବ୍ୟବହାର ସହିତ କ୍ୟାମେରା ଛଡ଼ାଇ ଥିଲେ । ଏହି ଘଟଣା ନେଇ ସ୍କୁଲ ପରିଚାଳନା କମିଟି ସଭାପତି ବସ୍ତା ବିଇଓଙ୍କୁ ଅଭିଯୋଗ ପରେ ବସ୍ତା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବସ୍ତା ବିଇଓ ଯାଞ୍ଚ କରିବା ସହିତ ତାଙ୍କଠାରୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଅପସାରଣ କରି ଶିକ୍ଷୟତ୍ରୀ ଝରଣା ରାଉତଙ୍କୁ କାର୍ଯ୍ୟଭାର ଦେଇଥିଲେ । ମାତ୍ର ଅଳକା ବିନ୍ଧାଣୀ ଦାୟିତ୍ୱ ଦେଇଥିଲେ ସତ କିନ୍ତୁ ମଧ୍ୟାହ୍ନ ଭୋଜନ ସହିତ ଅନ୍ୟ କାଗଜ ପତ୍ର, ପାସ ବୁକ୍ ଭଳି ଅନ୍ୟ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ । ଆଜକୁ ୭ ମାସ ଧରି ଖାଦ୍ୟ ଦେଉଥିବା ମହିଳା ଗ୍ରୁପ୍‌କୁ ଟଙ୍କା ଦେଉନାହାନ୍ତି ଓ ଟଙ୍କା ମାଗିଲେ ଧମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି । ଏବେ ବି ସ୍କୁଲ ଗୋଦାମରେ ଚାଉଳ ଖତ ଖାଉଥିବା କୁହା ଯାଉଛି । ସେହିପରି ଖେଳ ସାମଗ୍ରୀ କିଣାରେ ଦୁର୍ନୀତି, ଏନ୍ ସି ସି ଟଙ୍କା ଖର୍ଚ୍ଚ ରେ ଦୁର୍ନୀତି, ପି ଏମ୍ ଶ୍ରୀ ସ୍କୁଲ କୁ ଆସିଥିବା ଟଙ୍କାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହିଭଳି ଦୁର୍ନୀତି ଗ୍ରସ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବସ୍ତା ବ୍ଲକ ଶିକ୍ଷା ବିଭାଗ ଘଣ୍ଟ ଘୋଡ଼ାଉ ଥିବା ଅଭିଯୋଗ ହୋଇଛି । ଅଳକା ବିନ୍ଧାଣୀଙ୍କଠାରୁ ଦାୟିତ୍ୱ କାଢ଼ି ନେଇଥିବା ବେଳେ ସେ ଦାୟିତ୍ୱ ନେଇଥିବା ଝରଣା ରାଉତଙ୍କୁ ଦାୟିତ୍ୱ ଦେଉନଥିବା ବେଳେ ବସ୍ତା ବିଇଓ କାହା ଚାପରେ ଚୁପ୍ ବସିଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି । ଏପରିକି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ ସ୍କୁଲ କୁ ତଦନ୍ତ ପାଇଁ ଆସି ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଓଲଟା ଧମକ ଦେଇଥିବା ଶୁଣିବାକୁ ମିଳିଛି । ଏହି ଜାଲିଆତି ଘଟଣା ରେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଅନ୍ୟତ୍ର ବଦଳି ପାଇଁ ବସ୍ତା ବିଧାୟିକା ସୁବାସିନୀ ଜେନା , ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡାଙ୍କ ହସ୍ତକ୍ଷେପ ବସ୍ତା ଜନସାଧାରଣ ଲୋଡ଼ିଥିବା ବେଳେ ଏହାକୁ ବସ୍ତା ନେତୃବୃନ୍ଦ ଚୁପ୍ ରହିବା ସମସ୍ତଙ୍କୁ ବିସ୍ମିତ କରିଛି । ଅନ୍ୟ ପକ୍ଷେ ଜଣେ ବିବାଦୀୟ, ଦୁର୍ନୀତି ତଦନ୍ତ ପରିସରଭୁକ୍ତ, ଓ ବିଭାଗୀୟ କାର୍ଯ୍ୟନୁଷ୍ଠାନ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଦୁର୍ନୀତି କରୁଥିବା ସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷୟତ୍ରୀ ଭାବେ ପୁନ ଅବସ୍ଥାନ କରି ପୁରସ୍କାର ଦେବା ଶିକ୍ଷା ବିଭାଗ ଓ ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ ତୀବ୍ର ସମାଲୋଚନା କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଙ୍କ ଅନ୍ୟତ୍ର ବଦଳି ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସବୁ ମହଲରୁ ଚେତାବନୀ ଦିଆ ଯାଇଛି ।

## ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ବୈଠକ



ବ୍ରହ୍ମପୁର,୩।୬(ସମିସ): ସ୍ଥାନୀୟ ପ୍ରେମନଗର ସ୍ଥିତି ଓଷ୍ଟା କାର୍ଯ୍ୟାଳୟ ପରିସରରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଜିଲ୍ଲା ସଭାପତି ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ଯୋଗଦେଇ ଶିକ୍ଷକ ମହାସଂଘର ଇତିହାସ, ଆନ୍ଦୋଳନ, ଦାବି ହାସଲର ଇତିବୃତ୍ତି ସହ ନୂତନ ଅନୁଦାନ ଆଇନ ପ୍ରଚଳନ, ସୁପ୍ରିମ କୋର୍ଟର ନିର୍ଦ୍ଦେଶ ପାଳନରେ ଟାଳଟୁଳ ନୀତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶିକ୍ଷକମାନେ ଏକତା ଓ ସଂହତି ରକ୍ଷା କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସ୍ରଷ୍ଟା ଅବନୀ ବରାଳଙ୍କ ୯୨ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ସମ୍ପାଦକ ଅଶୋକ କୁମାର ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଯୁଧିଷ୍ଠିର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକନେତା ରାଜେନ୍ଦ୍ର କୁମାର ପଣ୍ଡା, ସୋମନାଥ ସାହୁ, ପ୍ରାଧ୍ୟାପକ ପ୍ରଶାନ୍ତ ପାତ୍ର, ଅବସର ପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ପରିଡା, ଦିଲ୍ଲୀପ କୁମାର ତ୍ରିପାଠୀ, କୈଳାଶ ବେହେରା, ବିପ୍ର ଚରଣ ଚୌଧୁରୀ ଓ ବଳରାମ ବାରିକ ପ୍ରମୁଖ ଯୋଗଦେଇଥିଲେ।

### ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗ ସୁଶାନ୍ତଙ୍କ ମୃତ୍ୟୁ ଘଟଣା

# ବୟାନ ବଦଳାଇବାକୁ ମୃତକଙ୍କ ଭାଇ ଉପରେ ଚାପ ଓ ଧମକ

କବିସୂର୍ଯ୍ୟନଗର,୩।୬(ସମିସ)

- ଏଚ୍ଆରପିସିର ତଦନ୍ତ ଜାରୀ
- ନିରପେକ୍ଷ ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ

କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗ ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ପୁଲିସର (ମାନବାଧିକାର ସୁରକ୍ଷା ସେଲ) ଏଚ୍ଆର୍ପିସି ପକ୍ଷରୁ ତଦନ୍ତ ଜାରି ରହିଛି। ଏଭଳି ସ୍ଥିତିରେ ମୃତ ସୁଶାନ୍ତଙ୍କ ଭାଇ ଉପରେ ବୟାନ ବଦଳାଇବାକୁ ମୋବାଇଲ ଫୋନରେ ଏପରିକି ତାରାତାରିଣୀ ସ୍ଥିତ ଦିଗନ୍ତ ଆଇବିରେ ଚାପ ହେଉଥିବା ଅଭିଯୋଗ ହୋଇଛି। ତେବେ କିଏ ଏବଂ କାହିଁକି ଏଭଳି ଚାପ ପକାଉଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ମୃତ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଏଚ୍ଆର୍ପିସି ଟିମ ଜେରା କରିଛି। ପୁରୁଷୋତ୍ତମପୁର ସ୍ଥିତ ଦିଗନ୍ତ ଡାକବଙ୍ଗଳାରେ



ମୃତକଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି ତଦନ୍ତକାରୀ ଟିମ। ଅପରପକ୍ଷେ ମୃତ ସୁଶାନ୍ତଙ୍କ ସାନଭାଇ ଶ୍ରୀକାନ୍ତ ସାହୁକୁ ଫୋନ କଲ ମାଧ୍ୟମରେ ପୁଲିସ ଆଗରେ ନିଜର ବୟାନ ବଦଳାଇବାକୁ ଚାପ ପ୍ରୟୋଗ କରାଯାଉଥିବା ଅଭିଯୋଗ କରିଛନ୍ତି ଖୋଦ୍ ମୃତ ସୁଶାନ୍ତଙ୍କ ଭାଇ। ଏପରିକି ଶ୍ରୀକାନ୍ତଙ୍କୁ ଏଥିପାଇଁ ଫୋନରେ ଧମକ ମିଳୁଥିବା ଅଭିଯୋଗ କରିଛନ୍ତି ସେ।

ଘଟଣାର ତଦନ୍ତ ପାଇଁ ଗଞ୍ଜାମ ଜିଲ୍ଲାକୁ ଗତକାଲି ଠାରୁ ଆସିଥିବା ଏଚଆରପିସିର ୪ଜଣିଆ ଟିମ୍ ଆଜି ପୁରୁଷୋତ୍ତମପୁର ସ୍ଥିତ ଦିଗନ୍ତ ଡାକବଙ୍ଗଳାରେ ମୃତ ସୁଶାନ୍ତଙ୍କ ପରିବାରକୁ ଡାକି ତଦନ୍ତ ଆରମ୍ଭ କରିଛନ୍ତି। ସେପଟେ ଗଞ୍ଜାମ ଏସ୍ପି ହରିଶ ବିଶି ଓ ଏଚଆରପିସି ଟିମ୍ କବିସୂର୍ଯ୍ୟନଗର ଥାନାରେ ଲାଗିଥିବା ସିସିଟିଭି କ୍ୟାମେରାର ସ୍ଥିତି ଯାଞ୍ଚ କରିଛନ୍ତି।

ଗୋଟିଏ ପଟେ ତଦନ୍ତ, ଅନ୍ୟପଟେ ଚାପ ଓ ଧମକ। କିଏ ପକାଉଛି ଚାପ..? କାହିଁକି ତଦନ୍ତକୁ ବାଟବଣା କରିବାକୁ ହେଉଛି ପ୍ରୟାସ...? କିଏ ଏଭଳି ଫୋନ କରି ଚାପ ପକାଉଛି...? ଏଭଳି ଗୁରୁତର ଅଭିଯୋଗର ତଦନ୍ତ ଜରୁରୀ। ସେପଟେ ଗଞ୍ଜାମ ଏସ୍ପି କବିସୂର୍ଯ୍ୟନଗର ଥାନା ଗସ୍ତ କରି ସିସିଟିଭିକୁ ଯାଞ୍ଚ କରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ପ୍ରୟାସ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରି ନ୍ୟାୟ ଭିକ୍ଷା କରିଛନ୍ତି ମୃତ ସୁଶାନ୍ତଙ୍କ ପରିବାରବର୍ଗ। ତଦନ୍ତ ଜାରି ରହିଥିବାରୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି ତଦନ୍ତକାରୀ ଟିମ୍। ଅନ୍ୟପକ୍ଷରେ ଘଟଣାକୁ ନେଇ ରାଜନୀତି ସରଗମ ଦେଖା ଦେଇଛି। ଗତକାଲି ବିଜେଡିର ତଥ୍ୟ ସଂଗ୍ରହକାରୀ ଟିମ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଭେଟିଥିବା ବେଳେ ଆଜି କଂଗ୍ରେସର ଏକ ଟିମ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି। ତେବେ ଘଟଣାର ବିଚାରବିଭାଗୀୟ ତଦନ୍ତ ସହ ପରିବାରକୁ ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବ୍ରହ୍ମପୁର,୩।୬(ସମିସ): ଏମ୍କେସିଜି ଅଡିଟୋରିୟମରେ ବିଶ୍ୱ ପରିବେଶ ଦିବସ-୨୦୨୬ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ଦୀପକ କୁମାର ମିଶନ ଲାଇଫ୍ ଶପଥ ମଧ୍ୟ ପାଠ କରାଯାଇଥିଲା। ପ୍ରତିଯୋଗିତାରେ ଉପ-କନିଷ୍ଠ ବର୍ଗର ବିଷୟ ଥିଲା 'ପ୍ରକୃତିକୁ ବଞ୍ଚାଅ, ଆସନ୍ତାକାଲିକୁ ବଞ୍ଚାଅ', କନିଷ୍ଠ ବର୍ଗର 'ନବୀକରଣଯୋଗ୍ୟ ଶକ୍ତି: ଭବିଷ୍ୟତର ଶକ୍ତି' ଏବଂ ବରିଷ୍ଠ ବର୍ଗର 'ପ୍ରକୃତିରୁ ପ୍ରେରଣା: ଜଳବାୟୁ ଓ ଆମ ଭବିଷ୍ୟତ ପାଇଁ' ବିଷୟ ରହିଥିଲା। ପ୍ରତିଯୋଗିତାରେ ପ୍ରାୟ



ସାହୁ ଯୋଗଦେଇ ପ୍ରତିଯୋଗିତା ମାଧ୍ୟମରେ ଶତାଧିକ ପରିବାର ନିକଟରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଯାଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମସ୍ତେ ଅନୁଭବ କରୁଥିବା ବେଳେ ଏହାର ମୁକାବିଲା ପାଇଁ ସମସ୍ତଙ୍କୁ ସଚେତନ ଓ ସକ୍ରିୟ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ୫୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ କଲେଜ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୫ ଜୁନ୍ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।

## କାର୍ କିଣିବାକୁ ଆସିଥିବା ବ୍ୟକ୍ତିଙ୍କୁ ଅପହରଣ

**ମହିଳାଙ୍କ ସମେତ ୨ ଗିରଫ**

ବ୍ରହ୍ମପୁର,୩।୬(ସମିସ): କାର୍ କିଣିବାକୁ ଆସିଥିବା ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ବ୍ରହ୍ମପୁରରୁ ଅପହରଣ କରି ଗୋପାଳପୁର ନେଇ ଟଙ୍କା ଆଦାୟ ଘଟଣାରେ ଗୋସାଇଁନୂଆଗାଁ ଥାନା ପୁଲିସ ଜଣେ ମହିଳା ସମେତ ୨ ଜଣଙ୍କ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କଲ୍ୟାଣୀ ପ୍ଲାଜାରେ ରହୁଥିବା ମୟୂରଭଞ୍ଜ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବନୋଜ କୁମାର ତରାଇ(୩୫) ଓ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଙ୍କୁଲି ଖଳାସାହିର ସ୍ନେହଲତା ଦାସ(୨୬)। ପୁଲିସ ଉଭୟଙ୍କ ନିକଟରୁ ୩ଟି ମୋବାଇଲ ଏବଂ ଟଙ୍କା ନେଣଦେଣର ପ୍ରମାଣ ଜବତ କରିଛି। ସୂଚନାପ୍ରକାରେ, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳର ଆଲୋକ କୁମାର ଦାସ(୪୨) ତାଙ୍କ ୩ ସାଙ୍ଗଙ୍କ ସହ ଏକ କାର୍ କିଣିବାକୁ ମଙ୍ଗଳବାର ବ୍ରହ୍ମପୁର ଆସିଥିଲେ। ଆଲୋକ ଆନ୍ଧପସରା ରୋଡ୍ ନିକଟରେ ଥିବା ଏକ କାର ସୋରୁମ ମାଲିକଙ୍କ ସହ କଥା ହେଉଥବାବେଳେ କାର୍ ଏବଂ ଦୁଇଟି ବାଇକ୍ରେ ୮ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅପହରଣ କରି ଗୋପାଳପୁର ବେଳାଭୂମିକୁ ନେଇଯାଇଥିଲେ। ସେଠାରେ ମାଡ଼ମାରି ୨.୪୦ ଲକ୍ଷ ଟଙ୍କା ଦାବି କରିଥିଲେ।

ପରେ ଏକ ହୋଟେଲକୁ ନେଇ ବନ୍ଦୀକରି ରଖିଥିବାବେଳେ ଆଜି ଭୋରୁ ସେ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ଗୋସାଇଁନୂଆଗାଁ ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୨ୟ ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ

## ଦର୍ଶକଙ୍କ ହୃଦୟ ଜିଣିଲା 'ସେମାନେ ଆସିବେ'





ବ୍ରହ୍ମପୁର,୩।୬(ସମିସ): ଆଜି ମଣିଷ ମଣିଷ ଆଧୁନିକତା ଶୀର୍ଷରେ ପହଞ୍ଚିଛି ବୋଲି ଡିଣ୍ଡିମ ପିଟୁଛି ହେଲେ ଅନ୍ୟପଟେ ଦେଖିଲା ବେଳକୁ ନିଜ ପରମ୍ପରା, ସଂସ୍କୃତିକୁ ଭୁଲି ଗଲାଣି। ମୁଣ୍ଡକୁ ହାତ ପାଇ ଗଲାପରେ ଆଉ ପିତାମାତାଙ୍କୁ ଚିହ୍ନି ପାରୁନାହିଁ। ଏମିତିକି ନିଜ ବୃଦ୍ଧ ପିତାମାତାଙ୍କୁ ନେଇ ବୃଦ୍ଧାଶ୍ରମ ଏବଂ ସହରରେ ଜନପୂର୍ଣ୍ଣ ଗହଳି ମଧ୍ୟରେ ମଧ୍ୟ ଛାଡି ଦେବାକୁ ପଛାଏ ନାହିଁ। ଏମିତି କିଛି ଘଟଣା ବସ୍ତୁକୁ ନେଇ ଅଧ୍ୟାପକ ଗୋପାଳ ମହାରଣାଙ୍କ ରଚିତ ଏବଂ କଳା ଗୌରବ ବିଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶିତ ନାଟକ "ସେମାନେ ଆସିବେ'। ସତ୍ୟ ମହାରଣା ମଞ୍ଚ ସଜାଇଥିବା ବେଳେ ଗୁରୁ ମାଧବ ପାତ୍ର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ଗଞ୍ଜାମ ଜିଲ୍ଲା କଳାକାର ସଂଘ ଦ୍ୱାରା ଆୟୋଜିତ ୧ମ ଗଞ୍ଜାମ ଜିଲ୍ଲାସ୍ତରୀୟ ନାଟକ ମହୋତ୍ସବର ୨ୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ଏହି ଦୁଃଖଭରା ନାଟକଟି। ଖ୍ୟାତି ସମ୍ପନ୍ନ ସାଂସ୍କୃତିକ ବ୍ୟକ୍ତିତ୍ୱ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଗଞ୍ଜାମ କଳା ପରିଷଦର ସାଧାରଣ ସମ୍ପାଦକ ଇ. ଅପୂର୍ବ ପଟ୍ଟନାୟକ, ଇ ଆଶୁତୋଷ ପାତ୍ର, ବରିଷ୍ଠ ନାଟ୍ୟକାର ଡ ତିରୁପତି ସାହୁ, ସମାଜସେବୀ ଇ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ ସମାଜସେବୀ ତଥା ସଂଗଠକ ଅକ୍ଷୟ କୁମାର ସେଠି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମନୋଜ କୁମାର ଦଣ୍ଡପାଟ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଶଙ୍କର୍ଷଣ ସାବତ ସଭାକୁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ପ୍ରଦୀପ ମଦନ ମିଶ୍ର ଏବଂ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସଂଘର ସାଧାରଣ ସମ୍ପାଦକ ଡ ମିହିର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପ ସଭାପତି କୈଳାସ ଚନ୍ଦ୍ର ପାଣିଗ୍ରାହୀ, ତାପସ ପାଣିଗ୍ରାହୀ, ସୁଦୀପ କୁମାର୍ ସାହୁ, ସୁନନ୍ଦା ରାଣୀ ସାହୁ, ରବୀନ୍ଦ୍ର କୁମାର ନାୟକ, ସରୋଜ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ମୋସୁମୀ ମିଶ୍ର ଏବଂ ସୁନୀର ବିଶ୍ୱାସ ସଂଗୀତ ପରିବେଷଣ କରିଥିଲେ।

## ଜାଲ୍ ସତ୍ୟପାଠ ଦାଖଲ ଅଭିଯୋଗ; ଅଭିଯୁକ୍ତ ଭାଇ ଗିରଫ

ବ୍ରହ୍ମପୁର,୩।୬(ସମିସ): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜାଲ୍ ନୋଟାରୀ ସତ୍ୟପାଠ ଦାଖଲ କରିବା ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିଜିପୁର ବଡ଼ସାହିର ସ୍ୱର୍ଗତ ସୁଧାକର ଶୁକ୍ଳାଙ୍କ ପୁଅ ବିନାୟକ ଶୁକ୍ଳା(୫୫)। ଏ ନେଇ ଟାଉନ ଥାନାରେ ଏକ ମାମଲା(୭୪/୨୬) ରୁଜୁ ହୋଇଥିବା ବେଳେ ତାଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି। ସୂଚନାପ୍ରକାରେ, ବିଜିପୁରର ସୁରେନ୍ଦ୍ର ପ୍ରସାଦ ଶୁକ୍ଳା(୬୨) ଓ ଅଭିଯୁକ୍ତ ବିନାୟକ ଶୁକ୍ଳା ଦୁଇ ଭାଇ। ଉଭୟଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଦୀର୍ଘଦିନ ହେବ ଚାଲିଆସୁଥିଲା। କିଛିଦିନ ତଳେ ଅଭିଯୁକ୍ତ ବିନାୟକ ଶୁକ୍ଳା ଟିପିଏସଓଡିଏଲ୍ ନିକଟରେ ଏକ ନୂତନ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରିଥିଲେ। ଏଥିପାଇଁ ସେ ଗତ ଜାନୁଆରୀ ୨୮ ରେ ଏକ ନୋଟାରୀ ସତ୍ୟପାଠ ତଥା ଏନ୍ଓସି ଦାଖଲ କରିଥିଲେ। ତେବେ ଏହି ସତ୍ୟପାଠରେ



ପରିବାରର ୬ ଜଣ ସଦସ୍ୟ ଯଥା ଅଭିଯୋଗକରୀ ସୁରେନ୍ଦ୍ର ପ୍ରସାଦ ଶୁକ୍ଳା, ମୀନାକ୍ଷୀ ଶୁକ୍ଳା, ସଞ୍ଜୀବ ଶୁକ୍ଳା, ବିରଜା ଶୁକ୍ଳା, ବଳଜିତ ଶୁକ୍ଳା ଏବଂ ସଲମା ପ୍ରିୟଦର୍ଶିନୀ ଶୁକ୍ଳାଙ୍କ ଅଜାଣତରେ ସେମାନଙ୍କ ଜାଲ୍ ଦସ୍ତଖତ କରାଯାଇଥିବା ନେଇ ସୁରେନ୍ଦ୍ର ଟାଉନ ଥାନାରେ ଅଭିଯୋଗ କରିଥିଲେ।

ଫେବୃଆରୀ ୭ ଅପରାହ୍ନରେ ପରିବାରର ଅଭିଯୁକ୍ତ ବିନାୟକ ଅଭିଯୋଗକାରୀ ସୁରେନ୍ଦ୍ରଙ୍କ ପତ୍ନୀ ସୁଜାତା ଶୁକ୍ଳା ଓ ଝିଅ ସୁଭଦ୍ରା ଶୁକ୍ଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ସେ ଜବରଦସ୍ତି ସେମାନଙ୍କ ରୁମ୍ର ଇନଭର୍ଟର ପାୱାର ସପ୍ଲାଇ କାଟି ଦେବା ସହ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ତଦନ୍ତ ବେଳେ ପୁଲିସ ଟିପିଏସଓଡିଏଲ୍ରୁ ମିଳିଥିବା ବିଦ୍ୟୁତ ସଂଯୋଗ ସମ୍ପର୍କିତ କାଗଜପତ୍ର ଏବଂ ସେହି ଜାଲ୍ ସତ୍ୟପାଠକୁ ଜବତ କରିଛି।

### ୧୪ ବର୍ଷରୁ କମ୍ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବାଳିକା ବିଭାଗରେ ଗଞ୍ଜାମ ଓ ନବରଙ୍ଗପୁର ବିଜୟୀ






ବ୍ରହ୍ମପୁର,୩।୬(ସମିସ)

- ବାଳକରେ ଜିତିଲା କୋରାପୁଟ ଓ ନବରଙ୍ଗପୁର
- ୪ର୍ଥ ଦିବସରେ କନ୍ଧମାଳ-କଳାହାଣ୍ଡି, ରାୟଗଡ଼ା ଓ ଗଜପତି ମ୍ୟାଚ୍

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୪ବର୍ଷରୁ କମ୍ ଦ୍ୱିତୀୟ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଉଭୟ ବାଳକ ଓ ବାଳିକା ବିଭାଗର ଆଜି ତୃତୀୟ ଦିନରେ ଉଭୟ ବର୍ଗରେ ୪ଟି ମ୍ୟାଚ ଖେଳାଯାଇଛି। ପୂର୍ବାହ୍ନରେ ବାଳିକା ବିଭାଗର ଅନୁଷ୍ଠିତ ଦୁଇଟି ମ୍ୟାଚରେ ଯଥାକ୍ରମେ କୋରାପୁଟକୁ ଗଞ୍ଜାମ ଦଳ (୧-୦) ଗୋଲରେ ପରାସ୍ତ କରିଥିଲା। ବିଜୟୀ ଗଞ୍ଜାମ ଦଳ ପକ୍ଷରୁ କିଶୋରିକା ପାଢୀ ଏକମାତ୍ର ଗୋଲ ସ୍କୋର କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ ମାଲକାନଗିରି ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ମାଲକାନଗିରିକୁ ଏକତରଫା ଭାବେ (୫-୦) ଗୋଲରେ ପରାସ୍ତ କରିଥିଲା। ବିଜୟୀ ନବରଙ୍ଗପୁର ଦଳ ପକ୍ଷରୁ ପୂର୍ଣ୍ଣିମା ଗୋଣ୍ଡ ଓ ପିଙ୍କି ଗୋଣ୍ଡ ଦୁଇଟି ଲେଖାଏଁ ଗୋଲ କରିଥିବା ବେଳେ ରସ୍ମିତା ଗୋଷ୍ଠ ଗୋଟିଏ ଗୋଲ ସ୍କୋର କରିଥିଲେ।

ପୂର୍ବାହ୍ନରେ ଅନୁଷ୍ଠିତ ବାଳିକା ବିଭାଗର ଉଭୟ ମ୍ୟାଚକୁ ଯଥାକ୍ରମେ ବନିତା ହେମ୍ବ୍ରିକା, ରାହାନ୍ତି ସାରକା, ରେବତୀ ପିଡିସିକା ଓ ରୋହିଲା ଭଦ୍ରା ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିଲେ। ସେହିଭଳି ବାଳକ ବର୍ଗରେ ଆଜି ପ୍ରଥମ ମ୍ୟାଚ ଗଞ୍ଜାମ ଓ କୋରାପୁଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗଞ୍ଜାମକୁ କୋରାପୁଟ ଦଳ (୨-୦) ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ମାଲକାନଗିରି ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ଦଳ ପ୍ରତିପକ୍ଷ ମାଲକାନଗିରି ଦଳକୁ (୨-୦) ଗୋଲରେ ପରାସ୍ତ କରିଥିଲା। ଆଜିର ମ୍ୟାଚରେ ଜିଲ୍ଲା କ୍ରୀଡା ସଂଘର କର୍ମକର୍ତ୍ତାଙ୍କ ସହିତ ଏନ.ଆଇ.ଏସ କୋଚ ଆର. କେ. ମଣ୍ଡଳ ଏବଂ ଓଡିଶା ଅଲମ୍ପିକ ସଂଘର ସମ୍ପାଦକ ଅଭିଜିତ ପୌଲ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଅନୁଷ୍ଠିତ ୪ଟି ମ୍ୟାଚରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ବିଜୟ କୁମାର ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ଡି.ଡି. ଗନ୍ତାୟତ, ପ୍ରମୋଦ ମହାରଣା, ଡି. ଆପ୍ପା ରାଓ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡି. ବାବୁ ରାଓ ଓ ଜି.ଏମ. ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଷ ବର୍ଗର ଖେଳ ଗୁଡିକୁ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା ଓ ଖଗପତି ଖରା ପ୍ରମୁଖ ରେଫେରୀ ଭାବେ ପରିଚାଳନା କରିଥିଲେ। ଆସନ୍ତାକାଲି ଉଭୟ ବାଳକ ଓ ବାଳିକା ବର୍ଗରେ ଯଥାକ୍ରମେ କନ୍ଧମାଳ ଏବଂ କଳାହାଣ୍ଡି , ରାୟଗଡା ଓ ଗଜପତି ଜିଲ୍ଲା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଜୋନରେ ଆୟୋଜିତ ହେଉଥିବା ଏହି ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ପ୍ରତିଯୋଗିତାରେ ଆୟୋଜକ ଗଞ୍ଜାମ ସହ କଳାହାଣ୍ଡି, ମାଲକାନଗିରି, ରାୟଗଡା, କୋରାପୁଟ, କନ୍ଧମାଳ, ନବରଙ୍ଗପୁର ଓ ଗଜପତି ଆଦି ୮ଟି ଦଳ ସାମିଲ ହୋଇଛନ୍ତି।

## ମାଛ ଝୋଳକୁ କେନ୍ଦ୍ର କରି ଗ୍ରାହକକୁ ଆକ୍ରମଣ; ୨ ଭାଇ ଗିରଫ

ବ୍ରହ୍ମପୁର,୩।୬(ସମିସ): ହୋଟେଲରେ ଅଧିକ ମାଛ ଝୋଳର ଟଙ୍କା ମାଗିବାକୁ କେନ୍ଦ୍ର କରି ଗ୍ରାହକଙ୍କୁ ଆକ୍ରମଣ କରିଥିବା ୨ ଭାଇଙ୍କୁ ବଡ଼ବଜାର ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ତୁଳସୀ ନଗର ୮ମ ଲେନ୍ର ନୀଳମଣି ପାଢ଼ୀ(୪୧) ଓ ତାଙ୍କ ସାନଭାଇ ବାଲାଜୀ ପାଢୀ (୩୦)।

ସୂଚନାପ୍ରକାରେ, ଗତକାଲି ସନ୍ଧ୍ୟା ୭ ଟା ୪୫ରେ ଜଣେ ଗ୍ରାହକ ହରିଡ଼ାଖଣ୍ଡି ଛକରେ ଥିବା ଏକ ହୋଟେଲକୁ ଭାତ ଏବଂ ମାଛ ଝୋଳ ପାର୍ସଲ ନେବାକୁ ଯାଇଥିଲେ। ସେଠାରେ ସେ ଅଧିକ ମାଛ ଝୋଳ ମାଗିବାରୁ ହୋଟେଲ ମାଲିକ ତାଙ୍କୁ ଝୋଳ ଦେଇଥିଲେ, ହେଲେ ଏଥିପାଇଁ ସେ ଅଧିକ ଟଙ୍କା ନେଇଥିଲେ। ଗ୍ରାହକ ଜଣକ ଏହାକୁ ବିରୋଧ କରି ଅଧିକ ଟଙ୍କା ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହୋଟେଲ ମାଲିକ ନୀଳମଣି ଓ ତାଙ୍କ ସାନଭାଇ ବାଲାଜୀ ମିଳିତ ଭାବେ ଗ୍ରାହକଙ୍କୁ କାବୁ କରି ନେଇଥିଲେ। ଏକ କାଚ ପେପର ୱେଟ୍ରେ ସଂପୃକ୍ତ ଗ୍ରାହକଙ୍କ ମୁହଁ ଓ ଶରୀରର ଅନ୍ୟ ଅଂଶକୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଉପସ୍ଥିତ ଥିବା ସମ୍ପୃକ୍ତ ଗ୍ରାହକଙ୍କ ସାଙ୍ଗ ଗଣ୍ଡଗୋଳ ସମାଧାନ କରିବାକୁ ଚେଷ୍ଟା କରିଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରି ଆହତ କରିବା ସହ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। ଘଟଣାକୁ ନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ୨ ଭାଇଙ୍କୁ ଗିରଫ କରିଛି।

● ରାଜସ୍ୱ ବିଭାଗ-ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା

## ଖରସ୍ରୋତାରୁ ବାଲି ଲୁଟ୍; ରାଜସ୍ୱ ହରାଉଛନ୍ତି ସରକାର

ଗୋବିନ୍ଦପୁର,୩।୫(ସମିସ): କେନ୍ଦ୍ରାପଡା ଜିଲ୍ଲା ଆଳି ତହସିଲ ଅନ୍ତର୍ଗତ ଧୋୟା ଅଞ୍ଚଳର ଗୋବିନ୍ଦପୁର ସାମଲ ସାହି ନିକଟ ଖରସ୍ରୋତା ନଦୀରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଲୁଟ୍ ହେଉଛି। ଜେସିବି ଦ୍ୱାରା ବାଲି ଉଠୁଥିବା ଦେଖିବାକୁ ମିଳିଛି। ବେଆଇନ୍ ଭାବେ ବାଲି ଦିନ ଦିପ୍ରହରେ ଚାଲାଣ ହେଉଥିବାବେଳେ ତହସିଲଦାର ଓ ଆର୍‌ଆଇ ଦେଖି ପାରୁନାହାନ୍ତି ନା ଜାଣି ନିରବ ରହୁଛନ୍ତି ତାହା ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତି। ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ବାଲି ମାଫିଆଙ୍କ ସହିତ ରାଜସ୍ୱ ବିଭାଗର ଭିତିରି ବୁଝାମଣା ଯୋଗୁଁ ବାଲି ବେଫିକର ଭାବେ ଲୁଟ୍ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅହରହ ବାଲି ଉଠାଉଥିବାରୁ ନଦୀବନ୍ଧ ରାସ୍ତା ଓ ଗୋଡ଼ା ନଷ୍ଟ ହୋଇ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି। ବାଲି ମାଫିଆଙ୍କ ବିରୋଧରେ ରାଜସ୍ୱ ବିଭାଗ ଓ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ନେଉଛି ନା ନିରବ ରହୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

## ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

ରାଜନଗର,୩।୬(ସମିସ)



ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଦୁର୍ବୃତ୍ତ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଏଭଳି ହାଣିଥିବା ଜଣାପଡ଼ିଛି। ଯୁବକଙ୍କ ମୁଣ୍ଡ, ବେକ ଓ କାନ ମୂଳିରେ ଭୁଜାଲି ଚୋଟ ବାଜିଛି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ରାଜନଗର ଥାନାରେ କେସ ନମ୍ବର ୨୨୯/୨୦୨୬, ଦଫା ୧୨୬, ୨୯୬, ୧୧୫, ୧୦୯, ୧୧୮, ୩୫୧, ୩(୫) ବିଏନଏସରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାପଡିଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାଉଁଶମୂଳ ବଜାରରେ ଏହି ପଞ୍ଚାୟତ ଢୋଲମରା ଗ୍ରାମର ଦିବ୍ୟରଞ୍ଜନ ସାମଲ ଟିଫିନ ଦୋକାନ କରିଛନ୍ତି ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ ପାଳନ୍ଦା ପୋଲ ନିକଟରେ ସେହି ଢୋଲମରା ଗ୍ରାମର ପ୍ରଦୀପ ବିଶ୍ୱାଳ ଓ ତାଙ୍କ ଦୁଇପୁଅ ଗୁନା ଓ ସୁନିଆ ମିଳିତ ଭାବେ ଅଟକାଇଥିଲେ। ତମ ଦୋକାନ ପାଖରେ ମୁଁ ମାଡ଼ ଖାଇଲି ତମେ ବାହାରିଲ ନାହିଁ କାହିଁକି ବୋଲି ଗୁନା ପଚାରିଥିଲା। ଏହାପରେ ଦୁଇ ପୁଅ ଓ ବାପଙ୍କ ସହିତ ଦିବ୍ୟଙ୍କର ବଚସା ହୋଇଥିଲା। ପାଟିତୁଣ୍ଡ ଭିତରେ ବାପ ପୁଅ ତିନି ଜଣ ଭୁଜାଲି ବାହାରକରି ଆକ୍ରମଣ କରିଥିଲେ। ଗୋଟିଏ ଖଣ୍ଡା ଚୋଟ ବାଜିବା ପରେ ଦିବ୍ୟ ଦୌଡିବାକୁ ଲାଗିଥିଲା। ଦିବ୍ୟଙ୍କୁ ଗୋଡ଼ାଇ ଗୋଡ଼ାଇ ବାପ ପୁଅ ଭୁଜାଲି ଚୋଟ ମାରି ଚାଲିଥିଲେ। ଦିବ୍ୟଙ୍କ ମୁଣ୍ଡ, ବେକ ଓ କାନ ମୂଳି ରେ ଭୁଜାଲି ଚୋଟ ବସିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

## ବିଦ୍ୟୁତ୍ ସେବା, ପାଣି ବ୍ୟବସ୍ଥା ନାହିଁ

ପଞ୍ଚୁପାଣ୍ଡବ,୩।୬(ସମିସ): ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଅଙ୍ଗନୱାଡି କେନ୍ଦ୍ର ପାଇଁ ବିଭିନ୍ନ ଯୋଜନା କରିବା ସହ ଶିଶୁମାନଙ୍କ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବା ବେଳେ କେତେକ ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଅଙ୍ଗନବାଡ଼ି କେନ୍ଦ୍ରରୁ ପିଲା ସଂଖ୍ୟା କମିବାରେ ଲାଗିଲାଣି।ଶିଶୁମାନଙ୍କ ପାଇଁ ଟିଭି, ଚାରିଟେବୁଲ୍, ଖାଇବା ପାଇଁ ଅଣ୍ଡା ଛତୁଆ ଭଳି ବିଭିନ୍ନ ଯୋଜନା କରିଥିବା ବେଳେ କେତେକ ଜାଗାରେ ଅଲଗା ଦେଖିବାକୁ ମିଳୁଛି। ଏମିତିକି କେତେକ କେନ୍ଦ୍ରରୁ ଟିଭି, ଇନ୍‌ଭେଟର, ପାଣି ମଟର ଇତ୍ୟାଦି ଚୋରି ବାହାନାରେ କିଛି କର୍ମୀମାନେ ନିଜ ଘରେ ରଖିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏମିତି ଦେଖିବାକୁ ମିଳୁଛି ଡେରାବିଶ ବ୍ଲକର ବଜାର ଏବଂ ବେଲାରପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ। ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସେବା ନଥିବା ବେଳେ ପାଣିର ବ୍ୟବସ୍ଥା ନ ଥିବାରୁ କୁନିକୁନି ପିଲା ଗରମରେ ହନ୍ତସନ୍ତ ହେଉଛନ୍ତି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାୟ ୧୦ ବର୍ଷ ତଳେ ଗୃହ ନିର୍ମାଣ କରାଯାଇ ଥିଲା ବେଳେ ଏ ପର୍ଯ୍ୟନ୍ତ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଜଣା ପଡ଼ିଛି। ଏହି ଅଙ୍ଗନବାଡ଼ିରେ ବିଦ୍ୟୁତ୍ ଓ ପାଣି ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକାରର ସମସ୍ୟା ଥିବା ବେଳେ ଅଭିଭାବକମାନେ ପିଲାଙ୍କୁ ଅନ୍ୟତ୍ର ପାଠ ପଢ଼ାଇବା ପାଇଁ ମନେ କରୁଥିବା ବେଳେ ଏବେ ଏହି କେନ୍ଦ୍ରରେ ପ୍ରାୟ ପାଞ୍ଚଟି ପିଲା ପାଠ ପଢୁଥିବା ଜଣା ପଡ଼ିଛି। ଆଗରୁ ଏହି କେନ୍ଦ୍ରରେ ପ୍ରାୟ ୨୦ ରୁ ୨୫ ପିଲା ପଢୁଥିଲେ। ଏହି କେନ୍ଦ୍ରରେ କର୍ମୀ ପ୍ରତି ଦିନ ନ ଆସିବା ଏବଂ ଠିକ୍ ସମୟରେ ନ ଆସିବାକୁ ନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ପିଲାଙ୍କୁ ଅନ୍ୟତ୍ର ପାଠ ପଢ଼ିବା ପାଇଁ ଛାଡୁ ଥିବା କହିଛନ୍ତି।



ସେହିପରି ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ନଥିବାରୁ ପିଲା ପାଠ ପଢ଼ିବା ପାଇଁ ଆସୁନଥିବା ଅଭିଯୋଗ ହେଉଛି। ପ୍ରାୟ ଦୁଇ ବର୍ଷ ଧରି ବିଦ୍ୟୁତ୍ ନ ସଂଯୋଗ ହୋଇଥିବା ବେଳେ ଗ୍ରାମବାସୀ ମାନେ ପ୍ରଶାସନ ଅଧିକାରୀ ମାନଙ୍କୁ ନିନ୍ଦା କରିଛନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ରରେ ଯେତେ କାମ ହୋଇଛି ସମସ୍ତ କାମ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି।ଏହାକୁ ନେଇ ବୁଧବାର ଦିନ ଗ୍ରାମର କେତେକ ଲୋକେ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ହୋହାଲ୍ଲା କରିଥିଲେ। ଏହାର ତଦନ୍ତ କରାଯାଇ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।ବଜାର ଅଙ୍ଗନୱାଡି କର୍ମୀ କବିତା ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ବିଦ୍ୟୁତ୍ ସଂଯୋଗ ପାଇଁ ଆମେ ଅଧିକାରୀଙ୍କୁ ଜଣାଇ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇ ନ ଥିବା କହିଛନ୍ତି।

## ବିଶ୍ୱ ମଞ୍ଚରେ ଇଫ୍‌କୋର ଶ୍ରେଷ୍ଠତା ପ୍ରଦର୍ଶିତ



ପାରାଦୀପ,୩।୬ (ସମିସ) : ଭାରତର କୃଷି ଓ କୃଷକମାନଙ୍କ ବିକାଶ କ୍ଷେତ୍ରରେ ଇଫ୍‌କୋର ଅବଦାନ ଅତୁଳନୀୟ। ଭାରତ-ଆମେରିକା କୃଷି ସହଯୋଗ ମଞ୍ଚରେ ଇଫ୍‌କୋ ଅଧ୍ୟକ୍ଷ ଦିଲ୍ଲୀପ ସଂଘାଣୀଙ୍କ ନେତୃତ୍ୱରେ ହୋଇଥିବା ଅଲୋଚନା ଚକ୍ରରେ କୃଷିକ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗର ନୂଆ ମାର୍ଗ ଖୋଲିଥିବା ନେଇ ଶ୍ରୀ ସଂଘାଣୀ ସୂଚନା ଦେଇଥିଲେ। ଅନେକ ଘାତ ପ୍ରତିଘାତ ମଧ୍ୟରେ ନବାଚାର ଆଧାରିତ କୃଷି ନୀତି, କୃଷକମାନଙ୍କ ବିକାଶ, ଖାଦ୍ୟ ସୁରକ୍ଷା ତଥା କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ଦୁଇ ଦେଶ ମଧ୍ୟରେ ଏକତ୍ୱ ଭାବର ଆବଶ୍ୟକତା ଥିବା ଶ୍ରୀ ସଂଘାଣୀ କହିଛନ୍ତି। ଆମେରିକାର ପ୍ରତିଷ୍ଠିତ ଉଦ୍ୟୋଗ ଏବଂ ବାଣିଜ୍ୟ ସଂଗଠନ ୟୁଏସଆଇବିସି ଦ୍ୱାରା ଆୟୋଜିତ ଏହି ମଞ୍ଚରେ ସମଗ୍ର ଭାରତବର୍ଷରେ କୃଷକମାନଙ୍କ ହିତ ପାଇଁ ଇଫକୋର ଆର୍ନ୍ତଜାତୀୟ ପ୍ରତିଷ୍ଠାତା ଦିଲ୍ଲୀପ ସଂଘାନୀଙ୍କ ନେତୃତ୍ୱରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ବୋଲି ପ୍ରମାଣ ମିଳିଲା। ଏହି ବୈଠକରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଉନ୍ନତ କୃଷି ପ୍ରଣାଳୀର ଉପଯୋଗ, ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷଣରେ ବିକାଶ, କୃଷକମାନଙ୍କୁ ନୂତନ କୃଷି ପ୍ରଣାଳୀ ପ୍ରଦାନରେ ସହାୟତା, ନବାଚାର ଆଧାରିତ ସମାଧାନ ବିକଶିତ କରିବା ତଥା ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ମଜଭୁତ୍ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଦୁଇ ଦେଶର କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ପ୍ରତିନିଧିମାନେ ଏହି କ୍ଷେତ୍ରରେ ସହମତି ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ର ପରେ ଭାରତ ଓ ଆମେରିକା ମଧ୍ୟରେ କୃଷି କ୍ଷେତ୍ରରେ ସହଭାଗିତା ସୃଷ୍ଟିର ଦ୍ୱାର ଖୋଲିବ ଏବଂ କୃଷିକ୍ଷେତ୍ରରେ ଏକ ଦୀର୍ଘକାଳୀନ ଲାଭ ହେବା ନେଇ ଆଶା ସୃଷ୍ଟି ହୋଇଛି। ଇଫ୍‌କୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ସମଗ୍ର ବିଶ୍ୱରେ ଭାରତ-ଆମେରିକା ମିଳିତ ଭାବେ କୃଷିର ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଯାହାକି ଦେଶର ସମବାୟଭିତିକ କୃଷି ବିକାଶକୁ ଆର୍ନ୍ତଜାତୀୟ ସ୍ତରରେ ନୂତନ ପରିଚୟ ସୃଷ୍ଟି କରିବା ସହିତ କୃଷକମାନଙ୍କ ଉତ୍ପାଦନ ଓ କୃଷି ସୁରକ୍ଷାକୁ ସୁଦୃଢ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି।

● ରାଜ୍ୟସ୍ତରୀୟ ଝଙ୍କଡ଼ ଓ ରଜ ମହୋତ୍ସବ

## ସମ୍ମାନିତ ହେଲେ ୨୦୦ରୁ ଅଧିକ ପ୍ରତିଭା



କେନ୍ଦ୍ରାପଡ଼ା,୩।୬(ସମିସ): ଓଡ଼ିଶାର ସମୃଦ୍ଧ ଲୋକକଳା, ସାହିତ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ଝଙ୍କଡ ମହୋତ୍ସବ ଓ ରଜ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓପିଜିସିଏଲ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କଳାକାର, କବି, ସାହିତ୍ୟିକ ଓ ସମାଜସେବୀମାନେ ଯୋଗଦେଇଥିଲେ। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ମୂର୍ଚ୍ଛନାର ପ୍ରତିଷ୍ଠାତା ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓପିଜିସିଏଲ୍‌ର ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍କୃତି ଗବେଷକ ଓ ବାଗ୍ମୀ ପ୍ରଶାନ୍ତ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଓଡ଼ିଶାର ଲୋକସଂସ୍କୃତିର ସୁରକ୍ଷା ଓ ପ୍ରସାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ କବୟିତ୍ରୀ ଓ ସମାଜସେବୀ ଡ଼. ସଂଗୀତା ମିଶ୍ର, ଶିକ୍ଷାବିତ ପ୍ରଫେସର ଅକ୍ଷୟ କୁମାର ସାସମଲ, ପ୍ରସନ୍ନ କୁମାର ବାରିକ, ଆଡଭୋକେଟ ବୀରନାରାୟଣ ପାତ୍ର ଓ ବିଶ୍ୱଦେବ ସମାଜର ସଭାପତି ସୁଶାନ୍ତ କୁମାର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ର ପ୍ରସିଦ୍ଧ କଂସ ମହାରାଜ ଦେବରାଜ ଛତ୍ରିଆଙ୍କ ଉପସ୍ଥିତି ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ଅବସରରେ କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୯୦ ଜଣଙ୍କୁ "ମା ଶାରଳା ସମ୍ମାନ' ଏବଂ ୬୦ ଜଣଙ୍କୁ "ବାଣୀକ୍ଷେତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ୫୦ ଜଣ ପ୍ରତିଭାଙ୍କୁ "ରଜ କୁଇନ୍' ଓ "ରଜ କିଙ୍ଗ୍' ଆୱାର୍ଡ ପ୍ରଦାନ କରାଯାଇ ରଜ ମୁକୁଟ ପିନ୍ଧାଯାଇଥିଲା। ଉତ୍ସବର ଆରମ୍ଭରେ ମୋନାଲିସା ମୁଦୁଲିଙ୍କ ସହଯୋଗରେ "ଗଙ୍ଗ ଶିଉଳିର ବାସ୍ନା' ପକ୍ଷରୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବଂଶୀଧର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଦୀପ କୁମାର ବିହାରୀ ସମଗ୍ର କାର୍ଯ୍ୟକ୍ରମର ସଫଳ ଉପସ୍ଥାପନା କରିଥିଲେ। ଗାୟତ୍ରୀ ଗୀତାଞ୍ଜଳି ଦାସ, ବବିନା ପଟ୍ଟନାୟକ, ନିରାକାର ମହାରଣା, ବିଜୟ କେତନ ସାହୁ, ସୁଭାସିନୀ ପରିଡ଼ା ଓ କାଳିଆ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।"ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଭାମାନଙ୍କ ସମାଗମରେ କେନ୍ଦ୍ରାପଡ଼ାରେ ଏକ ଭବ୍ୟ ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଉତ୍ସବ ଓଡ଼ିଆ ଅସ୍ମିତା ଓ ଲୋକସଂସ୍କୃତିର ପ୍ରଚାର-ପ୍ରସାରରେ ନୂଆ ମାତ୍ରା ଯୋଡ଼ିଛି।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ସରକାରଙ୍କ ନିୟମ ପାଳନ ହେଉ

ଡେରାବିଶ,୩।୬(ସମିସ): ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମରେ ହେବାକୁଥିବା ଅଙ୍ଗନବାଡ଼ି ଗୃହ ନିର୍ମାଣରେ ସରକାରୀ ନିୟମ ଅନୁସରଣ କରିବା ପାଇଁ ଶିଶୁ ଅଭିଭାବକ ଓ ଅଙ୍ଗନବାଡ଼ି କମିଟି ଦାବି କରିଛି। କିଛି ବର୍ଷ ପୂର୍ବରୁ ସରକାରଙ୍କ ନିୟମାନୁଯାୟୀ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରାଯିବା ନ୍ୟାୟରେ ଛକନାସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ସାରଦା ଏକାଡେମୀରେ ମିଶ୍ରଣ ହୋଇଥିଲା। ସେତେବେଳେ ଛକନା ପ୍ରାଥମିକ ବିଦ୍ୟାଳୟଟି ଏକ ବିପଦସଙ୍କୁଳ ଘରେ ଚାଲିଥିବା ବେଳେ ନିକଟରେ ସର୍ବଶିକ୍ଷା ଅଭିଯାନ ତରଫରୁ ଏକ ଅର୍ଦ୍ଧନିର୍ମିତ ଗୃହ ରହିଥିଲା। ଏହି ପରିସରରେ ଏକ ପରିତ୍ୟକ୍ତ ଓ ବିପଦସଙ୍କୁଳ ଘରେ ଅଙ୍ଗନବାଡ଼ି ଚାଲିଥିଲା। ତେବେ ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ଛାତ ତଳେ ଅଙ୍ଗନବାଡ଼ି, ଶିଶୁବାଟିକା ଓ ପ୍ରାଥମିକ ବିଦ୍ୟାଳୟ ରହିବ। ଯାହାଦ୍ୱାରା ଶିକ୍ଷା ଆରମ୍ଭରୁ ଏକ ଶୈକ୍ଷିକ ପରିବେଶରେ ଶିକ୍ଷା ଆରମ୍ଭ ହେବ। ହେଲେ ଛକନାରେ ନୂତନ ଅଙ୍ଗନବାଡ଼ି ଗୃହଟି ନିର୍ମାଣ ପାଇଁ ବ୍ଲକ୍‌କୁ ଯେଉଁ ପ୍ରକଳ୍ପ ତାଲିକା ଯାଇଛି ସେଥିରେ ଏହି ଗୃହଟି ସାରଦା ଏକାଡେମୀ ପରିସରରେ ନିର୍ମାଣ ପାଇଁ ଅଭିଭାବକ ଓ ଅଙ୍ଗନବାଡ଼ି କମିଟି ଦାବି କରିଛି। ହେଲେ ଗ୍ରାମର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ଗୃହଟି ସେହି ପରିତ୍ୟକ୍ତ ତଥା ଅସ୍ୱାସ୍ଥ୍ୟକର ବିପଦସଙ୍କୁଳ ସ୍ଥାନରେ କରିବା ପାଇଁ ମସୁଧା କରୁଛନ୍ତି। ଆଜି ଡେରାବିଶ ସିଡିପିଓ ଓ ହରିଅଙ୍କ ରାଜସ୍ୱ ନିରୀକ୍ଷକ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରିବାକୁ ଯାଇଥିଲେ। ସେଠାରେ ଅଙ୍ଗନବାଡ଼ି କମିଟି ସଭାପତି ଓ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ଏବଂ ସରକାରୀ ନିୟମକୁ ଅନୁସରଣ ନ କରି ଗ୍ରାମର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସହ କଥା ହେଉଥିବା ଜାଣି ଗ୍ରାମର ବହୁ ବ୍ୟକ୍ତି ଓ ଅଙ୍ଗନବାଡ଼ି କମିଟିର ସଭାପତି ଓ ସଦସ୍ୟମାନେ ସିଡିପିଓଙ୍କୁ ଭେଟି ସରକାରୀ ନିୟମ ଅନୁଯାୟୀ ସାରଦା ଏକାଡେମୀ ପରିସରରେ ନିର୍ମାଣ ପାଇଁ ଦାବି କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ପରିତ୍ୟକ୍ତ ସ୍ଥାନରେ ରହିବା ଦ୍ୱାରା ଅନେକ ଦିନ ଏହା ବନ୍ଦ ରହୁଥିବା ଅଭିଯୋଗ ହେଉଛି। ଆଜି ସିଡିପିଓଙ୍କ ଗସ୍ତ ସମୟରେ ମଧ୍ୟ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିନଥିବା ଦେଖିବାକୁ ମିଳିଥିଲା। ସରକାରଙ୍କ ନିୟମ ଅନୁଯାୟୀ ସାରଦା ଏକାଡେମୀ ପରିସରରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଅଙ୍ଗନବାଡ଼ି କମିଟି ସଭାପତି କେଦାର ମହାନ୍ତିଙ୍କ ସମେତ ବହୁ ଶିଶୁ ଅଭିଭାବକ ଦାବି କରିଛନ୍ତି।

## ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନଅଭିଯୋଗ ଶୁଣାଣି ଶିବିର

ଡେରାବିଶ,୩।୬(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଗ୍ରାମପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଡେରାବିଶ ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ସିଡିପିଓ ହରପ୍ରିୟା ଦେବୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିଭୁଦତ୍ତ ଦାଶ ପ୍ରମୁଖ ଯୋଗଦେଇ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରୁ ଭତ୍ତା ଓ ରାସନ କାଡର୍ ସମ୍ବନ୍ଧୀୟ ହୋଇଥିବା ବେଳେ ଏଥିମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟଗୁଡ଼ିକୁ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ଏହି ଅବସରରେ ବିଡିଓ ଶ୍ରୀମତୀ ବାରିକ ଉପସ୍ଥିତ ଲୋକମାନଙ୍କୁ ଏସ୍‌ଆଇଆର ସମ୍ବନ୍ଧରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମକୁ ସମାଜସେବୀ ସୁଖାଦାନନ୍ଦ ପ୍ରଧାନ, ଗୋଲଖ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରମୁଖ ପରିଚାଳନା କରିଥିଲେ।



## ଗୋବରୀ ନଦୀ ଜବରଦଖଲ; କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୨।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡଇ ପୌରାଞ୍ଚଳ ଦେଇ ଯାଇଥିବା ପୁରୁଣା ଐତିହାସିକ ଗୋବରୀ ନଦୀ ଏବେ ପ୍ରଭାବଶାଳୀ ବ୍ୟକ୍ତି ଓ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ନଦୀ ସ୍ରୋତ ମରିଯିବା ପରେ ଲୋକେ ନଦୀରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ କରିବା ସହ ତଞ୍ଚକତା କରି ନିଜ ନାମରେ ସ୍ଥିତିବାନ ପଟ୍ଟା କରିନେଇଛନ୍ତି। ଯାହାକୁ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ସଂପ୍ରତି ଘଟଣା ନୂଆ ମୋଡ଼ ନେଇଛି। ପୂର୍ବ ଗୋବରୀ ନଦୀ ସରକାରୀ ଜମିର ଜବରଦଖଲ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ତହସିଲଦାର, ପୌର କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହିତ ମାମଲାର ସତ୍ୟତା ଯାଞ୍ଚ କରିବାକୁ ଜିଲ୍ଲାପାଳଙ୍କ ଚିଠିରେ ଉଲେଖ କରାଯାଇଛି। ଯାହାକୁ ନେଇ ପଟ୍ଟାମୁଣ୍ଡାଇ ତହସିଲ ଓ ପୌରପ୍ରଶାସନର ତତ୍ପରତା ପ୍ରକାଶ ପାଇଥିବା ବେଳେ ଜବରଦଖଲ କାରୀଙ୍କ ମଧ୍ୟରେ ଭାଳେଣି ପଡିଛି।

ପଟ୍ଟାମୁଣ୍ଡାଇ ସହର ମଝିରେ ଥିବା ପୁରୁଣା ଗୋବରୀ ନଦୀର ପୋଖରିଆପଡ଼ା, ବେଳତଳ ଓ ଦକ୍ଷିଣଦିଆ ମୌଜା ଦେଇ ଯାଇଥିବା ଏହି ନଦୀର ପ୍ରାୟ ୧୪୮.୨୬ ଏକର ଜମି ରହିଛି। ତେବେ ଏହି ଅଞ୍ଚଳରେ ଜମିର ଦାମ ବର୍ଗଫୁଟ ପିଛା ୪ହଜାରରୁ ୮ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ କେତେକ ମାଫିଆ ଜବରଦଖଲ ଓ ବେଆଇନ ଭାବେ ମୂଲ୍ୟନବାନ ଗୋବରୀ ନଦୀ ଜମିକୁ ଦଖଲରେ ରଖିଛନ୍ତି। କେତେକ ପ୍ରଭାବଶାଳୀ ବ୍ୟକ୍ତି ତଞ୍ଚକତା କରି ନିଜ ନାମରେ ଖତିଆନ କରି ବିକ୍ରିପଟ୍ଟା କରିଦେଇଛନ୍ତି। ସଂପ୍ରତି ସେଠାରେ ବଡ଼ବଡ଼ ଅଟ୍ଟାଳିକା ଗଡ଼ିଉଠିଛି। ଯାହାକୁ ନେଇ ଗୋବରୀ ନଦୀ କ୍ରମଶଃ ପୋତିହେବା ସହ ଜଳଧାରଣ କ୍ଷମତା ହରାଇ ବସିଛି। ନଦୀ ଉପରେ ନିର୍ଭର କରୁଥିବା ଶତାଧିକ ଚାଷୀଙ୍କ ଧାନ, ମୁଗ, ବିରି, ନଳିତା ଏବଂ ବିଭିନ୍ନ ପନିପରିବା ଚାଷ ଜଳସେଚନର ଅଭାବ ଯୋଗୁଁ ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ସେମାନେ ଚାଷ ପ୍ରତି ବିମୁଖ ହେଇ ବାହାରଜ୍ୟକୁ ଚାଲିଯାଉଛନ୍ତି। ଏହାକୁ ନେଇ ସାମାଜିକକର୍ମୀ ପ୍ରଫୁଲ୍ଲ ଦାଶ, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ, ଦେବାଶିଷ ପଣ୍ଡା ପ୍ରମୁଖ ଗୋବରୀ ନଦୀ ଉଦ୍ଧାର ଓ ନଦୀ ସଂଜୋଗୀ କରଣ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ ୨୦୨୧ ଫେବୃୟାରୀ ୧୪ରେ ଦାଏର କରିଥିଲେ। ଏ ସମ୍ପର୍କରେ ନାଲସା କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିଚାରପତି କେସ ନଂ. ୧୦/୨୦୨୧ରେ ଏକ ମାମଲା ଦାଏର କରି ପଦକ୍ଷେପ ଗ୍ରହଣ କରିବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜବରଦଖଲ ଓ ଗୋବରୀ ପୁନଃ ଉଦ୍ଧାରକୁ ନେଇ ଖବର ପ୍ରକାଶ ପାଇ ଆସୁଥିଲା। ଏହାକୁ ହୃଦୟଗମ କରି ଜିଲାପାଳ ରଘୁରାମ ଆର ଆୟାର ନିଦ୍ଦେଧଶ ଜାରି ସାବିକ ସହିତ ମାମଲାର ସତ୍ୟତା ଯାଞ୍ଚ କରି ପୂର୍ବ ଗୋବରର ନଦୀ ସରକାରୀ ଜମିର ଜବରଦଖଲ ଏବଂ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଚିଠି ନଂ-୧୭୪୯ ୧୫/୫/୨୦୨୬ କରିଥିଲେ। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବୀନ୍ଦ୍ର ମଲ୍ଲିକ ଚିଠିନଂ ୧୭୫୦/୧୭୫୧ ତାରିଖ ୧୮/୫/୨୦୨୬ରେ ଜାରି କରି ପଟ୍ଟାମୁଣ୍ଡାଇ ତହସିଲଦାର ଓ ପୌରନିର୍ବାହୀ ଅଧିକାରୀଙ୍କୁ ଜବରଦଖଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପଥର ସ୍ପର୍ ନାଁରେ ନଦୀରେ ମିଶାଇଦେଲେ ଚାଷ ଜମି

ମାର୍ଶାଘାଇ,୩।୬(ସମିସ)

ନଦୀ ତଟ ସୁରକ୍ଷା ଯୋଗାଇଦେବାକୁ କୋଟି କୋଟି ଅର୍ଥ ବ୍ୟୟବରାଦ କରାଯାଉଛି। ଚାଷଜମି ଓ ଜନବସତି ସୁରକ୍ଷା ଯୋଗାଇ ଦେବାକୁ ବ୍ୟାପକ ଯୋଜନା ସରକାର ହାତକୁ ନେଉଛନ୍ତି। ନଦୀ କୂଳିଆ ଚାଷଜମି ସୁରକ୍ଷା ଯୋଜନା ପାଇଁ ଠିକାସଂସ୍ଥା ନଦୀ ତଟରେ ପଥର ପ୍ୟାକିଂ ଓ ଡମ୍ପିଂ କରିବା ବଦଳରେ ନିରୀହ ଚାଷୀର ଉର୍ବର ଚାଷଜମିକୁ ମେସିନ ଲଗାଇ ନଦୀରେ ମିଶାଇଦେବା ନେଇ ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଆୟତପୁର ପଞ୍ଚାୟତ ବିଲବକରାମପୁର ଗ୍ରାମର ଲୁଣାନଦୀ ଉତ୍ତର ପାଶ୍ୱର୍ ଅତଡ଼ା ଧସି ଚାଷଜମି ନଦୀଗର୍ଭକୁ ଚାଲିଯାଉଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀକୂଳ ପଥର ପ୍ୟାକିଂ ଓ ?ମ୍ପିଂ ପାଇଁ ହାରାହାରି ୬୫ଲକ୍ଷ ବ୍ୟୟବରାଦରେ ତଟସୁରକ୍ଷା ପାଇଁ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ନଦୀ କୂଳରେ ପଥର ସ୍ପର ଓ ପ୍ୟାକିଂ କରିବା ପରିବର୍ତ୍ତେ ଠିକା ସଂସ୍ଥା ବିଲବକରାମପୁର କ୍ଷେତ୍ରବାସୀ ପଣ୍ଡା, ବିଗିନା ପଣ୍ଡାଙ୍କ ଚାଷ ଜମିକୁ ମେସିନ ଲଗାଥ ୨୦ମିଟର ଉର୍ଦ୍ଧ୍ୱ ଜମି କାଟି ଦେଇଥିବା କୁଦାନଗରୀ ପୁଲିସ ଓ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ପଥର ସ୍ପର ନଦୀ ମଧ୍ୟରେ ମାଟି ଓ ପଥର ପକାଇ ସ୍ୱତନ୍ତ୍ରଭାବେ ପଥର ଡମ୍ପିଂ କରିବାକୁ ବ୍ୟବସ୍ଥା ଥିବାବେଳେ ଠିକାଦାର ଯୋଜନାରେ ଅଧିକ ଲାଭ ଆଶାରେ ନିରୀହ ଚାଷୀର ଚାଷଜମିକୁ ଜୋର ଜବରଦସ୍ତ ମେସିନ ଲଗାଇ କାଟିବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ନଦୀ କୂଳରେ ପଥର ସ୍ପର ଯୋଜନା କାର୍ଯ୍ୟକାରୀ କରିବା ବଦଳରେ ଚାଷଜମିକୁ ମେସିନ ଲଗାଇ ନଦୀଗର୍ଭରେ ମିଶାଇବା କେତେଦୂର ଯଥାର୍ଥ ବୋଲି ଗ୍ରାମବାସୀ ମାନେ ଜଳସମ୍ପଦ ବିଭାଗ ନିକଟରୁ ଉତ୍ତର ମାଗୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଠିକାଦାର ଚାଷୀଙ୍କ ଜମିକୁ ନଦୀରେ ମିଶାଇବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ଖୁବ୍‌ଶୀଘ୍ର ତଡ଼ାଯାଇଥିବା ଚାଷଜମି ସୁରକ୍ଷୀତ ଭାବେ ଫେରାଇ ନ ଦିଆଯାଏ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ସମ୍ପୃକ୍ତ ଚାଷୀ କ୍ଷେତ୍ରବାସୀ ଓ ବିଗିନା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଜାଣିବାକୁ ଫୋନ କରିବାରୁ କଲ ରିସିଭ ନକରିବାରୁ କୌଣସି ଉତ୍ତର ମିଳିନାହିଁ।



## ଅନାଥ ଦୁଇ ନାବାଳିକାଙ୍କୁ ସହାୟତା



ଡେରାବିଶ,୩।୬(ସମିସ): ଡେରାବିଶ ବ୍ଲକ୍ ଇନ୍ଦାଲୋ ଫଚାୟତ ଅ"ର୍ଗତ ଅଢ଼ଙ୍ଗା ଗ୍ରାମର ଅନାଥ ନାବାଳିକା ପ୍ରଭାସିନୀ ଓ ରୂପାଲିଙ୍କୁ ଆଜି ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସହାୟତାର ହାତ ବଢ଼ାଇଛନ୍ତି। ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଦୁଇ ଝିଅଙ୍କ ପାଠପଢ଼ାର ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାରୁ ପ୍ରକାଶ ଗୌତମଙ୍କ ପତ୍ନୀ ପ୍ରତିମା ୬ ମାସ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ଗତ ଦଶଦିନ ତଳେ କିଡ଼ିନୀ ରୋଗରେ ଆକ୍ରାନ୍ତ ଗୌତମ ମୃତ୍ୟୁବରଣ କରିବା ପରେ ତାଙ୍କର ଦୁଇ ଝିଅ ପ୍ରଭାସିନୀ ଓ ରୂପାଲି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଶ୍ରୀ ପରିଡ଼ାଙ୍କ ସହିତ କେଦାର ମହାନ୍ତି, ରାକେଶ ତ୍ରିପାଠୀ, ସମୀର ମହାନ୍ତି, ଧୁନା ଦଳାଇ, ଅକ୍ଷୟ ମିଶ୍ର, ଇନ୍ଦ୍ରମଣି ନାୟକ, ଜ୍ୟୋତିରଞ୍ଜନ ସାମନ୍ତରାୟ, ଡବୁଲ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପୋଷ୍ୟ ପଞ୍ଚାୟତର 'ପଦ୍ମ ପୋଖରୀ' ଅଲୋଡ଼ା

ବନ୍ତ/ଆଗରପଡ଼ା,୩।୬(ସମିସ)

ଗ୍ରାମାଞ୍ଚଳର ବିକାଶ ନିମନ୍ତେ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଖବର ପ୍ରକାଶ ପରେ ବି ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପୁରୁଷର୍ଷ ପଞ୍ଚାୟତ ଅନ୍ତର୍ଗତ ପୁରୁଷର୍ଷ ଗ୍ରାମରେ ଥିବା ବହୁ ପୁରାତନ 'ପଦ୍ମପୋଖରୀ' କ୍ଷେତ୍ରରେ। ବିଭାଗୀୟ ଉଦାସୀନତା ଯୋଗୁଁ ଅଲୋଡ଼ା ହୋଇ ପଡ଼ିଥିବା 'ପଦ୍ମପୋଖରୀ' ତା'ର ପରିଚୟ ଖୋଜିବାରେ ଲାଗିଛି। ଏହି 'ପଦ୍ମପୋଖରୀ'ର ସମସ୍ୟାକୁ ନେଇ ଗତ ନଭେମ୍ବର ମାସରେ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ ଇତି ମଧ୍ୟରେ ଖବର ପ୍ରକାଶକୁ ୬ ମାସ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ପୂର୍ବପରି ଅଲୋଡ଼ା ହୋଇ ପଡ଼ିରହିଛି।

୨୦୧୫ରେ ଗ୍ରାମାଞ୍ଚଳର ବିକାଶ ସକାଶେ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ ସାଂସଦଙ୍କ ପୋଷ୍ୟଗ୍ରାମ ଗ୍ରହଣ ଯୋଜନା। ଦେଶର ସାଂସଦଙ୍କୁ ପର୍ଯ୍ୟାୟ କ୍ରମେ ନିଜ ଅଞ୍ଚଳରେ ଥିବା ଗୋଟିଏ ପଞ୍ଚାୟତକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଏହାର ସାମଗ୍ରିକ ବିକାଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ଆଧାର କରି ତତ୍କାଳୀନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜୁନ ସେଠୀ ବନ୍ତ ବ୍ଲକ୍ ପୁରୁଷର୍ଷ ପଞ୍ଚାୟତକୁ ପ୍ରଥମ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିଲେ। ଗ୍ରାମର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ନିଜ ହାତ ପାଣ୍ଠିରୁ ଅର୍ଥ ମଧ୍ୟ ମଞ୍ଜୁର କରିଥିଲେ। କିନ୍ତୁ ଐତିହ୍ୟସମ୍ପନ୍ନ ଉକ୍ତ 'ପଦ୍ମପୋଖରୀ'ର ପରିଚୟକୁ ଉଜ୍ଜୀବିତ କରାଇପାରି ନ ଥିଲେ। ଦିନ ଥିଲା ଯେତେବେଳେ କୌଣସି ନଳକୂଅ ନ ଥିଲା ଲୋକେ ଏହି ପୋଖରୀର ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରିବା ସହ ଲୋକେ ଏଠାରେ ଗାଧୋଉଥିଲେ ମଧ୍ୟ। ତତ୍ ସଙ୍ଗେସଙ୍ଗେ ପଶୁପକ୍ଷୀ ସେମାନଙ୍କ ତୃଷ୍ଣା ମେଣ୍ଟାଉଥିଲେ। କିନ୍ତୁ ସମୟାନୁକ୍ରମେ ପୋଖରୀକୁ ସଫା କିମ୍ବା ପୁନରୁଦ୍ଧାର କରା ନ ଯିବାରୁ ଏହା ଏବେ ବଦ ଓ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ଗ୍ରାମର ବହୁ ପ୍ରସିଦ୍ଧ ପାରକେଶ୍ୱର ମନ୍ଦିର (ବୁଢ଼ା ମହାଦେବ)ଙ୍କ ପ୍ରାୟ ୪ ଏକର ଜମିରେ ଏହି ପୁରାତନ 'ପଦ୍ମପୋଖରୀ' ଅବସ୍ଥିତ। ପୋଖରୀଟି ଅବିଭକ୍ତ ପୁରୁଷର୍ଷ ପଞ୍ଚାୟତରେ ଥିବାବେଳେ ପଞ୍ଚାୟତ ବିଭାଜନ ପରେ କିଛି ଅଂଶ ବିଟିପୁର ପଞ୍ଚାୟତରେ ରହିଛି। ଗ୍ରାମର ଆରମ୍ଭରେ ପୋଖରୀଟି ରହିଥିବାରୁ ୨ ପଞ୍ଚାୟତ ବାସିନ୍ଦା ଏଠାରେ ପୂଜାକାର୍ଯ୍ୟ ଓ ଶୁଦ୍ଧିକ୍ରିୟା କରିଥା'ନ୍ତି। ଉକ୍ତ ପୋଖରୀ ଜଳ ମଧ୍ୟ ମନ୍ଦିରର ବିଭିନ୍ନ କାର୍ଯ୍ୟରେ ଲାଗିଥାଏ। ପରବର୍ତ୍ତୀ ସମୟରେ ଉକ୍ତ ପୋଖରୀ ପଞ୍ଚାୟତ ଅଧୀନକୁ ଯିବା ପରେ ଏଠାରେ ମାଛ ଚାଷ ଆରମ୍ଭ ହୋଇଥିଲା। ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ରୂପେ ଆଉ ବ୍ୟବହାର ଯୋଗ୍ୟ ହୋଇପାରିଲା ନାହିଁ। ପରେ ପୋଖରୀର ଆୟତନ ତୁଳନାରେ ପୋଖରୀର ନିଲାମ ମୂଲ୍ୟ ବଢ଼ିବାରେ ଲାଗିଲା। ତେଣୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଆଖି ଆଗରେ ରଖି କେହି ବି ନିଲାମ ଧରୁ ନ ଥିବା ଜଣାପଡ଼ିଛି।

୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୪-୨୫ ୩ ବର୍ଷ ପର୍ଯ୍ୟନ୍ତ ନିଲାମ ମଧ୍ୟ ହୋଇପାରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ନିଲାମ ମୂଲ୍ୟ ୧ ଲକ୍ଷ ୨୫ ହଜାର ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା କେହି ବି ନିଲାମ ଧରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ଗୋଟିଏ ପଟେ ମୂଲ୍ୟ ବୃଦ୍ଧି ଯୋଗୁଁ ଏହା ନିଲାମ ହୋଇପାରୁ ନ ଥିବାବେଳେ ଅପରପକ୍ଷରେ ପୋଖରୀକୁ ସଫା କରାଯାଉ ନ ଥିବାରୁ ବଦରେ ପରିପୂର୍ଣ୍ଣ ହୋଇ ଏହା ଖେଳ ପଡ଼ିଆର ଭ୍ରମ ସୃଷ୍ଟି କରିବା ସହ ଏହାର ଜଳ ଦେହରେ ଲାଗିଲେ ଚର୍ମ ରୋଗ ସୃଷ୍ଟି କରୁଛି। ତେଣୁ ବିଭାଗୀୟ ଅଧିକାରୀ ଲୋଡ଼ା ପଡ଼ୁ ନ ଥିବା ଅଲୋଡ଼ା 'ପଦ୍ମପୋଖରୀ'ର ପୁରାତନ ପରିଚୟକୁ ଉଜ୍ଜୀବିତ ରଖିବା ପାଇଁ ଚେଷ୍ଟିତ ହେବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।



**ଖବର ପ୍ରକାଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍**

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବରୁଆଁ,୩।୬(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ସୁଜନପୁରସ୍ଥିତ ରୁଦ୍ରଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଦର୍ଶ ପ୍ରଧାନ ଶିକ୍ଷକ ସୁଧାଂଶୁ ଭୂଷଣ ରାଉତଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦତ୍ତ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ସୁଜନପୁର ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ, ମୁଖ୍ୟବକ୍ତା କୈଳାସ ଚନ୍ଦ୍ର ବେହେରା ଓ ସମ୍ମାନିୟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସମିତିସଭ୍ୟ ନାରାୟଣ ଚନ୍ଦ୍ର ଜେନା, ଶିକ୍ଷକ କାର୍ତ୍ତିକ ଚନ୍ଦ୍ର କର, ସମାଜସେବୀ ଅଶୋକ କୁମାର ମହାନ୍ତି, ଅନନ୍ତ ମାଝୀ, ପୂର୍ବତନ ସରପଞ୍ଚ ତଥା ସମାଜସେବୀ ଗଣେଶ ଚନ୍ଦ୍ର ମହାକୁଡ, ସରୋଜ ବେହେରା, ବୀରକିଶୋର ବିଶ୍ୱାଳ, ବ୍ରହ୍ମାନନ୍ଦ ପଣ୍ଡା, ଦୁର୍ଯ୍ୟୋଧନ ମିଶ୍ର, ଅସିତ୍ ମହାନ୍ତି, ନାଏବ ସରପଞ୍ଚ ମନୋରମା ଦାସ, ଶିକ୍ଷୟିତ୍ରୀ ଅଞ୍ଜୁଲା ଅଂସୁଲିନ୍ ପତି ଓ ବାସବଦତ୍ତା ମିଶ୍ରଙ୍କ ସମେତ ଆଖପାଖ ଅଞ୍ଚଳରେ ଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦତ୍ତ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ବିକ୍ରମ କୁମାର ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ପ୍ରକାଶ ଚନ୍ଦ୍ର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କାଳୀ ସାଧକଙ୍କ ସମେତ ୩ ଅଟକ

ବାରିକପୁର,୩।୬(ସମିସ): ଅର୍ଥ ଠକେଇ ସହିତ ଜଣେ ମହିଳାଙ୍କ ପ୍ରତି ଖରାପ ବ୍ୟବହାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଯାହାକି ଭଣ୍ଡାରିପୋଖରୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲାର ଜନୈକ କାଳୀ ସାଧକ ପୁରିପଡ଼ାଠାରୁ ନେଉଳିଆ ଭିତରେ ଦୀର୍ଘ ବର୍ଷ ହେବ ବସବାସ କରୁଥିଲେ। ଏବେ ସେ ଛତାବର ଟୋଲ୍ ଗେଟ୍ ନିକଟସ୍ଥ ଏକ ଗୃହରେ ରହୁଥିଲେ। ଏହାରି ଭିତରେ ମାର୍କୋଣା ଅଞ୍ଚଳର ଜଣେ ମହିଳା କୌଣସି ସମସ୍ୟାର ସମାଧାନ ପାଇଁ ଜଣେ କାଳୀ ସାଧକଙ୍କୁ ଫୋନ୍ ପେ' ମାଧ୍ୟମରେ ଟଙ୍କା ଦେଇଥିଲେ। ପରେ ଟଙ୍କା ଫେରସ୍ତ ପାଇଁ ସେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ତେଣୁ ମହିଳା ଜଣକ ସାଧକ ଓ ତାଙ୍କ ୩ ସହଯୋଗୀଙ୍କ ନାମରେ ଅର୍ଥ ଠକେଇ ଏବଂ ତାଙ୍କ ସହିତ ଅତ୍ୟନ୍ତ ଖରାପ ବ୍ୟବହାର ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ କାଳୀ ସାଧକଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବା ଯାଏଁ ପୁଲିସ ପକ୍ଷରୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିନାହିଁ।

**ଅର୍ଥ ଠକେଇ ଅଭିଯୋଗ**

## କାରଖାନାରେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କଲା କଂଗ୍ରେସ

ଦାନଗଦି/ଟମକା,୩।୬(ସମିସ): ଦାନଗଦୀ ତହସିଲ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତ ଅଧୀନସ୍ଥ ପାଟବାଲି ମୌଜାରେ ହେବାକୁ ଥିବା ବେଦାନ୍ତ ଫେକର କ୍ରୋମ ବିଶୋଧନ କାରଖାନାରେ କ୍ଷତିଗ୍ରସ୍ତ ଜନତାଙ୍କ ପାଖରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି ସୁକିନ୍ଦା କଂଗ୍ରେସ। ବୁଧବାର ବରିଷ୍ଠ କଂଗ୍ରେସ ନେତା ବିଭୁଭୂଷଣ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରସ୍ତାବିତ କାରଖାନା ନିକଟରେ ପହଞ୍ଚି ପ୍ରଭାବିତ ଅଧିବାସୀଙ୍କ ସହ ସେମାନଙ୍କ ସମସ୍ୟାକୁ ନେଇ ଆଲୋଚନା କରିଛନ୍ତି। ଗ୍ରାମ ମଧ୍ୟଭାଗରେ ଅବସ୍ଥାପିତ ହେବାକୁ ଥିବା ଉକ୍ତ କାରଖାନା, ପ୍ରଶାସନ ଏବଂ କାରଖାନାର ହାତବାରିସୀ ସାଜିଥିବା ସ୍ଥାନୀୟ ନେତାଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଠାରେ କାରଖାନା ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ପାଇଁ ଅଭିଶାପ ପାଲଟିବ। ବିଭିନ୍ନ ଦୁରାରୋଗ୍ୟ ସମେତ ପ୍ରଦୂଷଣରେ ଜନଜୀବନ ଛଟପଟ ହେବ। ନୟାକୋଟ ଗଡ଼ଜାତ ଅଞ୍ଚଳରେ ଚାଷୀ କୂଳ ଭାତ ହାଣ୍ଡି ହରାଇବ। ଏଣୁ ଦଳ ମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ନେଇ ମା', ମାଟିର ସୁରକ୍ଷା ପାଇଁ କଂଗ୍ରେସ ଦଳ ସବୁ ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛି ବୋଲି କଂଗ୍ରେସ ପ୍ରତିନିଧି ଦଳ ମତପୋଷଣ କରିଥିଲେ। ଉକ୍ତପ୍ରତିନିଧି ଦଳରେ ଦାନଗଦୀ ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ସ୍ୱର୍ଣ୍ଣଲତା ବାନରା, ଜିଲା ମହିଳା କଂଗ୍ରେସ ଉପ ସଭାପତି ସ୍ୱପ୍ନା ବେହୁରା, ଦାନଗଦି ବ୍ଲକ କଂଗ୍ରେସ ମହିଳା କଂଗ୍ରେସ ସଭାପତି ପ୍ରଭାତୀ ବଳ, ୮ ନଂ ଜୋନ୍ ମହିଳା କଂଗ୍ରେସ ସଭାପତି ରଙ୍ଗଲତା ମହାନ୍ତ, ଦାନଗଦି ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମଣୀ, ୯ ନଂ ଜୋନ କଂଗ୍ରେସ ସଭାପତି ବିରବର ସାହୁ, ୮ ନଂ ଜୋନ ପ୍ରାକ୍ତନ କଂଗ୍ରେସ ସଭାପତି ଦାମୋଦର ପୂହାଣଙ୍କ ସମେତ ଯୁବ କଂଗ୍ରେସ ନେତା ପ୍ରଭାତ ସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଟମକା ପୁଲିସ ତରଫରୁ କମ୍ପାନୀର ମୁଖ୍ୟ ଦ୍ୱାରରେ ଅଧିକାଂଶ କର୍ମଚାରୀ ଉପସ୍ଥିତ ରହି କଡ଼ା ନଜର ରଖିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମଙ୍ଗଳପୁର,୩।୬(ସମିସ): ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ଦୀନବନ୍ଧୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମହାନ୍ତିଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଦୀନବନ୍ଧୁପୁର ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକର ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକର ଅବସରପ୍ରାପ୍ତ ଏବିଓ ଅଭୟ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମଦନ ମୋହନ ପାଣି, ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକର ଏବିଓ ନୃସିଂହ ଚରଣ ମହାନ୍ତି, ଦଶରଥପୁର ବ୍ଲକର ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସାବିତ୍ରୀ ସେଠୀ, ଅବସରପ୍ରାପ୍ତ ଏବିଓ ରବି ନାରାୟଣ ତ୍ରିପାଠୀ, ଶିକ୍ଷକ ନେତା ରବୀନ୍ଦ୍ର କୁମାର ରାୟ, ଧର୍ମଶାଳା ବ୍ଲକର ଅବସରପ୍ରାପ୍ତ ଏବିଓ ରମାକାନ୍ତ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମହାନ୍ତି, ଶିକ୍ଷକ ନେତା କମଳା କାନ୍ତ ସନ୍ଦିଗ୍ରହ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସରୋଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## ସ୍ୱୟଂସେବକଙ୍କ ଦ୍ୱାରା ଜଳ ବଣ୍ଟନ

ଭଦ୍ରକ,୩।୬(ସମିସ): ଗ୍ରୀଷ୍ମ ପ୍ରବାହ କାରଣରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ଜଳ ସମସ୍ୟା ଦୂର କରିବା ପାଇଁ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନଙ୍କ ଦ୍ୱାରା ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚରମ୍ପା ରେଳ ଷ୍ଟେସନରେ ରେଳ ଯାତ୍ରୀମାନଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ଏହି ସେବାକାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରତ୍ୟେକ ଦିନ ସ୍ଥାନୀୟ ସଂଘ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଏହି ସେବା କାର୍ଯ୍ୟ ଜାରି ରହିଛି। ସଂସ୍କୃତି ପ୍ରଚାର ସମିତିର ସଦସ୍ୟ ସୁଦର୍ଶନ ଲାହା, ସଞ୍ଜୟ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ନଗର କାର୍ଯ୍ୟବାହ ରତିକାନ୍ତ ଆଚାର୍ଯ୍ୟ, ନଗର ସେବା ପ୍ରମୁଖ ଦେବାଶିଷ ବାରିକ, ପୂର୍ଣ୍ଣଚନ୍ଦ୍ର ମହାଳିକ, ପ୍ରଭାତ ଶତପଥୀ, ହିତେଶ ମହାନ୍ତି, ଆଶିଷ ବାରିକ, ମାନସ ନାୟକ, ସୌମ୍ୟ ନାୟକ, ପ୍ରହଲ୍ଲାଦ ପାଣି, ସାଇମନ ମାରାଣ୍ଡି, ବେଦପ୍ରକାଶ ବଳ ପ୍ରମୁଖ ଏହି ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି। ତତ୍ସହିତ ସ୍ଥାନୀୟସ୍ତରରେ ସଞ୍ଜୟ କୁମାର ବାରିକ୍ ମଧ୍ୟ ଏହି କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ରୂପେ ନିଜର ସହଯୋଗ ଯୋଗାଉଛନ୍ତି। ଏହି ଜଳଦାନ ଅଣ ସଂରକ୍ଷିତ ରେଳ ଡବାରେ ଦୂର ସ୍ଥାନରୁ ଆସୁଥିବା ଅନେକ ଯାତ୍ରୀଙ୍କ ତୃଷ୍ଣା ମେଣ୍ଟାଇବାରେ ସହଯୋଗୀ ହୋଇପାରୁଛି।




**ବୈତରଣୀ ଓ କୋଚିଲା ନଦୀବନ୍ଧ ସୁଦୃଢ଼ୀକରଣ ନାଁରେ ଦୁର୍ନୀତି ଅଭିଯୋଗ**

## ବନ୍ୟାରେ ଭାସିଯିବ ଦୁଇ ପଞ୍ଚାୟତ !

ଅସୁରାଳି,୩।୬(ସମିସ): ବର୍ଷା ଋତୁ ପାଖେଇ ଆସୁଥିବାବେଳେ ବୈତରଣୀ ନଦୀର ବାମ ପାର୍ଶ୍ୱ ଏବଂ କୋଚିଲା ନଦୀର ଡାହାଣ ପାର୍ଶ୍ୱ ଦୁର୍ବଳ ନଦୀବନ୍ଧକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି। ଜଳସମ୍ପଦ ବିଭାଗ ଗାନ୍ଧୀଘାଟ ସେକ୍ସନ ଅଧୀନରେ କୋଟି କୋଟି ଟଙ୍କା ବ୍ୟୟରେ ଚାଲିଥିବା ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ନିୟମକୁ ଜଳାଞ୍ଜଳି ଦେଇ କାର୍ଯ୍ୟ ଚାଲିଥିବାବେଳେ ଏହା ଆଗାମୀ ବନ୍ୟା ସମୟରେ ମହାବିପଦକୁ ଆହ୍ୱାନ କରୁଛି।

ସୂଚନାନୁଯାୟୀ, ଅର୍ଜୁନପୁର ପଞ୍ଚାୟତର ବାଲିପାଟଣାଠାରୁ ମମାଦୁଲା ଦାଶପାରି, ସଇଲୋ ଦେଇ ବାଲିପାଟଣା ତରେଇ ସାହି ପର୍ଯ୍ୟନ୍ତ ଯାଇଥିବା ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ଏବଂ କୋଚିଲା ନଦୀର ଡାହାଣ ପାର୍ଶ୍ୱ ନଦୀବନ୍ଧରେ ନାମକୁ ମାତ୍ର ମାଟି ପକାଯାଇଛି ଏବଂ ନାମକୁ ମାତ୍ର ପଥର ଗୁଣ୍ଡ ପକାଯାଇ କାମ ହେଉଛି। କାର୍ଯ୍ୟ ନିୟମ ଅନୁସାରେ, ଗୋଟିଏ ପରସ୍ତ ମାଟି ପକାଇବା ପରେ ହାଇଡ୍ରୋଲିକ୍ ମେସିନ ବା ରୋଲର୍ ସାହାଯ୍ୟରେ ତାହାକୁ ଭଲଭାବେ ରୋଲିଂ କରି ସୁଦୃଢ଼ କରାଯିବା କଥା। ଏହାପରେ ହିଁ ଦ୍ୱିତୀୟ ପରସ୍ତ ମାଟି ପଡ଼ିବା ଏବଂ ପଥର ଗୁଣ୍ଡ ପଡ଼ିବା ନିୟମ ରହିଛି। ମାତ୍ର ଏଠାରେ ଠିକାଦାର ନିଜ ମନମାନୀ ଚଳାଇ କେବଳ ଟ୍ରାକ୍ଟରରେ ମାଟି ଢାଳି ତାହାକୁ ଖେଳେଇ ସମତଳ କରିଦେଇ ନାମକୁ ମାତ୍ର ପଥର ଗୁଣ୍ଡ ପକାଇଛନ୍ତି। ରୋଲିଂ କରାଯାଉ ନ ଥିବାରୁ ମାଟି ଦବୁନାହିଁ, ଯାହାକି ସାମାନ୍ୟ ବର୍ଷା ବା ବନ୍ୟା ଜଳରେ ଧୋଇଯିବାର ଆଶଙ୍କା ରହିଛି। କୌଣସି ବି ସରକାରୀ କାର୍ଯ୍ୟ ହେଲେ ସେଠାରେ ପ୍ରକଳ୍ପର ବ୍ୟୟ ଅଟକଳ ଓ ବିବରଣୀ ସମ୍ପର୍କିତ ସୂଚନାଫଳକ ରହିବା ବାଧ୍ୟତାମୂଳକ। କିନ୍ତୁ କୋଟିକୋଟି ଟଙ୍କାର କାମରେ କେଉଁଠି ହେଲେ ସୂଚନାଫଳକ ଲଗାଯାଇନାହିଁ। କାମରେ ସ୍ୱଚ୍ଛତା ନ ଥିବାରୁ ଏବଂ ଅଞ୍ଚଳବାସୀଙ୍କୁ ଅନ୍ଧାରରେ ରଖି ହରିଲୁଟ୍ କରିବା ପାଇଁ ଏଭଳି ଚକ୍ରାନ୍ତ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବୈତରଣୀର ବାମ ପାର୍ଶ୍ୱ ନଦୀବନ୍ଧ ଏବଂ କୋଚିଲାର ଡାହାଣ ପାର୍ଶ୍ୱ ନଦୀ ବନ୍ଧ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ଏଭଳି ନିମ୍ନମାନର କାର୍ଯ୍ୟକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ଏଷ୍ଟିମେଟ୍ ଅନୁସାରେ କାମ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାର୍ଯ୍ୟର ଅନୁଧ୍ୟାନ କରାଯିବ ଏବଂ ଯଦି କିଛି ତ୍ରୁଟି ମିଳେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**● ୧୨ ଘଣ୍ଟାରେ ସ୍କୁଲ ଚୋରି ଘଟଣାର ପର୍ଦ୍ଦାଫାସ୍**

## ୩ ଗିରଫ; ଚୋରି ସାମଗ୍ରୀ ଉଦ୍ଧାର

ଧାମନଗର,୩।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରୁଢ଼ାକୁଟି ପଞ୍ଚାୟତ ଅଧୀନ ରୁଢ଼ାକୁଟି ଇନ୍ଦ୍ରମଣି ହାଇସ୍କୁଲରେ ଘଟିଥିବା ଚୋରି ଘଟଣାର ଧାମନଗର ପୁଲିସକୁ ସଫଳତା ମିଳିଛି। ଘଟଣାର ମାତ୍ର ୧୨ ଘଣ୍ଟା ମଧ୍ୟରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଛି।

ସୂଚନା ଅନୁଯାୟୀ, ଗତ ୧ ତାରିଖରେ ଏହି ହାଇସ୍କୁଲରେ ଚୋରି ହୋଇଥିବା ନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଥାନାଧିକାରୀ ସୁଭ୍ରଜିତ ଦାଶଙ୍କ ନେତୃତ୍ୱରେ ପୁଲିସ ଟିମ୍ ତନାଘନା ଚଳାଇ କରଞ୍ଜି ଗୁଣ୍ଡପୁରର ମଣ୍ଟୁ ଓରଫ ଦୀପ୍ତିରଞ୍ଜନ ବାରିକ, ବିଦ୍ୟାଧରପୁରର ଶମ୍ଭୁନାଥ ଦାସ ଓ କରଞ୍ଜି ଗୁଣ୍ଡପୁରର ସନ୍ତୋଷ କୁମାର ଦାସଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ବ୍ୟାଟେରି, ୨ଟି ଇନ୍‌ଭର୍ଟର, ୨ଟି ଏଲ୍ଇଡି ଟିଭି ମନିଟର, ଗୋଟିଏ ସିସିଟିଭି ହାର୍ଡଡିସ୍କ ଓ ଗୋଟିଏ ସିସିଟିଭି ମେସିନ୍ ଜବତ କରାଯାଇଛି। ଏହି ମାମଲାର ତଦନ୍ତ ଦାୟିତ୍ୱ ଏସ୍ଆଇ ନାରାୟଣ ନାୟକ ନେଇଥିବାବେଳେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଘଟଣାର ତ୍ୱରିତ ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଧାମନଗର ପୁଲିସ କାର୍ଯ୍ୟକୁ ପ୍ରଶଂସା କରାଯାଉଛି।




## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର,୩।୬(ସମିସ): ଧାମନଗର ବ୍ଲକ୍‌ରୁ ୯ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଛନ୍ତି। ଧାମନଗର ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେନାପତିଙ୍କୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ପରିଚାଳନା କମିଟି ତରଫରୁ ତାଙ୍କ ଚାକିରିର ଶେଷ ଦିନରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚିତା ସାହୁ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ଆଲୋକ ଜେନା ସଭା ସଞ୍ଚାଳକ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଧାମନଗର ଏବିଇଓ ଭୀମସେନ ହୋ, ବରେଣ୍ୟ ଅତିଥି ଭାବେ ଆନନ୍ଦପୁର ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶଚୀକାନ୍ତ ପଣ୍ଡା, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ୍ ସିଂହ, ପରିଚାଳନା କମିଟି ସଭାପତି ସେକ୍ କାଲୋ, ପୂର୍ବତନ ସଭାପତି ସେକ୍ ଜାଫର ଅଲ୍ଲୀ ପ୍ରମୁଖ ଯୋଗଦେଇ ଚିତ ସାର୍‌ଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନଙ୍କ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପଡ଼ୋଶୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ମଧ୍ୟ ଚିତ ସାର୍‌ଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସହକାରୀ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ଉପସଭାପତି ଓ ସଭ୍ୟ/ସଭ୍ୟା, ଅଭିଭାବକ, ଏସ୍ଏଚ୍‌ଜିର ମହିଳା ପ୍ରମୁଖ ଯୋଗଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଜ୍ୟୋତି କ୍ରିଷ୍ଣା ନାୟକ ମାନପତ୍ର ପଠନ କରିଥିବାବେଳେ ଆଲୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




## ଗୋଚର ଜମିରେ ଶ୍ମଶାନ ନିର୍ମାଣକୁ ନେଇ ଅସନ୍ତୋଷ

ଯଖପୁରା,୩।୬(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ପଞ୍ଚାୟତ ବାଲୁଙ୍ଗାବନ୍ଧୀ ଗ୍ରାମରେ ଏବେ ଏକ ବେଆଇନ ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଜୀବନ ଜୀବିକାର ପ୍ରମୁଖ ଆଧାର ଗୋଚର ଜମି ଉପରେ ପ୍ରଶାସନ ଓ ଠିକାଦାରଙ୍କ ମିଳିତ ସହଯୋଗରେ ଶ୍ମଶାନ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକୁ ନେଇ ଅଞ୍ଚଳରେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ରାଜସ୍ୱ ନିୟମ ଅନୁସାରେ ଗୋଚର ଜମିର ଉଦ୍ଦେଶ୍ୟ ପରିବର୍ତ୍ତନ ଏକ ସମ୍ବେଦନଶୀଳ ପ୍ରକ୍ରିୟା। କିନ୍ତୁ ଏଠାରେ ସମସ୍ତ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିର୍ମାଣ ସ୍ଥଳରେ କୌଣସି ପ୍ରକାର ସୂଚନା ଫଳକ ଲଗାଯାଇନାହିଁ। ବାଲୁଙ୍ଗାବନ୍ଧୀ ଗ୍ରାମର ଅର୍ଥନୀତି ମୁଖ୍ୟତଃ କୃଷି ଓ ପଶୁପାଳନ ଉପରେ ନିର୍ଭରଶୀଳ। ଗୋଚର ଜମି ଗୋଧନ ସମ୍ପତ୍ତି ପାଇଁ ଜୀବନରେଖା ସଦୃଶ ହୋଇଥିବାବେଳେ, ଏଠାରେ ନିର୍ମାଣ କାର୍ଯ୍ୟ ହେଲେ ଗୋରୁଗାଈଙ୍କ ପାଇଁ ଚରିବା ସ୍ଥାନ ସଙ୍କୁଚିତ ହେବ। ଏହା ପରୋକ୍ଷରେ ଗ୍ରାମର ପଶୁପାଳନ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ବଢ଼ିଛି। ଯେତେବେଳେ ଶ୍ମଶାନ ନିର୍ମାଣ ପାଇଁ ଅନ୍ୟ ବିକଳ୍ପ ଜମି ପୂର୍ବରୁ ଚିହ୍ନଟ ହୋଇଥିବା କଥା କୁହାଯାଉଛି, ସେତେବେଳେ କାହିଁକି ଜବରଦସ୍ତ ଏହି ଗୋଚର ଜମିକୁ ଟାର୍ଗେଟ କରାଯାଉଛି। ଏହାକୁ ଗ୍ରାମବାସୀ ସେମାନଙ୍କ ସାମୂହିକ ସ୍ୱାର୍ଥ ଓ ଭାବନା ଉପରେ କୁଠାରାଘାତ ବୋଲି ବର୍ଣ୍ଣନା କରିଛନ୍ତି। ବାରମ୍ବାର ବିରୋଧ ଓ ଅନୁରୋଧ ସତ୍ତ୍ୱେ କାର୍ଯ୍ୟ ଅବ୍ୟାହତ ରହିଥିବାରୁ କ୍ଷୋଭ ବୃଦ୍ଧି ପାଉଛି। ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ଦାବି ହେଉଛି ଗୋଚର ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ, ପ୍ରକଳ୍ପର ବୈଧତା ଓ ଅନୁମୋଦନ ସମ୍ପର୍କରେ ସ୍ୱଚ୍ଛ ସୂଚନା ପ୍ରକାଶ କରାଯାଉ, ଘଟଣାର ଏକ ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ କରାଯାଉ, ଶ୍ମଶାନ ନିର୍ମାଣ ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ବିକଳ୍ପ ସ୍ଥାନରେ କାର୍ଯ୍ୟ କରାଯାଉ। ଯଦି ପ୍ରଶାସନ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଆଗାମୀ ଦିନରେ ଗଣଆନ୍ଦୋଳନ ଓ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ବାଲୁଙ୍ଗାବନ୍ଧୀର ଏହି ବିବାଦ ଏବେ ପ୍ରଶାସନିକ ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ୧୩ରୁ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା

କୁଆଖିଆ,୩।୬(ସମିସ)

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଖଣ୍ଡିତରଠାରେ ୭୧ତମ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର କବାଡ଼ି ଆସୋସିଏସନର ସଭାପତି ତଥା ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସମ୍ପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ ବିବରଣୀ ପ୍ରଦାନ କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବଭାରତୀୟ ସ୍ତରରୁ ରାଜ୍ୟ ଓ ରାଜ୍ୟ ବାହାରୁ ପୁରୁଷ ବିଭାଗର ୨୨ଟି ଦଳ ଭାଗ ନେଉଥିବା ବେଳେ ମହିଳା ବିଭାଗରୁ ୯ଟି ଦଳ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଭାରତ ବର୍ଷର ବିଭିନ୍ନ ରାଜ୍ୟର ବଛା ବଛା ଦଳ ସହ ବହୁ ପ୍ରୋ-କବାଡ଼ି ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଯୋଜନା ଥିବାବେଳେ ବିଜେତା ପୁରୁଷ ବିଭାଗର ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୨ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର, ପ୍ରଥମ ରନର୍ସ ଅପ ଦଳକୁ ୧ଲକ୍ଷ ଓ ୨ୟ ରନର୍ସ ଅପ ଦଳକୁ ୮୦ ହଜାର ଟଙ୍କା ଅର୍ଥରାଶି ଦେବା ପାଇଁ ପ୍ରସ୍ତାବ ରହିଛି। ସେହିପରି ବିଜେତା ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ସହ ପ୍ରଥମ ରନର୍ସ ଅପ ଦଳକୁ ୩୦ ହଜାର ଓ ୨ୟ ରନର୍ସ ଅପ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥିପାଇଁ ସମୁଦାୟ ୩ ଲକ୍ଷ ୮୦ ହଜାର ଟଙ୍କା ପୁରସ୍କାର ବାବଦ ଖର୍ଚ୍ଚ ହେବ। ଏହି ପ୍ରତିଯୋଗିତା ଆସନ୍ତା ୧୩ ତାରିଖରୁ ଆରମ୍ଭ ହୋଇ ୪ ଦିନ ଧରି ଚାଲି ୧୬ ତାରିଖରେ ଉଦ୍‌ଯାପିତ ହେବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ସହ ସମ୍ପାଦକ ଅଭୟ କୁମାର ମହାନ୍ତି, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ଶତପଥି, ରବୀନ୍ଦ୍ର କୁମାର ପୃଷ୍ଟି, ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଆସୋସିଏସନର ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ ଶେଷରେ ହେମନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।




**ପୁରୁଷରେ ୨୨, ମହିଳାରେ ୯ ଦଳ ଯୋଗଦେବେ**

# କୁକୁର ସହ ବାଇକ୍ ଧକ୍କା, ମହିଳା ମୃତ

ବାରିପଦା/ମାଣଡ୍ରୀ,୩।୬(ସମିସ): ବାରିପଦା-ଉଦଳା ରାସ୍ତାର ସାନକେରକୋ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ବୈଶିଙ୍ଗା ଥାନା ଆଡିଆସାହି ଗ୍ରାମର ସିଲି ମାଝୀ(୨୭)। ତାଙ୍କ ସ୍ୱାମୀ ଖୁଣ୍ଟା ତହସିଲ କାର୍ଯ୍ୟାଳୟର ଅମିନ ଯୋଗମୋହନ କିଶୋର ଦେହୁରୀ(୩୨)ଙ୍କ ସହିତ ନିଜ ୪ବର୍ଷର ସନ୍ତାନକୁ ଧରି ବାଇକ୍‌ରେ ବାରିପଦାରୁ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ ଏକ କୁକୁର ସମ୍ମୁଖକୁ ଆସି ଧକ୍କା ହେବାରୁ ସମସ୍ତେ ତଳେ ପଡ଼ିଯାଇଥିଲେ। ସମସ୍ତେ ଗୁରୁତର ଆହତ ହୋଇଥିବା ବେଳେ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ସାହି ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

# ଜମାଖାତା ନୁହେଁ; ହାତରେ ଭତ୍ତା ଅର୍ଥ ଦେବାକୁ ଦାବି

ବାରିପଦା, ୩।୬(ସମିସ): ବୟସ୍କ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସରକାର ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ହିତାଧିକାରୀଙ୍କ ଜମାଖାତା ମାଧ୍ୟମରେ ଭତ୍ତା ଟଙ୍କା ଜମା ହେଉଥିବାରୁ ଗ୍ରାମାଞ୍ଚଳର ଅନେକ ହିତାଧିକାରୀଙ୍କ ବ୍ୟାଙ୍କର ଟଙ୍କା ନେବା ବେଳେ ଫିଙ୍ଗର୍ କି ଆଖିର ସ୍କାନର୍ ଭଲ ଭାବେ ହେଉନଥିବାରୁ ଅନେକ ହିତାଧିକାରୀ ଆଜକୁ ୩ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଜମାଖାତା ବଦଳରେ ହାତରେ ଭତ୍ତା ଟଙ୍କା ଦେବାକୁ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁ ପ୍ରଶାସନ ପାଖରେ ଦାବି କରିଛନ୍ତି। ସୂଚନା ଅନୁସାରେ, କୁଳିଅଣା ବ୍ଲକ ଏବଂ ବାଙ୍ଗିରିପୋଷି ବ୍ଲକର ସଦର ମହକୁମା ସମେତ କଳାବାଡିଆ, କୁଆବୁଡା ଅଞ୍ଚଳର ଶତାଧିକ ହିତାଧିକାରୀ ୩ ମାସ ହେବ ଭତ୍ତା ପାଇ ନାହାନ୍ତି। ପଞ୍ଚାୟତରେ ଆଧାରୁ ଅଧିକ ହିତାଧିକାରୀଙ୍କୁ ହାତରେ ଭତ୍ତା ଦିଆଯାଉଛି। କିନ୍ତୁ ଜମାଖାତରେ ଯେଉଁ ହିତାଧିକାରୀଙ୍କ ଭତ୍ତା ଟଙ୍କା ମିଳୁଛି; ସମସ୍ତ ହିତାଧିକାରୀଙ୍କୁ ବ୍ୟାଙ୍କ ଯିବା ଆସିବା ପାଇଁ ଅଟୋ କି ଅନ୍ୟ ଗାଡ଼ି ଭଡା କରିବାକୁ ପଡେ। ଫଳରେ ହିତାଧିକାରୀ ଭତ୍ତା ଆଣିବା ପାଇଁ ଅଯଥାରେ ଖର୍ଚ୍ଚାନ୍ତ ହୁଅନ୍ତି। ତେଣୁ ଭତ୍ତା ଟଙ୍କା ନିଜ ଗାଁରେ ଓ ହିତାଧିକାରୀଙ୍କ ହାତରେ ଦେବାକୁ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଦାବି କରିଛନ୍ତି।

# ଏସ୍‌ପି ନିଯୁକ୍ତି ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ରାଇରଙ୍ଗପୁର,୩।୬(ସମିସ): ରାଇରଙ୍ଗପୁର ପୁଲିସ ଜିଲ୍ଲା ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ନୂତନ ଏସ୍‌ପି ନିଯୁକ୍ତି ନେଇ ଦାବି ହୋଇଛି। ଏ ନେଇ ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି ବୁଧବାର ଆହୁତ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି। ଆଗକୁ ରାଇରଙ୍ଗପୁରକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମିଳିତ ଭାବେ ଗସ୍ତ କାର୍ଯ୍ୟକ୍ରମ ରହିଛି। ତେବେ ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ଏସ୍‌ପି ନିଯୁକ୍ତି ନେଇ ଦାବି ଉଠାଇଛନ୍ତି। ରାଇରଙ୍ଗପୁର ଏକ ନୂତନ ପୁଲିସ ଜିଲ୍ଲା ହୋଇଥିବା ବେଳେ ଦେଶର ସର୍ବୋଚ୍ଚ ନାଗରିକ ରାଷ୍ଟ୍ରପତିଙ୍କ ଅଞ୍ଚଳ ଅଟେ। ଯାହାକୁ ନେଇ ସ୍ଥାୟୀ ଏସ୍‌ପି ନିଯୁକ୍ତି ପାଇଁ ଦାବି ଜୋର ଧରିଛି। ନୂତନ ଏସ୍‌ପି ନିଯୁକ୍ତି ଦ୍ୱାରା ଲୋକଙ୍କ ବିଭିନ୍ନ ମାମଲା ଗୁଡ଼ିକର ଦ୍ୱରିତ ସମାଧାନ ହେବା ସହ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ହେବ। ଯାହା ଦ୍ୱାରା ବାମନଘାଟିବାସୀ ଉପକୃତ ହୋଇ ପାରିବେ। ଏ ନେଇ ଦାବି ଉପସ୍ଥାପନ କରିଛନ୍ତି। ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ବାରିପଦାରେ ଏସ୍‌ଆଇଆର୍ ସଚେତନତା ରଥର ଶୁଭାରମ୍ଭ




ବାରିପଦା, ୩।୬(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ବୃଦ୍ଧି ଏବଂ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବାରିପଦା ଉପ-ଜିଲ୍ଲାପାଳ ତଥା ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ କସ୍ତୁରୀ ପଣ୍ଡା ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅନ୍ତର୍ଗତ ଏକ ନିର୍ଭୁଲ, ଅଦ୍ୟତନ ଓ ସର୍ବସମାବେଶୀ ମତଦାତା ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ଏହି ଉଦ୍ଦେଶ୍ୟରେ ସଚେତନତା ରଥ ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବ।"ରଥ ମାଧ୍ୟମରେ ମତଦାତା ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ପର୍କିତ ସୂଚନା ପ୍ରଚାର କରାଯିବା ସହିତ ମତଦାତାମାନଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପାଇଁ ଉତ୍ସାହିତ କରାଯିବ। ଏହାସହ ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମରେ ସହଯୋଗ କରି ଏକ ନିର୍ଭୁଲ ଓ ବିଶ୍ୱସନୀୟ ମତଦାତା ତାଲିକା ପ୍ରସ୍ତୁତିରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅନୁରୋଧ କରାଯାଇଛି।

# ବୁଲିଲା ଭୋଟର ସଚେତନତା ରଥ

କରଞ୍ଜିଆ, ୩।୬(ସମିସ)




ଭୋଟରମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ପାଞ୍ଚପୀଢ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅଦ୍ୟ ଅପରାହ୍ନ ୬ ଘଟିକା ସମୟରେ ଏହି ରଥଗୁଡ଼ିକର ଆନୁଷ୍ଠାନିକ ଉଦ୍‌ଘାଟନ କରାଯାଇ କରଞ୍ଜିଆ ଓ ଯଶିପୁର ନିର୍ବାଚନମଣ୍ଡଳୀର କୋଣ ଅନୁକୋଣକୁ ଯାତ୍ରା ଆରମ୍ଭ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଗଣନା ଫର୍ମ ବଣ୍ଟନ ଏବଂ ଏହାର ସଠିକ୍ ପୂରଣ ସମ୍ପର୍କରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ଓ ଆଗ୍ରହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ଅଭିନବ ଢଙ୍ଗରେ ପରିଗଣନା ସମ୍ବନ୍ଧୀୟ ପ୍ରଶ୍ନ ଓ ଉତ୍ତର ସମ୍ବଳିତ ଅଡିଓ କ୍ଲିପ୍ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଉଛି।ଉପଜିଲ୍ଲାପାଳ ପାଞ୍ଚପୀଢ ତଥା ୨୬-ଯଶିପୁର ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଡଃ ଦୟାସିନ୍ଧୁ ପରିଡା ଏବଂ ଅତିରିକ୍ତ ଉପଜିଲ୍ଲାପାଳ ପାଞ୍ଚପୀଢ ତଥା ୩୦-କରଞ୍ଜିଆ ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ପ୍ରକାଶ କୁମାର ଦାସ ପତାକା ଦେଖାଇ ଏହି ସଚେତନତା ରଥଗୁଡ଼ିକୁ ସବୁଜ ସଙ୍କେତ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ନିହାର ରଞ୍ଜନ ସେଠୀ, କରଞ୍ଜିଆ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ବିରାମ କିସ୍କୁ, ତହସିଲଦାର ରୂପାଲି ହାଁସଦା, ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ସାହୁ, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଡେପୁଟି କଲେକ୍ଟର ଜ୍ୟୋତ୍ସ୍ନାରାଣୀ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।ଏହାସହ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ଏହି ସଚେତନତା ରଥ ଆଗାମୀ ଦିନଗୁଡ଼ିକରେ ଗାଁ ଗାଁ ବୁଲି ଭୋଟରମାନଙ୍କୁ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବ।

# ଘରୋଇ ଶିକ୍ଷାନୁଷ୍ଠାନରେ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ବାରିପଦା,୩।୬(ସମିସ): ଓଡ଼ିଶାର ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଏଡ୍ ଓ ଏମ୍‌ଏଡ୍ ପାଠ୍ୟକ୍ରମ ଆରମ୍ଭ କରିବା ସମ୍ପର୍କରେ ଏକ ନୀତିଗତ ନିଷ୍ପତ୍ତି ନେବାକୁ ପୂର୍ବତନ ସାଂସଦ ତଥା ବରିଷ୍ଠ ନେତ୍ରୀ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଏହି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଏକ ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ସରକାରୀ ବିଏଡ୍ କଲେଜର ସଂଖ୍ୟା ଛାତ୍ରଛାତ୍ରୀଙ୍କ ଚାହିଦା ତୁଳନାରେ ଅତ୍ୟନ୍ତ କମ୍। ଫଳରେ ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଅର୍ଥ ବ୍ୟୟ କରିବା ସହିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ମମତା ମହାନ୍ତ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷକ ଶିକ୍ଷାର ବ୍ୟାପକ ବିକାଶ ଆବଶ୍ୟକ ହୋଇପଡ଼ିଛି। ରାଜ୍ୟର ବହୁ ବେସରକାରୀ କଲେଜ ଓ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଭିତ୍ତିଭୂମି ଓ ଶିକ୍ଷାଦାନ ସୁବିଧା ରହିଥିବା ସତ୍ତ୍ୱେ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମ ଆରମ୍ଭ ପାଇଁ ସରକାରୀ ଅନୁମତି ମିଳୁନାହିଁ। ଏହା ଫଳରେ ରାଜ୍ୟର ଶିକ୍ଷକ ଶିକ୍ଷା କ୍ଷେତ୍ରରେ ଉନ୍ନତି ବାଧାପ୍ରାପ୍ତ ହେଉଛି। ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, କ୍ୟାବିନେଟ୍ ସ୍ତରରେ ଏକ ନୀତିଗତ ନିଷ୍ପତ୍ତି ନେଇ ବେସରକାରୀ କଲେଜଗୁଡ଼ିକରେ ସ୍ୱୟଂ ଅର୍ଥାୟନ (ଏସଏଫସି) ମୋଡ୍‌ରେ ବିଏଡ୍ ଓ ଏମଏଡ୍ ପାଠ୍ୟକ୍ରମ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଉ। କ୍ୟାବିନେଟ ନିଷ୍ପତି ହେଲେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକୁ ବିଏଡ଼ କୋର୍ସ ଖୋଲିକିବାକୁ ଅନୁମତି ଦେଇ ପାରିବେ। ଏହା ଦ୍ୱାରା ରାଜ୍ୟରେ ଶିକ୍ଷକ ପ୍ରଶିକ୍ଷଣର ସୁଯୋଗ ବଢ଼ିବା ସହ ଅନେକ ଛାତ୍ରଛାତ୍ରୀ ନିଜ ରାଜ୍ୟରେ ରହି ଉଚ୍ଚ ଶିକ୍ଷା ଲାଭ କରିପାରିବେ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଦିଗ ସୃଷ୍ଟି ହେବା ସହିତ ଶିକ୍ଷକ ଶିକ୍ଷାର ଗୁଣାରକ ବିକାଶ ଓ ରୋଜଗାର ସୁଯୋଗ ବୃଦ୍ଧି ପାଇବ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରି ଶ୍ରୀମତୀ ମହାନ୍ତଙ୍କ ଏଭଳି ପ୍ରସ୍ତାବକୁ ସମର୍ଥନ ଦେଇଛନ୍ତି।

# କୃତୀ କେଜିଭିବି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୩।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୬ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ବୁଧବାର ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ ସୁଶ୍ରୀ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଣ୍ଡୁଲିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଶଶୀଧର ସିଂ ଓ ଗୌତମ ପାତ୍ର ଯୋଗଦେଇ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ କେଜିବିଭି ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ, କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ନିଜେ ଅଙ୍ଗେ ନିଭାଇଥିବା ବିଫଳତା ଓ ସଫଳତାର ମନ୍ତ୍ର ଛାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ। କୃତୀ ଛାତ୍ରୀମାନେ ନିଜ ଜୀବନର ଲକ୍ଷ୍ୟ କ'ଣ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ଛାତ୍ରୀମାନେ ଗୁରୁଜନ ମାନଙ୍କୁ, ପିତାମାତାଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ ଯାହାଙ୍କ ମାର୍ଗଦର୍ଶନରେ ନିଜ ଭବିଷ୍ୟତ ଗଢିବାକୁ ସ୍ୱପ୍ନ ଦେଖିଛନ୍ତି ତାଙ୍କୁ କେବେ ବି ନଭୁଲିବାକୁ ପରାମର୍ଶ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାର, ଓଡ଼ିଶାର ତଥା ଦେଶର ସେବା କରିବା ନିମନ୍ତେ ନିଜକୁ ସାମିଲ କରିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଭାରତର ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁଙ୍କ ଇଚ୍ଛାଧୀନ ପାଣ୍ଠିରୁ ୭୮ ଜଣ ଛାତ୍ରୀଙ୍କୁ (ପ୍ରତି କେଜିବିଭିର ଦଶମ ଉତ୍ତୀର୍ଣ୍ଣ ପ୍ରଥମ ୩ ଜଣ ଛାତ୍ରୀଙ୍କୁ) ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉକ୍ତ ଅର୍ଥରାଶି ଛାତ୍ରୀମାନେ ନିଜର ଉଚ୍ଚ ଶିକ୍ଷା ନିମନ୍ତେ ଖର୍ଚ୍ଚ କରିବେ। ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ହେମକାନ୍ତ ସଏ ଡମି ଚେକ୍ ମାଧ୍ୟମରେ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଜିଲ୍ଲାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପରିଚାଳନା କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର ଧନ୍ୟବାଦ ଦେଇଥିଲେ।

# କୁଡୁମୀ ସେନାର ପ୍ରତିଷ୍ଠା ଦିବସ




ରାଇରଙ୍ଗପୁରତା:୩।୬(ସମିସ): କୁଡୁମୀ ସେନାର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ବହଳଦା ବ୍ଲକ ଅନ୍ତର୍ଗତ ତିଖିଆ ଗ୍ରାମରେ ବାମନଘାଟି କୁଡୁମୀ ଛାତ୍ର ସେନା ପକ୍ଷରୁ ୧୪ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। କୁଡୁମୀ ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ରୁ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିଲା। ଏଥି ପରେ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକା ଭୁକ୍ତ କରିବା ପାଇଁ ଦାବି ହେଇ ଆସୁଥିଲେ ମଧ୍ୟ ଦାବି ପୂରଣ ହୋଇନାହିଁ। ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସଂପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି ରଖିଛନ୍ତି। କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସଂପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ରେ ସ୍ୱାଧୀନତା ସଂଗ୍ରାମୀ କାଳିଆ ମହାନ୍ତ ମାଟି ବେତନଟି ଠାରେ କୁଡୁମୀ ସେନା ଗଠନ କରିଥିଲେ। କୁଡୁମୀ ଲୋକଙ୍କ ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତି ସୁରକ୍ଷା ଓ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୨ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଆନ୍ଦୋଳନ ଜାରି ରଖିଛନ୍ତି। ଆଜି ପ୍ରତିଷ୍ଠା ଦିବସରେ କୁଡୁମୀ ଛାତ୍ର ସେନା ଦାବୀ ହାସଲ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରଖିବା ପାଇଁ ଦୃଢ ପ୍ରତିଜ୍ଞା କରିଛନ୍ତି। ଛାତ୍ର ସେନା ସଭାପତି ସଭାପତି ବରୁଣ କୁମାର ମହାନ୍ତ ନିଜ ଅଭିଭାଷଣରେ କୁଡୁମୀ ମାନଙ୍କ ବିରୋଧରେ ହେଉଥିବା ଅନ୍ୟାୟ ବିରୋଧରେ ଆଗାମୀ ଦିନରେ କୁଡୁମୀ ସେନା ଆନ୍ଦୋଳନକୁ ଜୋରଦାର କରି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ଯେ ପର୍ଯ୍ୟନ୍ତ କୁଡୁମୀ ଜାତିକୁ ତାର ହକ୍ ଅଧିକାର ମିଳିନାହିଁ। କୁଡୁମୀ ଜାତିକୁ କିପରି ଅନୁସୂଚିତ ଜାତି ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ପରିଚ୍ଛେଦ ମାନ୍ୟତା ମିଳିବ ସେ ବାବଦରେ ଆଲୋଚନା କରିଥିଲେ। ଏହି ସଭାରେ ଛାତ୍ରନେତା ବୀରକିଶୋର ମହାନ୍ତ, ଶିବୁ ମହାନ୍ତ, ବାପୁନ ମହାନ୍ତ, ଚନ୍ଦନ ମହାନ୍ତ, ଗେଲୁ ମହାନ୍ତ, ରିଙ୍କୁ ମହାନ୍ତ, କୁବେର ମହାନ୍ତ, କ୍ରିଷ୍ଣା ମହାନ୍ତ, ଟିକଲୁ ମହାନ୍ତ, କୁନାଲ ମହାନ୍ତ, ଓମ୍ ମହାନ୍ତ, ସୁଜିତ୍ ମହାନ୍ତ ପ୍ରମୁଖ ସକ୍ରିୟ ଛାତ୍ର ନେତା ଯୋଗ ଦେଇଥିଲେ।

# ନିଖୋଜ ବାଳକଙ୍କୁ ଫେରାଇ ଆଣିବା ପାଇଁ ଜିଲ୍ଲାପାଳ, ଏସ୍‌ପିଙ୍କୁ ନିବେଦନ



ବାରିପଦା,୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲୀ ଗ୍ରାମ ପଞ୍ଚାୟତର ଗଜାଆମ୍ବ ଗ୍ରାମର ଶିବ ସିଂ ଦେଓଗାମ ନାମକ ଜଣେ ଆଦିବାସୀ ନାବାଳକ ୨୦୨୩ ମସିହା ଅଗଷ୍ଟ ମାସ ୨୦ ତାରିଖ ଦିନ ଘରୁ କୁଆଡେ ପଳାଇ ଯାଇଛନ୍ତି ଛୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ଜାଗାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ପାରି ନଥିଲେ। ଘଟଣା ସମ୍ପର୍କରେ ତାଙ୍କ ପିତା ଘନ ସିଂ ଦେଓଗାମ ଶରତ ଥାନାରେ ଲିଖିତ ଏତଲା ଦେଇଥିଲେ ଏବଂ ଘଟଣାକୁ ନେଇ ଶରତ ଥାନାରେ ଏକ ନିଖୋଜ ଏତଲା ସଂଖ୍ୟା - ୦୦୧୬/୨୩ରେ ମାମଲା ରୁଜୁ ହୋଇଛି। ଘନ ସିଂ ଜଣେ ନିରକ୍ଷର ଆଦିବାସୀ ବୃଦ୍ଧ। ପୁଅ ନିଖୋଜ ହେବାର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ପୁଅକୁ ଖୋଜା ଯାଇ ପାରୁ ନ ଥିବା ସେ ଲୁହଭରା କଣ୍ଠରେ କହିଛନ୍ତି। ନିଜର ଏକମାତ୍ର ପୁତ୍ର ଶିବକୁ ହରାଇ ସେ ଦୁଃଖ, ଯନ୍ତ୍ରଣା ଏବଂ ଅଣନିଶ୍ୱାସୀ ଜୀବନ ବିତାଉଥିବା କହିଛନ୍ତି। ବୁଧବାର ଦିନ ଘନ ସିଂ ଦେଓଗାମ ଶରତ ଅଞ୍ଚଳର ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇଙ୍କ ସହଯୋଗରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ସାକ୍ଷାତ କରି ତାଙ୍କ ପୁଅଙ୍କୁ ଖୋଜିବା ନିମନ୍ତେ ନିବେଦନ ପତ୍ର ଦାଖଲ କରିଛନ୍ତି। ଉକ୍ତ ମିସିଂ କେସକୁ ପୁନର୍ବାର ରିଓପନ କରି ତଦନ୍ତ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସେ ନିବେଦନ ପତ୍ରରେ ଅନୁରୋଧ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅସହାୟ ବୃଦ୍ଧ ଘନ ସିଂ ଦେଓଗାମଙ୍କ ଦୁଃଖଦ କାହାଣୀ ଶୁଣିବା ସମୟରେ ଭାବବିହ୍ୱଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। କେସକୁ ରିଓପନ କରି ପୁନର୍ବାର ତଦନ୍ତ କରାଯିବା ନିମନ୍ତେ କପ୍ତିପଦା(ଉଦଳା) ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଏବଂ ଶରତ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ୮ରେ ଯୁଗ୍ମ ଜନଶୁଣାଣି ଶିବିର




ରାଇରଙ୍ଗପୁର, ୩।୬(ସମିସ): ବାମନଘାଟି ଉପଖଣ୍ଡ ପାଇଁ ରାଇରଙ୍ଗପୁରରେ ଜୁନ ୮ ତାରିଖ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ରାଇରଙ୍ଗପୁରସ୍ଥିତ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ଅନୁଯାୟୀ ଜନ ଶୁଣାଣି ଶିବିର ସକାଳ ୭ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି /ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ, ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସମସ୍ତ ସିଡିପିଓ, ଅନ୍ୟାନ୍ୟ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ରାଇରଙ୍ଗପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଏଣୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ସହରାଞ୍ଚଳର ଜନସାଧାରଣବୃନ୍ଦ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ସମ୍ପର୍କିତ ଆପତ୍ତି ଅଭିଯୋଗ ପତ୍ର ଗୁଡିକ ଦାଖଲ କରିପାରିବେ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚୀତ କରାଯାଉଛି।

**୬ଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟା**

# ଦର୍ଶକଙ୍କୁ ଚକିତ କଲା 'ଚକ୍ରବ୍ୟୂହ'



ବାରିପଦା,୩।୬(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଚକ୍ରବ୍ୟୂହ'। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ନାଟ୍ୟ ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଓ ଓଡ଼ିଶା ହକି ଆସୋସିଏସନର ସମ୍ପାଦକ ସନାତନ ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାକାର ପରିବାରର ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଓ ଉପ ସଭାପତି ଅନ୍ନଦା ଶଙ୍କର ଦାଶ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ଅସିତ ଗିରି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। 'ନୂପୁର' ସାଂସ୍କୃତିକ ପରିବାର ପ୍ରଯୋଜିତ ଏବଂ ଡଃ କୁମରମଣି ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ଡ କୁମରମଣି ନାୟକ, ଅମିତ ଅରବିନ୍ଦ ନାୟକ, ବିଜେନ୍ଦ୍ର ରାଉତ, ସିଦ୍ଧେଶ୍ୱର ବେହେରା, ରାମକୃଷ୍ଣ ପ୍ରଧାନ, ଅଜୟ ପରିଡା ଓ କାକଲି ନନ୍ଦୀ ଅଭିନୟ କରିଥିବା ବେଳେ ସଂଗୀତରେ ଟୁନ ଟୁନ ସାହୁ, ମଞ୍ଚସଜ୍ଜାରେ ଅମିତ ଅରବିନ୍ଦ ନାୟକ, ସହ ନିର୍ଦ୍ଦେଶନା ଓ ପୋଷାକରେ ଅଜୟ କୁମାର ପରିଡା, ଆଲୋକରେ ଦ୍ୱିଜକିଶୋର ପରିଡ଼ା, ନାଟ୍ୟ ପରିଚାଳନାରେ ନିରଞ୍ଜନ ନାୟକ ଓ ରୂପ ସଜ୍ଜାରେ କାକଳୀ ନନ୍ଦୀ ତଥା ନାଟ୍ୟ ସହଯୋଗୀତାରେ ସୁଚରିତା ମହାନ୍ତି ଓ ପ୍ରବୀର ଚନ୍ଦ୍ର କଳିଆ ସହଯୋଗ କରିଥିଲେ। ମଣିଷ ଯେତେ ଚେଷ୍ଟାକଲେ ମଧ୍ୟ ନିଜର ଭାଗ୍ୟର ପ୍ରତିକାର କରିପାରେ ନାହିଁ ଓ ବେଳେବେଳେ ଖଳ ମାନଙ୍କର ଚକ୍ରବ୍ୟୁହ ଭିତରେ ପଡିଲେ ସେ ଆଉ ନିସ୍ତାର ପାଏନାହିଁ ଓ ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଚକିତ କରିଦେଇଥିଲା। ଏହି ଅବସରରେ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କ ସମେତ ସମସ୍ତ କଳାକାରଙ୍କୁ ଆୟୋଜକଙ୍କ ତରଫରୁ ସମ୍ମାନିତ କରାଯାଇଥିଲା। ଦିବ୍ୟଦର୍ଶନ କ୍ରିଏସନର ଚିତ୍ରଶିଳ୍ପୀ ଚିନ୍ମୟୀ ଦାସ ନୁପୁର ଅନୁଷ୍ଠାନକୁ ଜଗନ୍ନାଥଙ୍କ ଫୋଟୋଚିତ୍ର ପ୍ରଦାନ କରିଥିଲେ। ଗୁରୁବାର 'ବାସ୍ତବ' ନିବେଦିତ ତଥା ରଣଜିତ ପଟ୍ଟନାୟକଙ୍କ ରଚିତ ଓ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶିତ ନାଟକ 'ଗୋଇଠା ବାବା' ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ଶ୍ରୀ ସିଂହ ଜଣାଇଛନ୍ତି।

# ବିଶ୍ୱ ସାଇକଲ ଦିବସ ଉପଲକ୍ଷେ ବୃକ୍ଷରୋପଣ

କୁଳିଅଣା,୩।୬(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନରେ ମେରା ଯୁବ ଭାରତ, ମୟୂରଭଞ୍ଜ ଓ ସଂକଳ୍ପ, କୁଳିଅଣାର ମିଳିତ ଆନୁକୂଲ୍ୟରେ କୋଠାବିଲାସ୍ଥିତ ମା' ଅମ୍ବିକା ଉଚ୍ଚ ବିଦ୍ୟାଳୟଠାରେ କୁଳିଅଣା ବ୍ଲକ୍‌ର ୫୬ ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ ନେଇ ବିଶ୍ୱ ସାଇକଲ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ କୋଠାବିଲା ଗ୍ରାମରୁ ସାଇକଲ ରାଲି ବାହାରି ସବୁଜ ଭବିଷ୍ୟତ ଗଠନ ଉପଲକ୍ଷେ ପାଖ ଗାଁ ଅତିକ୍ରମ କରି ମାଧପୁର ଗ୍ରାମରେ ଥିବା ମା' ଅମ୍ବିକା ଉଚ୍ଚ ବିଦ୍ୟାଳୟଠାରେ ପହଞ୍ଚି ଥିଲେ। ଅତିଥି ମାନଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସର ସଫାସୁତୁରା ଓ ବୃକ୍ଷ ରୋପଣ କାର୍ଯ୍ୟ ସମାପନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନୋଧନା ଜି ପି ଏଲ ଏଫ ର ସଭାନେତ୍ରୀ ଇଚ୍ଛାମଣୀ ମହାନାଏକ ଯୋଗ ଦେଇଥିବାବେଳେ, ମାଷ୍ଟର ଟ୍ରେନର ମଞ୍ଜରୀ ନାଏକ, କୋଠାବିଲା ପୂର୍ବବତ୍ ୱାର୍ଡ ସଭ୍ୟ କାଳୀଚରଣ ସେଠୀ, ମହିଳା ଗୋଷ୍ଠୀର ସମ୍ପାଦିକା ସନ୍ଧ୍ୟାରାଣୀ ଧୀର ପ୍ରମୁଖ ଉପସ୍ଥିତ ରହି ସାଇକଲ ରାଲି ମାଧ୍ୟମରେ ସବୁଜ ଭବିଷ୍ୟତ ଗଠନ ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କ ଭିତରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ସଂକଳ୍ପର ପୂର୍ଣ୍ଣଚନ୍ଦ୍ର ଧଳ, ପୁଷ୍ପଲତା ନାଏକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ସକାଳ THE SAKALA



www.sakalaepaper.com

**ଅସୁରକ୍ଷିତ ସ୍ୱର୍ଣ୍ଣକଳସ କ୍ଷେତ୍ର**

# ଦୁଇ କନଷ୍ଟେବଲଙ୍କ ହାତରେ ମନ୍ଦିର ସୁରକ୍ଷା

ଓଡ଼ଗାଁ,୩।୬(ସମିସ)

ସ୍ୱର୍ଣ୍ଣକଳସ କ୍ଷେତ୍ର ଭାବେ ପରିଚତ ଓଡ଼ଗାଁ ଶ୍ରୀ ରଘୁନାଥଜୀଉ ପୀଠ। ମନ୍ଦିର ଚୂଡ଼ାରେ ସ୍ୱର୍ଣ୍ଣକଳସ କାହିଁ କେଉଁ କାଳରୁ ବିଦ୍ୟମାନ। ତେବେ ଜିଲ୍ଲାର ସର୍ବପୁରତାନ ମନ୍ଦିର ମଧ୍ୟରେ ଗଣତି ହେଉଥିବା ଏହି ମନ୍ଦିରର ସ୍ୱର୍ଣ୍ଣକଳସ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ମନ୍ଦିର ଚୋରି ବୃଦ୍ଧି ପାଉଥିବା ବେଳେ ନିକଟରେ ବୈଷ୍ଣୋ ଦେବୀ ମନ୍ଦିରୁ ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଏହି ଘଟଣାରେ ଶରଣକୁଳ ଥାନା ପୁଲିସ ହାତବାନ୍ଧି ବସିଥିବା ବେଳେ ଏବେ ରଘୁନାଥଜୀଉ ମନ୍ଦିର ସୁରକ୍ଷା ନେଇ ଚିନ୍ତା ସୃଷ୍ଟି ହୋଇଛି। ଏ ନେଇ ଶ୍ରୀ ଶ୍ରୀ ରଘୁନାଥଜୀଉ ପୂଜକ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ଦିର ପରିସରରେ ଥିବା ପୁଲିସ ଫାଣ୍ଡିରେ ଜଣେ ନିୟମିତ ଏସ୍‌ଆଇ ରାଙ୍କର ଅଧିକାରୀ ସହ ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀ ଏବଂ ମହିଳା ହୋମଗାର୍ଡ ନିୟୋଜନ କରିବାକୁ ଅନୁରୋଧ କରାଯାଇଛି।

**ଦାବି ଜଣାଇଲା ପୂଜକ ପରିଷଦ**



ପରିଷଦ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ୨୦୨୫ରେ ମନ୍ଦିର ପରିସରରେ ଏକ ଫାଣ୍ଡି ସ୍ଥାପନ କରିଥିଲେ। ବର୍ତ୍ତମାନ ଏହି ଫାଣ୍ଡି ଦୁଇ କନଷ୍ଟେବଲଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ମନ୍ଦିର ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ନୁହେଁ। ମନ୍ଦିରର ଭଣ୍ଡାର ଘରେ ଶ୍ରୀଜୀଉଙ୍କ ବହୁ ମୂଲ୍ୟବାନ ଅଳଙ୍କାର ଓ ବିଭିନ୍ନ ପୂଜା ସାମଗ୍ରୀ ସଂରକ୍ଷିତ ରହିଛି। ଏହାସହ ଦେଶ ତଥା ସାରା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ଏହି ମନ୍ଦିରର ତିନିଟି ଚୂଡ଼ାରେ ତିନିଟି ସୁନା କଳସ ସ୍ଥାପିତ ହୋଇଛି। ଏଠାରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମନ୍ଦିରର ମୂଲ୍ୟବାନ ସମ୍ପତ୍ତି ସୁରକ୍ଷା ଦୃଷ୍ଟିରୁ ଅଧିକ ସୁଦୃଢ଼ ପୁଲିସ ବ୍ୟବସ୍ଥା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରଘୁନାଥଜୀଉ ପୂଜକ ପରିଷଦ ଗୃହ ବିଭାଗକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଫାଣ୍ଡି ଅଧିକାରୀ ଭାବେ ଜଣେ ଏସ୍‌ଆଇଙ୍କୁ ନିଯୁକ୍ତି, ଅନ୍ୟ କର୍ମଚାରୀ ଓ ମହିଳା ହୋମଗାର୍ଡଙ୍କୁ ନିୟମିତ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଜାରି କରିବାକୁ ଦାବି କରିଛି। ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର କହିଛନ୍ତି ଯେ ମନ୍ଦିରର ସୁରକ୍ଷା, ଭକ୍ତମାନଙ୍କ ସୁବିଧା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ଏହି ପଦକ୍ଷେପ ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷେ, ଗତ ରାମନବମୀ ସମୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଅନେକ ଭକ୍ତଙ୍କ ସୁନାଅଳଙ୍କାର ଚୋରି ହୋଇଥିଲା। ଓଡ଼ଗାଁ ଆଦର୍ଶ ଥାନାଠାରୁ ମନ୍ଦିର ଦୂରତା ଏକ କିଲୋମିଟରରୁ ଊର୍ଦ୍ଧ୍ୱ ହେବ। ମନ୍ଦିର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ନିହାତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**● ସମବାୟ ବିଭାଗ ଓ ବ୍ୟାଙ୍କ ମଧ୍ୟରେ ଟଣାଓଟରା**

## କୁରାଳ ପ୍ୟାକ୍ସରେ ଅଚଳାବସ୍ଥା, ସମ୍ପାଦକ ପଦ ଖାଲି

ନୟାଗଡ଼/ଓଡ଼ଗାଁ,୩।୬(ସମିସ): ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ କୁରାଳ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ସମ୍ପାଦକ ପଦ ଖାଲିପଡ଼ିଛି। ପୂର୍ବରୁ ଓଡ଼ଗାଁ ବ୍ୟାଙ୍କ୍ ସୁପରଭାଇଜର ବିଦ୍ୟାଧର ମହାନ୍ତି ସମ୍ପାଦକ ଦାୟିତ୍ୱରେ ଥିଲେ। ଗତ ମେ ୧ରେ ବ୍ୟାଙ୍କ କ୍ୟାସିଅର ରୂପେ ତାଙ୍କ ବଦଳି ପରେ ନୁତନ ସୁପରଭାଇଜର ଭାବେ ଦୀପକ କୁମାର ବେହେରା ଯୋଗ ଦଇଥିଲେ। ଦୀପକଙ୍କୁ ଗତ ୫ ତାରିଖ କୁରାଳ ପ୍ୟାକ୍ସରେ ସମ୍ପାଦକ ଦାୟିତ୍ୱ ନେବା ପାଇଁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଚିଠି କରି ବ୍ୟାଙ୍କରେ କର୍ମଚାରୀ ଅଭାବ ଦର୍ଶାଇ ସେ କୁରାଳ ସମିତି ଦାୟିତ୍ୱ ନେବେ ନାହିଁ ବୋଲି ନୟାଗଡ଼ ସମବାୟ ସମିତି ସମୂହଙ୍କୁ ଚିଠି କରିଥିଲେ। ଚିଠି ଦିଆନିଆ ଟଣାଓଟରା ଭିତରେ ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମ୍ପାଦକ କୁରାଳ ପ୍ୟାକ୍ସରେ ଯୋଗଦେଇନାହାନ୍ତି। ଫଳରେ ଶହ ଶହ ଚାଷୀ ଋଣ ଖିଲାପୀ ହୋଇଗଲେଣି, ସାର ବିହନ କାରବାର ହୋଇପାରୁନାହିଁ। ଏ ସମ୍ପର୍କରେ କୁରାଳ ପ୍ରାଥମିକ କୃଷି ସମବାୟ ସମିତି ସଭାପତି କାହ୍ନୁଚରଣ ପଣ୍ଡା କହିଛନ୍ତି, ମୁଁ ସହକାରୀ ନିବନ୍ଧକଙ୍କୁ ବାରମ୍ବାର ଫୋନ କରି ସମ୍ପାଦକ ଦେବା ପାଇଁ ଅନୁରୋଧ କରିଛି। ହେଲେ ସେ ଏବେ ଆଉ ଫୋନ ଉଠାଉ ନାହାନ୍ତି। ବ୍ୟାଙ୍କ ସମ୍ପାଦକଙ୍କୁ କହିଲେ ମୁଁ ବୁଝୁଛି, ଦେଖୁଛି କହୁଛନ୍ତି। କେନ୍ଦ୍ର ସମବାୟ ବ୍ୟାଙ୍କ ଓ ସମବାୟ ବିଭାଗ ମଧ୍ୟରେ ଟଣାଓଟରା ଭିତରେ କୁରାଳ ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ସମାଧାନ ନ ହେଲେ ବ୍ୟାଙ୍କ ଓ ଏଆରସିଏସ୍ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ସଭାପତି କହିଛନ୍ତି।

**■ କର୍ମଚାରୀ ଅଭାବ, ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ**

## ୫୪ ସ୍ଥାନରେ କାମ କରୁଛନ୍ତି ମାତ୍ର ୧୪

ଓଡ଼ଗାଁ,୩।୬(ସମିସ): ଓଡ଼ଗାଁ ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ କର୍ମଚାରୀ ଅଭାବ ଯୋଗୁଁ ବିଦ୍ୟୁତ୍ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ବିଭ୍ରାଟ ପରେ ଯୋଗାଣ ସ୍ୱାଭାବିକ କରିବାକୁ ୧୨ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗୁଥିବାରୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳିରେ ଦୀର୍ଘ ସମୟ ବିଦ୍ୟୁତ୍ ବିଚ୍ଛିନ୍ନ ରହିବା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଛି। ଉପଭୋକ୍ତାଙ୍କୁ ଉନ୍ନତ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୨ରେ ଫେଡକୋ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିଲା। ୨୦୨୦ ଜୁନ୍ ୧ରୁ ଟିପିସିଓଡିଏଲ୍ ଏହି ଦାୟିତ୍ୱ ଗ୍ରହଣ କରିଥିଲା। ଫେଡକୋ ସମୟରୁ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଟିପିସିଓଡିଏଲ୍ ଗ୍ରହଣ କରି କାର୍ଯ୍ୟରେ ରଖିଥିଲା। ମାତ୍ର ସମ୍ପ୍ରତି ଖର୍ଚ୍ଚକାଟ ନୀତି ଅନୁସାରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ ପ୍ରକ୍ରିୟା ଆରମ୍ଭ ହେବା ପରେ ସେମାନେ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହାର ପ୍ରଭାବରେ ନିୟମିତ କର୍ମଚାରୀଙ୍କ ଉପରେ କାମ ଚାପ ବଢ଼ିବା ସହ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଅନ୍ୟପଟେ, ନିୟମିତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ କର୍ମଚାରୀମାନେ ୮ ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ମନା କରିଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଓଡ଼ଗାଁ ବିଦ୍ୟୁତ୍ ସେକ୍ସନ ଅଧୀନରେ ପୂର୍ବରୁ ୫୪ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ବର୍ତ୍ତମାନ କେବଳ ୧୪ ଜଣ ନିୟମିତ କର୍ମଚାରୀ ସମସ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି। ସୀମିତ ମାନବସମ୍ବଳ ଯୋଗୁଁ ବିଦ୍ୟୁତ୍ ତ୍ରୁଟି ମରାମତ ଓ ଯୋଗାଣ ପୁନରୁଦ୍ଧାରରେ ବିଳମ୍ବ ଘଟୁଛି। ଏହାସହ କାଳବୈଶାଖୀ ପବନ ଓ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯାଉଥିବାରୁ ସମସ୍ୟା ଗୁରୁତର ହୋଇଛି। ଏକାଧିକ ସ୍ଥାନରେ ତ୍ରୁଟି ସୃଷ୍ଟି ହେବାରୁ ମରାମତି କାର୍ଯ୍ୟରେ ବିଳମ୍ବ ଘଟି ଉପଭୋକ୍ତାଙ୍କ ଅସନ୍ତୋଷ ବଢ଼ିଚାଲିଛି। ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବାରୁ ରୋହିବାଙ୍କ ଗ୍ରାମର ବାଘୁଆ ଛକରେ ଉପଭୋକ୍ତାମାନେ ରାତି ପ୍ରାୟ ୯ଟାରେ ଭୁବନେଶ୍ୱର-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଗ୍ରାମାଞ୍ଚଳରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ସରକାରୀ ଦାବି ବାସ୍ତବରେ କେବଳ ସ୍ଲୋଗାନରେ ସୀମିତ ରହିଥିବା ଅଭିଯୋଗ ଉଠିଛି। ଶୀଘ୍ର କର୍ମଚାରୀ ସଂଖ୍ୟା ବୃଦ୍ଧି ସହ ବିଦ୍ୟୁତ୍ ସେବାରେ ସୁଧାର ଆଣିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**● ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ**

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରୋଗୀଙ୍କୁ ଫଳ ବଣ୍ଟନ

ନୟାଗଡ଼,୩।୬(ସମିସ): ନୟାଗଡ଼ର ଜନମାନ୍ୟ ନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ନୟାଗଡ଼ ଜିଲ୍ଲା ଗଠନଠାରୁ ଆରମ୍ଭ କରି ବିକଶିତ ନୟାଗଡ଼ର ମୂଳଦୁଆ ପକାଇଥିବା ନେତା ସ୍ୱର୍ଗତ ବେହେରାଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବ୍ଲକ୍ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ଗୋଲେଇ ଛକରେ




ଅବସ୍ଥିତ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ୍ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ରଙ୍କ ସମେତ ବହୁ କାଉନସିଲର, ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।

# ବିପର୍ଯ୍ୟସ୍ତ ହେଲାଣି ନୀଳମାଧବ ବିକାଶ ପ୍ରକଳ୍ପ

ନୟାଗଡ଼/କଣ୍ଟିଲୋ,୩।୬(ସମିସ): ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠର ବିକାଶ ପାଇଁ ପୂର୍ବ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥ ବ୍ୟୟକରି ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ତେବେ ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ଏହି କାର୍ଯ୍ୟ ଧୀରେ ଧୀରେ ଧିମା ହୋଇ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯେତିକି ବିକାଶ କାର୍ଯ୍ୟ କରାଯାଇଛି, ତାହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବିପର୍ଯ୍ୟସ୍ତ ହୋଇସାରିଲାଣି।

ନୀଳମାଧବ ପୀଠ ବିକାଶ ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା। ଭକ୍ତଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜଳଜଳ ଦେଖାଯାଉଛି। ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ମନ୍ଦିର ବେଢ଼ାରେ ଦୀପ, ଭୋଗ, ଖେଳନା ଓ ଆଇସ୍କ୍ରିମ ଦୋକାନ ଖୋଲାଯାଇଛି। କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ରୂପାନ୍ତରଣ କାର୍ଯ୍ୟର ଅବସ୍ଥା ଦେଖିଲେ ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ନାକ ଟେକୁଛନ୍ତି। ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ରହିଛି। ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିଛି। ପାର୍କଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ମର୍ମାହତ କରିଛି। ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି। ପାର୍କରେ ଲାଇଟ୍ ବ୍ୟବସ୍ଥା ସଠିକ ନ ଥିବା ଦେଖିବାକୁ ମିଳିଛି। ଏହାସହ ପୁନରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଢ଼କୁଢ଼ ଆବର୍ଜନା ପଡ଼ିଛି। ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ କରୁଛନ୍ତି। ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନ ଦେବା, ହୋଇଥିବା କାମର ସୁରକ୍ଷା ଓ



**ଧ୍ୟାନ ଦେଉନି ପ୍ରଶାସନ**

ରକ୍ଷଣାବେକ୍ଷଣ କରା ନ ଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ଦିର ପରିକ୍ରମା ପାଇଁ ରହିଥିବା ଯୋଜନା କେବେ କାର୍ଯ୍ୟକାରୀ ହେବ ବୋଲି ସ୍ଥାନୀୟବାସିନ୍ଦା ପ୍ରଶ୍ନ କରୁଛନ୍ତି। ମନ୍ଦିର ଚାରିପାଖରେ ଘର କରି ରହିଥିବା ସେବାୟତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି, ପାହାଡ଼ ଚାରିପାଖରେ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ପୀଠର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ଏଥିପ୍ରତି ଆଡ଼ ଆଖିରେ ଦେଖୁନାହିଁ। ମନ୍ଦିର ନିକଟରେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ବ୍ରହ୍ମାଦୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ପୁରୀ ଶ୍ରୀମନ୍ଦିର ଭଳି ରୂପାନ୍ତରିତ ହେବ ବୋଲି ଜିଲ୍ଲାବାସୀ ଆଶା ରଖିଥିଲେ। ସେହି ଆଶା ଧୂଳିସାତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉ ନ ଥିବା କଣ୍ଟିଲୋବାସୀ ଅଭିଯୋଗ କରିଛନ୍ତି।

## ୪ ହାଇସ୍କୁଲକୁ ଆସିଲେ ନୂଆ ପ୍ରଧାନଶିକ୍ଷକ

ଗଣିଆ,୩।୬(ସମିସ): ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ପଦୋନ୍ନତି ପ୍ରଦାନ କରିଛନ୍ତି। ପଦୋନ୍ନତି ପାଇ ଶିକ୍ଷକମାନେ ପ୍ରଧାନଶିକ୍ଷକ ଭାବେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ଗଣିଆ ବ୍ଲକର ବିଭିନ୍ନ ହାଇସ୍କୁଲରେ ନୂଆ ପ୍ରଧାନଶିକ୍ଷକ ଯୋଗଦେବେ ବୋଲି ଜଣାପଡ଼ିଛି। ବ୍ଲକର ଛାମୁଣ୍ଡିଆ ଗୁପ୍ତେଶ୍ୱର ବିଦ୍ୟାପୀଠକୁ ପଦୋନ୍ନତି ପାଇ ନୟାଗଡ଼ ଏନଏସି ହାଇସ୍କୁଲର ରସିଦା ଖାତୁନ, ରାସଙ୍ଗ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାପୀଠକୁ ପଦୋନ୍ନତି ପାଇ ପିଏମ୍‌ଶ୍ରୀ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠର ସାରସ ପ୍ରଧାନ, ନାରାୟଣ ପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ କୁହୁରୀ ଜନତା ସରକାରୀ ହାଇସ୍କୁଲର ଅରୁନ୍ଧତୀ ଓଝା ଏବଂ ବଡସିଲିଙ୍ଗା ସରକାରୀ ଯୁକ୍ତ ହାଇସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଶଲ୍ୟ କୁମାର ଭୋଇ ପଦୋନ୍ନତି ପାଇ ସେହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦେବେ। ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ହେବ ଉପରୋକ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଧାନଶିକ୍ଷକ ପଦ ଖାଲି ଥିବା ବେଳେ ନୂଆ ପ୍ରଧାନଶିକ୍ଷକ ନିଯୁକ୍ତି ପରେ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ସନ୍ତୋଷ ପ୍ରକାଶ ପାଇଛି।

## ବଦଳିର ୧୦ ଦିନ ପରେ ବି ଗାଦି ଛାଡୁନାହାନ୍ତି ବିଇଓ

ଖଣ୍ଡପଡ଼ା,୩।୬(ସମିସ): ଗତ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ କ୍ରୀଡ଼ା ସାମଗ୍ରୀ ନିମନ୍ତେ ନିର୍ଦ୍ଦିଷ୍ଟ ଦୋକାନୀଙ୍କୁ ଅନୁକମ୍ପା ହେଉ କିମ୍ବା କିଆଝର ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଦୁର୍ନୀତିକୁ ଲୁଚାଇବା, ସବୁଥିରେ ଖଣ୍ଡପଡ଼ା ବିଇଓଙ୍କ ଭୂମିକା ସନ୍ଦେହଜନକ ଥିଲା। ଶେଷରେ ବିଇଓ କୈଳାସ ଚନ୍ଦ୍ର କରଙ୍କୁ ବଦଳି କରିଛି ଶିକ୍ଷା ବିଭାଗ। ତାଙ୍କ ସ୍ଥାନରେ ନୂଆ ବିଇଓ ଭାବେ ପୁରୀ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅମ୍ରିତା ସାହୁଙ୍କୁ ଦାୟିତ୍ୱ ମିଳିଛି। ଏଥିସହ କରଙ୍କୁ ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ଶିକ୍ଷକମାନଙ୍କ ୩ ପ୍ରଶିକ୍ଷଣ ବାବଦ ଦେୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ବିଇଓ କରଙ୍କ ବଦଳିକୁ ଶିକ୍ଷକ ମହଲରେ ସ୍ୱାଗତ କରାଯାଇଛି। ଗତ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି କରଙ୍କ ଶିକ୍ଷକବିରୋଧୀ ନୀତି ଯୋଗୁଁ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲା ଶିକ୍ଷକ ସଂଘ। ଏପରିକି ଏଭଳି କାର୍ଯ୍ୟରେ ସହଯୋଗ କରୁଥିବା ସିଙ୍ଘାପଡ଼ା ସିଆରସିସି ଗଜପତି ବିଶ୍ୱାଳଙ୍କ ବିରୋଧରେ ଶିକ୍ଷକ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଦଳିର ୧୦ ଦିନ ପରେ ଗାଦି ଛାଡୁନାହାନ୍ତି ବିଇଓ। ପୁନର୍ବାର ଖଣ୍ଡପଡ଼ାରେ ବିଇଓ ଭାବରେ କାର୍ଯ୍ୟ ତୁଲାଇବାକୁ ନେତାଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ଖଣ୍ଡପଡ଼ା ବିଇଓଙ୍କ କାର୍ଯ୍ୟାଳୟରେ ଏବିଇଓ ଭାବେ କାର୍ଯ୍ୟରତ ନାରାୟଣ ଦାଶଙ୍କର ନୂଆଗାଁ ବ୍ଲକକୁ ବଦଳି ହୋଇଛି। ସେହିପରି ଏଠାରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଥିବା କଳିଙ୍ଗ ଚନ୍ଦ୍ର ନାୟକଙ୍କ ବଦଳି ହୋଇ ନ ଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କାହା ସ୍ୱାର୍ଥରେ ଶିକ୍ଷା ବିଭାଗ ବଦଳି ନୀତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଦିନିକିଆ କ୍ୟାରିୟର ପରାମର୍ଶ କର୍ମଶାଳା




ନୟାଗଡ଼,୩।୬(ସମିସ): ନୟାଗଡ଼ ସଦଭାବନା ସଭାଗୃହରେ ଶିଶୁ ଯତ୍ନ ଆବଶ୍ୟକ କରୁଥିବା ଶିଶୁ ତଥା ପୃଷ୍ଠପୋଷକତା, ଆଶୀର୍ବାଦ, ଯଶୋଦା ଏବଂ ଆନୁଷ୍ଠାନିକ ଯତ୍ନରେ ସ୍ଥାନିତ ଥିବା ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଶିଶୁଙ୍କୁ ନେଇ ସେମାନଙ୍କର ଭବିଷ୍ୟତର ଲକ୍ଷ୍ୟ ସାଧିତ ହେବା ଦିଗରେ ଏକ କ୍ୟାରିୟର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିଆନ୍ ପ୍ରଧାନ, ଅନୁଷ୍ଠାନିକ ଶିଶୁ ଯତ୍ନ ଅଧିକାରୀ ସତ୍ୟ ରଞ୍ଜନ ଦାସ, ଅଣଆନୁଷ୍ଠାନିକ ଶିଶୁ ଯତ୍ନ ଅଧିକାରିଣୀ ଶୈଳବାଳା ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଣ୍ଟ ଅଧ୍ୟକ୍ଷା ସାରଦା ଘୋଷ, ନୟାଗଡ ଆଇଟିଆଇ ଅଧ୍ୟାପକ ଓ ସହକର୍ମୀ ଯୋଗ ଦେଇଥିଲେ। ବିଷୟ ବିଶାରଦ ଭାବରେ ସଂଯୋଗ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟା ସିଂ, ଶିଶୁମାନେ କିଭଳି ଭାବରେ ସେମାନଙ୍କର ଜୀବନର ଲକ୍ଷ୍ୟ ସ୍ଥିର କରିବେ ଏବଂ ଲକ୍ଷ୍ୟ ହାସଲ କରିବା ଦିଗରେ ସେମାନଙ୍କର ପ୍ରସ୍ତୁତି କଣ ରହିବ ତତ ସହିତ ବିଭିନ୍ନ ପ୍ରକାର କ୍ୟାରିୟର ସମ୍ପର୍କରେ ଆଲୋକପତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ ଶିଶୁମାନେ ଜୀବନର ଲକ୍ଷ୍ୟ ସାଧନ କରିବାକୁ ହେଲେ ପ୍ରତ୍ୟେକ ଦିନ ଦେଶ ବିଦେଶର ଖବର ଜାଣିବା ପାଇଁ ଖବରକାଗଜ ପଢିବାକୁ ଉପଦେଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମଧ୍ୟ ତାଲିମ ପ୍ରାପ୍ତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଣ ଆନୁଷ୍ଠାନିକ ଯତ୍ନ ଅଧିକାରିଣୀ ଶୈଳବାଳା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟିକିରିପଡ଼ା ଶାସନରେ ରାବଣପୋଡ଼ି ଉତ୍ସବ

ଭାପୁର,୩।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାସନ ପଞ୍ଚାୟତ ଟିକିରିପଡ଼ା ଶାସନ ଗ୍ରାମରେ ୧୫ ଦିନ ହେବ ଚାଲିଥିବା ପାରମ୍ପରିକ ରାମଲୀଳା ଯାତ୍ରା ଉତ୍ସବର ଶେଷ ଦିନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। ଦଧିବାବନଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଦୀର୍ଘ ୭୦ ବର୍ଷ ହେଲା ଦଧିବାବନ ଦେବ ରାମଲୀଳା କମିଟି



ଓ ଗ୍ରାମବାସୀ ମିଳିତ ଭାବେ ଗ୍ରାମରେ ଏହି ରାମଲୀଳା ନାଟକ ମଞ୍ଚସ୍ଥ କରିଆସୁଛନ୍ତି। ସବୁବର୍ଷ ପରି ଏ ବର୍ଷ ଗ୍ରାମର ଦୁଇ ବରିଷ୍ଠ ବ୍ୟକ୍ତି ଲକ୍ଷ୍ମୀଧର ମହାପାତ୍ର ଓ ସୁନୀଲ ଦାଶ ପୁରାଣ ପଠନ କରିଥିବା ବେଳେ ପଖଜ ବାଦନ କରିଥିଲେ ପ୍ରମୋଦ ଗୋଛି। ଥଳହଟାରି କାର୍ଯ୍ୟ ବାବୁ ପ୍ରଧାନ ଓ ସମୀର ରାଉତ ଓ ନୀତିକାନ୍ତି ବନମାଳୀ ଦାଶ ସମ୍ପାଦନା କରିଥିଲେ। ରାମ ଭାବେ ଆକାଶ ଭୋଳ, ଲକ୍ଷଣ ଭାବେ ଆୟୁଷ୍ମାନ ଗୋଛି, ସୀତା ଭୂମିକାରେ ଜିତୁ ଗୋଛି, ରାବଣ ଭୂମିକାରେ ବାବୁ ମହାନ୍ତି, ହନୁମାନ ଭୂମିକାରେ ଶିବ ଗୋଛି, ପର୍ଶୁରାମ ଓ ଇନ୍ଦ୍ରଜିତ ଭୂମିକାରେ ମଣ୍ଟୁ ମହାନ୍ତି, ମହିରାବଣ ଭୂମିକାରେ କୁଳମଣି ଗୋଛି, ମନ୍ଥରା ଓ ସୁର୍ପଣଖା ଭୂମିକାରେ ମାୟାଧର ଗୋଛି, କୌଶଲ୍ୟା ଭୂମିକାରେ ମାଧବ ମହାପାତ୍ର ଓ ତାଡ଼କା ଭୂମିକାରେ ବିପିନ ଭୋଳ ସୁନ୍ଦର ଭିନନୟ କରିଥିଲେ।

**ସାନତାମନାଡୁ ଆଶ୍ରମ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ**

# ବାଲି ବଦଳରେ ମାଟି ପୋତୁଛି ଠିକାଦାର

ନୂଆଗାଁ,୩।୬(ସମିସ)

ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ସାନତାମନାଡୁ ଆଶ୍ରମ ବିଦ୍ୟାଳୟରେ ଠିକାଦାର ନିଜକୁ ସୁହାଇଲା ଭଳି ସରକାରୀ ନିୟମକୁ ଗୋଡ଼ରେ ଆଡ଼େଇ କାର୍ଯ୍ୟ କରୁଛନ୍ତି। ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟରେ ବାଲି ପୋତିବା ବଦଳରେ ମାଟି ପୋତାଯାଉଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହା କେବଳ ନିମ୍ନମାନର କାମ ନା ଏହା ପଛରେ ସରକାରୀ ଅର୍ଥ ହଡ଼ପ କରିବାର ସୁପରିକଳ୍ପିତ ଯୋଜନା ରହିଛି, ତାହାକୁ ନେଇ ପ୍ରଶ୍ନ ଉଠୁଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନିର୍ମାଣ ସ୍ଥଳରେ ବ୍ୟବହାର ହେଉଥିବା ସାମଗ୍ରୀ ମାନ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ନିୟମ ଅନୁସାରେ ବାଲି ବ୍ୟବହାର ହେବା କଥା। କିନ୍ତୁ ମାଟି ପକାଯାଉଥିଲା। ଗ୍ରାମବାସୀ ବିରୋଧ କରିବା ପରେ ଠିକାଦାରଙ୍କ ପକ୍ଷରୁ ସ୍ପଷ୍ଟ ଉତ୍ତର ମିଳୁନାହିଁ। ସବୁଠାରୁ ବଡ଼ କଥା ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ଜେସିବି ଲଗାଇ ତରବରିଆ ଭାବେ କାମ ସାରିବାକୁ ଉଦ୍ୟମ କରୁଛନ୍ତି। ଯଦି କାମ ନିୟମ ଅନୁଯାୟୀ ହେଉଥିଲା, ତେବେ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏତେ ତରବରିଆ ଭାବେ କାମ କରିବାର ଆବଶ୍ୟକତା କାହିଁକି ପଡ଼ିଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। କାହା ଛତ୍ରଛାୟାରେ ଏଭଳି କାମ ଚାଲିଥିଲା? ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଅବଗତ ଥିଲେ କି ନାହିଁ? ଅବଗତ ହେବା ପରେ, କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏମିତି ଅନେକ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସେମାନେ କହିଛନ୍ତି ଯେ କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।



**ଯନ୍ତ୍ରୀଙ୍କ ଆଖିରେ ଅନ୍ଧପୁଟୁଳି, ଠିକାଦାର ସର୍ବେସର୍ବା**

## ଶ୍ରେଣୀ ଗୃହ ନାହିଁ, ମାଳ ମାଳ ଶୌଚାଳୟ



ନୂଆଗାଁ,୩।୬(ସମିସ): ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଞ୍ଚାୟତ ସାନତାମନାଡୁ ସେବାଶ୍ରମ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଥିବା ବେଳେ ସଂଖ୍ୟାଧିକ ଶୌଚାଳୟ ନିର୍ମାଣ ହୋଇଛି। ଦିନକ ପାଇଁ ବ୍ୟବହୃତ ହୋଇ ନ ଥିବା ଏହି ଶୌଚାଳୟର କବାଟ ଝରକା ଭାଙ୍ଗି ପଡ଼ିଥିବା ଦେଖାଯାଇଛି। ବିଦ୍ୟାଳୟରେ ଦୁଇଟି ଶୌଚାଳୟ ନିର୍ମାଣରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ ନ ଥିବା ବେଳେ ଠିକାଦାର ପୋଷିବା ନୀତି ଆପଣାଯାଇଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଲୋକଙ୍କୁ ଭୁଆଁ ବୁଲାଇ ସରକାରୀ ଅର୍ଥ ଅପବ୍ୟୟ କରାଯାଉଥିବା ଅଭିଯୋଗ ହେଉଛି।

## ପୌରାଧ୍ୟକ୍ଷଙ୍କ ଘରକୁ ପେଟ୍ରୋଲ ବୋମା ମାଡ଼ ଘଟଣା

# ଟେଣ୍ଡରର କାମକୁ ନେଇ ହୋଇଥିଲା ଆକ୍ରମଣ

ପାରାଦୀପ,୩।୬(ସମିସ)





ଗତ ୩୦ ତାରିଖରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରକୁ ହୋଇଥିବା ପେଟ୍ରୋଲ ବୋମାମାଡ଼ ଘଟଣାରେ ପାରାଦୀପ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଜ୍ୟୋତିକାନ୍ତ ପରିଡ଼ା ଓରଫ ବାପୁ ଫେରାର ଥିବା ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

ଆଜି ପାରାଦୀପ ଆଦର୍ଶ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଥିଲେ ଯେ ଗତ ୩୦ ତାରିଖ ଘଟଣାକୁ ନେଇ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଦେଇଥିବା ଏତଲାକୁ ଆଧାର କରି ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ପାରାଦୀପ ଅତିରିକ୍ତ ଏସ୍‌ପି, ଥାନା ଅଧିକାରୀ, ଅତିରିକ୍ତ ଥାନା ଅଧିକାରୀଙ୍କ ମିଳିତ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସହ ବୈଷୟିକ କୌଶଳ ପ୍ରୟୋଗ କରି ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ସମର୍ଥ ହୋଇଥିଲା। ପୁଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ପାରାଦୀପ ବୃନ୍ଦାବନ କଲୋନୀ ଅଞ୍ଚଳର ଟୁଲୁ ପ୍ରଧାନ (୨୩) ଓରଫ ତ୍ରିଲୋଚନ, ହାପି ପଲାଇ (୨୪) ଓରଫ ସୌମ୍ୟରଞ୍ଜନ ଓ ହନୁଆ ବିଶ୍ୱାଳ (୨୮) ଓରଫ ସିଦ୍ଧାନ୍ତ। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବାପୁ ଫେରାର ରହିଛି। ତୁରନ୍ତ ତାକୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ୨ଟି ବାଇକ୍ ଜବତ କରାଯାଇଛି। ଏହି ଘଟଣା ପଛରେ ପୌରପାଳିକାର ଟେଣ୍ଡର କାମର ସମ୍ପର୍କ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ପୌରାଧ୍ୟକ୍ଷ ବସନ୍ତ ଓ ବାପୁଙ୍କ ମଧ୍ୟରେ ପୂର୍ବରୁ

### ୩ ଅଭିଯୁକ୍ତ ଗିରଫ; ମୁଖ୍ୟ ଅଭିଯୁକ୍ତ ଫେରାର

ଭଲ ସଂପର୍କ ଏବଂ ଉଭୟ ଏକାଠି କାମ କରୁଥିଲେ ମଧ୍ୟ କାଳକ୍ରମେ ସେମାନଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଛି। ପୌରପାଳିକାର ଟେଣ୍ଡର କାମକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ରହିଥିଲା। ଏହାକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ପଚରା ଉଚରା କରିବା ପରେ ସେମାନେ ଜ୍ୟୋତିକାନ୍ତ ପରିଡାଙ୍କ କଥାରେ ବୋମାମାଡ଼ କରି ପୌରାଧ୍ୟକ୍ଷଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ବୋଲି କହିଥିଲେ। ଏହି ସୂଚନାକୁ ଭିତ୍ତି କରି, ତାଙ୍କ ଟେଲିଫୋନ ଟ୍ରାକିଂରୁ ଘଟଣା ଦିନ ବା ତା' ପୂର୍ବରୁ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇଥିବାର ବଳିଷ୍ଠ ପ୍ରମାଣ ରହିଥିବା ଏସ୍‌ପି ସୂଚନା ଦେଇଥିଲେ। ତେବେ ଏହି ଘଟଣା ପଛରେ କେବଳ ଟେଣ୍ଡର, ବ୍ୟବସାୟ ନାଁ ରାଜନୈତିକ ଷଡ଼ଯନ୍ତ୍ର ରହିଛି ତାକୁ ନେଇ ବନ୍ଦର ସହରରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପୁଲିସ କେବଳ ଟେଣ୍ଡର ଦିଗକୁ ତଦନ୍ତ ପରିସରକୁ ନ ନେଇ ଅନ୍ୟ ଦିଗ ଗୁଡିକୁ ତଦନ୍ତ ପରିସରକୁ ଆଣିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ପାରାଦୀପରେ ରାଜନୈତିକ ଷଡ଼ଯନ୍ତ୍ର ଓ ଆକ୍ରୋଶ ନୂଆ କଥା ନୁହେଁ। ଅନେକ ସମୟରେ ଜଣେ ଆଉ ଜଣଙ୍କୁ ଫସାଇବା ପାଇଁ ଷଡ଼ଯନ୍ତ୍ରର ବହୁ ଉଦାହରଣ ରହିଛି। ତେଣୁ ଏ ଦିଗରେ ଆଉ କେହି ଏଭଳି ହୀନ ଷଡ଼ଯନ୍ତ୍ର କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୁଲିସ ଏ ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତକୁ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ପାରାଦୀପରେ ଅସାମାଜିକ ତତ୍ତ୍ୱ ତିଆରି କରିବା, ବ୍ୟବସାୟ ନାଁରେ ଲୁଣ୍ଠନ କରିବା, ବର୍ଷା ଯୁଆଡେ ଛତା ସିଆଡେ ନ୍ୟାୟରେ ସମ୍ପୃକ୍ତ ମାଫିଆଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବାରୁ କେଉଁଠି ନାଁ କେଉଁଠି ବ୍ୟବସାୟ ପାଇଁ ଓ ରାଜନୈତିକ ଷଡ଼ଯନ୍ତ୍ର ପାଇଁ ଏଭଳି କାଣ୍ଡ ଭିଆଯାଇଛି ବୋଲି ଆଲୋଚନା ହେଉଛି। ଅନେକ ମାମଲାରେ ସମ୍ପୃକ୍ତ ଥାଇ ସମ୍ପୃକ୍ତ ମାଫିଆମାନେ ଖୋଲାରେ ବୁଲୁଥିବାରୁ ପୁଲିସ ତା' ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ପାନୀୟ ଜଳ ସମସ୍ୟା; ବ୍ଲକ୍ ସମ୍ମୁଖରେ ଧାରଣା



ଏରସମା,୩।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଭିରଙ୍ଗ ଗାଁରେ ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗାଁର ସମାଜସେବୀ ମାନସ ରଞ୍ଜନ ସ୍ୱାଇଁ ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଭିରଙ୍ଗ ଗାଁରେ ଥିବା ଦୁଇଟି ନଳକୂପରୁ ଲୁଣିଆ ପାଣି ବାହାରୁଥିବା ବେଳେ ସୋଲାର ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଛି। ଫଳରେ ଶୁଦ୍ଧ ପାଣି ପାଇଁ ଲୋକମାନେ ଦୀର୍ଘଦିନ ଧରି ହଇରାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ସ୍ୱାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି ଜଣାଇଥିଲେ। ଖବର ପାଇ ଏରସମା ବିଡିଓ ଦାଶରଥି ଜେନା ଧାରଣାସ୍ଥଳରେ ପହଞ୍ଚି ଶ୍ରୀ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ଗୁରୁତ୍ୱକୁ ବିଚାର କରି ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ଏହି ପ୍ରତିଶ୍ରୁତି ପରେ ସମାଜସେବୀ ମାନସ ରଞ୍ଜନ ସ୍ୱାଇଁ ଧାରଣାରୁ ଉଠିଥିଲେ।

# ଭାରତ ଆମେରିକା କୃଷି ସହଯୋଗ ବୈଠକରେ ଇଫ୍‌କୋ



ପାରାଦୀପ, ୩।୬ (ସମିସ): ଭାରତର କୃଷି ଓ କୃଷକମାନଙ୍କ ବିକାଶ କ୍ଷେତ୍ରରେ ଇଫକୋର ଅବଦାନ ଅତୁଳନୀୟ। ଭାରତ-ଆମେରିକା କୃଷି ସହଯୋଗ ମଞ୍ଚରେ ଇଫ୍‌କୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ହୋଇଥିବା ଅଲୋଚନାଚକ୍ରରେ କୃଷିକ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗର ନୂଆ ମାର୍ଗ ଖୋଲିଥିବା ନେଇ ଶ୍ରୀ ସଂଘାଣୀ ସୂଚନା ଦେଇଥିଲେ। ଅନେକ ଘାତ ପ୍ରତିଘାତ ମଧ୍ୟରେ ନବାଚାର ଆଧାରିତ କୃଷି ନୀତି, କୃଷକମାନଙ୍କ ବିକାଶ, ଖାଦ୍ୟ ସୁରକ୍ଷା ତଥା କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ଦୁଇ ଦେଶ ମଧ୍ୟରେ ଏକତ୍ୱ ଭାବର ଆବଶ୍ୟକତା ଥିବା ଶ୍ରୀ ସଂଘାଣୀ କହିଛନ୍ତି। ଆମେରିକାର ପ୍ରତିଷ୍ଠିତ ଉଦ୍ୟୋଗ ଏବଂ ବାଣିଜ୍ୟ ସଂଗଠନ ୟୁଏସ୍‌ଆଇବିସି ଦ୍ୱାରା ଆୟୋଜିତ ଏହି ମଞ୍ଚରେ ସମଗ୍ର ଭାରତବର୍ଷରେ କୃଷକମାନଙ୍କ ହିତ ପାଇଁ ଇଫକୋର ଆର୍ନ୍ତଜାତୀୟ ପ୍ରତିଷ୍ଠାତା ଦଲୀପ ସଂଘାନୀଙ୍କ ନେତୃତ୍ୱରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ବୋଲି ପ୍ରମାଣ ମିଳିଲା। ଏହି ବୈଠକରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଉନ୍ନତ କୃଷି ପ୍ରଣାଳୀର ଉପଯୋଗ, ମୃର୍ତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷଣରେ ବିକାଶ, କୃଷକମାନଙ୍କୁ ନୂତନ କୃଷି ପ୍ରଣାଳୀ ପ୍ରଦାନରେ ସହାୟତା, ନବାଚାର ଆଧାରିତ ସମାଧାନ ବିକଶିତ କରିବା ତଥା ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ମଜଭୁତ୍ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଦୁଇ ଦେଶର କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ପ୍ରତିନିଧିମାନେ ଏହି କ୍ଷେତ୍ରରେ ସହମତି ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ର ପରେ ଭାରତ ଓ ଆମେରିକା ମଧ୍ୟରେ କୃଷି କ୍ଷେତ୍ରରେ ସହଭାଗିତା ସୃଷ୍ଟିର ଦ୍ୱାର ଖୋଲିବ ଏବଂ କୃଷିକ୍ଷେତ୍ରରେ ଏକ ଦୀର୍ଘକାଳୀନ ଲାଭ ହେବା ନେଇ ଆଶା ସୃଷ୍ଟି ହୋଇଛି। ଇଫକୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ସମଗ୍ର ବିଶ୍ୱରେ ଭାରତ-ଆମେରିକା ମିଳିତ ଭାବେ କୃଷିର ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଯାହାକି ଦେଶର ସମବାୟଭିତିକ କୃଷି ବିକାଶକୁ ଆର୍ନ୍ତଜାତୀୟସ୍ତରରେ ନୂତନ ପରିଚୟ ସୃଷ୍ଟି କରିବା ସହିତ କୃଷକମାନଙ୍କ ଉତ୍ପାଦନ ଓ କୃଷି ସୁରକ୍ଷାକୁ ସୁଦୃଢ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି।

# ସାମାଜିକ କର୍ମୀ ରବି ମହାନ୍ତିଙ୍କ ଦେହାନ୍ତ



ଜଗତସିଂହପୁର,୩।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗନ୍ଧାପୁର ଗ୍ରାମର ବରିଷ୍ଠ ସାମାଜିକ କର୍ମୀ, ଗାନ୍ଧୀ ବିଚାରରେ ବିଶ୍ୱାସ ରଖୁଥିବା ରବି ମହାନ୍ତିଙ୍କ ଅକାଳ ବିୟୋଗ ଘଟିଛି। ସୂଚନାରୁ ପ୍ରକାଶ ଯେ ଶ୍ରୀ ମହାନ୍ତି ତାଙ୍କର ତରଡ଼ାପଡ଼ା ସ୍ଥିତ ଭଡ଼ା ଘରୁ ଗତ ୧ ତାରିଖ ସକାଳୁ ବାହାରି ନିଜ ସାଇକଲରେ ଗନ୍ଧାପୁର ଗ୍ରାମକୁ ଯାଇଥିଲେ। ସେଠାରେ ହଠାତ୍ ତାଙ୍କର ଦେହ ଅସୁସ୍ଥ ଲାଗିବାରୁ ତାଙ୍କ ଭାଇ ପଡ଼ୋଶୀଙ୍କ ସହାୟତାରେ ପ୍ରଥମେ ରେଢୁଆ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆବଶ୍ୟକୀୟ ଚିକିତ୍ସା କରାଯିବା ପରେ ସେ ସାମାନ୍ୟ ସୁସ୍ଥ ଅନୁଭବ କରିଥିଲେ। ତେବେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ନେବାକୁ ପରାମର୍ଶ ଦେଇଥିଲେ। ତାଙ୍କର ବନ୍ଧୁ, ପରିବାର ଲୋକେ ଆମ୍ବୁଲାନ୍ସରେ ଡାକିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ୱର୍ଗତ ମହାନ୍ତି ଯୁବ ବୟସରେ କୋଲକାତାର ଗାନ୍ଧୀ ଶାନ୍ତି ନିକେତନରେ ଏକାଧିକ ବର୍ଷ ରହି ଗାନ୍ଧୀ ବିଚାରଧାରାକୁ ଆପଣେଇଥିଲେ। ଜଣେ ପରୋପକାରୀ ଏବଂ ଦରଦୀ ମନୋଭାବର ବ୍ୟକ୍ତି ଭାବରେ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ଜଗତସିଂହପୁର ଜିଲ୍ଲା ଉତ୍କଳ ସମିଳନୀର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇବା ସହିତ ସେ ଏକାଧିକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ରବି ମହାନ୍ତିଙ୍କ ବିୟୋଗରେ ଜିଲ୍ଲା ସ୍ୱେଚ୍ଛାସେବୀ ମହାସଂଘର କର୍ମକର୍ତ୍ତା ନିରଞ୍ଜନ ବାରିକ, କ୍ଷୀରୋଦ କୁମାର ଦାଶ, ପୂର୍ଣ୍ଣଚନ୍ଦ୍ର ଜେନା, ଗୋବିନ୍ଦ ଓଝା, ବିଜୟ ଲକ୍ଷ୍ମୀ ମହାପାତ୍ର, ସରିତ୍ ମହାପାତ୍ର, ବିଶିଷ୍ଟ ଗାନ୍ଧିବାଦୀ ଭକ୍ତବତ୍ସଳ ମହାନ୍ତି, ନିମାଇଁ ଶତପଥିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଏବଂ ଏକମାତ୍ର ପୁତ୍ର ଉପସ୍ଥିତ ଥିଲେ। ଗାଁ ମସାଣିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ସରପଞ୍ଚ କିଶୋର ବେହେରା, ସମିତି ସଦସ୍ୟ ବିଶ୍ୱଜିତ ଦାସ, ସାମାଜିକ କର୍ମୀ ସଚ୍ଚିକାନ୍ତ ସାମଲ, ନିମାନନ୍ଦ ଦାସ, ପୂର୍ବତନ ସଭ୍ୟ ସ୍ନେହାଂଶୁ ଜେନା ପ୍ରମୁଖ ଶବାଧାର ନିକଟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଜେଟି ପାଇଁ ଡ୍ରେଜିଂକୁ ନେଇ ମାଛ ଚାଷୀ ଆତଙ୍କିତ



କୁଜଙ୍ଗ,୩।୬(ସମିସ): କୁଜଙ୍ଗ ସମେତ ଉପକୂଳ ଅଞ୍ଚଳର କୈବର୍ତ୍ତ ସମାଜ ବିଶେଷ କରି ମାଛଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ପରିବାର ଏବେ ଏକ ବୃହତ ଶିଳ୍ପ ପାଇଁ ଖୋଲା ଯାଉଥିବା ଜେଟି ଓ ଏହାର ପ୍ରଭାବକୁ ଆତଙ୍କିତ ହୋଇ ପଡିଛନ୍ତି। ଏହି ନେଇ କୈବର୍ତ୍ତ ଷୋଳ ଭାଇ ସଭା ଗୃହରେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଯଦି ସେମାନଙ୍କ ଜୀବିକା ପାଇଁ ପ୍ରତିବନ୍ଧକ ଅଧିକ ମାତ୍ରରେ ଦେଖା ଦେବ ତେବେ ପ୍ରତିବାଦ ଓ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କହିଛନ୍ତି। କୁଜଙ୍ଗ ସ୍ଥିତ କୈବର୍ତ୍ତ ଷୋଳଭାଇ ସଭାଗୃହରେ ମଙ୍ଗରାଜପୁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଜୀବନ ଜୀବିକା ହରାଇବା ଆଶଙ୍କାରେ ହୋଇଥିବା ସମାବେଶରେ ବହୁ କୈବର୍ତ୍ତ ନେତା କମ୍ପାନୀ ଖୋଲୁଥିବା ଜେଟିର ଉତ୍ତର ପାଶ୍ୱର୍ରେ କାଦୁଆ ମିଶା ପାଣି ଘେରି ଓ ମାଛ ଚାଷ ଅଞ୍ଚଳରେ ପଶି ଯିବା ଯୋଗୁଁ ମାଛ ଚାଷ ପ୍ରଭାବିତ ହେବା ସହ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାର ସ୍ଥିତି ଦେଖାଦେଇଛି ବୋଲି ଅଭିଯୋଗ କରିଛନ୍ତି। ଏହାଯୋଗୁ ବିଶେଷ କରି ଚିଙ୍ଗୁଡ଼ି ଯାଆଁଳା ମରି ଯାଉଛନ୍ତି ବୋଲି କହିଛନ୍ତି। ଜେଟି ପାଇଁ ଖନନ ଗଭୀର ନ କରିବା ଯୋଗୁ ଏବେ ଏହି ପହଳ ମିଶା ପାଣିରେ ମାଛ ମରି ଯାଉଥିବା ବେଳେ ଜାଲ ସବୁ ନଷ୍ଟ ହୋଇଯାଉଛି। ଚିଙ୍ଗୁଡି ଘେରି ଯୋଗୁ ଶହ ଶହ ମତ୍ସ୍ୟଜୀବୀ ପରିବାର ଓ ଏଥିରେ ନିଯୁକ୍ତ ଅନ୍ୟ ଲୋକମାନଙ୍କ ପରିବାର ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ବୋଲି କହିଛନ୍ତି। ଏହି ନେଇ ବହୁ ଚାଷୀ ଓ ମୂରବୀ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇଙ୍କ ନିକଟରେ ସେମାନଙ୍କ ଉଦ୍‌ବେଗ ଓ ଆଶଙ୍କା ପ୍ରକାଶ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ଏହି ଅବସରରେ କୈବର୍ତ୍ତ ଷୋଳଭାଇ ସଭାର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପରିଡ଼ା, ସଧାରଣ ସମ୍ପାଦକ ସୁଧାଂଶୁ ଶେଖର ମହାପାତ୍ର, ସମ୍ପାଦକ ଶରତ ବେହେରା, ନରେନ୍ଦ୍ର ପରିଡ଼ା, ବିଷ୍ଣୁ ସାମଲ, ରବୀନ୍ଦ୍ର ମାଝୀ, ଜୟଦେବ ମହାପାତ୍ର, ପୁରସ୍ତମ ସ୍ୱାଇଁ, ରଞ୍ଜନ ଦାସ ମହାପାତ୍ର, ମଥୁରା ନନ୍ଦ ତରାଇ, ସୁରେନ୍ଦ୍ର ତରାଇ, ଅଲେଖ ରାଉତ, ପ୍ରଭଞ୍ଜନ ରାଉତ, ଘେରି ମୂରବୀ ବିଜୟ ତରାଇ, ଗୋପବନ୍ଧୁ ମାଝୀ, ଜଗବନ୍ଧୁ ପରିଡ଼ା, ରମେଶ ତରାଇ, କୈଳାଶ ତରାଇ, ଅଭୟ ବେହେରା, ଇନ୍ଦ୍ରମଣି ସାହୁ, ଈଶ୍ୱର ସାମଲ, ଚନ୍ଦ୍ରକିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ଥିଲେ।

# ଶିକ୍ଷକ ନେତା ଅବନୀ ବରାଳଙ୍କ ଜୟନ୍ତୀ



ଜଗତସିଂହପୁର,୩।୬(ସମିସ): ଜଗତସିଂହପୁର ମାଟିର ଗର୍ବ ଓ ଗୌରବ ତଥା ଅପ୍ରତିଦ୍ୱନ୍ଦ୍ୱୀ ଶିକ୍ଷକ ନେତା ପ୍ରଫେସର ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ପୁରୁଣାଗଡସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭପତିତ୍ୱ କରି ଶିକ୍ଷକ ସମାଜପ୍ରତି ଅବନୀ ବରାଳଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏଥିରେ ଶିକ୍ଷାବିତ୍ ଓ ସଂଗଠକ ବିଜୟ କୁମାର ବିଶ୍ୱାଳ, ମହେଶ କୁମାର ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ, ବଂଶୀଧର ଆଚାର୍ଯ୍ୟ ଓ ରବୀନ୍ଦ୍ରନାଥ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗନେଇ ଓଡିଶା ଶିକ୍ଷା ଆଇନ, ଚାକିରି ସର୍ତ୍ତାବଳୀ, ପ୍ରତ୍ୟକ୍ଷ ଅନୁଦାନ, ୟୁଜିସି ବେତନ ଓ ପେନସନ୍ ଇତ୍ୟାଦି ସୁବିଧା ସୁଯୋଗ ଶିକ୍ଷକମାନଙ୍କୁ ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ବରାଳଙ୍କ ନିଷ୍ଠାପର ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ସତ୍ୟବାଦୀ ଦାସ, ବିଜନ ମହାପାତ୍ର, ବିଜୟକୁମାର ପତି ଓ ସୁରେଶ ଚନ୍ଦ୍ର ରାଉତ ସେମାନଙ୍କ ବକ୍ତବ୍ୟରେ ପ୍ରଫେସର ବରାଳ କେବଳ ଜଣେ ନେତା ନଥିଲେ ବରଂ ଏକ ଅନୁଷ୍ଠାନ ଥିଲେ ବୋଲି ମତପ୍ରକାଶ କରିଥିଲେ। ଶେଷରେ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

# ସଚେତନତାମୂଳକ ସାଇକଲ ଯାତ୍ରା



ପାରାଦୀପ,୩।୬(ସମିସ): ବିଶ୍ୱ ସାଇକଲ ଦିବସ ଅବସରରେ ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ ପକ୍ଷରୁ ଏକ ସଚେତନତାମୂଳକ ସାଇକଲ ଯାତ୍ରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜ ଆଲୁମ୍ନି ଆସୋସିଏସନର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଏନ୍‌ସିସି ଆଲୁମ୍ନି ଆସୋସିଏସନର ଉପଦେଷ୍ଟା ତଥା ଇତିହାସ ବିଭାଗର ମୁଖ୍ୟ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଆହ୍ୱାନ ଫାଉଣ୍ଡେସନର ସମ୍ପାଦକ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ପରିବେଶବିତ୍ ବାପି ଗୋଛାୟତ, ଏନ୍‌ସିସି ଆଲୁମ୍ନି କ୍ୟାଡେଟ ଓ ଏନ୍‌ସିସି କ୍ୟାଡେଟମାନେ ଯୋଗଦେଇଥିଲେ। ସାଇକଲ ଯାତ୍ରା ମାଧ୍ୟମରେ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ, ଇନ୍ଧନ ସଞ୍ଚୟ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ 'ସାଇକଲ ଚଲାନ୍ତୁ, ସୁସ୍ଥ ରୁହନ୍ତୁ', 'ସାଇକଲ ଚଲାନ୍ତୁ, ଇନ୍ଧନ ବଞ୍ଚାନ୍ତୁ' ଏବଂ 'ସାଇକଲ ଚଲାନ୍ତୁ, ପରିବେଶକୁ ବଞ୍ଚାନ୍ତୁ' ଭଳି ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ।

## କର୍ମକର୍ତ୍ତାଙ୍କ ବିରୋଧରେ ମିଥ୍ୟା ମାମଲା ଘଟଣା

# ନବନିର୍ମାଣ କୃଷକ ସଂଗଠନର ନିନ୍ଦା

ଜଗତସିଂହପୁର,୩।୬(ସମିସ)



ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କର୍ମକର୍ତ୍ତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ଭଳି ଷଡ଼ଯନ୍ତ୍ରକୁ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ନିନ୍ଦା କରିଛନ୍ତି। ଆଜି ଜଗତସିଂହପୁର ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘଟଣାରେ କ୍ଷୋଭ ପ୍ରକାଶ ସହିତ ଦୃଢନିନ୍ଦା କରିଛନ୍ତି। ଗତ ୧୯ ମଇ ୨୦୨୬ ରିଖରେ ରଘୁନାଥପୁର ଅଞ୍ଚଳର ଚାଷୀ ଅନନ୍ୟ ମହାନ୍ତିଙ୍କ ଧାନବିକ୍ରି ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ ଜଗତସିଂହପୁର ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ ଯାଇଥିବା ବେଳେ ଯୋଗାଣ ଅଧିକାରୀ ମିଲରଙ୍କ ଗୁଣ୍ଡାମାନଙ୍କ ସହାୟତାରେ ରଶ୍ମିରଞ୍ଜନଙ୍କୁ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିଲେ। କିନ୍ତୁ ଯୋଗାଣ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁଙ୍କ ବିରୋଧରେ ତାଙ୍କୁ ମାଡ଼ମାରିବା ଓ ଜାତିଆଣ ଗାଳିଦେଇ ଆକ୍ଷେପ କରିବା ଇତ୍ୟାଦି ଆଧାରରେ ମିଛ କେଶ ଦାୟର କରିଥିଲେ।

ଏହି ଘଟଣାରେ ଅକ୍ଷୟ କୁମାର କହିଛନ୍ତି, ନବନିର୍ମାଣ କୃଷକ ସଂଗଠନ ଓଡିଶା ତଥା ଭାରତ ବର୍ଷରେ ସତ୍ୟ, ଅହିଂସା, ତଥା ଗାନ୍ଧିବାଦୀ ଧାରାରେ ଗଣତାନ୍ତ୍ରିକ ପଦ୍ଧତିରେ ଜନ ସାଧାରଣଙ୍କ ସୁରକ୍ଷା ନିମନ୍ତେ ନିଜର ଦାବି ତିନି ଦଶନ୍ଧି ଧରି ଉପସ୍ଥାପିତ କରି ଆସୁଅଛି। ଜଗତସିଂହପୁରରୁ ଆରମ୍ଭ ହୋଇଥିବା ନବ ନିର୍ମାଣ କୃଷକ ସଂଗଠନ କେବେ ବି ଅଶ୍ଳୀଳ ଭାଷା ବା ଅଶାଳୀନ ବ୍ୟବହାର ସରକାର କି ପ୍ରସାଶନ ପ୍ରତି କରିବାର ନଜିର ନାହିଁ। ତେଣୁ ନିଜ ଅପାରଗତାକୁ ଲୁଚାଇବା ପାଇଁ ଜଗତସିଂହପୁର ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଟୁଡୁ ତାଙ୍କ ଜନ୍ମଜାତିର ସୁଯୋଗ ନେଇ ମିଲର ଗୁଣ୍ଡାଙ୍କ ସହାୟତରେ ରଶ୍ମୀରଞ୍ଜନଙ୍କ ସମେତ ଚାଷୀ ଅନନ୍ୟ ମହାନ୍ତିଙ୍କୁ ମିଥ୍ୟା କପୋଳକଳ୍ପିତ ଭାବେ ହୀନ ଉଦ୍ଦେଶ୍ୟ ରଖି ମୂଖ୍ୟ ଧାନ କିଣା ଭଳି ସମ୍ବେଦନଶୀଳ ପ୍ରସଙ୍ଗରୁ ଦୃଷ୍ଟି ହଟାଇ ନେଇ ମିଥ୍ୟା ମାମଲାରେ ଫସାଇବାର ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୧୮ ମାର୍ଚ୍ଚ ୨୦୨୬ ତାରିଖରେ ଚାଷୀ ଅନନ୍ୟ ମାହାନ୍ତିଙ୍କର ଧାନ ବିକ୍ରି ପାଇଁ ୪୮ କ୍ୱିଣ୍ଟାଲ ଟୋକନ ଆସିବା ସ୍ଥାନରେ ମାତ୍ର ୬ କ୍ୱିଣ୍ଟାଲ ୧୨ କିଗ୍ରା ଆସିଥିବାରୁ ଏଥିରେ ସଂଶୋଧନ ପୂର୍ବକ ୪୨ କ୍ୱିଣ୍ଟାଲ ୫୩ କିଗ୍ରା ଧାନ ( ୫୫ଟି ଜରିଅଖା ଓ ୪ଟି ଝୋଟ ଅଖା ମୋଟ ୫୯ଟି ଅଖା) ଶିବ ଶକ୍ତି ସ୍ୱୟ ସହାୟିକା ଗୋଷ୍ଠି ଦ୍ୱାରା ପରିଚାଳିତ ତାରପୁର ଧାନ ସଂଗ୍ରହ କେନ୍ଦ୍ରରେ ଗ୍ରହଣ କରାଯାଇଥିଲା। ଜିଲ୍ଲା ଯୋଗାଣ ଅଧୁକାରୀ ମୌଖିକ ଭାବେ ଏହି ଧାନ ବିକ୍ରିର ପ୍ରାପ୍ୟ ଅର୍ଥ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ମାତ୍ର ୨ ମାସ ବିତି ଯାଇଥିଲେ ମଧ୍ୟ ଏହି ଅର୍ଥ ନ ମିଳିବାରୁ ଜିଲ୍ଲା ଯୋଗାଣ ଅଧୁକାରୀ ଜିତ୍ରାୟ ଟୁଡୁ, ଜିଲ୍ଲା ପକଳ୍ପ ସଂଯୋଜକ ମିଶନ୍ ଶକ୍ତିଙ୍କ ଉପସ୍ଥିତିରେ ଚାଷୀ ଶ୍ରୀ ମହାନ୍ତିଙ୍କ ସହିତ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ୧୯ମଇ ୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକାରେ ତାଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଡାକିଥିଲେ। କିନ୍ତୁ ସେହି ସମୟରେ ମିଲରଙ୍କ ଗୁଣ୍ଡାମାନଙ୍କ ସାହାଯ୍ୟରେ ଷଡ଼ଯନ୍ତ୍ର କରି ନିଜେ ସିଏସଓ ଜିଲ୍ଲାପାଳ ଡାକୁଥିବାର ଆଳ ଦେଖାଇ ଚାଲିଗଲେ। ଫଳରେ ମିଲରଙ୍କ ଗୁଣ୍ଡାମାନେ ରଶ୍ମିରଞ୍ଜନଙ୍କୁ ଅଶ୍ଳୀଳ ଗାଳି ଗୁଲଜ ଓ ଆକ୍ରମଣ କରିଥିଲେ। ସେହି ଆକ୍ରମଣ ସମୟରେ ଯୋଗାଣ ଅଧିକାରୀଙ୍କ ଗୁଣ୍ଡାମାନେ ରଶ୍ମି ରଞ୍ଜନଙ୍କୁ କାର୍ଯ୍ୟାଳୟର ଦରଜା ପାଖରେ ଠେଲି ଦେବାରୁ ତାଙ୍କର ଶରୀର ଧକ୍କାବାଜି କାଚ କବାଟର ତଳଅଂଶ ଭାଙ୍ଗି ଗଲା। ତାପରେ ରଶ୍ମୀ ରଞ୍ଜନ ଗୁଣ୍ଡାଙ୍କ ଭୟରେ ସେଠାରୁ ଯିବା ପରେ ବହୁବାର ଜିଲ୍ଲା ଯୋଗାଣ ଅଧୁକାରୀ ଜିତ୍ରାୟ ଟୁଡୁଙ୍କୁ ଫୋନ୍ ଯୋଗେ ସମ୍ପର୍କ କରିବାରୁ ସେ ଫୋନ୍ ଉଠାଇଲେ ନାହିଁ। ଅନ୍ୟମାନେ ସମ୍ପର୍କ କରିବାରୁ ସେ ମିଛ ଜାତିଆଣ କେଶ ଲଗେଇ ଦେବାର ଧମକ ଦେଲେ। ତାପରେ ଜିଲ୍ଲା ନ୍ୟାୟାଳୟରୁ ଜାଣିବାକୁ ପାଇଲି ଯେ ରଶ୍ମି ରଞ୍ଜନ ଓ ଅନ୍ୟାନ୍ୟ ମହାନ୍ତିଙ୍କ ନାମରେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଟୁଡୁଙ୍କୁ ମାରିବା, ଅଶ୍ଳୀଳ ଭାଷାରେ ଜାତିଆଣ ଆକ୍ଷେପ କରି ଗାଳିଦେବା, ଅଫିସ୍ କାଗଜପତ୍ର ନଷ୍ଟ କରିବା, ଅଫିସ୍ ଭଙ୍ଗାଭଙ୍ଗି କରିବା ଆଦି ମିଥ୍ୟା ଅଭିଯୋଗରେ କପୋଳକଳ୍ପିତ କେଶ୍ ଦାୟର୍ କରାଯାଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ, ଘୃଣ୍ୟ ଓ ଦୁର୍ଭାଗ୍ୟଜନକ ବୋଲି ଅକ୍ଷୟ କୁମାର କହିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ଯୁବଛାତ୍ର ସଂଯୋଜକ ଏମଡି ମନୱାର ଅଲ୍ଲୀ, ରାଜ୍ୟ ଉପଦେଷ୍ଟା ଡ. କୁଳମଣୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଦେବୀ ପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ବଜ୍ରପାତରେ ଜଣେ ମୃତ



ପାରଳାଖେମୁଣ୍ଡି,୩।୬(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଆମ୍ବଝରି ଗ୍ରାମରେ ବଜ୍ରପାତରେ ଜଣେ ମୃତ । ମୃତ ବ୍ୟକ୍ତିଙ୍କ ନାମ ନାରାୟଣ ଶବର (୫୩) । ନିଜ ଚାଷ ଜମିରେ କାମ କରୁଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା । ଏହି ସମୟରେ ବଜ୍ରପାତରେ ମୃତ୍ୟୁ ହୋଇଥିବା ସୂଚନା ଗ୍ରାମବାସୀ ଦେଇଛନ୍ତି । ଖବର ପାଇ ଘଟଣା ସ୍ଥଳରେ ଗାରବନ୍ଧା ପୁଲିସ ପହଞ୍ଚି ଶବ ଉଦ୍ଧାର କରି ରାତି ପ୍ରାୟ ୧୦ଟାରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଆଣିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

● ଫୁଲକୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା ଘଟଣା

## ଲୁହାଚୋରି ଟଙ୍କା ଭାଗବଣ୍ଟାରୁ ହତ୍ୟା

### ୫ରୁ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

ବ୍ରହ୍ମପୁର,୩।୬(ସମିସ): ବ୍ରହ୍ମପୁରର ଗିରିରୋଡ ନିକଟ ହିଲପାଟଣା ଅଞ୍ଚଳରେ ନୂଆବସ୍ତ୍ରଖଣ୍ଡ କାଳୀମନ୍ଦିର ନିକଟର ନରସିଂହ ବେହେରା(୪୦)ଙ୍କୁ ଫୁଲକୁଣ୍ଡ ଛେଚି ହତ୍ୟା ମାମଲାର ତଦନ୍ତ ଜାରି ରହିଛି । ଘଟଣାକୁ ୪ ଦିନ ବିତି ସାରିଥିଲେ ମଧ୍ୟ ଗୋସାଇଁନୂଆଗାଁ ଥାନା ପୁଲିସ ଅଭିଯୁକ୍ତଙ୍କୁ କାବୁ କରିପାରିନାହିଁ । ଏପଟେ ଲୁହାଚୋରି ଟଙ୍କା ଭାଗବଣ୍ଟାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା କୁହାଯାଉଛି । ଏଥିରେ ୫ରୁ ଅଧିକ ବ୍ୟକ୍ତିଙ୍କ ସଂପୃକ୍ତ ରହିଛନ୍ତି । ହତ୍ୟା ପୂର୍ବରୁ ନରସିଂହ ଓ ଅଭିଯୁକ୍ତମାନେ ମିଶି ଏହି ପରିତ୍ୟକ୍ତ ଘରକୁ ଯାଇ ନିଶା ସେବନ କରିଥିଲେ । ସେଠାରେ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ନରସିଂହଙ୍କ ମୁଣ୍ଡରେ ଫୁଲକୁଣ୍ଡ ଛେଚି ହତ୍ୟା କରିଥିବା କୁହାଯାଉଛି । ହତ୍ୟାରେ ସମ୍ପୃକ୍ତ ଯୁବକମାନେ ଜରଡ଼ା ଥାନା ଅଞ୍ଚଳର ବୋଲି ଶୁଣିବାକୁ ମିଳିଛି । ତେବେ ପୁଲିସର ତଦନ୍ତ ଶେଷହେବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ।



## ବରିଷ୍ଠ ନାଗରିକ, ଅବସର କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆଲୋଚନାଚକ୍ର



କବିସୂର୍ଯ୍ୟନଗର,୩।୬(ସମିସ): କବିସୂର୍ଯ୍ୟନଗର ହନୁମାନ ମନ୍ଦିର ସ୍ଥିତ ଅବସର କର୍ମଚାରୀ ସ୍ଥାୟୀ ସଭାଗୃହରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ବୈଠକରେ ବାଲ. ଚିରଞ୍ଜିବି ପାତ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ଶିକ୍ଷକ ବିକାଶ ମଞ୍ଚ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ଭେଲିଡେସନ ଆକ୍ଟ-୨୦୨୫ ବିଷୟରେ ଆଲୋଚନା ହୋଇଥିଲା । ଏହି ଆକ୍ଟକୁ ପ୍ରତ୍ୟାହାର କରିବା ପାଇଁ ଜାତୀୟ ସ୍ତରରେ ଆୟୋଜିତ ହୋଇଥିବା ରାଜସ୍ଥାନ ସଭାରେ ସ୍ୱୀକୃତି ପାଇବା ସହ ସାଂସଦମାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ଦାବି ସର୍ବୋଚ୍ଚ ନ୍ୟାୟାଳୟରେ ମଧ୍ୟ ବିଚରାଧୀନ ରହିଛି । ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉପଦେଷ୍ଟା କବିରାଜ ସାହୁ, ମୁଖ୍ୟବକ୍ତା ଜିଲ୍ଲା ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । କବିସୂର୍ଯ୍ୟନଗର ସଂଘର ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ରଥ, ଉପସଭାପତି ଶରତ ଚନ୍ଦ୍ର ଡାକୁଆ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ରାଉତ, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ଦଣ୍ଡପାଣି ରେଡି ଯୋଗଦେଇ ସହଯୋଗ କରିଥିଲେ ।

କାଶୀନଗରରେ ଟ୍ରେଡ୍ ଲାଇସେନ୍ସ ସଚେତନତା ଅଭିଯାନ

## 'ଟ୍ରେଡ୍ ଲାଇସେନ୍ସ ବ୍ୟବସାୟୀଙ୍କୁ ଆଇନଗତ ସ୍ୱୀକୃତି ଦେଇଥାଏ'

କାଶୀନଗର,୩।୬(ସମିସ)

କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ପକ୍ଷରୁ ସହରରେ ବ୍ୟବସାୟ କରୁଥିବା ଛୋଟ ଓ ବଡ଼ ଦୋକାନୀମାନଙ୍କୁ ଟ୍ରେଡ ଲାଇସେନ୍ସ କରିବା ନେଇ ଏକ ବ୍ୟାପକ ସଚେତନତା ଅଭିଯାନ ଚାଲିଛି । ସହରରେ ନିୟମିତ ବ୍ୟବସାୟ ପରିଚାଳନା, ସ୍ୱଚ୍ଛତା ରକ୍ଷା ଏବଂ ନଗର ପ୍ରଶାସନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅବସରରେ କାଶୀନଗର ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କେ. ଦିବ୍ୟରଞ୍ଜନ ନିଜେ ସହରର ବିଭିନ୍ନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନଗୁଡ଼ିକ ବୁଲି ଦୋକାନୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେ ଦୋକାନୀମାନଙ୍କୁ ଟ୍ରେଡ ଲାଇସେନ୍ସର ଆବଶ୍ୟକତା, ଏହାର ସୁବିଧା ଏବଂ ଆଇନଗତ ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ । ସମସ୍ତ ବ୍ୟବସାୟୀ ଯଥାଶୀଘ୍ର ଟ୍ରେଡ ଲାଇସେନ୍ସ ପ୍ରାପ୍ତ କରି ନିଜ ବ୍ୟବସାୟକୁ ନିୟମିତ କରିବାକୁ ସେ କହିଥିଲେ ।

କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ ଯେ, ଟ୍ରେଡ ଲାଇସେନ୍ସ କେବଳ ଏକ ଆନୁଷ୍ଠାନିକ ପ୍ରକ୍ରିୟା ନୁହେଁ, ବରଂ ଏହା ଜଣେ ବ୍ୟବସାୟୀଙ୍କୁ ଆଇନଗତ ସ୍ୱୀକୃତି ପ୍ରଦାନ କରିଥାଏ । ଏହା ଦ୍ୱାରା ବ୍ୟବସାୟ ପରିଚାଳନାରେ ସ୍ୱଚ୍ଛତା ଆସିଥାଏ ଏବଂ ସରକାରୀ ନିୟମାବଳୀ ଅନୁଯାୟୀ ବ୍ୟବସାୟ କରିବାର ସୁଯୋଗ ମିଳିଥାଏ । ଭବିଷ୍ୟତରେ ଯେଉଁ ସମସ୍ତ ବ୍ୟବସାୟୀ ଟ୍ରେଡ ଲାଇସେନ୍ସ କରିନଥିବେ, ସେମାନଙ୍କ ବିରୋଧରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଇପାରେ ବୋଲି ସେ ସୂଚନା ଦେଇଥିଲେ । ସଚେତନତା ଅଭିଯାନ ସମୟରେ ସହରର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଦୋକାନ ସମ୍ମୁଖରେ ଅଳିଆ ଆବର୍ଜନା ନ ପକାଇବା, ଡଷ୍ଟବିନ ବ୍ୟବହାର କରିବା ଏବଂ ସହରକୁ ପରିଷ୍କାର ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା । ଦୋକାନୀମାନେ ମଧ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦୋକାନୀମାନଙ୍କୁ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟା, ଆବଶ୍ୟକ କାଗଜପତ୍ର ଏବଂ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ ।




## ମହେନ୍ଦ୍ର ମେଳାକୁ ଯାଉଥିବା ସାଧୁସନ୍ଥଙ୍କୁ ସ୍ୱାଗତ

ପାରଳାଖେମୁଣ୍ଡି/ରାୟଗଡ଼,୩।୬(ସମିସ): ଗଜପତି ଜିଲ୍ଲା ପୁରାଣପ୍ରସିଦ୍ଧ ମହେନ୍ଦ୍ରଗିରିରେ ଚାଲିଛି ମହେନ୍ଦ୍ର ମେଳା । ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ପଦାର୍ପଣରେ ସମଗ୍ର ଅଞ୍ଚଳ ଏବେ ଏକ ଆଧ୍ୟାତ୍ମିକ ନଗରୀରେ ପରିଣତ ହୋଇଛି । ଆଜି ତୃତୀୟ ଦିବସରେ ଏହି ମେଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ମାନଙ୍କ ସମାଗମ ହୋଇଛି । ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶର ସାଧୁ ପରିଷଦର ସଭାପତି ତଥା ପଣ୍ଡୁରୁ ଆନନ୍ଦ ଆଶ୍ରମର ପୀଠାଧିପତି ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ ଏବଂ ତାଙ୍କ ସନ୍ଥ ଦଳ ମହେନ୍ଦ୍ର ଅଭିମୁଖେ ଯାଉଥିଲେ । ତେବେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଫରେଷ୍ଟ ଅଫିସ ଛକଠାରେ ଅଖିଳ ଭାରତୀୟ ଯୁବା ଜନସେବା ସମିତିର ମୁଖ୍ୟ ଜି. କୁର୍ମା ରେଡ୍ଡୀ, ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ, ଭାଜପା ନେତା ଏସ୍. ଲିଙ୍ଗରାଜୁ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ଲୋକେ ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀଙ୍କ ଦର୍ଶନ କରିବା ପାଇଁ ଅପେକ୍ଷା କରିଥିଲେ । ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ ମଧ୍ୟ କିଛି କ୍ଷଣ ପାଇଁ ଅଟକି ଥିଲେ । ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ ସହ ଆଶୀର୍ବାଦ ଭିକ୍ଷା କରିଥିଲେ ଶ୍ରଦ୍ଧାଳୁ । ବିଭିନ୍ନ କୋଣ-ଅନୁକୋଣରୁ ନାଗା ସାଧୁ, ଅଘୋରୀ ଓ ସନ୍ନ୍ୟାସୀମାନେ ପାହାଡ଼ ଉପରେ ଥିବା ପ୍ରାଚୀନ ଶିବ ମନ୍ଦିରଗୁଡ଼ିକ ନିକଟରେ ଧୂନି ସ୍ଥାପନ କରିଛନ୍ତି । ସାଧୁମାନଙ୍କ ପ୍ରବଚନ, ମନ୍ତ୍ରୋଚ୍ଚାରଣ ଏବଂ ନିରନ୍ତର ଭଜନ-କୀର୍ତ୍ତନରେ ସମଗ୍ର ମହେନ୍ଦ୍ରଗିରି ଅଞ୍ଚଳ ପ୍ରକମ୍ପିତ ହେଉଛି । ପାହାଡ଼ ଆରୋହଣ କରି ଆସୁଥିବା ହଜାର ହଜାର ଭକ୍ତ ମହେନ୍ଦ୍ରେଶ୍ୱରଙ୍କ ଦର୍ଶନ କରିବା ସହ ଏହି ସାଧୁସନ୍ଥମାନଙ୍କ ଆଶୀର୍ବାଦ ନେବା ପାଇଁ ଭିଡ଼ ଜମାଉଛନ୍ତି । ସାଧୁମାନଙ୍କ ଆଶ୍ରମ ଓ ଧୂନି ଚତୁଃପାଶ୍ୱର୍ରେ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ରହିଥିବା ଦେଖିବାକୁ ମିଳିଛି । କିଏ ନିଜର ପରିବାରର ମଙ୍ଗଳ କାମନା କରୁଛି ତ କିଏ ଜୀବନର ସାର୍ଥକତା ପାଇଁ ସାଧୁଙ୍କ ପାଦତଳେ ଶରଣ ପଶୁଛି ।





## ଭତ୍ତା ମିଳୁନି; ଚିନ୍ତାରେ ହିତାଧିକାରୀ



କୋଦଳା,୩।୬(ସମିସ): ଦୁଇ ମାସ ହେଲା ମିଳୁନି ଭତ୍ତା । କେନ୍ଦ୍ର ଓ ରାଜ୍ୟ ସରକାରୀ ବିଭିନ୍ନ ଜନକଲ୍ୟାଣ କାରି ଯୋଜନା କରିଛନ୍ତି । ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଓ ରାଜ୍ୟ ସରକାରଙ୍କ ମଧୁବାବୁ ଯୋଜନା । ଜାତୀୟ ସାମାଜିକ ସୁରକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଅନଲାଇନ ମାଧ୍ୟମରେ ବ୍ୟାଙ୍କ ଖାତାରେ ଭତ୍ତା ପ୍ରଦାନ କରୁଥିବା ବେଳେ ମଧୁବାବୁ ପେନସନ ଅଫଲାଇନ ବା ପ୍ରତ୍ୟେକ୍ଷ ଭାବେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ବ୍ୟବସ୍ଥା କଲେ । ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ନିୟମିତ ଭତ୍ତା ମିଳୁଥିବା ବେଳେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ଅନଲାଇନ ମାଧ୍ୟମରେ ମିଳୁଥିବା ଭତ୍ତା ଏବେ ଦୁଇ ମାସରୁ ଊର୍ଦ୍ଧ୍ୱ ହେଲା ମିଳୁନାହିଁ । ଏବେ ଏହି ଟଙ୍କା ନ ମିଳିବା ଯୋଗୁଁ ହିତାଧିକାରୀ ନାହିଁ ନଥିବା ହଇରାଣ ହେବା ସହ କାହିଁକି ବ୍ୟାଙ୍କ ଖାତାକୁ ଟଙ୍କା ଆସିଲା ନାହିଁ ଜାଣିବା ପାଇଁ ଧାରକରଜ କାରି ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକକୁ ଧାଇଁ ଧାଇଁ ନୟାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏନେଇ ଗତ ସୋମବାର ମଠସରସିଂ ପଞ୍ଚାୟତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ବି ହୋହାଲ୍ଲା କରିଥିଲେ ହିତାଧିକାରୀ । ପ୍ରକାଶଥାଉକି ବେଗୁନିଆପଡା ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୫୮୩୧ ଜଣଙ୍କୁ ଭତ୍ତା ମିଳୁଥିବା ବେଳେ ମଧୁବାବୁ ପେନସନ ଯୋଜନାରେ ୧୨୭୬୪ ଜଣଙ୍କୁ ଭତ୍ତା ମିଳୁଥିବା ସୂଚନା ମିଳିଛି । ବିଏସଏସଓ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ସଫ୍ଟୱେର ପ୍ରୋବ୍ଲେମ ଯୋଗୁ ଏହି ଟଙ୍କା ମିଳିପାରିନାହିଁ, ତେବେ ଖୁବ୍ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିବା ସେ ମତବ୍ୟକ୍ତ କରିଥିଲେ ।

ପାରଳାଖେମୁଣ୍ଡି ପୌର ପରିଷଦର ସାଧାରଣ ବୈଠକ

## ଜିଲ୍ଲାର ସ୍ୱାଧୀନତା ସେନାନୀଙ୍କ ସ୍ମୃତିସ୍ତମ୍ଭ ସ୍ଥାପନ ନେଇ ଆଲୋଚନା




ପାରଳାଖେମୁଣ୍ଡି,୩।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ବୈଠକ ଗୃହରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା ଜିଲ୍ଲାର ସ୍ୱାଧୀନତା ସେନାନୀ ତଥା ସହିଦମାନଙ୍କ ସ୍ମୃତିପୀଠ ବା ସ୍ମୃତିସ୍ତମ୍ଭ ସହରରେ ସ୍ଥାପନ କରିବା । ଯାହାକି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏନେଇ ପୌରପରିଷଦକୁ ପୂର୍ବରୁ ଅନୁରୋଧପତ୍ର ପ୍ରଦାନ କରିଥିଲେ । ଆଲୋଚନା ହୋଇ ଆଗାମୀ ଦିନରେ ସହରର ଆକର୍ଷଣୀୟ ସ୍ଥାନରେ ନିର୍ମାଣ କରାଯିବ ବୋଲି ବିଧାୟକ ଜଣାଇଥିଲେ । ସେହିଭଳି ସହରର ପରିବେଶ ସଫା ରଖିବା ସହ ନାଳ ମରାମତି ଉପରେ ଧ୍ୟାନ ଦିଆଯିବା ନେଇ ଆଲୋଚନା ହୋଇଥିଲା । ଏହାସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇ ଅନୁମୋଦନ ହୋଇଥିଲା । ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ସଭାପତିତ୍ୱରେରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଉପାଧ୍ୟକ୍ଷ ଲେଙ୍କା ମଧୁ, ସାଂସଦ ପ୍ରତିନିଧି ଆଦର୍ଶ ଦାସଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

## ପୋଖରୀରେ ବୁଡ଼ି ଜଣେ ମୃତ

ଦାରିଙ୍ଗବାଡ଼ି,୩।୬(ସମିସ): ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ବ୍ରାହାସାଲକା ଗ୍ରାମରେ ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ମସ୍ତରାମ ପ୍ରଧାନ (୫୫) । ମଙ୍ଗଳବାର ସନ୍ଧ୍ୟାରେ ମସ୍ତରାମ ଗାଧୋଇବାକୁ ଗ୍ରାମ ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ । ପରେ ସ୍ଥାନୀୟ ଗ୍ରାମବାସୀ ପୋଖରୀ ମଧ୍ୟରେ ତାଙ୍କୁ ଭାସୁଥିବା ଦେଖିବାକୁ ପାଇ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀ ମସ୍ତରାମଙ୍କୁ ପାଣିରୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦାରିଙ୍ଗବାଡ଼ି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ଖେମୁଣ୍ଡି ଉନ୍ନୟନ ମଞ୍ଚର ଆଲୋଚନା ସଭା

## ଛେଳିଗଡ଼ ପ୍ରକଳ୍ପ ଓ ରେଳ ଲାଇନ ପାଇଁ ଆନ୍ଦୋଳନ ନିଷ୍ପତ୍ତି

ଦିଗପହଣ୍ଡି,୩।୬(ସମିସ)

ଦିଗପହଣ୍ଡି ବ୍ଲକ ଖମାରିଗାଁ ଉଜ୍ଜଳେଶ୍ୱର ଶୈବପୀଠ ସଭା ମଣ୍ଡପରେ ଦକ୍ଷିଣ ଓଡ଼ିଶା ବିକାଶ ସମିତି ଆନୁକୂଲ୍ୟରେ ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ବୁଧବାର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ବୃନ୍ଦାବନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ପଞ୍ଚାନନ ପାଇକ ଅଧ୍ୟକ୍ଷତା କରିଥିବାବେଳେ ଦକ୍ଷିଣ ଓଡିଶା ବିକାଶ ସମିତିର ସଭାପତି ତଥା ଅବସରପ୍ରାପ୍ତ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମଗ୍ର ଦକ୍ଷିଣ ଓଡ଼ିଶାର ବହୁ ପ୍ରତିକ୍ଷୀତ ଗୋପାଳପୁର-ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ପୂର୍ବରୁ ସର୍ଭେ ସରିଛି । ଏହି ନୂତନ ରେଳ ଲାଇନ୍ ଗୋପାଳପୁର ଠାରୁ ଜଗନ୍ନାଥପୁର, ଗୁରୁଣ୍ଟୀ, ବାଲିପଡ଼ା, ଅନଙ୍ଗପୁର, ଦିଗପହଣ୍ଡି, ଗୁମା, ଫାସିଗୁଡ଼ା, ଭୀଷ୍ମଗିରି, ଚାକୁଣ୍ଡାପଲ୍ଲୀ ଦେଇ ଗଜପତି ଜିଲ୍ଲା ଚାନ୍ଦିପୁଟ, ଅନ୍ତର୍ବା ଠାରୁ ରାୟଗଡ଼ାକୁ ମାତ୍ର ଏହି ରେଳଲାଇନ ସଂଯୋଗ କରିବ । କିନ୍ତୁ ଫାଇନାଲ ସର୍ଭେ ରିପୋର୍ଟ ଦାଖଲ ପାଇଁ ଦାୟିତ୍ୱରେ ଥିବା କିଛି ଆନ୍ଧ୍ର ରେଲୱେ ଅଧିକାରୀ ଉକ୍ତ ସର୍ଭେ ରିପୋର୍ଟକୁ ବଦଳାଇ ଗୋପାଳପୁର ଠାରୁ ଭାୟା କନ୍ଧମାଳ ଦେଇ ରାୟଗଡ଼ା ଯାଏଁ ନୂତନ ରେଳ ଲାଇନ ନିର୍ମାଣ ପାଇଁ ଯୋଜନାବଦ୍ଧ ଭାବେ ଉଦ୍ୟମ ଚଳାଇଛନ୍ତି । ତେଣୁ ପୂର୍ବରୁ ସର୍ଭେ କରାଯାଇଥିବା ରିପୋର୍ଟ ଆଧାରରେ ନୂଆ ରେଳ ଲାଇନ୍ ନିର୍ମାଣ କରିବାକୁ ସେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ପୂର୍ବତଟ ରେଲୱେ ମୁଖ୍ୟ ପ୍ରବନ୍ଧକଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହ ଏହି ନୂତନ ରେଳ ଲାଇନ କାମ ତୁରନ୍ତ ଆରମ୍ଭ କରିବା ପାଇଁ ସେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ ।

ତୃତୀୟ ପାଳି ପାଇଁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଆସିବା ପରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟ ବାହୁଦା ନଦୀ ମୁହାଣରେ ପ୍ରସ୍ତାବିତ ବୃହତ ବନ୍ଦର ନିର୍ମାଣ ନିମନ୍ତେ ରାଜ୍ୟସରକାରଙ୍କ ମଞ୍ଜୁରୀ ମିଳିଛି । ବାହୁଦା ବନ୍ଦର ସହ ଗୋପାଳପୁର ବନ୍ଦରକୁ ନୂତନ ରେଳ ଲାଇନ୍ ନିର୍ମାଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତି ପକ୍ଷରୁ ପୂର୍ବରୁ ଦାବି କରାଯାଇଥିବା ନେଇ ସେ ସଭାରେ ଉଲ୍ଲେଖ କରିଥିଲେ । ରେଳ ଲାଇନ୍ ବ୍ରହ୍ମପୁର ରିଙ୍ଗ ରୋଡ୍ ଦେଇ ଲାଞ୍ଜିଆ - ଦକ୍ଷିଣପୁରରୁ ହଳଦିଆପଦର ନିକଟରେ ଚେନ୍ନାଇ-ହାୱଡ଼ା ମୁଖ୍ୟ ରେଳ ଲାଇନରେ ସଂଯୋଗ ହୋଇପାରିବ । ଫଳରେ ବ୍ରହ୍ମପୁର ରେଳ ଷ୍ଟେସନରେ ଭିଡ଼କୁ ରୋକାଯାଇ ବାହୁଦା ବନ୍ଦରକୁ ମାଲ୍ ପରିବହନ ସହଜ ହୋଇପାରିବ । ପ୍ରାରମ୍ଭିକ ସର୍ଭେରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ନୂତନ ରେଳ ଲାଇନ ଦ୍ୱାରା ଏହି ସବୁ ଅଞ୍ଚଳର ଅର୍ଥନୈତିକ ବିକାଶ ସାଙ୍ଗକୁ ବ୍ୟବସାୟିକ ସଫଳତା ବୃଦ୍ଧି ପାଇବ ବୋଲି ସଭାରେ ମତପ୍ରକାଶ ପାଇଥିଲା ।

ସେହିପରି ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ଆବଶ୍ୟକତା ସାଙ୍ଗକୁ ତାହାର ସର୍ବେକ୍ଷଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିବାରୁ ତାହାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯାଇ କେନାଲ ଜରିଆରେ ଜମିକୁ ଜଳ ଯୋଗାଣ ଏବଂ ପାଇପ ଲାଇନ୍ ମାଧ୍ୟମରେ ପାନୀୟ ଜଳ ଯୋଗାଣ ଖୁବ୍ ଶୀଘ୍ର ଆରମ୍ଭ କରିବା ଦାବିରେ ଜନ ଆନ୍ଦୋଳନର ଆବଶ୍ୟକତା ଥିବା ନେଇ ସଭାରେ ମତପ୍ରକାଶ ପାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିକାଶ ସମିତିର ପ୍ରମୁଖ କାର୍ଯ୍ୟକର୍ତ୍ତା ସୁଜିତ କୁମାର ତ୍ରିପାଠୀ, ସାମ୍ବାଦିକ ପ୍ରତାପ ଚନ୍ଦ୍ର ଦାଶ, ଦିଗପହଣ୍ଡି ଏନଏସିର ପ୍ରାକ୍ତନ ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସୁନୀଲ କୁମାର ବିଷୋୟୀ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପାଠୀ, ପୀତାମ୍ବର ଗୌଡ଼, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ସୀମାଞ୍ଚଳ ଗୌଡ଼, ଅବସରପ୍ରାପ୍ତ ଶିକ୍ଷକ ମାଗତା ପ୍ରଧାନ, ପ୍ରତାପ ଚନ୍ଦ୍ର ଦୀକ୍ଷିତ, ସନ୍ତୋଷ କୁମାର ସାହୁ, ଶିବାନନ୍ଦ ପାଣିଗ୍ରାହୀ, ସୀମାଞ୍ଚଳ କର, ନିରଞ୍ଜନ ଗୌଡ଼, ଏ. ନାରସୁ ପ୍ରମୁଖ ମଞ୍ଚାସିନ ଥିଲେ । ଖମାରିଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।



● ସାନଖେମୁଣ୍ଡି ପ୍ରେସ କ୍ଲବ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ମନ ମୋହିଲା ନାଟକ 'ଏ କେମିତିକା ସମ୍ପର୍କ'

ସାନଖେମୁଣ୍ଡି,୩।୬(ସମିସ): ସାନଖେମୁଣ୍ଡି ବ୍ଲକ ପ୍ରେସ କ୍ଲବ ପକ୍ଷରୁ ସୋମବାର ରାତ୍ର ଏକ ସାମାଜିକ ନାଟକ ପରିବେଷଣ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକକୁ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ପ୍ରେସ୍ କ୍ଲବ ସଭାପତି ଅଶୋକ ବ୍ରହ୍ମା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବରିଷ୍ଠ ସାମ୍ବାଦିକ ତଥା ସାନଖେମୁଣ୍ଡି ପ୍ରେସ କ୍ଲବ୍ ଉପଦେଷ୍ଟା ପ୍ରଶାନ୍ତ କୁମାର ତ୍ରିପାଠୀ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ ଉପସ୍ଥିତ ଥିଲେ । ସାନଖେମୁଣ୍ଡି ବ୍ଲକ ସାମ୍ବାଦିକ ଭାଇ ମାନେ ନିଜର କଳା ପ୍ରଦର୍ଶନ କରିବା ସହ କଳାକୁ ବଞ୍ଚାଇ ରଖିବାକୁ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ । ପ୍ରେସ କ୍ଲବର କୋଠା ପାଇଁ ଜାଗା ପ୍ରଦାନ ଓ କୋଠା ନିର୍ମାଣରେ ସହାୟତା କରିବାକୁ ପ୍ରତିଶୃତି ଦେଇଥିଲେ । ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଅଶୋକ ବ୍ରହ୍ମା ଓ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କୁ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ସେବା କ୍ଷେତ୍ରରେ ସନ୍ତୋଷ ଚର୍ଚ୍ଚି, ସଫଳ ଚାଷୀ ଓ ଉଦ୍ୟୋଗୀ କ୍ଷେତ୍ରରେ ବର୍ଷା ନାହାକ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହାରାମଣି ପାଢ଼ୀ, ଶିକ୍ଷା କ୍ଷେତ୍ରରେ ବିଜ୍ଞାନ ଶିକ୍ଷୟତ୍ରୀ ଲକ୍ଷ୍ମୀ ପ୍ରିୟା ତ୍ରିପାଠୀ, କର୍ତ୍ତବ୍ୟ ନିଷ୍ଠ ପାଇଁ ଅଙ୍ଗନବାଡ଼ି ବେଦମତୀ ରଥ, ଯୁକ୍ତ ଦୁଇ କଳା ଟପର ବିମଳ ପ୍ରସାଦ ପଣ୍ଡା, ବିଜ୍ଞାନରେ ବ୍ଲକ ଟପର ଦୀପ୍ତିମୟୀ ଦାସ ଓ ମାଟ୍ରିକ ବ୍ଲକ ଟପର ଇସୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ସତ୍ୟ ନାରାୟଣ ପାଢ଼ୀ ।

କାର୍ଯ୍ୟକ୍ରମରେ ଓଡିଆ ସିନେ ଜଗତରେ ନାୟିକା ଭୂମିକା ଦାସ, କଣ୍ଠଶିଳ୍ପୀ ସୋମ୍ୟାଜିତ୍, ଜେସିକା, ହାସ୍ୟ ଅଭିନେତା ପପୁ ପମ୍ ପମ୍ ଯୋଗ ଦେଇ ମନୋରଞ୍ଜନ କରିଥିବା ବେଳେ ୧୦ ହଜାରରୁ ଅଧିକ ଦର୍ଶକ ଝୁମିଥିଲେ । ଶେଷରେ ସାନଖେମୁଣ୍ଡି ସାମ୍ବାଦିକ ଭାଇ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସାମାଜିକ ନାଟକ ଏ କେମିତିକା ସମ୍ପର୍କ । ଏହି ନାଟକକୁ ନିର୍ଦ୍ଦେଶକ ଦେଇଥିଲେ ପଞ୍ଚାନନ ପ୍ରଧାନ । ଏହି ନାଟକରେ ଅଭିନୟ କରିଥିଲେ ସାମ୍ବାଦିକ କାଲୁ ଚରଣ ନାହାକ, ସତ୍ୟ ନାରାୟଣ ପାଢ଼ୀ, ବିରୋତମ ସାହୁ, ପ୍ରଶାନ୍ତ ତ୍ରୀପାଠୀ, ପପୁ ରଣା, କେ.ନାଗେଶ୍ୱ ରେଡ଼ି, ଦ୍ୱାରିକାନାଥ ତ୍ରୀପାଠୀ, ଶଙ୍କର ସ୍ୱାଇଁ, କାହ୍ନୁ ଚରଣ ନାହାକ, ଅତିଥି କଳାକାର ଭାବେ ସୁମିତ୍ ପ୍ରଧାନ, କୈଳାଶ ନାହାକ, କାଲୁ ନାହାକ, ଦିଲ୍ଲୀପ ନାହକ ନାଟକ ପରିବେଷଣ କରିଥିଲେ । ମଞ୍ଚ ପରିଚାଳନାରେ ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ଡାକୁଆ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ହଜାର ହଜାର ଲୋକଙ୍କ ଭିଡ଼ ଦେଖି ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲା ବରିଷ୍ଠ ନାଗରିକ ପରିଷଦ

ଧାମନଗର,୩।୬(ସମିସ): ଧାମନଗର ଏନ୍‌ଏସି ଅଧୀନ ୧ ନମ୍ବର ୱାର୍ଡ ଭଣ୍ଡାରୀପଦି ଗ୍ରାମର ଜୟନ୍ତ ପ୍ରଧାନ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍ ୨୧ରେ ଜୟନ୍ତ ଏକ ଗାଡ଼ି ଯୋଗେ କାମାକ୍ଷାନଗର ଅଞ୍ଚଳକୁ ଯାଇଥିଲେ। ସେଠାରେ ଏକ ବାଲି ବୋଝେଇ ଗାଡ଼ି ତାଙ୍କୁ ଧକ୍କା



ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରୀ ପରୀକ୍ଷାରୁ ତାଙ୍କ ସ୍ପାଇନାଲ୍ କର୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଥିଲା। ତେବେ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ପରିବାର ଅକ୍ଷମ ହେବାରୁ ବାଧ ହୋଇ ତାଙ୍କୁ ଘରକୁ ଫେରାଇ ଆଣିଛନ୍ତି। ଜୟନ୍ତଙ୍କ ଉତମ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଥିବାବେଳେ ଚିନ୍ତାରେ ପରିବାର। ତାଙ୍କର ୧୩ ବର୍ଷୀୟା କନ୍ୟା ଓ ୯ ବର୍ଷୀୟ ପୁଅ ଅଛନ୍ତି। ରୋଜଗାରକ୍ଷମ ବ୍ୟକ୍ତିବିଶେଷଙ୍କ ଏପରି ଅବସ୍ଥା ଯୋଗୁଁ ପରିବାର ଏବେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଗତି କରୁଛି। ଏହି ଦୁଃଖଦ ସମୟରେ ସହାୟତାର ହାତ ବଢ଼ାଇଲା ବରିଷ୍ଠ ନାଗରିକ ପରିଷଦ। ଧାମନଗର ପରିଷଦର ସଭାପତି ଅନିଲ ବାରିକ, ସମ୍ପାଦକ ଶଚ୍ଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ନୃସିଂହ ନାୟକ, ସଦସ୍ୟ କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଜୟନ୍ତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଅଗଷ୍ଟ ୨୧ରୁ ବିଶେଷ ଲୋକ ଅଦାଲତ ସମାଧାନ ସମାରୋହ

ଭଦ୍ରକ,୩।୬(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ସୂଚନା ଦିଆଯାଇଛି ଯେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ)-୨୦୨୬ ଆସନ୍ତା ଅଗଷ୍ଟ ୨୧, ୨୨ ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଛି। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମୋକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା ଏବଂ ଏହି ସୁଯୋଗର ସଦୁପଯୋଗ କରିବା। ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିବାଦର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ୍‌ଶୀଘ୍ର ଯୋଗାଯୋଗ କରିବା ପାଇଁ ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଦୋଳସାହି,୩।୬(ସମିସ): ତିହିଡ଼ି ବ୍ଲକ୍ ଦୋଳସାହି ପଞ୍ଚାୟତସ୍ଥିତ ଦୋଳସାହି ହରିଜନ ସରକାରୀ ପ୍ରାଥମିକ ସ୍କୁଲରେ ବୁଧବାର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଚମ୍ପାବତି ଭୋଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକଶିକ୍ଷୟିତ୍ରୀ ସମାଜ ଗଠନର ମେରୁଦଣ୍ଡ। ସୁନ୍ଦର ଓ ସୁସ୍ଥ ସମାଜ ଗଠନର ଗୁରୁଦାୟିତ୍ୱ ଶିକ୍ଷକମାନେ ବହନ କରିଥାନ୍ତି। ଶିଶୁର ପ୍ରଥମ ଗୁରୁ ପିତା-ମାତା ହୋଇଥିଲାବେଳେ ଗୁରୁଜୀ ଗୁରୁମା' ପୂର୍ଣ୍ଣାଙ୍ଗ ଜୀବନ ଗଠନର ଭୂମିକା ନିଭାଇଥା'ନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିହିଡ଼ି ପ୍ରାଥମିକ ଶିକ୍ଷକ ସଂଗଠନ ସଭାପତି ମାୟାଧର ସାହୁ, ଶିକ୍ଷାବିତ୍ ପଦ୍ମନାଭ ମହାରଣା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷକ ସଂଗଠନର ସମ୍ପାଦକ ମନୋରଞ୍ଜନ ନାୟକ, ସମ୍ମାନିତ ଅତିଥି ଭଦ୍ରକ ପ୍ରାଥମିକ ଶିକ୍ଷକ ସଂଗଠନ ସମ୍ପାଦକ ରୂପେଶ ସାହୁ, ଗିରିଧାରୀ ଚାନ୍ଦ, ବଂଶୀଧର ଦାସ, ଶ୍ରୀନାଥ ମଲ୍ଲିକ, ଉପସଭାପତି କାଲାମ୍ ଖାଁ, ଶିକ୍ଷକ ଭରତ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ଦୋଳସାହି ସମିତିସଭ୍ୟ ଦାଶରଥି ମହାପାତ୍ର ଅଭିଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ କରିଶ୍ମା ପଣ୍ଡା, ଶିକ୍ଷକ ଗଙ୍ଗାଧର ନାୟକ, ସନାତନ ବେହେରା କାର୍ଯ୍ୟକ୍ରମରେ ପ୍ରାକ୍ ସୂଚନା ପ୍ରଦାନ, ଧନ୍ୟବାଦ ତଥା ସମ୍ବର୍ଦ୍ଧନା କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମନ୍ମଥ ଦାସ ସଭା ପରିଚାଳନା କରିଥିଲାବେଳେ ପ୍ରାଥମିକ ଶିକ୍ଷକ ସଂଗଠନର ସମ୍ପାଦକ ରମାକାନ୍ତ ଦାସ ଅବସରପ୍ରାପ୍ତ ଚମ୍ପାବତିଙ୍କୁ ଶିକ୍ଷକ ସଂଗଠନ ର ଆଜୀବନ ସଦସ୍ୟା ପ୍ରଦାନ କରିଥିଲେ।

## ବିଜେଡି ପକ୍ଷରୁ ବିରାଟ ମହିଳା ସମାବେଶ ଓ ନାରୀ ଅଧିକାର ଅଭିଯାନ

# ୩୩ ପ୍ରତିଶତ ସଂରକ୍ଷଣ ନାଁରେ ମା'ଙ୍କୁ ଭଣ୍ଡାଉଛି ବିଜେପି




ଭଦ୍ରକ,୩।୬(ସମିସ)

ଭଦ୍ରକ ବ୍ଲକ୍ ମହିଳା ବିଜେଡି ପକ୍ଷରୁ କାଉପୁର ପଞ୍ଚାୟତରେ ବୁଧବାର ପୂର୍ବାହ୍ଣରେ ବିଶାଳ ମହିଳା ସମାବେଶ ଓ ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ମଞ୍ଚାସୀନ ଅତିଥିମାନେ କେନ୍ଦ୍ର ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ସହ ଡବଲ ଇଞ୍ଜିନ ସରକାର

- **ନାରୀ ନିର୍ଯାତନା ନିୟନ୍ତ୍ରଣ କରିବାକୁ ସରକାର ଅସମର୍ଥ**
- **ଲୋକେ ବିଜେଡିର ୨୪ ବର୍ଷର ସୁଶାସନକୁ ଝୁରୁଛନ୍ତି**

ସମୟରେ ରାଜ୍ୟର ନାରୀ ନିର୍ଯାତନା ଆଇନ ଶୃଙ୍ଖଳା ଆଦି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ବୋଲି କହିବା ସହ ନାରୀ ନିର୍ଯାତନା ନିୟନ୍ତ୍ରଣରେ ସରକାର ସମ୍ପୂର୍ଣ୍ଣ ଅସମର୍ଥ ବୋଲି କହିଥିଲେ। ଡବଲ ଇଞ୍ଜିନ ସରକାରର ଗତ ୨ ବର୍ଷର କୁଶାସନକୁ ବିଜେଡିର ଗତ ୨୪ ବର୍ଷର ସୁଶାସନ କଥା ଲୋକେ ଝୁରୁଛନ୍ତି। ଏବେ କେନ୍ଦ୍ର ସରକାର ନାରୀ ବନ୍ଦନା ବିଲ୍ ଆଳରେ ଆଣିଥିବା ଡିଲିମିଟେସନ ବିଲ୍ ଲୋକସଭାରେ ପାରିତ କରି ନ ପାରି ଅଯଥାରେ ବିଜେଡି ଓ ଅନ୍ୟ ଦଳ ଉପରେ ମିଥ୍ୟା ଆରୋପ ଆଣୁଛନ୍ତି। ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲ ଡିଜେଲ ଦରବୃଦ୍ଧି, ବିପର୍ଯ୍ୟସ୍ତ ଅର୍ଥନୀତି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି, ମହିଳା ଅସୁରକ୍ଷିତ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ବେକାରୀ ବୃଦ୍ଧି ଘଟିଛି। ନାରୀ ଆଖିରେ ଲୁହ, ଚାଷୀ ଆଖିରେ ଲୁହ, ଭତ୍ତା ହିତାଧିକାରୀଙ୍କ ଆଖିରେ ଆଜି ଲୁହ ଆଣିଛି ବିଜେପି ସରକାର।

ପ୍ରବାଦ ପୁରୁଷ ବିଜୁବାବୁ ଓ ନବୀନ ବାବୁ ସଂରକ୍ଷଣରେ ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ନିର୍ବାଚିତ କରାଇଥିଲେ। ତେଣୁ ମାଆ ଓ ଭଉଣୀମାନେ ନବୀନ ବାବୁ ଓ ବିଜେଡି ସୁପ୍ରିମୋଙ୍କୁ ଆଜି ବି ହୃଦୟରୁ ଭଲ ପାଉଛନ୍ତି ବୋଲି ମଞ୍ଚାସୀନ ନେତାମାନେ ବକ୍ତବ୍ୟ ରଖିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଗତ ନିର୍ବାଚନରେ ସେ ଭଣ୍ଡାରିପୋଖରୀ ଆସନରୁ ଲଢ଼ି ବିଜୟୀ ହୋଇଥିଲେ ବି ଭଦ୍ରକ ନିର୍ବାଚନମଣ୍ଡଳୀର ଭୋଟରମାନେ ତାଙ୍କୁ ବିଜୟୀ କରିବାକୁ ଉଦ୍ୟମ କରିଥିଲେ। ଏହା ଲୋକଙ୍କ ଭଲ ପାଇବା ବୋଲି କହିବା ସହ ସେ ସବୁବେଳେ ଭଦ୍ରକବାସୀଙ୍କ ସହ ଅଛନ୍ତି ବୋଲି କହିଥିଲେ। ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଦେବୀଦତା ମହାନ୍ତିଙ୍କ ସଭାପତିତ୍ୱରେ କାଉପୁର ପଞ୍ଚାୟତ ଲକ୍ଷ୍ମୀ ପଡ଼ିଆରେ ଅନୁଷ୍ଠିତ ଏହି ବିଶାଳ ନାରୀ ଅଧିକାରୀ ଅଭିଯାନରେ ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକର ପ୍ରାକ୍ତନ ବିଧାୟକ ତଥା ଏବେର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲା ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ବ୍ଲକ୍ ଉପାଧ୍ୟକ୍ଷ ତଥା ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ମୁକୁନ୍ଦଦେବ ସାମଲ, ବିବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଯୋଗେନ୍ଦ୍ର ଘଡ଼େଇ, ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଜେନା, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ପଣ୍ଡା, ପ୍ରାକ୍ତନ ବ୍ଲକ୍ ଉପାଧ୍ୟକ୍ଷା ଜ୍ୟୋସ୍ନାମଞ୍ଜରୀ ରାଉତ, ଦୈହିସିଂ ସରପଞ୍ଚ ସୁଚିସ୍ମିତା ଜେନା, କାଉପୁର ସରପଞ୍ଚ ସୁଚିସ୍ମିତା ସାହୁ, କୋଡବରୁଆଁ ସରପଞ୍ଚ ସୁଷମା ମହାନ୍ତି, ବଣିଆ ସମିତିସଭ୍ୟା ଅନିତା ମିଶ୍ର, ଅଣ୍ଟେଇପଲ୍ଲୀ ସରପଞ୍ଚ ଗୌରୀ ମଲ୍ଲିକ, ନାରୀନେତ୍ରୀ ଉର୍ମିଳା ଜେନା, ଗେଲଟୁଆ ସରପଞ୍ଚ ବାସନ୍ତୀ ଜେନା, ଅର୍ଣ୍ଣପାଳ ସରପଞ୍ଚ ମୀନାରାଣୀ ମହାଳିକ, ବିଷ୍ଣୁପୁର ସରପଞ୍ଚ ପଦ୍ମାବତୀ ପୃଷ୍ଟି ପ୍ରମୁଖ ଅତୀତରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ପରବର୍ତ୍ତୀ ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସରକାର ନାରୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ତେଣୁ ଏହାର ଜବାବ ପାଇଁ ଆଗାମୀ ପଞ୍ଚାୟତ ନିର୍ବାଚନରେ ସବୁ ମାଆ ଓ ଭଉଣୀମାନେ ଏକଜୁଟ୍ ହୋଇ ବିଜେଡିକୁ ଭୋଟ୍ ଦେଇ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ।



ଏହି ଅବସରରେ କାଉପୁରରେ ଏକ ବିଶାଳ ମହିଳା ଶୋଭାଯାତ୍ରା ବାହାରି ପଞ୍ଚାୟତ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ସରୋଜ ଦାଶ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାସ୍କର ମହାଳିକ, ଯୁବନେତା ଆଶିଷ ମହାନ୍ତି, ଆମ୍ବରୋଳି ସରପଞ୍ଚ କ୍ଷୀରୋଦ ଦାସ, ବନ୍ଧଗାଁ ସରପଞ୍ଚ ନିରୋଜ ରାଉତ, ଯୁବନେତା ସୂର୍ଯ୍ୟକୁମାର ଦାସ, ନଳିନୀକାନ୍ତ ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ୪ହଜାରରୁ ଅଧିକ ମହିଳାଙ୍କ ଏହି ସମାବେଶ ସଭା ଶେଷରେ ସ୍ଥାନୀୟ ଅଞ୍ଚଳର ଲଡୁଆ ଯୁବନେତା ସୌମେନ୍ଦ୍ର ସାହୁ(ବାବୁ) ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# 'ମୋ ଗାଁରେ ମୋ ତହସିଲ୍' ଆପଣଙ୍କ ଦ୍ୱାରରେ ରାଜସ୍ୱ ସେବା

ଧାମନଗର/ଧୂଷୁରୀ,୩।୬(ସମିସ): ରାଜ୍ୟ ଓ ବିପର୍ଯ୍ୟୟ ପରିଳନା ବିଭାଗ ତରଫରୁ 'ମୋ ଗାଁରେ ମୋ ତହସିଲ୍' ଆପଣଙ୍କ ଦ୍ୱାରରେ ରାଜସ୍ୱ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳ ୮ଟାରେ ଧାମନଗର ତହସିଲ୍ ଅନ୍ତର୍ଗତ ଭଟ୍ଟସାହି ଅଧୀନ ୟୁଜିଏମ୍‌ଇ ସ୍କୁଲରେ (ନଦୀଗାଁ ରାଜସ୍ୱ ସର୍କଲ ଅଧୀନସ୍ଥ) ଗ୍ରାମବାସୀଙ୍କୁ ସମସ୍ତ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ସମାଧାନ ନିମନ୍ତେ କ୍ୟାମ୍ପ୍ କୋର୍ଟ ମଧ୍ୟରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି। ଦୁଇଖାନା ସଂଶୋଧନପାଇଁ ଦରଖାସ୍ତ, ଦୁଇଖାନା ସଂଶୋଧନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନାରେ ଦରଖାସ୍ତ ଗ୍ରହଣ ଓ ପଟ୍ଟା ବଣ୍ଟନ, ଅଭିଯୋଗ ଗ୍ରହଣ ଓ ଶୁଣାଣି, ସୀମା ନିର୍ଦ୍ଧାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ, ସମସ୍ତ ପ୍ରମାଣପତ୍ରର ଅନୁମୋଦନ ଓ ସମାଧାନ, ସମସ୍ତ ରାଜସ୍ୱ ମାମଲାର ତ୍ୱରିତ ସମାଧାନ, ବେବନ୍ଦୋବସ୍ତ ମୋକଦ୍ଦମା ସମାଧାନ ତଥା




ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ରାଜସ୍ୱ ସେବାର ଲାଭ ନେଇଥିବା ଅତିରିକ୍ତ ତହସିଲ୍‌ଦାରଙ୍କଠାରୁ ସୂଚନା ମିଳିଛି। "ମୋ ଗାଁରେ ମୋ ତହସିଲ୍' କାର୍ଯ୍ୟକ୍ରମରେ ଧାମନଗର ଅତିରିକ୍ତ ତହସିଲ୍‌ଦାର ସାଇସିଲୋନା ଏବଂ ପଲ୍ଲୀଭାରତ ମହାଳିକ, ରାଜସ୍ୱ ପରିଦର୍ଶକ ଧର୍ମାପଦ ସାହୁ, ଗିରୀଶ ଚନ୍ଦ୍ର ନାୟକ, ନଦୀଗାଁ ରାଜସ୍ୱ ନିରୀକ୍ଷକ ବିକ୍ରମ ଦାସ ପ୍ରମୁଖ ଉପସ୍ଥିତ ରହି ୩୧ ଜଣଙ୍କୁ ନୂତନ ପଟ୍ଟା ବଣ୍ଟନ, ବେବନ୍ଦୋବସ୍ତ ଗୋଟିଏ ମାମଲା ଫଇସଲା କରାଯାଇଥିବା ବେଳେ କଲମ ଟୁ'ରେ ୧୫ଜଣ ଦରଖାସ୍ତ କରିଛନ୍ତି। ଜନଶୁଣାଣିର ୨ ଜଣ ଦରଖାସ୍ତକାରୀଙ୍କୁ ତଦନ୍ତ କରି ସମାଧାନ ପାଇଁ ଆର୍‌ଆଇକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସାବକ କବଲା ସମ୍ପର୍କରେ ବୁଝିବା ପାଇଁ ୬ରୁ ଊର୍ଦ୍ଧ୍ୱ ଲୋକ ଆସିଥିଲେ ବୋଲି ଅତିରିକ୍ତ ତହସିଲ୍‌ଦାର ସୂଚନା ଦେଇଛନ୍ତି।

# ଏସ୍‌ଆଇଆର୍ ସଚେତନତା ରଥର ଶୁଭାରମ୍ଭ



ଭଦ୍ରକ,୩।୬(ସମିସ): ନିର୍ବାଚନ କମିସନଙ୍କ ଦ୍ୱାରା ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ବ୍ୟାପକ ଭାବେ ପହଞ୍ଚାଇବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ଏସ୍‌ଆଇଆର୍ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍, ପଞ୍ଚାୟତ ଓ ସହରାଞ୍ଚଳ ପରିଭ୍ରମଣ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନେଇ ଚରଣ ଟୁଡୁ, ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ନାଗରିକମାନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବା, ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଏନୁମେରେସନ୍ ଫର୍ମ ପୂରଣ କରି ଦାଖଲ କରିବା ପାଇଁ ଆହ୍ୱାନ କରାଯାଇଛି। ଓଡ଼ିଶାରେ ଏସ୍‌ଆଇଆର୍ -୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଏଲ୍‌ଓମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ଏନୁମେରେସନ୍ ଫର୍ମ ବଣ୍ଟନ ଓ ସଂଗ୍ରହ କରୁଛନ୍ତି। ଏହି ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ୍, ନିର୍ଭୁଲ ଓ ଅଦ୍ୟତନ କରାଯିବ। ଭୋଟରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ସର୍ବାଧିକ ଜନସହଭାଗିତା ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଆଶା ପ୍ରକାଶ କରିଛି।

# ସଂକଟାପନ୍ନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ଦୋଳସାହି,୩।୬(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଆଡ଼କୁ ଗତି କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ନିର୍ମିତ ଗୋରାମାଟି ଭାୟା ରାଜଙ୍ଗ ଓ ପାଳିଆବିନ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ତଥା ସଂକଟାପନ୍ନ ଆଡ଼କୁ ଗତି କରୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ଅନେକ ସମୟରେ ଛୋଟ ବଡ଼



ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ଶହଶହ ଛାତ୍ରଛାତ୍ରୀଙ୍କ ସହ ପଥଚାରୀ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଥିବାବେଳେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ରାସ୍ତାର ଅବସ୍ଥା ସଂକଟାପନ୍ନ ଆଡ଼କୁ ଗତି କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ରାସ୍ତା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଭଦ୍ରକରେ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# 'ଟିଆର୍‌ପି ଯୁଗରେ ଗଠନମୂଳକ ଖବର ପ୍ରଭାବିତ'

ଭଦ୍ରକ,୩।୬(ସମିସ)

ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନରେନ୍ଦ୍ର ରୟାଲ୍ସ ଭଦ୍ରକଠାରେ ବୁଧବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଏହି ଭବ୍ୟ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମର ଆୟୋଜକ ଭଦ୍ରକ ଜିଲ୍ଲା ସାମ୍ବାଦିକ ୟୁନିଅନ(ବିୟୁଜେ)ର ବାର୍ଷିକ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଟିଆର୍‌ପି ଯୁଗରେ ଗଠନମୂଳକ ସମ୍ବାଦ ପ୍ରଭାବିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବିଶେଷ ଅତିଥି ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ସନ୍‌ସାଇନ ହସ୍ପିଟାଲର ନିର୍ଦ୍ଦେଶକ ଅୟସକାନ୍ତି ମହାନ୍ତି ସ୍ୱତନ୍ତ୍ରଅତିଥି ଭାବେ ଯୋଗଦେଇ ନିରପେକ୍ଷ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ, ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ କିଶାନ ରାଉତ, ଜିଲ୍ଲା ସଭାପତି ପ୍ରିୟଦର୍ଶନ



ବୋଇତି, ସାଧାରଣ ସମ୍ପାଦକ ଜଗବନ୍ଧୁ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ ନୀତି ନୈତିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଓୟୁଜେର ଜିଲ୍ଲା କାର୍ଯ୍ୟକାରୀ ସଭାପତି ହେମନ୍ତ ସିଂହ ଅତିଥିଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବୈକୁଣ୍ଠନାଥ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ ବର୍ଗରେ ସଫଳତା ସହ ଜନକଲ୍ୟାଣ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିମାନଙ୍କୁ ଓୟୁଜେ ପରିବାର ପକ୍ଷରୁ ବରିଷ୍ଠ ସାମ୍ବାଦିକ ରାମନାରାୟଣ ରାୟ, ପ୍ରହ୍ଲାଦ ବାରିକ, ସ୍ମୃତିରଞ୍ଜନ ସାହୁ, ବୈକୁଣ୍ଠ ସାହୁ, ବରିଷ୍ଠ ସମ୍ବାଦପତ୍ର ବିତରକ ସେକ୍ ଆସିଫ୍ ଅଲ୍ଲୀ, ହୋମିଓପାଥି ଡାକ୍ତର ବିକାଶ ନନ୍ଦ, ସାମାଜିକ କର୍ମୀ ସୌମେନ୍ଦ୍ର ସାହୁ, ସମାଜସେବୀ ମାନସ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ କମ୍ବୁପାଣି ମିଶ୍ର, ପ୍ରଦୀପ୍ତ ମିଶ୍ର, ଅମର ବାରିକଙ୍କୁ ଓୟୁଜେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳ ୭ଟାରୁ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓୟୁଜେର ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ, ଉପସଭାପତି ପରୀକ୍ଷିତ ବିଶ୍ୱାଳ, ସନ୍ତୋଷ ସିଂଦେଓ, ସମ୍ପାଦକ ଆଚାର୍ଯ୍ୟ ବିଶ୍ୱରଞ୍ଜନ, ଦେବ ପ୍ରକାଶ ଦାସ, ଋତୁରାଜ ସିଂ, ରୂପେଶ ସାହୁ, କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, ସଂଗଠନ ସମ୍ପାଦକ ଅଶୋକ ମହାକୁଡ଼, ରବୀନ୍ଦ୍ର ମହାକୁଡ଼, ସୁକାନ୍ତ ସାହୁଙ୍କ ସମେତ ରାଜ୍ୟର ସମସ୍ତ ୩୧ ଜିଲ୍ଲା ସହ ଭୁବନେଶ୍ୱରର ସାଂଗଠନିକ ସଭାପତି ଓ ସାଧାରଣ ସମ୍ପାଦକମାନେ ସେମାନଙ୍କ ସଂଘୀୟ ବିକାଶ ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାବେଶରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଅଧିକ ସାମ୍ବାଦିକ ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭଦିପ ମଲ୍ଲିକ, ଶାନ୍ତନୁ ପଣ୍ଡା, ଡ. ହରିହର ନାୟକ, ଅଜୟ ପଣ୍ଡା, ଅଭିଷେକ ପଟ୍ଟନାୟକ, ମହେଶ ପ୍ରସାଦ ମିଶ୍ର, ଜୟ ଜଗନ୍ନାଥ ମଲ୍ଲିକ, ବିଜୟ କୁଅଁର, ଶୁଭ୍ରକାନ୍ତ ରାଉତରାଏ, ବିଭୂତି ଗ୍ରହାଚାର୍ଯ୍ୟ, ସୀତାକାନ୍ତ ପାଢ଼ୀ, ପ୍ରମୋଦ ନାୟକ, ମହେଶ ମିଶ୍ର, ସରୋଜ ସେଠୀ, ସୁଧାକର ଦାସ, ଅସୀତ୍ ଓଝା, ସନ୍ତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ହ୍ରାସ ପାଉଛି ୩ ନମ୍ବର କେନାଲର ଜଳଧାରଣ କ୍ଷମତା



ବାରିକପୁର,୩।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୩ନଂ ହାଇଲେବୁଲ ମୁଖ୍ୟ କେନାଲର ଜଳଧାରଣ କ୍ଷମତା ଦିନକୁ ଦିନ ହ୍ରାସ ପାଉଥିବା ଜଣାପଡ଼ିଛି। ବୈତରଣୀ ନଦୀର ଆଖୁଆପଦାଠାରୁ ଏହି କେନାଲ ବାହାରିଥିବା ବେଳେ ଏହାର ଲମ୍ବ ପ୍ରାୟ ୨୦ କିମିରୁ ଅଧିକ ହେବ। ଏହି କେନାଲ ଅଧୀନରେ ୮ଟି ଶାଖା ଓ ଅନେକ ମାଇନର କେନାଲ ରହିଛି। ଯାହାକି ଭଣ୍ଡାରିପୋଖରୀ ସମେତ ବନ୍ତ, ଧାମନଗର, ଭଦ୍ରକ ପ୍ରମୁଖ ବ୍ଲକ୍‌ର ଚାଷଜମିକୁ ଜଳସେଚିତ କରୁଛି। ବ୍ରିଟିଶ୍ ଅମଳରୁ ଏହି ମୁଖ୍ୟ କେନାଲଟି ଖନନ ହୋଇଥିବାବେଳେ ଏଯାଏଁ ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ। ତେଣୁ ଧୀରେ ଧୀରେ କେନାଲ ଗର୍ଭ ପୋତି ହୋଇ ଯାଉଥିବା ଦେଖାଯାଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେନାଲର ଗୋଟିଏ ପାର୍ଶ୍ୱରେ ଅମରୀ ବଣ ସୃଷ୍ଟି ହେଉଥିବାବେଳେ ଅନ୍ୟାନ୍ୟ ଗୁଳ୍ମଲତା ମଧ୍ୟ ଆବୃତ୍ତ ହୋଇ ରହିଛି। ଅନେକ ସମୟରେ ପର୍ବତୀଠାରୁ ଆଖୁଆପଦା ଯାଏଁ ଅମରୀ ବଣ ସଫା ହୋଇଥିଲେ ସୁଦ୍ଧା ଅବସ୍ଥା କିନ୍ତୁ ସୁଧୁରିନାହିଁ। କେବଳ ଠିକାଦାର ତୋଷଣରେ ବିଭାଗ ଅର୍ଥ ବିନିଯୋଗ କରୁଥିବା ମନେ ହେଉଛି। କେନାଲର ସରପଦାଠାରୁ ବଣସାହି ଓ ନଗୁଆଁଠାରୁ ବେତଡ଼ା ଯାଏଁ ଅନେକ କଳମ ବଣ ଦେଖାଯାଉଛି। ଭିତର ଅଂଶ ଏକପ୍ରକାର ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବାବେଳେ କେନାଲର ଡାହାଣ ପାର୍ଶ୍ୱ ବନ୍ଧ ଗମନାଗମନ ପଥ ଓ ବାମ ପାର୍ଶ୍ୱଟି ଜରାଜୀର୍ଣ୍ଣ ପାଲଟିଛି। ପୁରୁଣା ବୃହତ୍ ଜଳ ଯୋଗାଣ ପଥଟିକୁ ପୁନରୁଦ୍ଧାର ପାଇଁ ଦାବି କରାଯାଉଥିଲେ ସୁଦ୍ଧା ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଯେଉଁଥିପାଇଁ ସୁଦୀର୍ଘ କେନାଲଟିର ଜଳ ଯୋଗାଣ କ୍ଷମତା ଦିନକୁ ଦିନ କମିଯାଉଛି। ଫଳରେ ଚାଷୀମାନେ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର କ୍ଷେତକୁ ପାଣି ପାଉନାହାନ୍ତି। ଯାହାକୁ ନେଇ ବିଭିନ୍ନ ସମୟରେ କୃଷକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସକାଳ
THE SAKALA



# ଟ୍ରକ ଧକ୍କାରେ ନାବାଳିକା ମୃତ

ସୋରୋ, ୩।୬ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଡ଼ଣା ପଡିଆ ନିକଟରେ ରାସ୍ତା କାମ ଚାଲିଥିବା ବେଳେ ଏକ ଟ୍ରକ ଚଢିଯିବାରୁ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଏହି ଗ୍ରାମର ସ୍ୱିଟି ଭକ୍ତା (୧୨) ଓ ତାଙ୍କ ଭଉଣୀ ମିଲି ଭକ୍ତା (୧୨) ଏକାଦଶାହ ଭୋଜି ଖାଇବାକୁ ଯାଉଥିଲେ। ଏହି ସମୟରେ ରାସ୍ତା କାମରେ ନିୟୋଜିତ ଥିବା ଟ୍ରକଟି ପଛକୁ ଯାଉଥିବା ବେଳେ ଅସାବଧାନତାବଶତଃ ସ୍ୱିଟି ଭକ୍ତାଙ୍କ ଉପରେ ଚଢିଯାଇଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ଠିକାଦାର ସୁଶାନ୍ତ ପଣ୍ଡା ତାଙ୍କୁ ଉଦ୍ଧାର କରି ନିଜ କାରରେ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତରଙ୍କ ମୃତ ଘୋଷଣା କରିଥିଲେ। ମାତ୍ର ଠିକାଦାର ସୁଶାନ୍ତ ନାବାଳିକାଙ୍କ ଶବକୁ ତାଙ୍କ ଗ୍ରାମକୁ ନେଇ ଯାଉଥିଲେ। କିନ୍ତୁ ପରିବାର ଲୋକେ ଖବର ପାଇ ଡାକ୍ତରଖାନାରେ ପହଁଚି ଶବ ନ ପାଇ ସୋର ଥାନାରେ ଜଣାଇଥିଲେ। ଖବର ପାଇ ପୁଲିସ ସୁଶାନ୍ତଙ୍କୁ ଯୋଗାଯୋଗ କରିବା ପରେ ନାବାଳିକାଙ୍କ ଶବକୁ ନେଇ ଡାକ୍ତରଖାନାକୁ ଆସିଥିଲେ। ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଟିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ବାଲେଶ୍ୱରରେ ବିଶ୍ୱ ସାଇକଲ ଦିବସ ପାଳିତ



ବାଲେଶ୍ୱର, ୩।୬ (ସମିସ): ଆଜି ବିଶ୍ୱ ସାଇକେଲ ଦିବସ ଅବସରରେ ବାଲେଶ୍ୱର ସହରରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୱେଲନେସ୍ ଅନ୍ ହୁଇଲ୍ସ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ଅନେକ ଯୁବକ, ବୃଦ୍ଧ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜକ ତଥା ୱାଓ କ୍ଲବର ପ୍ରତିଷ୍ଠାତା ସଦସ୍ୟ ସଲିମ୍ ରଜା କହିଛନ୍ତି ଯେ, ୨୦୧୭ ମସିହାରୁ ସେମାନେ ନିୟମିତ ଭାବେ ସାଇକେଲ ଚାଳନା କରିଆସୁଛନ୍ତି ଏବଂ ବର୍ତ୍ତମାନ ସେମାନଙ୍କ କ୍ଲବରେ ୧୦୦ରୁ ଅଧିକ ସଦସ୍ୟ ପ୍ରତି ରବିବାର ସାଇକେଲିଂ କରୁଛନ୍ତି। ଆଜିର ଏହି ବିଶେଷ ଦିବସରେ ସେ ସମସ୍ତଙ୍କୁ ବାର୍ତ୍ତା ଦେଇ କହିଛନ୍ତି ଯେ, ନିୟମିତ ସାଇକେଲ ଚଳାଇବା ଦ୍ୱାରା ହୃଦଘାତ ଜନିତ ସମସ୍ୟା ଦୂର ହେବା ସହ ଫୁସଫୁସ ସୁସ୍ଥ ରହେ, ଶରୀରରେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହାସହିତ ବର୍ତ୍ତମାନ ସମୟରେ ବଢୁଥିବା ତେଲ ଦରକୁ ଦୃଷ୍ଟିରେ ରଖି ଏବଂ ପରିବେଶ ପ୍ରଦୂଷଣ କମାଇବା ପାଇଁ ଅଯଥାରେ ଗାଡ଼ି ମୋଟର ବ୍ୟବହାର ନ କରି ଅଳ୍ପ ଦୂରତା ଯାତ୍ରା ପାଇଁ ସାଇକେଲର ବ୍ୟବହାର କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଖଣି ବିଭାଗର ଚଢ଼ଉ

ବାଲେଶ୍ୱର, ୩।୬(ସମିସ): ବେଆଇନ ବାଲି ଉତ୍ତୋଳନ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ମଙ୍ଗଳବାର ବିଳମ୍ବିତ ରାତିରେ ବାଲିଗାଡ଼ି ଠାରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ଖଣି ଅଧିକାରୀ ଜଗନ ବେହେରା ଓ ରୋହିତ କୁମାର ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ଆଇଆଇସି ଏବଂ ଏଠାର ଫୋର୍ସର ସହଯୋଗରେ ବେଆଇନ ବାଲି ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଦୁଇଟି ଏକ୍ସକାଭେଟରକୁ ଜବତ କରାଯାଇଥିଲା। ଚଢ଼ଉ ସମୟରେ ଉକ୍ତ ଯନ୍ତ୍ରପାତି ବାଲି ଉତ୍ତୋଳନ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଜଣାପଡ଼ିଥିଲା। ଜବତ ହୋଇଥିବା ଦୁଇଟି ଏକ୍ସକାଭେଟରକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଳେଶ୍ୱର କୋର୍ଟ ଷ୍ଟକ୍ୟାର୍ଡରେ ଅଟକ ରଖାଯାଇଛି। ବେଆଇନ ବାଲି ଉତ୍ତୋଳନ ଫଳରେ ପରିବେଶ ଏବଂ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବାରୁ ଏଭଳି କାର୍ଯ୍ୟକଳାପ ବିରୋଧରେ ଖଣି ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ କଠୋର ଚଢ଼ାଉ ଜାରି ରହିବ।

# ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ଜଳେଶ୍ୱର, ୩।୬ (ସମିସ): କାଳବୈଶାଖୀ ବର୍ଷା ସାଙ୍ଗକୁ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ୨ଜଣ ଗୁରୁତର ଅନ୍ତର। ସୂଚନାନୁଯାୟୀ ଗତ କାଲି ଅପରାହ୍ନରେ ଜଳେଶ୍ୱର ବ୍ଲକ ରାଜବଣିଆ ଥାନା ଓଲମରା ପଂଚାୟତର ବିଳାସପୁର ସ୍ଥିତ ସବରଘାଟ ନଦୀକୂଳ ନିକଟରେ ୫ଜଣ ଯୁବକ ଯାଉଥିବା ବେଳେ ହଠାତ୍ କାଳବୈଶାଖୀ ଝଡ ସାଙ୍ଗକୁ ବର୍ଷା ମାଡି ଆସିଥିଲା। ଫଳରେ ବର୍ଷାରୁ ରକ୍ଷା ପାଇବା ପାଇଁ ନିକଟରେ ଥିବା ଏକ ଚାଳିଆରେ ଆଶ୍ରୟ ନେଇଥିଲେ। ଦୁର୍ଭାଗ୍ୟବଶତଃ ଉକ୍ତ ଚାଳିଆ ଉପରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଦୁଇଜଣ ଗୁରୁତର ଓ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଖବରପାଇ ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସପିଟାଲକୁ ନେଇଯାଇଥିଲେ। ସେଠାରେ ଜଣେ ମୃତ୍ୟୁବରଣ କରିଥିବା ଡାକ୍ତର ଘୋଷଣା କରିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ବାଲେଶ୍ୱର ଫକୀର ମୋହନ ମେଡିକାଲକୁ ନିଆଯାଇଥିଲା। ମୃତ ବ୍ୟକ୍ତି ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଅଞ୍ଚଳର ହୋଇଥିବା ବେଳେ ଗୁରୁତର ମଧ୍ୟରେ ଜଣେ ଓଲମରା ପଞ୍ଚାୟତ ରାଜନଗର ଗ୍ରାମର ଅଭିଜିତ ମଣ୍ଡଳ(୩୫), ଅନ୍ୟ ଜଣେ ପଶ୍ଚିମବଙ୍ଗ ରାଜ୍ୟ ଦାନ୍ତୁନ ଥାନା ବେଲମୂଳା ଗ୍ରାମର ଜଗୁ(୩୦) ବୋଲି ଜଣାପଡିଛି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସିମୁଳିଆ, ୩।୬ (ସମିସ): ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରିଲା ବାଟରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତରକୁ ସିମୁଳିଆ ପରେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ଚାରିଜଣ ସାଙ୍ଗ ଦୁଇଟି ବାଇକରେ ପୁରୀ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରିବା ସମୟରେ ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ସମୁଦ୍ର ଢାବା ନିକଟରେ ଏକ ଅଜଣା ଗାଡି ସହ ଧକ୍କା ହୋଇଥିଲା। ଫଳରେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁଇ ଗୁରୁତରଙ୍କୁ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ମାତ୍ର କାର୍ଯ୍ୟରତ ଡାକ୍ତର ବାଇକ ଚାଳକ ସ୍ନେହାଶିଷ ପରିଡା (୧୯)କୁ ମୃତ ଘୋଷଣା କରିଥିଲେ। ସୂର୍ଯ୍ୟନାରାୟଣ ପୃଷ୍ଟି ଗୋଡ଼, ହାତ ଭାଙ୍ଗିଯାଇ ଗୁରୁତରକୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ବାଲେଶ୍ୱର ସଦର ବିଜେଡିର ବିଶାଳ 'ନାରୀ ଅଧିକାର ଅଭିଯାନ'






ବାଲେଶ୍ୱର, ୩।୬ (ସମିସ)

ସଦର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଆଜି ବିଶାଳ "ନାରୀ ଅଧିକାର ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ସଦରର ସମସ୍ତ ନେତୃବୃନ୍ଦଙ୍କ ପ୍ରତିନିଧିତ୍ୱରେ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବିଜେପି କରୁଥିବା ପ୍ରହସନ ବିରୁଦ୍ଧରେ ଏହି ଅଭିଯାନ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ହଜାର ହଜାର ମହିଳା ବିଶାଳ ଶୋଭାଯାତ୍ରାରେ ମିଶନ ପଡ଼ିଆରୁ ବାହାରି ଫାଣ୍ଡି ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପିନ୍ଧାଇବା ପରେ ଗାନ୍ଧୀ ସ୍ମୃତି ଭବନ ଠାରେ ପହଞ୍ଚିଥିଲେ। ସମସ୍ତେ ପ୍ଲାକାର୍ଡ ଓ ଦଳୀୟ ପତାକା ଧରିବା ସହ ବିଜେପିର ମିଛ ପ୍ରଚାର ବିରୁଦ୍ଧରେ ନାରାବାଜି କରିଥିଲେ। ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ମୁକ୍ତ ମଞ୍ଚରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି "ନାରୀ ଅଧିକାର ଅଭିଯାନ' ସଭାରେ ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ମଞ୍ଚ ଆହ୍ୱାନ କରିଥିଲେ। ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଛାତ୍ର ବିଜେଡିର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାସ ଓ ଉର୍ମିଳତା ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ପୂର୍ବତନ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ସୋନାଲି ବିଶ୍ୱାଳ ଓ ଅଭିମନ୍ୟୁ ଦିନ୍ଦା, ରେମୁଣା ବିଧାୟିକା ପ୍ରାର୍ଥୀନୀ ବିଦ୍ୟାସ୍ମିତା ମହାଲିକ, ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, କାଉନସିଲର ମୀନା ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ବିଜେପିର ମିଥ୍ୟା ପ୍ରହେଳିକା ବିରୁଦ୍ଧରେ ପ୍ରବଳ ବର୍ଷିଥିଲେ। ଗୋଟିଏ ପଟେ ନାରୀ ସଶକ୍ତିକରଣର ନାରା ଦେଉଥିବା ବେଳେ ଅପରପକ୍ଷେ ନାରୀ ନିର୍ଯାତନା ରୋକିବାରେ ଅପାରଗ ବିଜେପି ସରକାର ଅସଫଳ ହୋଇଥିବା ପ୍ରକାଶ କରିଥିଲେ। ସେହିପରି ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, କାଉନସିଲରଙ୍କ ମଧ୍ୟରେ ମିତା ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି, ସବିତା ଦାସ, କବିତା ମୁର୍ମୁ, ମୀରାଜ ବାନୋ, ସୋନିଆ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ଟାଉନ ବିଜେଡିର ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ସେକ ଅନସର ଅଲ୍ଲୀ, ବିଶ୍ୱଜିତ ମହାପାତ୍ର, ସାକିର ଖାଁ, ସେକ ଆୟୁବ, କାର୍ତ୍ତିକ ସାହୁ, ରମେଶ ମାଝୀ, ନଳିନୀ ରଞ୍ଜନ ଦାସ, ଅତୁଲ ଶତପଥୀ, ଜଗନ୍ନାଥ ମହାରଣା, ସେକ ରାଜୁ, ରୀତିକ ଜୀ, ସେକ ଅସଲାମ, ସେକ ଆଲାମ, ଶକ୍ତିକାନ୍ତ ଜେନା, ଯୁବ ନେତା ଉମାଶଙ୍କର ତିଆଡ଼ି, ଛାତ୍ର ନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ। ସଦର ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ନେତୃତ୍ୱ ଏବଂ ବିଜୁ ଜନତା, ମହିଳା, ଯୁବ ଓ ଛାତ୍ରର ଶତାଧିକ ନେତୃତ୍ୱ ଓ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟାଉନ ବିଜେଡି ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ପରେ ନେତୃତ୍ୱମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

## ମୟୂରଭଞ୍ଜରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି

# ଡିଆଇଜିଙ୍କୁ ସ୍ମାରକପତ୍ର ଦେଲା ମୟୂରଭଞ୍ଜ ବିଜେଡି ପ୍ରତିନିଧି ଦଳ




ବାଲେଶ୍ୱର, ୩।୬ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନଙ୍କ ବିରୋଧରେ ନାବାଳିକା ନିର୍ଯାତନା ମାମଲାକୁ ଚାପିଦେବା ଭଳି ସଙ୍ଗୀନ ଅଭିଯୋଗ ଆସିବା ପରେ ଏହାକୁ ନେଇ ରାଜନୀତି ଗରମ ହେବାରେ ଲାଗିଛି। ଏହାର ପ୍ରତିବାଦରେ ମୟୂରଭଞ୍ଜ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ବିଜେଡିର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଆଜି ବାଲେଶ୍ୱରସ୍ଥିତ ପୂର୍ବାଞ୍ଚଳ ଡିଆଇଜିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ବଢୁଥିବା ଅପରାଧ, ବାଲି ମାଫିଆ ଓ ଜମି ମାଫିଆଙ୍କ ଦୌରାତ୍ମ୍ୟ ଏବଂ ଏଥିରେ ପୋଲିସର କଥିତ ସମ୍ପୃକ୍ତିକୁ ନେଇ ଦଳ ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ଅଭିଯୋଗ ଅନୁସାରେ, ମୋରଡ଼ା ଥାନା ଅଧିକାରୀ ଜଣେ ନାବାଳିକା ଉପରେ ହୋଇଥିବା ନିର୍ଯାତନା ମାମଲାର ଏଫ୍ଆଇଆର୍ ନ ରଖି ତାକୁ ଚାପିଦେବାକୁ ଚେଷ୍ଟା କରିଥିଲେ। ଏପରିକି ପୀଡ଼ିତାଙ୍କୁ ଏକାକୀ ଡାକି ଜେଲ୍ ପଠାଇଦେବାର ଧମକ ମଧ୍ୟ ଦେଇଥିଲେ। ଯେଉଁଥିପାଇଁ ପୀଡ଼ିତା ଜଣକ ଥାନାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘେରାଉ କରାଯିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲେ ହେଁ, ଦୋଷୀ ଆଇଆଇସିଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ମୋରଡ଼ା ଆଇଆଇସି ସୁମିତ ସୋରେନ ରାଜନୈତିକ ସଂରକ୍ଷଣ ପାଇ ଅପରାଧୀମାନଙ୍କୁ ସୁରକ୍ଷା ଦେଉଥିବା ଏବଂ ବାଲି ଓ ଜମି ମାଫିଆଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ନେଇ ସ୍ମାରକପତ୍ରରେ ସଙ୍ଗୀନ ଅଭିଯୋଗ ଅଣାଯାଇଛି। ପୂର୍ବରୁ ଏ ନେଇ ମୟୂରଭଞ୍ଜ ଏସ୍‌ପିଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସରେନ,ଗଣେଶ୍ୱର ପାତ୍ର, ରାଜ୍ୟ ବିଜେଡି ମିଡ଼ିଆ ସଂଯୋଜକ ପ୍ରିୟବ୍ରତ ମାଝି, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ପୂର୍ବତନ ଛାତ୍ର ସଭାପତି ସୁନୀଲ ନାୟକ, ଛାତ୍ର ରାଜ୍ୟ ସାଧାରଣ ସମ୍ପାଦକ ଜିତ ପଟ୍ଟନାୟକ, ବିଜେଡି ନେତ୍ରୀ ପ୍ରୀତିନନ୍ଦା କାନୁନଗୋ, ବାରିପଦା ମ୍ୟୁନିସିପାଲିଟି ଅଧ୍ୟକ୍ଷ ବାଦଲ ମହାନ୍ତି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଗଡ଼ିଲା ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରଥ




ବାଲେଶ୍ୱର, ୩।୬ (ସମିସ): ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବ୍ୟାପକ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ଆଜି ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ ରଥର ଶୁଭାରମ୍ଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିଥିମାନେ ପତାକା ପ୍ରଦର୍ଶନ କରି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ରହିଥିଲେ।

# ଜଳେଶ୍ୱରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଶୋଭାଯାତ୍ରା



ଜଳେଶ୍ୱର, ୩।୬ (ସମିସ): ଦେଶର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆଜି ଏକ ସଚେତନତା ଶୋଭାଯାତ୍ରା ଜଳେଶ୍ୱର ଷ୍ଟେସନ ଛକ ନିକଟରୁ ବାହାରି ନୂଆ ବଜାର ପର୍ଯ୍ୟନ୍ତ ଆସିଥିଲା। ଏହି ଶୋଭାଯାତ୍ରାକୁ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରମୋଦ କୁମାର ନାୟକ ଶୁଭାରମ୍ଭ କରିଥିବା ବେଳେ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ପ୍ରମୁଖଙ୍କ ସହିତ ବିଭିନ୍ନ ଅଂଚଳରେ କାର୍ଯ୍ୟ କରୁଥିବା ବିଏଲଓ, ବିଭିନ୍ନ ସ୍ୱୟଂ ସହାୟକ ସଂଗଠନର ମହିଳା, ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ଯୁବକମାନେ ଯୋଗ ଦେଇ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା, ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ବ୍ୟକ୍ତି ଓ ଫେକ ଭୋଟରଙ୍କ ନାମକୁ ଚିହ୍ନଟ କରି ଭୋଟର ତାଲିକାରୁ ବାଦ ଦେଇ ଏକ ସମ୍ପୂର୍ଣ୍ଣ, ସଠିକ ଓ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତ କରିବା ବୋଲି ଉପ ଜିଲ୍ଲାପାଳ ସୂଚନା ଦେଇଥିଲେ।

# ନରହରିପୁର ସେବା ସମବାୟ ସମିତିର ରବି ଧାନମଣ୍ଡି ଉଦ୍‌ଘାଟିତ



ରେମୁଣା, ୩।୬ (ସମିସ): ଆଜି ନରହରିପୁର ସେବା ସମବାୟ ସମିତିରେ ରବି ଧାନ କିଣା ପାଇଁ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଉଦଘାଟନ ସମାବେଶରେ ଆର. ଆଇ ମୋହଦୟଙ୍କ ଇପ୍ସିତା ବେହେରା ଏବଂ ୮ ନମ୍ବର ୱାର୍ଡର କାଉନସିଲର ସମ୍ମାନନୀୟ ଅତିଥି କୁନ୍ତଳା ତରେଇ ଏବଂ ସମବାୟ ସମିତିର ସଭାପତି ଅନିରୁଦ୍ଧ ଲେଙ୍କା, ସେକ୍ରେଟେରୀ ଚନ୍ଦନ ଶିବରାମ କୃଷ୍ଣ ପଣ୍ଡା, ସଭ୍ୟ ଦୁଷ୍ମନ୍ତ ଦାସ ବୁଦ୍ଧିରାମ ମଲ୍ଲିକ, ହରିଶ୍ଚନ୍ଦ୍ର ବେହେରା ଏବଂ ୧୦୦ରୁ ୧୨୦ଚାଷୀ ବନ୍ଧୁ ମାନେ ଉପସ୍ଥିତ ରହି ଉକ୍ତ ସମାବେଶକୁ ସୁଚାରୁରୂପରେ ଆଗେଇ ନେଇଥିଲେ। ଏହି ବର୍ଷ ରବି ଧାନ ପାଇଁ ୧୧୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମୁଦାୟ ଧାନର ପରିମାଣ ୩୮୩୭.୦୮ କୁଇଣ୍ଟାଲ ଥିବା ବେଳେ ଯଶୋଦା ମିଲକୁ ୫୦୦ କୁଇଣ୍ଟାଲ ଏବଂ ଏସ. ଏନ. ଏମ. ମିଲକୁ ୫୦୦ କୁଇଣ୍ଟାଲ ଧାନ ନେବା ପାଇଁ ଟାର୍ଗେଟ ଦିଆଯାଇଛି। ଆଜି ମଣ୍ଡି ଉଦଘାଟନର ପ୍ରଥମ ଦିନରେ ଏସ. ଏନ. ଏମ. ମିଲ କିଣୁଛି ଏଥିରେ ମୋଟ ୧୧ ଜଣ ଚାଷୀ ମୋଟ ଧାନ ୨୪୨. ୦୦ କୁଇଣ୍ଟାଲ ନେଇ ଆସିଛନ୍ତି। ସର୍ବ ଉପସଭାପତି ଛବିରାଣୀ ବେହେରା ସମସ୍ତ ଅତିଥି ଏବଂ ଚାଷୀ ଭାଇ, ଭଉଣୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

-: ଆବିର୍ଭାବ :-
୦୩.୦୪.୧୯୫୭

-: ତିରୋଧାନ :-
୦୪.୦୬.୨୦୨୫



୰ ଦୁର୍ଗାଚରଣ ଦଳେଇ
ପୂର୍ବତନ ପୌର ଉପାଧ୍ୟକ୍ଷ

ହଠାତ୍ ଆମ ସମସ୍ତଙ୍କୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମରଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶୋକସନ୍ତପ୍ତ : ପତ୍ନୀ - ପ୍ରତିଭା ବେହେରା, ପୁତ୍ର- ରାଜା, ବିଜୁ, ବୋହୂ- ଅନୁ ଓ ନୂପୁର, ନାତି-ତିରୁଣ, ଶାଳୀ-ସ୍ୱର୍ଣ୍ଣପ୍ରଭା, ରେତପ୍ରଭା, ଶଳା- ନାରାୟଣ ବେହେରା, ଶଳାଭାଉଜ-ହେମଲତା, ଭାଣିଜୀ-ଲିସା, ଅଞ୍ଜୁ, ସୋନାଲି, ରୂପାଲି,ଭାଇ- ଅନିଲ, ସୁନିଲ, ଶଳୁ- ବାପି, ଅମୂଲ୍ୟ, ପୁତୁରା- ହୃଦା, ଗୁଡୁ, ଲୁଲୁ, ଆଦିତ୍ୟ, ଦଳେଇ ପରିବାର ଓ ବନ୍ଧୁବର୍ଗ

# ରେମୁଣା ସରପଞ୍ଚ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ରେମୁଣା, ୩।୬ (ସମିସ): ଆଜି ରେମୁଣା ସରପଞ୍ଚ ସଂଘ ତରଫରୁ ରେମୁଣା ପଞ୍ଚାୟତ ସମିତି ଅନ୍ତର୍ଗତ କରଞ୍ଜିଆ ଗ୍ରାମପଞ୍ଚାୟତର ସରପଞ୍ଚ ସ୍ୱର୍ଗତ ମୁକୁନ୍ଦ ଭାରତିଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରେମୁଣା ବ୍ଲକ୍ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାର୍ଥକ ସୌରଭ




ମହାପାତ୍ର,ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ମବଗ୍ରୁଷସରକ୍ଷ, ବଡ଼ବାବୁ ଙ୍କ ସମେତ ସମସ୍ତ ବ୍ଲକ୍ କର୍ମଚାରୀ, କନିଷ୍ଠ ଯନ୍ତ୍ରୀ, ସରପଞ୍ଚ ମାନଙ୍କ ମଧ୍ୟରେ ବିଦ୍ୟାସ୍ମିତା ମହାଲିକ, ପ୍ରଣତୀ ଜେନା, ମମତା ପରିଡ଼ା, ରଞ୍ଜିତା ସାହୁ, ମଞ୍ଜୁଶ୍ରୀ ଦାସ, କେଦାର ସାହୁ, କମଳ ଲୋଚନ ପଣ୍ଡା,ଗୀତାଞ୍ଜଳୀ ଦାଶ ଏବଂ ଅନ୍ୟ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଉପସ୍ଥିତ ରହି ସ୍ୱର୍ଗତ ଭାରତୀ ବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେବା ସହ କ୍ୟାଣ୍ଡଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରଦ୍ଧାଞ୍ଜଳି ସଭାକୁ ବଡ଼ପାଳ ସରପଞ୍ଚ ଙ୍ଗ ଶ୍ରୀ କମଳ ଲୋଚନ ପଣ୍ଡା ପରିଚାଳନା କରିଥିବାବେଳେ ଦହପଡ଼ା ସରପଞ୍ଚ ପ୍ରଣତୀ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଜେପିର ମିଶ୍ରଣ ପର୍ବ

ନୀଳଗିରି, ୩।୬ (ସମିସ): ନୀଳଗିରି ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ବିଧାୟକ ପ୍ରତିନିଧି କୃତିବାସ ବେହେରା, ୧୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ, ଗାରଡ଼ି ପଞ୍ଚାୟତ ସଭାପତି ପ୍ରବୀଣ ସାମଲ, ସରପଞ୍ଚ ଶ୍ରୀ ଶିବାଜୀ ସିଂ ଏବଂ ସମିତି ସଭ୍ୟା ପ୍ରତିନିଧି ଶ୍ରୀ ହାଡ଼ି ବନ୍ଧୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଯୋଗୁଁ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ଶକ୍ତିଶାଳୀ ହେଲା ବୋଲି ବିଧାୟକ ଶ୍ରୀ ଖଟୁଆ ମତବ୍ୟକ୍ତ କରିଛନ୍ତି।

Admission Open !
PRINCE
COLLEGE & SCHOOL
The No.1 Residential Institutions in North Odisha
କ୍ରମାଗତ ଭାବେ +୨ ବିଜ୍ଞାନ ରେ ଜିଲ୍ଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୫ ମଧ୍ୟରେ
+2 SCIENCE | +2 ARTS | NEET/JEE | VI TO X



2023 — 568 (94.8%) RUDRA NARAYAN BHOI — STATE RANK - 2
2024 — 572 (95.3%) ABHISHEK DHADA — STATE RANK - 2
2025 — 574 (96%) SAGRAM MARNDI — STATE RANK - 1 (ST CATEGORY)

ପାଠ ପଢାରେ ରେଜଲ୍ଟ ରେ.. No.1

ଏହି ଶିକ୍ଷାନୁଷ୍ଠାନ ଅଭିଜ୍ଞ ତଥା ଦକ୍ଷ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦ୍ୱାରା ଅତି ଉଚ୍ଚ ମାନର ପାଠପଢା ସାଙ୍ଗକୁ ସୁଷମ ମାନର ଖାଦ୍ୟ, ଉନ୍ନତ ଧରଣର ହଷ୍ଟେଲ, 24x7 Hours ପିଲାଙ୍କୁ Proper Guidence ପ୍ରଦାନ କରି ବର୍ଷ ବର୍ଷ ଧରି ଓଡିଶାରେ +2 SCIENCE, ARTS, NEET/JEE ଏବଂ 10th Class Exam ରେ ଅପୂର୍ବ ସଫଳତା ହାସଲ କରିଆସୁଅଛି। ତେଣୁ ଯେଉଁ ଛାତ୍ର/ଛାତ୍ରୀ ଏହି ଶିକ୍ଷାନୁଷ୍ଠାନ ରେ ADMISSION ହେବାପାଇଁ ଇଚ୍ଛୁକ, ସେମାନଙ୍କର ଅଭିଭାବକ ମାନଙ୍କୁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବା ପାଇଁ ବିଶେଷ ଅନୁରୋଧ।

OUR 2025 BOARD RESULT
90% Above - 33
500 Above - 86
80% Above - 130+
1st Class - 100%

OUR 2025 ENTRANCE RESULT
NEET- 6 Students Qualified
NISER- 1 Student Qualified
JEE MAIN- 3 Students Qualified
OUAT- 6 Students Qualified
NCET- 15 Students Qualified
INT. B.Ed.- 16 Students Qualified

BARIPADA
8895102045, 9937701648, 7978176350

BALASORE
8763403768, 9337687655,9937701648

# କଟକ ସିଟି





## ବାରଙ୍ଗ ପୀଡ଼ିତ ଯୁବକଙ୍କୁ ଭେଟିଲେ ବିଧାୟିକା ସୋଫିଆ

କଟକ,୩।୬(ସମିସ): ବାରଙ୍ଗ ଥାନା ପୁଲିସ ମାଡ଼ରେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନା (ଏସସିବି)ର କାର୍ଡିଓ ଥୋରାସିକ୍ ଆଇସିୟୁରେ ଚିକିତ୍ସାଧୀନ ଯୁବକ ରାକେଶ ବେହେରାଙ୍କୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଆଜି ଭେଟିଛନ୍ତି। ବିଧାୟିକା ମେଡିକାଲରେ ପହଞ୍ଚି ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ସମ୍ପୃକ୍ତ ଡାକ୍ତରମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପୁଲିସର ବର୍ବରୋଚିତ ଆକ୍ରମଣ ଯୋଗୁଁ




ଯୁବକ ଜଣକ ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଥିବାରୁ ବିଧାୟିକା ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୀଡ଼ିତଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଏବଂ ସମସ୍ତ ଚିକିତ୍ସା ଖର୍ଚ୍ଚ ଯୋଗାଇଦେବାକୁ ଦାବି କରିଛନ୍ତି। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ମଧ୍ୟ ପୀଡ଼ିତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବରିଷ୍ଠ ନେତା କେଦାର ପୃଷ୍ଟି, ଅଜିତ ବେହେରା, ସଞ୍ଜୟ ସେଠିଆ, ସୁରଜିତ ସାହୁ, ଅବଦୁଲ ନାସିମ, ଦେବେନ୍ଦ୍ର ପ୍ରସାଦ ଶେଠୀ, ସିଲା ସାହା, ମନୋରମା ପଣ୍ଡା, ରାଜଶ୍ରୀ ରାୟ, ଅନିତା ବେହେରା ଏବଂ ସେକ ବାବଜାଣି ପ୍ରମୁଖ ବିଧାୟିକାଙ୍କ ସହ ହସ୍ପିଟାଲରେ ଉପସ୍ଥିତ ଥିଲେ।

## ସଙ୍ଗୀତା ଗୋସାଇଁ ପାଇବେ 'ନିଦାଘ ସମ୍ମାନ ୨୦୨୬'

କଟକ,୩।୬(ସମିସ): ସାଂସ୍କୃତିକ ଅନୁଷ୍ଠାନ 'ନାଦ ନିନାଦ' କଟକ ଆନୁକୂଲ୍ୟରେ ଆସନ୍ତା ଜୁନ୍ ୬ ଏବଂ ୭ ତାରିଖରେ କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟଠାରେ ଦୁଇଦିନିଆ 'ଗ୍ରୀଷ୍ମୋତ୍ସବ ୨୦୨୬' ଆୟୋଜିତ ହେବାକୁ ଯାଉଛି। ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ବିଦୂଷୀ ଡକ୍ଟର ସଙ୍ଗୀତା ଗୋସାଇଁଙ୍କୁ ଚଳିତ ବର୍ଷର ସମ୍ମାନଜନକ 'ନିଦାଘ ସମ୍ମାନ ୨୦୨୬' ପ୍ରଦାନ କରାଯିବା ନେଇ ସ୍ଥିର ହୋଇଛି। ଆଜି ମର୍କତ ନଗର ସେକ୍ଟର-୭ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏହି ଦ୍ୱିଦିବସୀୟ ସାଂସ୍କୃତିକ ମହୋତ୍ସବରେ ଭାରତର ବିଶିଷ୍ଟ କଣ୍ଠଶିଳ୍ପୀ ଓ



ବଂଶୀବାଦକମାନଙ୍କ ଦ୍ୱାରା ସଙ୍ଗୀତ ଗାନ ସହ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ସଭାପତି ଗୁରୁଶ୍ରୀ ଏ. ମହେଶ୍ୱର ରାଓଙ୍କ ସମେତ କର୍ମକର୍ତ୍ତା ବିଜୟ ସ୍ୱାଇଁ, ଅଜୟ ବାରିକ, ନମ୍ରତା ମହାନ୍ତି, ଏ. ନାରାୟଣ ରାଓ, ଏ. ମନ୍ଦାକିନୀ ସ୍ୱାଇଁ, ବିଶ୍ୱନାଥ ମିଶ୍ର ଏବଂ ପ୍ରସନଜିତ୍ ପରିଡ଼ା ଉପସ୍ଥିତ ଥିଲେ। ଜିତେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଗ୍ରୀଷ୍ମକାଳୀନ ସ୍କୁଲ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




କଟକ,୩।୬(ସମିସ): କଟକ ସ୍କୁଲ ହକି କ୍ଲବ ଏବଂ କଟକ ହକି ରିଭାଇଭାଲ୍ ଇନିସିଏଟିଭ୍‌ର ମିଳିତ ଆନୁକୂଲ୍ୟରେ ମିଶନ ରୋଡ୍ ସ୍ଥିତ ଷ୍ଟିୱାର୍ଟ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ ସ୍କୁଲ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ କଟକର ୧୧ଟି ବିଦ୍ୟାଳୟର ପ୍ରାୟ ୭୦ ଜଣ ବାଳକ ଓ ବାଳିକା ଖେଳାଳି ଯୋଗଦେଇଥିଲେ। ଜାତୀୟସ୍ତରର ପୁରାତନ ହକି ଖେଳାଳି ତଥା ପ୍ରଶିକ୍ଷକ ଶେଖ ମୋମିନ, ବେନେଡିକ୍ଟ କୁଲୁ ଏବଂ ଶେଖ ଫହିମ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଖେଳାଳିଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଷ୍ଟିୱାର୍ଟ ସ୍କୁଲର କ୍ରୀଡ଼ା ସଂଯୋଜକ ଶୁଭାଶିଷ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ଦାତନସାହିବ ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସଭାପତି ସର୍ଦ୍ଦାର ଗୁରୁଦେବ ସିଂ, କଟକ ଡାୟୋସେସର ସମ୍ପାଦକ ସମରେନ୍ଦ୍ର ପ୍ରମାଣିକ, ଆଡଭୋକେଟ ବିଭୁଦତ୍ତ ଦାସ, ରେଭେରେଣ୍ଡ ଏଫ.ସି. ନର୍ଥ, ଡକ୍ଟର ରଶ୍ମିରେଖା ସେନାପତି, ନ୍ୟୁ ଷ୍ଟିୱାର୍ଟ ସ୍କୁଲ ସମ୍ପାଦକ ବିକ୍ରମ ଏନ. ଆଡମ୍ସ ଏବଂ ଷ୍ଟିୱାର୍ଟ ସ୍କୁଲ ଅଧ୍ୟକ୍ଷା ଡି. ମାର୍ଟିନା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହକି ରିଭାଇଭାଲ୍ ଇନିସିଏଟିଭ୍‌ର ପ୍ରତିଷ୍ଠାତା ସଦସ୍ୟ ବିଶ୍ୱରଞ୍ଜନ ସାସମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଭେରେଣ୍ଡ ଏଫ.ସି. ନର୍ଥ ଧନ୍ୟବାଦ ଦେଇଥିଲେ।

➤ ଅଟଳ ବସ୍‌ଷ୍ଟାଣ୍ଡ ଟେଣ୍ଡର ପ୍ରକ୍ରିୟାକୁ ଚାଲେଞ୍ଜ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୩।୬(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁରଠାରେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ସଂପର୍କିତ ଟେଣ୍ଡର ପ୍ରକ୍ରିୟାକୁ ଚାଲେଞ୍ଜ କରି ଦାୟର ହୋଇଥିବା ମାମଲାରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାର ଏବଂ ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାର ଚୂଡ଼ାନ୍ତ ରାୟ ଉପରେ ଟେଣ୍ଡର ନିଷ୍ପତ୍ତିର ପଦକ୍ଷେପ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥା 'ମେସର୍ସ ମୋହନ ପୋଦାର'ର ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପଦ୍ମପୁରଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୁଲିସ ହାଉସିଂ କର୍ପୋରେସନ ପକ୍ଷରୁ ଗତ ମାର୍ଚ୍ଚ ୩୦ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଆବେଦନକାରୀ ସଂସ୍ଥା ଭାଗ ନେଇଥିଲେ ମଧ୍ୟ ମୂଲ୍ୟାୟନ ସମୟରେ କମ୍ ମାର୍କ ମିଳିବା ଯୋଗୁଁ ତାଙ୍କୁ ଅଯୋଗ୍ୟ ବିବେଚିତ କରାଯାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତିକୁ ବେଆଇନ ଓ ଅଯୌକ୍ତିକ ଦର୍ଶାଇ ସଂସ୍ଥାଟି ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

**କଟକ ମହାନଗର ନିଗମରେ ବଦଳି ନାଁରେ ପ୍ରହସନ**

# ସାରା ରାଜ୍ୟ ପାଇଁ ଗୋଟିଏ, ସିଏମ୍‌ସି ପାଇଁ ଅଲଗା ନିୟମ

କଟକ,୩।୬(ସମିସ):

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରଶାସନିକ ସ୍ୱଚ୍ଛତା ଆଣିବା ନିମନ୍ତେ କରାଯାଇଥିବା ବ୍ୟାପକ ବଦଳି ପ୍ରକ୍ରିୟା ଏବେ କଟକ ମହାନଗର ନିଗମ (ସିଏମ୍‌ସି)ରେ ପ୍ରହସନରେ ପରିଣତ ହୋଇଛି। ପ୍ରଶାସନକୁ ଦୁର୍ନୀତିମୁକ୍ତ ଏବଂ କ୍ରିୟାଶୀଳ କରିବା ପାଇଁ ମୁନିସିପାଲ

- ■ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବଞ୍ଚାଇବାକୁ ଚାଲିଛି ଚକ୍ରାନ୍ତ
- ■ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବକୁ ନେଇ ଅସନ୍ତୋଷ

ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ଦୀର୍ଘ ୨୫ ବର୍ଷର ଇତିହାସରେ ସବୁଠାରୁ ବଡ଼ ପଦକ୍ଷେପ ନେଇ ଗତ ମେ ୨୬ ତାରିଖରେ ରାଜ୍ୟର ବିଭିନ୍ନ ପୌର ସଂସ୍ଥା, ଏନ୍‌ଏସି ଓ ମହାନଗର ନିଗମରୁ ୧୦୨ ଜଣ ସିନିଅର ଆସିଷ୍ଟାଣ୍ଟ ଏବଂ ୧୧୯ ଜଣ ଜୁନିଅର ଆସିଷ୍ଟାଣ୍ଟଙ୍କୁ ବଦଳି କରି




ସାରା ରାଜ୍ୟ ପ୍ରଶାସନରେ ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ସାରା ଓଡ଼ିଶାରେ ବଦଳି ହୋଇଥିବା ପ୍ରାୟ ସମସ୍ତ କର୍ମଚାରୀ ନିଜ ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇସାରିଥିବା ବେଳେ କଟକ ମହାନଗର ନିଗମରେ କିନ୍ତୁ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି, ଯାହା ମୁନିସିପାଲ ପ୍ରଶାସନ ନିର୍ଦ୍ଦେଶକଙ୍କ କ୍ଷମତା ପ୍ରତି ଏକ କୌତୁହଳପୂର୍ଣ୍ଣ ତଥା ଚ୍ୟାଲେଞ୍ଜିଂ ସ୍ଥିତି ସୃଷ୍ଟି କରିଛି।

ସରକାରୀ ଚିଠି ସଂଖ୍ୟା ୧୪୫୪୧ ଅନୁଯାୟୀ ସିଏମ୍‌ସିରୁ ୧୦ ଜଣ ସିନିଅର ଆସିଷ୍ଟାଣ୍ଟ ଏବଂ ଚିଠି ସଂଖ୍ୟା ୧୪୫୪୪ ଅନୁଯାୟୀ ୮ ଜଣ ଜୁନିଅର ଆସିଷ୍ଟାଣ୍ଟଙ୍କ ବଦଳି ହୋଇଥିଲା। ସିଏମ୍‌ସି କର୍ତ୍ତୃପକ୍ଷ ଚତୁରତାର ସହ ୯ ଜଣ ସିନିଅର ଓ ୭ ଜଣ ଜୁନିଅର ଆସିଷ୍ଟାଣ୍ଟଙ୍କୁ ତୁରନ୍ତ ରିଲିଭ୍ କରିଦେଇଥିଲେ ମଧ୍ୟ ଆଇନ ବିଭାଗର ପ୍ରଭାବଶାଳୀ କର୍ମଚାରୀ ଯଥା ସିନିଅର ଆସିଷ୍ଟାଣ୍ଟ ପନଙ୍ଗ ନାରାୟଣ ଖଟୁଆ ଏବଂ ଜୁନିଅର ଆସିଷ୍ଟାଣ୍ଟ ଯାଲା ରାମୁଡୁଙ୍କୁ ଚାପ ବଶବର୍ତ୍ତୀ ହୋଇ ରିଲିଭ୍ କରି ନ ଥିଲେ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସିଏମ୍‌ସି କମିଶନର ବାଧ୍ୟ ହୋଇ ଚିଠି ସଂଖ୍ୟା ୬୩୮୩/ ତା ୦୧.୦୬.୨୦୨୬ ମାଧ୍ୟମରେ ସିନିଅର ଆସିଷ୍ଟାଣ୍ଟ ଶ୍ରୀ ଖଟୁଆଙ୍କୁ ରିଲିଭ୍ କରିଥିଲେ। ମାତ୍ର ପ୍ରଶାସନିକସ୍ତରରେ ଚମକାଇ ଦେଲା ଭଳି ଘଟଣାକ୍ରମରେ, ରିଲିଭ୍ ହେବାର ୨୪ ଘଣ୍ଟା ନ ପୂରୁଣୁ ଅତିରିକ୍ତ କମିସନର ଚିଠି ସଂଖ୍ୟା ୬୪୮୫/ ତା ୦୨.୦୬.୨୦୨୬ ଅନୁଯାୟୀ ଉକ୍ତ ବଦଳି ଆଦେଶକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ଏହି ଘଟଣା ପରେ ସିଏମ୍‌ସି ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଯେ କେଉଁ ଅଦୃଶ୍ୟ ଶକ୍ତିର ପ୍ରଭାବରେ ୨୪ ଘଣ୍ଟା ଭିତରେ ସରକାରୀ ଆଦେଶ ବଦଳିଗଲା? ପୌର କର୍ମଚାରୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଉଛି କି, ସିଏମ୍‌ସିର କିଛି ପ୍ରଭାବଶାଳୀ ଗୋଷ୍ଠୀ ଏହି ବଦଳିକୁ ରଦ୍ଦ କରିବାକୁ ଚେଷ୍ଟା ଚଳାଇଛନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ରିଲିଭ୍ ଆଦେଶ ଉପରେ ସ୍ଥଗିତାଦେଶ। ଏହି ସମଗ୍ର ଘଟଣାକୁ ନେଇ ସିଏମ୍‌ସିରୁ ପୂର୍ବରୁ ରିଲିଭ୍ ହୋଇସାରିଥିବା ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଇଛି। ମୁନିସିପାଲ ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଉଷା ପାଢ଼ୀଙ୍କ ଉଚ୍ଚସ୍ତରୀୟ ନିର୍ଦ୍ଦେଶ ପ୍ରତି କଟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲି ଏବଂ ବେଖାତିର ମନୋଭାବକୁ ପୌର କର୍ମଚାରୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ସିଏମ୍‌ସି ପ୍ରଶାସନର ପାତରଅନ୍ତର ନୀତିକୁ ନିନ୍ଦା କରିବା ସହ ଉଚିତ ନ୍ୟାୟ ପ୍ରଦାନ ନିମନ୍ତେ ବଦଳି ହୋଇଥିବା କିଛି କ୍ଷୁବ୍ଧ କର୍ମଚାରୀ ସିଧାସଳଖ ମୁନିସିପାଲ ପ୍ରଶାସନ ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବଙ୍କ ନିକଟକୁ ଲିଖିତ ସ୍ମାରକପତ୍ର ତଥା ଦରଖାସ୍ତ ପଠାଇଥିବା ସୂଚନା ମିଳିଛି।

**ଆଗକୁ ସିଏମ୍‌ସି ନିର୍ବାଚନ**

## ରଣନୀତି ପ୍ରସ୍ତୁତ କଲା ଓଡ଼ିଶା ଜନତା କଂଗ୍ରେସ



କଟକ,୩।୬(ସମିସ): ଆଗାମୀ କଟକ ମହାନଗର ନିଗମ (ସିଏମସି) ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ଜନତା କଂଗ୍ରେସ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ବୈଠକରେ ଆଗାମୀ ନିର୍ବାଚନ ପାଇଁ ବିଧିବଦ୍ଧ ରଣନୀତି ପ୍ରସ୍ତୁତ କରାଯାଇଛି। ସହରର ସ୍ୱାର୍ଥ ରକ୍ଷା ପାଇଁ ଦଳ ଆଗାମୀ ଦିନରେ ନିଜର ଆନ୍ଦୋଳନାତ୍ମକ ପନ୍ଥାକୁ ଆହୁରି ଜୋରଦାର କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେଲଟର ଛକସ୍ଥିତ କାର୍ଯ୍ୟାଳୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଦଳର ରାଜ୍ୟ ସଭାପତି ଇଂ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ମହାନଗର ନିଗମ ନିର୍ବାଚନରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେଲେ ଏବେଠାରୁ ୱାର୍ଡ ସ୍ତରରେ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ କରିବାକୁ ପଡ଼ିବ ବୋଲି କହିଥିଲେ। କଟକ ମହାନଗର ନିଗମ କଟକ ସହରବାସୀଙ୍କୁ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ଭଳି ଅତି ଆବଶ୍ୟକୀୟ ମୌଳିକ ସେବା ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେଣୁ ଜନସାଧାରଣଙ୍କ ହକ ପାଇଁ ଏବଂ ସିଏମସିର ଅପାରଗତା ବିରୋଧରେ ଆମକୁ ରାଜରାସ୍ତାକୁ ଓହ୍ଲାଇ ଲଗାତାର ଆନ୍ଦୋଳନ ଜାରି ରଖିବାକୁ ହେବ ବୋଲି ସେ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଅଜିତ କୁମାର ବେହେରା ଓ ସେକ ସମିମଉଲ୍ଲା, ଇଶରତ ଜାହାନ, ଶରତ ଚନ୍ଦ୍ର ଶେଠୀ, ଚାରୁଲତା ସାହୁ, ସ୍ମିତା ସେନା, ରାକେଶ ଜୈନ, ସଞ୍ଜୟ ସେଠିଆ, ରାମ ବଲ୍ଲଭ ଦିବେଦୀ, ଭାଗବତ ସ୍ୱାଇଁ, ଶେଷଦେବ ବେହେରା, ହରେକୃଷ୍ଣ ବେହେରା, ଅଜୟ ଗୋଛାୟତ, ପ୍ରତାପ ପରିଡା, ଅଜୟ ରାଉତ, ହିମାଂଶୁ ସାହୁ ଉପସ୍ଥିତ ଥିଲେ।

## ଜରୁରିକାଳୀନ କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ଯୋଜନାର ସଚେତନତା

କଟକ,୩।୬(ସମିସ): ଜାତୀୟ କ୍ରେଡିଟ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ ଦ୍ୱାରା ପରିଚାଳିତ 'ଜରୁରିକାଳୀନ କ୍ରେଡିଟ ଲାଇନ ଗ୍ୟାରେଣ୍ଟି ଯୋଜନା'ର ଏକ ଜନସଚେତନତା କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ପ୍ରମୋଦ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ପକ୍ଷରୁ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କର ସହାୟତାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଉପୁଜିଥିବା ସାମୟିକ ଆର୍ଥିକ ଅସନ୍ତୁଳନକୁ ଦୂର କରିବା ଏବଂ ଯୋଗ୍ୟ ଋଣଗ୍ରହୀତାଙ୍କୁ ସହାୟତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହା ମାଧ୍ୟମରେ ବିମାନ ଚଳାଚଳ କ୍ଷେତ୍ର ସମେତ ଅଣ-ଏମଏସଏମଇ ପାଇଁ ୯୦ ପ୍ରତିଶତ ଏବଂ ଏମଏସଏମଇ ସଂସ୍ଥାଗୁଡ଼ିକ ପାଇଁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରୋତ୍ସାହନ ଗ୍ୟାରେଣ୍ଟି ଯୋଗାଇ ଦିଆଯିବ। ଶିବିରରେ ପ୍ରଶାସନିକ ଅଧିକାରୀ ନିତିଶା ମାନ୍, ପ୍ରଣବ କୁମାର ବିଶ୍ୱାସ, ହୃଷୀକେଶ ସାୱନ୍ତ, ଶ୍ୱେତା ବେଲ୍ଲାରେ, ମନୋଜ ମହାପାତ୍ର ଏବଂ ସତ୍ୟ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ଶିଳ୍ପ ସଂଘ ଓ ଏମଏସଏମଇ ସଂଘର ପ୍ରତିନିଧି ଏବଂ ବହୁ ସ୍ଥାନୀୟ ଉଦ୍ୟୋଗୀ ଆଲୋଚନା କରିଥିଲେ।

## ବସ୍ ଭଡ଼ା ବୃଦ୍ଧିକୁ ଏସ୍‌ୟୁସିଆଇର ବିରୋଧ

କଟକ,୩।୬(ସମିସ): ଡିଜେଲ ଦର ବୃଦ୍ଧି ଆଳରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଦ୍ୱିତୀୟ ଥର ବସ୍ ଭଡ଼ା ବୃଦ୍ଧିକୁ ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ପାର୍ଟି ପକ୍ଷରୁ ଜାରି ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର କମୁଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ତେଲ କମ୍ପାନୀଗୁଡ଼ିକର ସ୍ୱାର୍ଥ ରକ୍ଷା ପାଇଁ ସାଧାରଣ ଜନତାଙ୍କ ଉପରେ ମୂଲ୍ୟ ବୃଦ୍ଧିର ବୋଝ ଲଦି ଦେଉଛନ୍ତି। ଏହି ବର୍ଦ୍ଧିତ ଭଡ଼ା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଜନ ବିରୋଧୀ ଅଟେ। କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ପେଟ୍ରୋଲ ଓ ଡିଜେଲ ଉପରୁ କର ହ୍ରାସ କରି ଏହାର ଦର କମାଇବାକୁ ପାର୍ଟି ଦାବି କରିଛି। ବସ୍ ଭଡ଼ା ବୃଦ୍ଧି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଏସୟୁସିଆଇ ପକ୍ଷରୁ ରାଜ୍ୟର ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି।

➤ ଚୌଦ୍ୱାର-କଟକରେ ଭୋଟର ତାଲିକା ସଂଶୋଧନ

## ବିଜେଡିର ୩୮ ଜଣିଆ ସମନ୍ୱୟ କମିଟି ଗଠନ

କଟକ,୩।୬(ସମିସ): ଭାରତୀୟ ନିର୍ବାଚନ କମିସନଙ୍କ ଦ୍ୱାରା ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସୁଗମ, ନିର୍ଭୁଲ ଓ ତ୍ରୁଟିଶୂନ୍ୟ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ନିମନ୍ତେ ମୁଖ୍ୟ ବିଏଲ୍‌ଏ-୧ ପ୍ରାଧିକୃତ ପ୍ରତିନିଧି ତଥା କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ସିଂହ ସମସ୍ତ ବୁଥ୍‌ରେ ବିଏଲ୍‌ଏ-୨ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ୩୮ ଜଣିଆ ସମନ୍ୱୟ କମିଟି ଘୋଷଣା କରିଛନ୍ତି। ଏହି ସମନ୍ୱୟ କମିଟିରେ ପ୍ରଦୀପ୍ତ ଖୁଣ୍ଟିଆ, ତାପସ ମହାନ୍ତି, ଶିଶିର ପରିଜା, ଜୟଦେବ ଜେନା, ପ୍ରେମଚାନ୍ଦ ନାୟକ, ଚିରଞ୍ଜୟ ସାହୁ, ଦମୟନ୍ତୀ ମାଝୀ, ପ୍ରଳୟ ବେଉରା, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ତାପସ ସାମନ୍ତରାୟ, ଝିଲ୍ଲୀ ବିହାରୀ, ନବକିଶୋର ସ୍ୱାଇଁ, ସ୍ମୃତି ରଞ୍ଜନ ନାୟକ, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ନିଶିତ କରଣ, ବିଭୂତି ସ୍ୱାଇଁ, ଅଜୟ ମହାନ୍ତି, ବିଜୟ ଭୂୟାଁ, ନାଗେଶ୍ୱର ବେହେରା, ପ୍ରଭାତ ଜେନା, ନିମାଇଁ ଚରଣ ବିଶ୍ୱାଳ, ପ୍ରଭାକର ନନ୍ଦ, ମନୋରଞ୍ଜନ ସାହୁ, ମିତାଲି ଭଞ୍ଜ, ନବକିଶୋର ଭୋଳ, ସୌମିତ ସାମଲ, ଡ. ବ୍ୟୋମକେଶ କାନୁନଗୋ, ଅଜୟ ବେହେରା, ଅର୍ଜୁନୀ ବେହେରା, ତ୍ରିଥାନନ୍ଦ ସୁବୁଦ୍ଧି ରାୟ, ଲକ୍ଷ୍ମଣ ରାଉତ, ଦିଲ୍ଲୀପ ସାହୁ, ସୁଜ୍ଞାନୀ ବାରିକ, ମୁନ୍ନା ରାଉତ, ବିମଳ ବେଉରା, ବିନୟ କେତନ ଚୌଧୁରୀ, ଯୁଧିଷ୍ଠିର ବିଶ୍ୱାଳଙ୍କ ସମେତ ୩୮ ଜଣ ପ୍ରମୁଖ ନେତୃବୃନ୍ଦଙ୍କୁ ସାମିଲ କରାଯାଇଛି। ନିଯୁକ୍ତ ହେବାକୁ ଥିବା ବିଏଲ୍‌ଏ-୨ ଏଜେଣ୍ଟମାନେ ଡ୍ରାଫ୍ଟ ରୋଲ୍ ଯାଞ୍ଚ କରିବା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କୁ ଚିହ୍ନଟ କରିବା, ନୂତନ ଭୋଟରଙ୍କ ନାମ ସାମିଲ କରିବା ଏବଂ ବଲ୍କ ଫର୍ମ ଦାଖଲ ପ୍ରକ୍ରିୟାରେ ଜନସାଧାରଣ ଓ ନିର୍ବାଚନ କମିଶନଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରିବେ ବୋଲି ଶ୍ରୀ ସିଂହ ପ୍ରକାଶ କରିଛନ୍ତି।

**ଏସ୍‌ସିବି ଟ୍ରମା କେୟାର ସେଣ୍ଟର ବିକାଶ ନେଇ ପ୍ରଶ୍ନବାଚୀ**

# କୁଆଡ଼େ ଗଲା କୋଟି କୋଟି ଟଙ୍କା?

କଟକ,୩।୬(ସମିସ):

ଓଡ଼ିଶାର ପ୍ରମୁଖ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରର ବିକାଶ ଏବଂ କେନ୍ଦ୍ରୀୟ ଅନୁଦାନର ସଠିକ ବିନିଯୋଗକୁ ନେଇ ବର୍ତ୍ତମାନ ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କଟକ ଏସ୍‌ସିବି ସମେତ ଦେଶର ପ୍ରମୁଖ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଯଥା ତ୍ରିଭେନ୍ଦ୍ରମ, ପଣ୍ଡିଚେରୀ, ଜୟପୁର ଓ ଚଣ୍ଡିଗଡ଼ର ଟ୍ରମା କେୟାର ସେଣ୍ଟରଗୁଡ଼ିକକୁ ସମ୍ପୂର୍ଣ୍ଣ ଆଧୁନିକୀକରଣ କରି ଏକ ବିଶ୍ୱସ୍ତରୀୟ "ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବେ ଗଢ଼ି ତୋଳିବା ପାଇଁ କୋଟି କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯାଉଛି। କେନ୍ଦ୍ରୀୟ ଯୋଜନା ମୁତାବକ ଏସ୍‌ସିବି ମଧ୍ୟ ବିପୁଳ ପରିମାଣର ଆର୍ଥିକ ଅନୁଦାନ ହାସଲ କରିସାରିଛି। ମାତ୍ର ଅତ୍ୟନ୍ତ ପରିତାପର ବିଷୟ




ବ୍ୟବହାରର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ ପାଇଛି।

ସାଧାରଣରେ ହେଉଥିବା ଚର୍ଚ୍ଚା ମୁତାବକ, ଏସ୍‌ସିବି ଟ୍ରମା କେୟାର ସେଣ୍ଟରରେ ଜରୁରୀକାଳୀନ ସ୍ଥିତିରେ ଆସୁଥିବା ଗୁରୁତର ରୋଗୀଙ୍କ ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ହେଉଥିବା ଅନେକ ଅତ୍ୟାଧୁନିକ ଯନ୍ତ୍ରପାତିର ଘୋର ଅଭାବ ରହିଛି। ସରକାରୀ ଭାବେ ବଡ଼ ବଡ଼ ଦାବି କରି ନୂତନ ଭବନ ଓ ନିର୍ଦ୍ଦିଷ୍ଟ ୱାର୍ଡ ଖୋଲାଯାଇ ବାହାବା ନିଆଯାଉଥିଲେ ମଧ୍ୟ ବାସ୍ତବ ସ୍ଥିତିରେ ଏସସିବି ଅଗ୍ନିକାଣ୍ଡ ପରେ ନୂଆ କରି ଖୋଲାଯାଇଥିବା ଟ୍ରମା କେୟାର ସେଣ୍ଟରରେ ନିଶ୍ଚେତକ ଡାକ୍ତରଙ୍କୁ ଅବସ୍ଥାପିତ କରାଯାଇ ନାହିଁ। ଫଳରେ ଅନେକ ଅନୁଦାନ ସତ୍ତ୍ୱେ ଟ୍ରମା କେୟାର ସେଣ୍ଟରର ଅବସ୍ଥା ଦିନକୁ ଦିନ ଅତି ଦୟନୀୟ ହେବାରେ ଲାଗିଛି। ଏହି ସେଣ୍ଟରକୁ "ସେଣ୍ଟର ଅଫ୍ ଏକ୍ସଲେନ୍ସ'ରେ ପରିଣତ କରି ଗରିବ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ

➤ ସେଣ୍ଟର ଅଫ୍ ଏକ୍ସଲେନ୍‌ସ' ଯୋଜନା ଅଧାରେ
➤ ଅତ୍ୟାଧୁନିକ ଯନ୍ତ୍ରପାତିର ଅଭାବ ସହ ନାହାଁନ୍ତି ନିଶ୍ଚେତକ ଡାକ୍ତର
➤ ଅନୁଦାନର ସ୍ୱଚ୍ଛତା ନେଇ ଉଠିଲା ସଙ୍ଗୀନ ଅଭିଯୋଗ

ସମୟରେ ଜରୁରୀକାଳୀନ କିମ୍ବା ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ସେବା ନିମନ୍ତେ ନିଶ୍ଚେତକ ବିଭାଗର ଡାକ୍ତରଙ୍କୁ କଲ ଦେଲେ ସେମାନେ ଏଠାକୁ ଆସୁଥିବାର ଦେଖାଯାଉଛି। ବେଳେବେଳେ ନିଶ୍ଚେତକ ଡାକ୍ତର ଆସିବାରେ ମଧ୍ୟ ବିଳମ୍ବ ହେଉଛି। କେନ୍ଦ୍ରୀୟ କେନ୍ଦ୍ରୀୟ ଅନୁଦାନର ସଠିକ୍ ବିନିଯୋଗ ସହ ତୁରନ୍ତ ଭିତ୍ତିଭୂମିର ଉନ୍ନତି ଏବଂ ପର୍ଯ୍ୟାପ୍ତ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି। ତେବେ ଏ ଅଭିଯୋଗ ସମ୍ପର୍କରେ ଏସ୍‌ସିବି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଏଲ୍‌ଆଇସିର ବରିଷ୍ଠ ଉନ୍ନୟନ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କଟକ,୩।୬(ସମିସ): ଭାରତୀୟ ଜୀବନବୀମା ନିଗମ (ଏଲଆଇସି) କଟକ ମଣ୍ଡଳ ଶାଖା-୩ର ବରିଷ୍ଠ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁଙ୍କ ଅବସର ଗ୍ରହଣ ଅବସରରେ ସ୍ଥାନୀୟ ଶାରଳା ଭବନଠାରେ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାଖା-୩ ଅଭିକର୍ତ୍ତା ସଂଘର ସଭାପତି ବିଭୂତି ଭୂଷଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରୀ ଅଧ୍ୟାପକ ସଂଘର ପ୍ରାକ୍ତନ ସଭାପତି ଡ. ନଟବର ଶତପଥୀ ମୁଖ୍ୟଅତିଥି ଭାବେ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିରେ 'ପ୍ରଦୀପାଲୋକ' ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଓ ଗାଳ୍ପିକ ଚିନ୍ମୟ ହୋତା ଶ୍ରୀ ସ୍ୱାଇଁଙ୍କ ଦୀର୍ଘ ଚାରି ଦଶନ୍ଧିର କର୍ମମୟ ସେବା ସମାଜ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ମକାମ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କ୍ଷୀରୋଦ କୁମାର ସାହୁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଉନ୍ନୟନ ଅଧିକାରୀ ଅବନୀକାନ୍ତ ପାଟଯୋଶି, ତାରିଣୀ ପ୍ରସାଦ ମହାପାତ୍ର, ବିଶ୍ୱଜିତ ବେଉରିଆ, ସୁବ୍ରତ ମିଶ୍ର, ସୁଭାଶିଷ ଲେଙ୍କା ଏବଂ ବରିଷ୍ଠ ଅଭିକର୍ତ୍ତା ଗୋପୀନାଥ ପଣ୍ଡା ଶ୍ରୀ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ଅକ୍ଷୟ ଦାସ, ରଞ୍ଜନ ଭୂୟାଁ, ହରିହର ସାହୁ, ସୁରେଶଚନ୍ଦ୍ର ନାୟକଙ୍କ ସମେତ 'ସ୍ମାର୍ଟ ଟିମ୍'ର ସମସ୍ତ ଅଭିକର୍ତ୍ତା ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

● ଶ୍ରୀଅନ୍ନ ଅଭିଯାନରୁ ସିଆରପିଙ୍କୁ ଛଟେଇ ଘଟଣା

# ପୁନଃନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ କର୍ମଚାରୀ




କୋରାପୁଟ,୩।୬(ସମିସ): ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଓଡ଼ିଶା ମିଲେଟ୍ସ ମିଶନ ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ପର୍ସନ୍ ମାନଙ୍କୁ ବିନା ପୂର୍ବ ସୂଚନାରେ ହଠାତ୍ ଛଟେଇ କରିବା ନିଷ୍ପତ୍ତିକୁ ବିରୋଧ କରି ଏବଂ ପୁନଃନିଯୁକ୍ତି ଦାବିରେ କୋରାପୁଟ ଜିଲ୍ଲା ସିଆରପି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସିଆରପି ମାନଙ୍କ କହିବା ଅନୁଯାୟୀ ମାଣ୍ଡିଆ ଚାଷର ପ୍ରସାର, ବୈଜ୍ଞାନିକ କୃଷି ପଦ୍ଧତିର ପ୍ରଚାର, କୃଷକ ସଚେତନତା ବୃଦ୍ଧି ଏବଂ ଗ୍ରାମୀଣ ଜୀବିକାର ଉନ୍ନତି ପାଇଁ ସେମାନେ ଦୀର୍ଘ ଦିନ ଧରି ତୃଣମୂଳ ସ୍ତରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ପାରମ୍ପରିକ ଚାଷ ପଦ୍ଧତିରୁ ବାହାରି କୃଷକମାନଙ୍କୁ ଆଧୁନିକ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ଅପଣାଇବାରେ ସେମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଶ୍ରୀ ଅନ୍ନ ଅଭିଯାନର କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ପ୍ରାୟ ଏକ ବର୍ଷ ସମୟ ଥିବାବେଳେ ଏଭଳି ହଠାତ୍ ଛଟେଇ ନିଷ୍ପତ୍ତି ଅନେକ ପରିବାରର ଜୀବିକା ଉପରେ ଗଭୀର ପ୍ରଭାବ ପକାଇଛି। ଏହା ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମନୋବଳକୁ ଭାଙ୍ଗି ଦେଇଥିବା ବେଳେ ସେମାନଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ସୃଷ୍ଟି କରିଛି। ଦାବିପତ୍ରରେ ସିଆରପି ସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି, ଦୀର୍ଘ ଦିନର ପରିଶ୍ରମ ଓ ଅବଦାନ ସତ୍ତ୍ୱେ ଏଭଳି ଛଟେଇ ନିଷ୍ପତ୍ତି ଅତ୍ୟନ୍ତ ଅନ୍ୟାୟ ବୋଲି କୁହାଯାଇଛି। ଜିଲ୍ଲାପାଳ ଏହି ମାମଲାରେ ହସ୍ତକ୍ଷେପ କରି ନିଷ୍ପତ୍ତିର ପୁନର୍ବିଚାର କରିବା ସହ ସମସ୍ତ ଛଟେଇ ସିଆରପି ମାନଙ୍କୁ ପୁନଃନିଯୁକ୍ତି ଦେବାକୁ ଦାବି କରାଯାଇଛି। ଜିଲ୍ଲା ସିଆରପି ସଂଘର ପ୍ରତିନିଧି ରଘୁନାଥ ନାୟକ କହିଛନ୍ତି, ଏହା କେବଳ ଚାକିରିର ପ୍ରଶ୍ନ ନୁହେଁ, ବରଂ ଅନେକ ପରିବାରର ଜୀବିକା ଓ ଭବିଷ୍ୟତ ସହ ଜଡ଼ିତ ସମସ୍ୟା। ଏହି ପ୍ରସଙ୍ଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ଠାକୁରାଣୀ ମନ୍ଦିରକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ



ପାପଡାହାଣ୍ଡି,୩।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଚେରଚେଟା ଗ୍ରାମପଞ୍ଚାୟତ ସଦର ଗ୍ରାମ ଓ କର୍ତ୍ତିଆଗୁଡା ଗ୍ରାମ ମଧ୍ୟରେ ଠାକୁରାଣୀ ମନ୍ଦିର ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ମନ୍ଦିର ଓ ଦେବାଦେବୀଙ୍କ ଜାଗାକୁ ଜବରଦଖଲ କରିଥିବା ନେଇ ଚେରଚେଟା ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଚେରଚେଟା ଓ କର୍ତ୍ତିୟାଗୁଡା ଗ୍ରାମ ମଧ୍ୟରେ ମା'ତେଲୁଗୁଣୀ ଠାକୁରାଣୀ ମନ୍ଦିର ବିବାଦ ଲାଗି ରହିଛି। ଏନେଇ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀଙ୍କ ଉପସ୍ଥିତିରେ ଦୁଇ ଗ୍ରାମବାସୀଙ୍କୁ ନେଇ ଆଲୋଚନା କରିଥିଲେ। କିନ୍ତୁ ସମସ୍ୟାର ବାଟ ଫିଟିନଥିଲା। ଉଭୟ ଗ୍ରାମବାସୀ ଥାନାରେ ମଧ୍ୟ ଦ୍ୱାରସ୍ତ ହୋଇଛନ୍ତି। ଆଜି ଚେରଚେଟା ଗ୍ରାମବାସୀ ତହସିଲଦାର ତପନ କୁମାର ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଚେରଚେତା ମୌଜାରେ ରହିଥିବା ମା ତେଲଗୁନି ମନ୍ଦିର ଜାଗା, ସରକାରୀ ବନ୍ଧ, ପତ୍ରା ଜଙ୍ଗଲ, ଗୋଚର ଜାଗାକୁ ଚାଷବାସ କରି ମନ୍ଦିର ସେବାରେ ଲାଗୁଛି। ଏହି ମୌଜାରେ ରହିଥିବା ସମସ୍ତ ଜାଗା ଓ ଜଙ୍ଗଲକୁ କର୍ତ୍ତିୟାଗୁଡା ଗ୍ରାମବାସୀ ଜବରଦଖଲ କରିଛନ୍ତି। ଠାକୁରାଣୀ ମନ୍ଦିର ନିର୍ମାଣ ସକାଶେ ଅନୁଦାନ ନେଇ ଉଭୟ ଗ୍ରାମ ମଧ୍ୟରେ ଝଗଡା ଲାଗି ଉଭୟ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କିଛି ଦିନ ତଳେ କର୍ତ୍ତିୟଗୁଡା ଗ୍ରାମବାସୀ ଜବତ ହୋଇଥିବା ଗଛ ଓ ଅନ୍ୟାନ୍ୟ ଜିନିଷ ନେଇ ବିକ୍ରି କରିଛନ୍ତି। ଏନେଇ

> ➤ ମନ୍ଦିର ଓ ଦେବାଦେବୀଙ୍କ ଜାଗା ଜବରଦଖଲ
> ➤ ତହସିଲଦାରଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ଚେରଚେଟୋ ଗ୍ରାମବାସୀ ଥାନାର ଦ୍ୱାରସ୍ତ ହୋଇଥିଲେ। ଥାନା ଅଧିକାରୀଙ୍କ ନିଷ୍ପତି କ୍ରମେ ଜିନିଷ ଫେରାଇ ଦେବା ସହ ପୁର୍ନବାର ଏଭଳି ଭୁଲ କରିବୁ ନାହିଁ ବୋଲି ସ୍ୱୀକାର କରିଥିଲେ। ବନ ବିଭାଗ ଓ ରେଭିନ୍ୟୁ ବିଭାଗ ଆମ ତିନି ଚେରଚେଟୋ, କର୍ତ୍ତିୟାଗୁଡା ଓ କଦଭଟା ଗ୍ରାମବାସୀଙ୍କୁ ସମାନ ଭାବେ ବଣ୍ଟା କରି ଦିଆଯାଉ କିମ୍ବା ନିଜ ନିଜ ଅଧୀନରେ ନେଇଯିବା ପାଇ ଦାବି କରିଛନ୍ତି । ଦାବି ଉପସ୍ଥାପନା ସମୟରେ ପ୍ରହ୍ଲାଦ ଚଲାଣ, କେମରାଜ ହରିଜନ, ବୈଦନାଥ ପୂଜାରୀ, କୃଷ୍ଣ ହରିଜନ, ଜଗନ୍ନାଥ ବିଷୋୟୀ, ସଦାଶିବ ଭତରା, ଅମର ସିଂଘ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏନେଇ ତହସିଲଦାର ତପନ କୁମାର ନାୟକଙ୍କୁ ଯୋଗଯୋଗ କରିବାରୁ ସେ କହିଥିଲେ. ଏହାର ପ୍ରାଥମିକ ତଦନ୍ତ ପରେ ନିଷ୍ପତି ନିଆଯିବ।

# ପୁଲିସର ଜନସମ୍ପର୍କ ଶିବିର




ବୈପାରୀଗୁଡା, ୩।୬(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ପେଟଗୁଡା ଠାରେ ଆଜି ପୁଲିସ ଜନ ସମ୍ପକ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଡମ୍ବରୁ ଧର ବର୍ତ୍ତିଆଙ୍କୁ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୩ ଶହରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ପୁଲିସ ସହ ଜନତାଙ୍କ ସୁସମ୍ପର୍କ ରଖିବା ପାଇଁ ଆହ୍ୱାନ ଦେବା ସହ ପୋଲିସ ସହ ହାତ ମିଳାଇ ବିକାଶ ମୂଳକ କାର୍ଯ୍ୟ କରାଇବା, ପୋଲିସକୁ ସହଯୋଗ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି କୋରାପୁଟ , ସର୍ଜନ ଆରଓ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୦୦ରୁ ଅଧିକ ଲୋକଙ୍କ ଡାକ୍ତର ପରୀକ୍ଷା କରାଯାଇଛି। ଏହି ଅବସରରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ହେବା ସହ ଖେଳାଳିଙ୍କୁ ପୁରସ୍କାର ପ୍ରଦନ କରାଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମଶାରୀ, ଶାଢୀ ସହ ପିଲାଙ୍କୁ ବହି ଖାତା ଆଦି ବଣ୍ଟନ କରାଯାଇଥିଲା। ଏପରି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପୁଲିସକୁ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି

# ନୂଆ ଭିଜିଲାନ୍ସ ଏସ୍‌ପି ଏସ୍ ସୁଶ୍ରୀଙ୍କ ଦାୟିତ୍ୱ ଗ୍ରହଣ



ଜୟପୁର, ୨।୬ (ସମିସ) : କୋରାପୁଟ ଡିଭିଜନ ଜୟପୁର ସ୍ଥିତ ଭିଜିଲାନ୍ସ ବିଭାଗର କାର୍ଯ୍ୟାଳୟ ଠାରେ ଯୁବ ମହିଳା ଆଇପିଏସ୍ ଅଧିକାରୀ ଏସ.ସୁଶ୍ରୀ ଗତ ସୋମବାର ଠାରୁ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନୟାଗଡ ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ଜୟପୁର ଭିଜିଲାନ୍ସ ବିଭାଗରେ ଏସ୍‌ପି ଭାବେ ସୁଶ୍ରୀ ପ୍ରଥମ ମହିଳା ଅଟନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଦୁର୍ନିତୀମୁକ୍ତି କରିବା ପାଇଁ ଭିଜିଲାନ୍ସ ବିଭାଗକୁ ଅଧିକ ସୁଦୃଢ କରାଯାଉଛି ଏବଂ ଯୁବ ଆଇପିଏସ ଅଧିକାରୀ ମାନଙ୍କୁ ବିଭାଗର ଦାୟୀତ୍ୱ ପ୍ରଦାନ କରାଯାଉଛି। ଜୟପୁର କାର୍ଯ୍ୟାଳୟର ପୂର୍ବତନ ଏସ୍‌ପି ରବିନ୍ଦ୍ର କୁମାର ପଣ୍ଡାଙ୍କୁ କଟକ ଭିଜିଲାନ୍ସ ବିଭାଗର ମୁଖ୍ୟାଳୟକୁ ବଦଳି କରାଯାଇଛି।

# ଆରମ୍ଭ ହେଲାଣି ଚାଷ କାମ ; ମିଳୁନି ସାର, ଚିନ୍ତାରେ ଚାଷୀ

ଉମରକୋଟ,୩।୬(ସମିସ): ଗତ କିଛି ଦିନ ହେଲା ଉମରକୋଟ ଅଞ୍ଚଳରେ ବର୍ଷା ହେଉଥିବାରୁ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରି ସାରିଲେଣି । କିନ୍ତୁ ଚାଷ ପାଇଁ ଆବଶ୍ୟକ ଡିଏପି ସାର ମିଳୁନଥିବାରୁ ବାଧ ହୋଇ ଚାଷୀମାନେ ଅସାଧୁ ବ୍ୟବସାୟୀଙ୍କଠାରୁ ଅଧିକ ଦରରେ ସାର କିଣି କ୍ଷତି ସହୁଛନ୍ତି। ସାଧାରଣତଃ ପ୍ରତିବର୍ଷ ଜୁନ୍ ୧ରୁ ଉମରକୋଟ ବ୍ଲକରେ ଧାନ ତଳି ପାଇଁ ଜମିରେ ବିହନ ବୁଣାଯାଇଥାଏ। ଏହି ସମୟରେ ଚାଷୀ ଜମିରେ ଡିଏପି ସାର ସହ ବିହନ ପକାଇଥାନ୍ତି। କିନ୍ତୁ ବର୍ତମାନ ଡିଏପି ସାର ମିଳୁନଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବର୍ତମାନ ଉମରକୋଟ ଲ୍ୟାମ୍ପ୍ସ ସମେତ ଡିଲରମାନଙ୍କ ପାଖରେ ଅଳ୍ପ ପରିମାଣର ୟୁରିଆ ଓ ଡିଏପି ସାର ରହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗିଥିବାରୁ ସାର ପାଇଁ ଆବଶ୍ୟକ କଞ୍ଚାମାଲ ଓ ସାର ଭାରତରେ ପହଞ୍ଚି ପାରୁନି। ଏହାକୁ ଦୃଷ୍ଟିରେ ରଖି କାଳେ ଧନୀ ଚାଷୀ ସାର କିଣି ଷ୍ଟକ୍ ରଖିଦେବେ, ଗରିବ ଚାଷୀ ସାର ପାଇ ପାରିବେନି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସାର୍ ବିକ୍ରି ଉପରେ କଟକଣା ଲାଗୁ କରିଛନ୍ତି। ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ଆଦେଶ ନ ମିଳିବା ପର୍ଯ୍ୟନ୍ତ କୌଣସି ସାର ବିକ୍ରି ନ କରିବା ପାଇଁ ସମସ୍ତ ଡିଲରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଚାଷୀ ୩ କିଲୋ ବିଶିଷ୍ଟ ପ୍ୟାକେଟ ହାଇବ୍ରିଡ ଧାନ ବିହନ ୧୨୦୦ ଟଙ୍କାରେ କ୍ରୟ କରୁଥିବା ବେଳେ ଡିଏପି ସାର ମିଳୁ ନଥିବାରୁ ବିହନ ବୁଣିବାକୁ ଡରୁଛନ୍ତି। ଡିଏପି ସାର ସରକାରୀ ଦର ଅନୁସାରେ ୫୦ କିଲୋ ବସ୍ତାକୁ ୧୫୫୦ରୁ ୧୬୦୦ ଟଙ୍କା ଥିବା ବେଳେ ଚାଷୀ ଏହାକୁ ଅସାଧୁ ବ୍ୟବସାୟୀଙ୍କ ଠାରୁ ୨୦୦୦ରୁ ୨୨୦୦ ଟଙ୍କାରେ କିଣୁଛନ୍ତି। ଜିଲ୍ଲା ପ୍ରଶାସନ କେବଳ ଡିଲରମାନଙ୍କଠାରୁ ଷ୍ଟକ୍ ପୋଜିସନ ନେଇ ବିକ୍ରି ଉପରେ ରୋକ୍ ଲଗାଇଥିବା ବେଳେ ଉମରକୋଟ ବ୍ଲକର ବହୁ କଳାବେପାରୀ ଛତିଶଗଡ଼ରୁ ଡିଏପି ଓ ୟୁରିଆ ସାର ଆଣି କଳାବଜାରୀ କରୁଛନ୍ତି। ଉମରକୋଟ କୃଷି ବିଭାଗ ନିକଟରେ ସବୁ ତଥ୍ୟ ଥିଲେ ମଧ୍ୟ ଚୁପ୍ ହୋଇ ବସିଛି। ସମସ୍ତ ଚାଷୀ ଯେଭଳି ସାର ପାଇପାରିବେ ସେନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

# ମସ୍ତିପୁଟ ଓ ମହଦେଇପୁଟ ପଞ୍ଚାୟତ ପରିଦର୍ଶନ କଲେ ଜିଲ୍ଲାପାଳ



ପୋଡ଼ାଗଡ଼,୩।୬(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଆଜି କୋରାପୁଟ ବ୍ଲକ ଅନ୍ତର୍ଗତ ମସ୍ତିପୁଟ ଓ ମହାଦେଇପୁଟ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପରିଦର୍ଶନ କରି କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଲେନ୍ଦ୍ରୀମାଳିଗୁଡା ଗ୍ରାମକୁ ଯାଇ ସେ ଦେଶୀ କୁକୁଡା ଚାଷ, ଆମ୍ବ ବଗିଚା ଓ ପନିପରିବା କ୍ଷେତ ପରିଦର୍ଶନ କରିବା ସହ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ବଙ୍ଗଳାଗୁଡା ଗ୍ରାମକୁ ଯାଇ ବନ ବିଭାଗ ଦ୍ୱାରା କରାଯାଇଥିବା ଚାରା ଉତ୍ପାଦନ କେନ୍ଦ୍ର, କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ବାଗ୍ରାଗୁଡା ମାଣ୍ଡିଆ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱୟଂ ସହାୟକ ମହିଳା ଗଷ୍ଠି ମାନେ ଯଥା ଈଶ୍ୱର ପାର୍ବତୀ ମହାଦେବ ଦାଦି ବୁଡ଼ା ଓ ମାଉଳି ମା ସ୍ୱୟଂ ସହୟକ ମହିଳା ମାନେ ଉପସ୍ଥିତ ଥିଲେ। ମହାଦେଇପୁଟ ପଞ୍ଚାୟତ ଅନ୍ତର୍ଗତ ଦଳେଇପୁଟ ମାଛ ଚାଷ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆରୋଗ୍ୟ କେନ୍ଦ୍ରରେ ରହିଥିବା ପାନୀୟ ଜଳ ଏବଂ ବିଦ୍ୟୁତକରଣ ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପଣସପୁଟ ସ୍କୁଲ ପରିଦର୍ଶନ କରିବା ପରେ ଦୁଇ ମହିଳା ଗୋଷ୍ଠୀଙ୍କୁ ସେ ଋଣ ପ୍ରଦାନ କରିଥିଲେ। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ଆଇଏଏସ ପ୍ରୋବେସନର ଅନୁପ ନାୟକ, ଗୋଷ୍ଠି ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲ।

# ପଦ୍ମପୁରରେ ଜାତୀୟ ପରିବେଶ ଦିବସ




ପଦ୍ମପୁର,୩।୬(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ୟୁନିଟ୍ ପକ୍ଷରୁ ଜାତୀୟ ପରିବେଶ ଦିବସ ପାଳନ କରାଯାଇଥିଲା। ସମଗ୍ର ପୃଥିବୀରେ ଦିନକୁ ଦିନ ବୃକ୍ଷ ସଂଖ୍ୟା ହ୍ରାସ ପାଉଥିବା ଯୋଗୁଁ ଦିନେ ପୃଥିବୀରେ ବୃକ୍ଷ ବିନା ଜୀବନ ଶୂନ୍ୟ ହୋଇଯିବ । ତେଣୁ ବୃକ୍ଷ ରୋପଣ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ ଓ ବୃକ୍ଷ ହିଁ ଜୀବନ ବୋଲି ସ୍ଲୋଗାନ ଦେଇ ମୋବାଇଲ୍ ଟିଭି ଠାରୁ ଦୂରରେ ରହି ବୃକ୍ଷ ରୋପଣ କରି ପରିବେଶକୁ ବିଶୁଦ୍ଧ ରଖିବା, ଯୁବଗୋଷ୍ଠୀ ନାରା ଦେଇ ପଦ୍ମପୁର ସ୍ଥିତ ସୁନାରୀ ଘାଇ ଛକଠାରୁ ମଲିକେଶ୍ୱର୍ ମନ୍ଦିର ଯାଏ ଏକ ଶୋଭାଯାତ୍ରା କରିଥିଲେ। ଏଥିରେ ରୋଶନ କାଡ୍ରାକା, ଦେବବ୍ରତ ହୋତା, ସୁମନ ସାହୁ, ରାକ୍ଷୀ ସାହୁ, ଆଶୁତୋଷ ପଣ୍ଡା, ଜସୋମନ ଗାନ୍ତା, ଜଗା ଦାସ, ଆଶିଷ କୁମାର ଦାସଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ବାଲିମେଳାରେ ବିଶ୍ୱ ସାଇକଲ୍ ଦିବସ




ମାଲକାନଗିରି/କୋରୁକୋଣ୍ଡା,୩।୬(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଡ୍ରଗ୍ ଲାଇନ୍ ପ୍ରଥମ କଲୋନୀରେ ଥିବା କାଞ୍ଚନ ଜ୍ଞାନପୀଠ ଇନ୍‌ଷ୍ଟିଚ୍ୟୁଟରେ ଆଜି 'ମୋ ଭାରତ ଯୁବ ଭାରତ' ପକ୍ଷରୁ ବିଶ୍ୱ ସାଇକଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଇସାକ୍ ଖୋସଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋମନାଥପୁର ସିଆରସିସି କିଶୋର ଖୋସଲା, ସମାଜସେବୀ ମୁକୁନ୍ଦ ମାଡକାମୀ, ପୂର୍ବତନ ଉପ ନଗରପାଳ ଟୁକୁଲୁ ପ୍ରଧାନ, ଅଧ୍ୟାପକ ସୁବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସାଇକେଲ ଚଳାଇବା ଦ୍ୱାରା ଆମ ଶରୀରର କଣ ସବୁ ଉପକାର ହୁଏ, ସେ ନେଇ ଉପସ୍ଥିତ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରଖିବା ସହ ଦୈନନ୍ଦିନ ଜୀବନରେ ସାଇକେଲର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ଏହି ଅବସରରେ ଏକ ସାଇକେଲ ମାରାଥନ ଅନୁଷ୍ଠିତ ହୋଇଥିଲା। ଇନଷ୍ଟିଚ୍ୟୁଟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ସାଇକେଲରେ ସହର ପରିକ୍ରମା କରିଥିଲେ। ବିକେପୁର ଯୁବକ ସଂଘର ସଭାପତି ଜଗନ୍ନାଥ ହନ୍ତାଳଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିବା ବେଳେ କାଞ୍ଚନ ଜ୍ଞାନପୀଠ ଇନଷ୍ଟଚ୍ୟୁଟର ଶିକ୍ଷକ ଶିଶିର ଖୋସଲାଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ରାୟଗଡ ବ୍ଲକରେ ବିଜୁ ସ୍ୱାଭିମାନ ମଞ୍ଚର ସମାବେଶ

# ସାଂସଦଙ୍କ ପ୍ରଚାରକୁ ଭାସ୍କର ରାଓଙ୍କ ସମାଲୋଚନା



ରାୟଗଡ,୩।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ଭାକୁରଗୁଡା ନିକଟ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ ସଭାସ୍ଥଳରେ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ବୁଧବାର ଏକ ବିଶାଳ ସମାବେଶ ଆୟୋଜିତ ହୋଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଆୟୋଜିତ ଏହି ସମାବେଶରେ ମଞ୍ଚ ସମର୍ଥକ କର୍ମୀ, ସମର୍ଥକ ଓ ସ୍ଥାନୀୟ ନେତୃବୃନ୍ଦ ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ଅବସରରେ କୋତାପେଟା ଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଥିଲା। ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ସାଂସଦ ତଥା ବିଜୁ ସ୍ୱାଭିମାନ ମଂଚ ଆବାହକ ଓ ସଭାପତି ଏନ.ଭାସ୍କର ରାଓ ସମାବେଶ ମଞ୍ଚରୁ ଉପସ୍ଥିତ ସମର୍ଥକଙ୍କୁ ଉତ୍ସାହିତ କରିବା ସହ ସ୍ଥାନୀୟ ସାଂସଦ ସପ୍ତଗିରି ଉଲାକଙ୍କୁ ଟାର୍ଗେଟ କରି ତୀବ୍ର ସମାଲୋଚନା କରିଥିଲେ। ନିଜ ଭାଷଣରେ ଶ୍ରୀ ରାଓ କହିଥିଲେ ଯେ,ବର୍ତମାନର କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ରର ସାଂସଦ ସପ୍ତଗିରି ଉଲାକା ବର୍ତମାନ ଯେଉଁ ସଭାସମିତିକୁ ଯାଉଛନ୍ତି, ସେଠାରେ ପୂର୍ବତନ ସରକାର ସମୟରେ ହୋଇଥିବା କାର୍ଯ୍ୟଗୁଡିକୁ ନିଜର ସଫଳତା ବୋଲି ଦେଖାଇ ଲୋକଙ୍କୁ ଭ୍ରମିତ କରୁଛନ୍ତି। ୨୦୧୯ ବର୍ଷ ପୂର୍ବରୁ ତଥା ସ୍ଥାନୀୟ ସାଂସଦ ସପ୍ତଗିରି ସାଂସଦ ହେବା ପୂର୍ବରୁ ତତ୍କାଳୀନ ସରକାରଙ୍କ ଦ୍ୱାରା ନୂତନ ରାୟଗଡ ରେଳ ଡିଭିଜନ, ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ,ରାୟଗଡ ଜିଲ୍ଲାର ବାଇପାସ ରାସ୍ତା,ଜାତୀୟ ରାଜପଥ,ଟେଲିକମ ଯୋଗାଯୋଗ, ଛାତ୍ରଛାତ୍ରୀ ନିବାସ ଭଳି ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପ ଗୁଡିକ ମଞ୍ଜୁର ହୋଇ ସାରିଥିବା ବେଳେ ଉକ୍ତ ସବୁ ପ୍ରକଳ୍ପ ତାଙ୍କ ଦ୍ୱାରା ସଫଳ ହୋଇଥିବା କହି ବାଃ ବାଃ ନେଉଥିବାରୁ ଏଭଳି ମିଥ୍ୟା ପ୍ରଚାରରୁ ସାଂସଦ ଦୂରେଇ ରୁହନ୍ତୁ ଏବଂ ସାଂସଦ ଯାହା କାମ କରି ଦେଖାଇଛନ୍ତି ସେ କାମର କ୍ରେଡିଟ୍ ନିଅନ୍ତୁ ବୋଲି ଭାସ୍କର ରାଓ ଏକ ପ୍ରକାର ସ୍ପଷ୍ଟ ଭାବେ କହିଥିଲେ। ଆସନ୍ତା ଜୁଲାଇ ମାସ ସୁଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ସମାବେଶ କାର୍ଯ୍ୟକ୍ରମ ସମାପ୍ତ କରାଯାଇ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ରଣନୀତି ଜୋରସୋରରେ ଆଗେଇବ ବୋଲି ଶ୍ରୀ ରାଓ କହିଥିଲେ। ଆଜିର ସମାବେଶରେ ମଞ୍ଚରେ ଉପସ୍ଥିତ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, କାଶିପୁର ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝି, କାଉନସିଲର ଶର୍ମିତା ପାଢୀ,ସୁଜାତା ପାଳ,ବାନାଗାଡି ତିରୁପତି, ଜିଲ୍ଲା ପରିଷଦ ସଭ୍ୟ କ-ଜୋନ୍‌ର ପ୍ରଶାନ୍ତ କୁଲେସିକା, ଗ-ଜୋନ୍‌ର ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ଡୁଡଲା ଶ୍ରୀନିବାସ, ରାୟଗଡ ବ୍ଲକ ହରପ୍ରସାଦ ହେପୃକା, ସୁବାଷ ବକ୍ସି, ପଦ୍ମପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ କୈଳାସ କ୍ରାସ୍କା,ହୃଷିକେଶ କୁଲଦୀପ,ସନ୍ତୋଷ ଦଲେଇ, ହରପ୍ରସାଦ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ମଞ୍ଚ ଆବାହକ ଶ୍ରୀ ରାଓଙ୍କ ରାୟଗଡ ସ୍ଥିତ ବାସଭବନରେ ସଂଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀ ରାଓ ନିଜେ ବିଜେଡିରେ ରହିଥିବା ବେଳେ ଜିଲ୍ଲାର ଅନେକ ବିକାଶ ମୂଳକ କାମ କରାଯାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଜିଲ୍ଲାରେ ଆହୁରି ଅନେକ ବିକାଶ ମୂଳକ କାମ ବାକି ରହିଛି ଯାହା ସମସ୍ତେ ମିଶି କରିବାକୁ ପଡିବ ବୋଲି ଶ୍ରୀ ରାଓ ପ୍ରକାଶ କରିଛନ୍ତି

# ପାଲାପୁଟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ନାରାୟଣପାଟଣା,୩।୬(ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ପାଲାପୁଟ ଗ୍ରାମରେ ବିଜେପି ଦଳ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଦଳର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଆଇଟି ସେଲ୍ ପାତ୍ର ପିଲେଣ୍ଟି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାପତି କାଶୀନାଥ ହିକକା, ଜିଲ୍ଲା ସମ୍ପାଦିକା ଆଚାରି ସଞ୍ଜୁ ବିଡ଼ିକା, ପର୍ଶୁରାମ ତାଡିଙ୍ଗ ବ୍ଲକ ସାଧାରଣ ସମ୍ପାଦକ, ମଙ୍ଗଳମଣି ତୁରୁକ ବନ୍ଧୁଗାଁ ପ୍ରଭାରୀ, ସୀମାଞ୍ଚଳ ନାୟକ ମଣ୍ଡଳ ଉପ ସଭାପତି, ରମେଶ ଚନ୍ଦ୍ର ଦାସଙ୍କ ସମେତ ବରିଷ୍ଠ କର୍ମୀ ଉପସ୍ଥିତ ରହି ଥିଲେ। ଗ୍ରାମର ଯୁବକ ଓ ଦୁଇଟି ଦଳର ଖେଳାଳି ଉପସ୍ଥିତ ରହି ମୁଖ୍ୟ ରାସ୍ତା ଠାରୁ ବାଜା ଓ ଢେମ୍‌ସ ନୃତ୍ୟର ତାଳେ ତାଳେ ଅତିଥି ମାନଙ୍କୁ ସ୍ୱାଗତ କରି ପଡିଆ ମଧ୍ୟକୁ ନେଇଥିଲେ। ଉଭୟ ଦୁଇଟି ଦଳ ସହିତ ସାକ୍ଷାତ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ କିପରି ଭଲ ଖେଳି ଆଗକୁ ଜଣେ ଭଲ ଖେଳାଳି ହୋଇ ପାରିବେ ଏବଂ ଅଞ୍ଚଳ ନାମ ରଖିବେ ତାହାରି ଉପରେ ଅତିଥି ନିଜ ନିଜର ଅଭିଭାଷଣ ଦେଇଥିଲେ।

# ବେଣ୍ଟକାରରେ ‘ଆମ ବସ୍’ ରହଣି ଦାବି



ଫୁଲନଖରା,୩।୬(ସମିସ): ବୟାଳିଶମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଗ୍ରାମର କଣ୍ଟୁଣିଆସ୍ଥିତ ରାଧାମାଧବ ମନ୍ଦିର ନିକଟରେ ‘ଆମ ବସ୍’ ରହଣି (ଷ୍ଟପେଜ୍) ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି। ଏନେଇ ଗ୍ରାମବାସୀଙ୍କ ତରଫରୁ ଶହେରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଏକ ଆବେଦନ ପତ୍ର ‘ଆମ ବସ୍’ର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ଗ୍ରାମର ଆରମ୍ଭରେ ଗୋଟିଏ ଷ୍ଟପେଜ୍ ଥିବା ବେଳେ ଗ୍ରାମ ଭିତରେ କୌଣସି ରହଣିସ୍ଥଳ ନାହିଁ। ଫଳରେ ଗ୍ରାମବାସୀଙ୍କୁ ପ୍ରାୟ ୪୦୦ରୁ ୫୦୦ ମିଟର ପାଦରେ ଚାଲିବାକୁ ପଡ଼ୁଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମର ମୁରବୀ ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ବିଷ୍ଣୁଚରଣ ପତି, ଧ୍ରୁବଚରଣ ମହାପାତ୍ର, ସୁଜିତ୍ ପତି, ସୁଶୀଲ ଶତପଥୀ, ଅଶୋକ କୁମାର ପତି, ବିଳାସିନୀ ପତି, ମନ୍ଦାକିନୀ ପତି, ଲକ୍ଷ୍ମୀପ୍ରିୟା ପଣ୍ଡା, ପ୍ରଭାସିନୀ ମହାପାତ୍ର, ରେଣୁକା ମହାପାତ୍ର, ପୁଷ୍ପଲତା ମହାପାତ୍ର ଏବଂ ମମତା ମହାପାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଲିଖିତ ଦାବି ଜଣାଇଛନ୍ତି।

# ପଦ୍ମଲାଭ ସ୍ୱାଇଁଙ୍କ ପରଲୋକ



ଟାଙ୍ଗୀ,୩।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ପଦ୍ମଲାଭ ସ୍ୱାଇଁଙ୍କର ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରକ୍ଷ୍ୟାନନ୍ଦ ସ୍ୱାଇଁ ମୁଖାଗ୍ନି ପ୍ରଦାନ କରିଥିଲେ। ଅନ୍ତିମ ସଂସ୍କାର ସମୟରେ ସାନପୁଅ ପ୍ରେମାନନ୍ଦ ସ୍ୱାଇଁ, ପରିବାରବର୍ଗ, ବନ୍ଧୁବାନ୍ଧବ, ସ୍ଥାନୀୟ ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବଙ୍କ ସମେତ ଶତାଧିକ ଗ୍ରାମବାସୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ସ୍ୱର୍ଗତ ବୀରବର ସ୍ୱାଇଁଙ୍କ ସ୍ମୃତିସଭା

ନିଶ୍ଚିନ୍ତକୋଇଲି,୩।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ମୀରା ସାହି ଗ୍ରାମର ବିଜେଡି ଯୁବ ସଂଗଠକ ବିଶ୍ୱରଞ୍ଜନ ସ୍ୱାଇଁଙ୍କ ବଡ଼ବାପା ତଥା ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ବୀରବର ସ୍ୱାଇଁଙ୍କ ଦ୍ୱାଦଶ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ସ୍ୱର୍ଗତ ସ୍ୱାଇଁଙ୍କୁ ଜଣେ ପରୋପକାରୀ ବ୍ୟକ୍ତି ଭାବେ ଅଭିହିତ କରିବା ସହ ତାଙ୍କ କର୍ମମୟ ଜୀବନର ବିଭିନ୍ନ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସ୍ମୃତି ସଭାରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ବିନୋଦ ସାମଲ, ପ୍ରମୋଦ ସ୍ୱାଇଁ, ଜୟଦେବ ରାଉତ ଏବଂ ମନୋଜ ବେହେରାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ବୀରବର ସ୍ୱାଇଁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।



# ଦେବସ୍ନାନ ପୂର୍ଣ୍ଣିମା ଓ ବାଲିଯାତ୍ରା ପ୍ରସ୍ତୁତି ବୈଠକ



ନେମାଳ,୩।୬(ସମିସ): ମହାନ ଆଧ୍ୟାତ୍ମିକ ପୀଠ ନେମାଳସ୍ଥିତ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ, ଦେବସ୍ନାନ ପୂର୍ଣ୍ଣିମା ଓ ବାଲିଯାତ୍ରା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଭକ୍ତମାନଙ୍କ ପାଇଁ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ, ମେଡିକାଲ କ୍ୟାମ୍ପ ସହ ଆମ୍ବୁଲାନ୍ସ ବ୍ୟବସ୍ଥା, ଅସ୍ଥାୟୀ ସବ୍‌ଷ୍ଟେସନ ଜରିଆରେ ବିଦ୍ୟୁତ ସେବା ଏବଂ ସୁରକ୍ଷା ପାଇଁ ପୁଲିସ କଣ୍ଟ୍ରୋଲ ରୁମ୍ ଓ ୱାଚ୍ ଟାୱାର ନିର୍ମାଣ ଉପରେ ଚୂଡ଼ାନ୍ତ ଆଲୋଚନା ହୋଇଛି। ଏହାସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୀଠରୁ ୩୦୦ ମିଟର ଦୂରରେ ପାର୍କିଂ ବ୍ୟବସ୍ଥା, ମହିଳାଙ୍କ ପାଇଁ ନଦୀକୂଳରେ ସ୍ନାନ ଓ ଶୌଚାଳୟ ସେଡ୍ ନିର୍ମାଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯାତ୍ରାର ସିଧା ପ୍ରସାରଣ ଓ ପର୍ଯ୍ୟଟକଙ୍କ ସୂଚନା ପାଇଁ ବୋର୍ଡ ଲଗାଇବାକୁ ନିଷ୍ପତ୍ତି ହୋଇଛି। ତହସିଲଦାର ଦମୟନ୍ତୀ ସାହୁ, ଆଡିସନାଲ ଏସପି ଏସଏନ ମୁଦୁଲି, ଆଇଆଇସି ଜ୍ୟୋତିରଞ୍ଜନ ମହାପାତ୍ର ଓ ଶ୍ରୀ ଅଚ୍ୟୁତ ସେନା ଅଧ୍ୟକ୍ଷ ଡ଼. ବିନୟ ଦାସଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଚୌଦ୍ୱାର,୩।୬(ସମିସ): ଚୌଦ୍ୱାର ଯଯାତି କେଶରୀ କ୍ଲବ୍ ପରିସରରେ ଆୟୋଜିତ ଜେକେପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୯ ଟି ଦଳ ଭାଗ ନେଇଥିଲେ। ଗ୍ରାଣ୍ଡ ଫାଇନାଲ୍ ମ୍ୟାଚ୍‌ରେ “ଫ୍ଲାଇଟ ଏଟିଭର’ ଟିମ୍ “ମା ମଙ୍ଗଳା କ୍ରିକେଟ କ୍ଲବ୍’କୁ ହରାଇ ଚାମ୍ପିଅନ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଫ୍ଲାଇଟ ଏଟିଭର ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଏବଂ ରନର୍ସଅପ୍ ମା ମଙ୍ଗଳା କ୍ଲବ୍‌କୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ ଏହି ଖେଳ ପରିଚାଳନା କରିଥିଲେ।

# ସ୍କୁଲରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ବୋହିନେଲେ ଠିକାଦାର

ନିଶ୍ଚିନ୍ତକୋଇଲି,୩।୬(ସମିସ):



ନିଶ୍ଚିନ୍ତକୋଇଲି ବ୍ଲକ ମୁଖ୍ୟାଳୟରେ ଥିବା ପ୍ରତିଷ୍ଠିତ ପିଏମ୍‌ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ସ୍ପଷ୍ଟ ଦିବାଲୋକରେ ସରକାରୀ ସମ୍ପତ୍ତି ହରିଲୁଟ୍ ହେବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଖରାଦିନିଆ ଛୁଟିର ସୁଯୋଗ ନେଇ ଗତ ଶୁକ୍ରବାର ଜଣେ ପ୍ରଭାବଶାଳୀ ଠିକାଦାର ସ୍କୁଲର ମୁଖ୍ୟ ଗେଟ୍‌ର ତାଲା ଖୋଲି ଏକ କୋଠରୀରେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀକୁ ବେଆଇନ ଭାବେ ଟ୍ରାକ୍ଟର ଯୋଗେ ନିଜ ଘରକୁ ବୋହି ନେଇଛନ୍ତି। ବିଗତ ପ୍ରାୟ ୬ରୁ ୭ ଦିନ ଧରି ଏହି ସରକାରୀ ସାମଗ୍ରୀ ଚୋରା ଚାଲାଣ ଚାଲିଥିବା ବେଳେ ଗତ ଶୁକ୍ରବାର କିଛି ଜନସାଧାରଣ ଏହାକୁ ଦେଖି ପ୍ରତିବାଦ କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନଶିକ୍ଷୟିତ୍ରୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବନ୍ଦ କରିଥିଲେ ହେଁ, ସେତେବେଳକୁ ପ୍ରଭାବଶାଳୀ ବ୍ୟକ୍ତିଜଣକ ଅଧିକାଂଶ ମୂଲ୍ୟବାନ ସାମଗ୍ରୀ ହଡ଼ପ କରିସାରିଥିଲେ। ଏଭଳି ଏକ ସାଙ୍ଘାତିକ ଘଟଣା ଘଟିବା ପରେ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀ ଜଣକ ଆଇନର ଆଶ୍ରୟ ନ ନେଇ କେଉଁ ସ୍ୱାର୍ଥରେ ଚୁପ୍ ହୋଇ ବସିଛନ୍ତି ଏବଂ ଥାନାରେ ଏଫ୍‌ଆଇଆର୍ ଦେଇନାହାନ୍ତି, ତାହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଏହି ସରକାରୀ ସମ୍ପତ୍ତି ଗାଏବ କରିବା ପଛରେ ପ୍ରଧାନଶିକ୍ଷୟିତ୍ରୀଙ୍କ ମଧ୍ୟ ପ୍ରଚ୍ଛଦପଟରେ ସଲାସୁତୁରା ଥାଇପାରେ ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଉଚ୍ଚ ବିଦ୍ୟାଳୟରେ ଏକ ଆଧୁନିକ କମ୍ପ୍ୟୁଟର ଲାବ୍ ଗୃହ ନିର୍ମାଣ ନିମନ୍ତେ "ସମଗ୍ର ଶିକ୍ଷା ଯୋଜନା' ଅଧୀନରେ ୧୮ ଲକ୍ଷ ୩୩ ହଜାର ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର ହୋଇଛି। ଏଥିପାଇଁ ସ୍କୁଲ ପଛପଟେ ଥିବା ଏକ ପୁରୁଣା ଆଜବେଷ୍ଟସ୍ ଗୃହକୁ ଭାଙ୍ଗିବା ପାଇଁ ସ୍ଥିର ହୋଇଥିଲା ଏବଂ ପୂର୍ତ୍ତ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ଉକ୍ତ ଗୃହକୁ "ବିପଦସଂକୁଳ' ବୋଲି ଘୋଷଣା କରାଯାଇଥିଲା। ବିଗତ ସରକାରଙ୍କ ଅମଳରେ ଯେତେବେଳେ ଏହି ସ୍କୁଲର ‘୫-ଟି’ ଯୋଜନାରେ ଉନ୍ନତିକରଣ ହୋଇଥିଲା,

**ଥାନାକୁ ନ ଯାଇ ପ୍ରଧାନଶିକ୍ଷୟିତ୍ରୀଙ୍କ ଆପୋସ ଫଇସଲା**

ସେହି ସମୟରେ ବାହାରିଥିବା ପ୍ରଚୁର ପୁରୁଣା ମୂଲ୍ୟବାନ କାଠ, ପଟା, ଝରକା-କବାଟ, ଆଜବେଷ୍ଟସ୍ ସମେତ ବହୁ ସଂଖ୍ୟକ ଡେକ୍ସ-ବେଞ୍ଚ ଏବଂ ଚେୟାର-ଟେବୁଲ୍ ଏହି ବିପଦସଂକୁଳ ଗୃହ ଭିତରେ ସୁରକ୍ଷିତ ରଖାଯାଇଥିଲା। ନୂତନ ଗୃହ ନିର୍ମାଣ ପାଇଁ ସରକାରୀ କାର୍ଯ୍ୟାଦେଶ ଥିଲେ ହେଁ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟାରେ ଉକ୍ତ ଠିକାଦାର କାମ କରୁଥିବା ଜଣାପଡ଼ିଛି। ସେ ସ୍କୁଲ କର୍ତ୍ତୃପକ୍ଷ ବା ପରିଚାଳନା କମିଟିକୁ କୌଣସି ଆନୁଷ୍ଠାନିକ ସୂଚନା ନ ଦେଇ ମନମୁଖୀ ଭାବେ ଗୃହ ଭାଙ୍ଗିବା ସହ ଭିତରେ ଥିବା ସମସ୍ତ ସାମଗ୍ରୀ ନିଜ ଘରକୁ ବୋହି ନେଇଥିଲେ। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ମଲିକଙ୍କୁ ପଚାରିବାରୁ ସେ ଆଶ୍ଚର୍ଯ୍ୟଜନକ ଭାବେ କହିଛନ୍ତି ଯେ, ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ସେ ଆପୋଷ ଫଇସଲା କରିଛନ୍ତି ଏବଂ ନିଆଯାଇଥିବା ସମସ୍ତ ଜିନିଷକୁ ସେ ଖୁବ୍ ଶୀଘ୍ର ଯଥାସ୍ଥାନରେ ଆଣି ରଖିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜଣେ ସରକାରୀ କର୍ମଚାରୀ ହୋଇ ଲକ୍ଷାଧିକ ଟଙ୍କାର ସରକାରୀ ସମ୍ପତ୍ତି ଚୋରି ଘଟଣାକୁ ଆଇନଗତ ଭାବେ ପୁଲିସକୁ ନ ଜଣାଇ ଏଭଳି ବେଆଇନ "ଭିତିରି ବୁଝାମଣା' କରିବାକୁ ନେଇ ସାଧାରଣରେ ଜନଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ସରକାରୀ ସମ୍ପତ୍ତି ଉଦ୍ଧାର କରିବା ସହ ଦୋଷୀ ଠିକାଦାର ଏବଂ ଦାୟିତ୍ୱହୀନ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କଠୋର ବିଭାଗୀୟ ତଥା ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ସାମାଜିକ ନାଟକ ‘ଛାତିର କୋହକୁ ଦେଖିଛି କିଏ’ ମଞ୍ଚସ୍ଥ



ତିଗିରିଆ,୩।୬(ସମିସ): ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅନ୍ତର୍ଗତ ପାଇକିଆଁରା ଗ୍ରାମର ମା’ ଭୈରବୀଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ ଦ୍ୱିତୀୟ ପାଇକିଆଁରା ମହୋତ୍ସବର ଦ୍ୱିତୀୟ ରଜନୀରେ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ଗଠିତ ‘ସଂଗ୍ରାମ ୟୁଥ୍ କ୍ଲବ’ ପକ୍ଷରୁ ସାମାଜିକ ନାଟକ “ଛାତିର କୋହକୁ ଦେଖିଛି କିଏ’ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ଗ୍ରାମ କମିଟି ସଭାପତି ପରେଶ କୁମାର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ମୁଖ୍ୟଅତିଥି ଏବଂ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ମଲ୍ଲିକ, ସରପଞ୍ଚ ପ୍ରତାପ ଜେନା, ନାଟକର ନିର୍ଦ୍ଦେଶକ ଝାଡ଼େଶ୍ୱର ଓଝା ଏବଂ ଗ୍ରାମ୍ୟ ପରିଚାଳନା କମିଟିର ସମ୍ପାଦକ ଦିବାକର ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ନାଟକରେ ଗ୍ରାମର ସଂଗ୍ରାମ ବେହେରା, ଅଭିମନ୍ୟୁ ପ୍ରଧାନ, ବାଦଲ ବେହେରା, ନରେନ୍ଦ୍ର ବଳ, ପ୍ରଦୀପ ବଳ, ଅଂଶୁମାନ ଖୁଣ୍ଟିଆ, ରାନୀ ସାହୁ ଏବଂ ଶିଶୁ କଳାକାର ଆଦିତ୍ୟ ବେହେରାଙ୍କ ସମେତ ଅନେକ କଳାକାର ଉଚ୍ଚକୋଟୀର ଅଭିନୟ ପ୍ରଦର୍ଶନ କରିଥିଲେ। ଦୁର୍ଯ୍ୟୋଧନ ବସ୍ତି, ହିମାଂଶୁ ଭୂଷଣ ମହାନ୍ତି, ରୋହିତ ରାଉତ, ସୁଶୀଲ ଜେନା ଓ ଅଭିଷେକ ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଭାରପ୍ରାପ୍ତ ଏବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୩।୬(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାକିରିରୁ ଅବସର ଗ୍ରହଣ କରିଥିବା ଭାରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସେକ୍ ଜାକିର ହୁସେନଙ୍କୁ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭାରପ୍ରାପ୍ତ ବିଆରସିସି ସୁଶୀଳ ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ବେହେରା, ମୁଖ୍ୟ କିରାଣି ଶଶିକାନ୍ତ ପଣ୍ଡା ଏବଂ ପ୍ରଶିକ୍ଷକ ଜଗବନ୍ଧୁ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ଶିକ୍ଷା ମଣ୍ଡଳର ସମସ୍ତ ସିଆରସିସି, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅନେକ ବରିଷ୍ଠ ଶିକ୍ଷକ ଉପସ୍ଥିତ ଥିଲେ। ମୁଖ୍ୟାଳୟ ସିଆରସିସି ନରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ।



# ବିଶ୍ୱ ସାଇକଲ ଦିବସରେ ଶୋଭାଯାତ୍ରା




ଟାଙ୍ଗୀ,୩।୬(ସମିସ): ମାଇଁ ଭାରତ କଟକ ଏବଂ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ମିଳିତ ଆନୁକୂଲ୍ୟରେ ବୁଧବାର ଦିନ ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଛାତ୍ର ସଂଘ ପାଠାଗାରରେ ବିଶ୍ୱ ସାଇକଲ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ୧୦୦ରୁ ଊର୍ଦ୍ଧ୍ୱ ଯୁବକ ସାଇକଲ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସମଗ୍ର ଟାଙ୍ଗୀ ଅଞ୍ଚଳ ପରିକ୍ରମା କରିଥିଲେ। ପରେ ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ମୁଖ୍ୟଅତିଥି, ବରିଷ୍ଠ ଶିକ୍ଷାବିତ୍ ଅଶୋକ କୁମାର ପୃଷ୍ଟି, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥ, ଅଧ୍ୟାପକ ଡ଼. ଦିଲ୍ଲୀପ କୁମାର ରାଉତରାୟ ଏବଂ ଶ୍ରୀକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାରୋହରେ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଶିବରାମ ଦାସ ଧନ୍ୟବାଦ ଦେଇଥିବା ବେଳେ ବିନୋଦ ବେହେରା, ବିନୋଦ ସାହୁ ଓ ହେମନ୍ତ ମହାରଣାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୩।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରଙ୍ଗମୁଣ୍ଡାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାବତୀ ବଳ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ଏକ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସିଆରସିସି ନରେନ୍ଦ୍ର ନାଥ ସାହୁଙ୍କ ସମେତ ଅନେକ ଶିକ୍ଷୟିତ୍ରୀ ଓ ଅଙ୍ଗନବାଡ଼ି କର୍ମୀ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାମଲ ଧନ୍ୟବାଦ ଦେଇଥିଲେ।

# ପାଟପାରୀ ମହିମାଶ୍ରମରେ ଧର୍ମସଭା

ନିଶ୍ଚିନ୍ତକୋଇଲି,୩।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ପାଟପାରୀସ୍ଥିତ ମହିମା ଅଲେଖ ଆଶ୍ରମ ପରିସରରେ ବିଶିଷ୍ଟ ମହିମା ଧର୍ମ ପ୍ରଚାରକ ତଥା ବକ୍କଲଧାରୀ ବ୍ରହ୍ମ ଅବଧୂତ ପ୍ରାଣବନ୍ଧୁ ବାବାଙ୍କ ୫ମ ବାର୍ଷିକ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଭୋର ସମୟରୁ ଶ୍ରଦ୍ଧାଳୁ ବାବାମାନଙ୍କ ଦ୍ୱାରା ବ୍ରହ୍ମ ଧୂନି ସ୍ଥାପନ କରାଯାଇଥିଲା। ଏହି ସମାବେଶରେ ବହୁ ବକଲଧାରୀ ଅଲେଖ ବାବା ଓ ସାଧୁସନ୍ଥ ଯୋଗଦେଇ ସ୍ୱର୍ଗତ ପ୍ରାଣବନ୍ଧୁ ବାବାଙ୍କ ନୀତି, ଆଦର୍ଶ ଏବଂ ମହିମା ଧର୍ମର ପ୍ରଚାର ପ୍ରସାର ଦିଗରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରହ୍ମ ଅବଧୂତ ସୁଶାନ୍ତ ବାବା, ସୁବ୍ରତ ବାବା, ସନ୍ନ୍ୟାସୀ ବାବା, ଦୁଷ୍ମନ୍ତ ବାବା, ଲମ୍ବୋଧର ବାବା, ଚିଦାନନ୍ଦ ବାବା ଓ କୃଷ୍ଣ ବାବା ମାର୍ଗଦର୍ଶନ ଦେଇଥିଲେ। ଭକ୍ତଙ୍କ ଦ୍ୱାରା ମହିମା ଭଜନ-କୀର୍ତ୍ତନ ସହ ସନ୍ଥ କବି ଭୀମ ଭୋଇଙ୍କ ରଚିତ ଅନେକ ଆଦର୍ଶ ଜଣାଣ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର ଧର୍ମସଭାରେ ସମାଜସେବୀ ଡ. ପ୍ରଭାତ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ଯୁବ ସମାଜସେବୀ ଗୌତମ କୁମାର ଓଝା ଧନ୍ୟବାଦ ଦେଇଥିଲେ।

# ସାଲେପୁର ମେଡିକାଲ ସମ୍ମୁଖରେ ଗଣଧାରଣା ତୃତୀୟ ଦିନରେ



ସାଲେପୁର,୩।୬(ସମିସ): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ଚିକିତ୍ସା ସେବାର ସୁଧାର, ଖାଲି ପଡ଼ିଥିବା ଡାକ୍ତରୀ ପଦ ପୂରଣ ଏବଂ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ସମେତ ୧୦ ଦଫା ଦାବି ନେଇ ଚାଲିଥିବା ଗଣଧାରଣା ତୃତୀୟ ଦିନରେ ପହଞ୍ଚିଛି। ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁଙ୍କ ନେତୃତ୍ୱରେ ଗତ ଜୁନ୍ ୧ ତାରିଖରୁ ଏହି ଆନ୍ଦୋଳନ ଜାରି ରହିଛି। କଂଗ୍ରେସ ନେତା ଆକ୍ୟୁବ୍ ଖାଁ ନିଜ ସମର୍ଥକମାନଙ୍କ ସହ ଧାରଣାସ୍ଥଳରେ ପହଞ୍ଚି ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆନ୍ଦୋଳନକାରୀଙ୍କ

**ଆନ୍ଦୋଳନକୁ ସମର୍ଥନ ଜଣାଇଲେ କଂଗ୍ରେସ ନେତା ଆକ୍ୟୁବ୍ ଖାଁ**

କେତେକ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ଖାଲି ଡାକ୍ତର ପଦ ବିଷୟରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ମାତ୍ର ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଯେ ପର୍ଯ୍ୟନ୍ତ ମେଡିକାଲର ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଡାକ୍ତର ପଦ ପୂରଣ ନହୋଇଛି, ସେ ପର୍ଯ୍ୟନ୍ତ ଏହି ଗଣଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

# ବିଜେପି ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ | ନରସିଂହପୁର ବିଜେଡିର ରଣହୁଙ୍କାର

ନରସିଂହପୁର,୩।୬(ସମିସ):

ବିଜେପି ସରକାରଙ୍କ ଜନବିରୋଧୀ ନୀତି ଓ ବିଫଳତା ବିରୋଧରେ ଆଜି ନରସିଂହପୁର ବ୍ଲକ ବିଜେଡି ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଓ ରଣହୁଙ୍କାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ବ୍ଲକ ସଭାପତି ନାରାୟଣ ନାୟକଙ୍କ ସଭାପତିତ୍ୱରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା, ଯୁବକ ତଥା ସାଧାରଣ ଜନତା ଏକାଠି ହୋଇ ସରକାରଙ୍କ ବିରୋଧରେ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ନାରାବାଜି କରି ସାରା ଟାଉନ୍ ପରିକ୍ରମା କରିଥିଲେ। ଏହାପରେ ସ୍ଥାନୀୟ ପାଖ ପଡ଼ିଆଠାରେ ଆୟୋଜିତ ଏକ ସାଧାରଣ ପ୍ରତିବାଦ ସଭାରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ମହିଳା ନେତ୍ରୀ ତଥା ସାଂସଦ ସୁଲତା ଦେଓ ଏବଂ କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ବକ୍ତାମାନେ ଅଭିଯୋଗ କରିଥିଲେ ଯେ, ଗତ ଦୁଇ ବର୍ଷର ବିଜେପି

**୫ ହଜାର କର୍ମୀଙ୍କ ବିଶାଳ ଶୋଭାଯାତ୍ରା**

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

ସରକାର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ ଏବଂ ପ୍ରଚାର ସର୍ବସ୍ୱ ରଙ୍ଗବୋଳାରେ ସୀମିତ ରହିଥିବା ବେଳେ ଗରିବ, ବିଧବା, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ଦିଆଯାଇଥିବା ୩୦୦୦ ଟଙ୍କା ଭତ୍ତା ଏବଂ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ପ୍ରତାରଣାରେ ପରିଣତ ହୋଇଛି। ନବୀନ ସରକାର ସମୟରେ ବଡ଼ମ୍ବା-ନରସିଂହପୁର ଅଞ୍ଚଳରେ ଚାଲିଥିବା ସମସ୍ତ ବିକାଶମୂଳକ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାରୁ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ସମ୍ମିଳନୀରେ ସାଂସଦ ସୁଲତା ଦେଓ ରାଜ୍ୟରେ ବଢ଼ୁଥିବା ମହିଳା ନିର୍ଯାତନା, ଶୋଷଣ ଏବଂ କ୍ରମାଗତ ହାଜତ ମୃତ୍ୟୁ ପ୍ରସଙ୍ଗ ଉଠାଇ ବିଜେପି ନାରୀ ସଂରକ୍ଷଣକୁ ବାଟବଣା କରିଛି ବୋଲି ଅଭିଯୋଗ ଆଣିଥିଲେ। ଅନୁରୂପ ଭାବେ ଡକ୍ଟର ଅରୁଣ ସାହୁ ନିଜ ଅଭିଭାଷଣରେ କହିଥିଲେ ଯେ ଓଡ଼ିଶାର କେନ୍ଦ୍ରାଞ୍ଚଳରେ ସରକାର ଯୁବ ଓ ଛାତ୍ରଶକ୍ତିକୁ ଅନ୍ଧାର ଭବିଷ୍ୟତ ଆଡ଼କୁ ଠେଲି ଦେଉଛନ୍ତି। ଜିଲ୍ଲା ପରିଷଦ ସଭାପତି ଶ୍ରୀ ମିଶ୍ର ଓ ବରିଷ୍ଠ ନେତା ରବୀନ୍ଦ୍ର ସାହୁ ମଧ୍ୟ ଗତ ଦୁଇ ବର୍ଷ ମଧ୍ୟରେ ଅଞ୍ଚଳର ପାରମ୍ପରିକ ଭାଇଚାରା କ୍ଷୁର୍ଣ୍ଣ ହେବା ସହ ବାଲି ଓ ଲଘୁ ଖଣିଜ ସମ୍ପଦର ବ୍ୟାପକ ହରିଲୁଟ୍ ଯୋଗୁଁ ପରିବେଶ ସନ୍ତୁଳନ ବିଗିଡ଼ି ଯାଇଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା ମହିଳାମାନଙ୍କୁ ନିଜ ଅଧିକାର ପାଇଁ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମିଶ୍ର ଓ ଯୁବ ସଭାପତି ନିର୍ମଳ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ମେଘନାଦ ପାତ୍ର, ଗୟାଧର ସାହୁ, ରାଜକିଶୋର ରାଉତ, ସମିତିସଭ୍ୟା ଲିଲି ମହାପାତ୍ର, ଟୁଟୁ ବେହେରା, ସୁନୀଲ ସାହୁ ଏବଂ ଜୟ ବିଶ୍ୱାଳ ପ୍ରମୁଖ ସଂଯୋଜନା କରିଥିଲେ। ସଭା ଶେଷରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ମହିଳାଙ୍କ ପାଇଁ ଆରମ୍ଭ ହୋଇଥିବା ୩୩ ପ୍ରତିଶତ ଓ ନବୀନ ପଟ୍ଟନାୟକଙ୍କ ଦ୍ୱାରା ତାହାକୁ ୫୦ ପ୍ରତିଶତ ସଂରକ୍ଷଣରେ ପରିଣତ କରାଯିବା ଗୌରବକୁ ମନେ ପକାଇ ସାଂସଦ ଶ୍ରୀମତୀ ଦେଓ ଓ ମହିଳା ନେତ୍ରୀ ଡଲି ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।



## ମାଲକାନଗିରିରେ ବାଲି ଚୋରାଚାଲାଣ ବଢୁଛି

# ଜିଲ୍ଲାପାଳଙ୍କୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦାବିପତ୍ର



ମାଲକାନଗିରି,୩।୬ (ସମିସ): ମାଲକାନଗିରି ଜିଲ୍ଲା ବିଜୁ ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଜି ବିଜେଡି ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଏବଂ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଜିଲ୍ଲାରେ ବାଲିଘାଟଗୁଡ଼ିକର ଲିଜ୍ ନବୀକରଣ ଓ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ବାଲି ଚୋରାଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, ମାଲକାନଗିରି ଜିଲ୍ଲାର ୨୫ଟି ବାଲିଘାଟ ମଧ୍ୟରୁ ବର୍ତ୍ତମାନ କେବଳ ୮ଟି ଘାଟର ଲିଜ୍ ବୈଧ ରହିଛି। ଅନ୍ୟାନ୍ୟ ଘାଟର ଲିଜ୍ ଅବଧି ଶେଷ ହୋଇଥିଲେ ମଧ୍ୟ ସେଗୁଡ଼ିକର ପୁନଃ ଲିଜ୍ ପ୍ରଦାନ କରାଯାଇନାହିଁ। ଏହା ସହ କିଛି ବାଲିଘାଟ ଖଣି ବିଭାଗର ନଜର ଓ ରେକର୍ଡ ବାହାରେ ରହିଥିବା ଅଭିଯୋଗ ମଧ୍ୟ କରାଯାଇଛି। ଜିଲ୍ଲାର ସିଖପାଲୀ, କମଳାପଦର, ଚିତାପାରି, ଗୋବିନ୍ଦପାଲ୍ଲୀ, ଗୋଟିଗୁଡା, ଗଙ୍ଗରାଜଗୁମା, ଖଇରାପାଲି ଓ ଚାଉଳମେନ୍ଦି ବାଲିଘାଟର ଟେଣ୍ଡର ହୋଇଥିବା ବେଳେ ସେଗୁଡ଼ିକର ଲିଜ୍ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ବୈଧ ରହିଛି। କିନ୍ତୁ ଅଧିକାଂଶ ଘାଟରେ ବାଲିର ପରିମାଣ କମ୍ ଥିବାରୁ ସେଗୁଡ଼ିକ ପ୍ରାୟ ବନ୍ଦ ଅବସ୍ଥାରେ ରହିଛି। ଫଳସ୍ୱରୂପ, କିଛି ଅସାଧୁ ବ୍ୟକ୍ତି ଲିଜ୍ ହୋଇନଥିବା ଘାଟରୁ ରାତି ଅଧିଆ ବାଲି ଚୋରାଚାଲାଣ କରୁଥିବା ଦଳ ଅଭିଯୋଗ କରିଛି। ଦଳର କହିବା ଅନୁସାରେ, ପ୍ରତିଦିନ ବିଳମ୍ବିତ ରାତିରେ ଟିପର ଟିପର ବାଲି ଚୋରାଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକମାନେ ନିର୍ମାଣ କାର୍ଯ୍ୟ ପାଇଁ ବାଲି ପାଉନାହାନ୍ତି। ଅନ୍ୟପକ୍ଷରେ, ଚୋରା ବାଲିର ଦର ଆକାଶଛୁଆଁ ହୋଇଥିବାରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଆବାସ ଯୋଜନାର ହିତାଧିକାରୀମାନେ ଟ୍ରାକ୍ଟରରେ ବାଲି ନେଉଥିବା ସମୟରେ ପୋଲିସ ପ୍ରଶାସନ ଟ୍ରାକ୍ଟର ଜବତ କରୁଥିବାରୁ ଆବାସ ଘର ନିର୍ମାଣ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଥିବା ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି। ସେହିପରି ଓର୍କେଲ, ଗିରକାନପଲ୍ଲୀ, ମାରନାପାଲି, ତମାନପାଲି, ତେଲିଗୁଡା, ଭେଙ୍କେଟପାଲମ, ମହେଶ୍ୱରପୁର, ଚିତ୍ରୁପାଲିଏ, ଚିତ୍ରୁପାଲିବି, କୋଡେମେଡଲା, ପୁଲିମେଡଲା, ମାଳିଗୁଡା, ପାଙ୍ଗାମ, ପୋଡାଗୁଡା, ମେକା, ଧୂଙ୍ଗିଆପୁଟ ଏବଂ ମୋଟୁ ବାଲିଘାଟର ଟେଣ୍ଡର ପ୍ରକ୍ରିୟା ଆଜି ପର୍ଯ୍ୟନ୍ତ କାହିଁକି ସମ୍ପନ୍ନ କରାଯାଇନାହିଁ ବୋଲି ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ମାଲକାନଗିରି ଜିଲ୍ଲା ଯୁବ ବିଜେଡି ଓ ଛାତ୍ର ବିଜେଡି ପକ୍ଷରୁ ଏହି ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୧୫ ଦିନ ମଧ୍ୟରେ ବିଜୁ ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସତର୍କ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜେଡି ସମ୍ପାଦକ କେ.ରାହୁଲ, ଜିଲ୍ଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସ, ମାଲକାନଗିରି ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଯୁବ ବିଜେଡି ନେତା ସୁଦର୍ଶନ କୋପେ, ସତ୍ୟଜିତ ଗୌଡ଼, ରାକେଶ ମଣ୍ଡଳ, ଗୌରଭ ସଗଡ଼ିଆ, ଶୁଭ୍ରାଂଶୁ ପରିଛାଙ୍କ ସହ ମାଲକାନଗିରି ଜିଲ୍ଲା ଯୁବ ବିଜେଡି ଓ ଛାତ୍ର ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାୟଗଡ଼ ରେଳ ଡିଭିଜନରେ ୫ ଷ୍ଟେସନକୁ ସାମିଲ ଦାବି



ମୁନିଗୁଡା ,୩।୬(ସମିସ): ଦହିଖାଲ, ମୁନିଗୁଡା, ଅମ୍ବାଦଳା, ବିଷମକଟକ ଏବଂ ଥେରୁବାଲି ରେଳ ଷ୍ଟେସନକୁ ନବଗଠିତ ରାୟଗଡା ରେଳ ଡିଭିଜନରେ ସାମିଲ କରିବା ଦାବିରେ ଅଞ୍ଚଳର ଉପଭୋକ୍ତା ଗୋଷ୍ଠୀର ପ୍ରସ୍ତୁତି ବୈଠକ ଅମ୍ବାଦଳାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅମ୍ବାଦଳା, ମୁନିଗୁଡା, ବିଷମକଟକ, ଥେରୁବାଲି ଓ ଦହିଖାଲ ଅଞ୍ଚଳର ଶତାଧିକ ସମାଜସେବୀ, ଆଇନଜୀବୀ, ସାମ୍ବାଦିକ ଏବଂ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବୈଠକରେ ନୂତନ ରେଳ ଡିଭିଜନ ଭାବେ ରାୟଗଡାକୁ ଚୟନ କରାଯାଇଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାଧୁବାଦ ଜଣାଯାଇଥିଲା। ସେହିପରି ରାୟଗଡା ଜିଲ୍ଲା ଅନ୍ତର୍ଗତ ଉକ୍ତ ପାଞ୍ଚଟି ଷ୍ଟେସନ ଅଞ୍ଚଳକୁ ମଧ୍ୟ ରାୟଗଡା ରେଳ ଡିଭିଜନରେ ସାମିଲ କରିବା ପାଇଁ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଏହି ଅଞ୍ଚଳଗୁଡିକ ସମ୍ବଲପୁର ରେଳ ଡିଭିଜନ ଅଧୀନରେ ରହିଥିବାରୁ ସାଧାରଣ ଯାତ୍ରୀ ଓ ରେଳ ଉପଭୋକ୍ତାମାନେ ବିଭିନ୍ନ ପ୍ରଶାସନିକ ଓ ସେବାଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଉକ୍ତ ବିଷୟ ବୈଠକରେ ଉଠିଥିଲା। ରାୟଗଡା ଡିଭିଜନରେ ସାମିଲ ହେଲେ ଯାତ୍ରୀ ସେବାର ଉନ୍ନତି ସହ ଅଞ୍ଚଳର ରେଳ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ପାଞ୍ଚଟି ଷ୍ଟେସନ ଅଞ୍ଚଳର ରେଳ ଉପଭୋକ୍ତାଙ୍କୁ ନେଇ ପର୍ଯ୍ୟାୟକ୍ରମେ ରେଳ ଅଧିକାରୀମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ। ଯଦି ଦାବି ପୂରଣ ନହୁଏ, ତେବେ ଆଗାମୀ ଦିନରେ ଗଣଆନ୍ଦୋଳନ ସହ ରେଳ ଲାଇନ ଅବରୋଧ ଭଳି କଠୋର ପଦକ୍ଷେପ ନେବାକୁ ପଛାଇବେ ନାହିଁ ବୋଲି ସଭ୍ୟମାନେ ମତ ପ୍ରକାଶ କରିଥିଲେ।

## ମାଲକାନଗିରି ଜିଲ୍ଲାରେ ଏସଆଇଆର ଅଭିଯାନ

# ୮୫ ବର୍ଷରୁ ଅଧିକ ବୟସ୍କ ଭୋଟରଙ୍କୁ ଫର୍ମ ପ୍ରଦାନ କଲେ ଅଧିକାରୀ

ମାଲକାନଗିରି, ୩।୬(ସମିସ):



ମାଲକାନଗିରି ଜିଲ୍ଲାରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ଓ ସର୍ବବ୍ୟାପୀ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନର ତୃତୀୟ ଦିବସରେ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ବାସଭବନରେ ନିର୍ବାଚନ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଇଛି। ୮୫ ଏବଂ ୯୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ମତଦାତାମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ପ୍ରଶାସନ ସିଧାସଳଖ ସେମାନଙ୍କ ଘରେ ପହଞ୍ଚିଛି। ମାଲକାନଗିରିର ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ବୁଥ ସ୍ତରୀୟ ଅଧିକାରୀମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରି ବରିଷ୍ଠ ଭୋଟରମାନଙ୍କୁ ଭେଟିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ବୟସାଧିକ୍ୟ କାରଣରୁ ମତଦାନ କେନ୍ଦ୍ରକୁ ଆସିବାକୁ ଅସମର୍ଥ ଥିବା ଏହି ବରିଷ୍ଠ ନାଗରିକମାନଙ୍କୁ ସମ୍ମାନର ସହ ସେମାନଙ୍କର ଅଧିକାର ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି କ୍ରମରେ ମାଥିଲି ବ୍ଲକ ଅଧୀନସ୍ଥ ଅଟଲଗୁଡା ଗ୍ରାମରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଥିଲିର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀର ପାର୍ଟ ସଂଖ୍ୟା ୮୫ ଅନ୍ତର୍ଗତ ଅଟଲଗୁଡା ଗ୍ରାମରେ ବରିଷ୍ଠ ଭୋଟରମାନଙ୍କୁ ଚିହ୍ନଟ କରାଯାଇଥିଲା। ସେଠାରେ ୮୫ ବର୍ଷରୁ ଅଧିକ ବୟସ୍କ ଭୋଟରମାନଙ୍କୁ ସମ୍ମାନର ସହ ନିର୍ବାଚନୀ ପରିଗଣନା ଫର୍ମ ବିତରଣ କରାଯାଇଛି। ଜିଲ୍ଲା ପ୍ରଶାସନର ଏହି ମହତ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଇଛି। ନିର୍ବାଚନ ପ୍ରକ୍ରିୟାରେ କେହି ଯେପରି ବାଦ୍ ନପଡ଼ିବେ ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ପାଖରେ ନିଜର ମତାଧିକାର ସାବ୍ୟସ୍ତ କରିବାର ସୁଯୋଗ ରହିବ, ତାହା ଏହି ଅଭିଯାନ ଜରିଆରେ ପ୍ରମାଣିତ ହୋଇଛି। ପ୍ରଶାସନିକ ଅଧିକାରୀମାନେ ବୃଦ୍ଧବୃଦ୍ଧାମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ, ଯାହା ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ସୃଷ୍ଟି କରିଛି। ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଉଛି ଯେ, ନିଜ ଅଞ୍ଚଳର କୌଣସି ଯୋଗ୍ୟ ବରିଷ୍ଠ କିମ୍ବା ଭିନ୍ନକ୍ଷମ ଭୋଟର ଯେପରି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରୁ ବାଦ୍ ନପଡ଼ନ୍ତି, ସେଥିପ୍ରତି ସତର୍କ ରୁହନ୍ତୁ। ଯଦି ଆପଣଙ୍କ ପରିବାର କିମ୍ବା ପଡ଼ୋଶୀରେ କେହି ୮୫ ବର୍ଷରୁ ଅଧିକ ବୟସ୍କ ବା ଗୁରୁତର ଅସୁସ୍ଥ ମତଦାତା ଅଛନ୍ତି, ତେବେ ସେମାନଙ୍କ ନାମ ପଞ୍ଜୀକରଣ ଏବଂ ଘରୁ ମତଦାନ ସୁବିଧା ପାଇଁ ସ୍ଥାନୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ। ଆପଣଙ୍କର ସହଯୋଗ ହିଁ ଏକ ସୁଦୃଢ଼ ଓ ସ୍ୱଚ୍ଛ ଗଣତନ୍ତ୍ର ଗଠନରେ ସହାୟକ ହେବ।

# ଦିଲ୍ଲୀ ଗଲା ୧୮୮୦ କ୍ୱିଣ୍ଟାଲ୍ ଆମ୍ରପଲ୍ଲୀ ଆମ୍ବ

ଟିକିରି,୩।୬(ସମିସ):




ଗ୍ରାମ୍ୟ ଶକ୍ତି ପ୍ରକଳ୍ପ ଅଧୀନରେ ଆଉ ଏକ ବଡ଼ ସଫଳତା ହାସଲ ହୋଇଛି। ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ, ଦୋରାଗୁଡାର ସହଯୋଗରେ ଜଡେନ୍ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୮୮୦ କ୍ୱିଣ୍ଟାଲ ଉଚ୍ଚମାନର ଆମ୍ରପଲ୍ଲୀ ଆମ୍ବ ନୂଆଦିଲ୍ଲୀସ୍ଥିତ ମଦର ଡେରି ବଜାରକୁ ପଠାଯାଇଛି। ମଦର ଡେରି ଦେଶର ଏକ ପ୍ରମୁଖ ଫଳ ଓ ପନିପରିବା ବିପଣନ ସଂସ୍ଥା ଭାବେ ପରିଚିତ। ଏହି ଆମ୍ବ ବିକ୍ରୟ ରାୟଗଡ଼ା ରେଳ ଷ୍ଟେସନରୁ ସମତା ଏକ୍ସପ୍ରେସ ଯୋଗେ ନୂଆଦିଲ୍ଲୀକୁ ପଠାଯାଇଛି। ଏହା ଦ୍ୱାରା ରାୟଗଡ଼ ଜିଲ୍ଲାର ଆମ୍ବ ଚାଷୀମାନଙ୍କ ପାଇଁ ଜାତୀୟ ବଜାରରେ ପ୍ରବେଶର ନୂତନ ସୁଯୋଗ ସୃଷ୍ଟି ହୋଇଛି। ଗ୍ରାମ୍ୟ ଶକ୍ତି ପ୍ରକଳ୍ପ ମାଧ୍ୟମରେ ଚାଷୀମାନଙ୍କ ଠାରୁ ସାମୂହିକ ଭାବେ ଆମ୍ବ ସଂଗ୍ରହ, ଗ୍ରେଡିଂ, ପ୍ୟାକିଂ ଓ ବିପଣନ କରାଯାଇଥିଲା। ଏହା ଫଳରେ ଚାଷୀମାନେ ମଧ୍ୟସ୍ଥ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳ ନ ହୋଇ ସିଧାସଳଖ ବଡ଼ବଜାର ସହ ଯୋଡ଼ି ହୋଇପାରିଛନ୍ତି। ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ (ଆଶା)ର ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ଯେ, ଗ୍ରାମ୍ୟ ଶକ୍ତି ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ଜାତୀୟ ବଜାର ସହ ସଂଯୋଗ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ। ଆଗାମୀ ଦିନରେ ଅଧିକ ପରିମାଣର ଫଳ ଓ ପନିପରିବା ଉତ୍ପାଦକୁ ଦେଶର ବିଭିନ୍ନ ବଜାରକୁ ପଠାଇବା ପାଇଁ ଯୋଜନା ରହିଛି। ଏହି ସଫଳତା ପାଇଁ ଗ୍ରାମ୍ୟ ଶକ୍ତି ପ୍ରକଳ୍ପର ସମସ୍ତ କ୍ଷେତ୍ର କର୍ମଚାରୀ ଓ ସମସ୍ତ ଚାଷୀଙ୍କୁ ଧନ୍ୟବାଦ ଜଣାଯାଇଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର କୃଷକମାନଙ୍କୁ ସଶକ୍ତ କରିବା ସହିତ ଓଡ଼ିଶାର ଫଳ ଉତ୍ପାଦନକୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ୍ଷ୍ୟ ଭାବରେ ପୀତାମ୍ବର ଧିଣେ, ବିନୟ ମହାପାତ୍ର ,ଚୈତନ୍ୟ ଧଙ୍ଗଡାମାଝୀ, ମିଥୁନ ଝୋଡିଆ, ଯୁଗେଶ ଧରୁଆ, ଚିତ ନାଗ, ପ୍ରକାଶ ଉପପାଦ୍ୟ, ମଣ୍ଟୋଷ ଷଡ଼ଙ୍ଗୀ, ସରୋଜ ସାହୁ ଓ ଈଶ୍ୱର ଧଳ ପ୍ରମୁଖ ସହଯୋଗ କରିଥିଲେ।

# ଦଧିବାମନ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ



ମୁନିଗୁଡା ,୩।୬(ସମିସ): ଅମ୍ବାଦଳା ଅଞ୍ଚଳରେ ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର ପ୍ରତିଷ୍ଠା ମହୋତ୍ସବକୁ ସୁଚାରୁ ରୂପେ ସମ୍ପନ୍ନ କରିବା, ଭକ୍ତମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା, ଧାର୍ମିକ କାର୍ଯ୍ୟକ୍ରମର ରୂପରେଖା ଓ ବିଭିନ୍ନ କମିଟି ଗଠନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସୂଚନା ଅନୁସାରେ, ଦଧିବାମନ ମନ୍ଦିର ନିର୍ମାଣ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇପାରି ନଥିଲା। ଫଳରେ ମହାପ୍ରଭୁ ଦଧିବାମନ ଆଜବେଷ୍ଟ ଘରେ ପୂଜା ପାଇ ଆସୁଥିଲେ। ଏହି ସମୟ ମଧ୍ୟରେ ମନ୍ଦିର ଉପରେ ଏକ ବଟବୃକ୍ଷ ଉଠିଯାଇଥିବା ବେଳେ ମନ୍ଦିର ପ୍ରତିଷ୍ଠା ବିଳମ୍ବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ବିଭିନ୍ନ ଆଲୋଚନା ଦେଖାଦେଇଥିଲା। ତେବେ ବହୁ ବର୍ଷର ପ୍ରତୀକ୍ଷା ପରେ ଶେଷରେ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବାକୁ ସ୍ଥିର କରାଯାଇଛି। ବୈଠକରେ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ତଥା ଇଂରାଜୀ ମାସର ୨୦ ତାରିଖ ଶନିବାରଠାରୁ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହେବ। ବିଭିନ୍ନ ବୈଦିକ ନୀତିକାନ୍ତି, ଯଜ୍ଞ ଓ ପୂଜାର୍ଚ୍ଚନା ମାଧ୍ୟମରେ ୨୪ ତାରିଖରେ ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହେବ। ଏହି ଅବସରରେ ଅଞ୍ଚଳର ବହୁ ଧର୍ମପ୍ରାଣ ବ୍ୟକ୍ତି, ସମାଜସେବୀ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକୁ ସଫଳ କରିବା ପାଇଁ ସର୍ବସାଧାରଣଙ୍କ ସହଯୋଗ ଓ ସକ୍ରିୟ ଭାଗୀଦାରି ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଦଧିବାମନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଅମ୍ବାଦଳା ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରିବେଶକୁ ଆହୁରି ସମୃଦ୍ଧ କରିବ। ବୈଠକ ଶେଷରେ ମନ୍ଦିର ପ୍ରତିଷ୍ଠା ମହୋତ୍ସବକୁ ଭବ୍ୟ ଓ ସଫଳ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

## ବିଧାୟକଙ୍କ କାର୍ଯ୍ୟକୁ ସମାଲୋଚନା

# ବିଜେଡିର ବିକ୍ଷୋଭ; କୁଶପୁତ୍ତଳିକା ଦାହ




ନନ୍ଦପୁର,୩।୬(ସମିସ): ଗତ ମାସ ୩୦ ତାରିଖରେ ନନ୍ଦପୁର ବ୍ଲକ୍‌ରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନମୂଳକ ସମୀକ୍ଷା ସମୟରେ ବିଧାୟକଙ୍କୁ ଦାବି ପତ୍ର ପ୍ରଦାନ ସମୟରେ କୁଲାର ସିଂ ସରପଞ୍ଚଙ୍କ ସ୍ୱାମୀଙ୍କ ସହ ତିକ୍ତତା, କଥା କଟାକଟି ସହ ନନ୍ଦପୁର ବ୍ଲକର ଜନ ପ୍ରତିନିଧି କୋଣଠେସା ନୀତି, ଡିଏମ୍ଏଫ ଫଣ୍ଡର ଆବଣ୍ଟନ ଅନିୟମିତତାକୁ ନେଇ ଅସନ୍ତୋଷ ନେଇ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ନନ୍ଦପୁର ସଦର ମହକୁମା ଠାରେ ଏକ ବିଶାଳ ଶୋଭାଯାତ୍ରା କରି ରଣହୁଙ୍କାର ଦେଇଛି । ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଓ ପ୍ରିତମ ପାଡିଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲା ସଭାପତି ତଥା ପୁରାତନ ସାଂସଦ ଝିନ୍ନ ହିକ୍‌କା, କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପ ଡ଼ା ଲ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେ କା, ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ଏସ ଡି ସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତା ଲ, ଉର୍ମିଳା ମୁଦୁଲି,ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, କୁନି ପାଲି, କାଞ୍ଚନ ଖେମୁଣ୍ଡୁ ,ସେକ ନୁର, ସେକ ବାଜି, ଯୁବ ନେତା ପ୍ରଭାତ ଗୁରୁମାଇ, ମୁନଦଳପତି, ତିନି ବ୍ଲକ ର ବ୍ଲକ ଅଧ୍ୟକ୍ଷା, ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ବ୍ଲକ ସଭାପତି କାଶୀନାଥ ଗୋଲରି, ସରପଂଚ ସଂଘ ସଭାପତି ପଦଲାମ୍ ହନ୍ତାଳ , ତିନି ବ୍ଲକ ବିଜେଡି ସଭାପତି ପ୍ରମୁଖଙ୍କ ସମେତ ଶତାଧିକ ଯୁବ ମହିଳା ବିଜେଡି କର୍ମୀ ଯୋଗ ଦେଇଥିଲେ। ନନ୍ଦପୁର ସ୍ୱର୍ବେଶ୍ୱର୍ ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସରପଞ୍ଚଙ୍କ ସ୍ୱାମୀଙ୍କୁ ଧକ୍କା ଦେବା ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସି ବିଧାୟକଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିଥିଲେ ବିଜେଡି ନେତୃମଣ୍ଡଳୀ । ବିଜେଡିର ପ୍ରତିବାଦ ଶୋଭାଯାତ୍ରାକୁ ଆଖି ଆଗରେ ରଖି ଯେପରି କୌଣସି ଅପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପାଇଁ ପୁଲିସ୍ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ନିଜେ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଉପସ୍ଥିତ ରହିବା ସହ ତିନି ଥାନା ଅଧିକାରୀ ଦୁଇ ଏସ୍ଆଇ, ଚାରି ଏଏସଆଇ ସହ ପୁଲିସ୍ ଫୋର୍ସ ମୁତୟନ କରି ସୁରକ୍ଷା ବ୍ୟବସ୍ଥା କୁ କଡ଼ା କଡି କରିଥିଲେ । ସେପଟେ ବିଜେଡିର ଏହି ଶୋଭାଯାତ୍ରା ଶେଷ ହେବା ପରେ କଂଗ୍ରେସ ମହଲରେ ହଲଚଲ ସୃଷ୍ଟି ହୋଇଛି।

## ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କୋରାପୁଟ,୩।୬(ସମିସ): ମିଶନ ଶକ୍ତି ବିଭାଗ ପକ୍ଷରୁ କୋରାପୁଟ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ରାଣୀ ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅମ୍ରିତ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସମସ୍ତ ବିପିସି ଏବଂ ମିଶନ ଶକ୍ତି ଜିଲ୍ଲା ମହାସଂଘ ସଭାନେତ୍ରୀଙ୍କ ସମେତ ସମସ୍ତ ସଦସ୍ୟା ଯୋଗଦେଇ ଶ୍ରୀମତୀ ପାଢ଼ୀଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଅବସରକାଳୀନ ଜୀବନ ସୁଖମୟ ହେବା ପାଇଁ କାମନା କରିଥିଲେ। ଜିଲ୍ଲା ମହାସଂଘ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଉମେଶ ଶବର, ସାଇ ପ୍ରସାଦ ଚୌଧୁରୀ, ପବିତ୍ର ପଟ୍ଟନାୟକ, କ୍ରିଷ୍ଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିବାସୀଙ୍କୁ ରୋଜଗାର ଦେଉଛି ସର୍ଗୀ ଫୁଲ



ଉମରକୋଟ,୩।୬(ସମିସ): ବର୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ମହୁଲ ପରେ ନବରଙ୍ଗପୁର ଜିଲ୍ଲାର ବଣ ପାହାଡ଼ ସବୁଆଡ଼େ ଏବେ ସର୍ଗୀ ଫୁଲର ପସରା। ଆଉ ଏହି ସର୍ଗୀ ଫୁଲ ଆଦିବାସୀଙ୍କୁ ଯୋଗାଇଛି ରୋଜଗାର। ଆଦିବାସୀ ମହିଳା ଓ ପୁରୁଷ ଉଭୟେ ଏବେ ବସ୍ତା ଧରି ବୁଲୁଛନ୍ତି ଜଙ୍ଗଲ ମଧ୍ୟରେ। ସକାଳ ହେଲେ ମାଣ୍ଡିଆ ଜାଉ ବା ମାଣ୍ଡିଆ ପେଜ ସହ ବସ୍ତା ଧରି ଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲିଯାଆନ୍ତି ଆଦିବାସୀ ମହିଳାମାନେ। ଦିନ ସାରା ଜଙ୍ଗଲର ହିଂସ୍ର ଜନ୍ତୁ ତଥା ଟାଣ ଖରା, ବର୍ଷାକୁ ଖାତିର ନ କରି ସର୍ଗୀ ଫୁଲ ସଂଗ୍ରହରେ ଲାଗି ପଡ଼ନ୍ତି। ଆଉ ସଂଗ୍ରହ କରିଥିବା ଫୁଲକୁ ଶେଷରେ ସନ୍ଧ୍ୟା ହେବା ଆଗରୁ ମୁଣ୍ଡରେ ବୋହି ଘରକୁ ଫେରି ଆସନ୍ତି। ପରେ ସେଗୁଡିକୁ ଏକତ୍ର କରି ଖରାରେ ଶୁଖାଇବା ପରେ ଫୁଲରୁ ପାଖୁଡା ଗୁଡିକୁ ଅଲଗା କରି ଶେଷରେ ବିକ୍ରି କରିଥାନ୍ତି। ଜଙ୍ଗଲ ପରମ୍ପରାରେ ସର୍ଗୀ ଫୁଲ ଏକ ଅତି ପରିଚିତ ନାମ। ଏହା ମୁଖ୍ୟତଃ ଶାଳ ଗଛର ଫୁଲ। ଏହା ଉମରକୋଟ ସହରର ଆଦିବାସୀ ସଂପ୍ରଦାୟ ଏବଂ ଜଙ୍ଗଲ ନିର୍ଭରଶୀଳ ଲୋକଙ୍କ ଜୀବିକା ସହ ଗଭୀର ଭାବେ ଜଡ଼ିତ। ସର୍ଗୀ ଫୁଲଗୁଡ଼ିକ ଅତ୍ୟନ୍ତ ସୁନ୍ଦର, ଧଳା ରଙ୍ଗର ଏବଂ ଏଥିରୁ ଏକ ମହକଭରା ସୁଗନ୍ଧ ବାହାରିଥାଏ। ଏହି ସର୍ଗୀ ଫୁଲ ସାଧାରଣତଃ ଗ୍ରୀଷ୍ମ ଋତୁ (ମାର୍ଚ୍ଚରୁ ମେ ମାସ ମଧ୍ୟରେ) ଫୁଟିଥାଏ। ଶାଳ ଗଛରେ ଫୁଲ ଫୁଟିଲା ପରେ ଜଙ୍ଗଲର ଭୂମି ଏକ ଧଳା ଚାଦର ପରି ଦେଖାଯାଏ। ଆଦିବାସୀ ଅଞ୍ଚଳରେ ଲୋକେ ଏହାକୁ ସଂଗ୍ରହ କରି ଖରାରେ ଶୁଖାଇଥାନ୍ତି। ଏଥିରୁ ବାହାରୁଥିବା ମଞ୍ଜିକୁ ଖାଦ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଏ। ସର୍ଗୀ ଫୁଲରୁ ସର୍ଗୀ ସାବୁନ ଏବଂ ଅନ୍ୟାନ୍ୟ ଉତ୍ପାଦ ତିଆରିରେ ବ୍ୟବହାର କରାଯାଉଥିବା ବେଳେ ଏହାର ଚାହିଦା ମଧ୍ୟ ବହୁତ ରହିଛି। ତେବେ ଓଡିଶାରେ ଏହାର ଉପଯୁକ୍ତ ବଜାର ମୂଲ୍ୟ ମିଳି ପାରୁନଥିବା ବେଳେ ଓଡିଶା ବାହାରେ କିନ୍ତୁ ଭଲ ଦି ପଇସା ମିଳେ। ଲୋକେ କହିଛନ୍ତି, ଆମେ ଦିନ ସାରା ପରିଶ୍ରମ କରୁଛୁ, ଏହାକୁ ଶୁଖାଇ ବଜାରରେ ବିକ୍ରି କରୁଛୁ। ପଡୋଶୀ ଛତିଶଗଡ ରାଜ୍ୟରେ ଏହାର ବଜାର ମୂଲ୍ୟ କିଲୋ ପ୍ରତି ୫୫ରୁ ୬୦ ଟଙ୍କା ଥିବା ବେଳେ ଓଡିଶାରେ ୨୦ ଟଙ୍କା ରହିଛି। ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ ଯୋଗୁଁ ଏହି ଲଘୁ ବନଜାତ ଦ୍ରବ୍ୟର ସହାୟକ ମୂଲ୍ୟ ବୃଦ୍ଧି ହୋଇ ପାରୁନି। ତେଣୁ ବାଧ ହୋଇ ଲୋକେ ୧୫ ଟଙ୍କାରୁ ୨୦ ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି। ପରିଶ୍ରମ ତୁଳନାରେ ଲାଭ ବିଶେଷ ନ ମିଳୁଥିଲେ ମଧ୍ୟ ସେଥିରେ ଖୁସି ଆଦିବାସୀ। ତେଣୁ ରାଜ୍ୟ ସରକାର ଏହି ଲଘୁ ବନଜାତ ଦ୍ରବ୍ୟର ପ୍ରୋତ୍ସାହନ ମୂଲ୍ୟ ବୃଦ୍ଧି କରିଥିଲେ ଦି ପଇସା ଅଧିକ ରୋଜଗାର ହୋଇପାରନ୍ତା ବୋଲି ପ୍ରକାଶ କରିଛନ୍ତି ଲୋକେ।

## ଦିନରେ ସିରିଏଲ୍ ଚୋରି

# ପୁଲିସକୁ ଟାର୍ଗେଟ କଲେ ସ୍ଥାନୀୟ ଲୋକେ

କୋଷାଗୁମୁଡ଼ା, ୩।୬(ସମିସ):

କୋଷାଗୁମୁଡ଼ା ସଦର ମହକୁମାରେ ସିରିଏଲ ଚୋରିକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ କିଛିଦିନ ହେବ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଆଜି ପୁଣି ସ୍ୱଷ୍ଟ ଦିବାଲୋକରେ ଚୋରି ହୋଇଛି । ଏହି ଚୋରି କୋଷାଗୁମୁଡାର ରାଜୁ ଗୁପ୍ତାଙ୍କ ଜାହାଜ ଭଟା ସ୍ଥିତ ନିଜ ଗୃହରେ ଦିବା ୧ଟା ସମୟରେ ହୋଇଛି । ରାଜୁ ନିଜ ସେଲୁନ ଦୋକାନରୁ ଘରକୁ ଖାଇବା ପାଇଁ ଆସିବା ବେଳେ ଘରର ତାଲା ଭଙ୍ଗା ହୋଇ କବାଟ ଖୋଲା ହୋଇଥିବା ଦେଖି ଅବାକ ହୋଇ ତୁରନ୍ତ ପଡୋଶୀଙ୍କୁ ଜଣାଇଥିଲେ । ପରେ ପୁଲିସଙ୍କୁ ଖବର ଦେବା ପରେ ଥାନାଧିକାରୀ ଶ୍ରୀମତୀ ବାଙ୍ଗି ମାଂଝୀ ସଦଳବଳେ ସେଠାରେ ପହଞ୍ଚିଥିଲେ । ଏହା ପରେ ନବରଙ୍ଗପୁରର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ । ରାଜୁଙ୍କ ପରିବାର କିଛିଦିନ ତଳେ ଗାଁକୁ ଯାଇଥିବା ବେଳେ ରାଜୁ ନିତି ନିଜ ଘର କାମ ସାରି ସକାଳ ୮ରେ ନିଜ ସେଲୁନକୁ ଯାଇ ଦିନ ୨ଟା ସମୟରେ ଖାଇବା ପାଇଁ ଫେରୁଥିଲେ । ହେଲେ ଆଜି ଘରକୁ ଫେରି ଦେଖିଲା ବେଳକୁ ଘର କବାଟ ଭଙ୍ଗା ହୋଇଥିବା ସହ ଟ୍ରଙ୍କ ଭାଙ୍ଗି ସୁନା, ରୁପା, ଟଙ୍କାକୁ ଚୋରି କରାଯାଇଥିବା ଦେଖିଥିଲେ । ପ୍ରାୟ ୨ଲକ୍ଷରୁ ଅଧିକ ଟଙ୍କା ଚୋରି ହୋଇଥିବା ରାଜୁ ସୂଚନା ଦେଇଛନ୍ତି । ଏପଟେ କୋଷାଗୁମୁଡ଼ା ଥାନାରେ ରାଜୁ ଗୁପ୍ତା ଲିଖିତ ଅଭିଯୋଗ ଦେଇଛନ୍ତି । ପୁଲିସ ସହ ଲୁଚକାଳି ଖେଳୁଥିବା ଚୋର କେବେ ଧରାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । କିଛିଦିନ ତଳେ ଏହି ଚୋରି ବିଷୟକୁ ନେଇ ଥାନାଧିକାରୀ ଓ ସ୍ଥାନୀୟ ଭଦ୍ର ମଣ୍ଡଳୀଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା । ଦିନବେଳେ ଚୋରି ହେଉଥିବା ନେଇ ସାଧାରଣରେ ପୁଲିସର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



# ଶହୀଦ ଯବାନ ଈଶ୍ୱର ତଲିଆଙ୍କ ଜୟନ୍ତୀ




ବୈପାରୀଗୁଡା, ୩।୬(ସମିସ) : ଦେଶର ସୁରକ୍ଷା ପାଇଁ ନିଜର ପ୍ରାଣବଳି ଦେଇଥିବା ବୀର ଶହୀଦ ଯବାନ ଈଶ୍ୱର ତଲିଆଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ଶହୀଦ ଯବାନ ଈଶ୍ୱର ତଲିଆ ପାର୍କରେ ଆଜି ସ୍ମୃତି କମିଟି ତରଫରୁ ଈଶ୍ୱର ତଲିଆଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ପ୍ରଦାନ କରିବା ସହ ଜନ୍ମ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶହୀଦଙ୍କ ପରିବାର ଲୋକେ, ସ୍ଥାନୀୟ ସରପଞ୍ଚ ଅଭି ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଦିବାକର ଲେଙ୍କା, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶହୀଦଙ୍କ ନିର୍ଭିକ ଜୀବନ ଯାତ୍ରା ବିଷୟରେ ଆଲୋକପାତ କରାଯାଇଛି । ସେ କିଭଳି କାର୍ଯ୍ୟରତ ସମୟରେ ବୋମା ବିସ୍ଫୋରଣରେ ଶହୀଦ ହୋଇଥିଲେ ଏବଂ ତାଙ୍କ ବଳିଦାନକୁ ନେଇ ବୈପାରୀଗୁଡା ସମେତ କୋରାପୁଟ ଜିଲ୍ଲାର ଲୋକେ ନିଜକୁ ଗର୍ବ ଅନୁଭବ କରୁଛନ୍ତି ସେ ନେଇ ସମସ୍ତଙ୍କୁ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ସଦସ୍ୟ ତଥା ଆଇନଜୀବୀ ବିଶ୍ୱଜିନ ନାୟକ ପରିଚାଳନା କରିଥିଲେ ।

## ● ଗଣେଷ ମଣ୍ଡପରେ ଆମିଷ ହୋଟେଲ୍

# ଦୁଇଗୋଷ୍ଠୀ ମାଡ଼ପିଟ୍, ଥାନାରେ ଅଭିଯୋଗ

ଜୟପୁର, ୩।୬ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ସହରର ପ୍ରସାଦ ରାଓ ପେଟା ମୁଖ୍ୟ ଲାଇନ୍‌ରେ ଥିବା ଗଣେଷ ମଣ୍ଡପକୁ ଭଡ଼ାରେ ଆମିଷ ହୋଟେଲକୁ ପ୍ରଦାନ ନେଇ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି । ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ପ୍ରସାଦରାଓ ପେଟା ଗଣେଷ ମଣ୍ଡପକୁ ଭଡ଼ାରେ ପ୍ରଦାନ କରାଯିବା ନେଇ ଗଣେଷ ପୂଜା କମିଟି ପକ୍ଷରୁ ନିଷ୍ପତି ହୋଇଥିଲା । ଏହିପରି ଭଡ଼ା ବାବଦକୁ ଆୟରୁ ଗଣେଷ ପୂଜା ଉତ୍ସବ ପାଳନ ସହିତ ମଣ୍ଡପର ବିକାଶ କରାଯିବା ଉଦ୍ଦେଶ୍ୟ ଏହାକୁ ଭଡା ଆକାରରେ ପ୍ରଦାନ କରାଯାଇଥିଲା । କିନ୍ତୁ କମିଟର କର୍ମକର୍ତ୍ତା ମାନେ ଏହାକୁ ଏକ ଆମିଷ ହୋଟେଲକୁ ଭଡ଼ା ବାବଦକୁ ପ୍ରଦାନ କରିଥିବା ନେଇ ପୂଜା କମିଟି ଏବଂ ସାହି ବାସିନ୍ଦା ବିରୋଧ କରିଥିଲେ । ଏଥିନେଇ ଆଜି ପୂର୍ବାହ୍ନରେ ପୂର୍ବତନ କାଉନ୍‌ସିଲର ଆରକୁଲୁ ଶ୍ରୀନିବାସ ରାଓ ଏବଂ ଅନ୍ୟ ଗୋଷ୍ଠୀର ଏ. ଚନ୍ଦ୍ରଶେଖରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇ ପରେ ମାରପିଟ ଆରମ୍ଭ ହୋଇଥିଲା । ଏହାପରେ ଉଭୟଙ୍କ ସମର୍ଥକ ମାନେ ପହଞ୍ଚିବାରୁ ଏହା ଗୋଷ୍ଠୀ ସଂଘର୍ଷ ରୂପ ନେଇଥିଲା । ଶେଷରେ ଉଭୟ ଗୋଷ୍ଠୀ ଥାନାରେ ପହଞ୍ଚି ପରସ୍ପର ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଆଜି ଥାନା ପରିସରରେ ଉଭୟ ଗୋଷ୍ଠୀର ସମର୍ଥକମାନେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଛି ।

## ■ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# 'ଭବିଷ୍ୟତରେ ନିଷ୍ଠାର ସହ ଆଗକୁ ବଢ଼ିବାକୁ ପରାମର୍ଶ'



ନାରାୟଣପାଟଣା ,୩।୬ (ସମିସ): କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଥମେ ସମସ୍ତ ଛାତ୍ରଛାତ୍ରୀଙ୍କୁ ବ୍ଲକ ପ୍ରଶାସନ୍ନ ପକ୍ଷରୁ ପ୍ରଶଂସା ପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ନାରାୟଣପାଟଣା ବ୍ଲକ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ବିଡିଓ ବିକ୍ରମ କୁମାର ଦୋରା ଅଧକ୍ଷତା କରିଥିବା ବେଳେ ବ୍ଲକ୍ ଅଧକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହ ଚଳିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ ସଫଳତା ହାସଲ କରିଥିବା ନାରାୟଣପାଟଣା ଅଞ୍ଚଳର ବଲିପେଟା ପୋଷ୍ଟମାଷ୍ଟର ରାଜା ସାହୁଙ୍କ ସମେତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୨ ଜଣ ଛାତ୍ରୀଛାତ୍ରଙ୍କୁ ଉତ୍ତରୀୟ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଅଧିକ ନିଷ୍ଠା ଓ ପରିଶ୍ରମ ସହ ଆଗକୁ ବଢ଼ିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଛାତ୍ରୀଛାତ୍ର ବ୍ଲକ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ ।

# ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ସ୍ଥାପନ ନେଇ ଆଲୋଚନା

ପାରଳାଖେମୁଣ୍ଡି,୩।୬(ସମିସ):

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ବୈଠକ ଗୃହରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା ଜିଲ୍ଲାର ସ୍ୱାଧୀନତା ସେନାନୀ ତଥା ସହିଦମାନଙ୍କ ସ୍ମୃତିପୀଠ ବା ସ୍ମୃତିସ୍ତମ୍ଭ ସହରରେ ସ୍ଥାପନ କରିବା । ଯାହାକି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏନେଇ ପୌରପରିଷଦକୁ ପୂର୍ବରୁ ଅନୁରୋଧପତ୍ର ପ୍ରଦାନ କରିଥିଲେ । ଆଲୋଚନା ହୋଇ ଆଗାମୀ ଦିନରେ ସହରର ଆକର୍ଷଣୀୟ ସ୍ଥାନରେ ନିର୍ମାଣ କରାଯିବ ବୋଲି ବିଧାୟକ ଜଣାଇଥିଲେ । ସେହିଭଳି ସହରର ପରିବେଶ ସଫା ରଖିବା ସହ ନାଳ ମରାମତି ଉପରେ ଧ୍ୟାନ ଦିଆଯିବା ନେଇ ଆଲୋଚନା ହୋଇଥିଲା । ଏହାସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇ ଅନୁମୋଦନ ହୋଇଥିଲା । ପୌରାଧକ୍ଷା ନିର୍ମଳା ସେଠୀଙ୍କ ସଭାପତିତ୍ୱରେରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଉପାଧକ୍ଷ ଲେଙ୍କା ମଧୁ, ସାଂସଦ ପ୍ରତିନିଧି ଆଦର୍ଶ ଦାସଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

## କାଶୀନଗରରେ ଟ୍ରେଡ୍ ଲାଇସେନ୍ସ ସଚେତନତା ଅଭିଯାନ

# 'ବ୍ୟବସାୟୀଙ୍କୁ ଟ୍ରେଡ୍ ଲାଇସେନ୍ସ ଆଇନଗତ ସ୍ୱୀକୃତି ଦେଇଥାଏ'

କାଶୀନଗର,୩।୬(ସମିସ)

କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପକ୍ଷରୁ ସହରରେ ବ୍ୟବସାୟ କରୁଥିବା ଛୋଟ ଓ ବଡ଼ ଦୋକାନୀମାନଙ୍କୁ ଟ୍ରେଡ ଲାଇସେନ୍ସ କରିବା ନେଇ ଏକ ବ୍ୟାପକ ସଚେତନତା ଅଭିଯାନ ଚାଲିଛି । ସହରରେ ନିୟମିତ ବ୍ୟବସାୟ ପରିଚାଳନା, ସ୍ୱଚ୍ଛତା ରକ୍ଷା ଏବଂ ନଗର ପ୍ରଶାସନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅବସରରେ କାଶୀନଗର ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କେ. ଦିବ୍ୟରଞ୍ଜନ ନିଜେ ସହରର ବିଭିନ୍ନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନଗୁଡ଼ିକ ବୁଲି ଦୋକାନୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେ ଦୋକାନୀମାନଙ୍କୁ ଟ୍ରେଡ ଲାଇସେନ୍ସର ଆବଶ୍ୟକତା, ଏହାର ସୁବିଧା ଏବଂ ଆଇନଗତ ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ । ସମସ୍ତ ବ୍ୟବସାୟୀ ଯଥାଶୀଘ୍ର ଟ୍ରେଡ ଲାଇସେନ୍ସ ପ୍ରାପ୍ତ କରି ନିଜ ବ୍ୟବସାୟକୁ ନିୟମିତ କରିବାକୁ ସେ କହିଥିଲେ ।

କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ ଯେ, ଟ୍ରେଡ ଲାଇସେନ୍ସ କେବଳ ଏକ ଆନୁଷ୍ଠାନିକ ପ୍ରକ୍ରିୟା ନୁହେଁ, ବରଂ ଏହା ଜଣେ ବ୍ୟବସାୟୀଙ୍କୁ ଆଇନଗତ ସ୍ୱୀକୃତି ପ୍ରଦାନ କରିଥାଏ । ଏହା ଦ୍ୱାରା ବ୍ୟବସାୟ ପରିଚାଳନାରେ ସ୍ୱଚ୍ଛତା ଆସିଥାଏ ଏବଂ ସରକାରୀ ନିୟମାବଳୀ ଅନୁଯାୟୀ ବ୍ୟବସାୟ କରିବାର ସୁଯୋଗ ମିଳିଥାଏ । ଭବିଷ୍ୟତରେ ଯେଉଁ ସମସ୍ତ ବ୍ୟବସାୟୀ ଟ୍ରେଡ ଲାଇସେନ୍ସ କରିନଥିବେ, ସେମାନଙ୍କ ବିରୋଧରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଇପାରେ ବୋଲି ସେ ସୂଚନା ଦେଇଥିଲେ । ସଚେତନତା ଅଭିଯାନ ସମୟରେ ସହରର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଦୋକାନ ସମ୍ମୁଖରେ ଅଳିଆ ଆବର୍ଜନା ନ ପକାଇବା, ଡଷ୍ଟବିନ ବ୍ୟବହାର କରିବା ଏବଂ ସହରକୁ ପରିଷ୍କାର ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା । ଦୋକାନୀମାନେ ମଧ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦୋକାନୀମାନଙ୍କୁ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟା, ଆବଶ୍ୟକ କାଗଜପତ୍ର ଏବଂ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ ।

# ମହେନ୍ଦ୍ର ମେଳାକୁ ଯାଉଥିବା ସାଧୁସନ୍ଥଙ୍କୁ ସ୍ୱାଗତ

ପାରଳାଖେମୁଣ୍ଡି/ରାୟଗଡ଼,୩।୬(ସମିସ): ଗଜପତି ଜିଲ୍ଲା ପୁରାଣପ୍ରସିଦ୍ଧ ମହେନ୍ଦ୍ରଗିରିରେ ଚାଲିଛି ମହେନ୍ଦ୍ର ମେଳା । ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ପଦାର୍ପଣରେ ସମଗ୍ର ଅଞ୍ଚଳ ଏବେ ଏକ ଆଧ୍ୟାତ୍ମିକ ନଗରୀରେ ପରିଣତ ହୋଇଛି । ଆଜି ତୃତୀୟ ଦିବସରେ ଏହି ମେଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ମାନଙ୍କ ସମାଗମ ହୋଇଛି । ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶର ସାଧୁ ପରିଷଦର ସଭାପତି ତଥା ପଣ୍ଡୁରୁ ଆନନ୍ଦ ଆଶ୍ରମର ପୀଠାଧିପତି ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ ଏବଂ ତାଙ୍କ ସନ୍ଥ ଦଳ ମହେନ୍ଦ୍ର ଅଭିମୁଖେ ଯାଉଥିଲେ । ତେବେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଫରେଷ୍ଟ ଅଫିସ ଛକଠାରେ ଅଖିଳ ଭାରତୀୟ ଯୁବା ଜନସେବା ସମିତିର ମୁଖ୍ୟ ଜି. କୁର୍ମା ରେଡ୍ଡୀ, ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ, ଭାଜପା ନେତା ଏସ୍. ଲିଙ୍ଗରାଜୁ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ଲୋକେ ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀଙ୍କ ଦର୍ଶନ କରିବା ପାଇଁ ଅପେକ୍ଷା କରିଥିଲେ । ସ୍ୱାମୀ ଶ୍ରୀନିବାସ ନନ୍ଦ ସରସ୍ୱତୀ ମଧ୍ୟ କିଛି କ୍ଷଣ ପାଇଁ ଅଟକି ଥିଲେ । ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ ସହ ଆଶୀର୍ବାଦ ଭିକ୍ଷା କରିଥିଲେ ଶ୍ରଦ୍ଧାଳୁ । ବିଭିନ୍ନ କୋଣ-ଅନୁକୋଣରୁ ନାଗା ସାଧୁ, ଅଘୋରୀ ଓ ସନ୍ନ୍ୟାସୀମାନେ ପାହାଡ଼ ଉପରେ ଥିବା ପ୍ରାଚୀନ ଶିବ ମନ୍ଦିରଗୁଡ଼ିକ ନିକଟରେ ଧୂନି ସ୍ଥାପନ କରିଛନ୍ତି । ସାଧୁମାନଙ୍କ ପ୍ରବଚନ, ମନ୍ତ୍ରୋଚ୍ଚାରଣ ଏବଂ ନିରନ୍ତର ଭଜନ-କୀର୍ତ୍ତନରେ ସମଗ୍ର ମହେନ୍ଦ୍ରଗିରି ଅଞ୍ଚଳ ପ୍ରକମ୍ପିତ ହେଉଛି । ପାହାଡ଼ ଆରୋହଣ କରି ଆସୁଥିବା ହଜାର ହଜାର ଭକ୍ତ ମହେନ୍ଦ୍ରେଶ୍ୱରଙ୍କ ଦର୍ଶନ କରିବା ସହ ଏହି ସାଧୁସନ୍ଥମାନଙ୍କ ଆଶୀର୍ବାଦ ନେବା ପାଇଁ ଭିଡ଼ ଜମାଉଛନ୍ତି । ସାଧୁମାନଙ୍କ ଆଶ୍ରମ ଓ ଧୂନି ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ରହିଥିବା ଦେଖିବାକୁ ମିଳିଛି । କିଏ ନିଜର ପରିବାରର ମଙ୍ଗଳ କାମନା କରୁଛି ତ କିଏ ଜୀବନର ସାର୍ଥକତା ପାଇଁ ସାଧୁଙ୍କ ପାଦତଳେ ଶରଣ ପଶୁଛି ।

# ରାୟଗଡା ରେଳଷ୍ଟେସନରୁ ୩ ଶିଶୁ ଉଦ୍ଧାର



ରାୟଗଡ,୩।୬(ସମିସ): ରାୟଗଡ଼ ରେଳ ଷ୍ଟେସନରୁ ୩ ଶିଶୁଙ୍କୁ ଉଦ୍ଧାର କରିଛି ରାୟଗଡ଼ ସରକାରୀ ରେଳବାଇ ପୁଲିସ (ଜିଆରପିଏସ ) । ଏ ନେଇ ମିଳିଥିବା ସୂଚନା ପ୍ରକାରେ ରାୟଗଡା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ ଟିକିରି ଦଳିତ ସାହିର ଉକ୍ତ ତିନିଜଣ ଶିଶୁ ନିଜ ପରିବାର ଲୋକଙ୍କୁ ବୁଲିବାକୁ ଯାଇ ଘରକୁ ଫେରି ଆସିବାକୁ କହିଥିଲେ । ତେବେ ଦୀର୍ଘ ସମୟ ଧରି ସେମାନେ ଘରକୁ ନ ଫେରିବାରୁ ତିନି ପରିବାର ଲୋକେ ବିଚଳିତ ହୋଇ ଖୋଜାଖୋଜି କରିବା ପରେ ମଧ୍ୟ ସେମାନଙ୍କ ସନ୍ଧାନ ନ ପାଇବାରୁ ଟିକିରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ନିଖୋଜ ଖବର ପାଇ ଟିକିରି ଥାନା ପକ୍ଷରୁ ବିଭିନ୍ନ ଥାନାରେ ଏ ନେଇ ଖବର ଦିଆଯାଇଥିଲା । ଖବରକୁ ଭିତ୍ତି କରି ଏବଂ ନିୟମିତ ଯାଞ୍ଚ ବେଳେ ରାୟଗଡା ରେଳ ଷ୍ଟେସନରେ ପ୍ଲାଟଫର୍ମରେ ଥିବା ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସରୁ ଉକ୍ତ ତିନିଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ସେମାନେ ବୁଲିବାକୁ ଆସିଥିବା ନେଇ ପ୍ରକାଶ କରିଥିବା ବେଳେ ରାୟଗଡ ଜିଆରପି ଥାନାରେ ଶିଶୁ କଲ୍ୟାଣ ସମିତି ସଦସ୍ୟ ମାନେ ପହଞ୍ଚି କାଉନସେଲିଂ କରିବା ପରେ ତାଙ୍କ ପରିବାର ବର୍ଗଙ୍କୁ ସୂଚନା ଦିଆଯାଇଥିଲା । ସୂଚନା ପାଇ ଉଦ୍ଧାର ତିନି ଶିଶୁଙ୍କ ପରିବାର ବର୍ଗ ଜିଆରପି ଥାନାରେ ପହଞ୍ଚି ଶିଶୁ ମାନଙ୍କୁ ସାଙ୍ଗରେ ନେଇ ଯାଇଥିବା ଜଣାପଡିଛି ।

# ପୋଖରୀରେ ବୁଡ଼ି ଜଣେ ମୃତ

ଦାରିଙ୍ଗବାଡ଼ି,୩।୬(ସମିସ): ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ବ୍ରାହାସାଲକା ଗ୍ରାମରେ ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ମସ୍ତରାମ ପ୍ରଧାନ (୫୫) । ମଙ୍ଗଳବାର ସନ୍ଧ୍ୟାରେ ମସ୍ତରାମ ଗାଧୋଇବାକୁ ଗ୍ରାମ ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ । ପରେ ସ୍ଥାନୀୟ ଗ୍ରାମବାସୀ ପୋଖରୀ ମଧ୍ୟରେ ତାଙ୍କୁ ଭାସୁଥିବା ଦେଖିବାକୁ ପାଇ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀ ମସ୍ତରାମଙ୍କୁ ପାଣିରୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦାରିଙ୍ଗବାଡ଼ି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଖେମୁଣ୍ଡି ଉନ୍ନୟନ ମଞ୍ଚର ଆଲୋଚନା ସଭା

# ଛେଳିଗଡ ପ୍ରକଳ୍ପ ଓ ରେଳ ଲାଇନ ପାଇଁ ଆନ୍ଦୋଳନ ନିଷ୍ପତ୍ତି

ଦିଗପହଣ୍ଡି,୩।୬(ସମିସ)

ଦିଗପହଣ୍ଡି ବ୍ଲକ ଖମାରିଗାଁ ଉଜଳେଶ୍ୱର ଶୈବପୀଠ ସଭା ମଣ୍ଡପରେ ଦକ୍ଷିଣ ଓଡ଼ିଶା ବିକାଶ ସମିତି ଆନୁକୂଲ୍ୟରେ ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ବୁଧବାର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ବୃନ୍ଦାବନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ପଞ୍ଚାନନ ପାଇକ ଅଧ୍ୟକ୍ଷତା କରିଥିବାବେଳେ ଦକ୍ଷିଣ ଓଡିଶା ବିକାଶ ସମିତିର ସଭାପତି ତଥା ଅବସରପ୍ରାପ୍ତ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମଗ୍ର ଦକ୍ଷିଣ ଓଡ଼ିଶାର ବହୁ ପ୍ରତିକ୍ଷୀତ ଗୋପାଳପୁର-ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ପୂର୍ବରୁ ସର୍ଭେ ସରିଛି । ଏହି ନୂତନ ରେଳ ଲାଇନ୍ ଗୋପାଳପୁର ଠାରୁ ଜଗନ୍ନାଥପୁର, ଗୁରୁଣ୍ଟୀ, ବାଲିପଡ଼ା, ଅନଙ୍ଗପୁର, ଦିଗପହଣ୍ଡି, ଗୁମା, ଫାସିଗୁଡ଼ା, ଭୀଷ୍ମଗିରି, ଚାକୁଣ୍ଡାପଲ୍ଲୀ ଦେଇ ଗଜପତି ଜିଲ୍ଲା ଚାନ୍ଦିପୁଟ, ଅନ୍ତର୍ବା ଠାରୁ ରାୟଗଡ଼ାକୁ ମାତ୍ର ଏହି ରେଳଲାଇନ ସଂଯୋଗ କରିବ । କିନ୍ତୁ ଫାଇନାଲ ସର୍ଭେ ରିପୋର୍ଟ ଦାଖଲ ପାଇଁ ଦାୟିତ୍ୱରେ ଥିବା କିଛି ଆନ୍ଧ୍ର ରେଲୱେ ଅଧିକାରୀ ଉକ୍ତ ସର୍ଭେ ରିପୋର୍ଟକୁ ବଦଳାଇ ଗୋପାଳପୁର ଠାରୁ ଭାୟା କନ୍ଧମାଳ ଦେଇ ରାୟଗଡ଼ା ଯାଏଁ ନୂତନ ରେଳ ଲାଇନ ନିର୍ମାଣ ପାଇଁ ଯୋଜନାବଦ୍ଧ ଭାବେ ଉଦ୍ୟମ ଚଳାଇଛନ୍ତି ।



ତେଣୁ ପୂର୍ବରୁ ସର୍ଭେ କରାଯାଇଥିବା ରିପୋର୍ଟ ଆଧାରରେ ନୂଆ ରେଳ ଲାଇନ୍ ନିର୍ମାଣ କରିବାକୁ ସେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ପୂର୍ବତଟ ରେଲୱେ ମୁଖ୍ୟ ପ୍ରବନ୍ଧକଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହ ଏହି ନୂତନ ରେଳ ଲାଇନ କାମ ତୁରନ୍ତ ଆରମ୍ଭ କରିବା ପାଇଁ ସେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ ।

ତୃତୀୟ ପାଳି ପାଇଁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଆସିବା ପରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟ ବାହୁଦା ନଦୀ ମୁହାଣରେ ପ୍ରସ୍ତାବିତ ବୃହତ ବନ୍ଦର ନିର୍ମାଣ ନିମନ୍ତେ ରାଜ୍ୟସରକାରଙ୍କ ମଞ୍ଜୁରୀ ମିଳିଛି । ବାହୁଦା ବନ୍ଦର ସହ ଗୋପାଳପୁର ବନ୍ଦରକୁ ନୂତନ ରେଳ ଲାଇନ୍ ନିର୍ମାଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତି ପକ୍ଷରୁ ପୂର୍ବରୁ ଦାବି କରାଯାଇଥିବା ନେଇ ସେ ସଭାରେ ଉଲ୍ଲେଖ କରିଥିଲେ । ରେଳ ଲାଇନ୍ ବ୍ରହ୍ମପୁର ରିଙ୍ଗ ରୋଡ୍ ଦେଇ ଲାଞ୍ଜିଆ - ଦକ୍ଷିଣପୁରରୁ ହଳଦିଆପଦର ନିକଟରେ ଚେନ୍ନାଇ-ହାୱଡ଼ା ମୁଖ୍ୟ ରେଳ ଲାଇନରେ ସଂଯୋଗ ହୋଇପାରିବ । ଫଳରେ ବ୍ରହ୍ମପୁର ରେଳ ଷ୍ଟେସନରେ ଭିଡ଼କୁ ରୋକାଯାଇ ବାହୁଦା ବନ୍ଦରକୁ ମାଲ୍ ପରିବହନ ସହଜ ହୋଇପାରିବ । ପ୍ରାରମ୍ଭିକ ସର୍ଭେରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ନୂତନ ରେଳ ଲାଇନ ଦ୍ୱାରା ଏହି ସବୁ ଅଞ୍ଚଳର ଅର୍ଥନୈତିକ ବିକାଶ ସାଙ୍ଗକୁ ବ୍ୟବସାୟିକ ସଫଳତା ବୃଦ୍ଧି ପାଇବ ବୋଲି ସଭାରେ ମତପ୍ରକାଶ ପାଇଥିଲା ।

ସେହିପରି ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ଆବଶ୍ୟକତା ସାଙ୍ଗକୁ ତାହାର ସର୍ବେକ୍ଷଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିବାରୁ ତାହାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯାଇ କେନାଲ ଜରିଆରେ ଜମିକୁ ଜଳ ଯୋଗାଣ ଏବଂ ପାଇପ ଲାଇନ୍ ମାଧ୍ୟମରେ ପାନୀୟ ଜଳ ଯୋଗାଣ ଖୁବ୍ ଶୀଘ୍ର ଆରମ୍ଭ କରିବା ଦାବିରେ ଜନ ଆନ୍ଦୋଳନର ଆବଶ୍ୟକତା ଥିବା ନେଇ ସଭାରେ ମତପ୍ରକାଶ ପାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିକାଶ ସମିତିର ପ୍ରମୁଖ କାର୍ଯ୍ୟକର୍ତ୍ତା ସୁଜିତ କୁମାର ତ୍ରିପାଠୀ, ସାମ୍ବାଦିକ ପ୍ରତାପ ଚନ୍ଦ୍ର ଦାଶ, ଦିଗପହଣ୍ଡି ଏନଏସିର ପ୍ରାକ୍ତନ ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସୁନୀଲ କୁମାର ବିଷୋୟୀ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପାଠୀ, ପୀତାମ୍ବର ଗୌଡ଼, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ସୀମାଞ୍ଚଳ ଗୌଡ଼, ଅବସରପ୍ରାପ୍ତ ଶିକ୍ଷକ ମାଗତା ପ୍ରଧାନ, ପ୍ରତାପ ଚନ୍ଦ୍ର ଦୀକ୍ଷିତ, ସନ୍ତୋଷ କୁମାର ସାହୁ, ଶିବାନନ୍ଦ ପାଣିଗ୍ରାହୀ, ସୀମାଞ୍ଚଳ କର, ନିରଞ୍ଜନ ଗୌଡ଼, ଏ. ନାରସୁ ପ୍ରମୁଖ ମଞ୍ଚାସିନ ଥିଲେ । ଖମାରିଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁଳୁଗୁଳିରୁ ବର୍ଷା ଦେଲା ଆଶ୍ୱସ୍ତି

ବାଲୁଗାଁ, ୩।୬(ସମିସ) : ବାଣପୁର ଓ ବାଲୁଗାଁ ଅଞ୍ଚଳରେ ତାପମାତ୍ରା ୪୨ ଡ଼ିଗ୍ରୀ ଛୁଇଁ ପ୍ରବଳ ଗରମ ଅନୁଭୂତି ହୋଇଥିବା ସହ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରିପକାଉଛି । କିଛି ଦିନ ପୂର୍ବେ କାଳ ବୈଶାଖି ପ୍ରଭାବରେ ବାଲୁଗାଁ ବାଣପୁର ଅଞ୍ଚଳରେ ଅସରାଏ ବର୍ଷା ହୋଇଥିବା ବେଳେ ଲୋକେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିଲେ । ହେଲେ କିଛି ଦିନ ହେବ ବର୍ଷା କୁଆଡେ ଉଭେଇ ଯାଇଥିବା ସ୍ଥଳେ ଉକ୍ତ ଦିନ ଠାରୁ ପ୍ରଚଣ୍ଡ ରୌଦ୍ରତାପ ସହ ଅସହ ଗୁଳୁଗୁଳି ଅନୁଭୂତି ହେଉଥିଲା । ଫଳରେ ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ତଥା ବାଲୁଗାଁ ବାଣପୁର ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ଦୁଇ ସପ୍ତାହ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେବାରେ ଲେକେ ଗରମରେ ଡହଳ ବିକଳ ହୋଇ ପଡିଥିଲେ । ହେଲେ ଦୀର୍ଘ ୧୫ ଦିନ ଅପେକ୍ଷା ପରେ ବୁଧବାର ଅପରାହ୍ନରେ ପ୍ରାୟ ଘଣ୍ଟାଏ ହେବ ଅସରାଏ ବର୍ଷା ହେବାରେ ସମସ୍ତ ଜନସାଧାରଣ ଗରମରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିବା ବେଳେ ଚାଷୀ ଖୁସିବ୍ୟକ୍ତ କରିଛନ୍ତି ।

# ବାଲିପାଟପୁର ପଞ୍ଚାୟତ ସାହି ରାସ୍ତା ଶୋଚନୀୟ



ଭୂଷଣ୍ଡପୁର,୩।୬(ସମିସ): ଟାଙ୍ଗୀ ବ୍ଲକର ବାଲିପାଟପୁର ଗ୍ରାମପଂଚାୟତର ଚନ୍ଦନ ସାହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ପଂଚାୟତର ଅଧିକାଂଶ ଲୋକ ଏହି ରାସ୍ତା ଦେଇ ପ୍ରତିଦିନ ପୋଖରୀକୁ ଯାଇଥାନ୍ତି । କିନ୍ତୁ ଡ୍ରେନର ବ୍ୟବସ୍ଥା ନଥିବାରୁ ଏହି ଛକରେ ପାଣି ଜମାହୋଇ ଯିବା ଆସିବାରେ ଘୋର ଅସୁବିଧା ହେଉଛି । ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ଭୀମ ସେନ ବେହେରା ଆଜି ପ୍ରତ୍ୟକ୍ଷ ଅନୁସନ୍ଧାନ କରି ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବାରୁ ଉପସ୍ଥିତ ଗ୍ରାମବାସୀ ସନ୍ତୋଷ ପ୍ରକାଶ କରିଥିଲେ ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା



ଜଟଣୀ, ୩।୬ (ସମିସ): ଜଟଣୀ ରାଜାବଜାର ଅଞ୍ଚଳର ମହିଳା ସମାଜସେବୀ ସ୍ୱର୍ଗତା ପ୍ରଭାସ ନଳିନୀ ସୁନ୍ଦରାୟଙ୍କର ଏକାଦଶ କ୍ରିୟା ଅବସରରେ ଏକ ସ୍ମୃତି ଚାରଣ ସଭା ଆୟୋଜିତ ହୋଇଯାଇଛି । ଏଥିରେ ବିଭିନ୍ନ ବର୍ଗର ବିଶିଷ୍ଟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ୱର୍ଗତା ପ୍ରଭାସ ନଳିନୀଙ୍କ ସମାଜସେବା ତଥା ପରୋପକାରୀ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସଭା ତାଙ୍କ ପୁତ୍ର ଶଶୀକାନ୍ତ ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି କ୍ରିୟାରେ ଵାଇଁ ବାୟୁସେନା ବୟୋଜ୍ୟେଷ୍ଠ ଗଦାଧର ଗୁମାନସିଂହ, ସରୋଜଶ୍ରୀ ସୁନ୍ଦରାୟ, ସୋନାଲ, ସୋନିଆ, ସାହିତ୍ୟିକା ଦାସ ଗୁମାନସିଂହ, ପ୍ରଜ୍ଞାଜ୍ୟୋତି, ମୀନକେତନ, ନିନି ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଥିଲେ ।

# ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ



ଖୋର୍ଦ୍ଧା,୩।୬(ସମିସ): ଜିଲ୍ଲାପରିଷଦ କାର୍ଯ୍ୟାଳୟ ସଭାଗୃହ ପରିସରରେ ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ବିଧାୟକ ଜଗଦ୍ଦେବ କହିଥିଲେ ସମସ୍ତ ଅଧିକାରୀ ବିଭିନ ପ୍ରକଳ୍ପ ପ୍ରସ୍ତାବ ସୁପାରିସ ସମୟରେ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ବିଧିବଦ୍ଧ ସରକାରଙ୍କ ନିୟମ ଅନୁସାରେ ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରନ୍ତୁ । ବେଗୁନିଆ ବିଧାୟକ ଶ୍ରୀ ସାହୁ ସରକାରୀ ଅଧିକାରୀ ଓ ଜନପ୍ରତିନିଧି ପରସ୍ପର ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୋର୍ଦ୍ଧା ଜିଲ୍ଲାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ସାହୁ ନିଜ ଅଞ୍ଚଳର ଲୋ ଭୋଲଟେଜ, ବିଦ୍ୟୁତ କାଟ ଏବଂ ନଳକୂପ ଖନନ ଦିଗରେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପଂଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା ନିଜ ନିଜ ଅଂଚଳରେ ଥିବା ସମସ୍ୟା ଉପରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ପରାମର୍ଶ ଗୁଡିକୁ ସମ୍ପୃକ୍ତ ବିଡ଼ିଓ ଓ ସମ୍ପୃକ୍ତ ଅଧିକାରୀ ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରି ଅନୁମୋଦନ ନିମନ୍ତେ ଜିଲ୍ଲା ପରିଷଦକୁ ପଠାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପଂଚାୟତ ମାନଙ୍କରେ କେତେକ ସୋଲାର ଲାଇଟ ନ ଜଳିବା ଓ ଏହାର ସମାଧାନ ଉପରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ସ୍ପଷ୍ଟି କରଣ ରଖିଥିଲେ ।

ବେଗୁନିଆ ବ୍ଲକ ୨୪ ନମ୍ବର ଜୋନ୍ ରେ ସଦଶ୍ୟାଙ୍କ ପ୍ରସ୍ତାବ ହାତି ଉପଦ୍ରବ ଓ ଏହାର ସମାଧାନ ଉପରେ ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହ ବିଧାୟକ ଖୋର୍ଦ୍ଧା ଜୟଦେବ ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନୟନ ରାସ୍ତା ଅଗ୍ରଗତି, ୨୦୨୫ -୨୬ ରାସ୍ତା ଟେଣ୍ଡର କାର୍ଯ୍ୟର ଅଗ୍ରଗତି, ଗ୍ରାମ୍ୟ ଉନୟନ ଡିଭିଜନ ଖୋର୍ଦ୍ଧା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଡିଭିଜନ ଖୋର୍ଦ୍ଧା ଏବଂ ୱାଟକୋ ଡିଭିଜନ, ଖୋର୍ଦ୍ଧା ଅତିରିକ୍ତ କାର୍ଯ୍ୟାଳୟ କାର୍ଯ୍ୟକାରିତା, ବାଣପୁର ବରଡିହ ବିଜୁ ସେତୁ ଯୋଜନା, ୩୦ ନମ୍ବର ଜୋନ୍ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଗ୍ରଗତି, ହଂସପାଳରୁ ଅଭୟମୁଖି ପୂର୍ତ୍ତ ବିଭାଗ ରାସ୍ତା ମରାମତି, ଟଙ୍କ ପାଣି ପୂର୍ତ୍ତ ବିଭାଗ ରାସ୍ତା ମରମତି, ଜଟଣୀ ବ୍ଲକ ର ସିଙ୍ଗିପୁର ହରିପୁର ଗ୍ରାମ୍ୟ ରାସ୍ତା ର ମରାମତି, ଅତିଥି ଶିକ୍ଷକ ନିଯୁକ୍ତି ପ୍ରଭୃତି ବିଷୟରେ ବୈଠକରେ ଆଲୋନା କରାଯାଇଥିଲା । ଶେଷରେ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ବୈଠକରେ ଆଇନ ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଭୋଳ ଏବଂ ସତନ୍ତ୍ର ଅଧିକାରୀ ରୋଷନ ଶତପଥୀ, ପୁରୀ ସାଂସଦଙ୍କ ପ୍ରତିନିଧି ଦିଲୀପ ମହାନ୍ତି, ଜଟଣୀ ବିଧାୟକଙ୍କ ପ୍ରତିନିଧି ମଂଚାସୀନ ଥିବାବେଳେ ସମସ୍ତ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା, ସଦସ୍ୟ, ପଂଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାର, ବିଡିଓ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାରେ ବୃଦ୍ଧ ମୃତ, ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

ଜଟଣୀ, ୩।୬ (ସମିସ): ଜଟଣୀ ତିରିମଲ୍ଲ ମୁଖ୍ୟ ରାସ୍ତା ରାଣିପୁରଠାରେ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରାଣିପୁର ଗ୍ରାମର ଗଜ ଚଣ୍ଡ (୭୦) । ଆଜି ରାତି ପ୍ରାୟ ୮. ୩୦ରେ ୩ଜଣ ଯୁବକ ଗୋଟିଏ ବାଇକରେ ତିରିମଲ୍ଲ ପଟରୁ ଜଟଣୀ ଆଡକୁ ଦ୍ରୁତ ଗତିରେ ଯାଉଥିବାବେଳେ ବୃଦ୍ଧ ଜଣକ ରାସ୍ତା ପାର ହୋଇ ଯାଉଥିବା ସମୟରେ ତାଙ୍କୁ ପଛପଟୁ ବାଇକ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ହିଁ ବୃଦ୍ଧ ଜଣକ ମୃତ୍ୟୁବରଣ କରିଥିଲେ । କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖା ଯାଇଥିବା ବେଳେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା । ଜଟଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଆୟତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବାଇକ ଆରୋହୀଙ୍କ ମଧ୍ୟରୁ ଜଣେ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଅନ୍ୟ ୨ ଯୁବକଙ୍କୁ ଅଟକ ରଖାଯାଇ ତଦନ୍ତ ହେଉଥିବା ପୁଲିସ ସୂଚନା ଦେଇଛି ।

## ଚୋରା ମାଙ୍କଡ଼ା ବୋଝେଇ ୨ ଟ୍ରକ ଜବତ

ନିରାକାରପୁର, ୩।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଞ୍ଚଳରେ ଚୋରା ମାଙ୍କଡା ପଥର ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦେଖି ପୁଲିସ ଗତ ମଙ୍ଗଳବାର ଦିନ ଚଢ଼ାଉ କରି ଖଜୁରୀଆ ରାସ୍ତାରୁ ଓ ପଦ୍ମପୁରସ୍ଥିତ ନୂଆ ଜଗନ୍ନାଥ ସଡ଼କରୁ ଦୁଇଟି ମିନି ଟ୍ରକକୁ ଜବତ କରିଛି । ଚାଳକ ଦ୍ୱୟ କୌଶଳକ୍ରମେ ଖସି ପଳାଇ ଥିବା ଜଣାଯାଇଛି । ଏହି ୨ଟି ଜବତ ଟ୍ରକ ବେଆଇନ ଭାବେ ମାଙ୍କଡା ପଥର ବୋଝେଇ କରି ନେଇ ଯାଉଥିବାରୁ ଉଭୟଙ୍କ ନାମରେ ୨୦୧ ଓ ୨୦୨ରେ ଦୁଇଟି ମାମଲା ରୁଜୁ ହୋଇଛି । ଗାଡି ଦୁଇଟି ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି ।

■ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ପ୍ରାଣେଶ୍ୱର ଜୟସିଂହଙ୍କ ଦାୟିତ୍ୱ ଗ୍ରହଣ



ନିରାକାରପୁର, ୩।୬ (ସମିସ) : ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ମିହିର ଚନ୍ଦ୍ର ମହାପାତ୍ର ଗତ ମେ' ୩୧ ତାରିଖରେ ବୟସ ସୀମା ଜନିତ କାରଣରୁ ସେବା ନିବୃତ୍ତ (ସୁପରଆନୁଏସନ) ହୋଇଛନ୍ତି । ତାଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା । ଖୋର୍ଦ୍ଧା ଉପ-ଜିଲ୍ଲାପାଳ ତଥା କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତିଙ୍କ ସୁପାରିସ କ୍ରମେ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ସଂଖ୍ୟା ୬୧୧୪ / ତା- ୦୩.୦୬.୨୦୨୬ ଅନୁଯାୟୀ ଶ୍ରୀ ଜୟସିଂହଙ୍କୁ ନିଜର ସ୍ୱାଭାବିକ ଶିକ୍ଷାଦାନ ଦାୟିତ୍ୱ ସହିତ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ପ୍ରାଣେଶ୍ୱର ଜୟସିଂହ ଏହି ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ବିଦ୍ୟାଳୟର ଶିକ୍ଷାଗତ ବାତାବରଣ ଓ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ସଂକଳ୍ପ ପ୍ରକାଶ କରିଛନ୍ତି ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ, ୩।୬ (ସମିସ) : ଟାଙ୍ଗୀ ବ୍ଲକ ମୁକ୍ତେଶ୍ୱର ଦେବ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସୁନ୍ଦରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସଭାରେ ଟାଙ୍ଗୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଟାଙ୍ଗୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଓ ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ସଙ୍ଗୀତା ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ୍ ସହ ଶିକ୍ଷାଧିକାରୀ ନିରୁପମା ମହାପାତ୍ର, ସୁନ୍ଦରପୁର ସରପଞ୍ଚ ସୁଜିତ୍ ହାଲଦାର, ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ସଂଗଠକ ସମ୍ପାଦକ ସମରେଶ ବେହେରା, ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା, ପିସ୍ତା ର ରାଜ୍ୟ କୋଷାଧ୍ୟକ୍ଷ ଗୋପାଳ ସେନ୍, ଶିକ୍ଷକ ନେତା ଅମର ଜୟସିଂ, ଆସାର ସଭାପତି ସୁକାନ୍ତ ରାଉତ, ଡକ୍ଟର ବନମାଳୀ ଜେନା, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ଭାଗିରଥି ଛୋଟରାୟ, ବିଦ୍ୟାଳୟ ସଭାପତି ପରମାନନ୍ଦ ପ୍ରଧାନ,ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ଉପଦେଷ୍ଟା ମଞ୍ଜୁଶ୍ରୀ ପଟ୍ଟନାୟକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ପ୍ରସନ୍ନ କୁମାର ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅମିତ୍ କୁମାର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ ।



## ବ୍ରାଉନସୁଗର ଜବତ, ୩ ଗିରଫ

ଜଟଣୀ, ୩।୬ (ସମିସ): ଜଟଣୀ ଥାନା ଅନ୍ତର୍ଗତ ବଡ଼ ନୂଆଗାଁ ଗାନ୍ଧୀନଗର ଅଞ୍ଚଳରୁ ଜଟଣୀ ପୁଲିସ ଚଢ଼ାଉ କରି ବ୍ରାଉନ ସୁଗାର ଜବତ କରିବା ସହ ଜଣେ ମହିଳା ସମେତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜଟଣୀ ଥାନା ବଡ଼ ନୂଆଗାଁ ଗାନ୍ଧୀ ନଗରର ରୀନା ନାୟକ, ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଗମ୍ଭାରୀଡ଼ିହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାହାକ ଓ ଜଟଣୀ ରାଜା ବଜାର ବିବେକାନନ୍ଦ ସାହିର ଗୁଡୁ ଓରଫ ଏସ କେ ମୁଦ୍ଦିନ । ପୁଲିସ ଏମାନଙ୍କ ଠାରୁ ମୋଟ ୨୮ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଆଜି କୋର୍ଟ ଚାଲାଣ କରିଛି । ଏମାନେ ଦୀର୍ଘ ଦିନ ହେଲା ଖୋର୍ଦ୍ଧା ଓ ନୟାଗଡ ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ଜଟଣୀ ଅଞ୍ଚଳରେ ବେପାର କରୁଥିବା ପୁଲିସ ସୂତ୍ରରୁ ପ୍ରକାଶ ।

## ୧୦ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲୁଗାଁ, ୩।୬(ସମିସ) : ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଏବଂ ବାଲୁଗାଁ ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଏସଆଇ ରମ୍ଭା ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବୁଧବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅଞ୍ଚଳରେ ଚଢାଉ କରି ଜଣେ ଧଳାଜହର ବେପାରୀକୁ ଗିରଫ କରି ତାନିକଟରୁ ୧୦.୬ ଗ୍ରାମର ଧଳାଜହର ଜବତ କରିବାରେ ସଫଳ ହୋଇଥିଲେ । ଜାହାର ଅନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲୁଗାଁ ଥାନା ଅଧିନ ଗୋପିନାଥପୁର ନୂଆ ସାହିର ସୁନିଲ ପାଢି ଓରଫ ନଣ୍ଡା (୩୧) ବୋଲି ଜଣା ପଡିଛି । ଅଭିଯୁକ୍ତଠୁ ଧଳା ଜହର ସହ ଏକ ମୋବାଇଲ ଫୋନ ଓ ୯ ୯୦ଟଙ୍କା ଜବତ କରିବାରେ ସକ୍ଷମ ହୋଇଥିଲେ । ପୁଲିସ ଏ ସଂକ୍ରାନ୍ତରେ ବାଲୁଗାଁ ଥାନା କେସ ନଂ ୨୫୧/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନଣ୍ଡାକୁ କୋର୍ଟ .ଲାଣ କରାଯାଇଥିବା ସୂଚନା ମିଳିଛି ।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ !

ଖୋର୍ଦ୍ଧା, ୩।୬ (ସମିସ): ପ୍ରଚଣ୍ଡ ରୌଦ୍ରତାପ ଓ ଅଂଶୁଘାତର ଶିକାର ହୋଇ ଜଣେ ୫୬ ବର୍ଷୀୟ ଚାଷୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ମୃତ ଚାଷୀଜଣକ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବ୍ରଜମୋହନପୁର ଗ୍ରାମର ଅର୍ଜୁନ ବେହେରା । ଆଜି ସକାଳ ପ୍ରାୟ ୯ .୩୦ ମିନିଟ୍ ସମୟରେ ଅର୍ଜୁନ ନିଜ ବିଲକୁ ଧାନ ବୁଣିବା ପାଇଁ ଯାଇଥିଲେ । ମାତ୍ର ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ଏହାପରେ ପରିବାର ସଦସ୍ୟ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ବିଲଠାରୁ କିଛି ଦୂରରେ ଅର୍ଜୁନ ଅଚେତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ପାଇଥିଲେ । ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ହୋଇଥିବା ଦେଖାଯାଇଛି । ଆଜି ସକାଳୁ ଅତ୍ୟଧିକ ଖରା ଓ ଗୁଳୁଗୁଳି ହେଉଥିବାରୁ, ପ୍ରଖର ଉତ୍ତାପ ସହ୍ୟ ନ କରିପାରି ସେ ଅଂଶୁଘାତର ଶିକାର ହୋଇ ପ୍ରାଣ ହରାଇଥିବା ସ୍ଥାନୀୟ ଅଞ୍ଚଳରେ ସନ୍ଦେହ କରାଯାଉଛି । ଏହି ଘଟଣା ପରେ ବ୍ରଜମୋହନପୁର ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ରିପୋର୍ଟ ଲେଖାହେବା ସୁଦ୍ଧା ସଦର ଥାନାରେ ଏ ନେଇ କୌଣସି ଆନୁଷ୍ଠାନିକ ଅଭିଯୋଗ କିମ୍ବା ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି ।

## କାଳବୈଶାଖୀ; ଉପୁଡ଼ିଲା ଗଛ ଓ ବିଦ୍ୟୁତ୍ ଖୁଣ୍ଟ, ଭାଙ୍ଗିଲା ଘର



ବେଗୁନିଆ, ୩।୬ (ସମିସ): ବେଗୁନିଆ ବ୍ଲକ ସିମୋର୍ ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଳିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ କାଳ ବୈଶାଖୀ ପବନ ଯୋଗୁଁ ଏକ ବରଗଛ ଉପୁଡ଼ି ଯାଇଥିଲା । ଫଳରେ ବିଦ୍ୟାଳୟରେ ନବନିର୍ମିତ ପାଇଖାନା ଟାଙ୍କି ଉପରେ ବରଗଛଟି ପଡ଼ି ଯାଇ ଭାଙ୍ଗି ଦେଇଥିବାର ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସୂଚନା ଦେଇଛନ୍ତି । ଏପରିକି ସିମୋର୍ କଣ୍ଟାମଳିମ ନିକଟରେ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ କେହି ଆହତ ହୋଇ ନାହାନ୍ତି ବୋଲି ସୂଚନା ମିଳିଛି ।

## ଖୋର୍ଦ୍ଧାରୋଡ ଷ୍ଟେସନ ଇନ୍‌ଚାର୍ଜ ହେଲେ ଏଲ୍‌ଡି ମହାନ୍ତି



ଜଟଣୀ, ୩।୬(ସମିସ) : ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ଷ୍ଟେସନ ଇନଚାର୍ଜ ଭାବେ ଯୋଗଦେଲେ ଏଲ ଡ଼ି ମହାନ୍ତି, ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ ଷ୍ଟେସନରେ ପହଞ୍ଚି ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ । କର୍ମଚାରୀଙ୍କ ପ୍ରତି ବିନା ଭେଦବାଦରେ କାର୍ଯ୍ୟକାରିବାକୁ ପରାମର୍ଶ ଦେଇଥିଲେ । ପରେ ବର୍ତ୍ତମାନର ଷ୍ଟେସନ ଇନଚାର୍ଜ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟ ସହକର୍ମୀ ମାନେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଆଗାମୀ ଦିନରେ ଖୋର୍ଦ୍ଧାରୋଡ କୁ ଏକନମ୍ବର କରିବାପାଇଁ ଯେକୌଣସି ପଦକ୍ଷପ ଆବଶ୍ୟକ ଆପଣାଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ,. ଏମ ଜି କେ ରାଓ, ସଭାପତି ମୁସ୍ତାକ ଅଲ୍ଲୀ , ତ୍ରିଲୋଚନ ମହାନ୍ତି, ସୁନୀଲ ପରିଡା ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ରେଳ ଷ୍ଟେସନରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ, ୩।୬(ସମିସ): ଖୋର୍ଦ୍ଧା ରୋଡ଼ ରେଳ ଡ଼ିଭିଜନ ଅନ୍ତର୍ଗତ ଗଙ୍ଗାଧରପୁର ରେଳ ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମରୁ ବୁଧବାର ସକାଳେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଜବତ କରିଛି ରେଳବାଇ ପୁଲିସ । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମୃତ ଯୁବକଙ୍କ ପରିଚୟ ମିଳି ପାରି ନାହିଁ । ମୃତ ଯୁବକଙ୍କର ବୟସ ୩୨ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ସ୍ଥଳେ ସେ ଏକ କଳା ରଂଗର ଗଞ୍ଜି ଓ ବ୍ଲୁ ରଂଗର ଜିନ୍ସ ପ୍ୟାଣ୍ଟ ପିନ୍ଧି ଥିବା ଦେଖିବାକୁ ମିଳିଛି । ଗଙ୍ଗାଧରପୁର ରେଳ ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମରେ ମଙ୍ଗଳବାର ରାତ୍ରରେ ଜଣେ ଅଜଣା ଯୁବକ କୌଣସି ଟ୍ରେନରୁ ଖସି ପଡି କିମ୍ବା ଅନ୍ୟ କିଏ ତାଙ୍କୁ ଧକ୍କା ଦେବାରେ କିମ୍ବା କିଏ ତାଙ୍କୁ ମାରି ସେଠାରେ ପକାଇ ଦେଇଥିବା ବେଳେ ମୃତ ଦେହ ପଡିଥିବାର ବୁଧବାର ସକାଳେ ଦେଖି ଗଙ୍ଗାଧରପୁର ରେଳ ରେଳ ଷ୍ଟେସନ ମାଷ୍ଟର ଜିଆରପିକୁ ସୁଚନା ଦେଇଥିଲେ । ଖବର ପାଇ ନିରାକାରପୁର ରେଳବାଇ ଜିଆରପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବେଚ୍ଛେଦ ପାଇଁ ପଠାଇ ତଦନ୍ତ ଅବ୍ୟାହତ ରଖିଛନ୍ତି ।

## ଜଙ୍ଗଲ ପାଲଟିଲାଣି ଗ୍ରାମ ଶ୍ମଶାନ

# ଶବଦାହ ପାଇଁ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ

ଜଟଣୀ, ୩।୬ (ସମିସ): ସହରାଞ୍ଚଳରେ କାହାର ମୃତ୍ୟୁ ହେଲେ ଶବଦାହ ପାଇଁ ପ୍ରଥମେ ଶ୍ମଶାନ ଖୋଜାହୁଏ । ଆଉ ଶ୍ମଶାନ ଗୁଡ଼ିକରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଆଦି ବନ୍ଦୋବସ୍ତ କରାଯାଇଥାଏ । ବର୍ତ୍ତମାନ ସମୟରେ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତଠାରୁ ଆରମ୍ଭ କରି ସହରାଞ୍ଚଳରେ ପ୍ରତି ଶ୍ମଶାନକୁ ପୁନରୁଦ୍ଧାର କରାଯାଉଥିଲେ ମଧ୍ୟ ଏବେବି ଅନେକ ସ୍ଥାନରେ ଶ୍ମଶାନ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ପ୍ରଶାସନର ଅଣଦେଖା ହେଉ କିମ୍ବା ଲୋକ ପ୍ରତନିଧିଙ୍କ ଅବହେଳା ପାଇଁ ସାଧାରଣ ଲୋକମାନେ ଶବଦାହ କରିବା ବେଳେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ଶ୍ମଶାନ ଏବେ ଜଙ୍ଗଲ ପାଲଟିଲାଣି । ବ୍ରିଟିଶ୍ ଅମଳରୁ ତିଆରି ହୋଇଥିବା ଶ୍ମଶାନର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଗଛଲତାରେ ଭର୍ତ୍ତି ହୋଇ ଶ୍ମଶାନ ଘର ଅଦୃଶ୍ୟ ହୋଇଗଲାଣି । ଆଉ ଏହି ଜଙ୍ଗଲ ଭିତରେ ହେଉଛି ଶବଦାହ କାର୍ଯ୍ୟ । ଅନେକ ସମୟରେ ଲୋକମାନେ ଭୟଭୀତ ଅବସ୍ଥାରେ ଶବଦାହ କରୁଥିବା ବେଳେ ବିଶେଷ କରି ରାତି ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଅବହେଳିତ ଅବସ୍ଥାରେ ପଡ଼ିଥିବା ଏହି ଶ୍ମଶାନର ଉନ୍ନତିକରଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ପକ୍ଷକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡରେ ରାମଚନ୍ଦ୍ରପୁର ଗ୍ରାମ ଶ୍ମଶାନ ରହିଛି । ଏହା ଉପରେ ୯, ୧୦ ଓ ୧୧ନମ୍ବର ୱାର୍ଡର ଅଞ୍ଚଳବାସୀ ନିର୍ଭର କରନ୍ତି । ନୂଆଗାଁ, ରାମଚନ୍ଦ୍ରପୁର, ବିକାଶନଗର, ପାଇକରାପୁର, ଭୋଇସାହି, ତେଲି ସାହି, ବ୍ରାହ୍ମଣ ସାହି ସହ ଅନ୍ୟ କିଛି ଅଞ୍ଚଳର ଲୋକ ଏଠାରେ ଶବଦାହ କରି ଆସୁଛନ୍ତି । କୁହାଯାଏ, ଏହି ଶ୍ମଶାନ ବ୍ରିଟିସ୍ ଅମଳରେ ଗ୍ରାମବାସୀମାନେ ବ୍ୟକ୍ତିଗତ ଜାଗାରେ ଟଙ୍କା ଆଦାୟ କରି ନିର୍ମାଣ କରିଥିଲେ । ସେବେଠୁ ଅଞ୍ଚଳବାସୀ ଶବଦାହ କାର୍ଯ୍ୟ କରି ଆସୁଥିଲେ । ହେଲେ ବିଗତ କିଛି ବର୍ଷ ହେଲା ଶ୍ମଶାନର ରକ୍ଷଣାବେକ୍ଷଣ ଅଭାବରୁ ଏବେ ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଶ୍ମଶାନ ପରିସରରେ ଅନାବନା ଗଛଲତା ସବୁ ଉଠି ଜଙ୍ଗଲ ପାଲଟିଗଲାଣି । ଫଳରେ ଶବଦାହ ଗୃହ ପର୍ଯ୍ୟନ୍ତ ଶବ ନେବା କଷ୍ଟକର ହେଉଛି । ଭିତରକୁ ଯିବା ଲାଗି ରାସ୍ତା ମଧ୍ୟ ନାହିଁ । ବଣ ଭର୍ତ୍ତି ଶ୍ମଶାନ ପରିସରରେ ଉଇ ହୁଙ୍କା ସୃଷ୍ଟି ହୋଇଛି । ଶ୍ମଶାନରେ ସରୀସୃପ ଭୟରେ ଲୋକମାନେ ଶ୍ମଶାନ ଭିତରକୁ ଯିବା ପାଇଁ ଡରୁଛନ୍ତି । ସେହିପରି ଦିନ ବେଳା କଷ୍ଟେ ମଷ୍ଟେ କାମ ଚଳି ଯାଉଥିବାବେଳେ ରାତିରେ ଶବଦାହ କରିବାରେ ବହୁ ସମସ୍ୟା ଦେଖାଦେଉଛି । ମୌଳିକ ସୁବିଧା ଲାଇଟ୍, ପାଣିର ବ୍ୟବସ୍ଥା ନଥିବାରୁ ଲୋକେ ବହୁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଗୋଟିଏ ଶବଦାହ ଗୃହର ଛାତରେ ନିଆଁର ଉତ୍ତାପ ବାହାରିବା ଲାଗି ଅନ୍ୟ ଏକ ଛାତ ନଥିବା କାରଣରୁ ଲୋକମାନେ ତଳେ ମାଙ୍କଡ଼ା ପଥର ପକାଇ ଶବଦାହ କରୁଥିବା ଦେଖିବାକୁ ମିଳିଛି । ତୁରନ୍ତ ଏକ ଶବଦାହ ଘର କରିବାକୁ ଦାବି ହୋଇଛି । ଏ ନେଇ ଅଞ୍ଚଳର ମାନସ ବେହେରା କହିଛନ୍ତି ଯେ, ଏହି ଶ୍ମଶାନ ଆମ ବାପା, ଜେଜେବାପା ଅମଳରୁ ନିର୍ମାଣ ହୋଇଛି । ପରେ ଟଙ୍କା ଆଦାୟ କରି ଏହାର ରକ୍ଷଣାବେକ୍ଷଣ କରି ଆସୁଥିଲୁ । କିନ୍ତୁ ଏବେ ତାହା କୃତ୍ରିମ ଜଙ୍ଗଲ ପାଲଟି ଗଲାଣି । ଏଠାରେ ଶବଦାହ ସମୟରେ ଲୋକଙ୍କୁ ମୌଳିକ ସୁବିଧା ମିଳୁନାହିଁ । ଫଳରେ ଲୋକେ ବହୁ ହଇରାଣ ହେବାକୁ ପଡ଼ୁଛି । ଏଥିସହ ଶ୍ମଶାନକୁ ଲାଗିକି ରହିଥିବା ଖେଳ ପଡ଼ିଆକୁ ଗୋଟିଏ ମିନି ପାର୍କ କିମ୍ବା ମିନି ଷ୍ଟାଡିୟମ୍ କରିବାକୁ ସେ ଦାବି କରିଛନ୍ତି ।





# ବାଳିଅନ୍ତା ଭିଡ଼ ହତ୍ୟା
# ଏନ୍‌ଏଚ୍‌ଆର୍‌ସିର ତନାଘନା

- ଡାକ୍ତର, ଓମ୍, ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପଚରାଉଚରା
- ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିବା ଯୁବତୀଙ୍କୁ ଜେରା
- ହାଜର ଲାଗି ପୁଲିସ ସିପି ଓ ଡିସିପିଙ୍କୁ ନୋଟିସ ଜାରି
- ଆଜି ହାଜର ହୋଇ ପାରନ୍ତି ଏଡିଜି ଦୟାଲ ଗଙ୍ଗୱାର

ଭୁବନେଶ୍ୱର,୩।୬ (ସମିସ)

ବାଲିଅନ୍ତା ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ତଦନ୍ତ ତୃତୀୟ ଦିନରେ ପହଞ୍ଚିଛି। ଭିଡ଼ ହିଂସା ରୋକିବାରେ ବିଫଳ ହୋଇଥିବା ଅଧିକାରୀମାନେ ସ୍କାନରରେ ରହିଛନ୍ତି। ଏହାରି ଭିତରେ ସୌମ୍ୟଙ୍କ ନାମରେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ଆଣିଥିବା ପୀଡ଼ିତା ଏନ୍‌ଏଚ୍‌ଆରସିରେ ହାଜର ହୋଇଛନ୍ତି। ଘଟଣା ଦିନ କଣ ସବୁ ଘଟିଥିଲା ଓ ସୌମ୍ୟଙ୍କ ସହ ପୂର୍ବରୁ ପରିଚୟ ରହିଥିଲା କି ନାଇଁ, ପୀଡ଼ିତାଙ୍କୁ ସେନେଇ ପଚରାଉଚରା କରାଯାଇଛି। ଏହାସହିତ ଆମ୍ବୁଲାନ୍ସ ଡ୍ରାଇଭର, ଟ୍ରକ୍ ଡ୍ରାଇଭର, ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର, ସୌମ୍ୟଙ୍କ ସାଙ୍ଗ ଓମ୍ ଏବଂ ମାନବାଧିକାର କର୍ମୀ ମଧ୍ୟ ଏନ୍‌ଏଚ୍‌ଆରସିରେ ହାଜର ହୋଇଛନ୍ତି। ସୌମ୍ୟଙ୍କୁ କିପରି ହତ୍ୟା କରାଯାଇଥିଲା ଓ ଘଟଣାସ୍ଥଳରେ ପୁଲିସର ପଦକ୍ଷେପ କଣ ଥିଲା, ସେ ସଂପର୍କରେ ଏନ୍‌ଏଚ୍‌ଆରସି ଟିମ୍ ତଥ୍ୟ ସଂଗ୍ରହ କରିଛନ୍ତି।

ଦୁର୍ଘଟଣା ଓ ସୌମ୍ୟରଞ୍ଜନଙ୍କୁ ମାଡ଼ ମାରିବା ପରେ ଆମ୍ବୁଲାନ୍ସ ଡକାଯାଇଥିଲା। ହେଲେ କିଏ ଓ କାହିଁକି ଆମ୍ବୁଲାନ୍ସ ଫେରାଇ ଦେଇଥିଲା, ସେନେଇ ଡ୍ରାଇଭରଙ୍କ ବୟାନ ରେକର୍ଡ ହୋଇଛି। ଆମ୍ବୁଲାନ୍ସ ବଦଳରେ ସୌମ୍ୟଙ୍କ ହାତ ଗୋଡ଼ ବାନ୍ଧି ବାଉଁଶରେ ଟେକି ଟ୍ରକରେ ନିଆଯାଇଥିଲା। ସେ ସମୟରେ ଉପସ୍ଥିତ ପୁଲିସ ଅଧିକାରୀ କଣ କରୁଥିଲେ, ସେନେଇ ବିସ୍ତୃତ ତଦନ୍ତ ଚାଲିଛି। ସେପଟେ ସୌମ୍ୟଙ୍କ ମୃତଦେହର ବ୍ୟବଚ୍ଛେଦ କରିଥିବା କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀଧର ବେହେରା ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଏନ୍‌ଏଚ୍‌ଆରସିରେ ହାଜର ହୋଇଛନ୍ତି। କେଉଁ ନିର୍ଦ୍ଦିଷ୍ଟ କାରଣରୁ ସୌମ୍ୟଙ୍କର ମୃତ୍ୟୁ ଘଟିଥିଲା, ସେନେଇ ତାଙ୍କ ବୟାନ ରଖିଛନ୍ତି। ଶବ ବ୍ୟବଚ୍ଛେଦ ପରେ କେଉଁସବୁ ତଥ୍ୟ ପାଇଛନ୍ତି, ତାହା ମଧ୍ୟ ଏନ୍‌ଏଚ୍‌ଆରସି ଟିମକୁ ଜଣାଇଛନ୍ତି ଡାକ୍ତର ବେହେରା। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳକୁ ଯାଇଥିବା ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଜେରାର ସମ୍ମୁଖୀନ ହୋଇଛି। କ୍ରାଇମ୍ ସ୍ପଟରୁ କେଉଁ ପ୍ରକାର ନମୁନା ସଂଗ୍ରହ କରିଛନ୍ତି ଓ କ'ଣ ପ୍ରମାଣ ମିଳିଛି, ସେନେଇ ତଥ୍ୟ ରଖିଛନ୍ତି। ନୋଟିସ ହୋଇଥିବାରୁ ପୁଲିସ କମିଶନର ଡଃ ସୁରେଶ ଦେବଦତ୍ତ ସିଂ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ହାଜର ହୋଇପାରନ୍ତି।

ଆଇପିଏସ୍ ଦୟାଲ ଗଙ୍ଗୱାର ସୌମ୍ୟଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ପରିବାର ଲୋକେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ। ଏମିତିକି ମୋଡ଼ା ଘଷା ଓ ମସାଜ୍ ନକଲେ ନିଲମ୍ବନ କରିବାର ଧମକ ଦେଉଥିବା ଭଳି ସଙ୍ଗିନ ଅଭିଯୋଗ ଆସିଥିଲା। ଶ୍ରୀ ଗଙ୍ଗୱାର ବିବାଦରେ ପଡ଼ିବା ପରେ ରାଜ୍ୟ ସରକାର ତାଙ୍କୁ ଅତିରିକ୍ତ ଡିଜି ପଦବୀରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତ କରିଥିଲେ। ତେବେ ଘଟଣାର ତଦନ୍ତ କରୁଥିବା ଏନ୍‌ଏଚ୍‌ଆରସି ଶ୍ରୀ ଗଙ୍ଗୱାରଙ୍କୁ ନୋଟିସ୍ ଦେଇଥିବା ବେଳେ ସେ ଆସନ୍ତାକାଲି ହାଜର ହୋଇପାରନ୍ତି।



- ଜଗନ୍ନାଥଙ୍କ ଜମିରେ ଭେଣ୍ଡିଂ ଜୋନ୍ ନିର୍ମାଣ ଟେଣ୍ଡରକୁ ବିରୋଧ

## ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୩।୬(ସମିସ): କଟକ ଜଗତପୁର ଥାନା ଅନ୍ତର୍ଗତ ନିମପୁର ଗୟାନନା ଛକସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ବେଆଇନ ଭାବେ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ପ୍ରସ୍ତାବିତ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅଦାଲତ ପ୍ରତିପକ୍ଷ ରାଜ୍ୟ ସରକାର, ସିଏମସି, କଟକ ଜିଲ୍ଲାପାଳ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ଦେବେନ୍ଦ୍ର କୁମାର ଦାସ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଏବଂ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ଆସନ୍ତା ଜୁଲାଇ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସିଏମସି ୪୮ ନମ୍ବର ୱାର୍ଡ ଅନ୍ତର୍ଗତ ଉକ୍ତ ସ୍ଥାନରେ ୨୦ଟି ଦୋକାନ ଘର ସହ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ମାତ୍ର ଆବେଦନକାରୀଙ୍କ ଅଭିଯୋଗ ଅନୁସାରେ, ସେମାନେ ସେହି ଜମିରେ ଘର କରି ରହୁଛନ୍ତି ଏବଂ ଉକ୍ତ ଜମିଟି ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରେକର୍ଡଭୁକ୍ତ ଅଟେ। ଏହି ଜମିର ଉଚିତ୍ ମୂଲ୍ୟ ଦେଇ ଏହାକୁ ନିଜ ନାମରେ କରିବା ପାଇଁ ଆବେଦନକାରୀଙ୍କ ଦରଖାସ୍ତ ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ଭେଣ୍ଡିଂ ଜୋନ ନିର୍ମାଣ ହେଲେ ସେମାନେ ଗୁରୁତର ଭାବେ ପ୍ରଭାବିତ ହେବେ ବୋଲି ଦର୍ଶାଇ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଛନ୍ତି।

## ରଥଖଳାରୁ...



## ଦଣ୍ଡାରେ କଣ୍ଟା ବାଡ଼ିଆ ଶେଷ

ପୁରୀ, ୩।୬(ସମିସ): ଆସନ୍ତା ଜୁଲାଇ ୧୬ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଭାଇଭଉଣୀଙ୍କୁ ସାଥିରେ ନେଇ ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ଏଥିପାଇଁ ତିଆରି ଚାଲିଛି ତିନିରଥ। ବୁଧବାର ପୂର୍ବାହ୍ଣରେ ଅନୁକୂଳ ପୂଜା ପୂର୍ବକ ତିନିରଥର ମୁଖ୍ୟ କମାର ସେବକ, ମୁଖ୍ୟ ମହାରଣା ଏବଂ ମୁଖ୍ୟ ଭୋଇ ସେବକଙ୍କ ଉପସ୍ଥିତିରେ ତିନିରଥ ଅଖ ଉପରେ ଦଣ୍ଡା ଫ୍ରେମ୍ ମଜଭୁତ୍ ପାଇଁ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। କମାର ସେବକମାନେ ଏହି କଣ୍ଟା ବାଡ଼େଇଛନ୍ତି। ତାଳଧ୍ୱଜ ରଥ ଦଣ୍ଡାଗୁଡ଼ିକରେ ୭୪ଟି, ଦର୍ପଦଳନ ରଥ ଦଣ୍ଡାଗୁଡ଼ିକରେ ୫୮ ଏବଂ ନନ୍ଦିଘୋଷ ରଥର ଦଣ୍ଡାଗୁଡ଼ିକରେ ୮୮ଟି ଘଡ଼ିମୁହଁ ଅଗ ପାତେଳି, ଚଉରସ, ଦଣ୍ଡା ବିଡ଼ିଆ ବା ପୋଖରିଆ କଣ୍ଟା ବାଡ଼ିଆ ଯାଇଛି। ଦଣ୍ଡା ଫ୍ରେମ୍‌ରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହେବା ପରେ ଅପରାହ୍ଣରେ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ତିନିରଥର ପାଞ୍ଚ ଦଣ୍ଡା ଉପରକୁ ଦୁଇଟି ଲେଖାଏଁ ଗରଗରା ଉଠାଇଥିଲେ। ଏହାପରେ ମହାରଣା ସେବକମାନେ ମାପ ପ୍ରକାରେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରକାର କାପ ଖୋଦେଇ ସହ ଅଗର ବିନ୍ଧ କଲା ପରେ କମାର ସେବକମାନେ ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିସହ ତିନିରଥର ୩୨ଟି ଗୟଳର ଚଉପଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟିରେ ଚିତ୍ର ଖୋଦେଇ ସହ ତିନିରଥର ୮ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ପାଇଁ ଚିତ୍ର ଅଙ୍କନ କରିଛନ୍ତି। ଚିତ୍ର ଅଙ୍କନ ଶେଷ ହୋଇଥିବା ନାଟଗୋଡ଼ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି। ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ କାମ ଜାରି ରଖିଛନ୍ତି।

# ସଂରକ୍ଷଣ ହେବ ବ୍ରିଟିଶ ଅମଳର 'ରେନ୍ ଗଜ୍'

କଟକ, ୩।୬(ସମିସ): ସିଲଭର ସିଟି କଟକର ଐତିହାସିକ ସମ୍ପଦ ତାଲିକାରେ ଯୋଡ଼ି ହେବାକୁ ଯାଉଛି ବ୍ରିଟିଶ ଶାସନ କାଳର ଆଉ ଏକ ବିରଳ ନିଦର୍ଶନ। ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଦୀର୍ଘ ବର୍ଷ ହେବ ଅନାଲୋଚିତ ଭାବେ ରହିଥିବା ପ୍ରାୟ ୧୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଏକ

### ୧୪୦ ବର୍ଷର ଏହି ଯନ୍ତ୍ର ଦେଖିଲେ ଆଇଏମଡି ଡିଜି



ବୈଜ୍ଞାନିକ 'ରେନ୍ ଗଜ୍' (ବର୍ଷା ମାପକ ଯନ୍ତ୍ର)ର ଏବେ ସଂରକ୍ଷଣ ଓ ସର୍ବସାଧାରଣ ପ୍ରଦର୍ଶନ କରାଯିବ। ଏହି ଐତିହାସିକ ଉପକରଣର ବୈଷୟିକ ମହତ୍ତ୍ୱ ଓ ଗୁରୁତ୍ୱକୁ ଅନୁଧ୍ୟାନ କରିବା ପାଇଁ ଭାରତୀୟ ପାଣିପାଗ ବିଭାଗର (ଆଇଏମଡି) ମହାନିର୍ଦ୍ଦେଶକ (ଡିଜି) ଡଃ ମୃତ୍ୟୁଞ୍ଜୟ ମହାପାତ୍ର କଟକ ଗସ୍ତରେ ଆସି ଏହାର ସରଜମିନ ପରିଦର୍ଶନ କରିଛନ୍ତି। ଏହି ଯନ୍ତ୍ରଟିର ଅଦ୍ଭୁତ ନିର୍ମାଣ ଶୈଳୀ, ଧାତବ ଗଠନ ଏବଂ ତଥ୍ୟ ଆଧାରକୁ ଗଭୀର ଭାବେ ଯାଞ୍ଚ କରିବା ପରେ ଏହା ସମ୍ପୂର୍ଣ୍ଣ ବ୍ରିଟିଶ ଅମଳର ବୋଲି ଡ. ମହାପାତ୍ର ସୂଚନା ଦେଇଛନ୍ତି। ଓଡ଼ିଶାର ପାଣିପାଗ ଅଧ୍ୟୟନ ଓ ଗବେଷଣା ଇତିହାସରେ ଏହା ଏକ ଅମୂଲ୍ୟ ଜୀବନ୍ତ ସମ୍ପଦ ବୋଲି ସେ ଅଭିହିତ କରିଛନ୍ତି। ଏଣୁ ସାଧାରଣ ଜନତା, ଛାତ୍ରଛାତ୍ରୀ ଏବଂ ଗବେଷକମାନେ ଯେପରି ଏହି ଅତୀତର ବୈଜ୍ଞାନିକ କୀର୍ତ୍ତିରାଜି ବିଷୟରେ ସହଜରେ ଜାଣିପାରିବେ, ସେଥିପାଇଁ ଏହାକୁ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ କିମ୍ବା ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସ୍ଥାନରେ ସ୍ଥାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଥିବା ନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରକାଶ କରିଛନ୍ତି।

ଇତିହାସ ପୃଷ୍ଠାରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ରିଟିଶ ଶାସନ ସମୟରେ ବାରମ୍ବାର ଦେଖାଦେଉଥିବା ଭୟାବହ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ତଥା ସଠିକ୍ ଜଳ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଉଦ୍ଦେଶ୍ୟରେ ଏହି 'ରେନ୍ ଗଜ୍' ସ୍ଥାପନ କରାଯାଇଥିଲା। କଟକ ସହରଟି ମହାନଦୀ ଓ କାଠଯୋଡ଼ି ଅବବାହିକାର ମଧ୍ୟଭାଗରେ ଅବସ୍ଥିତ ଥିବାରୁ ଏବଂ ଏକ ଅତ୍ୟନ୍ତ ବନ୍ୟାପ୍ରବଣ ସ୍ଥାନ ହୋଇଥିବାରୁ ବର୍ଷାର ପରିମାଣ ଉପରେ ପ୍ରତି ମୁହୂର୍ତ୍ତର ସଠିକ ତଥ୍ୟ ରେକର୍ଡ କରିବା ତତ୍କାଳୀନ ବ୍ରିଟିଶ ପ୍ରଶାସନ ପାଇଁ ଅତ୍ୟନ୍ତ ଜରୁରୀ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ମୂଲ୍ୟବାନ ଯନ୍ତ୍ରଟି ମଙ୍ଗଳାବାଗ ଅଞ୍ଚଳରେ ଥିବା ତତ୍କାଳୀନ ଟେଲିଗ୍ରାମ ଅଫିସ ପରିସରରେ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେଠାରୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇ ଏହାକୁ କଟକ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା। ଏହି ୧୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଯନ୍ତ୍ରଟି ଓଡ଼ିଶାରେ ବିଜ୍ଞାନର କ୍ରମବିକାଶ ଏବଂ ଔପନିବେଶିକ ଶାସନର ପ୍ରଶାସନିକ ଢାଞ୍ଚାର ଏକ ନିରବ ସାକ୍ଷୀ ହୋଇ ରହିଛି। ଜିଲ୍ଲା ପ୍ରଶାସନ ଏବଂ ପାଣିପାଗ ବିଭାଗର ମିଳିତ ସହଯୋଗରେ ଏହି ମୂଲ୍ୟବାନ ସରକାରୀ ସମ୍ପତ୍ତିର ଉଚିତ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କରାଯାଇ ଖୁବ୍ ଶୀଘ୍ର ଏହାକୁ ଲୋକାର୍ପିତ କରାଯିବ ବୋଲି ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

## ଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କଲେ ଉଚ୍ଚସ୍ତରୀୟ ଟିମ୍



ପୁରୀ, ୩।୬ (ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ବର୍ତ୍ତମାନ ଗୁଣ୍ଡିଚା ମନ୍ଦିରର ବାହାର ପାର୍ଶ୍ୱ ପାଚେରି ଖଣ୍ଡୋଲାଇଟ୍ ପଥର ଆଚ୍ଛାଦିତ କରାଯାଉଥିବା ବେଳେ ଭିତରେ ବିଭିନ୍ନ ପ୍ରକାର ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ତେଣୁ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ କିଭଳି କାମ ଶେଷ ହେବ ସେ ନେଇ ବୁଧବାର ଗୁଣ୍ଡିଚା ମନ୍ଦିରର ଅନୁଧ୍ୟାନ କରିଛନ୍ତି ଉଚ୍ଚସ୍ତରୀୟ ଟିମ୍। ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଦଇତାପତି ନିଯୋଗ, ଶ୍ରୀମନ୍ଦିର ପରିଚାଳନା କମିଟି ଓ ଅନ୍ୟ ସେବାୟତ ସଦସ୍ୟ ଅନୁଧ୍ୟାନରେ ସାମିଲ୍ ହୋଇଥିଲେ।

ଏହି ଅବସରରେ ସେବାୟତମାନେ କେତେକ ପ୍ରସ୍ତାବ ରଖିଥିଲେ। ଗୁଣ୍ଡିଚା ମନ୍ଦିର ପହଣ୍ଡି ଦର୍ଶନ ଟିକଟ୍ ରଥଯାତ୍ରାର ୭ ଦିନ ପୂର୍ବରୁ ବିକ୍ରି କରିବା ବ୍ୟବସ୍ଥା କରିବାକୁ କହିଛନ୍ତି। ଗୁଣ୍ଡିଚା ମନ୍ଦିର ଉତ୍ତର ଦ୍ୱାର ପଟେ ୩ଟି ସ୍ୱତନ୍ତ୍ର ଲାଇନ୍ ଏବଂ ରୋଷଶାଳା ପାର୍ଶ୍ୱରେ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ଲାଇନ୍ କରାଯିବ। ମନ୍ଦିର ଭିତରେ ଓ ବାହାରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଅନ୍ୟପକ୍ଷରେ ଗୁଣ୍ଡିଚା ମନ୍ଦିରର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଜଗମୋହନ, ତୁଣିଆ ଘର ସମେତ ବିଭିନ୍ନ ସ୍ଥାନରେ ପୁରୁଣା ପଥର ବଦଳରେ ନୂଆ ଖଣ୍ଡୋଲାଇଟ୍ ପଥର ଲଗାଯାଉଛି। ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ଉଚ୍ଚସ୍ତରୀୟ କମିଟି ଆଶା ରଖିଛି। ଅତିରିକ୍ତ ଡିଜି ଓ କେନ୍ଦ୍ରାଞ୍ଚଳ ଆଇଜି ୯ ଦିନ ଧରି କିଭଳି ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ରହିବ, ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ ଓ ଫୋର୍ସ ମୁତୟନର ଟିକିନିଖି ତର୍ଜମା କରିଛନ୍ତି। ଗତବର୍ଷ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଯଥେଷ୍ଟ ପୂର୍ବରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ପରେ ରଥ ସ୍ଥାନ ପରିବର୍ତ୍ତନ ନେଇ ଯେଉଁ ପ୍ରସଙ୍ଗ ଉଠିଥିଲା ତାହା ଆଉ ସମ୍ଭବପର ନୁହେଁ ବୋଲି ସେବାୟତମାନେ ସ୍ପଷ୍ଟ କରିଛନ୍ତି।

### ଦିଲ୍ଲୀ ଭୟାବହତା ପରେ ଚେତିବ କି ପ୍ରଶାସନ?

# ମଲ୍ ଓ ହୋଟେଲରେ ନାମକୁମାତ୍ର ଅଗ୍ନି ନିରାପତ୍ତା

କଟକ, ୩।୬(ସମିସ)

ଦିଲ୍ଲୀର ଏକ ପ୍ରସିଦ୍ଧ ରେଷ୍ଟୁରାଣ୍ଟରେ ଘଟିଥିବା ସାଙ୍ଘାତିକ ଅଗ୍ନିକାଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ପରେ ଏବେ ସାରା ଦେଶରେ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଓଡ଼ିଶାର ବ୍ୟବସାୟିକ ପ୍ରାଣକେନ୍ଦ୍ର କଟକ ଓ ରାଜଧାନୀ ଭୁବନେଶ୍ୱର ସମେତ ପ୍ରମୁଖ ସହରଗୁଡ଼ିକରେ ଥିବା ଉଚ୍ଚ ଅଟ୍ଟାଳିକା, ସପିଂ ମଲ୍, ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ଅଗ୍ନି ସୁରକ୍ଷା ନିୟମାବଳୀକୁ

- ମରଣଯନ୍ତା ପାଲଟିଛି ସିଲଭର ସିଟି



ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହେଉଛି। ନିକଟରେ କଟକର ମାଛଗୋଦାମ ଓ ତାହା ସଂଲଗ୍ନ ଏକ ବ୍ୟାଙ୍କରେ ଘଟିଥିବା ବଡ଼ଧରଣର ଅଗ୍ନିକାଣ୍ଡ ଯୋଗୁଁ କୋଟି କୋଟି ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଥିଲେ ହେଁ, ସହରର ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଏଥିରୁ କୌଣସି ଶିକ୍ଷା ଲାଭ କରିନାହାନ୍ତି। ଅତୀତରେ କଟକ ଏସସିବି ମେଡିକାଲ କଲେଜ ଏବଂ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ସମ୍ ହସ୍ପିଟାଲ୍ ଅଗ୍ନିକାଣ୍ଡ ଭଳି ଦୁଃଖଦ ଦୁର୍ଘଟଣାରେ ଅନେକ ନିରୀହ ରୋଗୀ ପ୍ରାଣ ହରାଇବା ପରେ ପ୍ରଶାସନ କିଛିଟା ତତ୍ପରତା ପ୍ରକାଶ କରିଥିଲା। ପ୍ରାୟ ୮ ବର୍ଷ ପୂର୍ବେ ଅଗ୍ନିଶମ ସେବା ବିଭାଗ ପକ୍ଷରୁ କଟକର ୫ଟି ପ୍ରତିଷ୍ଠିତ ହୋଟେଲ ଏବଂ ୭ଟି ମଲ୍ ଉପରେ ଚଢ଼ଉ କରାଯାଇ ବୈଧ ଅଗ୍ନିଶମ ସୁରକ୍ଷା ଲାଇସେନ୍ସ ନଥିବା ଜଣାପଡ଼ିବା ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ମାତ୍ର ସେବେଠାରୁ ପ୍ରଶାସନିକ ଶିଥିଳତା ଯୋଗୁଁ ଆଉ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ, ଯାହା ଫଳରେ ମାଲିକମାନେ ପୁନର୍ବାର ସର୍ବସାଧାରଣଙ୍କ ଜୀବନ ସହ ଖେଳ ଖେଳିବା ଆରମ୍ଭ କରିଦେଇଛନ୍ତି।

ସରଜମିନ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ସିଲଭର ସିଟିର ବଡ଼ ବଡ଼ ସପିଂ ମଲ୍‌ଗୁଡ଼ିକର ଜରୁରୀକାଳୀନ କରିଡର ଏବଂ ସିଡ଼ି ଘର ଉପରେ ବେଆଇନ ଭାବେ ବିଭିନ୍ନ ବ୍ୟବସାୟିକ ସାମଗ୍ରୀ ପ୍ରଦର୍ଶନ କରାଯାଇ ଜନସାଧାରଣଙ୍କ ଯାତାୟାତ ପଥକୁ ସଙ୍କୁଚିତ କରାଯାଉଛି, ଯାହା ସମ୍ପୂର୍ଣ୍ଣ ରୂପେ ଅଗ୍ନି ନିରାପତ୍ତା ଆଇନର ବିରୋଧୀ। ଏହିସବୁ ପ୍ରତିଷ୍ଠାନଗୁଡ଼ିକରେ କୌଣସି ସୁରକ୍ଷିତ 'ପ୍ରବେଶ ଓ ପ୍ରସ୍ଥାନ' ପଏଣ୍ଟ ନାହିଁ। ଯଦିଓ କେତେକ ସ୍ଥାନରେ ଅଗ୍ନିନିର୍ବାପକ ଯନ୍ତ୍ର ଝୁଲୁଛି, ତାହା କେବଳ ନାମକୁ ମାତ୍ର ତଦାରଖ ଆଖିରେ ଧୂଳି ଦେବା ପାଇଁ ରଖାଯାଇଛି ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଏହା ଚଳାଇବାର ସାଧାରଣ ଜ୍ଞାନ ମଧ୍ୟ ନାହିଁ। ଏହାବ୍ୟତୀତ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିଲ୍ଡିଂ ପ୍ଲାନକୁ ଖୋଲାଖୋଲି ଅବମାନନା କରି କେବଳ 'ରିକ୍ରିଏସନ କ୍ଲବ୍' ଭାବେ ବ୍ୟବହାର କରିବାକୁ ଅନୁମତି ନେଇ ସେଠାରେ ବେଆଇନ ଭାବେ ବଡ଼ ବଡ଼ ହୋଟେଲ୍ ବ୍ୟବସାୟ ଚାଲୁଥିବା ଜଣାପଡ଼ିଛି। ସମ୍ ହସ୍ପିଟାଲ ଦୁର୍ଘଟଣା ପରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗଠିତ ହୋଇଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ (ବିଦ୍ୟୁତ, ପୂର୍ତ୍ତ ଓ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଗଠିତ) ଯାଞ୍ଚ କରି ରିପୋର୍ଟ ଦେଇଥିଲେ ହେଁ, ଆଜି ବି ସହରର ଅଧିକାଂଶ ଘରୋଇ ନର୍ସିଂହୋମ୍, ସିନେମା ହଲ୍, କଲ୍ୟାଣ ମଣ୍ଡପ



ଏବଂ ବହୁତଳ ଆପାର୍ଟମେଣ୍ଟରେ ଆନୁଷଙ୍ଗିକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ। ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ଏହିସବୁ ସ୍ଥାନଗୁଡ଼ିକ ପ୍ରଶାସନିକ ଉଦାସୀନତା ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ମରଣଯନ୍ତା ପାଲଟିବାର ଆଶଙ୍କା ରହିଛି। ତେଣୁ କେବଳ କାଗଜପତ୍ର କିମ୍ବା ନୋଟିସ୍ ଜାରି କରିବାରେ ସୀମିତ ନରହି, ପ୍ରଶାସନ ତୁରନ୍ତ ଏହି ବେଆଇନ ପ୍ରତିଷ୍ଠାନଗୁଡ଼ିକ ଉପରେ କଡ଼ା ଚଢ଼ଉ କରି ସିଲ୍ କରୁ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସହରବାସୀ ତଥା ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହୋଇଛି।

# ଆତଙ୍କ ଖେଳାଇଥିବା ଦନ୍ତାକୁ କାବୁକଲା ବନ ବିଭାଗ

## ● ଟ୍ରାଙ୍କୁଲାଇଜ୍ କରି ଶିମିଳିପାଳ ପଠାଇଲା



ଅନୁଗୋଳ,୩।୬(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଅଞ୍ଚଳରେ ମାସ ମାସ ଧରି ଆତଙ୍କ ଖେଳାଇଥିବା ଏକ ଦନ୍ତାହାତୀକୁ ବୁଧବାର ବନ ବିଭାଗ କାବୁ କରିଛି। ହାତୀକୁ ଟ୍ରାଙ୍କୁଲାଇଜ୍ କରି ସ୍ୱତନ୍ତ୍ର ଗାଡ଼ି 'ଐରାବତ'ରେ ଶିମିଳିପାଳ ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯାଇଛି। ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଅନ୍ତର୍ଗତ କୁସୁମପାଟ ଗାଁ ନିକଟରେ ବୁଧବାର ସକାଳେ ଅନୁଗୋଳ ଡିଏଫଓ, ଏସିଏଫ୍ ଏବଂ ଚାରିଜଣିଆ ପ୍ରାଣୀ ଚିକିତ୍ସକ ଦଳ ଉପସ୍ଥିତିରେ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ପରେ କଡ଼ା ସୁରକ୍ଷା ମଧ୍ୟରେ ତାକୁ ଶିମିଳିପାଳ ପଠାଯାଇଛି।

ସୂଚନାଯୋଗ୍ୟ, ବନ୍ତଲା ଅଞ୍ଚଳରେ ଏକ ହାତୀପଲ ବିଚରଣ କରୁଥିଲା। ଏହି ପଲରୁ ଅଲଗା ହୋଇ ଦନ୍ତାହାତୀଟି ବାରମ୍ବାର ଜନବସତିରେ ପଶି ଧନଜୀବନ କ୍ଷତି କରୁଥିଲା। ମଙ୍ଗଳବାର ଏହି ହାତୀ ନନ୍ଦପୁର ଗାଁରେ ପଶି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଲଗାତର ଅଭିଯୋଗ ପରେ ବନ ବିଭାଗ ଏହି ପଦକ୍ଷେପ ନେଇଛି। ହାତୀକୁ ଶିମିଳିପାଳର ଗଭୀର ଜଙ୍ଗଲରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅଜିତ ହେଲେ ଅନୁଗୋଳ ଏସଟି ଯୁବମୋର୍ଚ୍ଚା ସଭାପତି



ବଅଁରପାଳ,୩।୬(ସମିସ): ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଗ୍ରାମର ଅଜିତ କୁମାର ଭୋଇଙ୍କୁ ବିଜେପି ପକ୍ଷରୁ ଅନୁଗୋଳ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା (ଏସ୍‌ଟି) ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ଏସଟି ମୋର୍ଚ୍ଚା ସଭାପତି କାନ୍ଦର ସୋରେନ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ଭୋଇ ବଅଁରପାଳ ବ୍ଲକ ଏସଟି ମୋର୍ଚ୍ଚା ସଭାପତି ଥିଲେ। ଏହି ଅବସରରେ ସେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଓ ବଅଁରପାଳ ବ୍ଲକ ମଣ୍ଡଳ ସଭାପତି ସୁବ୍ରତ କୁମାର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ● ଲୋ ଭୋଲଟେଜ ସମସ୍ୟା

# କଣିହାଁ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ



କଣିହାଁ,୩।୬(ସମିସ): କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଘାଣ୍ଟିଆନାଳୀ ଗ୍ରାମରେ ଗତ ତିନିଦିନ ଧରି ବିଦ୍ୟୁତ ସମସ୍ୟା ଲାଗି ରହିଥିଲା। ଗ୍ରାମର ୬୩ କେଭିଏ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ପୋଡ଼ିଯିବା ଫଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ଏହାସହ ଦୀର୍ଘଦିନ ଧରି ଲୋ ଭୋଲଟେଜ ସମସ୍ୟା ଲାଗି ରହିଥିବାରୁ ପ୍ରବଳ ଗ୍ରୀଷ୍ମ ପ୍ରକୋପରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଘାଣ୍ଟିଆନାଳୀ ଗ୍ରାମବାସୀ କଣିହାଁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ଯେ ତୁରନ୍ତ ନୂତନ ୬୩ କେଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯିବ ଏବଂ ଆଗାମୀ ଦିନରେ ଗ୍ରାମର ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ୧୦୦ କେଭିଏ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯିବ। ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ସୁଶାନ୍ତ ପ୍ରଧାନ, ଫକୀର ଦେହୁରୀ, ଗଣେଶ୍ୱର ପ୍ରଧାନ, ବାବର ପ୍ରଧାନ, ସୁଦର୍ଶନ ପ୍ରଧାନ, କାଳିଆ ପ୍ରଧାନ, ବିଜୟ ସାହୁ, ସୁଶୀଳ ପ୍ରଧାନ ଏବଂ ଦୀନବନ୍ଧୁ ପ୍ରଧାନଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।

# ମାନବ ଅଧିକାର ଆୟୋଗଙ୍କ ନିର୍ଦ୍ଦେଶକୁ ବନ ବିଭାଗର ଉଲ୍ଲଂଘନ

ଅନୁଗୋଳ,୩।୬(ସମିସ):



ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନାକୁ ଗ୍ରାମବାସୀ ଦୀର୍ଘଦିନରୁ ବିରୋଧ କରୁଥିବା ବେଳେ ଏ ସମ୍ବନ୍ଧୀୟ ହଜାର ହଜାର ଲିଖିତ ଅଭିଯୋଗର କୌଣସି ଉତ୍ତର ଜିଲ୍ଲା ପ୍ରଶାସନ କିମ୍ବା ବନ ବିଭାଗ ଦେଇ ପାରିଲା ନାହିଁ। ଅପରପକ୍ଷରେ ସରକାରୀ ସ୍ତରରେ ଏହି ବେଆଇନ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ସବୁ ପ୍ରକାର ଅନୀତି କାର୍ଯ୍ୟ, ଗ୍ରାମକୁ ବିଭାଜନ ରୂପକ ଷଡ଼ଯନ୍ତ୍ର କରାଯାଉଥିବା ବହୁ ଅଭିଯୋଗ ରହିଛି। ଖୋଦ୍ ବନ ବିଭାଗ ଗାଁ ଗାଁରେ ଜମି ମାଫିଆଙ୍କୁ ନିୟୋଜନ କରି ୨୦ ଲକ୍ଷ ଟଙ୍କାର ପ୍ୟାକେଜର ପ୍ରଲୋଭନ ଦେଖାଉଛି। ଗ୍ରାମରେ ଘର ନ ଥିବା, ୧୮ ବର୍ଷରୁ ଅଧିକ ପୁଅ ଓ ଝିଅ ଥିବା ପରିବାରକୁ ୨୦ ଲକ୍ଷ ଟଙ୍କାର ପ୍ୟାକେଜରେ ଜମିବାଡ଼ି ଶସ୍ତାରେ କିଣାଇଦେବାକୁ କୁହାଯାଉଛି। ଏପରିକି ବନ ବିଭାଗର ଅସ୍ଥାୟୀ ୱାଚରମାନଙ୍କୁ ଗାଁ ଗାଁରେ ବିସ୍ଥାପନକୁ ରାଜି ହେବାର କୌଶଳ ଅବଲମ୍ବନ କରାଯାଉଛି। ବନ ବିଭାଗ ପକ୍ଷରୁ କର ବା ମର ନୀତିରେ ବ୍ୟାପକ ଜାଲିଆତି ଦରଖାସ୍ତ ଏବଂ ଭୋଜିଭାତ ଓ ଅର୍ଥ ଲୋଭ ପ୍ରଦର୍ଶନ କରାଯାଉଛି। ବନ ବିଭାଗ ତା'ର ସମସ୍ତ ସରକାରୀ କାର୍ଯ୍ୟ ବନ୍ଦ କରି କେବଳ ଗାଁକୁ ବିସ୍ଥାପନ କରିବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଛି। ସରକାରୀ ନୀତନିୟମ ଓ ଗାଇଡଲାଇନକୁ ଖାତିର ନ କରି ଗାଁଗୁଡ଼ିକୁ ଯେନତେନ ପ୍ରକାରେ ଉଚ୍ଛେଦ କରିବା ପାଇଁ ସମସ୍ତ ଅନୀତି କାର୍ଯ୍ୟ କରିବାରେ ପଛାଇ ନାହିଁ। ଗାଁ ଗାଁରେ ବନ ବିଭାଗ ପକ୍ଷରୁ ରହିଥିବା ଇଡିସିର କାର୍ଯ୍ୟଧାରାକୁ ବନ୍ଦ କରାଯାଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଟିକରପଡ଼ା ନେଚର କ୍ୟାମ୍ପକୁ ଜାଣିଶୁଣି ବନ୍ଦ କରାଯାଇଛି। ଗ୍ରାମର ରାଜସ୍ୱ ଜମିରେ ଏକ ବ୍ୟକ୍ତିଗତ ମାଲିକାନା ସ୍ୱତ୍ତ୍ୱ ଥିବା ଖଜୁରୀ ଗଛ କଟିଥିବା ଗିରଫ ଭୟ କରାଯାଉଛି। ଗ୍ରାମବାସୀ ଶହ ଶହ ବର୍ଷର ଭିଟାମାଟି ଛାଡ଼ିବା ପାଇଁ ଏକପ୍ରକାର ବାଧ୍ୟ କରାଯାଉଛି। ଗାଁଗୁଡ଼ିକରେ କୌଣସି ପ୍ରକାର ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ବିସ୍ଥାପନରେ ଜମିର ଉଚିତ କ୍ଷତିପୂରଣ ଦିଆଯାଇ ନାହିଁ କି ଘରଦ୍ୱାରର କୌଣସି ସର୍ଭେ ଓ ମୂଲ୍ୟାଙ୍କନ କରାଯାଇ ନାହିଁ। ବନ ବିଭାଗର ଦମନଲୀଳା ଏବଂ ଜିଲ୍ଲା ପ୍ରଶାସନର ଜାଣି ଅଜଣା କାର୍ଯ୍ୟଧାରାରେ ଗ୍ରାମବାସୀ ଅତିଷ୍ଠ ହୋଇ ବିଭିନ୍ନ ଅଦାଲତ, ଫୋରମ୍ ଓ କମିସନ ପାଖରେ ମାମଲା ରୁଜୁ କରିଛନ୍ତି। ଅଭୟାରଣ୍ୟର ବିଭିନ୍ନ ଗ୍ରାମର ଲୋକେ ତଥା ବ୍ୟକ୍ତିଗତ ଭାବେ ଶତାଧିକ ମାମଲା ବିଭିନ୍ନ ଅଦାଲତରେ ଥିବାବେଳେ ଓଡ଼ିଶା ମାନବ ଅଧିକାର ଆୟୋଗରେ ୩୮ ମାମଲାର ବିଚାର ପୂର୍ବକ ଏକ ନିର୍ଦ୍ଦେଶରେ ବିସ୍ଥାପନରେ ସରକାରୀ ଆଇନ ଓ ନିୟମାବଳୀର ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରାଯାଇଛି। ଏପରିକି ଯେଉଁ ସରକାରୀ ଅଧିକାରୀ ବିସ୍ଥାପନ ପ୍ରକ୍ରିୟାରେ ଭୁଲ୍ ନୀତି ଆପଣାଇଛନ୍ତି ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ରହିଛି। ପ୍ରତି ମାମଲା ଉପରେ ଏକ ଉଚ୍ଚସ୍ତରୀୟ କମିଟି ଅନୁଧ୍ୟାନ ପୂର୍ବକ ୬ ମାସ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାନବ ଅଧିକାର ଆୟୋଗଙ୍କର ଏହି ନିର୍ଦ୍ଦେଶକୁ ସରକାରୀ ଭାବେ କାର୍ଯ୍ୟକାରୀ କରାଯାଇ ନାହିଁ।

ଗତ ଫେବୃଆରୀ ୯ରେ ଆୟୋଗ ଅଧ୍ୟକ୍ଷ ନ୍ୟାୟଧୀଶ ଶତ୍ରୁଘ୍ନ ପୂଜାରୀଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ପୂର୍ବରୁ ବନ ବିଭାଗ ପକ୍ଷରୁ ମଝିପଡ଼ା, ହାତୀବାରୀ, କରଡ଼ାପଡ଼ା ଗାଁରେ ଲୁଚିଛପି ଗାଁ ବିସ୍ଥାପନ ପାଇଁ ମେଳି କରାଯାଉଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଜିଲ୍ଲାସ୍ତରୀୟ ବିସ୍ଥାପନ କମିଟିରେ ଗାଁ ବିସ୍ଥାପନ ପାଇଁ ଗ୍ରାମସଭା ଓ ସର୍ଭେ କରିବାର ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଜାଣିଶୁଣି ବେଆଇନ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରୋତ୍ସାହିତ କରୁଥିବା ଏବଂ ଆୟୋଗଙ୍କ ନିର୍ଦ୍ଦେଶକୁ ମାନୁ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିକରପଡ଼ା ପଞ୍ଚାୟତର ସମସ୍ତ ଗ୍ରାମର ମୁଖିଆମାନଙ୍କୁ ନେଇ ଏକ ସଭା ଟିକରପଡ଼ା ଆମ୍ବତୋଟାରେ ଆୟୋଜନ କରାଯାଇଥିଲା। ସଭାରେ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ବିଦ୍ୟାଧର ପ୍ରଧାନ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ମଝିପଡ଼ା, ହାତୀବାରୀ, ରାମିମୁଣ୍ଡା ଓ ଟିକରପଡ଼ାର ଶତାଧିକ ଲୋକ ଓ ପ୍ରତି ଗ୍ରାମର ମୁଖିଆ ଯୋଗଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ

- ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ନାମରେ ଜୋରଜବରଦସ୍ତ କରୁଛି ପ୍ରଶାସନ
- ବନବିଭାଗ ଗାଁ ଗାଁରେ ଜମି ଦଲାଲଙ୍କୁ ନିୟୋଜନ କରିଥିବା ଅଭିଯୋଗ
- ସରକାରୀ ବେଆଇନ କାର୍ଯ୍ୟ ଓ ଷଡ଼ଯନ୍ତ୍ର ବିରୋଧରେ ଆନ୍ଦୋଳନ ଚେତାବନୀ

ରେଞ୍ଜ ଅଫିସର ଓ ଅନ୍ୟ କର୍ମଚାରୀ ଏବଂ ନିୟୋଜିତ ଦଲାଲଙ୍କ କାର୍ଯ୍ୟଧାରା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତି ଗାଁରେ ମହିଳା ପୁରୁଷମାନଙ୍କୁ ନେଇ ସଭା ଆୟୋଜନ ପୂର୍ବକ ସ୍ୱାକ୍ଷର ଅଭିଯାନ କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଏହି ବେଆଇନ କାର୍ଯ୍ୟ ପ୍ରତିବାଦରେ ଗଣ ଆନ୍ଦୋଳନ କରାଯିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସଭାରେ ଜ୍ଞାନରଞ୍ଜନ ସାହୁ, ବିରାଜ ଜାନୀ, ରଘୁନାଥ ଗଡ଼ତିଆ, ସଞ୍ଜୀବ ନାୟକ, ସୁବୋଧ ସାମଲ, ଜୟରାମ ସାହୁ, ଫକୀର ଜାନୀ, ତ୍ରିନାଥ ସାହୁ, ପ୍ରଫୁଲ୍ଲ ଦେହୁରୀ, ନିରଞ୍ଜନ କଅଁର, ଚନ୍ଦ୍ରମଣି ଜେନା, ସୁରେଶ ବେହେରାଙ୍କ ସମେତ ପ୍ରତି ଗାଁର ମୁଖିଆ ଓ ଗ୍ରାମବାସୀ ଯୋଗଦେଇ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ।

# ମହାରାଜା ସୋମନାଥ ସିଂହ ଜଗଦେବଙ୍କ ଶ୍ରାଦ୍ଧ ଦିବସ ପାଳିତ



ଅନୁଗୋଳ,୩।୬(ସମିସ): ଅନୁଗୋଳ ରାଜା ଛକରେ ସ୍ମୃତିକମିଟି ଓ ଅନୁଗୋଳ ପୌରପାଳିକା ମିଳିତ ସହଯୋଗରେ ସହିଦ ମହାରାଜା ସୋମନାଥ ସିଂହ ଜଗଦେବଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଅଛି। ସ୍ମୃତି କମିଟିର ପ୍ରତିଷ୍ଠାତା ଗୋବିନ୍ଦ ରାଜଗୁରୁ ଓ ପଣ୍ଡିତ ହଳଧର ରାଜଗୁରୁଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଉପସଭାପତି ହେମନ୍ତ କୁମାର ଦାଶ, ଯୁବରାଜ ଶୈଳେନ୍ଦ୍ର ନାରାୟଣ ସିଂହ ଜଗଦେବ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ୍ ସଭାପତି ଡ. ଧରଣୀଧର ନାଥ, କମିଟି ସମ୍ପାଦକ ବନବିହାରୀ ପଟ୍ଟନାୟକ ଓ ଆରଏସ୍‌ଏସ୍‌ର ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁ, ପ୍ରକାଶ କୁମାର ସିଂହ ପ୍ରମୁଖ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାରତମୁକ୍ତି ସଂଗ୍ରାମୀ ମହାନ ଯୋଦ୍ଧା ଅମର ସହିଦ ମହାରାଜା ସୋମନାଥ ସିଂହ ଜଗଦେବଓ ମହାମନ୍ତ୍ରୀ ନୃସିଂହ ରାଜଗୁରୁଙ୍କ ନାମ ଇତିହାସ ଓ ପାଠ୍ୟ ପୁସ୍ତକରେ ସ୍ଥାନିତ କରିବା ସହ ଓଡ଼ିଶାର ମଧ୍ୟସ୍ଥଳରେ ଅନୁଗୋଳ ବିଶ୍ୱ ବିଦ୍ୟାଳୟ ସ୍ଥାପନ ନିମିତ୍ତ ଦୃଢ଼ଦାବୀ କରିଥିଲେ। କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ସାମନ୍ତ, ରୋହିତ କୁମାର ବେହେରା, ଯଜ୍ଞେଶ୍ୱର ପ୍ରଧାନ, ଫକୀର ଚରଣ ସାହୁ, ବିମଳ କୁମାର ମିଶ୍ର, ଗୀତାମୟୀ ମହାପାତ୍ର, ନିମାଇଁ ଚରଣ ସାହୁ, ପ୍ରଫେସର ବିଶ୍ୱରଞ୍ଜନ ପ୍ରଧାନ, ତ୍ରିନାଥ ଗଡ଼ନାୟକ, ରବୀନ୍ଦ୍ର କୁମାର ଧର, କାର୍ତ୍ତିକେଶ୍ୱର ଦାସ, ପାବକ ଗଡ଼ନାୟକ, ନୀଳମଣି ଦେହୁରୀ, ଡ. ସଦାନନ୍ଦ ପରିଡ଼ା, ପ୍ରଭାସ ସାହୁ, ସତ୍ୟବାନ ଦାଶ, ପ୍ରଫୁଲ୍ଲ କୁମାର ସ୍ୱାଇଁ, କୁମର ସାହୁ, ବ୍ରଜବନ୍ଧୁ ସାହୁ ପ୍ରମଖ ଯୋଗଦେଇଥିଲେ। ଲମ୍ବୋଦର ବେହେରା ଧନ୍ୟବାଦ ଦେଇଥିଲେ।

# ଏନଟିପିସି ତାଳଚେର କଣିହାଁର ୩୮ ତମ ପ୍ରତିଷ୍ଠା ଦିବସ

କଣିହାଁ,୩।୬(ସମିସ): ଏନଟିପିସି କଣିହାଁର ବିଦ୍ୟୁତ ପ୍ରକଳ୍ପର ୩୮ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଛି। ୩,୦୨୦ ମେଗାୱାଟ୍ ସ୍ଥାପିତ କ୍ଷମତା ବିଶିଷ୍ଟ ଏହି ତାପଜ ବିଦ୍ୟୁତ କେନ୍ଦ୍ର ଓଡ଼ିଶାର ସର୍ବବୃହତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ହେବା ସହ ଏନଟିପିସିର ତୃତୀୟ ବୃହତ୍ତମ ପାୱାର ଷ୍ଟେସନ ଭାବେ ପରିଚିତ। ପ୍ରତିଷ୍ଠା ଦିବସ ଅବସରରେ ପ୍ରକଳ୍ପ ମୁଖ୍ୟ ଅଜୟ ସିଂହ ଯାଦବ ଏନଟିପିସି ପତାକା ଉତ୍ତୋଳନ କରିଥିଲେ। ପରେ ସିଆଇଏସଏଫ୍ ଯବାନଙ୍କ ପକ୍ଷରୁ ଔପଚାରିକ ସଲାମୀ ପ୍ରଦାନ କରାଯାଇଥିଲା ଓ କେକ୍ କାଟି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରି ଯାଦବ ଏନଟିପିସି ତାଳଚେର କଣିହାଁର ଗୌରବମୟ ଯାତ୍ରା, ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ସଫଳତା ଏବଂ କାର୍ଯ୍ୟକୁଶଳତା ବିଷୟରେ ଆଲୋକପାତ କରିଥିଲେ। ସେ କର୍ମଚାରୀ ଓ ଅନ୍ୟ ଅଂଶୀଦାରଙ୍କ ନିଷ୍ଠା, ପରିଶ୍ରମ ଏବଂ ସାମୂହିକ ପ୍ରୟାସକୁ ପ୍ରଶଂସା କରିବା ସହ ଭବିଷ୍ୟତର ଚ୍ୟାଲେଞ୍ଜକୁ ସଫଳତାର ସହ ମୁକାବିଲା କରିବା ଏବଂ ନୂତନ ସୁଯୋଗର ସଦ୍‌ବ୍ୟବହାର ପାଇଁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଜିଏମ୍ (ଓ ଆଣ୍ଡ



ଏମ୍) ସୁମିତ କୁମାର କୁଣ୍ଡୁ, ଜିଏମ୍ (ପ୍ରକଳ୍ପ) ସମର୍ପିତା ଦିୱାସୀ, ଜିଏମ୍ (ଅପରେସନ୍ ଆଣ୍ଡ ଏଫ୍ଏମ୍) ଡ. ତପନ କୁମାର ରାୟ, ସିଆଇଏସଏଫ୍ ଡେପୁଟି କମାଣ୍ଡାଣ୍ଟ ଆଲୋକ ପାଣ୍ଡେ, ମାନବ ସମ୍ପଦ ବିଭାଗ ମୁଖ୍ୟ ନବନୀତ କୁମାରଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, ଶାଖା ଅଧିକାରୀ, କର୍ମଚାରୀ, ୟୁନିଅନ୍ ଓ ଆସୋସିଏସନ ପ୍ରତିନିଧି, ସିଆଇଏସଏଫ୍ କର୍ମଚାରୀ ଏବଂ ଅନ୍ୟାନ୍ୟ ଏନଟିପିସି କର୍ମଚାରୀ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ଜଣେ ଗିରଫ

## ● ଦୁର୍ବୃତ୍ତଙ୍କ ଗୁଳିର ଜବାବ ଦେଲା ପୁଲିସ

ବଅଁରପାଳ,୩।୬(ସମିସ): ବଅଁରପାଳ କଲେଜ ପାଖ ଶୁଖୁଆସାହି ହରିଜନ ବସ୍ତିରେ ବୁଧବାର ସନ୍ଧ୍ୟାରେ ୪ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ସୂଚନା ପାଇ ପୁଲିସ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ପୁଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ତିନିଜଣ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ ସଞ୍ଜୟ ନାଏକ। ପୁଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଅନ୍ୟପଟେ ପୁଲିସକୁ ଦେଖି ଦୁର୍ବୃତ୍ତମାନେ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ମଧ୍ୟ ଗୁଳି ଚଳାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ପୁଲିସ ଚଢ଼ଉ ବେଳେ ଦୁର୍ବୃତ୍ତମାନେ ବୁଦା ମଧ୍ୟରେ ଲୁଚିଯାଇ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଖବର ପାଇ ଘଟଣାସ୍ଥଳରେ ଏଏସପି, ଏସଡିପିଓ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ପହଞ୍ଚି ଉକ୍ତ ଜାଗାକୁ ଘେରାବନ୍ଦୀ କରିବା ସହ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁର୍ବୃତ୍ତମାନେ ପଡ଼ିଆରୁ ନ ବାହାରିବାରୁ ପୁଲିସ ଡ୍ରୋନ କାମେରା ସାହାଯ୍ୟରେ ଖୋଜା ଖୋଜି କରି ସଞ୍ଜୟଙ୍କୁ ଧରିବାରେ ସଫଳ ହୋଇଥିଲ। ଅନ୍ୟ ତିନିଜଣ ପୁଲିସ ଉପରକୁ ଗୁଳି ଚଳାଇ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ପୁଲିସ ସଞ୍ଜୟଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଛି। ଖବର ଲେଖାହେବା ପର୍ଯ୍ୟନ୍ତ ସର୍ଚ୍ଚ ଅପରେସନ ଜାରି ରହିଛି।

# ଝଡ଼ତୋଫାନରେ ଗଛଡାଳ ପଡ଼ି ବୃଦ୍ଧ ମୃତ

କଣିହାଁ,୩।୬(ସମିସ): କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ଖାଲପାଳ ଗ୍ରାମରେ ଝଡ଼ତୋଫାନରେ ଗଛଡାଳ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କୁଞ୍ଜବିହାରୀ ସାହୁ (୮୦)। ବୁଧବାର ଅପରାହ୍ନରେ ଅଞ୍ଚଳରେ ପ୍ରବଳ ଝଡ଼ତୋଫାନ ହେଉଥିବା ବେଳେ କୁଞ୍ଜବିହାରୀ ଗାଁ ପୋଖରୀ ନିକଟରୁ ଶୌଚ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଏକ ଆମ୍ବ ଗଛର ଡାଳ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା।

# ଧର୍ମପରାୟଣା ମହିଳାଙ୍କ ପରଲୋକ



ଅନୁଗୋଳ,୩।୬(ସମିସ): ତଳମୂଳ ଶାସନ ପଞ୍ଚାୟତ ନୂଆସାହି ଗ୍ରାମର ସ୍ୱର୍ଗତ ପ୍ରହଲ୍ଲାଦ ଦାଶଙ୍କ ଧର୍ମପତ୍ନୀ ଯାଜ୍ଞସେନୀ ଦାଶଙ୍କର ଗୀତାଗ୍ରାମ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, କର୍ତ୍ତବ୍ୟନିଷ୍ଠ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱର୍ଗତା ଦାଶଙ୍କ ବଡ଼ପୁଅ ଦୁର୍ଗାଚରଣ ଦାଶ ଭାରତୀୟ ରାଜସ୍ୱ ସେବାରେ କାର୍ଯ୍ୟ କରି ଆୟକର ବିଭାଗର ପ୍ରଧାନ ମୁଖ୍ୟ ଆୟୁକ୍ତରୁ ଅବସର ଗ୍ରହଣ ପରେ ଏବେ ନୂଆଦିଲ୍ଲୀରେ ରହୁଛନ୍ତି।

# ସିଏମ୍ ଟ୍ରଫି ଜୋନାଲସ୍ତରୀୟ ଖୋଖୋ ପ୍ରତିଯୋଗିତା ଆରମ୍ଭ






ଅନୁଗୋଳ,୩।୬(ସମିସ): ଅନୁଗୋଳ ଷ୍ଟାଡିୟମ୍ ପରିସରରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ଅନ୍ତର୍ଗତ ସିଏମ୍ ଟ୍ରଫି ଜୋନାଲସ୍ତରୀୟ ଖୋଖୋ ପ୍ରତିଯୋଗିତା-୨୦୨୬ ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ନବରଙ୍ଗପୁର, ରାୟଗଡ଼ା, ଢେଙ୍କାନାଳ ଏବଂ ଆୟୋଜକ ଅନୁଗୋଳ ଜିଲ୍ଲା ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ କ୍ରୀଡ଼ାର ବିକାଶ ଏବଂ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ସୃଷ୍ଟି ଦିଗରେ ଏପରି ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଅନୁଗୋଳ ଜିଲ୍ଲା ଆଥଲେଟିକ୍ ଆସୋସିଏସନ ଉପସଭାପତି ଏମ୍. ମହାକୁଡ଼, ରାଜ୍ୟ ପର୍ଯ୍ୟବେକ୍ଷକ ଭୁବନ ମୋହନ ଦାସ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନ କୋଷାଧ୍ୟକ୍ଷ କିଶୋର କର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ଜିଲ୍ଲାର ଖେଳାଳିମାନେ ନିଜ ଜିଲ୍ଲାର ପତାକା ଧରି ଆକର୍ଷଣୀୟ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରିଥିଲେ। ଖେଳାଳିମାନଙ୍କ ଶୃଙ୍ଖଳିତ ପଦକ୍ଷେପ, ଦଳୀୟ ଏକତା ଏବଂ କ୍ରୀଡ଼ା ପ୍ରତି ସ୍ପୃହା ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅନୁଗୋଳ ପୁଲିସ ଟ୍ରେନିଂ କଲେଜର ବ୍ୟାଣ୍ଡ ଦଳର ସୁମଧୁର ବାଦ୍ୟବାଦନ ମାର୍ଚ୍ଚପାଷ୍ଟକୁ ଅଧିକ ଗରିମାମୟ କରିଥିଲା। ଏହି ପ୍ରତିଯୋଗିତାରେ ପ୍ରାୟ ତିନିଶହରୁ ଅଧିକ ଖେଳାଳି, ପ୍ରଶିକ୍ଷକ, ଅଫିସିଆଲ ଏବଂ କ୍ରୀଡ଼ା ପରିଚାଳନା ସହ ଜଡ଼ିତ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଛନ୍ତି। ଖୋଖୋ ଖେଳ ମାଧ୍ୟମରେ ଯୁବ ପ୍ରତିଭାଙ୍କ ବିକାଶ ଓ ଗ୍ରାମାଞ୍ଚଳର କ୍ରୀଡ଼ାବିତଙ୍କୁ ଏକ ବୃହତ୍ ମଞ୍ଚ ପ୍ରଦାନ କରିବା ଏହି ଆୟୋଜନର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକା ନାୟକ ସ୍ମୃତିପୀଠ ପାଇଁ ୪୦ ଲକ୍ଷ ଟଙ୍କାର ପ୍ରସ୍ତାବ

କଣିହାଁ,୩।୬(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ତାଳଚେର ଗଡ଼ଜାତ ଆନ୍ଦୋଳନର ପ୍ରଥମ ସହିଦ ବିକା ନାୟକଙ୍କ ସ୍ମୃତିର ସଂରକ୍ଷଣ ଏବଂ ଅଞ୍ଚଳର ପର୍ଯ୍ୟଟନ ବିକାଶକୁ ଦୃଷ୍ଟିରେ ରଖି କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍) ଅନୁଦାନରୁ ୪୦ ଲକ୍ଷ ଟଙ୍କା ବ୍ୟୟରେ ଚାରିଟି ଉନ୍ନୟନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦାଖଲ କରାଯାଇଛି। ସନାତ୍ରିବିଡ଼ା ପଞ୍ଚାୟତ ଚନ୍ଦ୍ରାବିଲ ଗ୍ରାମରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ କ୍ରମେ ଏହି କାର୍ଯ୍ୟ ପାଇଁ ଜିଲ୍ଲା ପରିଷଦ ନିକଟକୁ ପ୍ରସ୍ତାବ ପଠାଯାଇଛି। ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ଚନ୍ଦ୍ରାବିଲରେ ବିକା ନାୟକ ସ୍ମୃତିପୀଠ ନିର୍ମାଣ, ସ୍ମୃତିପୀଠ ପରିସରରେ ପାର୍କ ଓ ଆମୋଦ-ପ୍ରମୋଦ ସାମଗ୍ରୀ ସ୍ଥାପନ, ବିକା ନାୟକଙ୍କ ପ୍ରତିମୂର୍ତ୍ତି ଏବଂ ସ୍ମାରକ ଫଳକ ନିର୍ମାଣ ସହ ପେଭର୍ ବ୍ଲକ୍ ବିଛାଇବା, ସୌନ୍ଦର୍ଯ୍ୟକରଣ ଓ ଚାରାରୋପଣ କାର୍ଯ୍ୟ ସାମିଲ ରହିଛି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ମୋଟ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରସ୍ତାବ ସହ ଦାଖଲ ହୋଇଥିବା ରିପୋର୍ଟରେ ଉକ୍ତ ଜମି ବିବାଦମୁକ୍ତ ଏବଂ ନିର୍ମାଣ ଉପଯୋଗୀ ବୋଲି ଉଲ୍ଲେଖ କରାଯାଇଛି। ତିନି ମାସ ମଧ୍ୟରେ କାର୍ଯ୍ୟ

## ଡିଏମଏଫ୍ ଅନୁଦାନରେ ହେବ ଉନ୍ନୟନ କାର୍ଯ୍ୟ

ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକ ଅନ୍ୟ କୌଣସି ଯୋଜନାରେ ଅନୁମୋଦିତ କିମ୍ବା ଅର୍ଥାୟନ ହୋଇ ନ ଥିବା ସ୍ପଷ୍ଟ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସହିଦ ବିକା ନାୟକଙ୍କ ସ୍ମୃତି ସଂରକ୍ଷିତ ହେବା ସହ ଚନ୍ଦ୍ରାବିଲ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ଘଟିବ ଏବଂ ସ୍ଥାନୀୟ ଯୁବପିଢ଼ି ଇତିହାସ ସମ୍ପର୍କରେ ଅଧିକ ସଚେତନ ହେବେ ବୋଲି ଆଶା କରାଯାଉଛି।

ଉଲ୍ଲେଖଯୋଗ୍ୟ, କଣିହାଁ କୋଇଲା ଖଣିର ପ୍ରବନ୍ଧକ ତଥା ବିଶିଷ୍ଟ ସାହିତ୍ୟିକ ଡ. ଦୀନେଶ କୁମାର ମାଳିଙ୍କ କଲମ ଚାଳନାରେ ସହିଦ ବିକା ନାୟକଙ୍କ ଜୀବନୀକୁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରକାଶ କରି ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ପରିଚିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଛନ୍ତି। ତାଙ୍କର ଏହି ଗବେଷଣାମୂଳକ ଓ ସାହିତ୍ୟିକ ପ୍ରୟାସ ଫଳରେ ସହିଦ ବିକା ନାୟକଙ୍କ ଅବଦାନ ନେଇ ନୂତନ ଆଲୋଚନା ସୃଷ୍ଟି ହୋଇଥିବା ବେଳେ ଚନ୍ଦ୍ରାବିଲରେ ସ୍ମୃତିପୀଠ ନିର୍ମାଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ କଣିହାଁ ବ୍ଲକବାସୀ ସ୍ୱାଗତ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନଗୁଡ଼ିକ ମଧ୍ୟ ଏହି ପଦକ୍ଷେପ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଡ. ଦୀନେଶ କୁମାର ମାଳିଙ୍କୁ ସାଧୁବାଦ ଜଣାଇଛନ୍ତି।

# ଭୁଜାଲି ଦେଖାଇ ୫ ଲକ୍ଷ ଟଙ୍କାର ଗହଣା ଲୁଟ୍

**କୁଆମରା,୩।୬(ସମିସ):** ଆଜି ସ୍ପଷ୍ଟ ଦିବାଲୋକରେ ନିଛାଟିଆ ଜଙ୍ଗଲ ରାସ୍ତାରେ ଜଣେ ଗହଣା ବ୍ୟବସାୟୀଙ୍କୁ ଭୁଜାଲି ଦେଖାଇ ଦୁର୍ବୃତ୍ତମାନେ ପ୍ରାୟ ପାଞ୍ଚ ଲକ୍ଷ ଟଙ୍କାର ଗହଣା ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ଗ୍ରାମର ସୁରଥ କୁମାର ସାହୁ ନାମକ ଜଣେ ଗହଣା ବ୍ୟବସାୟୀ ଆଜି ସକାଳ ୧୦ ଟା ସମୟରେ ବାଇକ୍ ଡିକିରେ ଗହଣା ରଖି ଗାଁକୁ ବିକ୍ରି କରିବାକୁ ଯାଉଥିବା ବେଳେ ପୁରୁଣା ବାରିପଦା ଆଇଟିଆଇ-ପଟୁଆ ରାସ୍ତାର ନିଛାଟିଆ ଜଙ୍ଗଲ ସ୍ଥାନରେ ଏକ କଳା ପଲସରରେ ତିନି ଜଣ ଅଚିହ୍ନା ଯୁବକ ପହଞ୍ଚି ତାଙ୍କୁ ଅଟକାଇ ଭୁଜାଲି ଦେଖାଇଥିଲେ। ଶ୍ରୀ ସାହୁ ଜୀବନ ବଞ୍ଚାଇବାକୁ ଯାଇ ବାଇକ୍ ଛାଡ଼ି ଦୌଡ଼ି ପଳାଇଥିବାବେଳେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଗହଣା ବ୍ୟାଗ ଧରି ଚମ୍ପଟ ମାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିବା ବେଳେ ଆଉ ଦୁଇଜଣ ମୁହଁରେ ଗାମୁଛା ବାନ୍ଧିଥିବା ସୁରଥ କହିଛନ୍ତି। ଲୁଟ୍ ପରେ ସେମାନେ ସିକିଡ଼ିଆ-ବଡ଼ସାହି ରାସ୍ତାରେ ଚାଲି ଯାଇଥିଲେ। ଖବର ପାଇ ଖୁଣ୍ଟା ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପ୍ରମୁଖ ପହଞ୍ଚି ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ସେମାନଙ୍କ ଟେର୍ ପାଇ ପାରି ନଥିଲେ। ତେବେ ଶ୍ରୀ ସାହୁଙ୍କ ଅଭିଯୋଗ କ୍ରମେ ୧୪୬/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।



# ୬ରେ ଜେଏମ୍ଏମ୍ ପକ୍ଷରୁ ୭ ଘଣ୍ଟିଆ ବନ୍ଦ ଡାକରା



**ଉଦଳା,୩।୬(ସମିସ):** ଚାରି ଚାରିଥରର ଉଦଳା ବିଧାୟକ ବିକାଶ ମୂଳକ କାମ କରିନଥିବା ନିଜେ ପ୍ରକାଶ କରୁଥିବାରୁ ଜନତା ପ୍ରକୃତ ଭୋଟ ଦେଇଛନ୍ତି ନା କିଛି ଭିତିରି କାମ ହୋଇଛି ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ପ୍ରଶ୍ନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ପକ୍ଷରୁ ଏଭଳି ପ୍ରସଙ୍ଗ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ଆସନ୍ତା ୬ ତାରିଖରେ ୭ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି କୁହାଯାଇଛି। କପ୍ତିପଦା ଉପଖଣ୍ଡର ସମସ୍ୟା ସମାଧାନ ପାଇଁ ଗତ ମାସ ୧୫ ତାରିଖରେ ଦାବି ଉପସ୍ଥାପନ କରାଯାଇଥିଲା। ତେବେ ଅଦ୍ୟାବଧି କୌଣସି ଦାବି ପୂରଣ ହୋଇନଥିବାରୁ ଆସନ୍ତା ୬ତାରିଖରେ ରାସ୍ତା ରୋକ ହେବା ସହିତ ବିଭିନ୍ନ ଅଫିସ, ଶିକ୍ଷା ଅନୁଷ୍ଠାନ, ସମସ୍ତ ଦୋକାନ ବଜାର ବନ୍ଦ କରାଯିବ। ଦୀର୍ଘ ବର୍ଷ ହେବ କପ୍ତିପଦା ଉପଖଣ୍ଡ ସମସ୍ୟାରେ ବୁଡ଼ି ରହିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ଏହାର ସମାଧାନ କରି ପାରୁନାହାନ୍ତି ବୋଲି କହିଛି ଦଳ। ଦଳର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶିରୀଶ ଟୁଡୁ ଏବଂ ରାଜା ହେମ୍ବ୍ରମଙ୍କ ସହିତ ବହୁ କର୍ମୀ ଉପସ୍ଥିତ ରହି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଖୁଣ୍ଟା ବ୍ଲକ ସଭାପତି ବିକ୍ରମ ମୁର୍ମୁ, ସମ୍ପାଦକ ବାବୁଲା ମୁର୍ମୁ, ବାରିପଦା ଟାଉନ ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା ଉଦଳା ଏନ୍ଏସିରୁ ବାବୁ ମହାନ୍ତି, ପୂର୍ବତନ ଏକ ନମ୍ବର ଜୋନର ଝାମୁଁମ ବ୍ଲକ ଉପଦେଷ୍ଟା ଚନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କଳାବ୍ୟାଜ୍ ପିନ୍ଧି ଟ୍ରେଜେରି କର୍ମଚାରୀଙ୍କ ପ୍ରତିବାଦ

**ଉଦଳା,୩।୬(ସମିସ):** ଯାଜପୁର ଟ୍ରେଜେରି କାର୍ଯ୍ୟାଳୟରେ ବରିଷ୍ଠ ସହାୟକ ବ୍ରହ୍ମାନନ୍ଦ ନାଥ ଶର୍ମାଙ୍କୁ କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର ଆକ୍ରମଣ କରିବା ଘଟଣାକୁ ନେଇ ଉଠିଛି ପ୍ରତିବାଦର ସ୍ୱର। ଆକ୍ରମଣକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି



ସମସ୍ତ ଟ୍ରେଜେରି କାର୍ଯ୍ୟାଳୟ କର୍ମଚାରୀ ଏହି ପ୍ରତିବାଦ କରିଛନ୍ତି। କର୍ମଚାରୀ ମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହିଭଳି କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ଏବଂ ୭ ଦିନ ଭିତରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ସଂଘ ଦାବି ଅନୁସାରେ କୋଷାଗାର ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ଅପସାରଣ କରିବାକୁ ଦାବି କରାଯାଇଛି। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି ସଂଘର ସଭାପତି।

## କର୍ତ୍ତବ୍ୟରେ ଅବହେଳା ଓ ଶୃଙ୍ଖଳାଗତ ତ୍ରୁଟି

# ବଡ଼ସାହି ବିଡିଓଙ୍କୁ ନିଲମ୍ବନ ନିର୍ଦ୍ଦେଶ

**ବାରିପଦା,୩।୬(ସମିସ):**



ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ତଥା ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସ୍ମୃତିମୟୀ ବନଜା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଚରମ ଅବହେଳା, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା ଏବଂ ଶୃଙ୍ଖଳାଗତ ତ୍ରୁଟି ଅଭିଯୋଗରେ ତାଙ୍କୁ ତୁରନ୍ତ ସରକାରୀ ସେବାରୁ ନିଲମ୍ବନ (ସସ୍‌ପେଣ୍ଡ) କରିବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ଏସ୍. ଗୋପାଳନ ଚିଠି ଲେଖି ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସ୍ଆଇଆର୍-୨୦୨୬) କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଗତ ମେ' ୨୩ ତାରିଖରେ ଆୟୋଜିତ ଭର୍ଚ୍ଚୁଆଲ୍ ଟ୍ରେନିଂରେ ଶ୍ରୀମତୀ ଦାସ ଅନୁପସ୍ଥିତ ଥିଲେ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେ କୌଣସି ଜବାବ ଦେଇନଥିଲେ। ଯାହା ତାଙ୍କର ସରକାରୀ ନିୟମ ପ୍ରତି ଉଦାସୀନତାକୁ ଦର୍ଶାଉଛି। ଏହାଛଡ଼ା ମେ' ୨୬ ଓ ୨୭ ତାରିଖରେ ବିଏଲ୍ଓ ଏବଂ ବିଏଲ୍ଓ ସୁପରଭାଇଜରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବାରେ ସେ ବିଫଳ ହେବା ସହ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ନିଜ ମନମୁଖୀ ଭାବେ ଏହି କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦେଇଥିଲେ। କେବଳ ସେତିକି ନୁହେଁ, ମେ' ୨୫ ଓ ୨୬ ତାରିଖରେ ଛୁଟି ଆରମ୍ଭ ଦିନ ହିଁ ସେ କାଜୁଆଲ ଲିଭ୍ (ସିଏଲ) ପାଇଁ ଆବେଦନ କରିଥିଲେ ଏବଂ ମେ' ୨୮ ତାରିଖରେ ବିନା କୌଣସି ପୂର୍ବ ସୂଚନାରେ କାର୍ଯ୍ୟରୁ ଅନୁପସ୍ଥିତ ରହିଥିଲେ। ଯାହା ପ୍ରଶାସନିକ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ। ତାଙ୍କର ଏଭଳି ବାରମ୍ବାର ଅନୁପସ୍ଥିତି ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ବଡ଼ସାହି ବ୍ଲକ୍‌ରେ ଏସ୍ଆଇଆର୍ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଜଣେ ଦାୟିତ୍ୱବାନ ସରକାରୀ ଅଧିକାରୀ ଭାବେ ନିଜ କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ ନ କରିବା ଏବଂ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି, ୧୯୫୯ ର ଉଲ୍ଲଂଘନ କରିଥିବା ଯୋଗୁଁ ତାଙ୍କୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ସିସିଏଣ୍ଡଏ) ରୁଲ୍ସ, ୧୯୨ ଅନୁଯାୟୀ ତୁରନ୍ତ ନିଲମ୍ବନ କରିବାକୁ ଏହି ଚିଠିରେ ସ୍ପଷ୍ଟ କରାଯାଇଛି।

## ଜବରଦଖଲକାରୀଙ୍କ କବଳରେ ଭିଟାମାଟି

# ୫ ଅନାଥ ଭଉଣୀଙ୍କୁ ମିଳୁନି ନ୍ୟାୟ; ଜିଲ୍ଲାପାଳଙ୍କୁ ଫେରାଦ



**ବାରିପଦା,୩।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅଧୀନ କାଶିଝରଣ ଗ୍ରାମର ବାପମାଆ ଛେଉଣ୍ଡ ୫ ଅନାଥ ଭଉଣୀ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ତାଙ୍କ ପିତାଙ୍କ ଭିଟାମାଟି ସମ୍ପତ୍ତିକୁ ଗ୍ରାମର ଜଣେ ବ୍ୟକ୍ତି ଲୋକମାନଙ୍କୁ ନିଶାଦ୍ରବ୍ୟ ଦେଇ ଜବରଦଖଲ କରିବାରେ ଲାଗିଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରିକି ଉଦଳାଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ପରିବାରର ସମସ୍ତ ଅନାଥ ଝିଅମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୁନର୍ବାର ଅଭିଯୋଗ କରିଛନ୍ତି। ତହସିଲଦାର ସରଜମିନ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବିରେ ଗୁହାରୀ କରିଛନ୍ତି।

ସୂଚନାଯୋଗ୍ୟ, ୭ବର୍ଷ ପୂର୍ବେ ଡୁବୁରାଏ ସିଂ ଓ ମାଆ ଚାନ୍ଦୁ ସିଂ ମୃତ୍ୟୁ ବରଣ କରିଥିଲେ। ତାଙ୍କ ଔରସରୁ ଜାତ ୫କନ୍ୟା ଏବେ ଅବହେଳିତ ଅବସ୍ଥାରେ ରହିଛନ୍ତି। ସାନ ୩ଭଉଣୀ ପୁରୀ ଜିଲାର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ବଡ଼ଝିଅ ସୁଷମା(୨୪)ର ୫ ବର୍ଷ ପୂର୍ବେ ବାହାଘର ହୋଇସାରିଛି। ଝିଅ ରୁକ୍ମଣୀ(୧୭) ଶରତ ପଞ୍ଚାୟତ ସରପଞ୍ଚଙ୍କ ଘରେ ଆଶ୍ରୟ ନେଉଥିବା ବେଳେ ଝିଅ ଗୁରୁବାରୀ (୨୩), ଦୁଲି(୧୫) ଓ ମାଦୁଇ (୧୨) ଅନାଥ ଆଶ୍ରମରେ ରହୁଛନ୍ତି। ଅନ୍ୟର ସାହାରାରେ ଜୀବନ ଧାରଣ କରୁଛନ୍ତି। ବାପାମାଆଙ୍କ ଅନ୍ତେ ୩ଝିଅକୁ ଅନାଥ ଆଶ୍ରମରେ ଆଶ୍ରୟ ମିଳିଥିବା ବେଳେ ଝିଅ ଜିଙ୍ଗି (୨୦) ଏବେ ସମ୍ପର୍କୀୟ ଜେଜେମାଆଙ୍କ ହାତଟେକାକୁ ଚାହିଁ ରହିଛନ୍ତି। ପାଠପଢ଼ାରେ ସମସ୍ତଙ୍କ ଡୋରି ଲାଗିଥିବା ବେଳେ ପେଟକୁ ଦାନା ପାଇଁ ପର ଉପରେ ନିର୍ଭରଶୀଳ ହୋଇଛନ୍ତି। ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିନଥିବାରୁ ପରପିଣ୍ଡାରେ ଜୀବନଯାପନ କରୁଛନ୍ତି। ଏହାର ସୁଯୋଗ ନେଇ ଗ୍ରାମର ବାମିଆ ସିଂ(୫୮) କିଛି ଅସାମାଜିକ ବ୍ୟକ୍ତିଙ୍କୁ ହାଣ୍ଡିଆ, ମଦ ଓ ମାଂସ ଖୁଆଇ ପୈତୃକ ସମ୍ପତ୍ତିକୁ ବାଡ଼ ଘେରି ଜବରଦଖଲ କରିବାରେ ଲାଗିଛନ୍ତି ବୋଲି ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ବିରୋଧ କରିବାରୁ ସେମାନେ ନାଲି ଆଖି ଦେଖାଇ ଧମକଚମକ ଦେଉଛନ୍ତି। ବେସାହାରା ଝିଅମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗାଁ ଲୋକେ କିମ୍ବା ଆତ୍ମୀୟମାନେ ଅସହଯୋଗ କରୁଛନ୍ତି। ଏପରିକି ଉକ୍ତ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୟୁନିକ ନଂ ସିବିଯୁଡି-୨୬୧୦୨୫୦୦୦୯ରେ ଅଭିଯୋଗ କରିଛନ୍ତି। ଥାନା ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେବେ ଅନାଥ ଶିଶୁମାନେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମୋରମ ଚାଲାଣ ବେଳେ ହାଇୱା ଜବତ

**ରାଇରଙ୍ଗପୁର/କରଞ୍ଜିଆ,୩।୬(ସମିସ):** ବେଆଇନ ଲଘୁ ଖଣିଜ କେନ୍ଦୁଝର ଜିଲ୍ଲାକୁ ଚୋରା ଚାଲାଣ ବେଳେ କରଞ୍ଜିଆ ଥାନା ପୁଲିସ ଦ୍ୱାରା ହାଇୱା ଜବତ କରାଯାଇଛି। ବେଆଇନ ଭାବେ ମୋରମ ଚୋରା ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏକ ଟିମ ଚଢ଼ାଉ କରିଥିଲେ। କରଞ୍ଜିଆରୁ ବେଆଇନ ଭାବେ ଉତ୍ତୋଳନ କରି ଯାଉଥିବା ବେଳେ ଜାତୀୟ ରାଜପଥ ନମ୍ବର ୨୨୦ରେ ଅଟକାଇବାକୁ ପ୍ରଚେଷ୍ଟା କରିଥିଲେ। ପୁଲିସକୁ ଚକମା ଦେଇ ହାଇୱା ଚମ୍ପଟ ମାରିଥିଲା। ପୁଲିସ ପିଛା କରି ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। କୌଣସି କାଗଜପତ୍ର ନଥିବା ବେଳେ କେନ୍ଦୁଝର ଜିଲ୍ଲାକୁ ବେଆଇନ ଭାବେ ମୋରମ ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଗାଡ଼ି ଚାଳକକୁ ଗିରଫ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ପୁଲିସ ପକ୍ଷରୁ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ହୋମଗାର୍ଡ ନିଯୁକ୍ତି ନାମରେ ଫେକ୍ ମେସେଜ୍

**ବାରିପଦା,୩।୬(ସମିସ):** ସୋସିଆଲ୍ ମିଡିଆରେ ମୟୂରଭଞ୍ଜ ଜିଲ୍ଲା ହୋମଗାର୍ଡ ନିଯୁକ୍ତି ସମ୍ପର୍କରେ ଏକ ଫେକ୍ ମେସେଜ୍ ଭାଇରାଲ୍ ହେବାରେ ଲାଗିଛି। ଏହି ମେସେଜ୍ ଦେଖି ଲୋକେ ବିଭ୍ରାନ୍ତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଏ ନେଇ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୨୮୦ଟି ହୋମଗାର୍ଡ ପଦ ପୂର୍ବରୁ ପୂରଣ ହୋଇସାରିଛି। ଏହା ପରେ କୌଣସି ନୂଆ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତେଣୁ ଏପରି କୌଣସି ମେସେଜକୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏହା ଏକ ପ୍ରତାରଣାମୂଳକ ମେସେଜ, ଏପରି ମେସେଜ ଆସିଲେ ତୁରନ୍ତ ବିଶ୍ୱାସ ନ କରିବାକୁ କୁହାଯିବା ସହିତ ଅଧିକ ସୂଚନା ପାଇଁ ୮୪୮୦୮୧୦୯୫୬ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏପରି ଫେକ୍ ମେସେଜରୁ ଦୂରେ ରହି ଅଧିକାରୀଙ୍କ ସୂଚନା ପାଇଁ ଜିଲ୍ଲା ହୋମଗାର୍ଡ କାର୍ଯ୍ୟାଳୟ କିମ୍ବା ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ବୋଲି କୁହାଯାଇଛି।




# ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ କବାଡ଼ିରେ ମୟୂରଭଞ୍ଜ ଦଳରେ କିସ୍ ବାରିପଦାର ୭ ଛାତ୍ରୀ



**ବାରିପଦା, ୩।୬(ସମିସ):** ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ଅଧୀନରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତା ମୟୂରଭଞ୍ଜ କବାଡ଼ି ଦଳରେ କିସ୍ ଆବାସିକ ବିଦ୍ୟାଳୟ, ବାରିପଦାର ୭ଜଣ ଛାତ୍ରୀ ସ୍ୱପ୍ନା ତିରିଆ, ସଂଧ୍ୟାରାଣୀ କାଲୁଣ୍ଡିଆ, ଶିବାନୀ ମଣି ସିଂ, ପାନଶ୍ୱରୀ ମାର୍ଣ୍ଡି, ରେବତୀ ସୋରେନ୍, ସୁହାଗି ମାର୍ଣ୍ଡି ସ୍ଥାନ ପାଇଛନ୍ତି। ଆସନ୍ତା ଜୁନ୍ ୪ତାରିଖରେ ଜୋନ୍ ସ୍ତରୀୟ ପ୍ରତଯୋଗିତାରେ ମୟୂରଭଞ୍ଜ ଦଳ ବୌଦ୍ଧ କବାଡ଼ି ଦଳକୁ ଅନୁଗୁଳ ହାଇସ୍କୁଲ୍ ଖେଳ ପଡ଼ିଆରେ ଭେଟିବ କ୍ଷ ଏଥି ପାଇଁ ମୟୂରଭଞ୍ଜ ଦଳ ଅନୁଗୁଳ ଜିଲ୍ଲା ଅଭିମୁଖେ ଯାତ୍ରା କରିଛି। ଉକ୍ତ ସମ୍ମାନଜନକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କିସ୍ ବାରିପଦାର ସାତ ଜଣ ଆଦିବାସୀ ଛାତ୍ରୀ ସ୍ଥାନ ପାଇଥିବାରୁ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମସ୍ତ ପ୍ରକାରର ସୁବିଧା ଓ ସୁବ୍ୟବସ୍ଥା ପାଇଁ କୃତଜ୍ଞତା ଜଣାଇବା ସହ କିସ୍ ଭୁବନେଶ୍ୱରର କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକ୍ଷ ଜେନା ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାଏକଙ୍କ ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଜଣାଇଛନ୍ତି। ମୟୂରଭଞ୍ଜ କବାଡ଼ି ଦଳର ବିଜୟ ପାଇଁ ଜିଲ୍ଲାର କୋଣ ଅନୁକୋଣରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି। ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଅନୁଷ୍ଠାନର ସମସ୍ତେ ବେଶ୍ ଆଶାବାଦୀ ବୋଲି ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ମୋରଡ଼ା ଥାନାରେ ନାବାଳିକାକୁ ଧମକ ପରେ ଚେତାଶୂନ୍ୟ ଘଟଣା

# ଥାନାଧିକାରୀଙ୍କ ବଦଳି ଦାବି; ଡିଆଇଜିଙ୍କୁ ଭେଟିଲା ବିଜେଡି ଟିମ୍

**ବାରିପଦା,୩।୬(ସମିସ):**



ମୋରଡ଼ା ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିବା ଜନୈକ ନାବାଳିକାକୁ ଗତ ମଇ ୧୬ ତାରିଖରେ ଥାନାଧିକାରୀ ସୁମିତ ସୋରେନ ଧମକ ଚମକ ଦେବାରୁ ସେ ଚେତାଶୂନ୍ୟ ହୋଇଥିଲେ। ଉକ୍ତ ଘଟଣାକୁ ମାସେ ପୂରିବାକୁ ଯାଉଥିବା ବେଳେ ପୁଲିସ ପକ୍ଷରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ବିରୋଧ କରି ଜିଲ୍ଲା ବିଜେଡିର ଏକ ପ୍ରତିନିଧି ଦଳ ବାଲେଶ୍ୱରଠାରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କୁ ଭେଟିଛନ୍ତି। ଦୁର୍ନୀତି କାର୍ଯ୍ୟରେ ଲିପ୍ତ ଥିବା ମୋରଡ଼ା ଥାନାଧିକାରୀ ଶ୍ରୀ ସୋରେନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ସହ ତାଙ୍କୁ ଅନ୍ୟତ୍ର ବଦଳି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ମୋରଡ଼ା ଥାନା ଅଞ୍ଚଳର ଜଣେ ଯୁବକ ଅଭିଯୋଗକାରିଣୀ ନାବାଳିକା ଛାତ୍ରୀଙ୍କୁ କିଛି ଦିନ ହେବ ରାସ୍ତାରେ ପ୍ରେମ ନିବେଦନ କରିବା ସହ ଅସଦାଚରଣ କରୁଥିଲା। ଏଥିରେ ଅତିଷ୍ଠ ହୋଇ ନାବାଳିକା ଜଣଙ୍କ ଏ ସମ୍ପର୍କରେ ତାଙ୍କ ବାପା-ମାଆଙ୍କୁ ଜଣାଇବା ସହ ମୋରଡ଼ା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଥାନାଧିକାରୀ ଶ୍ରୀ ସୋରେନ ଅଭିଯୋଗ ନ ରଖି ସେମାନଙ୍କୁ ଫେରାଇ ଦେଇଥିଲେ। ଯାହା ଫଳରେ ବାପା, ମାଆ ଓ ଝିଅ ବେତନଟା ଏସ୍‌ଡିପିଓ ମିନତୀ ବିଶ୍ୱାଳଙ୍କୁ ମୋବାଇଲ୍‌ରେ ସମସ୍ତ ଘଟଣା ବାବଦରେ ଜଣାଇଥିଲେ। ଏହାପରେ ଏସ୍‌ଡିପିଓ ପୁନର୍ବାର ଥାନା ଅଧିକାରୀଙ୍କୁ ଭେଟି ଏତଲା ଦେବାକୁ କହିଥିଲେ। ଏଥିରେ ଥାନା ଅଧିକାରୀ ରାଗି ଯାଇଥିଲେ। ପୂର୍ବାପେକ୍ଷା ଅଧିକ ପ୍ରତିକ୍ରିୟାଶୀଳ ହୋଇ ବୟାନ ସଂଗ୍ରହ ପାଇଁ ନାବାଳିକାଙ୍କୁ ଧମକ ଦେଇଥିଲେ। ମିଛ ଅଭିଯୋଗ କରିଲେ ନାବାଳିକାଙ୍କୁ ୭ ବର୍ଷ କାରାଦଣ୍ଡ ହେବ ବୋଲି କହି ଧମକ ଚମକ ଦେଇଥିଲେ। ଥାନା ଅଧିକାରୀଙ୍କ ଏହିପରି ବ୍ୟବହାର ଯୋଗୁଁ ଡରିଯାଇ ନାବାଳିକା ଜଣଙ୍କ କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଥାନା ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅଭିଯୁକ୍ତ ଯୁବକ ଜଣଙ୍କ ବିଜେପି ଦଳର ଚିତ୍ରଡ଼ା କାର୍ଯ୍ୟାଳୟର କର୍ମଚାରୀ ହୋଇଥିବାରୁ ଥାନା ଅଧିକାରୀ ଶ୍ରୀ ସୋରେନ ତାଙ୍କୁ ସୁରକ୍ଷା ଦେବାକୁ ଯାଇ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିଲେ। ବିଜେପି ନେତା ଓ ମନ୍ତ୍ରୀଙ୍କ ଇଙ୍ଗିତରେ ଥାନାଧିକାରୀ ଚାଲୁଥିବା ବେଳେ ମାମଲା ରୁଜୁ ପାଇଁ ଚାହୁଁ ନ ଥିଲେ ବୋଲି ବିଜେଡି ଅଭିଯୋଗ କରିଛନ୍ତି। ଏହି ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ଥାନା ଅଧିକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଜେଡି ପକ୍ଷରୁ ପୂର୍ବରୁ ମୟୂରଭଞ୍ଜ ଏସ୍‌ପିଙ୍କୁ ଭେଟି ଜଣାଇବା ସହ ମୋରଡ଼ା ଥାନା ମଧ୍ୟ ଘେରାଉ କରାଯାଇଥିଲା। କିନ୍ତୁ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଭୁଲକୁ ଘଣ୍ଟ ଘୋଡ଼ାଇବାରେ ଲାଗିଛନ୍ତି। ମୋରଡ଼ା ଥାନାଧିକାରୀ ଦୁର୍ନୀତି କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ଲିପ୍ତ ରହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ, ଜମି ମାଫିଆ ଏବଂ ଅନ୍ୟାନ୍ୟ ଦୁର୍ନୀତି ମୂଳକ କାର୍ଯ୍ୟରେ ଜଡ଼ିତ ଥିବା ମାଫିଆଙ୍କ ସହ ଲିପ୍ତ ରହିଛନ୍ତି। ସେମାନଙ୍କ ନିକଟରୁ ମୋଟା ଅଙ୍କର ଟଙ୍କା ପାଉଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେପି ନେତାଙ୍କ ହାତବାରିସୀ ସାଜି ଦୁର୍ନୀତିକୁ ଆହୁରି ପ୍ରଶୟ ଦେଉଛନ୍ତି। ଜିଲ୍ଲା ପୁଲିସ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ମଧ୍ୟ ଶ୍ରୀ ସୋରେନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଦୁର୍ନୀତିକୁ ପ୍ରଶୟ ଦେଉଛନ୍ତି। ଯାହାକି ସାଧାରଣରେ ପୁଲିସ ପ୍ରଶାସନ ପ୍ରତି ଲୋକଙ୍କ ବିଶ୍ୱାସକୁ କୁଠାରଘାତ କରୁଛି। ତେଣୁକରି ମୋରଡ଼ା ଥାନାଧିକାରୀ ଶ୍ରୀ ସୋରେନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନ୍ୟତ୍ର ବଦଳି କରିବା ପାଇଁ ବିଜେଡି ପକ୍ଷରୁ ଡିଆଇଜିଙ୍କ ନିକଟରେ ଦାବି

**ବଦଳି ନହେଲେ ଆନ୍ଦୋଳନ ଚେତାବନୀ**

**ଥାନାଧିକାରୀ ଦୁର୍ନୀତିରେ ଲିପ୍ତ ଅଭିଯୋଗ**

ଉପସ୍ଥାପନ କରାଯାଇଛି। ଏଥିପ୍ରତି ପଦକ୍ଷେପ ଗ୍ରହଣ ନକରିଲେ ଆଗକୁ ବିଜେଡି ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ ତଥା ଜିଲ୍ଲା ଉପ ସଭାପତି କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପ୍ରିୟବ୍ରତ ମାଝୀ, ଜିତେନ୍ଦ୍ର ମହାନ୍ତି, ସମାଜସେବୀ ଅମର ସେଠୀ, ବରିଷ୍ଠ କାଉନସିଲର ଅନନ୍ତ କୁମାର ଦାସ, ପ୍ରଭାତ ମହାନ୍ତି, ମହିଳା ଜୋନାଲ ସଭାନେତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋ, ଜିଲ୍ଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିନୋଦ ସିଂଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



## ଅଟୋ ଡ୍ରାଇଭରର ଜଘନ୍ୟ କାଣ୍ଡ

# ଶିଶୁକନ୍ୟାକୁ ଫୋପାଡ଼ି ମାଆକୁ ଗାଡ଼ିରୁ ଠେଲିଦେଲା

- ମହିଳାଙ୍କୁ ଚନ୍ଦକା ବଦଳରେ କଟକ ନେଉଥିଲା
- ନିକାଞ୍ଚନ ସ୍ଥାନରେ ଅନୈତିକ ସମ୍ପର୍କ ପାଇଁ ବାଧ କରିଥିଲା
- ଡ୍ରାଇଭର୍ ଗିରଫ; ଗାଡ଼ି ଜବତ



ଭୁବନେଶ୍ୱର, ୩।୬ (ସମିସ): ରାଜଧାନୀରେ ଜଣେ ଅଟୋ ଡ୍ରାଇଭରର ଜଘନ୍ୟ କାଣ୍ଡ ଘଟାଇଛି। ଚନ୍ଦକା ଯିବାକୁ ଚାହୁଁଥିବା ମହିଳାଙ୍କୁ କଟକ ଆଡ଼କୁ ନେଇଯାଇଛି। ଖାଲି ସେତିକି ନୁହେଁ, ନିକାଞ୍ଚନ ସ୍ଥାନରେ ରଖି ଫେବର୍ ମାଗିବା ସହ ଶିଶୁକନ୍ୟାକୁ ଫୋପାଡ଼ି ଦେଇଛି। ଏଭଳି ଜଘନ୍ୟ କାଣ୍ଡ ଭିଆଇଥିବା ଅଟୋ ଚାଳକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଶ୍ୟାମପୁର ଅଞ୍ଚଳରେ ରହୁଥିବା କଟକ ଜିଲ୍ଲା କିଶନ ନଗର ଥାନା ବସ୍ତପଡ଼ାର ମୋହନ କୁମାର ମହାନ୍ତି (୩୧)।

ପୁଲିସ ସୂଚନାନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୨୧ ବର୍ଷୀୟା ମହିଳା ବାଲେଶ୍ୱରରେ ବିବାହ କରିଥିବା ବେଳେ ତାଙ୍କର ବର୍ଷକର ଶିଶୁକନ୍ୟା ରହିଛି। ମହିଳା ଜଣକ ବୁଧବାର ଭୋରରୁ ବରମୁଣ୍ଡା ବସଷ୍ଟାଣ୍ଡରେ ପହଞ୍ଚିବା ପରେ ଚନ୍ଦକା ଯିବାକୁ ମୋହନର ଅଟୋକୁ ୪୫୦ ଟଙ୍କାରେ ଭଡ଼ା କରିଥିଲେ। ମୋହନ ସମ୍ପୃକ୍ତ ମହିଳା ଓ ତାଙ୍କ ବର୍ଷକର ଶିଶୁକନ୍ୟାକୁ ଅଟୋରେ ଧରି ବାହାରିଥିଲା। ହେଲେ ଚନ୍ଦକା ନେବା ବଦଳରେ କଟକ ଆଡ଼କୁ ଯାଇଥିଲା। ମହିଳା ଜଣକ ପ୍ରଶ୍ନ କରିବାରୁ ବିଭିନ୍ନ ଆଳ ଦେଖାଇବା ସହ ବାରମ୍ବାର ରୁଟ୍ ବଦଳାଇଥିଲା। ପରବର୍ତ୍ତୀ ସମୟରେ ଏକ ନିକାଞ୍ଚନ ସ୍ଥାନରେ ଅଟୋ ଛିଡ଼ା କରିଦେବା ସହ ଭଡ଼ା ବାବଦକୁ ଅଧିକ ୩୦୦ ଟଙ୍କା ମାଗିଥିଲା। ଅଧିକ ଟଙ୍କା ଦେବାକୁ ମନା କରିବାରୁ, ମୋହନ ସମ୍ପୃକ୍ତ ମହିଳାଙ୍କୁ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲା। ମହିଳା ବିରୋଧ କରିବାରୁ ମୋହନ ରାଗିଯାଇ ଗାଳିଗୁଲଜ କରିବା ସହ ଅତ୍ୟାଚାର କରିଥିଲା। ଏମିତିକି ଅସଦାଚରଣ ମଧ୍ୟ କରିଥିଲା।

ମହିଳାଙ୍କ ଇଚ୍ଛା ବିରୋଧରେ ମୋହନ ବାରମ୍ବାର ରୁଟ୍ ବଦଳାଇବା ସହ ଭୁବନେଶ୍ୱର ଫେରିଆସି ସିଆରପି ଛକରେ ଗାଡ଼ି ରଖିଥିଲା। ଶିଶୁକନ୍ୟାକୁ ଗାଡ଼ିରେ ଛାଡ଼ି ଦୋକାନରୁ ପାଣି ବୋତଲ ଆଣିବାକୁ ମହିଳାଙ୍କୁ କହିଥିଲା। ମହିଳା ଜଣକ କୌଣସି ଉପାୟ ନ ପାଇ ପୁଲିସକୁ କଲ୍ କରୁଥିବା ବେଳେ ମୋହନ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲା। ଏମିତିକି ତାଙ୍କ ଶିଶୁକନ୍ୟାକୁ ନେଇ ପଳାଇବାକୁ ଉଦ୍ୟମ କରିଥିଲା। ପୀଡ଼ିତା ଚିତ୍କାର କରିବାରୁ, ମୋହନ ତାଙ୍କ ଝିଅକୁ ଫୋପାଡ଼ି ଦେଇଥିଲା। ଏହାପରେ ମହିଳାଙ୍କୁ ମଧ୍ୟ ଗାଡ଼ିରୁ ଠେଲି ଦେଇଥିଲା। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ଓ ତାଙ୍କ ଶିଶୁକନ୍ୟାକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମହିଳା ଜଣକ ଏନେଇ ଅଭିଯୋଗ କରିବା ପରେ ମୋହନକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ।

## ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୩।୬(ସମିସ): ଓଡ଼ିଆ ସିନେମା ଏବେ ଧୀରେ ଧୀରେ ପରିବର୍ତ୍ତନ ଆସିଛି। ନୂଆ ସୁଯୋଗ୍ୱଧ ସୃଷ୍ଟି ହୋଇଛି। ଓଡ଼ିଆ ସିନେ ଜଗତ ଅନେକ ସଂଘର୍ଷ ଦେଖିଛି ଓ କରିଛି ମଧ୍ୟ। ଯେଉଁଥିରେ କଳାକାର, ସିନେ ପ୍ରଯୋଜକ, ନିର୍ଦ୍ଦେଶକ ଆଦି ସମସ୍ତଙ୍କ ଭୂମିକା ରହିଆସିଛି। କିଛି ଲୋକପ୍ରିୟ ପୁରୁଣା ସିନେମା ଆଜି ବି ଲୋକଙ୍କ ମନରେ ସାଇତା ହୋଇ ରହିଛି। ହେଲେ ଆଉ କିଛି ସିନେମା ଏମିତି ବି ରହିଛି ଯାହା ଅଧା ଶୁଟିଂରେ ହିଁ ବନ୍ଦ ହୋଇ ଯାଇଛି। ସେହିଭଳି ଏକ ପୁରୁଣା ଫଟୋ ଆଜି ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

ଏହି ଫଟୋଟି ପ୍ରଖ୍ୟାତ ଅଭିନେତା ତଥା ନିର୍ଦ୍ଦେଶକ ହେମନ୍ତ ଦାସଙ୍କ ନିର୍ଦ୍ଦେଶନାରେ ତିଆରି ହେଉଥିବା ଏକ ଅସମ୍ପୂର୍ଣ୍ଣ ଓଡିଆ ଚଳଚ୍ଚିତ୍ର 'ସୁଲୋଚନା'। ଯାହା ୧୯୭୫ରୁ ୧୯୮୦ ଦଶକର ବୋଲି ଜଣାପଡ଼ିଛି। ଏଥିରେ ଦେଖାଯାଉଥିବା ଅଭିନେତା ଓ ଅଭିନେତ୍ରୀଙ୍କ ପାରମ୍ପରିକ ଓ ଗମ୍ଭୀର ରୂପ ସେହି ସମୟର ଓଡିଆ ସିନେମା କଳାକାର ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟ ଥିଲେ। ଏହି ଚଳଚ୍ଚିତ୍ରଟି ନିର୍ଦ୍ଦେଶକ ହେମନ୍ତ ଦାସଙ୍କ ଏକ ବଡ ସ୍ୱପ୍ନ ଥିଲା, ଯାହା କୌଣସି କାରଣବଶତଃ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ବୋଲି କୁହାଯାଏ।

# ସିଗାରେଟ୍ ନ ଦେବାରୁ ଖଣ୍ଡା ଚୋଟ

ଭୁବନେଶ୍ୱର, ୩।୬ (ସମିସ): ପୁଣି ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ଅସାମାଜିକ। ସିଗାରେଟ୍ ଦେବାକୁ ମନା କରିବାରୁ ଦୋକାନୀଙ୍କୁ ଖଣ୍ଡାରେ ହାଣିଛନ୍ତି।



ଏୟାରପୋର୍ଟ ଛକରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସୁନ୍ଦରପଦା ଆରାଧନା ନଗରର ଚିନ୍ତନ ଖୁଣ୍ଟିଆ (୩୩) ଓ ବଡ଼ଗଡ଼ କେନାଲ ରୋଡର ସୁରେଶ ମହାନ୍ତି (୩୩)। ସେହିପରି ଚିନ୍ତନର ଅଭିଯୋଗ ଆଧାରରେ ଦୋକାନୀଙ୍କ ଭାଇ ଅବିନାଶ ସାହୁକୁ ଗିରଫ କରାଯାଇଛି।

ପୁଲିସ ସୂଚନାନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ଅରବିନ୍ଦ ସାହୁ ଓ ଭାଇ ଅବିନାଶ ସାହୁ ଦୋକାନ ବନ୍ଦ କରୁଥିବା ବେଳେ ଚିନ୍ତନ, ସୁରେଶ ଓ ସହଯୋଗୀମାନେ ସେଠାରେ ପହଞ୍ଚି ସିଗାରେଟ୍ ମାଗିଥିଲେ। ଦୋକାନ ବନ୍ଦ କରୁଥିବାରୁ ଅରବିନ୍ଦ ଓ ଅବିନାଶ ସିଗାରେଟ୍ ଦେବାକୁ ମନା କରୁଥିଲା। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିସହିତ ପରସ୍ପରକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଅରବିନ୍ଦଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ସେହି ସମୟରେ, ଚିନ୍ତନ, ସୁରେଶ ଓ ସହଯୋଗୀମାନେ ମିଶି ଅରବିନ୍ଦ ଓ ଅବିନାଶଙ୍କୁ ଖଣ୍ଡାରେ ହାଣିଥିଲେ। ଅରବିନ୍ଦଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଚିତନ ଓ ସୁରେଶକୁ ଗିରଫ କରିବା ସହ ସେମାନଙ୍କ ଠାରୁ ଖଣ୍ଡା ଜବତ କରିଥିଲା। ଅପରପକ୍ଷରେ ଚିନ୍ତନର ଅଭିଯୋଗ ଆଧାରରେ ଅବିନାଶକୁ ଗିରଫ କରିଛି।

## ୪ ଲକ୍ଷର ବ୍ରାଉନସୁଗର ଜବତ; ଜଣେ ଗିରଫ

ଭୁବନେଶ୍ୱର, ୩।୬ (ସମିସ): ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଉଛି ଚକେଇସିଆଣିର ବିଜୟ ମହଲା। ପୁଲିସ ସୂଚନାନୁସାରେ, ସହିଦନଗର ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ବିଭାଗର ସ୍ୱତନ୍ତ୍ର ଟିମ୍ ଭିଏସ୍ଏସ୍ ନଗର ରେଲୱେ କ୍ରସିଂ ନିକଟରେ ଚଢ଼ଉ କରିଥିଲା। ସେଠାରୁ ବିଜୟକୁ ଗିରଫ କରିବା ସହ ୩୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ ଲକ୍ଷ ହେବ ବୋଲି ଅବକାରୀ ପୁଲିସ କହିଛି। ଏନେଇ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ବିଜୟକୁ କୋର୍ଟ ଚାଲାଣ କରିଛି।

## ନାଟ୍ୟଧାରାର ତୃତୀୟ ସନ୍ଧ୍ୟାରେ 'ସୂର୍ଯ୍ୟୋଦୟ ପୂର୍ବେ'



ଭୁବନେଶ୍ୱର, ୩।୬(ସମିସ): ନାଟ୍ୟଧାରା କ୍ରମରେ ନାଟ୍ୟକାର ଚିନ୍ତାମଣି ଜେନାଙ୍କ ନାଟକ 'ସୂର୍ଯ୍ୟୋଦୟ ପୂର୍ବେ' ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଏହି ନାଟକରେ କିପରି ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ଯୁବ ପିଢିକୁ ବର୍ବାନ୍ଧ କରିଦେଇଛି। ସେମାନଙ୍କ ମାନବିକତା ଛଡାଇ ନେଉଛି ଏବଂ ମଣିଷ କ୍ରମଶଃ ସ୍ୱାର୍ଥସର୍ବସ୍ୱ ଯନ୍ତ୍ରରେ ପରିଣତ ହେଉଛି ତାହା ପ୍ରଦର୍ଶିତ। ତେବେ ଆଡଭୋକେଟ ଜାନକୀ ବାବୁ ଗରିବ ରାମ ମହାନ୍ତିର ପୁଅ ଓ ତାଙ୍କ ହ୍ୱାଇଁ ଶାନ୍ତନୁକୁ ପଶ୍ଚାତାପ କରିବାକୁ ବାଧ କରନ୍ତି। ଶାନ୍ତନୁ ଜଣେ ଫାଷ୍ଟ କ୍ଲାସ ମାଜିଷ୍ଟ୍ରେଟ ହୋଇ ମଧ୍ୟ କିପରି ଜାନକୀ ବାବୁଙ୍କ ଫାନ୍ଦରେ ପଡ଼ିଯାଆନ୍ତି ଓ ଜାନକୀ ବାବୁଙ୍କ ଇଚ୍ଛା ମୁତାବକ କାର୍ଯ୍ୟ କରନ୍ତି, ତାହା ଏହି ନାଟକକୁ ଉତ୍ସୁକତା ମଧ୍ୟରେ ବାନ୍ଧି ରଖେ। ଏହିଭଳି କାହାଣୀକୁ ନେଇ ରଉରକେଲାର ପ୍ରୟାସ ପକ୍ଷରୁ ମଞ୍ଚସ୍ଥ ହୋଇଛି 'ସୂର୍ଯ୍ୟୋଦୟ ପୂର୍ବ'।

ସଂସ୍କୃତି ବିଭାଗ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ପ୍ରଫୁଲ୍ଲ ଚନ୍ଦ୍ର ସେଠୀ। ମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଅଭିଳାଷ ସାହୁ, ରାଜେଶ ରାୟ, ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଶୁଭେନ୍ଦୁ ସାମଲ, ବିଶ୍ୱଜିତ୍ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ସୌମ୍ୟରଞ୍ଜନ ବାରିକ, ରାମଚନ୍ଦ୍ର ଗୌଡ, ପ୍ରଜ୍ଞାନନ୍ଦ ମହାନ୍ତି, ନିବେଦିତା ଜେନା ଓ ସନ୍ତୋଷିନୀ ବାରିକ। ଏହି ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ ନାଟ୍ୟ ସଂଘର ଉପସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ ଏବଂ ଅତିଥି ଭାବେ ପ୍ରଧାପକ ରମେଶ ଚନ୍ଦ୍ର ମଲ୍ଲିକ, ନାଟ୍ୟ ନିର୍ଦ୍ଦେଶକ ନବୀନ କୁମାର ବେହେରା ଉପସ୍ଥିତ ଥିଲେ। ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ଭର୍ଚୁଆଲ ଏକାଡେମୀର 'ବ୍ରାଣ୍ଡ ଆମ୍ବାସାଡର' ଘୋଷଣା

# ପଦ୍ମଶ୍ରୀ ଡ଼. ମହେନ୍ଦ୍ର ମିଶ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩।୬(ସମିସ): ମାତୃଭାଷା, ଲୋକସାହିତ୍ୟ ଓ ଲୋକସଂସ୍କୃତି କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଡ଼. ମହେନ୍ଦ୍ର କୁମାର ମିଶ୍ରଙ୍କୁ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସିୱାଇଏସଡ଼ି ସଭାଗୃହରେ ଆୟୋଜିତ ଏକ ସମାରୋହରେ ପ୍ରସିଦ୍ଧ ପୋଥିବିଜ୍ଞାନୀ ଡ଼. ପ୍ରଫୁଲ୍ଲ କୁମାର ମିଶ୍ର, ଶାନ୍ତିନିକେତନର ପ୍ର. ହରେକୃଷ୍ଣ ମିଶ୍ର ଓ ପୂର୍ବତନ ସୂଚନା କମିଶନର ସମାଜସେବୀ ଜଗଦାନନ୍ଦଙ୍କ ଗହଣରେ ଡ଼. ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭର୍ଚୁଆଲ ଏକାଡେମୀର ସଚିବ ଡ଼. ପ୍ରଦୀପ କୁମାର ରାଉତ ଅଧକ୍ଷତା କରି ଏକାଡେମୀର କାର୍ଯ୍ୟକ୍ରମ ପ୍ରସାରଣରେ ଡ଼. ମିଶ୍ରଙ୍କ ମାର୍ଗଦର୍ଶନ ଓ ଅବଦାନର ବିବରଣୀ ଦେଇ ତାଙ୍କୁ ଓଡ଼ିଆ ଭରଚୁଆଲ ଏକାଡେମୀର 'ବ୍ରାଣ୍ଡ ଆମ୍ବାସାଡର'ଘୋଷଣା କରିଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ଡ଼. ମିଶ୍ର ପ୍ରତ୍ୟେକ ଓଡ଼ିଆ ସ୍ୱାର୍ଥ, ପୁରୁଷାର୍ଥ ଓ ପରମାର୍ଥ ଲକ୍ଷ୍ୟରେ ଜାତି ତଥା ମାତୃଭାଷାର ସମୃଦ୍ଧି କ୍ଷେତ୍ରରେ ମନୋନିବେଶ କରିବା ଉଚିତ ବୋଲି ମତ ଦେଇଥିଲେ। ଓଡ଼ିଆକୁ ଜ୍ଞାନ ଭଣ୍ଡାରର ଭାଷା ଭାବରେ ପ୍ରତିଷ୍ଠିତ କରିବା ଆମର ଜାତୀୟ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଥିଲେ। ସେ ଓଡ଼ିଆ ଭରଚୁଆଲ ଏକାଡେମୀ ପାଇଁ କାର୍ଯ୍ୟ କରିବାକୁ ସମ୍ମତି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପୋଥି ବିଜ୍ଞାନୀ ଅଧ୍ୟାପକ ଡ଼. ବିଭୂତି ଭୂଷଣ ମହାପାତ୍ର, ପ୍ରବନ୍ଧକ ସ୍ମୃତି ରଞ୍ଜନ ମିଶ୍ର, ବିଶେଷଜ୍ଞ ଦେବାନନ୍ଦ ଭଞ୍ଜ, ଡ଼. ଡିଏନ ମହାନ୍ତି, ସଚ୍ଚିଦାନନ୍ଦ ପଣ୍ଡା ଓ ସ୍ୱତନ୍ତ୍ର ଅଧିକାରୀ ଶ୍ରୀନିବାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଗୁରୁ ଦୁର୍ଗାଚରଣଙ୍କୁ 'ମାର୍ଗି ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର, ୩।୬(ସମିସ): ନୃତ୍ୟଶାଳା ଓ ମାସିକ ସାଂସ୍କୃତିକ ପତ୍ରିକା କଳାକୃତିର ମିଳିତ ସହଯୋଗରେ ୧୬ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ 'ମାର୍ଗୀ' ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂହ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଗୁରୁ ରାମହରି ଦାସ, ଗୁରୁ ରତିକାନ୍ତ ମହାପାତ୍ର, ନୃତ୍ୟଶାଳାର ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠିତ ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ମାର୍ଗି ଜୀବନ ବ୍ୟାପୀ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଗଜେନ୍ଦ୍ର ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ଚରଣରେ ନୃତ୍ୟ ଅଭିନୟ କରିଥିଲେ ଗୁରୁ ଶିଳ୍ପୀ ବନ୍ଦିତା ଘୋଷାଲ। ରାଧାକୃଷ୍ଣଙ୍କ ନୈସର୍ଗିକ ପ୍ରେମ 'ମୁଁ ତ ଜାଣି ଜାଣି କରିଚି ମାନ ଗୀତରେ ଅଭିନୟ କରିଥିଲେ। ପରେ ଦ୍ୱୈତ ନୃତ୍ୟରେ ଗାୟତ୍ରୀ ପ୍ରଧାନ ଓ ମନୋଜ ପ୍ରଧାନ ନୃତ୍ୟ କରିଥିଲେ। ଶେଷରେ ଦଳଗତ ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର ଓ ସାଥିକଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା 'ଉଦ୍‌ବୋଧନ'। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ରାଜଧାନୀରେ ପୁଷ୍ପା ଗ୍ୟାଙ୍ଗର ଆତଙ୍କ

# ମାଆଙ୍କ କଳିରୁ ପୁଅକୁ ହାଣିଲା

ଭୁବନେଶ୍ୱର, ୩।୬(ସମିସ): ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ପୁଷ୍ପା ଗ୍ୟାଙ୍ଗ୍। ଗତକାଲି ଦୁଇ ମହିଳାଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ଆଜି ସେମାନଙ୍କ ପୁଅ ମୁହାଁମୁହିଁ ହୋଇଛନ୍ତି। ଗ୍ୟାଙ୍ଗ୍ ମୁଖିଆ ପି ରାମୁଲୁ ରାଓ ଓ ତାର ସହଯୋଗୀ ଡି ହରିକ୍ରିଷ୍ଣାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି।

ଅଭିଯୋଗ ଅନୁଯାୟୀ, ଫାଳିକିଆ ବସ୍ତିରେ ରହୁଥିବା ହରିକ୍ରିଷ୍ଣାଙ୍କ ମାଆ ଓ ରାମୁଲୁ ମାଆ ମଧ୍ୟରେ କୌଣସି କାରଣକୁ ନେଇ ଗତକାଲି ଝଗଡ଼ା ହୋଇଥିଲା। ଏହାକୁ ନେଇ ରାମୁଲୁ ଆଜି ହରିକ୍ରିଷ୍ଣାଙ୍କୁ ଗାଳିଗୁଲଜ କରିଥିଲା। ହରିକ୍ରିଷ୍ଣା ବିରୋଧ କରିବାରୁ ରାମୁଲୁ ଓ ତାର ସହଯୋଗୀ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ଖଣ୍ଡା ଚୋଟଟି ହରିକ୍ରିଷ୍ଣାଙ୍କ ହାତରେ ବାଜିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଧାଇଁ ଆସିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଲୋକମାନେ ହରିକ୍ରିଷ୍ଣାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି। ସେପଟେ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି କ୍ୟାପିଟାଲ ଥାନା ପୁଲିସ।

## ୧୫ରେ ରଜ ଉତ୍ସବ

ଭୁବନେଶ୍ୱର, ୩।୬(ସମିସ): ଜୟ ମା' ଭବାନୀ ଟ୍ରଷ୍ଟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ମିଳିତ ଆନୁକୂଲ୍ୟରେ ରଜ ଉତ୍ସବ ଓ ନବମ ବାର୍ଷିକ ଉତ୍ସବ ପାଳନ ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଯାଉଛି। ଡ. ନାରାୟଣ ମହାପାତ୍ର, ଉମାନାଥ ମିଶ୍ର ବିଜୟ ମୋହନ ପଣ୍ଡାଙ୍କ ସଂଯୋଜନାରେ ଏନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ୨ ଜଣଙ୍କୁ ଉତ୍କଳ ସେବା ରତ୍ନ ଓ ୧୭ ଜଣଙ୍କୁ ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯିବ। ନିଶିକାନ୍ତ ମିଶ୍ରଙ୍କୁ ଅନୁଷ୍ଠାନର ମର୍ଯ୍ୟାଦା ଜନକ 'ଉତ୍କଳ ଶ୍ରୀ ସମ୍ମାନ' ରେ ସମ୍ବର୍ଦ୍ଧନା ଦିଆଯିବ। ଏହି ବୈଠକରେ ସୁରେଶ କୁମାର ମିଶ୍ର, ପ୍ରମୋଦିନୀ ପଣ୍ଡା, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଉପକଣ୍ଠରୁ ବଜରଙ୍ଗବାଳି ଉଭାନ

- ବାରମ୍ବାର ବାତ୍ୟା ମାଙ୍କଡ଼ଙ୍କ ବଂଶ ବିସ୍ତାରରେ ବାଧକ
- ଯାହା ଦିଶୁଥିଲେ, କୋଭିଡ଼ ପରେ ଗାଏବ ହୋଇଗଲେ

ଭୁବନେଶ୍ୱର, ୩।୬(ସମିସ)

ପ୍ରାକୃତିକ ବିପର୍ଯ୍ୟୟ ସାଜିଛି ମାଙ୍କଡ଼ଙ୍କ ପାଇଁ କାଳ। ଗତ କିଛିବର୍ଷ ଧରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜଙ୍ଗଲ ଏବଂ ଗଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେହି ଅନୁଯାୟୀ ଗଛଗୁଡ଼ିକରେ ରହୁଥିବା ବିଭିନ୍ନ ଜୀବଜନ୍ତୁ ବିଶେଷକରି ମାଙ୍କଡ଼ଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ରାଜଧାନୀ ଏବଂ ଏହା ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ କ୍ରମେ ମାଙ୍କଡ଼ଙ୍କ ସଂଖ୍ୟା ହ୍ରାସ ଏବେ ପ୍ରକୃତିପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

କେବଳ ରାଜଧାନୀ ନୁହେଁ ରାଜ୍ୟର ପ୍ରମୁଖ ମାଙ୍କଡ଼ଙ୍କ ଆବାସସ୍ଥଳୀ କହିଲେ ଖଣ୍ଡଗିରିକୁ ବୁଝାଏ। କେବଳ ଖଣ୍ଡଗିରି ନୁହେଁ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ହଜାର ହଜାର ସଂଖ୍ୟକ ମାଙ୍କଡ଼ ରହିଥିଲେ। ଘାଟିକିଆ, ଜାଗମରା, ପାତ୍ରପଡ଼ା, ଆଇଗିଣିଆ, ତମାଣ୍ଡୋ, ପାଇକରାପୁର ଅଞ୍ଚଳରେ ପ୍ରବଳ ମାତ୍ରାରେ ବୁଦୁବୁଦୁକିଆ ଜଙ୍ଗଲ ଏବଂ ଗଛ ଯୋଗୁଁ ହଜାର ହଜାର ସଂଖ୍ୟକ ମାଙ୍କଡ଼ ରହିଥିଲେ। କିନ୍ତୁ ସମୟ କ୍ରମରେ ସହରୀକରଣ ପ୍ରବେଶ



ଫଳରେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ହ୍ରାସ ପାଇବା ଯୋଗୁଁ ମାଙ୍କଡ଼ଙ୍କ ସଂଖ୍ୟା ସାଂଘାତିକ ଭାବେ ହ୍ରାସ ପାଇବାରେ ଲାଗିଛି। ଏକ ଆକଳନ ଅନୁଯାୟୀ ୨୭ ବର୍ଷ ତଳେ ଖଣ୍ଡଗିରି ଏବଂ ଉଦୟଗିରି ପାହାଡ଼ରେ ୫ ହଜାରରୁ ଅଧିକ ମାଙ୍କଡ଼ ରହିଥିଲେ। କିନ୍ତୁ ୧୯୯୯ ମହାବାତ୍ୟାରେ ଖଣ୍ଡଗିରି ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବାତ୍ୟାପବନକୁ ସମ୍ମୁଖୀନ ହୋଇ ନ ପାରି ଅନେକ ମାଙ୍କଡ଼ଙ୍କ ମୃତ୍ୟୁ ଘଟିଲା। ସେହିଭଳି ଗଛ ନଷ୍ଟ ହୋଇଯିବା ଯୋଗୁଁ ପରବର୍ତ୍ତୀ ସମୟରେ ମାଙ୍କଡ଼ଙ୍କ ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ହେବା ସହ ଖାଦ୍ୟାଭାବ ଦେଖାଗଲା। ମହାବାତ୍ୟା ପରେ ଖଣ୍ଡଗିରିରେ ମାଙ୍କଡ଼ଙ୍କ ସଂଖ୍ୟା ପ୍ରାୟ ୩ ହଜାରକୁ ଖସି ଆସିଥିବା ବେଳେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଏହା ପ୍ରାୟ ଅଧା ହୋଇଯାଇଥିଲା। ଯେତିକି ମାଙ୍କଡ଼ ଥିଲେ ପରବର୍ତ୍ତୀ ସମୟରେ ଫନୀ ବାତ୍ୟା ସମୟରେ ସେଗୁଡ଼ିକ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଲା। ଏସବୁ ପରେ ବି ଏଭଳି ଜଙ୍ଗଲୀ ଜୀବ ପ୍ରାକୃତି ସହ ସଂଘର୍ଷ କରୁଥିବା ବେଳେ କୋଭିଡ଼ ସମୟରେ ଖାଦ୍ୟାଭାବ ଯୋଗୁଁ ଖଣ୍ଡଗିରିରୁ ଅନେକ ମାଙ୍କଡ଼ ଜଙ୍ଗଲକୁ ଚାଲିଗଲେ ଏବଂ କିଛି ମାଙ୍କଡ଼ ଜନବସତି ଅଞ୍ଚଳରେ ଘୂରି ବୁଲିଲେ। ଯେଉଁମାନେ କି ପରବର୍ତ୍ତୀ ସମୟରେ ଖଣ୍ଡଗିରିକୁ ଫେରିଲେ ନାହିଁ। ଜନବସତି ଅଞ୍ଚଳରେ ଥିବା ମାଙ୍କଡ଼ଙ୍କ ମଧ୍ୟରୁ ଅନେକ ଖାଦ୍ୟାଭାବରେ ଶିକାର ହୋଇ ମୃତ୍ୟୁବରଣ କଲେ।

ଖଣ୍ଡଗିରି ଅଞ୍ଚଳର ଜଣେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ କୋଭିଡ଼ ପୂର୍ବରୁ ପ୍ରାୟ ୨ ହଜାର ମାଙ୍କଡ଼ ରହିଥିବା ବେଳେ କୋଭିଡ଼ ପରବର୍ତ୍ତୀ ସମୟରେ ମାଙ୍କଡ଼ଙ୍କ ସଂଖ୍ୟା ଶହେକୁ ଖସି ଆସିଛି। ପୂର୍ବରୁ ଏଠାରେ ଉଭୟ ହନୁ ଏବଂ ପାତି ମାଙ୍କଡ଼ ଦେଖିବାକୁ ମିଳୁଥିବା ବେଳେ ଏବେ ମାତ୍ର ଗୋଟିଏ ପାତି ମାଙ୍କଡ଼ ରହିଛି ବୋଲି କହିଛନ୍ତି ଏଠାକାର ବ୍ୟବସାୟୀ। ପରିବେଶବିତ୍‌ଙ୍କ କହିବାନୁଯାୟୀ ସାମଗ୍ରିକ ଭାବରେ ଭୁବନେଶ୍ୱର ଏବଂ ଏହାର ଆଖପାଖରେ ସହରାଞ୍ଚଳର ବୃଦ୍ଧି ଏବଂ ବୃକ୍ଷରାଜିର ହ୍ରାସ ଖଣ୍ଡଗିରି ଏବଂ ଉଦୟଗିରିରେ ଥିବା ମାଙ୍କଡ଼ମାନଙ୍କ ପ୍ରାକୃତିକ ବାସସ୍ଥଳୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟିର କାରଣ ସାଜିଛି। ସହରୀକରଣର ପ୍ରଭାବ, ସବୁଜିମାର ହ୍ରାସ ଏବଂ ଖାଦ୍ୟର ଅଭାବ ମାଙ୍କଡ଼ମାନଙ୍କୁ ଏ ଅଞ୍ଚଳରେ ରହିବା ନିମନ୍ତେ ଖଣ୍ଡଗିରି ଆଉ ଆକର୍ଷିତ କରିପାରୁ ନାହିଁ। ପରିଣାମରେ ସେମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି।

ସେହିଭଳି କୁକୁର କାମୁଡ଼ା ଓ ନିଜନିଜ ଭିତରେ କାମୁଡ଼ାକାମୁଡ଼ି ଯୋଗୁଁ ଅନେକ ମାଙ୍କଡ଼ ଆହତ ହୋଇଥାନ୍ତି। ସ୍ଥାନୀୟ ଲୋକେ, ପର୍ଯ୍ୟଟକ, ଜଙ୍ଗଲ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ଓୟୁଏଟି ପରିସରକୁ ଆଣିଥାନ୍ତି। ଏଥିମଧ୍ୟରୁ କିଛି ବଞ୍ଚି ଯାଆନ୍ତି ତ ଆଉ କିଛି ମରିଯାଆନ୍ତି ବୋଲି କହିଛନ୍ତି ଓୟୁଏଟି ପ୍ରାଣୀ ଶଲ୍ୟ ଓ ରଞ୍ଜନ ରଶ୍ମୀ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଇନ୍ଦ୍ରମଣି ନାଥ।

## ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ତୃତୀୟ ବୈଠକ

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶେଷ ଉପରେ ଗୁରୁତ୍ୱ

ଯାଜପୁର,୩।୬(ସମିସ):




ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଉନ୍ନୟନ ସମନ୍ୱୟ ଏବଂ ତଦାରଖ (ଦିଶା) କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ଏବଂ ନୂତନ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ଦିଶା ବୈଠକ ଏକ ପ୍ରମୁଖ ପ୍ଲାଟଫର୍ମ। ଲୋକସଭା ସାଂସଦ ଡ. ବେହେରା ଯାଜପୁର - ଧାମରା ରେଳଲାଇନ ଏକ ଐତିହାସିକ ପ୍ରକଳ୍ପ ହେବ ବୋଲି କହିଥିଲେ। ଏହାସହ ଜିଲ୍ଲାରେ ସ୍ଥାଣୁ ହୋଇ ରହିଥିବା ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି ବୋଲି ସେ କହିଥିଲେ। ବିଶେଷ କରି ବିରଜା କ୍ଷେତ୍ର ବିକାଶ ପ୍ରକଳ୍ପ, ବରାହ ପୀଠ, ପର୍ଯ୍ୟଟନ ପ୍ରକଳ୍ପ, ସାଇନ୍ସ ପାର୍କ ଉପରେ ସାଂସଦ ଗୁରୁତ୍ୱ ଦେଇଥିଲେ। ଏହି ସଭାରେ ଗତ ଦିଶା ବୈଠକର ବିବରଣୀ ଏବଂ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଦିଶା ବୈଠକରେ ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡି ବିଭାଗ, ଜଳ ଜୀବନ ମିଶନ, ପାନୀୟ ଜଳ ଯୋଗାଣ, ଜଳସେଚନ ଏବଂ ଡ୍ରେନେଜ୍, ସ୍ୱାସ୍ଥ୍ୟ, ସମଗ୍ର ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ଯୋଜନା ଭଳି ବିଭିନ୍ନ ବିଭାଗର ପ୍ରକଳ୍ପ କାର୍ଯ୍ୟ ଏବଂ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସେତୁ ବନ୍ଧ ଯୋଜନା ଏବଂ ବ୍ରିଜ୍ ନିର୍ମାଣ ନେଇ ବିଧାୟକମାନେ ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀମାନେ ରିପୋର୍ଟ ଦାଖଲ କରିବା ପାଇଁ କହିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ଟେଣ୍ଡର ପୂର୍ବରୁ ସେହି ସ୍ଥାନର ଫିଜିବିଲିଟି ଦେଖିବା ସହ ସ୍ଥାନୀୟ ବିଡିଓ, ତହସିଲଦାରଙ୍କ ମତାମତ ନେବା ଦରକାର ବୋଲି କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ କହିଥିଲେ। ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟ ବିଭାଗର ସବସେଣ୍ଟର ଗୁଡିକରେ ପାଚେରି ନିର୍ମାଣ, ପାନୀୟ ଜଳ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବଡ଼ଚଣା ବିଧାୟକ ଅମର ନାୟକ ପ୍ରସ୍ତାବ ଦେଇଥିଲେ। ଯାଜପୁର ବିଧାୟିକା ଲୋକଙ୍କୁ ନିର୍ଦ୍ଧାରିତ ସମୟରେ ପାନୀୟ ଜଳ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ରାସ୍ତା ଓ କୋଠାବାଡ଼ି ବିଭାଗର ପ୍ରଶାସନିକ ଭବନ ନିର୍ମାଣ, ମେଡିକାଲ କଲେଜ୍ ରେ ୧୫୦ ଶଯ୍ୟା ବିଶିଷ୍ଟ ଏମସିଏଚ ବିଲଡିଂ, ପାଣିକୋଇଲିରେ ଟ୍ରମା କେୟାର ସେଣ୍ଟର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ହୋଇଥିଲା। ଜାତୀୟ ରାଜପଥରେ ତୁରନ୍ତ ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ବଡ଼ଚଣା ବିଧାୟକ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାଇରିଆ ନିୟନ୍ତ୍ରଣ ପାଇଁ ନିୟମିତ ପାନୀୟ ଜଳର ଗୁଣବତ୍ତା ଏବଂ କ୍ଲୋରିନେଶନ ପରିମାଣ ପରୀକ୍ଷା କରିବା ପାଇଁ ଜିଲ୍ଲାପାଳ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସାଂସଦ ଏବଂ ବିଧାୟକମାନେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସଫଳ ରୂପାୟନ, ଅଙ୍ଗନବାଡ଼ି କେନ୍ଦ୍ରରେ ଖାଲି ପଦବୀ, କଳିକା କେନ୍ଦ୍ରର କାର୍ଯ୍ୟକାରିତା, ସେଠାରେ ଦିଆଯାଉଥିବା ଛତୁଆର ଗୁଣବତ୍ତା ଏବଂ ମାନ ସମ୍ବନ୍ଧରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ମେଡିକାଲ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀଙ୍କ କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ିଙ୍କ ନିଯୁକ୍ତିକୁ ପ୍ରାଥମିକତା ଦେବା ପାଇଁ ବଡ଼ଚଣା ବିଧାୟକ ପ୍ରସ୍ତାବ ଦେଇଥିଲେ। ଏହାସହ ସାଂସଦ ଡ. ବେହେରା ଜିଲ୍ଲାରେ ବଣ୍ଟନ ହୋଇ ନଥିବା ପ୍ରାୟ ୬ ଲକ୍ଷ ଆୟୁଷ୍ମାନ କାର୍ଡକୁ ତୁରନ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଦିଶା କମିଟି ବୈଠକରେ କମିଟି ସଦସ୍ୟ, ସଦସ୍ୟା, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡିଓ, ଜନ ପ୍ରତିନିଧି, ପଞ୍ଚାୟତ ସମିତି, ପୌର ପରିଷଦ, ଜିଲ୍ଲା ପରିଷଦର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ

**ପ୍ରୀତିପୁର,୩।୬(ସମିସ):** ଆଉଁରୀ ସ୍ଥିତ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୨୦୦୫ ବ୍ୟାଚର ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନ ଶିକ୍ଷକତା କରୁଥିବା ସମସ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା ସହ ୨୦୨୬ ମ୍ୟାଟ୍ରିକ ବ୍ୟାଚରେ ସ୍କୁଲ୍‌ରେ ଅଧିକ ନମ୍ବର୍ ରଖିଥିବା ୫ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ



ବର୍ତ୍ତମାନର ବିଞ୍ଝାରପୁର ବିଇଓ ଶାନ୍ତନୁ କୁମାର ମଲ୍ଲିକ ମଧ୍ୟ ଉପସ୍ଥିତ ରହିଥିଲେ। ୨୦୦୫ ବ୍ୟାଚର ବିଜୟଲକ୍ଷ୍ମୀ ଜେନା ରୋଗାଗ୍ରସ୍ତ ଏବଂ ଆର୍ଥିକ ଅନଟନ ଅବସ୍ଥାରେ ଥିବାରୁ ତାଙ୍କୁ ଦଶ ହଜାର ଟଙ୍କା ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ସ୍କୁଲ୍‌ର ଉନ୍ନତି ପାଇଁ ମୋ ସ୍କୁଲ ଅଭିଯାନରେ ୨୦ ହଜାର ଟଙ୍କାର ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅବସର ନେଇଥିବା ଓ ବର୍ତ୍ତମାନ ଉପସ୍ଥିତ ଥିବା ଶିକ୍ଷକମାନଙ୍କ ମଧ୍ୟରେ ବେଣୁଧର ଜେନା, ବ୍ରଜସୁନ୍ଦର ଦାସ, ସୁଶାନ୍ତ କୁମାର ଶତପଥି, ରବୀନ୍ଦ୍ର ନାଥ ବେହରା, ରାଜେନ୍ଦ୍ର ସାମଲ, ଭାସ୍କର ଚନ୍ଦ୍ର ପଣ୍ଡା, ନବକିଶୋର ପାଢ଼ୀ, ପୁଷ୍ପକାନ୍ତ ମଲ୍ଲିକ, ଗଦାଧର ସାହୁ, ପ୍ରମୋଦ କୁମାର କର, ହରମୋହନ ମହାନ୍ତି, ସ୍ନିଗ୍ଧାରାଣୀ ପଟ୍ଟନାୟକ, ଅଶୋକ କୁମାର ସାହୁ, ଭାଗୀରଥି ଶତପଥି, ଦିନକୃଷ୍ଣ ଆଚାର୍ଯ୍ୟ, ବିଷ୍ଣୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତ ପରିବାର ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନସେଲିଂ




**ଦାନଗଦି,୩।୬(ସମିସ):** ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ପକ୍ଷରୁ ମଙ୍ଗଳବାର ଦିନ ଏନଆଇଏନଏଲ ଟାଉନସିପ୍ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ଭୁବନେଶ୍ୱରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୱି ଗ୍ରୋ' ସହଯୋଗରେ ବିସ୍ଥାପିତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନଆଇଏନଏଲର ଏମ୍‌ଡି ତଥା ସିଇଓ ପଦ୍ମପାଳ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ (ସିଏଚଆରଓ) ଅନିମେଶ ସାମନ୍ତ ଏବଂ 'ୱି ଗ୍ରୋ'ର ପ୍ରୋପ୍ରାଇଟର ତଥା ଅଭିଜ୍ଞ କ୍ୟାରିୟର କାଉନସେଲର ଡ. ଶୁଭାଶିଷ ଜାମୁଦା ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ପ୍ରାୟ ୪୨ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଜ୍ଞ କ୍ୟାରିୟର କାଉନସେଲର ଡ. ଶୁଭାଶିଷ ଜାମୁଦା ଦଶମ, ଦ୍ୱାଦଶ ଏବଂ ସ୍ନାତକ ଶିକ୍ଷା ପରେ କିପରି କ୍ୟାରିୟର ବାଛିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସେ ଆଗାମୀ ଦିନର କ୍ୟାରିୟର ସୁଯୋଗ ବିଷୟରେ ବୁଝାଇଥିଲେ। ଏହି ଅବସରରେ ଏନଆଇଏନଏଲର ଏମଡି ଓ ସିଇଓ ପଦ୍ମପାଳ କହିଥିଲେ ଯେ କ୍ୟାରିୟର ବାଛିବା ସମୟରେ ନିଜର ରୁଚି କେଉଁଥିରେ ଅଛି ତାହା ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତଭିତ୍ତିକ ଶିକ୍ଷା ଉପରେ ଧ୍ୟାନ ଦେବା, ଟେକ୍ନୋଲୋଜି ଭିତ୍ତିକ ଷ୍ଟାର୍ଟଅପରେ ସୁଯୋଗ ଖୋଜିବା ଏବଂ ମନ ଦେଇ ଶୁଣିବା ପରି ଅତ୍ୟାବଶ୍ୟକ କୌଶଳ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ।

## ମହାଗିରି ପ୍ରେସ୍ କ୍ଲବର କର୍ମକର୍ତ୍ତା ଚୟନ



**ଦାନଗଦୀ,୩।୬(ସମିସ):** ଦାନଗଦି ବ୍ଲକ ଟମକା ଠାରେ ଥିବା ମହାଗିରି ପ୍ରେସ୍ କ୍ଲବର ଚଳିତ ବର୍ଷର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଦେଉଳକଣ ପଞ୍ଚାୟତ ପ୍ରେକ୍ଷାଳୟରେ ଆୟୋଜିତ ଏହି ଉତ୍ସବରେ ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ନରୋତ୍ତମ ବେହେରା ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଟମକା ଥାନା ଅଧିକାରିଣୀ ବିନତୀ ଦାସ, ଝଡେଶ୍ୱର ଯୁକ୍ତଦୁଇ କଲେଜର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା, ଶିକ୍ଷାବିତ୍ ଅକ୍ଷୟ କୁମାର ରାଉତ, କିଆଝରେ ପଞ୍ଚାୟତର ଯୁବନେତା ଓ ସମାଜସେବା ସୌମ୍ୟରଂଜନ ମହାପାତ୍ର, ଦେଉଳକଣ ପଞ୍ଚାୟତର ସରପଞ୍ଚ ବିଜୟ କୁମାର ଯେନା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବର ଆଗାମୀ ଦୁଇ ବର୍ଷ ପାଇଁ ଚୟନ ପ୍ରକ୍ରିୟାରେ ବରିଷ୍ଠ ସାମ୍ବାଦିକ ହରିହର ବାରିକଙ୍କୁ ସଭାପତି, ଏସ୍‌କେ ଅବତାର ଅଲ୍ଲୀଙ୍କୁ ସାଧାରଣ ସମ୍ପାଦକ, ନରୋତ୍ତମ ବେହେରା କାର୍ଯ୍ୟକାରୀ ସଭାପତି, ଅନୀଲ କୁମାର ଦାସ ସହ ସଂପାଦକ, ଉମାକାନ୍ତ ମହାପାତ୍ର ଉପଦେଷ୍ଟା, ଅଜୟ କୁମାର ଦେହୁରୀ କୋଷାଧ୍ୟକ୍ଷ, ବରିଷ୍ଠ ସଦସ୍ୟ ପରମାନନ୍ଦ ଦାସ, କାଳନ୍ଦୀ ଚରଣ ମିଶ୍ର, ଭରତ ଚନ୍ଦ୍ର ହୋତା ଏବଂ ଖଗେଶ୍ୱର ମହାନ୍ତଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଛି। ସଦସ୍ୟ କାଳନ୍ଦୀ ଚରଣ ମିଶ୍ର ଉତ୍ସବରେ ମଙ୍ଗଳାଚରଣ ଗାନ କରିଥିବା ବେଳେ ସଦସ୍ୟ ଶିକ୍ଷାବିତ୍ ଭାଷ୍ୟକାର, ବାବାଜୀ ଚରଣ ଜେନା ମଞ୍ଚ ସଂଯୋଜନା କରିଥିଲେ।

## ରଜ ପାଇଁ ନୃତ୍ୟ ପ୍ରତିଯୋଗିତା

**ଧର୍ମଶାଳା,୩।୬(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗାନ୍ଧିଛକ(କଣ୍ଟିଗଡ଼ିଆ) ଠାରେ ଆଗାମୀ ରଜ ପର୍ବ ପାଳନ ଉପଲକ୍ଷେ ଜୟ ଶ୍ରୀରାମ ସୋସିଆଲ ସର୍ଭିସ ନେଟୱର୍କ, କଣ୍ଟିଗଡ଼ିଆ ତରଫରୁ ନୃତ୍ୟ ପ୍ରତିଯୋଗିତା ରଜ ମଉଜର ଅଡିସନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜୟରାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଚିସ୍ମିତା ଦାସ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ଯୁବସମାଜସେବୀ ଦୀପକ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କଣ୍ଟିଗଡ଼ିଆ ପଞ୍ଚାୟତର ପ୍ରଭାରି ରବୀନ୍ଦ୍ର ବରାଳ,ଯୁବ ସମାଜସେବୀ ସୁଜିତ କୁମାର ସାହୁ, ଯୁବ ସଭାପତି ଗୋକୁଳାନନ୍ଦ ମହାପାତ୍ର, ୧୩ ନଂ ଜୋନ ମହିଳା ସଭାନେତ୍ରୀ ସସ୍ମିତା ପଣ୍ଡା ଓ ଯୁବସମାଜସେବୀ ନିତ୍ୟାନନ୍ଦ ଖିଲାର ପ୍ରମୁଖ ଯୋଗଦେଇଥିଲେ। ଦେବୀତୋଷ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ କାର୍ତ୍ତିକ ଜେନା,ଲକ୍ଷ୍ମୀଧର ମଲ୍ଲିକ ଓ ମନୀଷା ଦାସ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ।।ଅନୁଷ୍ଠାନ ତରଫରୁ ମହେଶ୍ୱର ସ୍ୱାଇଁ, ଦିଲ୍ଲୀପ ସେଠୀ,ପ୍‌ରଶାନ୍ତ କୁମାର ଜେନା, କଳ୍ପତରୁ ବେହେରା,ଦୀପକ କୁମାର ଦାସ ଓ ପ୍ରଶାନ୍ତ ଜେନା ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଦୀପ କୁମାର ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଅର ଆକ୍ରମଣରେ ଭାଉଜର ମୃତ୍ୟୁ

● ଅଭିଯୁକ୍ତ ଥାନାରେ ଅଟକ

**ଧର୍ମଶାଳା,୩।୬(ସମିସ):** ଧର୍ମଶାଳା ଥାନା ସୁହୁରିଆ ପଞ୍ଚାୟତ ସାରୋଇ ଗ୍ରାମ ଦେଉରୀ ସାହିରେ ଜମିବାଡି ବିବାଦକୁ କେନ୍ଦ୍ରକରି ଦୁଇପରିବାରମଧ୍ୟରେଗଣ୍ଡଗୋଳଘଟି ସମ୍ପର୍କୀୟଦିଅରଆକ୍ରମଣରେ ବିଧବା ଭାଉଜଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ସାରୋଇ ଦେଉରୀ ସାହିର ସ୍ୱର୍ଗତ ନୃସିଂହ ଦେଉରୀଙ୍କ ବିଧବା ପତ୍ନୀ ନନ୍ଦିନୀ ଦେଉରୀ (୫୦) ବୋଲି ଜଣାପଡିଛି। ସୂଚନା ମୁତାବକ ନନ୍ଦିନୀର ସ୍ୱାମୀ କିଛି ବର୍ଷ ତଳେ ମୃତ୍ୟୁବରଣ କରିଥିବା ବେଳେ ଜମିବାଡି ବିବାଦକୁ କେନ୍ଦ୍ର କରି ତାଙ୍କ ପଡ଼ୋଶୀ ପରିବାରଙ୍କ ସହିତ ତିକ୍ତତା ଲାଗିରହିଥିଲା। ଆଜି ସକାଳେ ବିବାଦୀୟ ଜମିରେ ବାଡ଼ବୁଝାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ ଘଟିଥିଲା। ଏଥିରେ ହରି ଦେଉରୀ (୨୨) ଉତ୍କ୍ଷିପ୍ତ ହୋଇ ନନ୍ଦିନୀ ଦେଉରୀଙ୍କୁ ଏକ ଶାବଳ ଓ ଛୁରି ଭୁଷି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ୨୨୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହତ୍ୟାକାରୀ ହରିକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଓ ଛୁରିକୁ ପୁଲିସ ଜବତ କରିଛି। ଏହି ହତ୍ୟାକୁ ନେଇ ସାରୋଇ ଦେଉରୀ ସାହିରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳକୁ ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଓ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଘଟଣାର ତଦନ୍ତ କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି।

## ୫ ଚେନ୍ ଲୁଟେରା ଗିରଫ; ସୁନା, ବାଇକ୍ ଜବତ

**ଯାଜପୁର,୩।୬(ସମିସ):** ଗତ କିଛି ଦିନ ଧରି ଯାଜପୁର ଟାଉନ ଥାନା ଅଞ୍ଚଳରେ ଲୁଟତ ରାଜ କରୁଥିବା ଏକ ଗ୍ୟାଙ୍ଗକୁ କାବୁ କରିବାରେ ସଫଳ ହୋଇଛି ଯାଜପୁର ଟାଉନ ପୁଲିସ। ପୁଲିସ ୫ ଚେନ୍ ଛିନ୍‌ତାଇକୁ ଗିରଫ କରି କୋର୍ଟଚାଲାଣ କରିବା ସହ ସୁନା ଜବତ କରିଛି। ଏନେଇ ଟାଉନ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ ଗତ ୧୮-୪-୨୦୨୬ରେ ଯାଜପୁର ଟାଉନ ଥାନା ବାହାବଳପୁର ଅଞ୍ଚଳର ରେବତୀ ରାଣୀ ସାହୁଙ୍କ ବେକରୁ କେହି ଦୁର୍ବୃତ୍ତ ସୁନା ଚେନ୍ ଝାମ୍ପି ନେଇଥିଲା। ଏ ନେଇ ରେବତୀ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନାରେ କେଶ ନଂ.୧୫୭/୨ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିଲା। ଘଟଣା ସମ୍ପର୍କିତ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ଏହା ସହିତ ଘଟଣାସ୍ଥଳ ଅଞ୍ଚଳର ଟାୱାର ଡମ୍ପ ରେକର୍ଡ ସଂଗ୍ରହ କରାଯାଇ



ବିଶ୍ଳେଷଣ କରାଯାଇଥିଲା। ଟାୱାର ଡମ୍ପ ରେକର୍ଡ ବିଶ୍ଳେଷଣ ସମୟରେ ଅଭିଯୁକ୍ତ ଚନ୍ଦନ ପ୍ରଧାନର ମୋବାଇଲ ନମ୍ବର ଘଟଣା ସ୍ଥଳ ନିକଟରେ ସକ୍ରିୟ ଥିବା ଜଣାପଡ଼ିଥିଲା। ଆରକ୍ଷୀ ଅଧିକ୍ଷକ ଯଶ୍ ପ୍ରତାପ ଶ୍ରୀମଲ୍‌ଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ଟିମ୍ ଗଠନ କରିଥିଲା। ପରବର୍ତ୍ତୀ ସମୟରେ ନାରଣ ପ୍ରଧାନଙ୍କ ପୁଅ ଚନ୍ଦନ କୁମାର ପ୍ରଧାନ(୨୨), ବିଷ୍ଣୁ ପ୍ରଧାନଙ୍କ ପୁଅ ରାଜା ବାବୁ ପ୍ରଧାନ(୨୨) ଉଭୟଙ୍କ ଘର ଯଖପୁରା ଥାନା ଦଶମାଣିଆ ରାବଣା ଅଞ୍ଚଳର ହୋଇଥିବା ବେଳେ ଛତିଶଗଡ଼ ରାଜ୍ୟର ଭୀମଖୋଜ ଗ୍ରାମର କଳିଙ୍ଗ ଧ୍ରୁବଙ୍କ ପୁଅ ରୋଶନ ଧ୍ରୁବ(୨୦) ପୁଲିସ ଗିରଫ କରି ସେମାନଙ୍କୁ ପଚରାଉଚରା କରିବା ସମୟରେ ସେମାନେ ବିଭିନ୍ନ ସ୍ଥାନରୁ ସୁନା ଚେନ୍‌କୁ ଛିନ୍‌ତାଇ କରି କୋରେଇ ଥାନା ସାହାଗାଁ ଗ୍ରାମର ସ୍ୱର୍ଗତ ଗୋବର୍ଦ୍ଧନ ସାହୁଙ୍କ ପୁଅ ଶାନ୍ତନୁ ସାହୁ(୫୨) ଓ ପାଣିକୋଇଲି ଥାନା ଶଙ୍ଖଚିଲ୍ଲା ଗ୍ରାମର ମନ୍ମଥ ସାହୁଙ୍କ ପୁଅ ରଞ୍ଜନ କୁମାର ସାହୁ(୪୧)ଙ୍କୁ ବିକ୍ରି କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ପୁଲିସ ଏହି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭ଟି ସୁନା ଚେନ୍, ୪ଟି ମୋଟର ସାଇକଲକୁ ଜବତ କରିଥିଲା। ଏହି ଛିନ୍‌ତାଇ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଛିନ୍‌ତାଇ କରିବା ସହ ଏମାନଙ୍କ ନାମରେ କୁଆଖିଆ, ବିଞ୍ଝାରପୁର, ଯାଜପୁର ଥାନାରେ ପୂର୍ବରୁ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଥାନାଧିକାରୀ ଶରତ କୁମାର ନାୟକ, ଏସ୍‌ଆଇ ମହେନ୍ଦ୍ର ସେଠୀ ସମେତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂସ୍କୃତ ବିଭାଗର ସେମିନାର ଓ ପୁସ୍ତକ ଉନ୍ମୋଚନ

**ପାଣିକୋଇଲି,୩।୬(ସମିସ):** ପାଣିକୋଇଲିସ୍ଥିତ ମା' ତାରିଣୀ ମହାବିଦ୍ୟାଳୟ ପରିସରରେ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କ ରଚିତ ଓ ସାଇସ କମ୍ପ୍ୟୁଟର ଦ୍ୱାରା ପ୍ରକାଶିତ 'ସୂକ୍ତି ସପ୍ତଚଣ୍ଡୀ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଗୋପାଳକୃଷ୍ଣ ଦାଶ, ଶୈଳବାଳ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. କାଦମ୍ବିନୀ ଦାଶ, ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ଜଗତସିଂହପୁରର ଡ. ନାରାୟଣ ପ୍ରସାଦ ଦାଶ, ଯୁକ୍ତ ୨ ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ ଓ ଅବସରପ୍ରାପ୍ତ ସହଯୋଗୀ ପ୍ରଧ୍ୟାପକ ମାନେ ଯୋଗଦେଇଥିଲେ। ଯାଜପୁର ଜିଲ୍ଲାର ବ୍ୟାସନଗର ମହାବିଦ୍ୟାଳୟ, ମୁଗୁପାଳ ମହାବିଦ୍ୟାଳୟ, ହରିପୁର ମହାବିଦ୍ୟାଳୟ ପ୍ରଭୃତିର ସଂସ୍କୃତ ବିଭାଗର ଅଧ୍ୟାପକ ମାନେ ଏହି ଆଲୋଚନା ଚକ୍ରରେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଂଚାଳିତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁକିନ୍ଦା ବାଗପୋଖରୀ ଛକରେ ଫ୍ଲାଏଓଭର ଦାବି

**ସୁକିନ୍ଦା,୩।୬(ସମିସ):** ଯାଜପୁର ଜିଲ୍ଲାର ସୁକିନ୍ଦା ସହର ମଧ୍ୟ ଦେଇ ଯାଇଥିବା ଚଣ୍ଡିଖୋଲ-ତାଳଚେର ୫୩ ନମ୍ବର ଜାତୀୟ ରାଜପଥର ସୁକିନ୍ଦା ବାଗପୋଖରୀ ଛକରେ ଏକ ବାଇପାସ ରାସ୍ତା କିମ୍ବା ଫ୍ଲାଏଓଭର ନିର୍ମାଣ ପାଇଁ ଦାବି ଜୋର ଧରିଛି। ଏନେଇ ସୁକିନ୍ଦାର ସମାଜସେବୀ ବୁଲୁ ଯାଦବ ଏନ୍‌ଏଚ୍‌ଏଆଇର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭାରତର ପ୍ରାୟ ୯୮ ପ୍ରତିଶତ କ୍ରୋମାଇଟ ଖଣିଜ ସମ୍ପଦ ସୁକିନ୍ଦା ଅଞ୍ଚଳରେ ଥିବାବେଳେ ତାଳଚେରରୁ ବହୁ ପରିମାଣରେ କୋଇଲା ଓ ଖଣିଜ ସାମଗ୍ରୀ ବୋଝେଇ ହଜାର ହଜାର ଭାରୀଯାନ ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ଯାତାୟାତ କରୁଛି। ଏହି ରାଜପଥ କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ପଡୋଶୀ ଚାରିଟି ଜିଲ୍ଲାକୁ ସଂଯୋଗ କରୁଥିବାରୁ ଦିନକୁ ଦିନ ଯାନ ଚଳାଚଳ ଚାପ ବୃଦ୍ଧି ପାଉଛି। ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳ କାରଣରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ସହ ଘନଘନ ସଡ଼କ ଦୁର୍ଘଟଣା ଘଟୁଥିବାରୁ ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏପରି ପରିସ୍ଥିତିରେ ବାଗପୋଖରୀ ଛକରେ ଏକ ଫ୍ଲାଏଓଭର କିମ୍ବା ବାଇପାସ ନିର୍ମାଣ ଅତ୍ୟାବଶ୍ୟକ ବୋଲି ବୁଲୁ ଯାଦବ ଦାବି କରିଛନ୍ତି। ଫ୍ଲାଏଓଭର ନିର୍ମାଣ ହେଲେ ସହର ଭିତରେ ଭାରୀଯାନ ଚଳାଚଳ କମିବା ସହ ପ୍ରଦୂଷଣ ହ୍ରାସ ପାଇବ, ସଡ଼କ ସୁରକ୍ଷା ବୃଦ୍ଧି ପାଇବ ଓ ସାଧାରଣ ଲୋକଙ୍କ ପାଇଁ ଯାତାୟାତ ସୁବିଧା ସୁଗମ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ଏହା ଅଞ୍ଚଳର ସାମୁହିକ ଉନ୍ନତିରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ତେବେ ଦୀର୍ଘ ଦିନ ଧରି ସ୍ଥାନୀୟ ଲୋକ ଏହି ସମସ୍ୟା ନେଇ ଅଭିଯୋଗ କରୁଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ ହୋଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଧର୍ମଶାଳା,୩।୬(ସମିସ):** ଧର୍ମଶାଳା ବ୍ଲକ କଣ୍ଟିଗଡିଆ ପଞ୍ଚାୟତରେ ଆଜି ୩୪ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଆଜି ଆରୁହା ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ରାଉତ, ସମିତିସଭ୍ୟ ଅରୁପାନନ୍ଦ ଜେନା, କ୍ଷେତ୍ରପାଳ ସରପଞ୍ଚ ଫକୀର ଚରଣ ମିଶ୍ର, ପ୍ରଭାରୀ ରବିନ୍ଦ୍ର ବରାଳ ପ୍ରମୁଖ କଣ୍ଟିଗଡିଆ ଗ୍ରାମକୁ ଯାଇ ସେଠାରେ ନୂତନ ଭାବେ ସାମିଲ ହୋଇଥିବା ୩୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ଭତା ବଂଟନ କରିଥିଲେ। ବିଜେପି ସରକାରରେ କେହି ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ ହେବେ ନାହିଁ ବୋଲି କୁହାଯାଇଛି।

## ରାହାସୋଇ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଜଟିଳ

# ବସୁଧା ଓ ସ୍ୱଜଳଧାରା ପ୍ରକଳ୍ପରୁ ବଞ୍ଚିତ ପଞ୍ଚାୟତବାସୀ

କଯାଁଗୋଲା,୩।୬(ସମିସ):

ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୦ ବର୍ଷ ହେବ ବିହାରୀ ପଞ୍ଚାୟତରୁ ବାଦ୍ ହୋଇ ଗଠିତ ହୋଇଥିବା ନୂତନ ରାହାସୋଇ ପଞ୍ଚାୟତରେ ଆଜି ଯାଏଁ ବସୁଧା ଓ ସ୍ୱଜଳଧାରା ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ। ଜଗନ୍ନାଥପୁର, ଚମ୍ପା, ବୃନ୍ଦାବନପୁର ଓ ରାହାସୋଇ ୪ଟି ରାଜସ୍ୱ ଗ୍ରାମ ଏବଂ ୧୧ଟି ୱାର୍ଡକୁ ନେଇ ଗଠିତ ଉକ୍ତ ପଞ୍ଚାୟତ। ପଞ୍ଚାୟତବାସୀ ଏବେ ବି ସରକାରୀ ନଳକୂପ ଜଳ ଉପରେ ନିର୍ଭର କରିଆସୁଛନ୍ତି। ଏକାଧିକ ସ୍ଥାନରେ ନଳକୂପ ଥିଲେ ମଧ୍ୟ ଏହା ଅଚଳ ହୋଇ ପଡ଼ିଥିବାରୁ ପାନୀୟ ଜଳ ସମସ୍ୟା ଆହୁରି ଘନୀଭୂତ ହୋଇଛି। କିଛି ସ୍ଥାନରେ ନଳକୂପରୁ ଜଳ ବାହାରିଥିଲେ ମଧ୍ୟ ତାହା ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରୀଷ୍ମ ପ୍ରବାହରେ ଜଳ ମୁନ୍ଦେ ପାଇଁ ମହିଳା ଓ ବୃଦ୍ଧମାନେ ଦୂର ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି। ପାନୀୟ ଜଳ ପାଇଁ ଦୈନିକ ସଂଘର୍ଷ କରୁଥିବା ଅଞ୍ଚଳବାସୀ କୁହନ୍ତି କେବେ ସେମାନେ ବସୁଧା ଓ ସ୍ୱଜଳ ଧାରା ଯୋଜନା ମାଧ୍ୟମରେ ଶୁଦ୍ଧ ଜଳ ମୁନ୍ଦେ ପାଇବେ, ତାହା ଏବେ ବି ଅନିଶ୍ଚିତତା ମଧ୍ୟରେ ରହିଛି। ରାସ୍ତା ଖୋଳା ହୋଇ ପାଇପ୍ ପଡ଼ିଛି; ହେଲେ ଏହି ପାଇପ୍‌ରେ କେବେ ଶୁଦ୍ଧ ଜଳ ମୁନ୍ଦେ ପାଇବେ ରାହାସୋଇ ପଞ୍ଚାୟତବାସୀ ଚାତକ ପରି ଚାହିଁ ରହିଛନ୍ତି। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପାନୀୟ ଜଳ ଯୋଗାଇଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏନେଇ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜଣ ଉତ୍ତର ମିଳିପାରିନଥିଲା। ଏ ନେଇ ରାହାସୋଇ ପଞ୍ଚାୟତ ସରପଞ୍ଚ ରିତାଞ୍ଜଳୀ ଦ୍ୱିବେଦୀ କହିଛନ୍ତି, ପଞ୍ଚାୟତରେ ଏଯାଏଁ ବସୁଧା କି ସ୍ୱଜଳଧାରା ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଲୋକେ ସରକାରୀ ନଳକୂପ ଉପରେ ନିର୍ଭର କରୁଛନ୍ତି।





# ଭୁବନେଶ୍ୱର ସିଟି

# ସିଲିଗୁଡ଼ି, ଦାର୍ଜିଲିଂରୁ ଆସୁଛି ମାଟିପାତ୍ର

## ମାଟି ଫିଲଟର ଏବଂ ବୋତଲର ଚାହିଦା ଅଧିକ

ଭୁବନେଶ୍ୱର, ୩।୬(ସମିସ)

ସମୟ ସହ ମାଟିପାତ୍ରର ବ୍ୟବହାର ପୁଣି ଫେରଥିବା ଦେଖିବାକୁ ମିଳୁଛି। ହେଲେ ଟିକେ ନୂଆ ଢଙ୍ଗରେ କହିଲେ ଭୁଲ ହେବନି। ସ୍ୱାସ୍ଥ୍ୟ ଜନିତ କାରଣ ହେଉ କିମ୍ବା ଅନ୍ୟ କୌଣସି କାରଣ, ଖରାଦିନ ପାଇଁ ଏବେ ଲୋକ ବିଭିନ୍ନ ମାଟିପାତ୍ର ଦୋକାନକୁ ଯାଇ ଆବଶ୍ୟକ ଉପକରଣ କିଣୁଛନ୍ତି। ବିଶେଷକରି ଏଇ ରାଜଧାନୀରେ ଖରାଦିନ ପାଇଁ ଛକ ଛକରେ ପସରା ମେଲିଛି। ହେଲେ ଏହିସବୁ ବିକ୍ରି କରାଯାଉଥିବା ମାଟିପାତ୍ର ବାହାର ରାଜ୍ୟରୁ ଆସୁଥିବା ଜାଣିବାକୁ ମିଳୁଛି।

ଗୋଟେ ସମୟରେ ମାଟିପାତ୍ରର ତିଆରି ଓ ବ୍ୟବହାର ଉଭୟ ଓଡ଼ିଶାରେ କମିଗଲା। ତେଣୁ କୁମ୍ଭାର ପରିବାରର ବେଉସା ବି ସମୟକ୍ରମେ ବୁଡ଼ିଗଲା। କଂସା, ପିତଳ, ସିଲଭର, ଷ୍ଟିଲ୍ ଉପକରଣର ବ୍ୟବହାର ବଢ଼ାଇବା ସହ ମାଟି ପାତ୍ରର ଚାହିଦା ହ୍ରାସ ପାଇଗଲା। ଫଳରେ ମାଟିପାତ୍ର ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ କରୁଥିବା କାରିଗର ସେମାନଙ୍କ ବେଉସା ହରାଇଲେ। ଏବେ ବଜାରରେ ଯେଉଁ ସବୁ ମାଟିପାତ୍ର ମିଳୁଛି ତାହା ମଧ୍ୟ ଆମ ଓଡ଼ିଶାର ନୁହେଁ ବରଂ ବାହାର ରାଜ୍ୟରୁ ଆସୁଛି। ଖରା ଦିନ ପାଇଁ ମାଟିର କଳସ, ଫିଲଟର୍, ପାଣି ବୋତଲ, ଗ୍ଲାସ ଏବଂ ମାଟିର ଫ୍ରିଜ୍ ଓ ମାଟିର ଡିଜାଇନ ପ୍ରେସର କୁକର୍ ଆଦି ସାମଗ୍ରୀ ବଜାରରେ ମିଳୁଛି। ଫିଲଟରର ଆକାର ଓ ଉଚ୍ଚତା ଅନୁଯାୟୀ ୨୨୦, ୨୬୦ ଓ ୩୦୦, ଗ୍ଲାସ୍ ୫୦ ଓ ପାଣିବୋତଲର ମୂଲ୍ୟ ୧୨୦ ଟଙ୍କା ରହିଛି। ଖରାଦିନ ଯୋଗୁଁ ଏସବୁ ଅଧିକ ବିକ୍ରି ହେଉଥିବା ପରିଲକ୍ଷିତ ହେଉଛି। ଏନେଇ ଜଣେ ଗ୍ରାହକ କୁହନ୍ତି, ଘରେ ତାଙ୍କ ବାପାଙ୍କ ପାଇଁ ଏହି ଫିଲଟର ନେଉଛନ୍ତି। କାରଣ ଫ୍ରିଜ ପାଣି ବଦଳରେ ଡାକ୍ତର ତାଙ୍କୁ ଏହି ପାତ୍ରରେ ପାଣି ପିଇବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ଛାତ୍ରଛାତ୍ରୀ, ବ୍ୟାଚଲର ମାନେ ମାଟି ପାଣି ବୋତଲ ପସନ୍ଦ କରୁଛନ୍ତି କାରଣ ଫ୍ରିଜ ପାଣି ସବୁବେଳେ ମିଳୁନଥିବାରୁ ଏହି ପାଣି ଅଧିକ ସମୟ ଥଣ୍ଡା ଏବଂ ଅନ୍ୟ ସ୍ଥାନକୁ ନେବାକୁ ସୁବିଧା ହେଉଛି। ଏହାକୁ ବିକ୍ରି କରୁଥିବା ନିଲ କମଲ ମଣ୍ଡଲ, ଯେ କି କଲିକାତାରୁ ଆସି ଏହି ବ୍ୟବସାୟ ଓଡ଼ିଶାରେ କରୁଛନ୍ତି, ତାଙ୍କ କହିବା ଅନୁଯାୟୀ ଏସବୁ ମାଟିର ଜିନିଷ ସିଲିଗୁଡ଼ି, ବିଧାନ ନଗର, ଦାର୍ଜିଲିଂ ଭଳି ସ୍ଥାନରୁ ଓଡ଼ିଶାକୁ ଆଣି ବିକ୍ରି କରାଯାଉଛି। ଓଡ଼ିଶାରେ ଏସବୁ ଖୁବ କମ୍ ସାମଗ୍ରୀ ପ୍ରସ୍ତୁତ ହେଉଥିବାବେଳେ ବାହାର ରାଜ୍ୟରେ ବିଭିନ୍ନ ଡିଜାଇନର ପାତ୍ର ମିଳୁଛି। ସେଥିପାଇଁ ଆର ଚାହିଦା ଅଧିକ ରହୁଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁ ରାଜ୍ୟରୁ ଏସବୁ ମାଟିପାତ୍ର ଆସୁଛି ସେଠାରୁ କିଛି ବ୍ୟବସାୟୀ ମଧ୍ୟ ଆସି ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ବେପାର କରୁଛନ୍ତି। ଖରାଦିନ ସରିଲେ ଏସବୁର ଚାହିଦା ଟିକେ କମିଯିବାରୁ ସେମାନେ ପୁଣି ନିଜ ରାଜ୍ୟକୁ ଫେରିଯାନ୍ତି।



● ଅଟଳ ବସ୍‌ଷ୍ଟାଣ୍ଡ ଟେଣ୍ଡର ପ୍ରକ୍ରିୟାକୁ ଚାଲେଞ୍ଜ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ, ୩।୬(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁରଠାରେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ସମ୍ପର୍କିତ ଟେଣ୍ଡର ପ୍ରକ୍ରିୟାକୁ ଚାଲେଞ୍ଜ କରି ଦାୟର ହୋଇଥିବା ମାମଲାରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାର ଓ ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାର ଚୂଡ଼ାନ୍ତ ରାୟ ଉପରେ ଟେଣ୍ଡର ନିଷ୍ପତ୍ତିର ପଦକ୍ଷେପ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥା 'ମେସର୍ସ ମୋହନ ପୋଦ୍ଦାର'ର ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପଦ୍ମପୁରଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୁଲିସ ହାଉସିଂ କର୍ପୋରେସନ ପକ୍ଷରୁ ଗତ ମାର୍ଚ୍ଚ ୩୦ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଆବେଦନକାରୀ ସଂସ୍ଥା ଭାଗ ନେଇଥିଲେ ମଧ୍ୟ ମୂଲ୍ୟାୟନ ସମୟରେ କମ୍ ମାର୍କ ମିଳିବା ଯୋଗୁଁ ତାଙ୍କୁ ଅଯୋଗ୍ୟ ବିବେଚିତ କରାଯାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତିକୁ ବେଆଇନ ଓ ଅଯୌକ୍ତିକ ଦର୍ଶାଇ ସଂସ୍ଥାଟି ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

## ଆଲିଆନ୍ସ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର



**୧୨୨ ୟୁନିଟ୍ ରକ୍ତ ସଂଗ୍ରହ**

ଭୁବନେଶ୍ୱର, ୩।୬(ସମିସ): ଆଲିଆନ୍ସ ଗ୍ରୁପ୍ ପକ୍ଷରୁ ଜିଜିପି କୋଲନୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରସୁଲଗଡ଼ ଠାରେ ବୁଧବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରକୁ କ୍ୟାପିଟାଲ ହସ୍ପିଟାଲର ବ୍ଲଡ଼ ବ୍ୟାଙ୍କ ଏବଂ ରେଡ଼କ୍ରସ ଆଞ୍ଚଳିକ ସୋସାଇଟ ବ୍ଲଡ଼ବ୍ୟାଙ୍କ ଦୁଇଟି ପର୍ଯ୍ୟାୟରେ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ରୋଟାରୀ କ୍ଲବ୍‌ର ଗଭର୍ଣ୍ଣର ଜଙ୍କାଶିଶ ମହାପାତ୍ର, ସାମାଜସେବୀ ରୁଦ୍ର ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପୋଲିସ କମିଶନର ପକ୍ଷରୁ ରକ୍ତଦାନ ଶିବିର ଦାୟିତ୍ୱରେ ଥିବା ଶିବାନୀ ନନ୍ଦ, ମଞ୍ଚେଶ୍ୱର ଥାନାର ଅଧିକାରୀମାନେ ରହିଥିଲେ। ଆଲିଆନ୍ସ ଗ୍ରୁପ୍‌ର ସଭାପତି ବିକାଶ କୁମାର ଦଳାଇ, ସମ୍ପାଦକ ବୁଲନ୍ କୁମାର ମଲ୍ଲ, ଆମ ଓଡ଼ିଶା ଆମ ପରିବାରର ଅଧକ୍ଷ ବିଚିତ୍ରା ନନ୍ଦ ଖୁଣ୍ଟିଆ ଉପସ୍ଥିତ ରହି ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଶେଷରେ ଆଲିଆନ୍ସ ଗ୍ରୁପ୍ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲେ।

## ନିୟୁଜ୍‌ପେପର୍ ହକର୍ ଆସୋସିଏସନ୍‌ର ବାର୍ଷିକ ବୈଠକ



ଭୁବନେଶ୍ୱର, ୩।୬(ସମିସ): ନାଲ୍‌କୋ ଛକ ନିୟୁଜ୍‌ପେପର୍ ହକର ଆସୋସିଏସନ୍‌ର ବାର୍ଷିକ ବୈଠକ ଚନ୍ଦ୍ରଶେଖରପୁରଠାରେ ସଭାପତି ନବକିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରାଗଲା। ପୂର୍ବ ନିର୍ଦ୍ଧାରିତ ନୋଟିସ ଅନୁଯାୟୀ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇ ଏଥିରେ ଆଜୀବନ ଉପଦେଷ୍ଟା ଭାବରେ ସଂଘ ପ୍ରତିଷ୍ଠାତା ତଥା ବିଗତ ଦିନର ସଭାପତି ଅଲେଖ ପରିଡ଼ାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ନବନିର୍ବାଚିତ କମିଟି ସଭାପତି ନବକିଶୋର ପରିଡ଼ା, ଉପସଭାପତି ଦଣ୍ଡପାଣି ପାତ୍ର, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ସହସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଘଡେଇ, ଉପ କୋଷାଧ୍ୟକ୍ଷ ପିତବାସ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ବିକ୍ରମ ସ୍ୱାଇଁ, ସୁଶାନ୍ତ କୁମାର ରାଉତ, ବିଶ୍ୱଜିତ ଦାସ, ଗୋଲେଖ ପରିଡ଼ା, ସଞ୍ଜୟ କୁମାର ସାହୁ, ପବିତ୍ର ସ୍ୱାଇଁ, ତପନ୍ କୁମାର ସ୍ୱାଇଁ, ତପସ କୁମାର ବେହେରା, ଭାସ୍କର ପ୍ରଧାନ ଓ ଶୃଙ୍ଖଳା କମିଟି ମୁଖ୍ୟ ଭାବରେ ବସନ୍ତ କୁମାର ଦାସଙ୍କୁ ନିର୍ବାଚିତ ହୋଇଛନ୍ତି।

## ଓକେସିଏଲ୍ ପକ୍ଷରୁ ଏଆଇ ଦକ୍ଷତା ବିକାଶ କର୍ମଶାଳା



ଭୁବନେଶ୍ୱର, ୩।୬(ସମିସ): ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍) ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଅଡିଟୋରିୟମ୍‌ରେ ଏକ ଦିନିଆ 'ଏଆଇ ଦକ୍ଷତା ବିକାଶ କର୍ମଶାଳା' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼ା ମନୋରଞ୍ଜନ ପୁଥାଲ ଏବଂ ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ା କେଶବ ଚନ୍ଦ୍ର ଶତପଥୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଡ଼ା ପୁଥାଲ କହିଥିଲେ ଯେ ଓକେସିଏଲ୍ ଦୀର୍ଘ ବର୍ଷ ଧରି ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତା ଓ ପ୍ରଯୁକ୍ତି ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟ କରିଆସୁଛି। ତେଣୁ ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏହି ପ୍ରଯୁକ୍ତିକୁ ବୁଝି ଏହାର ସକାରାତ୍ମକ ବ୍ୟବହାର କଲେ ଶିକ୍ଷାର ଗୁଣବତ୍ତାକୁ ଆହୁରି ଉନ୍ନତ କରିପାରିବେ ବୋଲି ସେ କହିଥିଲେ। କର୍ମଶାଳାରେ ଓକେସିଏଲ୍‌ର ସିନିୟର ପ୍ରୋଜେକ୍ଟ ମ୍ୟାନେଜର ଡ଼ା ଅଂଶୁମାନ ସର, ସୁଶାନ୍ତ ଜେ ଦାସ ଏବଂ ଜୟଶ ମାହାତୋ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଏଆଇ ଟୁଲ୍‌ର ଲାଇଭ୍ ଡେମୋ ଦେଖିବା ସହ ନିଜେ ମଧ୍ୟ ଏହାର ବ୍ୟବହାର କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ କନସଲଟାଣ୍ଟ ତଡିତ ପରିଡ଼ା ଓକେସିଏଲ୍‌ର ବିଭିନ୍ନ କାର୍ଯ୍ୟକ୍ରମ, ଡିଜିଟାଲ ସାକ୍ଷରତା ଅଭିଯାନ ଏବଂ ଏଆଇ କ୍ଷେତ୍ରରେ ଏହାର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସିନିୟର ମ୍ୟାନେଜର ନୀଳାଦ୍ରି ବିହାରୀ ରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଦିନବ୍ୟାପୀ କାର୍ଯ୍ୟସୂଚୀ ଏବଂ ଏହାର ଆଶାକରାଯାଉଥିବା ଫଳାଫଳ ସମ୍ପର୍କରେ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଡିଏଭି ବିଦ୍ୟାଳୟରୁ ପ୍ରାୟ ୬୦ ଜଣ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଦହିପଣା ବଣ୍ଟନ




ଭୁବନେଶ୍ୱର, ୩।୬(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ, ହରିଦ୍ୱାରର ଦିଗଦର୍ଶନରେ ଚନ୍ଦ୍ରଶେଖରପୁର ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ୪୫ ଦିନ ଧରି ନୀଳାଦ୍ରି ବିହାର ବସଷ୍ଟାଣ୍ଡ ନିକଟରେ ଦହିପଣା ଓ ଜଳଦାନ କରାଯାଇଛି। ଗାୟତ୍ରୀ ଶକ୍ତିପୀଠ ଦ୍ୱାରା ଅନୁବନ୍ଧିତ ମା ଭଗବତୀ ମହିଳା ମଣ୍ଡଳର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ଏହି ୪୫ ଦିନିଆ କାର୍ଯ୍ୟକ୍ରମ ସଫଳତା ପାଇଁ ମହିଳା ମଣ୍ଡଳର ସମ୍ପାଦିକା ଜୟନ୍ତୀ ମଲ୍ଲିକ ଓ ମୁଖ୍ୟ ସଂଯୋଜିକା ପାର୍ବତୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଉମାକାନ୍ତ ପଣ୍ଡା ଯୋଗ ଦେଇଥିଲେ।

## ବେଣ୍ଟକାରରେ 'ଆମ ବସ୍' ରହଣି ଦାବି



ଭୁବନେଶ୍ୱର /ଫୁଲନଖରା, ୩।୬(ସମିସ): ବୟାଳିଶମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଗ୍ରାମର କଣ୍ଟୁଣିଆସ୍ଥିତ ରାଧାମାଧବ ମନ୍ଦିର ନିକଟରେ 'ଆମ ବସ୍' ରହଣି (ଷ୍ଟପେଜ୍) ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି। ଏନେଇ ଗ୍ରାମବାସୀଙ୍କ ତରଫରୁ ଶହେରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଏକ ଆବେଦନ ପତ୍ର 'ଆମ ବସ୍'ର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ଗ୍ରାମର ଆରମ୍ଭରେ ଗୋଟିଏ ଷ୍ଟପେଜ୍ ଥିବା ବେଳେ ଗ୍ରାମ ଭିତରେ କୌଣସି ରହଣିସ୍ଥଳ ନାହିଁ। ଫଳରେ ଗ୍ରାମବାସୀଙ୍କୁ ପ୍ରାୟ ୪୦୦ରୁ ୫୦୦ ମିଟର ପାଦରେ ଚାଲିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମର ମୁରବୀ ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ବିଷ୍ଣୁଚରଣ ପତି, ଧ୍ରୁବଚରଣ ମହାପାତ୍ର, ସୁଜିତ୍ ପତି, ସୁଶୀଲ ଶତପଥୀ, ଅଶୋକ କୁମାର ପତି, ବିଳାସିନୀ ପତି, ମନ୍ଦାକିନୀ ପତି, ଲକ୍ଷ୍ମୀପ୍ରିୟା ପଣ୍ଡା, ପ୍ରଭାସିନୀ ମହାପାତ୍ର, ରେଣୁକା ମହାପାତ୍ର, ପୁଷ୍ପଲତା ମହାପାତ୍ର ଏବଂ ମମତା ମହାପାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଲିଖିତ ଦାବି ଜଣାଇଛନ୍ତି।

## ସରକଣାରେ ଖୋଲିଲା ଧାନମଣ୍ଡି

ବାଲିଅନ୍ତା, ୩।୬(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସରକଣା ସେବା ସମବାୟ ସମିତି ମାଧ୍ୟମରେ ବୁଧବାର ଠାରୁ ରବି ଋତୁର ଧାନକ୍ରୟ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସମିତିର ସ୍ଥାୟୀ ସଭାପତି ସୋମନାଥ ସ୍ୱାଇଁ ନଡ଼ିଆ ବାଡ଼େଇ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସହକାରୀ ନିବନ୍ଧକ କାର୍ଯ୍ୟାଳୟର କ୍ଷେତ୍ରୀୟ ଅଧିକାରୀ ପ୍ରକାଶ କୁମାର ସେଠୀ, ବାଲିଅନ୍ତା ବ୍ଲକ ସମବାୟ ଅଧିକାରୀ ଦିବ୍ୟରଞ୍ଜନ ପ୍ରଧାନ, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସେନାପତି, ପ୍ରଭାତେନ୍ଦୁ ସାମନ୍ତରାୟଙ୍କ ସମେତ ୫୦ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ। ଆଜି ସାନ୍‌ଥୋଲିଆ ରାଇସ ମିଲଦ୍ୱାରା ୯ ଜଣ ଚାଷୀଙ୍କ ଠାରୁ ୪୦୦ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରା ଯାଇଥିଲା।



ଭାରପ୍ରାପ୍ତ ସମ୍ପାଦକ ଦେବେନ୍ଦ୍ର କୁମାର ପୃଷ୍ଟିଙ୍କ ଦ୍ୱାରା ସମସ୍ତ କାର୍ଯ୍ୟର ସୁପରିଚାଳନା କରା ଯାଇଥିଲା।

## ଭାଗବତ ବେହେରାଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ

ଭୁବନେଶ୍ୱର, ୩।୬(ସମିସ): ସମାଜବାଦୀ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ଦିବଂଗତ ଭାଗବତ ବେହେରାଙ୍କ ୨୪ତମ ବାର୍ଷିକୀ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଗୀତଗୋବିନ୍ଦ ଭବନରେ ଅନୁଷ୍ଠିତ ହୋଇଛି। ଦେଶର ଅଧା ଜନସଂଖ୍ୟାର ବିକାଶ ବିନା ଦୁନିଆରେ ପ୍ରକୃତ ସାମାଜିକ ନ୍ୟାୟ ହାସଲ ହୋଇପାରିବ ନାହିଁ। ସମୟ ଆସିଛି ବଞ୍ଚିତ ବର୍ଗଙ୍କୁ ବେସରକାରୀ କ୍ଷେତ୍ରରେ ସଂରକ୍ଷଣ ଓ ଉଦ୍ୟୋଗ ବିକାଶ ପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ଦରକାର ବୋଲି ବୈଠକରେ ଅଧିକାଂଶ ବକ୍ତା ମତ ରଖିଥିଲେ। ପ୍ରାରମ୍ଭରେ ଦିବଂଗତ ଭାଗବତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ସହ ଦୀପ ପ୍ରଜ୍ୱଳିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସମାଜସେବୀ, ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଫୁଲ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ସଭାରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ମୁଖ୍ୟ ଅତିଥି, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବିଦାସ, ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଶିକ୍ଷାବିତ୍ ପ୍ରଫେସର ମାନସ ବେହେରା ଓ ଅବସରପ୍ରାପ୍ତ ଆଇଏଏସ୍ ନାରାୟଣ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ମୃତି ସଂସଦର କୋଷାଧ୍ୟକ୍ଷ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ମା' ସୁନାଦେଇ ୱାକର୍ସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୬(ସମିସ): ମା' ସୁନାଦେଈ ୱାକର୍ସ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍, ସମାଜସେବା, ସିନେ କଳାକାର, ସାମ୍ବାଦିକ ଓ ଯାତ୍ରା ଜଗତର ପ୍ରଯୋଜକ ଓ କଳାକାରମାନଙ୍କୁ ସମ୍ମାନ କରାଯାଇଥିଲା। ଏ ବର୍ଷ ଯାତ୍ରା ଜଗତରେ ସୁନାମ ଅର୍ଜନ କରିଥିବା ନାଟକ ଯାତ୍ରା ରଙ୍ଗମହଲରର 'କଟି କଟି ଡବଲ କଟି' ଓ ଯାତ୍ରା ରାଣୀ ସିଂହବାହିନୀରରୁ ମୋ ବଜରଙ୍ଗୀକୁ ଶ୍ରେଷ୍ଠ ନାଟକ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ସମାଜସେବୀ ରାଜୀବ ସାହୁ, ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରକାଶ ଶ୍ରୀଚନ୍ଦନ, ସନ୍ତୋଷ ଜେନା, ଗୌତମ ବେହେରା, ସୁଧାକର ଷଡ଼ଙ୍ଗୀ, ସୁନାରାମ ସିଂ, ଭଜମନ ମହାନ୍ତି, ଦେବବ୍ରତ ନାୟକ, ରବୀନ୍ଦ୍ର ପଲାଇ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜ୍ୟୋତି ପ୍ରକାଶ ମିଶ୍ର, ସମ୍ପାଦକ ବିଶ୍ୱରଞ୍ଜନ ନାୟକ, ସଭାପତି ବିବେକାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଆମର ମୁଖ୍ୟ ଉଦ୍ଦେଶ୍ୟ ଚାଲିବା, ସୁସ୍ଥ ରହିବା ଓ ନିଶା ଛାଡ଼ନ୍ତୁ ଓ ନିଶା ଛଡ଼ାନ୍ତୁ ବକ୍ତବ୍ୟ ରଖିଥିଲେ। ଏଥିରେ ରାକେଶ ସେଠୀ, ଅକ୍ଷୟ ବାରିକ, ବିଜୟ ବେହେରା, ଅରବିନ୍ଦ ବାରିକ, ସଂଗ୍ରାମ ଜେନା, ତାପସ ସାହୁ, ଭୀମସେନ ଦାଶ, ଚମକ ଚାନ୍ଦିନୀ ଦାଶ, କାଳୀପ୍ରସାଦ ମିଶ୍ର, ସରୋଜିନୀ ମହାନ୍ତିଙ୍କ ସମେତ ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି**

## ସରକାରଙ୍କୁ ଦାୟୀ କଲା ସିପିଆଇ

ଭୁବନେଶ୍ୱର, ୩।୬(ସମିସ)

ଓଡ଼ିଶାରେ ବିଜେପି ନେତୃତ୍ୱାଧୀନ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ରାଜ୍ୟରେ ପୋଲିସ ଉପସ୍ଥିତିରେ ଭିଡ଼ହତ୍ୟା, ରାହାଜାନୀ, ହାଜତ ମୃତ୍ୟୁ, ନାରୀ ନିର୍ଯାତନା ସୀମା ଲଙ୍ଘନ କରିଛି। ଗୋରକ୍ଷକମାନେ ଗୋ ସୁରକ୍ଷା ନାମରେ ଦିନ ଦ୍ୱିପ୍ରହରରେ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଓ ଦଳିତ ଲୋକଙ୍କ ଉପରେ ଆକ୍ରମଣ କରି ମୋଟା ଅଙ୍କର ଚାନ୍ଦା ଆଦାୟ କରୁଛନ୍ତି। ପୋଲିସ ପ୍ରଶାସନର ହୁଗୁଳା ପଣ, ଥାନାଗୁଡ଼ିକ ଜରିଆରେ ଲାଞ୍ଚ ଆଦାୟ କରି ସରକାରଙ୍କୁ ଆପ୍ୟାୟିତ କରିବାର ବ୍ୟବସ୍ଥା ଆଜି ପ୍ରାଥମିକତା ସାଜିଛି। ଏହାର ସୁଯୋଗରେ ଅପରାଧୀମାନଙ୍କ ଆଇନର ଶାସନ ପ୍ରତି ଭୟ ନାହିଁ। ପୋଲିସ ଆଇନଗତ ସଠିକ୍ କାର୍ଯ୍ୟାନୁଷ୍ଠାନ ନ ନେଇ ଶାସକ ରାଜନୈତିକ ଦଳର ହାତବାରିସି ହେବା ଫଳରେ ନିଜ ଅପାରଗତା ଓ ଦୁର୍ବଳତାକୁ ଲୁଚାଇବା ପାଇଁ ଅପରାଧୀ ପରିବର୍ତ୍ତେ ସାଧାରଣ ନାଗରିକଙ୍କୁ ନିର୍ଯାତନା ଦେବା ସହ ଏନକାଉଣ୍ଟରକୁ ଏକ ମାଧ୍ୟମ ଭାବରେ ବ୍ୟବହାର କରୁଛି। ନିକଟରେ ବାଲିପାଟଣାରେ ପୋଲିସ ଉପସ୍ଥିତିରେ ଭିଡ଼ହତ୍ୟା, ବାରଙ୍ଗ ହାଜତ ମୃତ୍ୟୁ, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଥାନା ଭିତରେ ୭ଦିନ ଧରି ଅମାନୁଷିକ ନିର୍ଯାତନା ପରେ ସାବୁଲିଆ ଗ୍ରାମର ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କ ମୃତ୍ୟୁ ଭଳି ଘଟଣା ଘଟୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ, ଅର୍ଥ ସମେତ ଅନେକ ବିଭାଗ ତାଙ୍କ ନିଜ ଅଧୀନରେ ରଖିଥିବାବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ଦ୍ରୁତ ଅବନତି ପାଇଁ ସରକାରର ମୁଖ୍ୟ ଭାବରେ ମୁଖ୍ୟମନ୍ତ୍ରୀ ହିଁ ମୁଖ୍ୟତଃ ଦାୟୀ। କମ୍ପାନୀରାଜ, କମ୍ପାନୀମାନଙ୍କ ଗୁଣ୍ଡା ଭାବେ ବେଆଇନ ଭୂମି ଅଧିଗ୍ରହଣ କରି ଆଦିବାସୀ, ଜଙ୍ଗଲବାସୀ ଓ କୃଷକଙ୍କ ଉପରେ ଅତ୍ୟାଚାର ଘଟଣା ରାଜ୍ୟର ଜନଜୀବନକୁ ଆତଙ୍କିତ କଲାଣି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଭିତରେ ଅମାନୁଷିକ ନିର୍ଯାତନା ପାଇଁ ଘଟିଥିବା ସୁଷାନ୍ତ ସାହୁଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବା ସହ ସାମଗ୍ରିକ ଭାବେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବାର ଉତ୍ତର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଉପରକୁ ନିଅନ୍ତୁ। ଓଡ଼ିଶାବାସୀଙ୍କୁ ଆତଙ୍କରାଜ ମଧ୍ୟକୁ ଠେଲିଦେବାକୁ ଉଦ୍ୟମରୁ ବିଜେପି ସରକାର କ୍ଷାନ୍ତ ରୁହନ୍ତୁ ବୋଲି ସିପିଆଇ ଓଡ଼ିଶା ରାଜ୍ୟ ସମ୍ପାଦକମଣ୍ଡଳୀ ପକ୍ଷରୁ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ଜୟନ୍ତ ଦାସ ଏକ ପ୍ରେସ୍ ବିବୃତି ଜରିଆରେ ଦାବି କରିଛନ୍ତି।

ଛତ୍ରପୁର ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦୀପ୍ତିରେଖା ଓ କୁଲ୍‌ଦୀପ ଗୀତରେ ଶ୍ରୋତା ବିଭୋର









ଛତ୍ରପୁର,୩।୬(ସମିସ): ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ସହିତ ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛତ୍ରପୁର ମହୋତ୍ସବର ତୃତୀୟ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଥିଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ 'ଟିକେ ଟିକେ ଅଚିହ୍ନା ତୁ, ଟିକେ ଟିକେ ଚିହ୍ନା, ଗଜଲ୍ ଗଜଲ୍, ବେଳ ବେଳେ ଭଲ ଲାଗେ, ହାଏ ତୋ ପ୍ରେମ ଭଳି ଓଡ଼ିଶାର ଘରେ ଘରେ ପରିଚିତ ସଂଗୀତ ଏବଂ କୁଲଦୀପ ପଟ୍ଟନାୟକଙ୍କ କେବେ ଆସି ତୁ, ତୁ ମୋରି ଦୁନିଆ, ସମ୍ମୋହିନୀ ସହିତ ବଲିଉଡର ଗୀତ ଗାଇ ଶ୍ରୋତାଙ୍କ ମନଜିଣିଥିଲେ।

ଅତିଥି ଭାବେ ଛତ୍ରପୁର ବିଧାୟକ

**ଗଣ ମାଧ୍ୟମ ପ୍ରତିନିଧି ଓ ଝୁରୋ ସ୍କୁଲର ମ୍ୟାଟ୍ରିକ କୃତୀ ବିଦ୍ୟାର୍ଥୀ ଙ୍କୁ ସମ୍ବର୍ଦ୍ଧନା**

କୃଷ୍ଣ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କେରକେଟା, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ସଚିବ ରମେଶ ହାଁସଦା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଂଚଳବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ଛତ୍ରପୁର ଅଞ୍ଚଳର ଗଣମାଧ୍ୟମର ପ୍ରତିନିଧି ଓ ଛତ୍ରପୁର ଦ ନ୍ୟୁ ଏରା ପବ୍ଲିକ୍ ସ୍କୁଲର ମାଟ୍ରିକ୍ ଟପ୍ପର ଶ୍ରେୟାସୀ ସାହୁ, ଇସିକା ବେହେରା ଓ ଦେବୀପ୍ରସାଦ ନନ୍ଦୀ ଏବଂ ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅଙ୍କିତ ଆଚାର୍ଯ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରାଯାଇଥିଲା।



ଆଖୁ ଚାଷରୁ ମୁଁହ ଫେରାଉଛନ୍ତି ଚାଷୀ

# ୭ ବର୍ଷରେ ୫୦ ପ୍ରତିଶତ ଜମିରେ କମିଛି ଚାଷ

କୋଦଳା,୩।୬(ସମିସ): ଆଖୁ ଏକ ପ୍ରମୁଖ ଅର୍ଥକାରୀ ଫସଲର ମାନ୍ୟତା ପାଇଥିବା ବେଳେ ବେଗୁନିଆପଡା ବ୍ଲକରେ ଆଖୁଚାଷ ପ୍ରତି ଚାଷୀ ବିମୁଖ ହେଉଛନ୍ତି। ଆଖୁ ଚାଷ ପ୍ରତି ଚାଷୀ ଏତେ ଆଗ୍ରହ ନଥିବା ଜଣାପଡୁଛି। ଗଞ୍ଜାମ ଜିଲ୍ଲାରେ ବେଗୁନିଆପଡ଼ା ବ୍ଲକ୍ ଆଖୁ ଚାଷରେ ଏକ ନମ୍ବର ଥିଲା। କିନ୍ତୁ ବର୍ତ୍ତମାନ ଆଖୁ ଚାଷ ପାଇଁ ବେଗୁନିଆପଡ଼ା ବ୍ଲକ୍ ଅଞ୍ଚଳର ଚାଷୀଙ୍କ ଆଗ୍ରହ କମୁଛି। ଫଳରେ ବର୍ଷକୁ ବର୍ଷ ଆଖୁ ଚାଷୀଙ୍କ ସଂଖ୍ୟା କମିବା ସଂଗେ ସଂଗେ ଆଖୁଚାଷ ହେଉଥିବା ଜମି ଓ ଆଖୁ ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଦିନକୁ ଦିନ ଲୋକଙ୍କର ଚିନି ଚାହିଦା ବଢିବାରେ ଲାଗିଥିବା ବେଳେ ଆସିକା ଚିନି କଳରେ ମଧ୍ୟ ଚିନି ଉତ୍ପାଦନ ଉଦ୍ବେଗଜନକ ଭାବେ କମିଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦ ହେଉଥିବାରୁ ବାହାରେ ଉତ୍ପାଦିତ ଚିନି ଉପରେ ଆମକୁ ଅଧିକରୁ ଅଧିକ ନିର୍ଭର କରିବାକୁ ପଡୁଛି। ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରରେ ଥିବା ଆଦି ଚିନି କାରଖାନା ବନ୍ଦ ହୋଇ ଯାଇଥିବା ବେଳେ ଆସିକା ଚିନି କାରଖାନା ଏବେ ଉତ୍ପାଦନ କରୁଛି ସିନା ଚାଷୀ ସନ୍ତୁଷ୍ଟ ନୁହନ୍ତି। ଆସିକା ଚିନିକଳକୁ ନୟାଗଡ ଜିଲ୍ଲା ସମେତ ଗଞ୍ଜାମ ଜିଲ୍ଲାର ଆସିକା, ସାନ ଖେମୁଣ୍ଡି, ଶେରଗଡ, ଧରାକୋଟ ବେଲଗୁଣ୍ଠା ଓ ବେଗୁନିଆପଡା ବ୍ଲକର ବିଭିନ୍ନ ସ୍ଥାନରୁ ଆଖୁ ଯାଉଥିବା ବେଳେ ବାର୍ଷିକ ବର୍ତ୍ତମାନ ୨୧୦୦୦ଟନ ମଧ୍ୟରୁ ବେଗୁନିଆପଡା ବ୍ଲକରୁ କେବଳ ୬୫୦୦ ଟନ ଆଖୁ ଚିନି ଉତ୍ପାଦନ ପାଇଁ ଯାଉଛି ଯାହାକି ମୋଟ



ଆଖୁର ୩୧% ବେଗୁନିଆପଡା ବ୍ଲକର କାଳିମେଘି, କୋଦଳା, ଏସ ଛଚିନା, ବି. ନୂଆଗାଁ, ତାଳସର, କୁମ୍ଭାର ଗାଁ, କୁମାରିପାରି, ହଂସତୁଳି, ସାଙ୍କୁଡ଼ା, ତିତିରିଡି, ଶାଳବଣ, ଚଣ୍ଡପଲ୍ଲୀ, ସୁମଣ୍ଡଳ, ସୌରାପଲ୍ଲୀ ଆଦି ଗ୍ରାମରେ ପାଖାପାଖି ୨୦୦ ଜଣ ଆଖୁ ଚାଷ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୩୬୦ ଏକର ଜମିରେ ଆଖୁଚାଷ ହେଉଛି। ୨୦୧୭-୨୦୧୮ ମସିହାରେ ଏହି ବ୍ଲକରେ ୬୦୦ ଏକର ଜମିରେ ଆଖୁଚାଷ ହେଉଥିବା ବେଳେ ବର୍ତ୍ତମାନ ତାହା ଖସିଆସି ୩୬୦ ଏକରରେ ପହଁଚିଛି। ଏହି ୩୬୦ ଏକର ଜମିରୁ ୮୨ ଏକରରେ ନୂଆ ଆଖୁ ଚାଷ କରାଯାଇଥିବା ବେଳେ ୨୭୮ ଏକରରେ ପୁରୁଣା ଆଖୁଚାଷ କରାଯାଉଛି। ଧାନ ଚାଷ ପାଇଁ ଯେପରି ଆଧୁନିକ ଯନ୍ତ୍ରପାତି ବାହାରିବା ସହ ଧାନ ରୁଆ ଠାରୁ ଅମଳ ପର୍ଯ୍ୟନ୍ତ ମେସିନ ବ୍ୟବହାର ହେଉଛି କିନ୍ତୁ ଆଖୁଚାଷରେ କେବଳ ମୁଲିଆ ମାନଙ୍କ ଉପରେ ନିର୍ଭର ହେଉଛି ଯାହା ଫଳରେ ମୁଲିଆଙ୍କ ଅଭାବ ଯୋଗୁଁ ଆଖୁଚାଷ ପ୍ରଭାବିତ ହେଉଛି।

ସେପଟେ ବେସରକାରୀ ସୂଚନା ଅନୁଯାଇ ବେଗୁନିଆପଡ଼ା ବ୍ଲକକୁ ଆଖୁ ଚାଷ ପାଇଁ ୫ଗୋଟି ସେକ୍ସନରେ ଭାଗ କରାଯାଇଛି। ସେଥି ମଧ୍ୟରେ ସାଙ୍କୁଡା -୧, ସାଙ୍କୁଡା -୨,ସାଙ୍କୁଡା -୩, ବେଗୁନିଆପଡ଼ା -୪, କୋଦଳା -୫ ଅଞ୍ଚଳ ହୋଇଥିବା ବେଳେ ଏହାକୁ ପରିଚାଳନା କରିବା ପାଇଁ ୪ ଜଣ ଆଖୁଚାଷ ଉନ୍ନୟନ ସହାୟକ ସହ ଜଣେ ପରିଦର୍ଶକ ରହିବା ଉଚିତ କିନ୍ତୁ ବର୍ତ୍ତମାନ ଏହି ବ୍ଲକରେ ଆଉଟ ସୋର୍ସିଙ୍ଗରୁ ଜଣେ ମାତ୍ର ସହାୟକ ଥିବା ବେଳେ ଆଉ ଜଣେ ପରିଦର୍ଶକ ଅଛନ୍ତି ଯିଏ ଆସନ୍ତା ମାସରେ ଅବସର ଗ୍ରହଣ କରିବେ। ଚଳିତ ବର୍ଷ ଏହି ବ୍ଲକରେ ୮୬୨୪୯, ୨୦୦୧ଏ ୨୫୨,୨୦୦୧ଏ ୧୦୭,ସି ଏ ୦୨୬୫, ୯୨୦୦୫, ୮୦୦୫, ୧୩୦୦୭, ୧୦୫୩ ଆଦି କିସମର ଆଖୁ ଚାଷ ହୋଇଥିବା ବେଳେ ଚାଷୀଙ୍କୁ ଟନ ପିଛା ୪୦୦୦ ଟଙ୍କା ( ମୂଲ୍ୟ ୩୭୦୦+ ବୋନସ ୩୦୦) ମିଳୁଛି। ସେପଟେ ଯଦି ଆଖୁର ପରିମାଣ ବାର୍ଷିକ ୬୦୦୦୦ ଟନ ହୁଏ ତେବେ ଟନ ପିଛା ୪୫୦୦ ଟଙ୍କା ପ୍ରଦାନ କରାଯିବା ପାଇଁ ଆସିକା ଚିନିକଳ ପକ୍ଷରୁ ଚାଷୀଙ୍କୁ ସୂଚନା ଦିଆଯାଇଛି ବୋଲି ସୂଚନା ମିଳିଛି। କିନ୍ତୁ ଆଖୁଚାଷ ପ୍ରତି ଚାଷୀଙ୍କ ଆଉ ଆଗ୍ରହ ନଥିବାରୁ ଏହି ପରିମାଣ ବୃଦ୍ଧି ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଅପର ପକ୍ଷରେ ଆଖୁଚାଷ ପାଇଁ ସରକାରଙ୍କ ତରଫରୁ ଆସୁଥିବା ପ୍ରୋତ୍ସାହନ ଏବଂ ସହାୟତା କୁ ବ୍ଲକ କୃଷି ବିଭାଗ ପକ୍ଷରୁ ଠିକ ସମୟରେ ଅବଗତ କରାଯାଉନଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ନୂଆ ଆଖୁଚାଷ ପାଇଁ ଏକର ପ୍ରତି ୯୦୦୦/- ଆସୁଥିବା ବେଳେ ଚାଷ ପାଇଁ ୬୨୦୦/- ଚାଷୀଙ୍କୁ ମିଳୁଥିବା ବେଳେ ଅବଶିଷ୍ଟ ୨୮୦୦/- ବିଭିନ୍ନ ସାର କୀଟନାଶକ ପାଇଁ ଆସୁଛି କିନ୍ତୁ କେଉଁ ସମୟରେ ଏହି ୨୮୦୦/- ମିଳିବ ଓ ଏଇଥିପାଇଁ କେବେ ଆବଶ୍ୟକୀୟ କାଗଜପତ୍ର କିମ୍ବା ରସିଦ ଦାଖଲ ହେବ ତାହା ବିଭାଗ ପକ୍ଷରୁ ସଠିକ ସମୟରେ ଜଣାଯାଇପାରୁନାହିଁ ବୋଲି ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ପୁରୁଣା ଆଖୁ ଚାଷ ପାଇଁ ମିଳିବାକୁ ଥିବା ୫୦୦୦/- ମଧ୍ୟରୁ (୩୮୦୦+୧୨୦୦) ରେ ମଧ୍ୟ ଏହି ଅସୁବିଧା ଦେଖାଦେଇଛି। ମୋଟ ଉପରେ କହିବାକୁ ଗଲେ ବେଗୁନିଆପଡା ବ୍ଲକ ଆଖୁଚାଷର ହବ ହୋଇଥିବା ବେଳେ ଆଖୁଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ସହ ନୂତନ ଯନ୍ତ୍ରପାତି ଓ ଜ୍ଞାନ କୌଶଳର ପ୍ରୟୋଗ, ସାଙ୍ଗକୁ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଗଲେ ଏହି ବ୍ଲକରେ ଆଖୁଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢିବା ସହ ପୁଣି ଅଧିକ ଜମିରେ ଆଖୁଚାଷ ହୋଇପାରିବ ବୋଲି ଚାଷୀ ଆଶା ରଖିଛନ୍ତି।

■ କବିସୂର୍ଯ୍ୟନଗର ଥାନାରେ ସୁଶାନ୍ତଙ୍କୁ ଥାର୍ଡ ଡିଗ୍ରୀ ପରେ ମୃତ୍ୟୁ ଘଟଣା...

# ପୁଲିସ ପାଇଁ ଭିନ୍ନ ନିୟମକୁ ନେଇ ଚର୍ଚ୍ଚା

ବ୍ରହ୍ମପୁର,୩।୬(ସମିସ): ଆଇନ ସମସ୍ତଙ୍କ ପାଇଁ ସମାନ। ଯଦି ଜଣେ ସାଧାରଣ ଲୋକ ଅନ୍ୟ ଜଣଙ୍କର ହତ୍ୟା କରୁଛି ତେବେ ତାହା



ସୁଶାନ୍ତ ମୃତ୍ୟୁ ଘଟଣାରେ କାହିଁକି ହେଉନି ହତ୍ୟା ମାମଲା?

ବିରୁଦ୍ଧରେ ହତ୍ୟା ମାମଲା ରୁଜୁ ହେବା ସହିତ ତାକୁ ଗିରଫ କରାଯାଉଛି। ତେବେ ହାଜତ ମୃତ୍ୟୁ ମାମଲାରେ ଘଟଣାରେ ସମ୍ପୃକ୍ତ ପୁଲିସ ଅଧିକାରୀ ଅଥବା କର୍ମଚାରୀଙ୍କ ବିରୁଦ୍ଧରେ କାହିଁକି ସମାନ ନିୟମ ଲାଗୁ ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କେବଳ ପ୍ରଶ୍ନ ଉଠିନି ବରଂ ଏହାକୁ ନେଇ ଜନ ଅସନ୍ତୋଷ ମଧ୍ୟ କୁହୁଳିବାରେ ଲାଗିଛି। ଇତି ମଧ୍ୟରେ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା ପରେ ଗଞ୍ଜାମ ପୁଲିସ ଜିଲ୍ଲାରେ ହୋଇଛି ବ୍ୟାପକ ଅଦଳବଦଳ। ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖରଙ୍କ ନିର୍ଦ୍ଦେଶ କ୍ରମେ କବିସୂର୍ଯ୍ୟନଗର ଥାନା ଓ ବାଲିଛାଇ ଫାଣ୍ଡିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଉପଖଣ୍ଡ ପାରି ବଦଳି କରାଯାଇଛି। ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତି ପ୍ରକାରେ ମୋଟ ୫୨ଜଣ ପୁଲିସ କର୍ମଚାରୀଙ୍କ ବଦଳି ହୋଇଛି। ସେଥିମଧ୍ୟରୁ କବିସୂର୍ଯ୍ୟନଗର ଥାନାର ୨୩ଜଣ ଓ ବାଲିଛାଇ ଫାଣ୍ଡିର ୩ଜଣଙ୍କୁ ମିଶାଇ ମୋଟ ୨୬ଜଣଙ୍କ ସ୍ଥାନରେ ଅନ୍ୟ ୨୬ଜଣଙ୍କ ବଦଳି ହୋଇଥିବା ଜଣାପଡିଛି। ଥାନାରେ ପୁଲିସର ବେନିୟମ ଅଟକ ଓ ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସର ମାନବାଧିକାର ସୁରକ୍ଷା ସେଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ଏବଂ ଜାତୀୟ ମାନବାଧିକାର ଆୟୋଗ ୩ସପ୍ତାହ ମଧ୍ୟରେ ଗଞ୍ଜାମର ଉଭୟ ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ ୩ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି। ପ୍ରାଥମିକ ତଦନ୍ତ ପରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ତୁରନ୍ତ କବିସୂର୍ଯ୍ୟନଗର ଥାନାରେ ଅବସ୍ଥାପିତ ପ୍ରେବେସନ ଆଇପିଏସ ଅଧିକାରୀଙ୍କୁ ତୁରନ୍ତ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ସ୍ଥାନାନ୍ତର କରିବା ସହିତ ୩ଜଣଙ୍କୁ କାର୍ଯ୍ୟରୁ ନିଲମ୍ବିତ ଓ ଜଣେ ହୋମଗାର୍ଡ ଡ୍ରାଇଭରକୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି।

ତେବେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏଭଳି ସମ୍ବେଦନଶୀଳ ମାମଲାରେ ରାଜ୍ୟ ମାନବାଧିକାର ଆୟୋଗ ସ୍ୱତଃପ୍ରବୃତ୍ତ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି ମାନବାଧିକାର ସୁରକ୍ଷା କର୍ମୀ ତଥା ଆଇନଜୀବୀ ଡଃ ଶମ୍ଭୁ ପାଣିଗ୍ରାହୀ। ଏହି ମର୍ମରେ ସେ ଆୟୋଗର ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ଏହା ସହିତ ମୃତକ ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ସାଧାରଣ ନାଗରିକଙ୍କ କ୍ଷେତ୍ରରେ ଯଦି କେହି କାହାକୁ ହତ୍ୟା କରେ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ହତ୍ୟା

- **ଗଞ୍ଜାମ ପୁଲିସ ଜିଲ୍ଲାରେ ବ୍ୟାପକ ଅଦଳବଦଳ**
- **କବିସୂର୍ଯ୍ୟନଗର ଥାନା ଓ ବାଲିଛାଇ ଫାଣ୍ଡିରେ ନୂଆ କର୍ମଚାରୀ**
- **ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ନିରପେକ୍ଷ ତଦନ୍ତ ଦାବିରେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ**

ମାମଲା ରୁଜୁ କରି ପୁଲିସ ଗିରଫ କରୁଛି। ତେବେ ହାଜତ ମୃତ୍ୟୁ ହେଉ ଅଥବା ପୁଲିସ ନିର୍ଯାତନା ଘଟଣାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କାହିଁକି ହତ୍ୟା ମାମଲା ରୁଜୁ ହେବ ନାହିଁ ଓ ସେମାନଙ୍କୁ କାହିଁକି ଗିରଫ କରାନଯିବ ବୋଲି ପ୍ରଶ୍ନ କରିଛନ୍ତି ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀ। ସେପଟେ ଘଟଣାରେ ସମ୍ପୃକ୍ତ ଥିବା ପ୍ରୋବେସନ ଆଇପିଏସ ଅଧିକାରୀଙ୍କୁ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯିବା ଓ ୩ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ ସହ ଜଣେ ଗୃହରକ୍ଷୀ (ଡ୍ରାଇଭର)କୁ ବହିଷ୍କାର କରିବା ନିର୍ଦ୍ଦେଶନାମା କେବଳ ଲୋକ ଦେଖାଣିଆ ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସେ ଗଞ୍ଜାମ ଏସପିଙ୍କୁ ତାଙ୍କ ଛତ୍ରପୁର ସ୍ଥିତ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବା ସହିତ କ୍ଷୋଭ ପ୍ରକାଶ କରିଛନ୍ତି। ଦୋଷୀ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ଦିନରେ ଘରୁ ଟଙ୍କା, ସୁନା ଗହଣା ଚୋରି

ପାପଡାହାଣ୍ଡି,୩।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗ୍ରାମର ଭିମା ସାହି ଠାରେ ଦିନ ଦ୍ୱିପହରେ ଶୈଖ ଇକରାର ଘରୁ ଟଙ୍କା ଓ ସୁନା ଗହଣା ଚୋରି ହୋଇଛି। ତିନି ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ ଶୈଖ ଇକରାର ଜଣେ ବ୍ୟବସାୟୀ। ନିଜ ପରିବାର ଲୋକେ ୫ ଦିନ ହେବ ଶଶୁର ଘରେ ଯାଇ ରହୁଛନ୍ତି। ତେଣୁ ସେ ଦୋକାନକୁ ଯାଉଥିବାରୁ ତାର ଘର ଦିନରେ ବନ୍ଦ ରହୁଥିଲା। ଆଜି ଅପରାହ୍ଣ ୩ ଘଣ୍ଟା ସମୟରେ ଇକରାର ଶୌଚ ହେବା ପାଇ ଦୋକାନରୁ ଘରକୁ ଯାଇଥିଲେ। ସେ ଘର କବାଟ ତାଲା ଖୋଲିବା ପରେ ଦୁଇ ଦୁର୍ବୃତ୍ତ ଶବ୍ଦ ଶୁଣି ଘରୁ ବାହାରି ଟଙ୍କା, ସୁନା ଗହଣା, ପିତ୍ତଳ ସାମଗ୍ରୀ ଧରି ପାଚେରି ଡେଇଁ ଦୌଡ଼ି ପଳାଇଥିଲେ। ଇକରରା ତାଙ୍କୁ ପଛରେ ବାଇକ୍ ସାହାଯ୍ୟରେ ପିଛା କରିଥିଲେ। ପୂର୍ବରୁ ଜଣେ ଦୁର୍ବୃତ୍ତ ବାଇକ୍ ଯୋଗେ କବରୀସ୍ଥାନ ନିକଟରେ ଜଗି ରହିଥିଲା। ପୂର୍ବରୁ ରହିଥିବା ବାଇକ୍ ନିକଟରେ ଦୁଇ ଜଣ ପହଞ୍ଚି ତିନି ଜଣ ମିଶି ବାଇକ୍‌ରେ ଯିବା ସମୟରେ ମୃଗ ବିହାର ଜଙ୍ଗଲ ନିକଟରେ ବାଇକ୍ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲା। ତିନି ଦୁର୍ବୃତ୍ତ ବାଇକ୍ ଛାଡି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଇକରରା ଓ ଗ୍ରାମବାସୀ ଜଙ୍ଗଲ ଭିତରେ ଖୋଜାଖୋଜି କରିଥିଲେ। କିନ୍ତୁ ତିନି ଦୁର୍ବୃତ୍ତ ଫେରାର ହୋଇ ଯାଇଥିଲେ। ଇକରାରା ଘରେ ପହଞ୍ଚି ଆଲମିରା ଦେଖିବା ପରେ ଘରେ ରହିଥବା ୭୦ ହଜାର ଟଙ୍କା, ସୁନା ଚେନ୍, ସୁନା ମୁଦି, ସୁନା କାନଫୁଲ, ବେକ ହାର ନେଇଯାଇଥିବା ରିପୋର୍ଟରେ ଅଭିଯୋଗ କରିଛନ୍ତି. ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ପିତଳ ସାମଗ୍ରୀ ଜବତ କରିଛନ୍ତି.



● ଶ୍ରୀଅନ୍ନ ଅଭିଯାନରୁ ସିଆରପିଙ୍କୁ ଛଟେଇ ଘଟଣା

# ପୁନଃନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ କର୍ମଚାରୀ

କୋରାପୁଟ,୩।୬(ସମିସ): ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଓଡ଼ିଶା ମିଲେଟ୍ସ ମିଶନ ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ପର୍ସନ୍‌ମାନଙ୍କୁ ବିନା ପୂର୍ବ ସୂଚନାରେ ହଠାତ୍ ଛଟେଇ କରିବା ନିଷ୍ପତ୍ତିକୁ ବିରୋଧ କରି ଏବଂ ପୁନଃନିଯୁକ୍ତି ଦାବିରେ କୋରାପୁଟ ଜିଲ୍ଲା ସିଆରପି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସିଆରପି ମାନଙ୍କ କହିବା ଅନୁଯାୟୀ ମାଣ୍ଡିଆ ଚାଷର ପ୍ରସାର, ବୈଜ୍ଞାନିକ କୃଷି ପଦ୍ଧତିର ପ୍ରଚାର, କୃଷକ ସଚେତନତା ବୃଦ୍ଧି ଏବଂ ଗ୍ରାମୀଣ ଜୀବିକାର ଉନ୍ନତି ପାଇଁ ସେମାନେ ଦୀର୍ଘ ଦିନ ଧରି ତୃଣମୂଳ ସ୍ତରରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ପାରମ୍ପରିକ ଚାଷ ପଦ୍ଧତିରୁ ବାହାରି କୃଷକମାନଙ୍କୁ ଆଧୁନିକ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ଅପଣାଇବାରେ ସେମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଶ୍ରୀ ଅନ୍ନ ଅଭିଯାନର କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ପ୍ରାୟ ଏକ ବର୍ଷ ସମୟ ଥିବାବେଳେ ଏଭଳି ହଠାତ୍ ଛଟେଇ ନିଷ୍ପତ୍ତି ଅନେକ ପରିବାରର ଜୀବିକା ଉପରେ




ଗଭୀର ପ୍ରଭାବ ପକାଇଛି। ଏହା ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମନୋବଳକୁ ଭାଙ୍ଗି ଦେଇଥିବା ବେଳେ ସେମାନଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ସୃଷ୍ଟି କରିଛି। ଦାବିପତ୍ରରେ ସିଆରପି ସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି, ଦୀର୍ଘ ଦିନର ପରିଶ୍ରମ ଓ ଅବଦାନ ସତ୍ତ୍ୱେ ଏଭଳି ଛଟେଇ ନିଷ୍ପତ୍ତି ଅତ୍ୟନ୍ତ ଅନ୍ୟାୟ ବୋଲି କୁହାଯାଇଛି। ଜିଲ୍ଲାପାଳ ଏହି ମାମଲାରେ ହସ୍ତକ୍ଷେପ କରି ନିଷ୍ପତ୍ତିର ପୁନର୍ବିଚାର କରିବା ସହ ସମସ୍ତ ଛଟେଇ ସିଆରପି ମାନଙ୍କୁ ପୁନଃନିଯୁକ୍ତି ଦେବାକୁ ଦାବି କରାଯାଇଛି। ଜିଲ୍ଲା ସିଆରପି ସଂଘର ପ୍ରତିନିଧି ରଘୁନାଥ ନାୟକ କହିଛନ୍ତି, ଏହା କେବଳ ଚାକିରିର ପ୍ରଶ୍ନ ନୁହେଁ, ବରଂ ଅନେକ ପରିବାରର ଜୀବିକା ଓ ଭବିଷ୍ୟତ ସହ ଜଡ଼ିତ ସମସ୍ୟା। ଏହି ପ୍ରସଙ୍ଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ଆରମ୍ଭ ହେଲାଣି ଚାଷ କାମ ; ମିଳୁନି ସାର, ଚିନ୍ତାରେ ଚାଷୀ

ଉମରକୋଟ,୩।୬(ସମିସ): ଗତ କିଛି ଦିନ ହେଲା ଉମରକୋଟ ଅଞ୍ଚଳରେ ବର୍ଷା ହେଉଥିବାରୁ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରି ସାରିଲେଣି । କିନ୍ତୁ ଚାଷ ପାଇଁ ଆବଶ୍ୟକ ଡିଏପି ସାର ମିଳୁନଥିବାରୁ ବାଧ ହୋଇ ଚାଷୀମାନେ ଅସାଧୁ ବ୍ୟବସାୟୀଙ୍କଠାରୁ ଅଧିକ ଦରରେ ସାର କିଣି କ୍ଷତି ସହୁଛନ୍ତି। ସାଧାରଣତଃ ପ୍ରତିବର୍ଷ ଜୁନ୍ ୧ରୁ ଉମରକୋଟ ବ୍ଲକରେ ଧାନ ତଳି ପାଇଁ ଜମିରେ ବିହନ ବୁଣାଯାଇଥାଏ। ଏହି ସମୟରେ ଚାଷୀ ଜମିରେ ଡିଏପି ସାର ସହ ବିହନ ପକାଇଥାନ୍ତି। କିନ୍ତୁ ବର୍ତମାନ ଡିଏପି ସାର ମିଳୁନଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବର୍ତମାନ ଉମରକୋଟ ଲ୍ୟାମ୍ପ୍‌ସ ସମେତ ଡିଲରମାନଙ୍କ ପାଖରେ ଅଳ୍ପ ପରିମାଣର ୟୁରିଆ ଓ ଡିଏପି ସାର ରହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗିଥିବାରୁ ସାର ପାଇଁ ଆବଶ୍ୟକ କଞ୍ଚାମାଲ ଓ ସାର ଭାରତରେ ପହଞ୍ଚି ପାରୁନି। ଏହାକୁ ଦୃଷ୍ଟିରେ ରଖି କାଳେ ଧନୀ ଚାଷୀ ସାର କିଣି ଷ୍ଟକ୍ ରଖିଦେବେ, ଗରିବ ଚାଷୀ ସାର ପାଇ ପାରିବେନି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସାର୍ ବିକ୍ରି ଉପରେ କଟକଣା ଲାଗୁ କରିଛନ୍ତି । ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ଆଦେଶ ନ ମିଳିବା ପର୍ଯ୍ୟନ୍ତ କୌଣସି ସାର ବିକ୍ରି ନ କରିବା ପାଇଁ ସମସ୍ତ ଡିଲରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଚାଷୀ ୩ କିଲୋ ବିଶିଷ୍ଟ ପ୍ୟାକେଟ ହାଇବ୍ରିଡ ଧାନ ବିହନ ୧୨୦୦ ଟଙ୍କାରେ କ୍ରୟ କରୁଥିବା ବେଳେ ଡିଏପି ସାର ମିଳୁ ନଥିବାରୁ ବିହନ ବୁଣିବାକୁ ଡରୁଛନ୍ତି। ଡିଏପି ସାର ସରକାରୀ ଦର ଅନୁସାରେ ୫୦ କିଲୋ ବସ୍ତାକୁ ୧୫୫୦ରୁ ୧୬୦୦ ଟଙ୍କା ଥିବା ବେଳେ ଚାଷୀ ଏହାକୁ ଅସାଧୁ ବ୍ୟବସାୟୀଙ୍କ ଠାରୁ ୨୦୦୦ରୁ ୨୨୦୦ ଟଙ୍କାରେ କିଣୁଛନ୍ତି। ଜିଲ୍ଲା ପ୍ରଶାସନ କେବଳ ଡିଲରମାନଙ୍କଠାରୁ ଷ୍ଟକ୍ ପୋଜିସନ ନେଇ ବିକ୍ରି ଉପରେ ରୋକ୍ ଲଗାଇଥିବା ବେଳେ ଉମରକୋଟ ବ୍ଲକର ବହୁ କଳାବେପାରୀ ଛତିଶଗଡ଼ରୁ ଡିଏପି ଓ ୟୁରିଆ ସାର ଆଣି କଳାବଜାରୀ କରୁଛନ୍ତି। ଉମରକୋଟ କୃଷି ବିଭାଗ ନିକଟରେ ସବୁ ତଥ୍ୟ ଥିଲେ ମଧ୍ୟ ଚୁପ୍ ହୋଇ ବସିଛି। ସମସ୍ତ ଚାଷୀ ଯେଭଳି ସାର ପାଇପାରିବେ ସେନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

## କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଅବ୍ୟବସ୍ଥା

# ୮ ମାସ ହେଲା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ସ୍ୱତନ୍ତ୍ର କ୍ୟାବିନ ବନ୍ଦ

କରଞ୍ଜିଆ, ୩।୬(ସମିସ): କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା ଅଞ୍ଚଳର ରୋଗୀଙ୍କ ପାଇଁ ଆଶା ଓ ଭରସାର କେନ୍ଦ୍ର। ପ୍ରତିଦିନ ଶହ ଶହ ରୋଗୀ ବିଭିନ୍ନ ଅଞ୍ଚଳରୁ ଚିକିତ୍ସା ପାଇଁ ଏହି ଡାକ୍ତରଖାନାକୁ ଆସୁଛନ୍ତି। ତେବେ ଡାକ୍ତରଖାନାର ଅତ୍ୟନ୍ତ

**■ ରୋଗୀ ସେବା ପ୍ରଭାବିତ**




ଗୁରୁତ୍ୱପୂର୍ଣ୍ଣ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ସହ ଜଡ଼ିତ ସ୍ୱତନ୍ତ୍ର କ୍ୟାବିନ ଗତ ପ୍ରାୟ ୮ରୁ ୯ ମାସ ଧରି ବନ୍ଦ ରହିଥିବାରୁ ରୋଗୀ ଉତ୍ତମ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ପ୍ରତିଦିନ ପ୍ରାୟ ୨୦ରୁ ୨୫ ଜଣ ପ୍ରସୂତି ଓ ସ୍ତ୍ରୀ ରୋଗୀ ଏହି ବିଭାଗରେ ଚିକିତ୍ସା ପାଇଁ ଆସିଥା'ନ୍ତି। ଡାକ୍ତରଖାନା ପରିସରରେ ଏକ ପାଞ୍ଚ ମହଲା ବିଶିଷ୍ଟ ମାତୃକେନ୍ଦ୍ର ରହିଛି। ଯେଉଁଠାରେ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ସୁବିଧା ଉପଲବ୍ଧ ରହିଛି। ଏଥିସହିତ ମାତୃକେନ୍ଦ୍ର ସମ୍ମୁଖରେ ଥିବା ଏକ ସ୍ୱତନ୍ତ୍ର କୋଠାରେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଚେମ୍ବର ରହିଥିବାବେଳେ ସେଠାରେ ୪ଟି ସ୍ୱତନ୍ତ୍ର କ୍ୟାବିନ ମଧ୍ୟ ବ୍ୟବସ୍ଥା ରହିଛି। ଏହି କ୍ୟାବିନଗୁଡ଼ିକୁ ସାଧାରଣତଃ ସ୍ୱତନ୍ତ୍ର ଓ ଉନ୍ନତ ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ ବ୍ୟବହାର କରିଥା'ନ୍ତି। କିନ୍ତୁ ଦୁଃଖର ବିଷୟ, ଗତ ୮ରୁ ୯ ମାସ ଧରି ଏହି କ୍ୟାବିନଗୁଡ଼ିକ ବନ୍ଦ ରହିଥିବାରୁ ରୋଗୀ ସେହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁଁ ଚିକିତ୍ସା ସେବା ଉପରେ ମଧ୍ୟ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ତେଣୁ ଏହି ସମସ୍ୟା ପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବନ୍ଦ ଥିବା ସ୍ୱତନ୍ତ୍ର କ୍ୟାବିନଗୁଡ଼ିକୁ ପୁନଃ ଚାଲୁ କରିବା ସହ ରୋଗୀଙ୍କୁ ଆବଶ୍ୟକ ସେବା ଯୋଗାଇଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି।

# ୨୦ ଦିନ ପରେ ନିଖୋଜ ନାବାଳିକା ଉଦ୍ଧାର

**'ସକାଳ' ପ୍ରଭାବ**

କରଞ୍ଜିଆ, ୩।୬(ସମିସ): ଦୀର୍ଘ ୨୦ ଦିନର ପ୍ରତୀକ୍ଷା, ଚିନ୍ତା ଓ ଆଶଙ୍କାର ଅବସାନ ଘଟିଛି। ଗତ ମେ ୧୪ ତାରିଖରୁ ନିଖୋଜ ଥିବା ନାବାଳିକାଙ୍କୁ ଶେଷରେ ଉଦ୍ଧାର କରିବାରେ ସଫଳ ହୋଇଛି କରଞ୍ଜିଆ ପୁଲିସ। ଏହି ଘଟଣା ପରିବାର ସଦସ୍ୟଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଥିବା ବେଳେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ମେ ୨୩ ତାରିଖରେ ଝିଅର ସନ୍ଧାନ ନପାଇ ଦୁଃଖରେ ଭାଙ୍ଗି ପଡ଼ିଥିବା ପିତା ରାଧେଶ୍ୟାମ ପାତ୍ର କରଞ୍ଜିଆସ୍ଥିତ 'ସକାଳ' ପ୍ରତିନିଧିଙ୍କ ପାଖରେ ପହଞ୍ଚି ନିଜ ଝିଅ ନିଖୋଜ ହୋଇଥିବା ସମ୍ପର୍କରେ ଜଣାଇଥିଲେ। ସେ କହିଥିଲେ ଯେ, ମେ ୧୪ ତାରିଖରୁ ଝିଅର କୌଣସି ଖୋଜଖବର ମିଳୁନାହିଁ। ପରିବାର, ଆତ୍ମୀୟସ୍ୱଜନ ଓ ପରିଚିତମାନଙ୍କ ସହଯୋଗରେ ଖୋଜାଖୋଜି କରି ବିଫଳ ହେବା ପରେ ମେ ୧୫ ତାରିଖରେ ସେ କରଞ୍ଜିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ପିତାଙ୍କ ଅଭିଯୋଗ ଅନୁସାରେ, ସେହି ସମୟରେ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଅନୁପସ୍ଥିତ ଥିବାରୁ ଅନ୍ୟ ଅଧିକାରୀମାନେ ପ୍ରାଥମିକ ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ ପାଇନଥିଲେ। ଫଳରେ ଘଟଣାଟି ଗୁରୁତ୍ୱ ପାଇନଥିବା ସେ ଦାବି କରିଥିଲେ। ପରେ ନିରାଶ ହୋଇ ରାଧେଶ୍ୟାମ ପାତ୍ର ସମସ୍ତ ତଥ୍ୟ ଓ ପ୍ରମାଣ ସହ 'ସକାଳ'ର କରଞ୍ଜିଆ ଉପଖଣ୍ଡ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିଥିଲେ। ଗଣମାଧ୍ୟମରେ ସେ ନିଜ ଝିଅଙ୍କ ନିଖୋଜ ଘଟଣାକୁ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଶାବାସୀଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ। ପରେ ନାବାଳିକାଙ୍କ ସମ୍ପର୍କରେ କିଛି ସୁରାକ ମିଳିଥିଲା। ସେହି ପ୍ରମାଣଗୁଡ଼ିକର ବିଶ୍ଳେଷଣ ପରେ ଦିବ୍ୟ ରଞ୍ଜନ ପତି ଏବଂ ଅଙ୍କିତା ପତି ରାଧେଶ୍ୟାମ ପାତ୍ରଙ୍କ ସହ କରଞ୍ଜିଆ ଥାନାକୁ ଯାଇ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ସମସ୍ତ ତଥ୍ୟ ଓ ସମ୍ଭାବ୍ୟ ଅଭିଯୁକ୍ତ ସମ୍ପର୍କରେ ଅବଗତ କରାଇଥିଲେ। ଜଣାପଡ଼ିଥିଲା ଯେ, ନାବାଳିକା ଓ ସନ୍ଦିଗ୍ଧ ଯୁବକ ଉଭୟେ ଏକେ ବିଦ୍ୟାଳୟ ବିକାଶ କନଭେଣ୍ଟର ଛାତ୍ରଛାତ୍ରୀ ଥିଲେ ଏବଂ ଅନ୍ୱେଷା ଆବାସିକ ଛାତ୍ରାବାସ ସହ ଜଡ଼ିତ ଥିଲେ। ମିଳିଥିବା ପ୍ରମାଣ, ଫଟୋ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ଥାନା ଅଧିକାରୀ ତୁରନ୍ତ ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ଏବଂ ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ପରିବାରକୁ ଆଶ୍ୱାସନା ଦେଇଥିଲେ। ଶେଷରେ ଗତକାଲି ବିଳମ୍ବିତ ରାତିରେ ଥାନା ଅଧିକାରୀ ଶ୍ରୀ ପ୍ରଧାନ ଓ ତାଙ୍କ ଟିମ୍ ଠାକୁରମୁଣ୍ଡା ଅଞ୍ଚଳର ଏକ ଗ୍ରାମରେ ଚଢ଼ଉ କରି ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଝିଅର ଉଦ୍ଧାର ଖବର ପାଇବା ପରେ ପିତା ରାଧେଶ୍ୟାମ ପାତ୍ର ଓ ତାଙ୍କ ପରିବାର ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ସେହିପରି ଘଟଣାର ସଫଳ ସମାଧାନ ପାଇଁ କରଞ୍ଜିଆ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଘଟଣାର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ପୁଲିସର ତଦନ୍ତ ଜାରି ରହିଛି।

# ବଡ଼ସାହି ବ୍ଲକ ଅଫିସ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ



ବଡସାହି, ୩।୬(ସମିସ): ବଡ଼ସାହି ବ୍ଲକ ପରିସରରେ ମାଳମାଳ ଘର ଦେଖିବାକୁ ମିଳୁଛି। ବିନା ପ୍ଲାନିଂ, ବିନା ଫିଜିଲିଟିରେ ଠିକାଦାର ଯିଏ ଯେଉଁଠି ପାଉଛି, ଏହି ବିଲ୍ଡିଂ ନିର୍ମାଣ କରୁଛନ୍ତି। ଏହି କାର୍ଯ୍ୟ ପାଇଁ ଯନ୍ତ୍ରୀ ମଧ୍ୟ ଅସହାୟ ହୋଇପଡୁଥିବା ଜଣାଯାଇଛି। ରାଜନେତାଙ୍କୁ ହାତବାରିସୀ କରି ଯେଉଁ କାମ ସେହି ଅନୁଦାନରେ ସମ୍ପୂର୍ଣ୍ଣ ସରିବା କଥା, ତାହା ଗ୍ରେଡ ବିମ୍‌ରେ ସୀମିତ ରହୁଥିବା ଦେଖିବାକୁ ମିଳୁଛି। ଏହା ବ୍ଲକରେ ଚାଲିଥିବା ପିସି କାରବାରର କମାଲ ବୋଲି ଅଭିଯୋଗ ହୋଇଛି। ଫଳରେ ଏହି ବିଲ୍ଡିଂ ମଝିରେ ଅନାବଶ୍ୟକ ୭ଟି ପାଖାପାଖି ବିମ୍ ଦେଇ ସେହି ଟଙ୍କାକୁ ପ୍ଲିନ୍ଥ ଲେବୁଲରେ ଚଳୁ କରାଯାଇଥିବା ଅଭିଯୋଗ ଉଠିଛି। ଏପରିକି ବ୍ଲକ ପରିସରର ପୁରୁଣା ପାଚେରି ଭାଙ୍ଗି ସେହି ପୁରୁଣା ଇଟାରେ ସୂଚନା ଫଳକ ନିର୍ମାଣ ସହିତ କାର୍ଯ୍ୟ ଆରମ୍ଭ କରିବାକୁ ସଜବାଜ ଆରମ୍ଭ ହୋଇଛି।

ବ୍ଲକ ପରିସରରେ ଏକ ନୂତନ ଅଫିସ ବିଲ୍ଡିଂ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୫ମ ଏସଏଫସିରୁ ୧୦ ଲକ୍ଷ ଟଙ୍କା ଅନାଦାନ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟରେ ମୋଟା ଅଙ୍କର ପିସି ନେଇ ଠିକାଦାରଙ୍କୁ ସୁହାଇଲା ଭଳି ତତ୍କାଳୀନ ଯନ୍ତ୍ରୀଙ୍କୁ କହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଯେଉଁ ସ୍ଥାନ ଏହି ଅଫିସ ଗୃହ ନିର୍ମାଣ ପାଇଁ ସଠିକ୍ ସ୍ଥାନ ନୁହେଁ, ସେହି ସ୍ଥାନକୁ ମନ୍ଦ ଉଦ୍ଦେଶ୍ୟ ରଖି ଲୋକଙ୍କ ନଜରରୁ ହଟାଇବା ପାଇଁ ଚୟନ କରାଯାଇଥିଲା। ଏହି ୧୦ ଲକ୍ଷ ଟଙ୍କାର ବିଲ୍ଡିଂ କାମ କେବଳ ଗ୍ରେଡ ବିମ ଓ ବାଲି ଫିଲିଂରେ ସରିଯାଇଥିବାବେଳେ ଏଥିରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ଉଠିଥିଲା। ଆବଶ୍ୟକ ମୂଳଦୁଆ କାମ ଠିକ୍ ଭାବେ କରାଯାଇ ନ ଥିବାବେଳେ ନିମ୍ନମାନର ରଡ୍, ସିମେଣ୍ଟ ଓ ଭାଗମାପ ବ୍ୟବହାରକୁ ନେଇ ବିଲ୍ଡିଂର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଥିଲା। ଏହି ବିମରୁ ୧୦ଟି ପାଖାପାଖି କଲମର ରଡ୍ ଦୁର୍ବୃତ୍ତମାନେ କାଟି ନେଇଥିବବେଳେ ବର୍ତ୍ତମାନ ସେହି ବିମ୍ ଉପରେ ବିଲ୍ଡିଂ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜାଣିବାକୁ ମିଳୁଛି। ରଡ୍ ଚୋରି ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ ଥାନାରେ ଏତଲା ଦିଆ ନ ଯିବା, ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିବା ସହିତ ସନ୍ଦେହକୁ ଅଧିକ ଦୃଢ଼ିଭୂତ କରିଛି ବୋଲି ବ୍ଲକ କଂଗ୍ରେସ ସଭାପତି ସଭାପତି ଶଶାଙ୍କଶେଖର କର ଦାବି କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ବିନା ପିସିରେ କାମ ହେଉ ନ ଥିବାବେଳେ ଆଗାମୀ ଦିନରେ ବ୍ଲକ କଂଗ୍ରେସ ବ୍ଲକ ଘେରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ପ୍ରସୂତି ଓ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ



କପ୍ତିପଦା, ୩।୬(ସମିସ): କପ୍ତିପଦା ବ୍ଲକ ନୁଦଡ଼ିହାସ୍ଥ ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ପ୍ରସୂତୀ ଓ ଗର୍ଭବତୀ ମାଆମାନଙ୍କୁ ପୁଷ୍ଟିକର ଖାଦ୍ୟ କିଟ୍ ବଣ୍ଟନ ସହିତ ସ୍ୱାସ୍ଥ୍ୟ ରକ୍ଷା, ପୁଷ୍ଟିକର ଖାଦ୍ୟ ଗ୍ରହଣ, କିଚେନ୍ ଗାର୍ଡେନ୍ ପ୍ରସ୍ତୁତି ଆଦି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କପ୍ତିପଦା ବ୍ଲକର ଶରତ, ନୋଟ, ସରଡ଼ିହା, ରାଣୀପୋଖରୀ, କଳମଗଡ଼ିଆ ଓ ଠାକୁରମୁଣ୍ଡା ବ୍ଲକର ଚମ୍ପାଝର, ଜରକ ପଞ୍ଚାୟତର ୧ ହଜାର ହିତାଧିକାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି। ଅନ୍ୱେଷଣ ଦ୍ୱାରା ଚାଲିଥିବା ବାଳିକା ସୁରକ୍ଷା, ଜଗତ ରକ୍ଷା ପ୍ରକଳ୍ପ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆର୍‌ଏନ୍‌ଆଇ ସ୍ୱିଜରଲାଣ୍ଡର ଆର୍ଥିକ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୱେଷଣର ସମ୍ପାଦକ ଶ୍ରୀନାଥ ପ୍ରଧାନ, କୋଷାଧ୍ୟକ୍ଷ ଗଜେନ୍ଦ୍ର ବେହେରା, ସଂଯୋଜକ ରଶ୍ମିରଞ୍ଜନ ବେହେରା, ସଦସ୍ୟ ବଂଶୀଧର ବେହେରା, କେଦାରନାଥ ମହାନ୍ତି ପ୍ରମୁଖ ବିଭିନ୍ନ ପଞ୍ଚାୟତକୁ ଯାଇ ଖାଦ୍ୟ କିଟ୍ ବଣ୍ଟନ ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପଞ୍ଚାୟତରେ ଥିବା ଅଙ୍ଗନବାଡ଼ି କର୍ମୀ, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ସ୍ୱୟଂସହାୟିକା ଗୋଷ୍ଠୀ କର୍ମୀ ଓ ଜିଲ୍ଲା ସ୍ୱାସ୍ଥ୍ୟ କମିଟି କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଲୁକାଶିଳ୍ପୀ ଦଶରଥ ମହାନ୍ତଙ୍କୁ ଜନ୍ମ ମାଟିରେ ସମ୍ବର୍ଦ୍ଧନା



ମହୁଲଡିହା, ୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ସୁନାମଧନ୍ୟ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଦଶରଥ ମହାନ୍ତଙ୍କୁ ଜନ୍ମ ମାଟିରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ନିଖୁଣ ବାଲୁକା କଳା ପାଇଁ ସେ ଏସିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇ ବିଭିନ୍ନ ମହଲରେ ସମ୍ମାନିତ ହେଉଛନ୍ତି। ମୟୂରଭଞ୍ଜ ଜିଲ୍ଲା ତଥା ଓଡ଼ିଶାକୁ ଗୌରବାନ୍ୱିତ କରିଥିବାରୁ ବାରିପଦାଠାରେ ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜବାସୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ପରେ ଜନ୍ମ ମାଟି ଠାକୁରମୁଣ୍ଡାରେ ମଧ୍ୟ ଖୁସିର ଲହରୀ ଦେଖିବାକୁ ମିଳିଛି। ମହୁଲଡିହାଠାରେ ହନୁମାନ ମନ୍ଦିରର ପ୍ରତିଷ୍ଠାତା ରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ପୂଜକ ପ୍ରଶାନ୍ତ ପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏ ଅବସରରେ ଠାକୁରମୁଣ୍ଡା ଅଞ୍ଚଳର ଅନ୍ୟଜଣେ ଯୁବଶିଳ୍ପୀ ହୃଷିକେଶ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ସମାଜସେବୀ ଉପେନ୍ଦ୍ର ମହାନ୍ତ, ଦଧିରାମ ମହାନ୍ତ, ସାମ୍ବାଦିକ ରମେଶ ମହାନ୍ତ, ଶରତ ମହାନ୍ତ, ଉତ୍ତମ ମହାନ୍ତ, ମାଧବ ମହାନ୍ତ, ଦାମୋଦର ହାଇବୁରୁ, ବାପି ମହାନ୍ତ, ବାପୁନ ମହାନ୍ତ, କେଶବ ମହାନ୍ତ, ଅନୀଲ ମହାନ୍ତ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହନୁମାନ ଟ୍ରଷ୍ଟର ସମ୍ପାଦକ ଠାକୁରଦାସ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକଙ୍କ ମାତୃ ବିୟୋଗ



ବୈଶିଙ୍ଗା, ୩।୬(ସମିସ): ବୈଶିଙ୍ଗା ମିଡିଆ ସେଣ୍ଟରର ସଦସ୍ୟ ତଥା ସାମ୍ବାଦିକ ମଧୁସୂଦନ ମହାନ୍ତିଙ୍କ ମାତା ଗୌରୀ ମହାନ୍ତି (୭୯)ଙ୍କ ପରଲୋକ ହୋଇଛି। ବୈଶିଙ୍ଗାସ୍ଥ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମଧୁସୂଦନ ମହାନ୍ତିଙ୍କ ପିତା ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତିଙ୍କ ୨୦୧୯ରେ ବିୟୋଗ ହୋଇଥିଲା। ବୈଶିଙ୍ଗା ମିଡିଆ ସେଣ୍ଟରର ସଭାପତି ସଞ୍ଜୟ ମିଶ୍ର, ସଦସ୍ୟ ସୀତାନାଥ ବେହେରା, ନରହରି ବିଶ୍ୱାଳ, ଭାଗବତ ମହାନ୍ତ, ବିମଳେନ୍ଦୁ ମହାପାତ୍ର, ଜୟନ୍ତ ମହାପାତ୍ର, ଦେବବ୍ରତ ପରିଡ଼ା, ରାଜୀବ ସେନାପତି ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସମୟରେ ପାଞ୍ଚ ପୁଅବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଅସ୍ୱାସ୍ଥ୍ୟକର ପରିବେଶରେ କୃଷି କାର୍ଯ୍ୟାଳୟ

# ଚାଷୀଙ୍କ ମଧ୍ୟରେ ଅସନ୍ତୋଷ; ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି

ରାସଗୋବିନ୍ଦପୁର, ୩।୬(ସମିସ): ସରକାର 'ସ୍ୱଚ୍ଛ ଭାରତ' ବାର୍ତ୍ତା ଦେଉଥିବାବେଳେ ରାସଗୋବିନ୍ଦପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅବସ୍ଥା ଏହାର ବିପରୀତ ଚିତ୍ର ପ୍ରଦର୍ଶନ କରୁଛି। କାର୍ଯ୍ୟାଳୟ ପରିସରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇ ରହିଥିବାବେଳେ ଚାରିଆଡ଼େ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।




ଚାଷୀଙ୍କ ଅଭିଯୋଗ ମୁତାବକ, କାର୍ଯ୍ୟାଳୟ ପରିସର ଭିତର ଓ ବାହାରେ ଅସ୍ୱଚ୍ଛତା ଏପରି ମାତ୍ରାରେ ବ୍ୟାପି ରହିଛି ଯେ ସାଧାରଣ ଲୋକଙ୍କ ପାଇଁ ଯିବାଆସିବା ମଧ୍ୟ କଷ୍ଟକର ହୋଇପଡ଼ିଛି। କେବଳ ସ୍ୱଚ୍ଛତା ନୁହେଁ, କାର୍ଯ୍ୟାଳୟରେ ଅନିୟମିତତା ମଧ୍ୟ ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। କୃଷି ଅଧିକାରୀ ନିୟମିତ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଧାନ ବିହନ, ସାର ବଣ୍ଟନ ଓ ବିଭିନ୍ନ କୃଷି ଯୋଜନା ସମ୍ପର୍କିତ ସୂଚନା ପାଇବାରେ ସେମାନେ ହଇରାଣ ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। କୃଷି ବିଭାଗ ପକ୍ଷରୁ ସେମାନଙ୍କ ସମସ୍ୟା ପ୍ରତି ଉଦାସୀନ ମନୋଭାବ ପ୍ରଦର୍ଶନ କରାଯାଉଛି। ଫଳରେ ସରକାରଙ୍କ ବିଭିନ୍ନ କୃଷି ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରୁନାହିଁ। ଏଭଳି ଅବ୍ୟବସ୍ଥା ଓ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଚାଷୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। କାର୍ଯ୍ୟାଳୟରେ ସ୍ୱଚ୍ଛତା ଓ ନିୟମିତତା ଫେରାଇ ଆଣିବା ସହ ଦୋଷୀ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ଜୋର ଧରିଛି।

# କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ତାଲିକାଭୁକ୍ତ କରିବା ଦାବି

ବେତନଟୀ, ୩।୬(ସମିସ): କୁଡୁମୀ ସମ୍ପ୍ରଦାୟଙ୍କୁ ଆଦିବାସୀ (ଏସ୍‌ଟି) ତାଲିକାରେ ସାମିଲ କରିବା ପାଇଁ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନ ପୁନର୍ବାର ଜୋର୍ ଧରିଛି। କୁଡୁମୀ ସେନା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜନୈତିକ ଦଳ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇ ପରେ ତାହା ପାଳନ କରୁନାହାନ୍ତି। କୁଡୁମୀ ସେନାର ରାଜ୍ୟ ସଭାପତି ଜୈମୁନି ମହାନ୍ତ କହିଛନ୍ତି, ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ପ୍ରଭୃତି ରାଜ୍ୟରେ ସଙ୍ଗଠନକୁ ଆହୁରି ଦୃଢ଼ କରି ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉଠାଇବେ। କୁଡୁମୀ ସମ୍ପ୍ରଦାୟର ଆଦିବାସୀ ମାନ୍ୟତା ଦାବି ଓଡ଼ିଶାର ରାଜନୈତିକ ଓ ପ୍ରଶାସନିକ ମହଲରେ ଏକ ପୁରୁଣା ପ୍ରସଙ୍ଗ। ଏହା କେବଳ ଏକ ସମ୍ପ୍ରଦାୟର ମାନ୍ୟତା ନୁହେଁ, ବରଂ ସାମାଜିକ ନ୍ୟାୟ ଓ ସରକାରୀ ନୀତିର ପ୍ରଶ୍ନ ମଧ୍ୟ ବୋଲି କୁଡୁମୀ ସେନା ପକ୍ଷରୁ କୁହାଯାଉଛି।

# ଗାଁ ଅମର୍ଦା ବିଜେପି ଶକ୍ତିକେନ୍ଦ୍ରରେ ଗୋଷ୍ଠୀ କନ୍ଦଳ

ରାସଗୋବିନ୍ଦପୁର, ୩।୬(ସମିସ): ରାସଗୋବିନ୍ଦପୁର ବ୍ଲକ ଅଧୀନ ଗାଁ ଅମର୍ଦାରେ ରବିବାର ଆୟୋଜିତ ବିଜେପି ଶକ୍ତିକେନ୍ଦ୍ର କର୍ମୀ ବୈଠକରେ ଦଳୀୟ ଗୋଷ୍ଠୀ କନ୍ଦଳକୁ ନେଇ ଚର୍ଚ୍ଚା ହେଉଛି। ଶକ୍ତିକେନ୍ଦ୍ର ପ୍ରମୁଖ ସୁବଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶକ୍ତିକେନ୍ଦ୍ର ଅଧୀନ ୯ଟି ବୁଥର ସଭାପତି ଓ କର୍ମୀ ଯୋଗ ଦେଇଥିଲେ। ବୈଠକରେ ସଂଗଠନକୁ ସୁଦୃଢ଼ କରିବା, ବୁଥ୍ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା, ଦଳୀୟ କାର୍ଯ୍ୟକ୍ରମକୁ ଗ୍ରାମ ସ୍ତରରେ ବିସ୍ତାର କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଶକ୍ତିକେନ୍ଦ୍ରର ବିଭିନ୍ନ ସାଂଗଠନିକ ସମସ୍ୟା ଉପରେ ମଧ୍ୟ ମତବିନିମୟ କରାଯାଇଥିଲା। ତେବେ କିଛି ସାଂଗଠନିକ ପ୍ରସଙ୍ଗକୁ ନେଇ କର୍ମୀଙ୍କ ମଧ୍ୟରେ ମତଭେଦ ଓ ଗୋଷ୍ଠୀ କନ୍ଦଳ ପ୍ରକାଶ ପାଇଥିବା ଚର୍ଚ୍ଚା ହେଉଛି। ଜଣେ ନେତାଙ୍କୁ ବିରୋଧ କରି କିଛି କର୍ମୀ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ମତାମତ ମିଳିନାହିଁ। ବୈଠକ ଶେଷରେ ସଂଗଠନର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଉଚ୍ଚସ୍ତରୀୟ ନେତୃତ୍ୱଙ୍କ ନିକଟରେ ବିଷୟ ଉପସ୍ଥାପନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ପାଇକରାୟ ବାଲମୁଚୁ ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ



ଶରତ, ୩।୬(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଳୀ ପଞ୍ଚାୟତ ଅନ୍ତର୍ଗତ କିଟିସାହି ବାସିନ୍ଦା ପାଇକରାୟ ବାଲମୁଚୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ୨୦୨୨ରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ହେଁ ତାଙ୍କୁ ଏହି ଯୋଜନାରୁ ବଞ୍ଚିତ କରାଯାଇଛି। ତାଙ୍କ ପ୍ରମାଣପତ୍ରରେ ସେ ୪୫ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଥିବା ଦର୍ଶାଯାଇଛି। ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବା ନିମନ୍ତେ ଉଭୟ କପ୍ତିପଦା ବ୍ଲକ ପ୍ରଶାସନ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମର ଯୁବ ସମାଜସେବୀ ଦୁଲମୁ ଆଲଡା ନିବେଦନ କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବେତନଟୀ, ୩।୬(ସମିସ): ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅପର୍ଣ୍ଣା ସାହୁ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁକ୍ତପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବିନତା



ବେହେରା, ଆମ୍ବଯୋଡ଼ା ବିଦ୍ୟାଳୟର ଅଞ୍ଜଳି ବେହେରା, କରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ମନୋରଞ୍ଜନ ଦାସ, ଯୁଗଳ ସରକାରୀ ଉଚ୍ଚବିଦ୍ୟାଳୟର ଦିଲ୍ଲୀପ କୁମାର ପରିଡ଼ା, ବାଛୁରିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁପ୍ରଭା ମଞ୍ଜରୀ ପରିଡ଼ାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଏମାନେ ଗତ ମେ' ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅପର୍ଣ୍ଣା ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରିଥିଲେ।

# ବିପଦସଙ୍କୁଳ ଜୟପୁର ସେତୁ, ମରାମତି ଦାବି

କୁଆମରା, ୩।୬(ସମିସ): ଗୋପବନ୍ଧୁନଗର ବ୍ଲକ ଜୟପୁର-ବରଡିହି ଗ୍ରାମ୍ୟ ରାସ୍ତାର ଜୟପୁରଠାରେ ସୋନ ନଦୀ ଉପରେ ଓଡ଼ିଶା ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ସେତୁ ୨୦୧୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟନ ହୋଇଥିଲା। ଉଦଘାଟନକୁ ୧୬ ବର୍ଷ ବିତିଲାଣି। ତେବେ ପୋଲର ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ବଡ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ଅନେକ ସ୍ଥାନରେ କଂକ୍ରିଟ ଉଠି ରଡ୍ ଦେଖାଗଲାଣି। ଏହି ପୋଲ ଦେଇ ବିଭିନ୍ନ ସମୟରେ ଭାରୀଯାନ ଯା'ଆସ କରୁଥିବାରୁ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପୋଲର ଦୁଇ ପାର୍ଶ୍ୱର ସୁରକ୍ଷା ବାଡ ମଧ୍ୟ ଖଣ୍ଡ ଖଣ୍ଡ ଖସିଲାଣି। ପୋଲ ଦୁର୍ବଳ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଦେଖାଦେଲାଣି। ବର୍ଷାଦିନେ ପୋଲ ଉପରେ ପାଣି ଜମି ରହୁଥିବାରୁ ପୋଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଏତଦବ୍ୟତୀତ ବର୍ଷ ତମାମ ବେଆଇନ ଭାବେ ପୋଲ ତଳୁ ବାଲି ଉତ୍ତୋଳନ କରିବା ଯୋଗୁଁ ପିଲାର କ୍ରମେ ଦୁର୍ବଳ ହୋଇପଡ଼ିବ, ଏଥିରେ ସନ୍ଦେହ ନାହିଁ। ଏଣୁ ବେଆଇନ ବାଲି ଉତ୍ତୋଳନକୁ ପ୍ରଶାସନ ବନ୍ଦ କରିବା ସହ ପୋଲର ଉପରି ଭାଗ ଓ ସୁରକ୍ଷା ବାଡ଼କୁ ତୁରନ୍ତ ମରାମତି କରିବାକୁ ବିଜେଡି ଯୁବ ନେତା ସନାତନ ନାୟକ, କମଳାକାନ୍ତ ଚୈଧୁରୀ, ବିଜେପି ମଣ୍ଡଳ ସଭାପତି ଦୀନକୃଷ୍ଣ ଦାସବାବୁ, ଅବସରପ୍ରାପ୍ତ ଶିକ୍ଷକ ହିରେନ କୁମାର ରାୟ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା ପ୍ରମୁଖ ଦାବି କରିଛନ୍ତି।



# ୨୦୩ ସ୍ଥାନାନ୍ତରିତ ପରିବାରକୁ କ୍ଷତିପୂରଣ ପ୍ରଦାନ

ରାଉରକେଲା, ୩।୬(ସମିସ)



ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟପାଇଁ ସ୍ଥାନାନ୍ତରିତ ହୋଇଥିବା ୨୦୩ଟି ପରିବାରକୁ ଆର୍‌ଏସ୍‌ପି ପକ୍ଷରୁ କ୍ଷତିପୂରଣ ବାବଦରେ ପ୍ୟାକେଜ୍ ୮ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ପରିବାରର ମୋଟ ୭୩ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ରାଉରକେଲା ଇସ୍ପାତ କାରଖାନା ନିଜସ୍ୱ ଜମିରେ ୩୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏକ ବୃହତ ଗ୍ରୀନ୍ ଫିଲ୍ଡ ସମ୍ପ୍ରସାରଣ କରିବା ପାଇଁ ଯାଉଥିବାବେଳେ ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ୪.୭୫ ମିଲିୟନ୍ ଟନ୍‌ରୁ ୯.୮ ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ଜମିରେ ଥିବା ବସବାସ କରୁଥିବା ଲୋକଙ୍କୁ ତତ୍କାଳ ଆର୍ଥିକ ସହାୟତା ଏବଂ ସ୍ଥାୟୀ ଭିତ୍ତିଭୂମି ଉଭୟ ପ୍ରଦାନ କରି ଇସ୍ପାତ କାରଖାନା କର୍ତ୍ତୃପକ୍ଷ ପ୍ରତ୍ୟେକ ପରିବାର ପାଇଁ ଏକ ସ୍ଥିର ସ୍ଥାନାନ୍ତର ପ୍ରକ୍ରିୟା ସୁନିଶ୍ଚିତ କରିବାକୁ କାର୍ଯ୍ୟ କରୁଛି। ଯୋଜନା ଅନୁଯାୟୀ, ଇସ୍ପାତ କାରଖାନା ପକ୍ଷରୁ ୨୦୨୬ ଜୁନ୍ ୨ ତାରିଖ ସୁଦ୍ଧା ୨୦୩ଟି ପରିବାରକୁ ୮.୩ କୋଟିରୁ ଅଧିକ ଟଙ୍କା କ୍ଷତିପୂରଣ ବାବଦରୁ ପ୍ରଦାନ କରାଯାଇଛି। ଏହା ବ୍ୟତୀତ, ଆରଏସପି ପକ୍ଷରୁ ଏପର୍ଯ୍ୟନ୍ତ ୭୩ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ମାଧ୍ୟମରେ ସାମିଲ କରିଛି, ଯାହା ପ୍ରଭାବିତ ପରିବାରଗୁଡ଼ିକୁ ସ୍ଥିର ରୋଜଗାରର ସୁଯୋଗ ଯୋଗାଇ ଦେଇଛି। ସ୍ଥାନାନ୍ତରିତ ବାସୀନ୍ଦାଙ୍କୁ ଥଇଥାନ କରିବା ପାଇଁ ଦେଓଗାଁ ନିକଟସ୍ଥ ଏକ ପ୍ରମୁଖ ସ୍ଥାନରେ ଦ୍ରୁତ ଗତିରେ ବିକାଶ କାର୍ଯ୍ୟ ଚାଲିଛି, ଯେଉଁଠାରେ ରାସ୍ତା ସଂଯୋଗୀକରଣ, ବିଦ୍ୟୁତ, ଜଳ ଯୋଗାଣ ଏବଂ ନିଷ୍କାସନ ବ୍ୟବସ୍ଥା (ଡ୍ରେନେଜ୍ ସିଷ୍ଟମ୍) ଭଳି ଭିତ୍ତିଭୂମି ସହିତ ପ୍ଲଟ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହେବାପରେ, ସମସ୍ତ ଆବଶ୍ୟକୀୟ ମାଲିକାନା ଦଲିଲ୍ ସହିତ ପ୍ଲଟ୍‌ଗୁଡ଼ିକ ଏହି ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ ସ୍ଥାନାନ୍ତର ପ୍ରକ୍ରିୟାରେ ବର୍ତ୍ତମାନ ୧୦୨ଟି କୁଡ଼ିଆରେ ରହୁଥିବା ପରିବାରଗୁଡ଼ିକୁ ଇସ୍ପାତ କାରଖାନା ଦ୍ୱାରା ବ୍ୟବସ୍ଥା କରାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି।

**୭୩ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି**

■ କନଭେୟର ବେଲ୍ଟ କାମବେଳେ ଦୁର୍ଘଟଣା

# ବେକରେ ରଡ୍ ପଶି ଶ୍ରମିକ ଗୁରୁତର

**ବଣାଇଁ, ୩।୬(ସମିସ):** ବଣାଇଁ ଉପଖଣ୍ଡ ଅଧୀନ ବରସୁଆଁ ଅଞ୍ଚଳରେ ଏକ କନଭେୟର ବେଲ୍ଟ ନିର୍ମାଣ କାର୍ଯ୍ୟ ସମୟରେ ଘଟିଥିବା ଦୁର୍ଘଟଣାରେ ଜଣେ ଠିକା ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଶ୍ରମିକ ଜଣକ ହେଲେ ଝାଡଖଣ୍ଡ ରାଜ୍ୟର ଶିବୁ ସୁରେନ। ସୂଚନା ଅନୁଯାୟୀ, ବରସୁଆଁସ୍ଥିତ ଓଏମସି ଲୌହଖଣିରେ କନଭେୟରବେଲ୍ଟ ନିର୍ମାଣକାର୍ଯ୍ୟର ଦାୟିତ୍ୱ ନେଇଥିବା ସେମ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ କାମ ଚାଲିଥିଲା। ଏହି କାମ ପାଇଁ ଝାଡ଼ଖଣ୍ଡରୁ ଆସିଥିବା କେତେକ ଠିକା ଶ୍ରମିକ ନିୟୋଜିତ ଥିଲେ। ପ୍ରତିଦିନ ପରି ମଙ୍ଗଳବାର ମଧ୍ୟ ଶ୍ରମିକମାନେ କନଭେୟର ବେଲ୍ଟ ଉପରେ ୱେଲ୍ଡିଂ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତଥିଲେ। ଏହି ସମୟରେ ଶିବୁ ସୁରେନ ଏକ ଡ୍ରିଲ୍ ହାମର ମେସିନ୍‌ରେ କାମ କରୁଥିବାବେଳେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ମେସିନ୍‌ରେ ଲାଗିଥିବା ଏକ ଲୁହା ରଡ୍ ତାଙ୍କ ବେକରେ ପଶିଯାଇଥିଲା। ଏଥିରେ ସେ ଗୁରୁତର ଭାବେ ଆହତହୋଇ ତଳେ ପଡ଼ିଯାଇଥିଲେ। ଦୁର୍ଘଟଣା ପରେ ସେଠାରେ କାମ କରୁଥିବା ସୁପରଭାଇଜର, ମିସ୍ତ୍ରୀ ଓ ଅନ୍ୟ ଶ୍ରମିକମାନେ ତୁରନ୍ତ ଶିବୁ ସୁରେନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତରମାନେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ଶ୍ରମିକ ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟସ୍ଥଳରେ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପ୍ରତି ପୁଣିଥରେ ପ୍ରଶ୍ନ ଉଠିଛି। ସମ୍ପୃକ୍ତ କମ୍ପାନୀପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ସୂଚନା ମିଳିଛି।

# ୨୨ ମଦ ବ୍ୟବସାୟୀ ଗିରଫ; ୫୯୦ ଲିଟର ମଦ ଜବତ

**ରାଉରକେଲା, ୩।୬(ସମିସ):** ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ରାଉରକେଲା ଟାଉନ ସମେତ ବିଶ୍ରା, ବନ୍ଧମୁଣ୍ଡା, ଖଇରବନ୍ଧ ଅଞ୍ଚଳରେ ଚଢ଼ଉ କରାଯାଇ ମୋଟ ୪୨୩ ଲିଟର ବେଆଇନ ମହୁଲି ମଦ ଜବତ କରାଯିବା ସହ ୪୦୦୦ କିଗ୍ରା ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ବୁଧବାର ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ମଦ ବ୍ୟବସାୟୀମାନେ ହେଲେ ଗ୍ଲୋରିଆ ଦାଙ୍ଗ, ଜିଦାନ ଦାଙ୍ଗ, ସୁମିତ୍ରା ମାହାଲି, ସୀତା ଲୋହାର, ରୁପାନୀ ଓରାମ, ରଶ୍ମୀ ମିଞ୍ଜ, ସାନିକା ତିର୍କୀ, ରୀତା ତିର୍କୀ, ଚାମି ମୁଣ୍ଡାରୀ, ମାଳତୀ କୁଜୁର ଓ ଶାନ୍ତି ଓରାମ। ସେହିପରି ମଙ୍ଗଳବାର ବେଦବ୍ୟାସ, ଚିକଟମାଟି ଓ ବାଗବୁଡ଼ି ଅଞ୍ଚଳରେ ଚଢ଼ଉ କରାଯାଇ ୧୬୬ ଲିଟର ମହୁଲି ମଦ, ୪୫ ଲିଟର ବାହାରଭାଟି ମହୁଲି ମଦ ଜବତ କରାଯିବା ସହ ୧୧ ବେପାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସେମାନେ ହେଲେ ରବି ଲୋହାର, ରାଧିକା ଲୋହାର, ଇନ୍ଦୁଆ ବେକ, ରାହୁଲ ସିଂ, ସୁନିତା ବରୁଆ, ମସ୍ତୁ କୁମ୍ଭାର, ସରୋଜିନୀ କିଷାନ, କର୍ମୀ ଲାକ୍ରା, ରାମି ଲାକ୍ରା। ଏହି ଚଢ଼ଉରେ ଅବକାରୀ ଅଧିକାରୀ ମୋହନ ପଧାନ ଓ ହେମନ୍ତ ମହାନନ୍ଦିଆ, ଏଏସ୍ଆଇ ବିନୋଦିନୀ ବେହେରା, ବିଦ୍ୟୁତଭୂଷଣ ଦାଶ, ଆଲୋକ ପ୍ରଧାନ ଓ ଯୁବରାଜ ବାଗ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।



# ହାଇୱା ଧକ୍କାରେ ଜଣେ ମୃତ; ୧ ଗୁରୁତର



**କୋଇଡା, ୩।୬(ସମିସ):** କୋଇଡ଼ା ଥାନା କାଲଟାଫାଣ୍ଡି ଅଧୀନସ୍ଥ କମଣ୍ଡଷ୍ଟିଲ ପ୍ଲାଣ୍ଟ୍ ଗେଟ୍ ସମ୍ମୁଖ ୫୨୦-ଜାତୀୟ ରାଜପଥଠାରେ ଏକ ହାଇୱା ଡିଭାଇଡର ଡେଇଁ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମୃତବ୍ୟକ୍ତିଙ୍କ ପରିଚୟ ମିଳି ନଥିବାବେଳେ ସେ ଖଣ୍ଡାଧାରରୁ ଆସୁଥିବା ଜଣାପଡ଼ିଛି।

# ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟରେ ସମନ୍ୱୟ ବୈଠକ

**ରାଉରକେଲା, ୩।୬(ସମିସ):** ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟରେ ଆଜି ନୂତନ ଭାବେ ଯୋଗ ଦେଇଥିବା ଡିଏଫଓ ରବିକାନ୍ତ ମୀନାଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି ବିଦ୍ୟୁତ ଆଘାତ ଯେପରି ହାତୀଙ୍କର ମୃତ୍ୟୁ ଘଟୁଛି ସେ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଦ୍ୟୁତ ଆଘାତଜନିତ ହାତୀ ମୃତ୍ୟୁକୁ ରୋକିବା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ହାତୀ ଚଳପ୍ରଚଳ ରାସ୍ତାରେ ଯାଇଥିବା ବିଦ୍ୟୁତ ତାର ଏବଂ ତଳକୁ ଝୁଲି ଯାଇଥିବା ବିଦ୍ୟୁତ ତାରକୁ କିପରି ହଟାଯାଇ ହାତୀଙ୍କ ଚଳାଚଳ ପଥକୁ ସୁଗମ କରାଯାଇ ପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଉରକେଲା ବନଖଣ୍ଡ ଅଧୀନସ୍ଥ ବରିଷ୍ଠ ଅଧିକାରୀ ଓ ରେଞ୍ଜରମାନେ ଉପସ୍ଥିତ ଥିଲେ।



# ହାତୀଆକ୍ରମଣରେ ମହିଳା ଗୁରୁତର

**ବଣାଇଁ, ୩।୬(ସମିସ):** ବଣାଇଁ ବନଖଣ୍ଡ ଜର୍ଡା ରେଞ୍ଜ ଅଧୀନ ବାଲିଆ କଂସର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଲେ ଶକୁନ୍ତଳା ପାତ୍ର। ସୂଚନା ଅନୁସାରେ, ଶକୁନ୍ତଳା ଆଜି ସକାଳେ ନିକଟସ୍ଥ ଜଙ୍ଗଲକୁ ଟୁଲୋ ଗୋଟାଇବା ପାଇଁ ଯାଇଥିଲେ। ସେ ଜଙ୍ଗଲରେ ଟୁଲୋ ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ହାତୀଟି ଶୁଣ୍ଢରେ ଠେଲି ଦେବାରୁ ସେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ଜଙ୍ଗଲରେ ଟୁଲୋ ଗୋଟାଇବାକୁ ଯାଇଥିବା ଲୋକମାନେ ବନ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଜର୍ଡା ରେଞ୍ଜର ହରେଶ ଚନ୍ଦ୍ର କିଷାନ, ଫରେଷ୍ଟର ରାଜେନ୍ଦ୍ର ମାହାନ୍ତ ଓ ଫରେଷ୍ଟ ଗାର୍ଡ ଆରତୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶକୁନ୍ତଳାଙ୍କ ଅଣ୍ଟା ଓ ଛାତିରେ ଆଘାତ ଲାଗିଥିବା ଜଣାପଡ଼ିଛି। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅଞ୍ଚଳରେ ହାତୀ ଉପଦ୍ରବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ବନବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।



# ବିଶ୍ୱ ସାଇକେଲ ଦିବସ ପାଳିତ

**ରାଉରକେଲା, ୩।୬ (ସମିସ):** ରାଉରକେଲା ୟୁନିଟ୍ ସାଇକ୍ଲିଂ ଆସୋସିଏସନ୍ ତରଫରୁ ଭଞ୍ଜ ଭବନ ଛକଠାରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାଇକେଲ ଚାଳନାର ଉପାଦେୟତା ସମ୍ପର୍କରେ ଆଲୋକ ପାତ କରିଥିଲେ। ନିହାର ରଞ୍ଜନ ଦାସ, ନୃସିଂହ ଚରଣ ସାହୁ, ଦେବାଶିଷ ଜେନା, ସୂର୍ଯ୍ୟ ପାଢ଼ୀ, ଯଶୋବନ୍ତ ପାତ୍ର ଓ ଲିଙ୍ଗରାଜ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ସଭାପତି ଶ୍ରୀୟା କୋହଲି ଅଧକ୍ଷତା କରିଥିଲେ ଓ ସତ୍ୟାନନ୍ଦ ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ସାଇକେଲ ଚାଳକ ଯୋଗଦାନ କରି ଭଞ୍ଜଭବନ ଛକ ନିକଟରୁ ସାଇକେଲ ରାଲିରେ ଆମ୍ବେଦକର ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଭଞ୍ଜଭବନ ଛକ ପର୍ଯ୍ୟନ୍ତ ଆସି ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ଜଗଦଲା, ଗୋପବନ୍ଧୁ ମହାପାତ୍ର, ଅଜୟ ରାଉତ, ଦେବେନ୍ଦ୍ର ବେହେରା, ନିହାର ଜେନା, ପ୍ରମୋଦ କୁମାର ବୋଇତି, ଆରଏସ୍ ପଂଶା, ଏସ୍ଏସ୍ ଖୁଣ୍ଟିଆ, କମିଲା ବାବୁ, ରାଜା ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ଏସ୍ଆଇଆର୍ ସଚେତନତା ରଥର ଶୁଭାରମ୍ଭ



**ରାଉରକେଲା, ୩।୬(ସମିସ):** ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏବଂ ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଜନସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ସଚେତନତା ସୃଷ୍ଟି କରିବ, ଯେପରିକି ଏକ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ଏବଂ ସମସ୍ତ ଯୋଗ୍ୟ ଭୋଟରମାନେ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ସୁନିଶ୍ଚିତ କରିବା ଉପରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ଅବସରରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ଶୁଲିଆ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଉରକେଲା ପୁଲିସ ଜିଲ୍ଲାର ଏସଆଇ ପାଇଲେ ଓଏଏସ୍

**ରାଉରକେଲା, ୩।୬(ସମି):** ରାଉରକେଲା ପୁଲିସ ଜିଲ୍ଲାର ସବଇନ୍ସପେକ୍ଟର (ଯୋଗାଯୋଗ) ମନୋହର ପ୍ରଧାନ ଚଳିତ ବର୍ଷ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ରାଉରକେଲା ଏସପି ନିତେଶ ୱାଧୱାନୀ ଶ୍ରୀ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ୭ମ କୋଇଡ଼ା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କୋଇଡ଼ା, ୩।୬ (ସମିସ):** କୋଇଡ଼ା କ୍ରିକେଟ ଆସୋସିଏସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ସପ୍ତମରାତ୍ର କୋଇଡା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୧୬ଟି ଦଳ ଭାଗ ନେଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଇଡା ବିଡିଓ ରଶ୍ମିରେଖା ପାତ୍ର ଓ ଅନ୍ୟ ଅତିଥି ମଧ୍ୟରେ କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, କୋଇଡା ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ, ସବ୍ ଇନ୍ସପେକ୍ଟର ସାମୁଏଲ ହେମ୍ବ୍ରମ, କାଲଟା ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, କୋଇଡା ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, କୋଇଡା ବିଜେପି ମଣ୍ଡଳ ପ୍ରତିନିଧି ମେଲେରି ବାରିକ, ରାମ ପ୍ରକାଶ ଜୟସ୍ୱାଲ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାତ୍ରିକାଳୀନ ମ୍ୟାଚ୍ ଖେଳାଯାଉଥିବାରୁ ଖେଳାଳି ଓ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ ୱେଭଷ୍ଟୋର୍ମ କେନ୍ଦୁଝର ବନାମ ମାରୁତି ଏକାଦଶ ଯୋଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ପ୍ରାରମ୍ଭରେ କୋଇଡା ତହସିଲଦାର ଚିନ୍ମୟ ଦାସ ଯୋଗଦେଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ଏକ ପ୍ରଦର୍ଶନୀ ମ୍ୟାଚ ପ୍ରେସ୍ ଆଡମିନ୍ ବନାମ କୋଇଡା ଭେଟେରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କୋଇଡା ଭେଟେରାନ୍ ଦଳ ୧ ରନ୍‌ରେ ବିଜୟୀ ହୋଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟ ରେ ବିଜେତା ଦଳ ପାଇଁ ୧ ଲକ୍ଷ ଓ ଉପବିଜେତା ଦଳ ପାଇଁ ୭୦ ହଜାର ନଗଦ ସହ ଟ୍ରଫି ରଖାଯାଇଛି। ସେହିପରି ଶ୍ରେଷ୍ଠ ଖେଳାଳି, ଫିଲ୍ଡର, ସିକ୍ସର୍, କିପର୍ ଆଦି ପୁରସ୍କାର ସହ ପ୍ରତ୍ୟକ ମ୍ୟାଚ୍ ପାଇଁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ଟୁର୍ଣ୍ଣାମେଣ୍ଟକୁ ସିଧାପ୍ରସାରଣ ଟେଲିକାଷ୍ଟରେ ମଧ୍ୟଘରେ ବସି ଉପଭୋଗ କରି ପାରୁଛନ୍ତି ଓ ଏହାର ଫାଇନାଲ ମୁକାବିଲା ଆସନ୍ତା ୬ ତାରିଖ ଶନିବାର ଖେଳାଯିବା ନେଇ ଆୟୋଜକ ପ୍ରକାଶ କରିଥିଲେ। କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟପକ୍ଷରୁ ସଭାପତି ରାଜେନ୍ଦ୍ର ରଣା, ରାଜେଶ ଜୟସ୍ୱାଲ, କୋଷାଧ୍ୟକ୍ଷ ଅଶ୍ୱିନି ପରିଡ଼ା, ଦୀପକ କୁମାର ପାତ୍ର, ଶ୍ରୀକାନ୍ତ ଜେନା, ଦୀପକ ବାର୍ଲା, କପିଲ ଦାସ, ବକ୍ତ ବାରିକ, ଆୟୁଧେଶ ଜୟସ୍ୱାଲ, ଅଭିଷେକ ଦାଶ, ବଦ୍ରି, ରାହୁଲ ଜୟସ୍ୱାଲ, ଏମ୍ଡି ଇମରାନ, ସାହିଲ, ସୁମନ, ଚିନୁ, ରିହାନ, ରୁଦ୍ର, ସଦାବ, ସତ୍ୟ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।




# ଆର୍‌ଏସ୍‌ପିରେ ତୃତୀୟ ବ୍ୟାଚ୍ ଅବକାଶକାଳୀନ ପ୍ରଶିକ୍ଷଣ

**ରାଉରକେଲା, ୩।୬(ସମିସ):** ରାଉରକେଲା ଇସ୍ପାତ କାରଖାନାରେ ଜୁନ୍ ପହିଲା ଦିନ ଶିକ୍ଷଣ ଓ ବିକାଶ ବିଭାଗର ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସହିତ ସ୍ନାତକ ଇଞ୍ଜିନିୟରିଂ ଛାତ୍ରମାନଙ୍କ ପାଇଁ ତୃତୀୟ ବ୍ୟାଚ୍ ଅବକାଶକାଳୀନ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଉଲ୍ଲେଖନୀୟ ଯେ, ଦେଶସାରା ବିଭିନ୍ନ ଇଞ୍ଜିନିୟରିଂ କଲେଜର ୨୮୦ ଜଣ ଛାତ୍ରଛାତ୍ରୀ ଇସ୍ପାତ ତିଆରିର ସୂକ୍ଷ୍ମତା ଶିଖିବା ପାଇଁ ଉକ୍ତ ତାଲିମରେ ଯୋଗ ଦେଇଛନ୍ତି। ଏଚ୍‌ଆରଏଲ୍ ଆଣ୍ଡ ଡି ବିଭାଗ ସିଜିଏମ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଅଧିବେଶନରେ ଜିଏମଏଲ୍‌ଆଣ୍ଡଡି ପ୍ରଦୀପ୍ତ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟକଳାପ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ପରିଚିତ କରାଇବା ଏବଂ ତାଲିମ କାର୍ଯ୍ୟକ୍ରମ ସମୟରେ ଗ୍ରହଣ କରିବାକୁ ଥିବା ଆବଶ୍ୟକୀୟ ସୁରକ୍ଷା ସତର୍କତା ବିଷୟରେ ଅବଗତ କରାଇବା। ପ୍ରଶିକ୍ଷାର୍ଥୀମାନଙ୍କୁ ଏକ ନିବିଡ଼ ଅଭିଜ୍ଞତା ଦେବା ପାଇଁ ଡିଜିଟାଲ୍ ପଦଯାତ୍ରା ପ୍ରଦର୍ଶିତ ହୋଇଥିଲା। ସୂଚନାଯୋଗ୍ୟ ଯେ ଏହାପରେ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ବିଭାଗ ସହିତ ସଂଯୁକ୍ତ କରାଯିବ, ଯେଉଁଠାରେ ସେମାନେ ଅଧିକ ଜ୍ଞାନ ଆହରଣ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗଦର୍ଶକଙ୍କ ଅଧୀନରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିପାରିବେ। ଉକ୍ତ କାର୍ଯ୍ୟକ୍ରମକୁ ଏଚ୍‌ଆର୍‌ଏଲ ଆଣ୍ଡଡି ବିଭାଗର ଏଜିଏମ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ। ଏଥି ପୂର୍ବରୁ ପ୍ରଥମ ବ୍ୟାଚ୍‌ରେ ୨୬୦ ଜଣ ଓ ଦ୍ୱିତୀୟ ବ୍ୟାଚ୍‌ରେ ୩୦୩ ଜଣ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇସାରିଛନ୍ତି। ଉଲ୍ଲେଖନୀୟ ଯେ, ପ୍ରତି ଗ୍ରୀଷ୍ମ ଅବକାଶରେ ଇସ୍ପାତ କାରଖାନାର କର୍ମଚାରୀଙ୍କ ସହିତ ଜଡ଼ିତ ଇଞ୍ଜିନିୟରିଂର ବିଭିନ୍ନ ଶାଖାର ଶହଶହ ଛାତ୍ରଛାତ୍ରୀ କାରଖାନା ଦ୍ୱାରା ପ୍ରଦାନ କରାଯାଉଥିବା ଅବକାଶକାଳୀନ ତାଲିମରେ ଯୋଗ ଦିଅନ୍ତି ଏବଂ ଇସ୍ପାତ ତିଆରିର ସୂକ୍ଷ୍ମତା ଶିଖନ୍ତି। କେବଳ ଓଡ଼ିଶା ନୁହେଁ ବରଂ ସାରା ଦେଶର ଛାତ୍ରଛାତ୍ରୀମାନେ ସେମାନଙ୍କର ଇର୍ଣ୍ଟର୍ନସିପ୍ ର ଏକ ଅଂଶଭାବରେ ଏଥିରେ ଯୋଗ ଦେଇଥାନ୍ତି।



# ହାତିବନ୍ଧା ପଞ୍ଚାୟତକୁ ଜାତୀୟ ପଞ୍ଚାୟତ ପୁରସ୍କାର

ରାଉରକେଲା, ୩।୬(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟା ବ୍ଲକ ଅଧୀନ ହାତିବନ୍ଧା ପଞ୍ଚାୟତ ଜାତୀୟସ୍ତରରେ ରାଜ୍ୟ ପାଇଁ ଗୌରବ ଆଣିଛି। ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ଉତ୍ସବରେ ବର୍ଷ ୨୦୨୩-୨୪ ବର୍ଷ ପାଇଁ ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ୍ ବିକାଶ ପୁରସ୍କାର ଜିଲ୍ଲାର ଲାଠିକଟା ବ୍ଲକ ଅଧୀନ ହାତିବନ୍ଧା ପଞ୍ଚାୟତକୁ 'ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ' ବର୍ଗରେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏବଂ ରାଜ୍ୟମନ୍ତ୍ରୀ ଏସ୍‌ପି ସିଂହ ବାଘେଲଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ହାତିବନ୍ଧା ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ମୁଣ୍ଡାରୀ, ପିଇଓ ଜୟଶ୍ରୀ ସ୍ୱାଇଁ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଲାଠିକଟା ବ୍ଲକ, ଜିଲ୍ଲା ପ୍ରଶାସନ ଏବଂ ସମସ୍ତ ଲାଇନ ବିଭାଗର ସମନ୍ୱିତ ପ୍ରୟାସ ସହିତ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଏହି ସଫଳତା ସମ୍ଭବ ହୋଇପାରିଛି। ଏହି ଉପଲବ୍ଧି ଜିଲ୍ଲାର ପଞ୍ଚାୟତ ଶାସନ, ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟର ଜାତୀୟ ସ୍ୱୀକୃତି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ଦେଶର ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ।



ସକାଳ
THE SAKALA



# ବୁର୍ଲା ପ୍ରବେଶ ପଥରେ ଜବରଦଖଲ ଉଚ୍ଛେଦ





**ସମ୍ବଲପୁର, ୩।୬ (ସମିସ)**

ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଆଜି ବୁର୍ଲାସ୍ଥିତ ଆନନ୍ଦ ବିହାର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇଛି। ଆନନ୍ଦ ବିହାର ନିକଟସ୍ଥ ପାୱାର ଚ୍ୟାନେଲ କଡ଼ରେ ଦୀର୍ଘଦିନ ଧରି ମୋଟର ସାଇକେଲ ଗ୍ୟାରେଜ, ହୋଟେଲ, ମାଂସ ଦୋକାନ, ଗୋଦାମ, ଫାଷ୍ଟ ଫୁଡ୍ ସେଣ୍ଟର ଆଦି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଦ୍ୱାରା ବେଆଇନ ଅତିକ୍ରମଣ କରାଯାଇଥିଲା। କେତେକ ବ୍ୟକ୍ତି ସରକାରୀ ରାସ୍ତା ଜମି ଉପରେ ସ୍ଥାୟୀ ଦୋକାନ ନିର୍ମାଣ କରି ତାହାକୁ ଭଡ଼ାରେ ଦେଇଥିବା ମଧ୍ୟ ଦେଖାଯାଇଛି। ଉକ୍ତ ସ୍ଥାନ ନିକଟରେ ଏମସିଏଲ୍‌ର ଏକ ଇନ୍‌ଟେକ୍ ୱେଲ୍ ରହିଛି, ଯେଉଁଠାରୁ ଆନନ୍ଦ ବିହାର ଟାଉନସିପ୍ ପାଇଁ ଜଳ ଉତ୍ତୋଳନ କରାଯାଏ। ଅତିକ୍ରମଣକାରୀ ଦୋକାନଗୁଡ଼ିକରୁ ସୃଷ୍ଟ ଅପରିଷ୍କାର ପରିବେଶ ଓ ବର୍ଜ୍ୟବସ୍ତୁ ଯୋଗୁଁ ଜଳଉତ୍ସ ପ୍ରଦୂଷିତ ହେବାର ଆଶଙ୍କା ସୃଷ୍ଟି ହେଉଥିଲା ଏବଂ ପରିମଳ ସମ୍ବନ୍ଧୀୟ ଗୁରୁତର ସମସ୍ୟା ଦେଖାଦେଇଥିଲା। ଅପରିଷ୍କାର ପରିବେଶକୁ ନେଇ ଏମସିଏଲ୍ ଜେନେରାଲ୍ ମ୍ୟାନେଜର (ସିଭିଲ୍), ବୁର୍ଲାଙ୍କ ପକ୍ଷରୁ ମହାନଗର ନିଗମକୁ ଅଭିଯୋଗ କରାଯାଇଥିଲା। ଏହି ରାସ୍ତାଟି ବୁର୍ଲା ସହରର ପ୍ରମୁଖ ପ୍ରବେଶ ପଥ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରିଥାଏ। ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର୍), ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଯିବାଆସିବା ପାଇଁ ଏହି ରାସ୍ତା ବ୍ୟବହୃତ ହୋଇଥାଏ। ବୁର୍ଲା ବଡ଼ ଡାକ୍ତରଖାନାକୁ ଯାଉଥିବା ଆମ୍ବୁଲାନ୍ସଗୁଡ଼ିକ ସକାଶେ ଏହି ରାସ୍ତା ଜୀବନରେଖା ସଦୃଶ ହୋଇଥିବାବେଳେ ଅତିକ୍ରମଣ ଯୋଗୁଁ ରାସ୍ତାର ଚଉଡ଼ା କମ୍ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଆଜି ସକାଳେ ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ, ଏମସିଏଲ୍ କର୍ତ୍ତୃପକ୍ଷ, ଟିପିଡବ୍ଲୁଓଡିଏଲ୍ ପ୍ରତିନିଧି ଏବଂ ଏନଫୋର୍ସମେଣ୍ଟ ଟିମ୍ ଏହି ଉଚ୍ଛେଦ ଅଭିଯାନରେ ସାମିଲ ହୋଇଥିଲେ। ବୁର୍ଲା ପ୍ରବେଶ ପଥରେ ଏହି ରାସ୍ତା ଉପରକୁ ଅତିକ୍ରମଣ ଏବଂ ବେଆଇନ ଜବରଦଖଲ ଉଚ୍ଛେଦକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୩।୬(ସମିସ):** ବାମରା ଅଞ୍ଚଳର ବଡ଼ଡୁମେରମୁଣ୍ଡା ଇଷ୍ଟ ରେଳ ଫାଟକ ନିକଟରେ ମଙ୍ଗଳବାର ରାତିରେ ରେଳ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଡୁମେରମୁଣ୍ଡା ଗ୍ରାମର ଧନୀ ମାଝୀଙ୍କ ପୁଅ ଲକ୍ଷ୍ମଣ ମାଝୀ(୩୬)। ସେ ବାମରା କଲେଜ ରୋଡ଼ସ୍ଥିତ ଏକ ଗାଡ଼ି ୱାସିଂ ସେଣ୍ଟରରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଲକ୍ଷ୍ମଣ ମାଝୀ ବଡ଼ ଡୁମେରମୁଣ୍ଡା ଇଷ୍ଟ ରେଳ ଫାଟକ ନିକଟରେ ପହଞ୍ଚିଥିଲେ। ସେତେବେଳେ ଫାଟକ ବନ୍ଦ ଥିଲେ ମଧ୍ୟ ସେ ଗେଟ୍ ତଳୁ ବାଇକ୍ ନେଇ ରେଳ ଲାଇନ୍ ପାର ହେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ମୁମ୍ବାଇ-ଶାଳିମାର ଜ୍ଞାନେଶ୍ୱରୀ ଏକ୍ସପ୍ରେସ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେହିଁ ତାଙ୍କର ମୃତ୍ୟୁ ଘଟିଥିଲା।ଘଟଣା ସମ୍ପର୍କରେ ଖବର ପାଇ ଜିଆରପି ଫାଣ୍ଡି ଅଧିକାରୀ ଅରୁଣ କୁମାର ଭଇଁସାଲ, ପିତାମ୍ବର ସାହୁ, ସୁବ୍ରତ ଦାସ ଆରପିଏଫ୍ ବିରେନ୍ଦ୍ର କୁମାର ଓ ବିବେକ କୁମାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ମୃତଦେହକୁ ଉଦ୍ଧାର କରାଯାଇ ବୁଧବାର ଦିନ ଗୋବିନ୍ଦପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।ଦୁର୍ଘଟଣା ଯୋଗୁଁ ଜ୍ଞାନେଶ୍ୱରୀ ଏକ୍ସପ୍ରେସ ପ୍ରାୟ ଏକ ଘଣ୍ଟା ଧରି ଘଟଣାସ୍ଥଳ ନିକଟରେ ଅଟକି ରହିଥିଲା। ତଦନ୍ତ ଓ ଆବଶ୍ୟକ ଯାଞ୍ଚ ପରେ ଟ୍ରେନ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଜାରି ରଖିଥିଲା।

## ଜମନକିରା ଗ୍ରିଡ୍‌ରେ ତାଲା ପକାଇଲେ ଅସନ୍ତୋଷ ଉପଭୋକ୍ତା

**ଜମନକିରା, ୩।୬(ସମିସ):**ଜମନକିରା ବ୍ଲକ ତୁଲୁବ/ଟିକିଲିପଡ଼ା ଗ୍ରିଡ଼ରରେ ମଙ୍ଗଳବାର ଅପରାହ୍ନ ୪ଟାରୁ କରେଣ୍ଟ ନ ଥିବାରୁ ଟିକିଲିପଡ଼ାର ଅସନ୍ତୋଷ ଉପଭୋକ୍ତା ତାଲା ମାରି ଗ୍ରିଡ ସମ୍ମୁଖରେ ବସି ରହିଲେ। ଗ୍ରିଡରେ ପଶି ଅନ୍ୟ ୪ ଗ୍ରିଡ଼ର୍ ମଧ୍ୟରେ ଜମନକିରା, କୁଆଗୋଲା, ସର୍ଡ଼ା ଓ ବଡ଼ରମାକୁ କାଟି ଦେଇଥିଲେ।ଏହା ପରେ ଗ୍ରିଡରେ ଥିବା ଅପରେଟର ୨ଜଣଙ୍କୁ ବାହାର କରି ମୁଖ୍ୟ ଗେଟ ସମ୍ମୁଖରେ ତାଲା ମାରି ବସି ରହିଥିଲେ। ଖବର ପାଇ ସେକସନ ଅଧିକାରୀ ସମ୍ବଲପୁର ଏକ ମିଟିଂ ପାଇଁ ଯାଇ ଥିଲେ ବି ଘଟଣାକୁ ଗୁରୁତ୍ୱ ଦେଇ ଜମନକିରା ଫେରି ଆସିଲେ। ପରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ, ଜମନକିରା ଆଇଆଇସି ରଞ୍ଜନ ନାଗ, ସେକସନ ଅଧିକାରୀ ଶିବ ପ୍ରସାଦ ନୁନା ଓ ଟିକିଲିପଡ଼ା ଗ୍ରାମବାସୀ ଆଲୋଚନା କରି ଆଗାମୀ ଦିନରେ ଏପରି ଅସୁବିଧା ହବନି ବୋଲି ଆଶ୍ୱସନା ଦେବା ପରେ ତାଲା ଖୋଲି ଥିଲେ। ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇ ଓ ଟିକିଲିପଡ଼ା ସରପଞ୍ଚ ଅଜିତ କୁମାର ନାଏକଙ୍କ ନେତୃତ୍ୱରେ ବିନୟ କୁମାର ସାହୁ, ପ୍ରତାପ ଚୌଧୁରୀ, କ୍ଷମା ନିଧି ପଧାନ ସହ ଗ୍ରାମବାସୀ ତାଲା ମାରି ବସି ରହିଥିଲେ। ଏ ନେଇ ସେକସନ ଅଧିକାରୀ ଶିବ ପ୍ରସାଦ ନୁନାଙ୍କୁ ଅଫିସର ସରକାରୀ ମୋବାଇଲ ନମ୍ବର ଫୋନ କରି ପଚରାଇବାରୁ ସନ୍ତୋଷ ଜନକ ଉତ୍ତର ନ ଦେଇ ଫୋନ କାଟି ଦେଇଥିଲେ। ବାରମ୍ବାର ଲାଇନ୍ କାଟ ନେଇ ଜମନକିରା ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି।

## ପଣ୍ଡରିପଥରରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୩।୬(ସମିସ):**ବାମରା ଥାନା ପଣ୍ଡରିପଥର ଗ୍ରାମରେ ଜଣେ ବିବାହିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମୃତ ଯୁବକ ଦିଲ୍ଲୀପ ମୁଣ୍ଡାଙ୍କ ପୁଅ ରାମୋ ମୁଣ୍ଡା (୨୩)। ସୂଚନା ଅନୁଯାୟୀ, କୌଣସି ପାରିବାରିକ କାରଣକୁ ନେଇ ରାମୋଙ୍କର ପରିବାର ସଦସ୍ୟଙ୍କ ସହ ବଚସା ହୋଇଥିଲା। ବୁଧବାର ପ୍ରାୟ ଦିନ ୧୨ଟା ସମୟରେ ସେ ନିଜ କୋଠରୀର କବାଟ ବନ୍ଦ କରି ଦେଇଥିଲେ। ପରିବାର ଲୋକେ ସନ୍ଦେହ କରି କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିବା ପରେ ରାମୋ ଗୁରୁତର ଅବସ୍ଥାରେ ଥିବା ଦେଖିଥିଲେ। ତୁରନ୍ତ ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ କର୍ତ୍ତବ୍ୟରତ ଡାକ୍ତର ରାମୋଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଖବର ପାଇ ଗୋବିନ୍ଦପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ



**ରେଢ଼ାଖୋଲ, ୩।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଅଧୀନ ଡଇଁଚା ପଞ୍ଚାୟତ ତଣ୍ଡାବୀରାଗ୍ରାମର ସ୍ୱପ୍ନେଶ୍ୱର ପ୍ରଧାନ(୫୬)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ ତଣ୍ଡାବିରାଗ୍ରାମର ସ୍ୱପ୍ନେଶ୍ୱର ମଙ୍ଗଳବାର ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଉକ୍ତ ବ୍ୟକ୍ତି ଜଣଙ୍କ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକରି ଆସୁଥିଲେ। ସେ କଂଗ୍ରେସ ଦଳର ଜଣେ ସକ୍ରିୟ କର୍ମୀ ଭାବରେ ନାକଟିଦେଉଳ ବ୍ଲକରେ ବେଶ୍ ପରିଚିତ ରହିଥିଲେ।

## ଭୁଜାଲି ଆକ୍ରମଣରେ ଯୁବକ ଗୁରୁତର

**ସମ୍ବଲପୁର, ୩।୬ (ସମିସ) :** ହୀରାକୁଦ ଥାନା ଅଞ୍ଚଳରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇ ବୁର୍ଲା ଭିମ୍‌ସାର୍‌ରେ ଭର୍ତ୍ତି ହୋଇଛନ୍ତି। ଯୁବକ ଜଣକ ଗୁଜାତଲ ଅଞ୍ଚଳର ଗଗନ କୁମାର ଜଗଦୀଶ (୧୯) ବୋଲି ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଜି ସକାଳେ କେତେକ ଯୁବକ ଗଗନଙ୍କୁ ସଂଘବଦ୍ଧ ଭାବେ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୁଲିସ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଛି। ଅପରପକ୍ଷରେ ଆକ୍ରମଣ ଶିକାର ଆହତ ଗଗନଙ୍କ ପିତା କରୁଣାକର ଜଗଦୀଶ ତାଙ୍କ ପୁଅକୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ତାଙ୍କ ଏତଲାକ୍ରମେ ହୀରାକୁଦ ଥାନା କେସ୍ ନମ୍ବର ୧୨୧/୨୦୨୬ ଦଫା ୧୨୬(୨), ୧୧୫(୨), ୨୯୬, ୧୦୯(୧), ୩(୫) ବିଏନ୍‌ଏସ୍‌ରେ ଏକ ମାମଲା ରୁଜୁ ପୁଲିସ ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ଏହି ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଆଜି ରାତି ସାଢ଼େ ୯ଟା ବେଳେ ପୁଲିସ ପକ୍ଷରୁ ସଦର ଏସଡିପିଓ କାର୍ଯ୍ୟାଳୟରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖିବା ସହ ଅପରାଧରେ ବ୍ୟବହୃତ ବାଇକ ଜବତ କରିଥିବା ସୂଚନା ଦେଇଛି।

## ରେସିଂ ବାଇକ୍ ଜବତ, ୨୦ହଜାର ଟଙ୍କା ଜରିମାନା

**କୁଚିଣ୍ଡା, ୩।୬(ସମିସ):**କୁଚିଣ୍ଡା ଥାନା ପକ୍ଷରୁ ଚାଲିଥିବା ବିଶେଷ ଯାଞ୍ଚ ଅଭିଯାନ ସମୟରେ ବୁଧବାର ମୋଡିଫାଏଡ୍ ସାଇଲେନ୍ସର ଲାଗିଥିବା ରେସିଂ ବାଇକ୍‌କୁ ଜବତ କରାଯାଇଛି। ବାଇକଟି ବେଆଇନ ଭାବେ ପରିବର୍ତ୍ତିତ ସାଇଲେନ୍ସର ବ୍ୟବହାର କରୁଥିବା ଜଣାପଡ଼ିବା ପରେ ଆଇନ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ନିଆଯାଇଥିଲା। କୁଚିଣ୍ଡା ପୁଲିସ ଥାନା ପକ୍ଷରୁ ଆରଟିଓ ସମ୍ବଲପୁରଙ୍କୁ ଅନୁରୋଧ କରାଯାଇଥିଲା। ଏହାର ପରିପ୍ରେକ୍ଷୀରେ ଆରଟିଓ ସମ୍ବଲପୁର ବାଇକ ମାଲିକଙ୍କ ଉପରେ ୨୦ହଜାର ଟଙ୍କାର ଜରିମାନା ଲାଗୁ କରିଛନ୍ତି।ପୁଲିସ ସୂଚନା ଅନୁସାରେ, ରେସିଂ ବାଇକ୍ ଚାଳନା ଏବଂ ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଜନସାଧାରଣଙ୍କ ଶାନ୍ତି ଭଙ୍ଗ କରୁଥିବା ଏବଂ ମୋଟରଯାନ ଆଇନ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ ସତର୍କ କରାଯାଇଛି।

## ଘରୁ ଟଙ୍କା ନେଇ ମହିଳା ଫେରାର

**ସମ୍ବଲପୁର, ୩।୬(ସମିସ):**ଯୁଯୁମୁରା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ରୋଗାକ୍ରାନ୍ତ ସ୍ୱାମୀକୁ ଛାଡ଼ି ୪୯ ବର୍ଷିଆ ତାଙ୍କ ସ୍ତ୍ରୀ ଅନ୍ୟ କାହା ସହ ପଳାଇଥିବା ଥାନାରେ ଅଭିଯୋଗ ହୋଇଛି। ଘରୁ ୭୦ ହଜାର ଟଙ୍କା ଓ ଜମି ପଟା ନେଇଥିବା ସ୍ୱାମୀ ଅଭିଯୋଗ କରିଛନ୍ତି।

## ଆଜିଠାରୁ ସିଏମ୍ ଟ୍ରଫି ଜୋନାଲ ଭଲିବଲ୍ ଚାମ୍ପିଅନସିପ୍

**ସମ୍ବଲପୁର, ୩।୬ (ସମିସ) :** ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍, ସମ୍ବଲପୁରକୁ ଜୁନ୍ ୪ ଏବଂ ୫ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ଜ୍ୟୋତି ବିହାର, ବୁର୍ଲାର ଭଲିବଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ସି.ଏମ୍. ଟ୍ରଫି ଜୋନାଲ ଭଲିବଲ୍ ଚାମ୍ପିଅନସିପ୍, ୨୦୨୬ ଆୟୋଜନ କରିବାର ସୁଯୋଗ ମିଳିଛି। ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ୮ଟି ଜିଲ୍ଲା ଦଳ ଭାଗ ନେବେ। ଏହି ଚାମ୍ପିଅନସିପ୍‌ର ଉଦ୍‌ଘାଟନୀ ସମାରୋହ ୪ ତାରିଖ ସନ୍ଧ୍ୟାରେ ମ୍ୟାଚ୍ ସ୍ଥଳରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଥଲେଟିକ୍ ଆସୋସିଏସନ ସମ୍ପାଦକ ସୁନୀଲ କୁମାର ସାହୁ ଜଣାଇଛନ୍ତି।

## ହୀରାକୁଦ ପାଞ୍ଚତାରକା ହୋଟେଲ ପ୍ରକଳ୍ପ ପ୍ରସଙ୍ଗରେ ସରକାରୀ ନିରବତା

**ସୁପ୍ରିମକୋର୍ଟ ଓକିଲଙ୍କ ଆର୍‌ଟିଆଇରେ ମିଳିଲାନି ତଥ୍ୟ**

**ସମ୍ବଲପୁର, ୩।୬ (ସମିସ) :** ହୀରାକୁଦ ଅଞ୍ଚଳରେ 'ଡେଭଲପମେଣ୍ଟ ଅଫ୍ ନିଚେ ଟୁରିଜିମ୍ ପ୍ରଡକ୍ଟ ଏଜ୍ ଏ ପାର୍ଟ ଅଫ୍ ଇଣ୍ଟେଗ୍ରେଟେଡ୍ ଟୁରିଜିମ୍ ମାଷ୍ଟର୍ ପ୍ଲାନ୍" ନାଁରେ ପ୍ରସ୍ତାବିତ ପାଞ୍ଚ ତାରକା ହୋଟେଲ ପ୍ରକଳ୍ପ ସମ୍ପର୍କରେ ସୂଚନା ପାଇଁ ୩୦.୪.୨୦୨୬ ଏବଂ ୪.୫.୨୦୨୬ରେ ଇଡ୍‌କୋ, ପର୍ଯ୍ୟଟନ ବିଭାଗ, ରାଜସ୍ୱ ବିଭାଗ ଏବଂ ଜଳସମ୍ପଦ ବିଭାଗ ନିକଟରେ ୪ଟି ଆର୍‌ଟିଆଇ ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ଦାଖଲ କରିଥିଲେ। ଏହି ଆରଟିଆଇରେ ଜମି ଆବଣ୍ଟନ, ପ୍ରକଳ୍ପ ଅନୁମୋଦନ, ଏନ୍‌ଓସି, ପରିବେଶ ଅନୁମତି, ଫାଇଲ ଗତିବିଧି, ଜମିର କିସମ ଏବଂ ରିଜର୍ଭଏର ଅଞ୍ଚଳରେ ବ୍ୟବସାୟିକ ନିର୍ମାଣ ପାଇଁ ଅନୁମତି ସମ୍ବନ୍ଧୀୟ ସୂଚନା ମାଗିଥିଲେ। ଦୀର୍ଘ ସମୟ ପରେ ରାଜ୍ୟ ଜଳସମ୍ପଦ ବିଭାଗର ଲ୍ୟାଣ୍ଡ ଆକ୍ୱିଜିସନ୍ ଆଣ୍ଡ ରିହେବିଲିଟେସନ୍ ଆଣ୍ଡ ସେଟେଲ୍‌ମେଣ୍ଟ ଶାଖା ପତ୍ରସଂଖ୍ୟା ୧୫୬୨୪ ତା. ୨୬.୦୫.୨୦୨୬ ରେ ସରକାରୀ ଭାବେ ଜଣାଇଛି ଯେ, ହୀରାକୁଦରେ ପ୍ରସ୍ତାବିତ ପାଞ୍ଚ ତାରକା ହୋଟେଲ ସମ୍ପର୍କରେ ସେମାନଙ୍କ ଶାଖାକୁ କୌଣସି ପ୍ରସ୍ତାବ ଆସିନାହିଁ କିମ୍ବା ସେଠାରେ ଏହା ସମ୍ବନ୍ଧୀୟ କୌଣସି କାର୍ଯ୍ୟ ହୋଇନାହିଁ। ଏହାସହ ସେମାନେ କହିଛନ୍ତି ଯେ ପାର୍‌ମିଶନ୍/ ଏନ୍‌ଓସି, ଇନ୍‌ସ୍ପେକ୍ସନ୍, କମ୍ୟୁନିକେସନ୍ କିମ୍ବା ଫାଇଲ୍ ନୋଟିଂ ସମ୍ବନ୍ଧୀୟ କୌଣସି ରେକର୍ଡ ସେମାନଙ୍କ ପାଖରେ ନାହିଁ।ଏପର୍ଯ୍ୟନ୍ତ ଇଡ୍‌କୋ, ପର୍ଯ୍ୟଟନ ବିଭାଗ ଏବଂ ରାଜସ୍ୱ ବିଭାଗର ଉତ୍ତର ଆସି ନ ଥିବା ଆଇନଜୀବୀ ଶ୍ରୀ ମିଶ୍ର ଉଲ୍ଲେଖ କରିଛନ୍ତି। ଯଦି ଜମି ଅଧିଗ୍ରହଣ ଓ ପୁନର୍ବାସ ସହ ଜଡିତ ମୁଖ୍ୟ ଶାଖା ପାଖରେ କୌଣସି ପ୍ରସ୍ତାବ କିମ୍ବା ରେକର୍ଡ ନାହିଁ, ତେବେ ପ୍ରକଳ୍ପଟି କେଉଁଠି ଏବଂ କେମିତି ପ୍ରକ୍ରିୟାରେ ଚାଲିଛି ବୋଲି ପ୍ରଶ୍ନ କରିଛନ୍ତି।

## ବିଶ୍ୱ ସାଇକଲ ଦିବସ ଅବସରରେ ସମ୍ବଲପୁରରେ ସାଇକ୍ଲୋଥନ୍

**ସମ୍ବଲପୁର, ୩।୬ (ସମିସ) :** ବିଶ୍ୱ ସାଇକେଲ ଦିବସ ଅବସରରେ ବୁଧବାର ସକାଳେ ମହାନଦୀ ରିଭରଫ୍ରଣ୍ଟ, ସମଲେଶ୍ୱରୀ ମନ୍ଦିର ନିକଟରେ ମୋର ଯୁବ ଭାରତ, ସମ୍ବଲପୁର ଏବଂ ଲୋକ ସେବା ସଂଗଠନ ଆନୁକୂଲ୍ୟରେ ଏକ ସାଇକ୍ଲୋଥନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ଓ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଧୀର ବହିଦାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ନେତୃତ୍ୱରେ ଏବଂ ପ୍ରିୟାଂଶ କୁମାର ସରାଫଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ ସୁସ୍ଥ ଜୀବନଶୈଳୀ, ପରିବେଶ ସୁରକ୍ଷା ଓ ସାଇକେଲ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ସଂକଳ୍ପ ନେଇଥିଲେ। ସାଇକେଲ ଚଳାଇବା ଦ୍ୱାରା ଶାରୀରିକ ସୁସ୍ଥତା ବୃଦ୍ଧି ପାଇବା ସହ ପରିବେଶ ପ୍ରଦୂଷଣ ହ୍ରାସ ପାଏ ଏବଂ ଏକ ସବୁଜ ଓ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।




## ବରିଷ୍ଠ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରେଢ଼ାଖୋଲ, ୩।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସୁବୋଧ କୁମାର ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ୧୯୯୭ରୁ ୧୯୯୯ ମସିହାରେ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପିଏମ୍‌ଶ୍ରୀ ଉ.ପ୍ରା ବିଦ୍ୟାଳୟ, ଖନ୍ଦାଡିପ ଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମ୍ମାନନିୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯାଜ୍ଞସେନୀ ନାଏକ ଓ ବନମାଳୀ ମାଝୀ ଯୋଗଦେଇ ଶ୍ରୀ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।ବରିଷ୍ଠ ଶିକ୍ଷକ ମଧୁସୂଦନ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀ ମିଶ୍ରଙ୍କର ସୁଖକର ଓ ନିରାମୟ ଅବସର ଜୀବନ କାମନା କରିଥିଲେ। ଶିକ୍ଷକ ସଦାନନ୍ଦ ନାଏକ କବିତା ଆବୃତ୍ତି କରି ତାଙ୍କର ଜୀବନ ପରିଚୟ ଓ କର୍ମମୟ ଜୀବନଶୈଳୀର ଉପସ୍ଥାପନା କରିଥିଲେ। ଶିକ୍ଷକ ଯୁଧିଷ୍ଠିର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଦୁଃଖିଶ୍ୟାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷକ ଝରିଆ ପ୍ରଧାନ, ଜୟନ୍ତ ପ୍ରଧାନ ସହଯୋଗ କରିଥିଲେ।ଶେଷରେ ଶିକ୍ଷକ, ଶିକ୍ଷୟିତ୍ରୀ ମିଳିତ ଭାବରେ ଶ୍ରୀ ମିଶ୍ରଙ୍କୁ ଉପହାର ଓ ମାନପତ୍ର ପ୍ରଦାନ କରିଥିଲେ।



## ଆଜିଠାରୁ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା

**ଯୋଗଦେବେ ବିଭିନ୍ନ ରାଜ୍ୟରୁ ୧୦ଟି ଦଳ**

**ସମ୍ବଲପୁର, ୩।୬ (ସମିସ) :** ଗୁରୁବାର ୪ ତାରିଖରୁ ସମ୍ବଲପୁରର ଟାଉନହଲ୍ ପଡ଼ିଆରେ ଆରମ୍ଭ ହେଉଛି ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୧୦ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାସହ ଶେଷ ଦିନ ରାଉରକେଲା ଓ ସମ୍ବଲପୁର ମହିଳା ଦଳ ମଧ୍ୟରେ ଏକ ପ୍ରଦର୍ଶନୀ କବାଡ଼ି ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସମ୍ବଲପୁର କବାଡ଼ି ପ୍ରେମୀ ଅନୁଷ୍ଠାନର ସଭାପତି ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ, ସମ୍ବଲପୁର କବାଡ଼ି ପ୍ରେମୀଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ବଲପୁର କବାଡ଼ି କପ୍ ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୦ଟି ଶ୍ରେଷ୍ଠ ଓ ପ୍ରତିଷ୍ଠିତ ଦଳ ଅଂଶଗ୍ରହଣ କରୁଛନ୍ତି। ସେଗୁଡ଼ିକ ହେଲା - ନୂଆଦିଲ୍ଲୀର ନନ୍ଦଲାଲ ସ୍ପୋର୍ଟସ୍ କ୍ଲବ, ମଧ୍ୟପ୍ରଦେଶର ଷ୍ଟାର କବାଡି କ୍ଲବ, ଆନ୍ଧ୍ରପ୍ରଦେଶର ସ୍କାଏ ଆନ୍ଧ୍ର, ଆରସିସି ଭୋପାଲ, ଗୁଜରାଟର ସ୍ୱାମୀନାରାୟଣ କବାଡ଼ି ଏକାଡେମୀ, ଛତିଶଗଡ଼ର ଚିଙ୍ଗରାଜପୋଡ଼ା ବିଲାସପୁର, ଉତ୍ତରପ୍ରଦେଶର ଏକ ଦଳ, ମହାରାଷ୍ଟ୍ରର ବମ୍ବେ ପୋଲିସ ଏବଂ ଓଡ଼ିଶାରୁ କଟକର ବାରବାଟୀ ସ୍ପୋର୍ଟସ ସ୍ପୋର୍ଟିଂ କ୍ଲବ ଓ ଆୟୋଜକ ସମ୍ବଲପୁରର ସ୍ଥାନୀୟ କବାଡ଼ି ଦଳ। ପ୍ରତିଦିନ ଅପରାହ୍ଣ ୫ଟାରୁ ମ୍ୟାଚ୍‌ଗୁଡ଼ିକ ଆରମ୍ଭ ହେବ। ଲିଗ୍ ମ୍ୟାଚ୍ ପରେ ସେମି ଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ଖେଳାଯିବ। କବାଡ଼ି ପ୍ରତିଯୋଗିତାରେ ଚମ୍ପିଆନ ଦଳକୁ ଟ୍ରଫିସହ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବାବେଳେ ରନର୍ସଅପ୍ ଦଳକୁ ଟ୍ରଫି ସହ ୭୦ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏହାସହ ଶ୍ରେଷ୍ଠ ଡିଫେଣ୍ଡର, ଶ୍ରେଷ୍ଠ ରାଇଡର ଓ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କ ତଥା ବିଭିନ୍ନ ବିଭାଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସ୍ଥାନୀୟ ଖେଳାଳିମାନେ ଯେପରି ଜାତୀୟ ଦଳ ଓ ପ୍ରୋ-କବାଡିରେ ସ୍ଥାନ ପାଇପାରିବେ, ସେଥିପାଇଁ ଏହି ପ୍ରତିଯୋଗିତା ଏକ ସୁଯୋଗ ସୃଷ୍ଟି କରିବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ଆସନ୍ତା ୬ ତାରିଖ ମୁଖ୍ୟମନ୍ତ୍ରୀ ଏହି ପ୍ରତିଯୋଗିତାରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ ତାରିଖରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପରେ ରାଉରକେଲା ଓ ସମ୍ବଲପୁର ମହିଳା ଦଳ ମଧ୍ୟରେ ଏକ ପ୍ରଦର୍ଶନୀ କବାଡ଼ି ମ୍ୟାଚ୍ ଖେଳାଯିବ ବୋଲି ସେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ କମିଟିର ସମ୍ପାଦକ ସୁଶାନ୍ତ ପୁରୋହିତ, ସାଙ୍ଗଠନିକ ସମ୍ପାଦକ ରାଜେଶ ସେଠ, କୋଷାଧ୍ୟକ୍ଷ ଅନିଲ ବେହେରା, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ ବାରିକ, ବରିଷ୍ଠ ସଦସ୍ୟ ଡ. ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଫେସର ଆର୍.କେ ଦାସଙ୍କ ପରଲୋକ

**ସମ୍ବଲପୁର, ୩।୬ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୀବ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଆର୍.କେ ଦାସ (୮୪) ଙ୍କର ତାଙ୍କ କଲିକତାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ସଂଘର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ସଭାପତିତ୍ୱରେ ଆଭାସି ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ଦାସ ଜଣେ ଉଚ୍ଚକୋଟୀର ଶିକ୍ଷକ, ଗବେଷକ ଏବଂ ଅମାୟିକ ବ୍ୟକ୍ତି ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ପ୍ରଫେସର ନକୁଳ ଚୌଧୁରୀ, ଆଶୁତୋଷ ନାଏକ, ରତ୍ନଭୂଷଣ ପୁରୁଷୋଠ, ପ୍ରଫେସର ବାସନ୍ତୀ ବିଶ୍ୱାଳ, ପ୍ରଫେସର ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଫେସର ସୂର୍ଯ୍ୟ ନାରାୟଣ ନାଏକ, ପ୍ରଫେସର ପଦ୍ମାବତୀ ଗହଣ, ଅଜୟ ବେହେରା, ଭବାନୀ ପ୍ରସାଦ ସିଂହ, ମହେନ୍ଦ୍ର ମିଶ୍ର, ସନ୍ତୋଷ କାନୁନଗୋ, ଅଶ୍ୱିନୀ କୁମାର ମିଶ୍ର, ଗୁଣନିଧି ମେହେର, ରବି ମିଶ୍ର, ଅନୁରାଧା ପଟ୍ଟନାୟକ, ଶରତ ଷଡ଼ଙ୍ଗୀ, ନରେନ୍ଦ୍ର ମିଶ୍ର, କିଶୋର ନନ୍ଦ, ରାଜେନ୍ଦ୍ର ପାଢ଼ୀ, ଅଶ୍ୱିନୀ ସାହୁ, ଭରତ ମିଶ୍ର, ପ୍ରମୋଦ ପଣ୍ଡା, ଶେଷଦେବ ଦୀପ, ରବୀନ୍ଦ୍ର ଦାଶ, ସୁନୀଲ ଭୋଇ, ଜନ୍ମ ବେହେରା, ମନୋଜ ପଣ୍ଡା, ଅଶୋକ ଦାଶ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଧଧଲୋମୁଣ୍ଡାରେ ପଥର ଖଣି ବ୍ଲାଷ୍ଟିଂକୁ ବିରୋଧ

**ସମ୍ବଲପୁର, ୩।୬ (ସମିସ)**



ସମ୍ବଲପୁର ଜିଲ୍ଲା ଯୁଯୋମୁରା ତହସିଲ ଧଧଲୋମୁଣ୍ଡା ପଥର ଖଣି-୨ରେ ପଥର ଉତ୍ତୋଳନ ପାଇଁ ପ୍ରଶାସନ ପକ୍ଷରୁ ବ୍ଲାଷ୍ଟିଂ ଅନୁମତିକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏନେଇ ଧଧଲୋମୁଣ୍ଡା, ବ୍ରାହ୍ମଣୀପାଲି ଏବଂ କୁମୁକା ଅଧିବାସୀ ଯୁଯୋମୁରା ତହସିଲଦାରଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଧଧଲୋମୁଣ୍ଡା ଗ୍ରାମଟି ୨ଟି ୱାର୍ଡକୁ ନେଇ ଗଠିତ। ଏହି ରାଜସ୍ୱ ଗ୍ରାମର ଅନ୍ତର୍ଗତ ଧଧଲୋମୁଣ୍ଡା, ବ୍ରାହ୍ମଣୀପାଲି, କୁମୁକା ଓ ଜଡ଼ାମୁଣ୍ଡା ରହିଛି। ନୂଆ ବରଙ୍ଗାମାଲ ଗ୍ରାମ ପଞ୍ଚାୟତର ଧଧଲୋମୁଣ୍ଡା ମୌଜାର ଖାତା ନମ୍ବର ୧୪୦ ଏବଂ ପ୍ଲଟ ନମ୍ବର ୧୨୧୧ ରେ ଥିବା ପ୍ରାୟ ୧ ଏକର ୩୯ ଡେସିମିଲ ଜାଗାରେ ପଥର ଖଣି ପାଇଁ ଆବେଦନ କରାଯାଇଛି, ଯାହାକୁ ନେଇ ଗତ ୨୭ ଏପ୍ରିଲ ୨୦୨୬ ରେ ଚିଠି ନମ୍ବର ୬୩୬ ମାଧ୍ୟମରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଏନ୍‌ଓସିକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିବାକୁ ଦାବି ଜଣାଇଛନ୍ତି। ପ୍ରସ୍ତାବିତ ଖଣି ସ୍ଥାନରୁ ମାତ୍ର ୩୦୦ ମିଟର ଦୂରତାରେ ଜନବସତି ରହିଥିବାବେଳେ ଯଦି ଏଠାରେ ବ୍ଲାଷ୍ଟିଂ ପାଇଁ ଅନୁମତି ଦିଆଯାଏ, ତେବେ ପଥର ବ୍ଲାଷ୍ଟିଂ ଯୋଗୁଁ ସ୍ଥାନୀୟ ଲୋକଙ୍କ ଘରଦ୍ୱାର ନଷ୍ଟ ହେବାସହ ଗୃହପାଳିତ ପଶୁପକ୍ଷୀ ଏବଂ ନିକଟସ୍ଥ ଜଳାଶୟ ଉପରେ କୁପ୍ରଭାବ ପଡ଼ିବ। ଏହାସହ ରାସ୍ତାପାର୍ଶ୍ୱରେ ଖଣି ଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ମଧ୍ୟ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। ଅଞ୍ଚଳବାସୀଙ୍କ ଲିଖିତ ଆପତ୍ତିକୁ ଭିତ୍ତିକରି ଯୁଯୋମୁରା ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କ ସହ ଉକ୍ତ ସ୍ଥାନ ପରିଦର୍ଶନ କରି ଜମିର ସ୍ଥିତି ଯାଞ୍ଚ କରିଛନ୍ତି। ଯାଞ୍ଚପରେ ବ୍ଲାଷ୍ଟିଂ ଅନୁମତି ଦ୍ୱାରା ସ୍ଥାନୀୟ ପରିବେଶ ଓ ଜନଜୀବନ ପ୍ରଭାବିତ ହେବାର ସମ୍ଭାବନା ରହିଥିବା ନେଇ ତହସିଲଦାର ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କୁ ଚିଠି ନମ୍ବର ୧୧୫୮ ତା ୧୧-୫-୨୦୨୬ ମାଧ୍ୟମରେ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ନେବାକୁ ସୁପାରିଶ କରିଛନ୍ତି। ଧଧଲୋମୁଣ୍ଡା ଅଞ୍ଚଳବାସୀ ଅଭିଯୋଗ ପତ୍ରର ଏକ ନକଲ ସମ୍ବଲପୁର ଜିଲ୍ଲାପାଳ ଓ ସଦର ଉପଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି।

### ମନରେଗା ଯୋଜନାରେ ଟଙ୍କା ହଡ଼ପ ଅଭିଯୋଗ

# ତଦନ୍ତ ଦାବି କଲେ ସମିତି ସଭ୍ୟ

**ବରଗଡ଼, ୩।୬ (ସମିସ):** ଝାରବନ୍ଧ ବ୍ଲକ ଛୋଟଅନକି ପଞ୍ଚାୟତର ଘୁଚାପାଲି ଗ୍ରାମରେ ମନରେଗା ଯୋଜନାରେ ଏକ ପୁରୁଣା ପୋଖରୀକୁ ନୂତନ ପୋଖରୀ ଭାବେ ଦର୍ଶାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଗୁରୁତର ଅଭିଯୋଗ ଛୋଟଅନକି ପଞ୍ଚାୟତର ସମିତି ସଭ୍ୟ ସତ୍ୟମ ପ୍ରଧାନ ଉଠାଇଛନ୍ତି।ତାଙ୍କ ଅଭିଯୋଗ ଅନୁଯାୟୀ, ଘୁଚାପାଲି ଗ୍ରାମରେ ଦୀର୍ଘଦିନ ଧରି ରହିଥିବା ଏକ ପୁରୁଣା ପୋଖରୀକୁ ସୂଚନା ଫଳକରେ 'ନ୍ୟୁ ଟ୍ୟାଙ୍କ' ବା ନୂତନ ପୋଖରୀ ଭାବେ ଉଲ୍ଲେଖ କରାଯାଇଛି। କେବଳ ସାମାନ୍ୟ ମାଟି କାମ କରି ଏହାକୁ ନୂତନ ପୋଖରୀ ଖନନ ଭାବେ ଦର୍ଶାଇ ସରକାରୀ ଅର୍ଥ ଉଠାଣ କରାଯାଇଥିବା ସେ ଦାବି କରିଛନ୍ତି।କାର୍ଯ୍ୟସ୍ଥଳରେ ଲାଗିଥିବା ସୂଚନା ଫଳକ ଅନୁଯାୟୀ, ଉକ୍ତ ପ୍ରକଳ୍ପ ପାଇଁ ପ୍ରାୟ ୯ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ପ୍ରକୃତ କାମ ଓ ବ୍ୟୟବରାଦ ଅର୍ଥ ମଧ୍ୟରେ ବ୍ୟାପକ ତାରତମ୍ୟ ଥିବା ନେଇ ପ୍ରଶ୍ନ ଉଠିଛି। କାମର ପରିମାଣ ଓ ଗୁଣବତ୍ତା ଦେଖି ଯୋଜନାର ଅର୍ଥର ସଠିକ୍ ବିନିଯୋଗ ହୋଇଛି କି ନାହିଁ, ତାହାକୁ ନେଇ ସ୍ଥାନୀୟ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ସମିତି ସଭ୍ୟ ସତ୍ୟମ ପ୍ରଧାନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି। ମନରେଗା ଭଳି ଗରିବ ଲୋକଙ୍କ ଜୀବିକା ଓ ଗ୍ରାମୀଣ ବିକାଶ ସହ ଜଡ଼ିତ ଯୋଜନାରେ ଅନିୟମିତତା ଘଟିଥିଲେ ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି।ପ୍ରଶାସନ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ଚିକିତ୍ସା ଅବହେଳାରୁ ୯ ମାସର ଶିଶୁ କନ୍ୟାର ମୃତ୍ୟୁ ଅଭିଯୋଗ

**ବରଗଡ଼, ୩।୬(ସମିସ)**

ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ସାମ୍ନାକୁ ଆସିଛି ଚିକିତ୍ସା ଅବହେଳା ଅଭିଯୋଗ। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଜଣେ ମାତ୍ର ୯ମାସର ଶିଶୁ କନ୍ୟାର ଜୀବନ ଚାଲିଯାଇଥିବା ପରିବାରଲୋକ ଅଭିଯୋଗ ଆଣିଛନ୍ତି।ଏହି ଘଟଣାକୁ ନେଇ ଜିଲ୍ଲା ଚିକିତ୍ସାଳୟ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ମୃତ ଶିଶୁର ବାପା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବରପାଲି ବ୍ଲକ କୁଲୁଣ୍ଡା ଅଞ୍ଚଳର ଶିବା କଲେତଙ୍କ ୯ ମାସର ଶିଶୁ କନ୍ୟା ସାମାନ୍ୟ ଅସୁସ୍ଥ ଅନୁଭବ କରିବା ସହ ଲଗାତାର ଭାବେ କାନ୍ଦିଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ସ୍ଥାନୀୟ ବରପାଲି ଚିକିତ୍ସାଳୟରେ ଦେଖାଇଥିଲେ। ମାତ୍ର ସେଠାରେ ଶିଶୁର ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନଆସିବାରୁ ସେମାନେ ତୁରନ୍ତ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରିବାର ଲୋକଙ୍କ ଅଭିଯୋଗ ମୁତାବକ, ଜିଲ୍ଲା ଚିକିତ୍ସାଳୟର ଜରୁରୀକାଳୀନ ବିଭାଗରେ କାର୍ଯ୍ୟରତ ଡାକ୍ତର ଶିଶୁଟିକୁ

### ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା




ଦେଖି କେବଳ ଏକ ସିରପ୍ ଲେଖି ଦେଇଥିଲେ ଏବଂ ଏକ୍ସରେ କରିବା ପାଇଁ କହିଥିଲେ। ଏକ୍ସରେ ରିପୋର୍ଟ ଆସିବା ପରେ ଉକ୍ତ ରିପୋର୍ଟ ନେଇ ଶିଶୁ ଓ ମାତୃ ଚିକିତ୍ସାଳୟ ବିଲଡିଂକୁ ଯିବା ପାଇଁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଶିଶୁଟି ଗୁରୁତର ଥିବା ସତ୍ତ୍ୱେ ସେହି ସମୟରେ ମାତୃ ଚିକିତ୍ସାଳୟ ବିଲଡିଂରେ କୌଣସି ଜଣେ ହେଲେ ଡାକ୍ତର କିମ୍ବା ନର୍ସ ଉପସ୍ଥିତ ନଥିଲେ। ରାତିସାରା ଅକୁଳ ନିବେଦନ କରିଥିଲେ ବି ମିଳିଲାନି ସାହାଯ୍ୟ ବୋଲି ମୃତ ଶିଶୁର ବାପା ଶିବା କଲେତ ପ୍ରକାଶ କରିଛନ୍ତି। ରାତିସାରା ନିଜ କୋଳର ଛୁଆର ଜୀବନ ବଞ୍ଚାଇବା ପାଇଁ ସେ ସେଠାରେ ଉପସ୍ଥିତ ସମସ୍ତଙ୍କୁ ଗୁହାରି କରିଥିଲେ। ମାତ୍ର ଜରୁରୀକାଳୀନ ଡାକ୍ତର କହିଥିଲେ ଯେ 'ସକାଳେ ଶିଶୁ ବିଶେଷଜ୍ଞ ଆସିଲେ ଦେଖେଇବ।' କେବଳ ସେତିକି ନୁହେଁ, ରୋଗୀଙ୍କ ସହାୟତା ପାଇଁ ସରକାରଙ୍କ ଦ୍ୱାରା ନିୟୋଜିତ 'ସ୍ୱାସ୍ଥ୍ୟମିତ୍ର' କିମ୍ବା ଡାକ୍ତରଖାନାର ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ମଧ୍ୟ ସେଠାରେ ଉପସ୍ଥିତ ନଥିଲେ। ସମ୍ପୂର୍ଣ୍ଣ ରାତି କୌଣସି ପ୍ରାଥମିକ ଚିକିତ୍ସା କିମ୍ବା ଅକ୍ସିଜେନ ସୁବିଧା ନମିଳିବା କାରଣରୁ ଭୋର ସମୟରେ ଶିଶୁ କନ୍ୟାଟିର ମୃତ୍ୟୁ ହୋଇଥିଲା।ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଜନସାଧାରଣ ଓ ଶୋକସନ୍ତପ୍ତ ପରିବାର ମଧ୍ୟରେ ଗଭୀର ଆକ୍ରୋଶ ଦେଖାଦେଇଛି। ଚିକିତ୍ସାରେ ଚରମ ଅବହେଳା କରିଥିବା ଦୋଷୀ ଡାକ୍ତର, ଡ୍ୟୁଟିରେ ଅନୁପସ୍ଥିତ ଥିବା ନର୍ସ ଏବଂ ଦାୟିତ୍ୱହୀନ ସ୍ୱାସ୍ଥ୍ୟମିତ୍ରଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିଡିଏମଓଙ୍କ ନିକଟରେ ଲିଖିତ ଦାବି କରାଯାଇଛି।

### ଗାଁ ଗଣ୍ଡାରେ ଆଉ ଗଡୁନି ସାଇକଲ

# ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ମୋଟରସାଇକଲ

**ପାଇକମାଲ, ୩।୬(ସମିସ):** ବୁଧବାର ବିଶ୍ୱ ସାଇକେଲ ଦିବସ ପାଳିତ ହେଉଥିବା ବେଳେ ଗାଁ ଗଣ୍ଡାରେ ସାଇକଲର ଚାହିଦା ଓ ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି। ଏକଦା ଗ୍ରାମାଞ୍ଚଳରେ ଯାତାୟାତର ପ୍ରମୁଖ ମାଧ୍ୟମ ଥିବା ସାଇକଲ ଆଜି ଆଧୁନିକତାର ଦୌଡ଼ରେ ପଛକୁ ପଡ଼ିଯାଇଛି। ପୁରୁଣା ପିଢ଼ିର ଲୋକମାନେ ଏବେ ମଧ୍ୟ ସାଇକେଲକୁ ପସନ୍ଦ କରୁଥିବା ବେଳେ ଯୁବପିଢ଼ି ଏହାଠାରୁ ମୁହଁ ଫେରାଇ ମୋଟରସାଇକେଲ ଓ ସ୍କୁଟି ଭଳି ଯାନବାହନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କିଛି ଦଶନ୍ଧି ପୂର୍ବରୁ ସାଇକେଲ ଥିଲା ଗ୍ରାମାଞ୍ଚଳର ଗର୍ବ ଓ ଆବଶ୍ୟକତା। ଚାଷୀ, ବ୍ୟବସାୟୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ଦୈନନ୍ଦିନ କାର୍ଯ୍ୟ ପାଇଁ ସାଇକଲ ଉପରେ ନିର୍ଭର କରୁଥିଲେ। ସକାଳୁ ସକାଳୁ ରାସ୍ତାଘାଟରେ ସାଇକଲର ଘଣ୍ଟି ଶୁଣିବା ଏକ ସାଧାରଣ ଦୃଶ୍ୟ ଥିଲା। କିନ୍ତୁ ସମୟ ପରିବର୍ତ୍ତନ ସହିତ ଗ୍ରାମାଞ୍ଚଳରେ ମଧ୍ୟ ମୋଟରଚାଳିତ ଯାନର ପ୍ରଚଳନ ବଢ଼ିଛି। ବର୍ତ୍ତମାନ ଅଧିକାଂଶ ଯୁବକ ମୋଟରସାଇକେଲକୁ ନିଜର ପ୍ରଥମ ପସନ୍ଦ ଭାବେ ଗ୍ରହଣ କରୁଛନ୍ତି। ସ୍ଥାନୀୟ ବୃଦ୍ଧମାନଙ୍କ କହିବା ଅନୁସାରେ, ସାଇକେଲ କେବଳ ଏକ ଯାତାୟାତ ମାଧ୍ୟମ ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ମଧ୍ୟ ଉପକାରୀ। ଏହା ଶରୀରକୁ ସୁସ୍ଥ ରଖିବା ସହିତ ଇନ୍ଧନ ଖର୍ଚ୍ଚ ଓ ପ୍ରଦୂଷଣକୁ ମଧ୍ୟ କମାଇଥାଏ। ତେବେ ଆଜିର ଯୁବପିଢ଼ି ଦ୍ରୁତ ଗତି ଓ ସୁବିଧାକୁ ଅଧିକ ପସନ୍ଦ କରୁଥିବାରୁ ସାଇକେଲ ବ୍ୟବହାର ପ୍ରତି ଆଗ୍ରହ କମିଯାଇଛି। ଅନ୍ୟପଟେ, କିଛି ସ୍କୁଲ ଛାତ୍ରଛାତ୍ରୀ ଏବଂ ସଚେତନ ନାଗରିକ ଏବେ ମଧ୍ୟ ସାଇକେଲ ବ୍ୟବହାର କରୁଛନ୍ତି। ସେମାନଙ୍କ ମତରେ, ଦୈନନ୍ଦିନ ଛୋଟ ଛୋଟ କାମ ପାଇଁ ସାଇକଲ ଏକ ଉତ୍ତମ ବିକଳ୍ପ। ବିଶେଷକରି ବଢ଼ୁଥିବା ପେଟ୍ରୋଲ ଦର ଓ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସାଇକଲ ବ୍ୟବହାରକୁ ପୁଣି ଥରେ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ବିଶ୍ୱ ସାଇକଲ



ଦିବସ ଅବସରରେ ପରିବେଶବିତ୍ ଓ ସାମାଜିକ କର୍ମୀମାନେ ସାଇକଲ ବ୍ୟବହାର ବୃଦ୍ଧି ପାଇଁ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆଧୁନିକ ଯୁଗରେ ସାଇକଲର ଗୁରୁତ୍ୱ କମିଥିଲେ ମଧ୍ୟ ଏହାର ସ୍ୱାସ୍ଥ୍ୟଗତ ଓ ପରିବେଶଗତ ଉପକାରିତା ଆଜି ମଧ୍ୟ ଅପରିହାର୍ଯ୍ୟ। ତେଣୁ ଗାଁ ଗଣ୍ଡାରେ ପୁଣିଥରେ ସାଇକଲର ଚକ ଗଡ଼ିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ନୂତନ ଏବିଇଓଙ୍କ ଯୋଗଦାନ

**ଅତାବିରା, ୩।୬(ସମିସ):** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ମୁକେଶ ଚନ୍ଦ୍ର ଭୋଇ ଯୋଗଦାନ କରିଛନ୍ତି। ଗୋଷ୍ଠୀ ଶିକ୍ଷା ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଏବିଇଓ କାର୍ତ୍ତିକ ବାଗଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବ୍ଲକର ସମସ୍ତ ସିଆରସିସି ଉପସ୍ଥିତ ଥିଲେ। ସଭା ପରିଚାଳନାରେ ସହଯୋଗ କରିଥିଲେ ବୁଗବୁଗା ସିଆରସିସି ନନ୍ଦିଘୋଷ ଭୁଏ। ନୂତନ ଭାବେ ଯୋଗଦାନ କରିଥିବା ଶେଷରେ ଜହ୍ନାପଡ଼ା କ୍ଲଷ୍ଟରର ସିଆରସିସି ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ବର୍ଷ ଶିଶୁର ସଫଳ ଅସ୍ତ୍ରୋପଚାର

**ବରଗଡ଼, ୩।୬(ସମିସ):** ବରଗଡ଼ କ୍ରାଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍‌ରେ ଜନ୍ମରୁ ମୁହଁ ଖୋଲି ପାରୁନଥିବା ଜଣେ ୬ ବର୍ଷର ଶିଶୁର ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଦୀର୍ଘ ଦିନ ଧରି କେବଳ ତରଳ ଖାଦ୍ୟ ଉପରେ ନିର୍ଭର ରହୁଥିବା ଏହି ଶିଶୁ ଗୁରୁତର ପୌଷ୍ଟିକ ଅଭାବ, ଶାରୀରିକ ବିକାଶରେ ବିଳମ୍ବ, କମ୍ ଓଜନ ଓ ମୁହଁର ଅସମାନତା ଭଳି ସମସ୍ୟାରେ ପୀଡ଼ିତ ଥିଲେ। ବିସ୍ତୃତ ଚିକିତ୍ସାଗତ ଏବଂ ରେଡ଼ିଓଲୋଜିକାଲ ପରୀକ୍ଷା ପରେ ଶିଶୁର ଡାହାଣ ପାର୍ଶ୍ୱର ହନୁସନ୍ଧି ଖୋଲୁନଥିବା ସହ ମୁହଁର ଅସମାନତା ଏବଂ ମୁହଁର ମଧ୍ୟରେଖା ସ୍ଥାନଚ୍ୟୁତି ହୋଇଥିବାର ଚିହ୍ନଟ କରାଗଲା। ହସ୍ପିଟାଲ୍‌ର ପ୍ରସିଦ୍ଧ ମୁଖଶଲ୍ୟ ବିଶେଷଜ୍ଞ ଡ.ସୌଭିକ ଦାସୁକିଲଙ୍କ ନେତୃତ୍ୱରେ ଦୁଇଟି ପର୍ଯ୍ୟାୟ ବିଶିଷ୍ଟ ଚିକିତ୍ସାର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ପର୍ଯ୍ୟାୟରେ ଅସ୍ଥି ବିସ୍ତାରଣ ପ୍ରକ୍ରିୟା ମାଧ୍ୟମରେ ମୁହଁର ଡାହାଣ ପାର୍ଶ୍ୱର ଛୋଟ ଥିବା ଅଂଶକୁ ଲମ୍ବା କରାଯାଇଛି, ଯାହା ମୁହଁର ଅସମାନତା ଦୂର କରିବା ସହ ମୁହଁର ସଠିକ୍ ସମନ୍ୱୟ ସ୍ଥାପନରେ ସହାୟକ ହେବ। ବର୍ତ୍ତମାନ ଶିଶୁଟି ଡିଷ୍ଟ୍ରାକ୍ସନ ଓ ଅସ୍ଥି ଦୃଢ଼ିକରଣ ପ୍ରକ୍ରିୟାରେ ଅଛି। ଏହି ସମୟରେ ଧୀରେଧୀରେ ନୂତନ ହାଡ଼ ଗଠନ ହେବା ସହ ମୁହଁର ସମତାରେ ଉନ୍ନତି ଆସିବ। ଆଗାମୀ ୪ରୁ ୫ ମାସ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟର ଅସ୍ତ୍ରୋପଚାର କରାଯିବ। ସେଥିରେ ଡିଷ୍ଟ୍ରାକ୍ସନ ଡିଭାଇସ ଅପସାରଣ ସହ ମୁହଁସନ୍ଧିର ଜଡ଼ତା ଦୂର କରିବା ପାଇଁ ଇଣ୍ଟରପୋଜିସନାଲ୍ ଅର୍ଥୋପ୍ଲାଷ୍ଟି କରାଯାଇ ମୁହଁ ଖୋଲିବାର




ସାଧାରଣ କ୍ଷମତା ପୁନଃସ୍ଥାପନ କରାଯିବ। ଡ. ସୌଭିକଙ୍କ ମତାନୁସାରେ, ଏହି ଚିକିତ୍ସା କେବଳ ଏକ ଅସ୍ତ୍ରୋପଚାର ନୁହେଁ ବରଂ ଶିଶୁଟିକୁ ସାଧାରଣ ଭାବରେ ଖାଦ୍ୟଗ୍ରହଣ, ସ୍ପଷ୍ଟ ଭାବରେ କଥା କହିବା ଓ ସୁସ୍ଥ ଜୀବନ ବଞ୍ଚିବାର ଏକ ନୂଆ ସୁଯୋଗ ପ୍ରଦାନ କରିଛି।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ସୋହେଲା, ୩।୬ (ସମିସ):** ସୋହେଲା ପଦ୍ମପୁର ବିଜୁ ଏକ୍ସପ୍ରେସ୍ ୱେରେ ଲେଖାପଥର ଛକରେ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ବୁଧବାର ସକାଳେ ପଦ୍ମପୁର ଡ଼ଙ୍ଗାଘାଟଗ୍ରାମର ପିଙ୍କି ମହାପାତ୍ର ତାଙ୍କ ବଡ଼ ପୁଅ କ୍ରିସ ସହିତ ସ୍କୁଟି ନମ୍ବର ଓଡି-୧୭ଏଏଚ-୨୦୩୯ରେ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିଲେ।ଲେଖାପଥର ଛକ ନିକଟରେ ସୋହେଲା ପଟୁ ଯାଉଥିବା ବୋଙ୍ଗି ଗାଡି ନମ୍ବର କେଏ ୦୧-ଏମଏଲ ୬୮୧୮ ସହିତ ଧକ୍କା ହୋଇଥିଲା। ଫଳରେ ସ୍କୁଟିରେ ଆସୁଥିବା ମାଆ ପୁଅ ଗୁରୁତର ଆହତ ହୋଇଥିଲେ।ଖବର ପାଇ ସୋହେଲା ପୁଲିସ ପହଞ୍ଚି ଆହତ ମାଆ ପୁଅଙ୍କୁ ଚିକିତ୍ସା ପାଇଁ ସୋହେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ଚିକିତ୍ସା ଅବସ୍ଥାରେ ପିଙ୍କି ମହାପାତ୍ର(୩୪)ଙ୍କ ମୃତ୍ୟୁ ହୋଇ ଯାଇଥିଲା।ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ଘଟଣାର ତଦନ୍ତ କରୁଛନ୍ତି। ଦୁର୍ଘଟଣା ପରେ ବୋଙ୍ଗି ଗାଡିର ଚାଳକ ଫେରାର ହୋଇ ଯାଇଥିବା ବେଳେ ପୁଲିସ ଉକ୍ତ ବୋଙ୍ଗି ଗାଡିକୁ ଜବତ କରିଥିବା ବେଳେ ବୋଙ୍ଗି ଗାଡିରେ ଥିବା କର୍ମଚାରୀଙ୍କୁ ଅଟକ ରଖିଛନ୍ତି।

# ଭୁକ୍ତାରେ ବିଶ୍ୱ ସାଇକଲ ଦିବସ

**ଅମ୍ବାଭୋନା, ୩।୬(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଭୁକ୍ତାଠାରେ ଭାରତ ସରକାରଙ୍କ ଦ୍ୱାରା ବିଶ୍ୱ ସାଇକଲ ଦିବସ ପାଳନ କରାଯାଇଛି। ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସାଇକଲ ବ୍ୟବହାରର ଉପକାରିତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମରେ ଦ୍ୱାରୀ ପଞ୍ଚାୟତର ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ଭୁକ୍ତା ସରପଞ୍ଚ ବଳରାମ ବିସର, ଜିଲ୍ଲା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀ କମଲ ସା, ଅନିଲ ସାହୁ, ଛନ୍ଦାଚରଣ ଭୋଇ, ଗଙ୍ଗାଧର ଗଡ଼ତିଆ, ଭୁକ୍ତା ଏନେକ୍ସ କମ୍ପ୍ୟୁଟର ଶିକ୍ଷକ ଟଙ୍କଧର ପଟେଲ, ଶିକ୍ଷୟିତ୍ରୀ ମାନସୀ ପଟେଲ, ସୂରଜ, ଟିକେଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆୟୋଜକ ମାନଙ୍କ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ଅଟଳ ବସ୍‌ଷ୍ଟାଣ୍ଡ ଟେଣ୍ଡର ପ୍ରକ୍ରିୟାକୁ ଚାଲେଞ୍ଜ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ, ୩।୬(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁରରେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ସମ୍ପର୍କିତ ଟେଣ୍ଡର ପ୍ରକ୍ରିୟାକୁ ଚାଲେଞ୍ଜ କରି ଦାୟର ହୋଇଥିବା ମାମଲାରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାର ଓ ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାର ଚୂଡ଼ାନ୍ତ ରାୟ ଉପରେ ଟେଣ୍ଡର ନିଷ୍ପତ୍ତିର ପଦକ୍ଷେପ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥା 'ମେସର୍ସ ମୋହନ ପୋଦ୍ଦାର'ର ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପଦ୍ମପୁରଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୁଲିସ ହାଉସିଂ କର୍ପୋରେସନ ପକ୍ଷରୁ ଗତ ମାର୍ଚ୍ଚ ୩୦ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଆବେଦନକାରୀ ସଂସ୍ଥା ଭାଗ ନେଇଥିଲେ ମଧ୍ୟ ମୂଲ୍ୟାୟନ ସମୟରେ କମ୍ ମାର୍କ ମିଳିବା ଯୋଗୁଁ ତାଙ୍କୁ ଅଯୋଗ୍ୟ ବିବେଚିତ କରାଯାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତିକୁ ବେଆଇନ ଓ ଅଯୌକ୍ତିକ ଦର୍ଶାଇ ସଂସ୍ଥାଟି ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

# ଝରାପାଲି ମାର୍କେଟ ୟାର୍ଡ଼ ପରିସରରେ କୃତ୍ରିମ ପୋଖରୀ

**ଥୁଆପାଲି, ୩।୬(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅତାବିରା ଆରଏମ୍‌ସି ଅନ୍ତର୍ଗତ ଝରାପାଲି ମାର୍କେଟ ୟାର୍ଡ଼ ଠାରେ କାଳ ବୈଶାଖି ଝଡ, ବର୍ଷା ଯୋଗୁଁ ମାର୍କେଟ ୟାର୍ଡ଼ ପରିସରରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ଫଳରେ ଚାଷୀ ମାନେ ଧାନ ନେବାଆଣିବା, ଖାଉଟି ଓ ବେପାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରଏମ୍‌ସି କୋଟି କୋଟି ଟଙ୍କା ଘର, ପିଣ୍ଡି ତିଆରି କରିଛନ୍ତି କିନ୍ତୁ ବର୍ଷା ପାଣି ଡ୍ରେନେଜ୍ ବ୍ୟବସ୍ଥା ନାହିଁ ଫଳରେ ଆଗାମୀ ବର୍ଷା ସମୟରେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ପଡ଼ିବ। ଏଥିପ୍ରତି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତାବିରା ଆରଏମ୍‌ସି ଚେୟାରମ୍ୟାନ, ଭାଇସ ଚେୟାରମ୍ୟାନ, ସମ୍ପାଦକ ବର୍ଷା ଋତୁ ଆଗରୁ ମାର୍କେଟ ୟାର୍ଡ଼ ପରିସରରେ ବର୍ଷା ପାଣି ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଚାଷୀ, ମୂଲିଆ, ଖାଉଟି, ବେପାରୀ ଓ ଜନସାଧାରଣ ଦାବି କରୁଛନ୍ତି।

### ଅବହେଳା ଓ ରକ୍ଷଣାବେକ୍ଷଣର ଅଭାବ

# ଅସ୍ତିତ୍ୱ ହରାଇଲାଣି ଡଭା ବଜାରର ପୁରାତନ ପୋଖରୀ

**ଝାରବନ୍ଧ, ୩।୬(ସମିସ):** ଏକଦା ଡଭା ବଜାରର ଜୀବନରେଖା ଭାବେ ପରିଚିତ ଥିବା ପୁରାତନ ପୋଖରୀ ଅବହେଳା ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ନିଜ ଅସ୍ତିତ୍ୱ ହରାଇବାକୁ ବସିଛି। ଝାରବନ୍ଧ ବ୍ଲକର ଡଭା ବର୍ଷ ପରେ ବର୍ଷ ପୋଖରୀର ଖନନ, ପଙ୍କ ଉଦ୍ଧାର ଓ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ହୋଇନଥିବାରୁ ଜଳାଶୟଟି କ୍ରମଶଃ ନିଜର ଜଳଧାରଣ କ୍ଷମତା ହରାଉଛି। ପୋଖରୀ ତଳେ ପଙ୍କ ଜମି ରହିଥିବାରୁ ଗ୍ରୀଷ୍ମ ଋତୁ



ବଜାର ପାର୍ଶ୍ୱରେ ଅବସ୍ଥିତ ଜଳାଶୟ ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀଙ୍କ ଜଳ ଆବଶ୍ୟକତା ପୂରଣ କରିବା ସହ ସ୍ଥାନୀୟ ବ୍ୟବସାୟୀ, ପଥଚାରୀ ଏବଂ ଗୃହପାଳିତ ପଶୁଙ୍କ ପାଇଁ ଏକ ପ୍ରମୁଖ ଆଶ୍ରୟସ୍ଥଳ ରୂପେ କାର୍ଯ୍ୟ କରିଆସୁଥିଲା। ହେଲେ ବର୍ତ୍ତମାନ ଏହାର ଦୟନୀୟଚିତ୍ର ଲୋକଙ୍କୁ ଚିନ୍ତାରେ ପକାଇଛି। ଆସିବା ମାତ୍ରେ ଜଳସ୍ତର ଦ୍ରୁତ ହ୍ରାସ ପାଉଛି ଏବଂ ଅନେକ ସମୟରେ ପୋଖରୀ ପ୍ରାୟ ଶୁଖିଲା ଅବସ୍ଥାକୁ ଚାଲିଯାଉଛି। ଫଳରେ ସ୍ଥାନୀୟ ଲୋକେ ବିକଳ୍ପ ଜଳ ଉତ୍ସ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛନ୍ତି। କେବଳ ଜଳ ସଙ୍କଟ ନୁହେଁ, ପୋଖରୀ ଚାରିପାଖରେ ଅପରିଷ୍କାର ପରିବେଶ ଏବଂ ଅନିୟନ୍ତ୍ରିତ ଗଛଲତା ବୃଦ୍ଧି ଏହାର ସୌନ୍ଦର୍ଯ୍ୟକୁ ମଧ୍ୟ କ୍ଷତିଗ୍ରସ୍ତ କରିଛି। ଏକଦା ବଜାରର ଅନ୍ୟତମ ଆକର୍ଷଣ ଥିବା ଏହି ପୋଖରୀ ଏବେ ଅବହେଳାର ପ୍ରତୀକ ପାଲଟିଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ମତରେ, ପୋଖରୀର ପୁନଃ ଖନନ, ପଙ୍କ ଉଦ୍ଧାର, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କରାଗଲେ ଏହା ପୁଣିଥରେ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଜଳ ସଂରକ୍ଷଣ କେନ୍ଦ୍ରରେ ପରିଣତ ହୋଇପାରିବ। ଏହା ଭୂତଳ ଜଳସ୍ତର ବୃଦ୍ଧି, ପରିବେଶ ସୁରକ୍ଷା ଏବଂ ସ୍ଥାନୀୟ ଜୀବବୈଚିତ୍ର୍ୟ ରକ୍ଷାରେ ମଧ୍ୟ ସହାୟକ ହେବ। ସରକାର ଅମୃତ ସରୋବର ସମେତ ବିଭିନ୍ନ ଜଳ ସଂରକ୍ଷଣ ଯୋଜନା ମାଧ୍ୟମରେ ଜଳାଶୟ ଗୁଡ଼ିକର ପୁନରୁଦ୍ଧାର ଓ ବିକାଶ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଡଭା ବଜାରର ଏହି ଐତିହ୍ୟବାହୀ ପୋଖରୀକୁ ସେହି ଯୋଜନାରେ ସାମିଲ କରିବାକୁ ଦାବି ଜୋର ଧରିଛି।

# ଶ୍ୟାମ ପରିବାରର କୋଷାଧ୍ୟକ୍ଷଙ୍କ ପରଲୋକ

**ବରଗଡ଼, ୩।୬(ସମିସ):** ବରଗଡ଼ ମାରୱାଡ଼ିପଡ଼ା ନିବାସୀ ତଥା ବରଗଡ଼ ଶ୍ୟାମ ପରିବାରର କୋଷାଧ୍ୟକ୍ଷ ଦାମୋଦର ଅଗ୍ରୱାଲ (୬୮)ଙ୍କ ବୁଧବାର ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସାଙ୍ଗ ସାଥି ଜ୍ଞାତି ପରିଜନ ତାଙ୍କ ବାସଭବନକୁ ଯାଇ



ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଅଗ୍ରୱାଲ ନିଜ ପ୍ରଚେଷ୍ଟାରେ ପ୍ରତ୍ୟେକ ମଙ୍ଗଳବାର ଦିନ ହନୁମାନ ମନ୍ଦିରରେ ହିନ୍ଦୁ ସମାଜକୁ ଏକତ୍ରିତ କରି ହନୁମାନ ଚାଳିଶା ପାଠ କରାଯାଉଥିଲା। ଶ୍ୟାମ ପରିବାରର ଅଧ୍ୟକ୍ଷ କିଶନ ଲାଲ ଅଗ୍ରୱାଲ ଗଭୀର ଦୁଃଖ ପ୍ରକାଶ କରି ଶ୍ୟାମ ପରିବାର ତଥା ବରଗଡ଼ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି। ଜର୍ଜ ହାଇସ୍କୁଲ ୧୯୭୫ ମାଟ୍ରିକ୍ ବ୍ୟାଚର ସମସ୍ତ ବନ୍ଧୁମାନେ ତଥା ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି କେଦାର ମିଶ୍ର, ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗୁରୁବାର ଦିନ ଜୀରା ନଦୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

### ସାମାଜିକ ବାସନ୍ଦର କରୁଣ ଚିତ୍ର

# ମୃତ୍ୟୁ ପରେ ବି ମିଳିଲାନି କାନ୍ଧ

**ବରଗଡ଼, ୩।୬(ସମିସ)**

ଆଧୁନିକ ସମାଜରେ ଆଜି ବି ମାନବିକତା କେତେ ତଳକୁ ଖସିପାରେ ଏବଂ ସାମାଜିକ ବାସନ୍ଦ ନାମରେ ମଣିଷ କେତେ ନିଷ୍ଠୁର ହୋଇପାରେ, ତାର ଜ୍ୱଳନ୍ତ ଉଦାହରଣ ଅତାବିରା ବ୍ଲକ ମର୍ଦ୍ଦାଟିକ୍ରା ଗ୍ରାମରେ ଦେଖିବାକୁ ମିଳିଛି।ମୃତ ବୃଦ୍ଧା ଜଣକ ହେଲେ ମର୍ଦ୍ଦାଟିକ୍ରା (ବରାହମୁଣ୍ଡା)ଗ୍ରାମର ଶାନ୍ତି ବରିହା (୬୫)। ଅତୀତରେ ସେ ନିଜ ଇଚ୍ଛାରେ ଅନ୍ୟ ଜାତିରେ ବିବାହ କରିଥିଲେ। କିନ୍ତୁ ଏହି ନିଷ୍ପତ୍ତି ତାଙ୍କ ପାଇଁ ଅଭିଶାପ ପାଲଟିଥିଲା। ପରିବାର ତଥା ଗ୍ରାମବାସୀ ତାଙ୍କୁ ଆକ୍ରୋଶର ଶିକାର କରିବା ସହ ଗାଁରୁ ସବୁଦିନ ପାଇଁ ବାସନ୍ଦ କରିଦେଇଥିଲେ। ସେ ଏକାକୀ ନିର୍ବାସିତ ଜୀବନ ବିତାଉଥିଲେ। ସବୁଠାରୁ ଲୋମଟାଙ୍କୁରା ଓ ଦୁଃଖର ବିଷୟ ହେଉଛି, ଆଜିକୁ ୫ ବର୍ଷ ପୂର୍ବେ ଯେତେବେଳେ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇଥିଲା, ସେହି ଦୁଃଖଦ ସମୟରେ ମଧ୍ୟ ଗାଁର କୌଣସି ବ୍ୟକ୍ତି ସାହାଯ୍ୟ କରିବାକୁ ଆଗେଇ ଆସିନଥିଲେ। ଅନ୍ୟ କୌଣସି ଉପାୟ ନପାଇ ଅସହାୟ ଶାନ୍ତି



ଦେବୀ ମାତ୍ର ୫ଶହ ଟଙ୍କା ଦେଇ ଦୁଇଜଣ ଲୋକଙ୍କ ସାହାଯ୍ୟରେ ଏକ ଗାତ ଖୋଳାଇଥିଲେ ଏବଂ ନିଜେ ନିଜ ସ୍ୱାମୀଙ୍କ ମୃତଦେହକୁ କବର ଦେଇଥିଲେ। ବୋଧହୁଏ ସେହି ଦିନ ହିଁ ସମାଜର ବିବେକ ଓ ମାନବିକତା ମରିଯାଇଥିଲା। ବର୍ତ୍ତମାନ ଏହି ଦୁଃଖିନୀ ବୃଦ୍ଧାଙ୍କର ମଧ୍ୟ ପରଲୋକ ଘଟିଛି। ମୃତ୍ୟୁ ପରେ ବି ସେହି ସମାନ ପରିସ୍ଥିତି ଉପୁଜିଥିଲା, କେହି ପାଖ ମାଡ଼ିନଥିଲେ। ତେବେ ପଡ଼ୋଶୀ ବରାହମୁଣ୍ଡା ଗ୍ରାମର ଜଣେ ସହୃଦୟ ବ୍ୟକ୍ତି ତରଣୀ ଦଳେଇ ଘଟଣା ସମ୍ପର୍କରେ ଜାଣିବା ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂକଳ୍ପ ପରିବାର' ସହ ଯୋଗାଯୋଗ କରିଥିଲେ। ପରେ ଅତାବିରା ପୁଲିସର ଅନୁରୋଧ ତଥା ସହଯୋଗକ୍ରମେ 'ସଂକଳ୍ପ ପରିବାର'ର ସଦସ୍ୟମାନେ ଆଗେଇ ଆସିଥିଲେ। ଅନୁଷ୍ଠାନର ସମ୍ପାଦକ ଜି. ରମେଶଙ୍କ ତତ୍ତ୍ୱାବଧାନରେ ସଦସ୍ୟ ନିଳେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ଯୋଗେନ୍ଦ୍ର ପାଣ୍ଡେ, ଦିନେଶ ମହନ୍ତ, ରୋହନ, ଅମର ସିଂ ଓ

### ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନ କଲା 'ସଂକଳ୍ପ ପରିବାର'

ସାହିଲ ଭୋଇ ପ୍ରମୁଖ ମର୍ଦ୍ଦାଟିକ୍ରାଠାରେ ପହଞ୍ଚି ବୃଦ୍ଧାଙ୍କ ଶବକୁ ଅତି ସସମ୍ମାନେ ସତ୍କାର କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସଂକଳ୍ପ ପରିବାରର ଏମିତି ଏକ ମହାନ କାର୍ଯ୍ୟକୁ ପ୍ରଶଂସା କରିବା ସହ ସଂକଳ୍ପ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ବରଗଡ଼ରେ ଥିଏଟର ଆକ୍ଟିଂ ୱାର୍କସପ୍




**ବରଗଡ଼, ୩।୬(ସମିସ):** ବରଗଡ଼ ସହରରେ କଳା ଓ ସଂସ୍କୃତିର ପ୍ରସାର ଦିଗରେ ଏକ ନୂଆ ପଦକ୍ଷେପ ନିଆଯାଇଛି। ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ ଏବଂ ଆରତୀ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ବରଗଡ଼ରେ ପ୍ରଥମଥର ପାଇଁ ଏକ'ଥିଏଟର ଆକ୍ଟିଂ ୱାର୍କସପ୍' ଆୟୋଜିତ ହେଉଛି। ଏହି ପ୍ରଶିକ୍ଷଣ ଶିବିର ୨ ଜୁନ ୨୦୨୬ ରୁ ୭ ଜୁନ ୨୦୨୬ ପର୍ଯ୍ୟନ୍ତ ଆରତୀ ପବ୍ଲିକ ସ୍କୁଲ, ତାଲିପଡ଼ା, ବରଗଡ଼ ପରିସରରେ ଅନୁଷ୍ଠିତ ହେଉଛି। କର୍ମଶାଳାରେ ବଲିଉଡ୍ ଓ ଓଲିଉଡ୍ ଅଭିନେତା ତଥା ଏନଏସଡି ଆଲୁମିନି ଜଗନ୍ନାଥ ସେଠ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଅଂଶ ଗ୍ରହଣକାରୀଙ୍କୁ ଅଭିନୟର ଗୁରୁମନ୍ତ୍ର ଶିଖାଉଛନ୍ତି। ସମର୍ପଣ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଉଦ୍ୟମ ଯୋଗୁଁ କର୍ମଶାଳା ସଫଳତାର ସହ ଆଗେଇ ଚାଲିଛି। ଅନୁଷ୍ଠାନର ସଭାପତି ପ୍ରସନ୍ନ ଦାଶ, ସମ୍ପାଦକ ସଞ୍ଜୟ କୁମାର ବେହେରା, ଏବଂ କାର୍ଯ୍ୟକାରିଣୀ ସଦସ୍ୟ କନକ ହଂସନା, ବିଶାଳ ନାଗ, ଆଦିତ୍ୟ ପ୍ରସାଦ ଦୀପ, ଋତୁରାଜ ସେଠ ଓ ଜିତେନ୍ଦ୍ର ସେଠଙ୍କ ସକ୍ରିୟ ଭୂମିକା ସାଧାରଣରେ ପ୍ରଶଂସିତ ହେଉଛି। ଅଭିନୟ କ୍ଷେତ୍ରରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ବରଗଡ଼ର ଯୁବ ପ୍ରତିଭାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ୱାର୍କସପ୍ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ୯୭୭୭୫୯୬୫୮୬ କିମ୍ବା ୯୦୯୦୧୭୧୧୨୧ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।